ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ

ସଚ୍ଚିଦାନଂଦ ରାଉତ୍‌ରାୟ

Digitized by srujanika@gmail.com

ଅନ୍ତର୍ଭାରତୀୟ ପୁସ୍ତକମାଳା

ମଶାଣିର ଫୁଲ
ଓ
ଅନ୍ୟାନ୍ୟ ଗଳ୍ପ

ସଚ୍ଚିଦାନନ୍ଦ ରାଉତରାୟ

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ISBN 81-237-0161-6

ପ୍ରଥମ ସଂସ୍କରଣ 1992 (ଶକାବ୍ଦ 1914)
© ସଚ୍ଚିଦାନନ୍ଦ ରାଉତରାୟ, 1992
ପ୍ରଚ୍ଛଦ ଚିତ୍ର : ଯତୀନ୍ ଦାସ

Masanira Phula O Anyanya Galpa *(Oriya)*

ଟ 40.00

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ-5, ଗ୍ରୀନ୍ ପାର୍କ,
ନୂଆ ଦିଲ୍ଲୀ-110 016 କର୍ତ୍ତୃକ ପ୍ରକାଶିତ ।

Printed at NEW PRINTINDIA PVT. LTD., 8/4B Industrial Area, Sahibabad-201010, Ghaziabad, U.P.

Digitized by srujanika@gmail.com

ମୁଖବଂଧ

ଓଡିଶାରେ କାହାଣୀର ପରଂପରା ଅନେକ ଦିନୁ ରହିଛି। କିଂତୁ ଭାରତର ଅନ୍ୟାନ୍ୟ ଭାଷା ପରି ଓଡିଆ ଭାଷାର ସାହିତ୍ୟ ମଧ୍ୟ ପ୍ରଥମେ କେବଳ କାବ୍ୟ କବିତାକୁ ଆଶ୍ରୟ କରିଥିଲା, ତେଣୁ କାହାଣୀକୁ ଛଂଦମଧୁର ହେବାକୁ ପଡୁଥିଲା। ଏହେତୁ ସ୍ୱତଂତ୍ର ଓଡିଆ ଲିପି ପ୍ରଚଳିତ ହେବାର ପ୍ରାୟ ଛଅଶହ ବର୍ଷ ପରେ କାହାଣୀ ଛଂଦ ଓ ଯତିପାତର ଶୃଂଖଳରୁ ମୁକ୍ତ ହେବାର ସାହସ କରି ପାରିଲା। ଅଷ୍ଟାଦଶ ଶତାବ୍ଦୀରେ ବ୍ରଜନାଥ ବଡ଼ଜେନା 'ଚତୁର ବିନୋଦ' ନାମକ ଏକ ସୁବୃହତ୍ ଗଳ୍ପଗ୍ରଂଥ ରଚନା' କରି ଏହି ପ୍ରକାର ସାହସିକତାର ପରିଚୟ ଦେଇଥିଲେ। ତେବେ ନୀତିବିନୋଦ, ପ୍ରୀତିବିନୋଦ, ହାସ୍ୟବିନୋଦ ଓ ରସବିନୋଦ, ଏହି ଚାରୋଟି ଭାଗରେ ବିଭକ୍ତ ହୋଇଥିବା କାହାଣୀର ସମାବେଶ ତଥାପି ସୁମିଷ୍ଟତାର ମୋହ ଛାଡ଼ି ପାରିନଥିଲେ। କାହାଣୀଟି ସତ ହୋଇଥିବ ପରା, ଏବଂ ସେଥିରେ କେଉଁ ଏକ ଆବିଷ୍କାର ଅବା ଉନ୍ମୋଚନର ଆନଂଦ ମିଳିପାରେ, ଏହିପ୍ରକାର ମନୋଭାବ ବୋଧହୁଏ କଥାକାରକୁ ପ୍ରଚୋଦିତ କରୁ ନ ଥିଲା ତତ୍କାଳୀନ ସମାଜରେ। ତେଣୁ ସେ ସେଦିଗରେ ବିଶେଷ ପ୍ରଯତ୍ନ କରିବାର କଷ୍ଟ କରୁନଥିଲା।

କିଂତୁ ଗଦ୍ୟରେ ଲେଖା ହୋଇଥିବା ଯୋଗୁଁ ପ୍ରତ୍ୟେକ କାହାଣୀକୁ କ୍ଷୁଦ୍ରଗଳ୍ପ ବୋଲି କହିବା ସମୀଚିନ ହେବ କି ? ଆଧୁନିକ କ୍ଷୁଦ୍ରଗଳ୍ପର ସଂଜ୍ଞା ବିବିଧବହୁଳ, ତେବେ ସେଥିର ଅଂତତଃ ଦୁଇଟି ଉପାଦାନ ଅତ୍ୟାବଶ୍ୟକ ବୋଲି ମୁଁ ମନେ କରେ। (୧) ଏହାର ପରିସରକୁ 'କ୍ଷୁଦ୍ର' ବୋଲି କହି ହେବ, ଏବଂ ଏହାର ଗଠନଶୈଳୀ ଏଭଳି କେଂଦ୍ରୀଭୂତ ଓ ଘନିଷ୍ଠ ହୋଇଥିବ ଯେ ଏକ ଅବିଭକ୍ତ ଉଜ୍ଜ୍ୱଳନ ପାଠକର ମନକୁ ଅଧିକାର କରି ପାରିବ, କେଉଁ ଏକ ନୂତନ ଭାବ ଅବା ଚିଂତାର ଚମକ ସୃଷ୍ଟି କରି। ହୁଏତ ଅଳ୍ପ ସମୟ ପାଇଁ। (୨) ଏହାର ଉଦ୍ଦେଶ୍ୟ ନୁହେଁ ଊଝଟ ସାନପିଲାକୁ ଶୁଆଇ ପକାଇବା ଅବା ଅଳିଅଳ ରାଜକୁମାରୀର ମନ ଭୁଲାଇବା। ବୌଦ୍ଧିକ ଆନଂଦ ଆଣି ଦେବାହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ, ତେଣୁ ପ୍ରାପ୍ତବୟସ୍କ ପାଠକହିଁ ଏହାର ପ୍ରଧାନ ଗ୍ରାହକ। ସେ ହେତୁ ମନୋରଂଜନ ଏହାର ଆବରଣ ମାତ୍ର, ପ୍ରାଣପିଂଡ଼ ନୁହେଁ।

Digitized by srujanika@gmail.com

ଆଧୁନିକ କ୍ଷୁଦ୍ରଗଳ୍ପର ଏହି 'ମୌଳିକ ସଂଜ୍ଞା ଅନୁଯାୟୀ 1898 ମସିହାରେ ପ୍ରକାଶିତ ଫକୀରମୋହନ ସେନାପତିଙ୍କ ''ରେବତୀ''କୁ ହିଁ ପ୍ରଥମ କ୍ଷୁଦ୍ରଗଳ୍ପ ବୋଲି କହିବାକୁ ହେବ। ସେ କେବଳ ଆଧୁନିକ ଓଡିଆ ଉପନ୍ୟାସର ଜନ୍ମଦାତା ନୁହଁନ୍ତି, ସେ ମଧ୍ୟ ଓଡିଆ କ୍ଷୁଦ୍ରଗଳ୍ପର ଆଦିସ୍ରଷ୍ଟା ଓ ପ୍ରଥପ୍ରଦର୍ଶକ।

ଆଶ୍ଚର୍ଯ୍ୟ କଥା ଯେ ଏହି ନବଜାତ ଶିଶୁଟି ଶିଶୁ ପରି ମନେ ହୁଏ ନାହିଁ। ଏବଂ ତାର ଉଚ୍ଚାରଣ ଆଦୌ ଅବୋଧ୍ୟ ନୁହେଁ। ଅବଶ୍ୟ ଭୂମିଷ୍ଠ ହେବା ମାତ୍ରେହିଁ ସେ କାଂଦି ଉଠିଛି, କିଂତୁ ତା' କାଂଦଣାର ସ୍ୱର ସୁସ୍ପଷ୍ଟ ଏବଂ ତା'ର ବକ୍ତବ୍ୟ ଏକ ନିର୍ମମ ଜୈବିକ ତଥା ସାମାଜିକ ବାସ୍ତବତାର ବାର୍ତ୍ତାବହ। ଯେଉଁ ବାସ୍ତବତା କୁଆଁରୀ କନ୍ୟା ରେବତୀର ପାଠପଢ଼ା ସ୍ୱପ୍ନ ଏବଂ ଅଂକୁରିତ ପ୍ରେମକୁ ଏକାକାର କରି ସମୂଳେ ନଷ୍ଟ କରିଦିଏ। ''ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୁଲି!'' —ବୁଢ଼ୀ ଜେଜେମାର ଏଇ ଭର୍ତ୍ସନା ତା'ର ଶେଷନିଃଶ୍ୱାସ ଯାଏଁ, ଏକାଧାରରେ ତା'ର ଅଂଧବିଶ୍ୱାସ ଓ ବିଧାତାର ଅଭିଶାପ ବୋଲି ମନେ ହୁଏ। ଏଭଳି ଏକ ନିଖୁଣ ଟ୍ରାଜେଡ଼ି, ଯାହା ପ୍ରାଚୀନ ଗ୍ରୀକ୍ ଟ୍ରାଜେଡ଼ି ପରି ଏକାନ୍ତ ଅକାରଣ, ସତେକି ଜନ୍ମଦୁଷ୍ଟା ଓଡିଆ ଝିଅର କୌଣସି ଅଧିକାର ନାହିଁ ସୁଖସ୍ୱପ୍ନ ଦେଖିବାର, ଏହା ଓଡିଆ ସାହିତ୍ୟରେ ଏକ ପ୍ରଚଣ୍ଡ ଏବଂ ବିସ୍ମୟକର ଆବିର୍ଭାବ।

ଫକୀରମୋହନଂକ ପରେ ପରେ ଏକାଧିକ କୃତୀ ଲେଖକ ମଂଚ ଉପରକୁ ଆସିଛନ୍ତି, ଏବଂ କେତେଗୁଡିଏ ଉଲ୍ଲେଖଯୋଗ୍ୟ ଗଳ୍ପ ସୃଷ୍ଟି କରି ଯାଇଛନ୍ତି। କିଂତୁ ସ୍ରୋତସ୍ୱତୀଟି ହଠାତ୍ ମଂଦାକ୍ରାଂତା ହୋଇଗଲା ପରି ମନେ ହୁଏ, ଅଂତତଃ କଥିତ ଭାଷାର ଶକ୍ତି ଓ ସଂକୋଚବିହୀନ ବାସ୍ତବତାର ପରିମାପରେ; ଯଦିଓ କ୍ରମଶଃ କ୍ଷୁଦ୍ରଗଳ୍ପ ଅଧିକ ଲୋକପ୍ରିୟ ହୋଇ ପାରିଲା ଓଡିଆ ମାସିକ ପତ୍ରିକାର ପ୍ରଚଳନ ହେତୁ। ଏଦିଗରେ 'ଉତ୍କଳ ସାହିତ୍ୟ' ଓ 'ମୁକୁର', ଏହି ଦୁଇଟି ପତ୍ରିକାର ଅବଦାନ ସର୍ବାଦୌ ସ୍ମରଣୀୟ।

ଚଳିତ ଶତାବ୍ଦୀର ତୃତୀୟ ଓ ଚତୁର୍ଥ ଦଶଂଧିରେହିଁ କ୍ଷୁଦ୍ରଗଳ୍ପ ବୌଦ୍ଧିକ ସ୍ତରରେ ଏକ ବିଶେଷ ମର୍ଯ୍ୟାଦା ଲାଭ କରି ପାରିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। 'ଯୁଗବୀଣା', 'ସହକାର', 'ଡଗର', 'ଆଧୁନିକ' ପ୍ରଭୃତି ଏକାଧିକ ସାହିତ୍ୟ ପତ୍ରିକାର ଭୂମିକା, ଦ୍ୱିତୀୟ ବିଶ୍ୱମହାଯୁଦ୍ଧର ପଟଭୂମିରେ ପାଖେଇ ଆସୁଥିବା ସ୍ୱାଧିନତା, ଓ ନାନା ବାଧାବିଘ୍ନ ସତ୍ତ୍ୱେ ଗଢ଼ି ଉଠିଥିବା ସ୍ୱତଂତ୍ର ଓଡିଶାର ସ୍ୱାଭିମାନ, ସାହିତ୍ୟକୁ ଯେଉଁ ପ୍ରେରଣା ଯୋଗାଇଲା, ତା'ରି ବଳରେ ଓଡିଆ ଗଳ୍ପସାହିତ୍ୟ ଆହୁରି ଘନେଇ ଆସୁଥିବା ସାମାଜିକ ସଂପର୍କ ତଥା ଧୀରେ ଧୀରେ ମଥା ଟେକୁଥିବା ବ୍ୟକ୍ତିଚେତନା, ଉଭୟର ଏକ ଯଥାର୍ଥ ପ୍ରତିନିଧି ହୋଇ ପାରିଲା। ଏହି ସମୟର ପ୍ରତିଭାଶାଳୀ ଲେଖକମାନଙ୍କ ମଧ୍ୟରେ ପ୍ରମୁଖ ଗାଳ୍ପିକ ହେଉଛନ୍ତି— କାଳିଂଦୀଚରଣ ପାଣିଗ୍ରାହୀ, ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ଗୋଦାବରୀଶ ମହାପାତ୍ର, ନିଁତ୍ୟାନଂଦ ମହାପାତ୍ର, କାହ୍ନୁଚରଣ ମହାଂତି, ଗୋପୀନାଥ ମହାଂତି, ଏବଂ ସଚ୍ଚି ରାଉତରାୟ। କାଳିଂଦୀଚରଣଙ୍କର ଧୀର ଓ ସଂଭ୍ରାଂତ ମାନବିକତାର ସ୍ୱର, ଭଗବତୀଚରଣଙ୍କ ଶାଣିତ

Digitized by srujanika@gmail.com

ଓ ଗୋଦାବରୀଶ ମହାପାତ୍ରଙ୍କ ରସାପ୍ଳୁତ ବିଦ୍ରୂପ, ନିତ୍ୟାନନ୍ଦ ମହାପାତ୍ରଙ୍କ ଆବେଗଧର୍ମୀ ଓ ରାଜକିଶୋର ପଟ୍ଟନାୟକଙ୍କ ବିଶ୍ଳେଷଣମୂଳକ ମାନସିକତା, ସାନମଣିଷ ଓ ଦୁଃଖୀ ମଣିଷର ସୁଖଦୁଃଖକୁ ରୂପାୟିତ କରିବାରେ ବିଶେଷ ଭାବରେ ସଫଳ ହୋଇ ପାରିଛି। କିନ୍ତୁ ଯେଉଁଭଳି ବାସ୍ତବତାର ଦୀପ୍ତି ପାଠକର ମନକୁ କେବଳ ଅଧିକାର କରେ ନୁହେଁ, ତା'କୁ ନାହିଁ–ନଥିବା କଷ୍ଟ ଦିଏ, ନୋବେଲ୍ ପୁରସ୍କାର ବିଜେତା ନାଦିନ୍ ଗଡିମରଙ୍କ ଭାଷାରେ, କାଗଜକୁ କାଟି କଣା କରି ଦେଇ ପାରେ; ତା'କୁ କ୍ଷୁଦ୍ରଗଳ୍ପ ମାଧ୍ୟମରେ ପ୍ରତିଷ୍ଠିତ କରି ପାରିଛନ୍ତି ଏବେଳର ଦୁଇଜଣ ଲେଖକ — ସଚ୍ଚି ରାଉତରାୟ ଓ ଗୋପୀନାଥ ମହାନ୍ତି। ସଚ୍ଚି ରାଉତରାୟଙ୍କ ସଂତୁଳିତ ଅଥଚ ନିଃସଂକୋଚ କଥାକୁହା ଓ ଗୋପୀନାଥ ମହାଂତିଙ୍କ ଉଚ୍ଛଳା ଆବେଗକୁ ନେଇ ବାସ୍ତବତାମୂଳକ ଗଳ୍ପ 'ଆଧୁନିକତା'ର ଯେଉଁ ନୂଆ ବାଟ ଫିଟାଇ ହେଲା, ସ୍ୱାଧୀନତାର ପରବର୍ତ୍ତୀ ସମସ୍ତ ଗାଳ୍ପିକ ସେଥିପାଇଁ ବିଶେଷ କୃତଜ୍ଞ ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ।

ପ୍ରଥମେ ସଚ୍ଚି ରାଉତରାୟ ମାତ୍ର ସତର ବର୍ଷ ବୟସରେ 1932 ମସିହାରେ 'ଟମି' ନାମକ ଏକ ସରଳ ଅଥଚ ମର୍ମସ୍ପର୍ଶୀ ଗଳ୍ପ ପ୍ରକାଶ କରିଛନ୍ତି, ଯାହା ବୋଧହୁଏ କେବଳ ସେହି ବୟସର ପ୍ରତିଭା ଦ୍ୱାରା ସଂଭବ।

ଟମି ଗୋଟିଏ କୁକୁର, ଏବଂ ତା'ରି ଜୀବ ଯାତନାହିଁ ଏହି ଗଳ୍ପର ବିଷୟବସ୍ତୁ। ଗଳ୍ପଟିକୁ ପଢ଼ିଲେ ମନେ ହୁଏ ଯେ ପିଲାଟିଏ ବୋଲି ସିନା ଲେଖକ ଟମିର ଏତେ ଅଂତରଂଗ ହୋଇ ପାରିଛନ୍ତି, ଓ ତା'ର ଯଂତ୍ରଣାକୁ ଏତେ ନିକଟରୁ ଦେଖି ଦେଖାଇଛନ୍ତି, ଅଙ୍ଗେ ନିଭାଇଲା ପରି! ନ ହେଲେ ସେ ହୁଏତ ବିଷାଦ–କରୁଣାରେ ଆପ୍ଳୁତ ହୋଇଥାଆନ୍ତେ, କିଂତୁ ସ୍ଥୂଳ ନିଷ୍ଠୁରତାର ଚିକିନିଖି ସତକୁ ପ୍ରକାଶ କରିବା ଆବଶ୍ୟକ ବୋଲି ଭାବି ନ ଥାଆନ୍ତେ। ଆଖିଦେଖା ବିସ୍ତୃତ ବିବରଣୀ, ସରଳ ରୋକ୍‌ଠୋକ୍ କଥାକୁହା, ଯେଉଁଥିରେ ନିଷ୍ଠୁରତା ଜଳଜଳ ହୋଇ ଫୁଟି ଉଠିବାକୁ ବାଧ୍ୟ, ତାହା ଯେତେ ବୀଭତ୍ସ ବୋଲି ମନେ ହେଉନା କାହିଁକି, କେତେଜଣ ଲେଖକ ଏଭଳି ଅସନା 'ଅସାହିତ୍ୟିକ' ବାଟ ଦେଇ ଯିବାକୁ ଚାହିଁବେ ? ଯଥା : "ବୁଢ଼ା ପୂଝାରୀ ଗୋଟାଏ ଜଳଂତା ନିଆଁ ଫାଳିଆ ଧରି ତା'ର ସାନ ମୁଣ୍ଡରେ ନିସ୍ତୁକ ପାହାର ପକାଇଲା, ଟମିର ତାଳୁ ପୋଡ଼ିଗଲା। ମାଡ଼ ବାଜି ତା'ର ମୁଣ୍ଡ ମଧ୍ୟ ଫାଟିଗଲା। ଧାର ଧାର ଲହୁ ତା' ଫଟାମୁଣ୍ଡରୁ ବୋହି ଆସି ରୋଷେଇଘରର ଧଳା ଚଟାଣକୁ ଲାଲ କରିଦେଇ ଗଲା।" ଆହୁରି ଅଛି। ମାଳୀ ଜପୁଥିବା ସାଆନ୍ତ ମା'ଙ୍କର ମଧ୍ୟ ଯଥାଯୋଗ୍ୟ ଅବଦାନ ଅଛି। ସେ ଟମିର ଚିତ୍କାର ଶୁଣି ଦଉଡି ଆସି ପୂଝାରୀକୁ ଗୋଟାଏ ଲମ୍ବା ଆଶୀର୍ବାଦ କରି କହିଲେ, —"ଆଚ୍ଛା କରିଛୁ, ବାପ, ବୁଢ଼ାଟିଏ ହୋଇ ଥା' ଅଲକ୍ଷଣୀ କୁତୀଟା କ'ଣ ଆଉ ବସେଇ ଉଠେଇ ଦଉଚି କି ? ଦୁଇଥର ପରା ମୋର ପୂଜା ଭୋଗ ମାରା କରି ଦେଲାଣି!" ତହୁଁ "ସାଆଂତ ମା'ଙ୍କର ହୋବ ପାଇ ପୂଝାରୀ ପୁଣି ଆସି ତା'ର ଫଟା ମୁଂଡଟାରେ ନିଜର ଗୋଟେ ଗୋଦର ଗୋଡ଼ରେ ଦୁଇ ଗୋଇଠା ପକାଇଲା।" ଏଠି ଅତିରଂଜନ

Digitized by srujanika@gmail.com

ନାହିଁ, ଘରେ ଘରେ ଏମିତି ହୁଏ। କିନ୍ତୁ ତା'ର ବର୍ଣ୍ଣନା ଆମକୁ କଲବଲ କରି ପାରୁଛି କାରଣ ସାଧାରଣତଃ ଆମେ ଏଭଳି ଅପର୍ଯ୍ୟାପ୍ତ ଓ କୁତ୍ସିତ ନିଷ୍ଠୁରତାକୁ ଘାଡେଇ ଦେଉ ନିଜ ଭାବଭାବନା ଭିତରୁ। କିନ୍ତୁ ଏହାହିଁ ବାସ୍ତବତାର ଚିତ୍ରଣ, ଯେଉଁଥିରେ କିଛି ଜଘନ୍ୟତା, କିଛି ବୀଭତ୍ସତା, ଏବଂ ହୁଏତ କିଛି ତଥାକଥିତ ଅଶ୍ଳୀଳତା ରହିବାକୁ ବାଧ। କିଶୋର କବି ସଚ୍ଚି ରାଉତରାୟ ସେଥିକୁ ପରୁଆ କରି ନାହାନ୍ତି।

ଏଇ ବେପରୁଆପଣ ବଢ଼ିଲା ପଛେ କମିଲା ନାହିଁ ତାଙ୍କ ତାରୁଣ୍ୟରେ, ଉତ୍ତର ଜୀବନରେ। ମୋର ମନେ ହୁଏ ଯେ ବିପ୍ଳବୀ କବି ଯେଉଁ ଆବେଗର ବହ୍ନି ଜାଳିଛନ୍ତି ତାଙ୍କ କବିତାରେ, ତା'ର ଇଂଧନ କେଉଁପ୍ରକାର, ସେଥିର ବଳିଷ୍ଠ ସୂଚନା ଦେଉଛି ତାଙ୍କ ତରୁଣ ଜୀବନର କେତୋଟି ଅବିସ୍ମରଣୀୟ ଗଳ୍ପ। ଯଥା: 'ମଶାଣିର ଫୁଲ' ଓ 'ଅଂଧାରୁଆ', ଯେଉଁଥିରେ 'ଟମି'ର ନିର୍ଭୁଲ୍ ପ୍ରତିଶ୍ରୁତି ରହିଛି। ବାସ୍ତବକୁ ବଖାଣିବା ପାଇଁ ଏକ ନିର୍ମମ ସାଲିସ୍ ବିହୀନ ଆଗ୍ରହ। ସତେକି ସେ କହୁଛନ୍ତି— ଦେଖ, ଦେଖ, ଆଖି ଫାଡ଼ି କରି ଦେଖ, ଡରତର ହୁଅ ନାହିଁ, ତା'ହେଲେ ସିନା ଜାଣିବ ଆମ ସମାଜର ଅତ୍ୟାଚାର କେତେ ଜଘନ୍ୟ ଓ ବୀଭତ୍ସ ହୋଇପାରେ ! 'ମଶାଣିର ଫୁଲ'ର ନାୟିକା ଗୋଟିଏ ଝିଅର ମୃର୍ଦ୍ଧାର, ଯାହାକୁ ପୋଡ଼ିବା ପାଇଁ କେହି ଆସି ନାହାନ୍ତି ଶ୍ମଶାନକୁ, କାରଣ ସେ ପାପଗର୍ଭ ହୋଇ ମରିଛି। ତେଣୁ ତା'କୁ ପୋଡ଼ିବ କେବଳ ଜଗୁତିଆଡ଼ି, ମଶାଣିର ମଡାଚଣ୍ଡିଆ। ଯା'ର ଦୟାମାୟା ନାହିଁ। ସେ ମୃର୍ଦ୍ଧାର ଗୁଡ଼ାକୁ ଚିରେ, ଖେଂଚେ, "ଗର୍ଭିଣୀ ମାଇପିର ପେଟ ଫାଡି ପିଲାଟାକୁ ବାହାର କରି ଦେଲେ ସେ ଦି'ଟା ତୁଳି ଖୋଳି ମା'ପିଲା ଦିହିଁଙ୍କୁ ଚିତ୍‌ପଟାଂଗ୍ କରି ଶୁଆଇ ଦିଏ, ଏବଂ ଗୋଟାକରେ ଜାଗା ନ ହେଲେ କେଂଟଣାକାଠି ଖଣ୍ଡକରେ ପିଲାଟାକୁ ଲୋଚାକୋଚା କରି ମାଉଁସ ପିଣ୍ଡୁଳାଏ ପରି ଜଳଂତା କାଠ ସଂଧିରେ ପୋପାଡ଼ି ଦିଏ," ପୁଣି ସଧବା ସ୍ତ୍ରୀଙ୍କ ମଡ଼ାରୁ ଗହଣାଗାଣ୍ଠି ଓଟାରି ନିଏ, ଯେଉଁଥିରେ "ପାଣିଆ ରକ୍ତ ବୋହି ଆସି ଶବଟାର ମୁହଁଯାକ ସାଲୁବାଲୁ ହୋଇଯାଏ," —ଏହି ସମସ୍ତ ଦୃଶ୍ୟର ବୀଭତ୍ସତା ସହିବାକୁ ପଡେ। ଏବଂ ବିଚାରୀ କୁଆଁରୀ କନ୍ୟାର ମଲା ଦେହକୁ ମଧ୍ୟ ଏତେ ହୀନିମାନି ଦେବାକୁ ପଡ଼ିବ, ତା'ର କଳ୍ପନାରେ ଅଂତରାତ୍ମା କେବଳ କାଂଦି ଉଠେ ନୁହେଁ, ଚିତ୍କାର ନକରି ରହିପାରେ ନାହିଁ। ଅବଶ୍ୟ 'ଟମି' ଗଳ୍ପରେ ସେମାନେ ସମସ୍ତେ ସଦୟ ହୋଇ ଉଠିଲେ, ଯେତେବେଳେ ଟମିର ପିଲା ହେଲା, ଓ କୁନିକୁନି କୁକୁରଛୁଆ ତା' କୋଳରେ ଶୋଇଥିଲେ। ଏବଂ 'ମଶାଣିର ଫୁଲ'ରେ କୁଆଁରୀର ମୁହଁଟି ସତେ ଫୁଲ ପରି ଦିଶିଲା, ସେହେତୁ ଜଗୁତିଆଡ଼ିର ମନ ମଧ ତରଳି ଗଲା, ଓ ସେ ତା' ନାକର ଗୁଣାକୁ ଛିଣ୍ଡେଇ ଆଣି ପାରିଲା ନାହିଁ। କିନ୍ତୁ ମାନବିକତାର ଏଇ ସାମାନ୍ୟ ପରିଚୟଟିକି ସମାଜର ଅନ୍ୟାୟ ତଥା ନିଷ୍ଠୁରତାକୁ ଆଦୌ କ୍ଷମା କରି ପାରି ନାହିଁ। ଏବଂ ଲେଖକଙ୍କର ଉଦ୍ଦେଶ୍ୟ ମଧ ସେଇଆ ବୋଲି ମୋର ବିଶ୍ୱାସ।

କିନ୍ତୁ 'ଅଂଧାରୁଆ' ଗଳ୍ପରେ ଗୋହତ୍ୟା କରିଥିବା ପହଲିକୁ ଯେଉଁପ୍ରକାର ପ୍ରାୟଶ୍ଚିତ କରିବାକୁ ପଡ଼ିଲା, ସେ "ଜିଉ ଥାଉ ଥାଉ ଖନା ହୋଇ ବାରଦୁଆର ଶୁଂଡିପିଂଢ଼ା

Digitized by srujanika@gmail.com

ହୋଇ ଖପରା ପକେଇଲା,'' ଶୁଦ୍ଧି ହେଲା ପରେ ମଧ ଜାତିଆଣ ଭାତ ନ ଦେଇ ପାରିଲାରୁ ଅଜାତିଆ ହେଲା ଏବଂ ସର୍ବସ୍ୱାଂତ ହୋଇ ମଲା, ସେଥିରେ କେଉଁ ଶେଷକଥାର ଆଶ୍ୱାସନା ମଧ୍ୟ ନାହିଁ, ଅଛି ସମାଜର ଏକ କ୍ରୂର ଉପହାସ। କାରଣ ପହଲିର ବିଧବା ଯେଉଁ ବାପଘରୁ ଆଣିଥିବା ଢଶଟି ଟଂକା କାନିରୁ ଫିଟେଇ ମୁରବିମାନଙ୍କ ହାତକୁ ବଢ଼େଇ ଦେଇ ସମସ୍ତଙ୍କ ଗୋଡ଼ ତଳେ ପଡ଼ିଲା, ବ୍ରାହ୍ମଣ ଗୋସାଇଁ ଆଉ ଜାତିଭାଇମାନେ ଖୁସି ହୋଇ ପହଲିର ମୂର୍ଦ୍ଧାରକୁ ଆଶୀର୍ବାଦ କଲେ। ଦୁରାଚାରୀ ସମାଜର ଶଠତା ଆଉ କେତେଦୂର ଯାଇ ପାରେ ?

ତେବେ ଅନାବୃତ ଅବାରିତ ବାସ୍ତବର ଛବି କଣ ଯଥେଷ୍ଟ ବିପ୍ଳବକୁ ଡ଼ାକି ଆଣିବା ପାଇଁ ? ସେଥିରେ କ୍ରୋଧ ଆସିବ ସିନା, ଗୋଟାଏ ସଂସ୍କାରଗତ ଭୟ ଓ ଭକ୍ତି କଣ ତଥାପି ଲାଖି ରହିବ ନାହିଁ ମନରେ ଯେ ଯେତେହେଲେ ସିଏ ଆମର ରଜା, ଆମ ଜମିଦାର, ଆମ ଗୋସେଇଁ, ଇତ୍ୟାଦି ? ତେଣୁ ସେଇ ବିଗ୍ରହ ଗୁଡ଼ିକୁ ଫଂପା ଓ ବେକାର ବୋଲି ଦର୍ଶାଇବାକୁ ହେବ, ଯେପରିକି ତଳିଆ ମଣିଷ ବିନା ଦ୍ୱିଧାରେ ତା'କୁ ତଳେ ଗଡ଼େଇ ନେଇ ପାରିବ। ବିପ୍ଳବୀ ଲେଖକ ସେଥିପାଇଁ ଯେଉଁ ଅସ୍ତ୍ର ଯୋଗାଡ଼ କରି ରଖିଥାଏ, ତା' ନାଆଁ ହେଉଛି ଉପହାସ, ରସୋତ୍ତୀର୍ଣ୍ଣ ବ୍ୟଂଗ। ସଚି ରାଉତରାୟ ସେଥିରେ ସିଦ୍ଧହସ୍ତ। ଯୁବାବସ୍ଥାରୁ ପରିଣତ ବୟସ ଯାଏଁ ସେ ଏକାଧିକ ଗଳ୍ପ ଲେଖି ଯାଇଛନ୍ତି, ଯେଉଁଥିରେ ଏହିପ୍ରକାର ଅସ୍ତ୍ର ତା'ର ଲକ୍ଷ୍ୟ ଭେଦ କରି ପାରିଛି। ଚଉକିଦିଆ କ୍ଷମତାର ବଢ଼େଇ କେତେ ଅସାର ଓ ହାସ୍ୟାସ୍ପଦ ହୋଇପାରେ ତା'ର ନମୁନା ମିଳୁଛି 'ଦାରୋଗାଙ୍କ କୁକୁର'ରେ। ହାୟ ! ଯେଉଁ ସମ୍ମାନୀୟ କୁକୁରର ଶବଯାତ୍ରା ମଧ୍ୟ ଏତେ ଚହଳ ପକେଇଲା, ସେଇ କୁକୁରର ଖାମିଂଦ, ଖୋଦ୍ ଦାରୋଗାବାବୁଙ୍କ ଶବ ଉଠେଇବା ପାଇଁ ପୁଣି ଏତେ ଧରାଧରି କୁହାବୋଲା କରିବାକୁ ପଡ଼ିଲା ! 'ରାଜା, ରାଣୀ, ଓ କୁକୁର'ର ନିର୍ବୋଧ ଓ ବିତାଡ଼ିତ ରାଜାଙ୍କ ଧାରଣା ଯେ ପ୍ରଜାବର୍ଗ ତାଙ୍କୁ ତଥାପି ଝୁରନ୍ତି। କିଂତୁ ମଣିମାଙ୍କୁ ଜଣା ନାହିଁ ଯେ ସଂଭବତଃ ତାଙ୍କ ଗୋଇଠାଖିଆ କୁକୁରହିଁ ତାଙ୍କର ଅନୁଗତ, ଏପରିକି ତାଙ୍କ ବିଶ୍ୱସ୍ତ ଭୃତ୍ୟ ନରହରି ନୁହେଁ, ଯେ ବିଦ୍ରୋହୀ ପ୍ରଜାମଂଡ଼ଳର ଗୁପ୍ତଚର। 'ଆଂଗୁଠି' ଗଳ୍ପରେ ଜମିଦାରଙ୍କ ଉଦାରତା ପଛରେ ଯେଉଁ ନାଟକୀୟ ପ୍ରତାରଣା ରହିଛି, ଅର୍ଥାତ୍ ଆଂଗୁଠି ମଧ ଟଂକା ହେଇ କିଣାଯାଇ ପାରେ, ଓ ତା'ର ରକ୍ତ ତୁଚ୍ଛା ନାଲିପାଣି ହୋଇପାରେ, ଏଇ ଶେଷଦୃଶ୍ୟ ହାସ୍ୟୋଦ୍ଦୀପକ ହେବା ସଂଗେ ସଂଗେ ଜଣାଇ ଦିଏ ଯେ ଲୋକଟା ଗୋଟାଏ ଚତୁର–ଇତର ଠକ ଛଡ଼ା ଆଉ କିଛି ନୁହେଁ।

ପରବର୍ତ୍ତୀ କାଳରେ ତାଙ୍କ ଗଳ୍ପର ବ୍ୟଂଗଧର୍ମୀ କଳା ଆହୁରି ସୂକ୍ଷ୍ମ ଓ ଶାଣିତ ହୋଇ ଉଠିଲା। ରଜା, ଜମିଦାର, ଓଗେରଙ୍କ ବଳ ହଟିଗଲାଣି ସେତେବେଳକୁ, ତେଣୁ ତାଙ୍କ ଶିକାର ହେଲେ ସମାଜର ଆତ୍ମ–ତୁଷ୍ଟ ଉଚ୍ଚ ମଣିଷମାନେ, ଯେଉଁମାନେ ପ୍ରକୃତରେ ଖର୍ବ ଓ ଦୟନୀୟ। କ୍ରମଶଃ ତାଙ୍କ ବ୍ୟଂଗରେ ପ୍ରମାଣବନ୍ତ ବକ୍ତବ୍ୟତା ରହିଲା ନାହିଁ, କେବଳ ଶ୍ଳେଷ ଓ ଆଖିମିଟିକା, ଯାହା ସମସାମୟିକ କ୍ଷୁଦ୍ରଗଳ୍ପର ବିଶିଷ୍ଟତା। ଏହି କ୍ରମରେ କେତୋଟି ଉଲ୍ଲେଖନୀୟ ଗଳ୍ପ, ଓ ସେଥିର ବିବସ୍ତ୍ର ହୋଇ

Digitized by srujanika@gmail.com

ପଡ଼ିଥିବା ଚରିତ୍ର ହେଉଛନ୍ତି : 'ଗୋଧି'ର ଭଣ୍ଡ ବାବାଜୀ; 'ପଂଡ଼ିତଙ୍କ ମୃତ୍ୟୁ'ର ଅହଂକାରୀ ପଣ୍ଡିତ ଯାହାଙ୍କର ଅସଲ ମୃତ୍ୟୁ ଘଟିଲା ଯେତେବେଳେ ସେ ଗୋଟିଏ ମୂଲିଆଣୀକୁ ନେଇ ନିଜର ଯୌନପ୍ରବୃତ୍ତିକୁ ସଂଭାଳି ପାରିଲେ ନାହିଁ; ଏବଂ 'ସାକ୍ଷୀ'ର ଭଡ଼ାଟିଆ ସାକ୍ଷୀ ଯେ ନିଜେ ଖୋଳିଥିବା ଗାତରେ ଗଳି ପଡ଼ିଲା ଯେତେବେଳେ ସେ ଜାଣିଲା ଯେ ସେ ଯେଉଁ ଆସାମୀର ସପକ୍ଷରେ ସାକ୍ଷ୍ୟ ଦେଇ କହିଲା ଯେ ତା'ର ସ୍ୱଭାବ ଚରିତ୍ର ଅତି ଉତ୍ତମ, ଏବଂ ସେ କୌଣସି ସାଇକେଲ୍ ଚୋରି କରିବା ପ୍ରଶ୍ନ ଉଠୁ ନାହିଁ, ସେ ଯେଉଁ ସାଇକେଲ୍ ଚଢ଼ି ବୁଲୁଛି ସେଉଟି ପ୍ରକୃତରେ ଚୋରୀମାଲ୍, କାରଣ ସେ ତା' ନିଜର ହଜି ଯାଇଥିବା ସାଇକେଲ୍। ଶ୍ଳେଷର ପରିମାପରେ ଏହି ଗଳ୍ପଟିକୁ ଯେ କୌଣସି ଅତ୍ୟାଧୁନିକ ଗଳ୍ପ ସହିତ ତୁଳନା କରାଯାଇ ପାରେ, କାରଣ ଏଠି ବ୍ୟଂଗର ଅସ୍ତ୍ର 'ବୁମିରାଂଗ୍' ପରି ଫେରି ଆସୁଛି ଶିକାର ଠାରୁ ଶିକାରୀ ପାଖକୁ, ଏବଂ ବ୍ୟକ୍ତି ଓ ସମାଜ ଉଭୟର ସାରଶୂନ୍ୟତା ଦିଶି ଯାଉଛି ଜଳଜଳ ହୋଇ।

ଏଠି ଗୋଟିଏ କଥା ସ୍ପଷ୍ଟ କରିଦେବା ଉଚିତ। ଏକଦା ଯୁବନେତା ଓ ଶ୍ରମିକ ନେତା ସଚ୍ଚି ରାଉତରାୟଙ୍କ ସାମାଜିକ ଆଭିମୁଖ୍ୟ ଯେତେ ଉଗ୍ର ହେଉନା କାହିଁକି, ସେଥିପାଇଁ ତାଙ୍କ କଳାକୃତି ଆଦୌ ବ୍ୟାହତ ହୋଇ ନାହିଁ। କାରଣ ସେ ଜାଣିଶୁଣି ତାଙ୍କ ଗଳ୍ପକୁ ଉଦ୍ଦେଶ୍ୟମୂଳକ କରିବା ପାଇଁ ଚେଷ୍ଟା କରି ନାହାଁନ୍ତି। ବୋଧହୁଏ ଯଥାର୍ଥରେ ଭାବିଛନ୍ତି ଯେ ଉଦ୍ଦେଶ୍ୟ ଆପେ ଆପେ ତା' କାମ କରିଯିବ ଯଦି ଗଳ୍ପଟି ବାସ୍ତବ ଓ ସୁଂଦର ହୋଇଥାଏ, ସେଥିରେ ବ୍ୟଂଗ ଥାଉ କି ନିର୍ଭୀକ ଓ ନିରୋଳା କଥାକୁହାର ଚାତୁରୀ। ବିଶେଷତଃ ତାଙ୍କ ମଧ୍ୟବୟସର ଅନେକ ଗଳ୍ପରେ ବ୍ୟକ୍ତିଚେତନାହିଁ ମୁଖ୍ୟ ହୋଇ ଉଠେ। ଯଥା, 'ମାଂକଡ' ଗଳ୍ପରେ ବୁଢ଼ା ପଦବାବୁଙ୍କର ଦୟନୀୟ ଭ୍ରମ ଯେ ସେ ଯେଉଁ ମାଂକଡଟାକୁ ମାରି ଦେଇଥିଲେ ପିଲାଦିନେ, ସିଏ ଆଜି ଫେରି ଆସିଛି ତାଙ୍କୁ ଛିଗୁଲେଇବା ପାଇଁ। ଏବଂ 'ସୂର୍ଯ୍ୟଙ୍କ ସପ୍ତାଶ୍ୱ' ଯେଉଁଥିରେ ସେକ୍ସର ହ୍ରେଷାରବ ସରଳମତି ପଂଚାନନବାବୁଙ୍କୁ ଚିଡ଼ଉଛି ତାଙ୍କ ଦୁଃସ୍ୱପ୍ନରେ।

ଏହି ବ୍ୟକ୍ତି ଚେତନା କ'ଣ କେବଳ ତାଙ୍କ ପରିଣତ ଜୀବନର ବିଜ୍ଞତାରୁ ଉଦ୍‌ଭୂତ ଅଥବା ସମସାମୟିକ ସ୍ଥିତିବାଦୀ ଦର୍ଶନ ଦ୍ୱାରା ପ୍ରଭାବିତ ? ଉଭୟ ସତ୍ୟ ହୋଇପାରେ, କିଂତୁ ମୋ ମନରେ ଆଂଶିକ ସତ୍ୟ। କାରଣ କଥାକାର ସଚ୍ଚି ରାଉତରାୟ ତାଙ୍କ ତରୁଣ ଓ ତରୁଣ ପୂର୍ବ ଜୀବନରେ ମଧ୍ୟ କେତୋଟି ଗଳ୍ପ ଲେଖିଛନ୍ତି, ଯାହାକୁ ରୋମାନ୍ସ–ଧର୍ମୀ ବୋଲି କହିବାକୁ ହେବ। କିଂତୁ ଏଇ ରୋମାନ୍ସରେ କୁହୁଡ଼ିଆ କଳ୍ପନା ନାହିଁ କି ଭାବତରଳତା। ଏହା ମଧ୍ୟ ବାସ୍ତବ, ହେଲେ କରୁଣ ଓ ହୃଦୟବିଦାରକ। ଏବଂ ସମାଜର କୌଣସି ଭୂମିକା ନାହିଁ ସେଥିରେ। ଏହି ଧାରଣାର ଦୁଇଟି ଅନବଦ୍ୟ ଗଳ୍ପ ହେଉଛି 'ମଲା କଇଁ' ଓ 'ରଜାପୁଅ'। କୁପିତା କିଶୋରୀର ମାନଭଂଜନ ପାଇଁ ତା' ସାଥୀ କଇଁଟିଏ ତୋଳିବାକୁ ଗଲା, କିଂତୁ ନିଦାରୁଣ କଇଁଟା ଘୁଂଚି ଘୁଂଚି ଗଲା, ଶେଷକୁ ତା' ଜୀବନ ନ ନେଇ ଛାଡ଼ିଲା ନାହିଁ। ଅନ୍ୟଟିରେ ଯାତ୍ରାର 'ରଜାପୁଅ' ମୁଗ୍‌ଧା ମାଣିକର ରଜାପୁଅ ହୋଇ ରହି ପାରିଲା ନାହିଁ। କାରଣ ସେ ବସନ୍ତ ରୋଗରେ ମଲା, ରାସ୍ତାରେ ଟଳି ପଡ଼ିଲା,

Digitized by srujanika@gmail.com

ଓ କାଉଗୁଡ଼ାକ ତା' ଆଖିକୁ ଖୋଳି ପକେଇଲେ ମାଣିକର ଆଖି ଆଗରେ। ଏଇ ହେଉଛି ମଣିଷ ଓ ତା' ଭଲ ପାଇବା ଦଶା ! ସେବେଙ୍କର 'ମାଟିର ତାଜ' ମଧ୍ୟ ଏକ ଚମତ୍କାର ରୋମାନ୍ସଧର୍ମୀ ଗଳ୍ପ, ଯେଉଁଥିରେ ପିଲାଦିନର ସରଳ ସୁଂଦର ଭଲପାଇବା ମରିଗଲା ମନଭିତରେ। ଖାଲି ଗୋଟାଏ ମାଟିର 'ତାଜମହଲ' ଗଢ଼ିବା ହିଁ ସଂଭବ ହେଲା ପ୍ରେମାସ୍ପଦାର ସ୍ମୃତିରେ। କିଂତୁ ଏଥିରେ ସମାଜର ପ୍ରତ୍ୟକ୍ଷ ଭୂମିକା ନଥିଲେ ମଧ ତା'ର ଛାଇ ପଡୁଛି ଦି'ଜଣଙ୍କ ଉପରେ, କାରଣ ସେମାନେ ବିଭିନ୍ନ ଧର୍ମର ପରିବାରରେ ଜନ୍ମ ହୋଇଛନ୍ତି, ତେଣୁ ସାମାଜିକ ବାଡ଼ବଂଧ ଆପେ ଆପେ ଆସି ଯାଉଛି।

କବି ସଚ୍ଚି ରାଉତରାୟଙ୍କ କାବ୍ୟପ୍ରତିଭାହିଁ ତାଙ୍କୁ ସର୍ବଭାରତୀୟ ପ୍ରତିଷ୍ଠା ଆଣି ଦେଇଛି। ସଂଖ୍ୟାଦୃଷ୍ଟିରୁ ମଧ୍ୟ ତାଙ୍କ ଗଳ୍ପସଂଭାରକୁ ସ୍ୱଳ୍ପ ବୋଲି କହିବାକୁ ହେବ। ତଥାପି ଗାଳ୍ପିକ ସଚ୍ଚି ରାଉତରାୟ ଏତେ ଉଚ୍ଚକୋଟୀର ଏବଂ ବିଭିନ୍ନ ଧରଣର ଗଳ୍ପ ଲେଖି ଆଧୁନିକ ଓଡିଆ ଗଳ୍ପ ସାହିତ୍ୟର ଏକ ପ୍ରଧାନ ପଥପ୍ରଦର୍ଶକ ହୋଇ ପାରିଛନ୍ତି, ଏହା ଏକ ବିସ୍ମୟକର କୃତିତ୍ୱ। ଏହି ସଂକ୍ରାନ୍ତରେ ତାଙ୍କ ଗଦ୍ୟସାହିତ୍ୟର ଆଉ ଗୋଟିଏ ବିଭାଗର ସୂଚନା ନ ଦେଲେ ତାଙ୍କ ବହୁମୁଖୀ ପ୍ରତିଭାର ସଂପୂର୍ଣ୍ଣ ପରିଚୟ ମିଳିବ ନାହିଁ। କାରଣ ସେଥିରୁ ମନେ ହେବ ଯେ ସ୍ଥିତିବାଦୀ ଉଦ୍‌ବେଗ ହେଉ ବା ରୋମାଣ୍ଟିକ୍ କାରୁଣ୍ୟ, ସେ ଯେ କୌଣସି ପରୀକ୍ଷାନିରୀକ୍ଷାର ଚ୍ୟାଲେଂଜ୍ ଗ୍ରହଣ କରିବାକୁ ପ୍ରସ୍ତୁତ। ନହେଲେ କି 1935 ମସିହାରେ ସେ 'ଚିତ୍ରଗ୍ରୀବ' ନାମକ ଗୋଟିଏ ଉପନ୍ୟାସ ମଧ୍ୟ ଲେଖିଥାଆନ୍ତେ ଯାହାର କଥାବସ୍ତୁ ଏତେ ବିପର୍ଯ୍ୟସ୍ତ ଅଥଚ ବୌଦ୍ଧିକ ଏବଂ ମନସ୍ତାତ୍ତ୍ୱିକ ଯେ ତା'କୁ ଏକ ଉଲ୍ଲେଖଯୋଗ୍ୟ ଅଣ–ଉପନ୍ୟାସର ଏକ୍ସପେରିମେଣ୍ଟ ବୋଲି କୁହାଯାଏ ?

ମୁଖବଂଧର ସୀମିତ ପରିସର ମଧରେ ସଚ୍ଚି ରାଉତରାୟଙ୍କ ସମସ୍ତ ଗଳ୍ପ ଉପରେ ଟୀପ୍‌ପଣୀ ଦେଇ ହେବ ନାହିଁ। ତେବେ ମୋର ବିଶ୍ୱାସ ଯେ ଏହି ସଂକଳନରେ ଥିବା ଗଳ୍ପଗୁଡ଼ିକ ତାଙ୍କ ଗଳ୍ପସାହିତ୍ୟର ଯଥାଯୋଗ୍ୟ ପରିଚୟ ଦେଇ ପାରିବ, ଏବଂ ଭାରତର ପାଠକ ପାଠିକାମାନଙ୍କୁ ଅଧିକ ଆଗ୍ରହୀ କରାଇବ ତାଙ୍କର ଜୀବନ ଓ ସାହିତ୍ୟ ବିଷୟରେ ଆହୁରି ଅଧିକ ଜାଣିବା ପାଇଁ।

କିଶୋରୀ ଚରଣ ଦାସ

Digitized by srujanika@gmail.com

ସୂଚୀପତ୍ର

ମୁଖବଂଧ	v
ମଶାଣିର ଫୁଲ	1
ମଲା କଇଁ	8
ଅଂଧାରୁଆ	18
ରଜାପୁଅ	27
ରିକ୍ସାବାଲା	33
ଦାରୋଗାଂକ କୁକୁର	41
ଟମି	44
ମାଟିର ତାକ୍	50
କେହି ନୁହେଁ	62
ହାତ	72
ଗଛ ନୁହେଁ	82
ଆଂଗୁଠି	91
ରାଜା, ରାଣୀ ଓ କୁକୁର	98
ମାଂକଡ଼	108
ଗୋଧି	115
ପଂଡିତଂକ ମୃତ୍ୟୁ	123
ସୂର୍ଯଂକ ସପ୍ତାଶ୍ୱ	129
ନିଃସଂଗ ପ୍ରତିମା	133
ରଂଗଲତା	142
ଜଂଗଲ	149
ଜାଗିରି	155
ସମାଧି	159
ଭିନ୍‌ଦେଶୀ	163
ସାକ୍ଷୀ	169
ପାପୀ	178
ପଦ୍ମବୀଜ	185
ବାଗର୍ଥ	189
ବିସର୍ଜନ	196
ସହସ୍ର ଶଯ୍ୟାର ନାୟିକା	200
ପଇସାଟିଏ	213
ଲେଖକଂକ ସଂପର୍କରେ	218

Digitized by srujanika@gmail.com

ମଶାଣିର ଫୁଲ

ପୋଡ଼ାବସଂତ ଶାସନର ଜଗୁ ତିଆଡ଼ି କୀର୍ତନ କରେ, ମୃଦଂଗ ବଜାଏ, ଗଂଜାଇ ଖାଏ, ଆଉ ମୁର୍ଦାର ପୋଡ଼େ। ଭଲ ମଡ଼ାଚଂଡିଆ ଭାବରେ ସେ ଖଂଡ଼ ମଂଡଳରେ ଜଗୁର ବେଶ୍ ଗୋଟାଏ ନାଆଁ ବି ଅଛି।

ମୁର୍ଦାରଟା ଯେବେ ଜୁଇ ନିଆଁ ଉପରେ ସେଁ ସେଁ କରେ କି ତାର ଗୋଡ଼ଟା ନିଆଁ ସେକରେ ଡେଂଗା ହୋଇ ଉପରକୁ ବାହାରିପଡ଼େ, କିମ୍ବା ପେଟ ଭିତରେ ଅଂତବୁଜୁଳାଗୁଡ଼ାକରୁ ପାଣି ନିଗିଡ଼ି ନିଆଁ ଧରେ ନାଇଁ, ତେବେ ଅନ୍ୟ ମାଲଭାଇମାନେ ଜଗୁ ତିଆଡ଼ି ମୁହଁକୁ ଅନାଂତି, ତା'ର ପରାମର୍ଶ ଲୋଡ଼ଂତି।

ଗଞ୍ଜେଇ ନିଶାରେ ଟିକିଏ ବେହୁସିଆର ହୋଇ ଜଗୁ ହୁଏତ ମଶାଣି ପଦାରେ ଖଂଡେ ଦୂରରେ ବସି ଢୁଳାଉଥାଏ। ସେ ଧଡ଼ପଡ଼ ହୋଇ ଉଠିପଡ଼ି ଠିଆହୁଏ, ତା'ପରେ କୋକେଇ ଭିତରୁ ଗୋଟାଏ ତିନିହାତିଆ ବାଉଁସ ଓଟାରି ଆଣି 'ମାରମାର' କହି ମୁର୍ଦାର ଉପରେ ବସାଇଦିଏ ତିନି—ଚାରିଟା ପାହାର।

ମୁର୍ଦାରର ମୁଂଡ଼ଟା ହୁଏତ ଚୂନାଚୂନା ହୋଇଯାଏ—ଦହି ବାହାରି ପଡ଼ି ଖଂଡେ ଚଉଡ଼ାରେ ନିଆ ଲିଭିଯାଏ। ଅମାନିଆ ଗୋଡ଼ଟା ଠେଂଗା ମାଡ଼ରେ ଆଂଠୁରୁ ଭାଙ୍ଗିପଡ଼ି ଲୋଟେ ତଳେ କାଠ ସଂଧିରେ। ପେଟଟା ଫାଟି ହୋଇଯାଏ ଦି'ଫାଳ, ଅଂତନାଡ଼ି ଭିତରେ ଭିତରେ ନିଆଁର ଲହଲହ ଜିଭ ଚାଉଁ ଚାଉଁ ଖେଳିଯାଏ। ଆଖି ପିଛୁଳାକରେ ସବୁ ଜଳିପୋଡ଼ି ହୋଇଯାଏ ପାଉଁଶ।

ଆଂଠୁଏ ପାଉଁଶ, କୁଳା, ଛାଂଚୁଣୀ, ହାଂଡି, ଖପରା, ଛିଂଡା କତରା ସଂଝସଂତିଆ ମଶାଣିପଦା। ନଖ, ବାଳ, ଟିକି ଟିକି ହାଡ, ଅଜରା ବଜରା ଅସନା!!

ଜଗୁ ତିଆଡି ଖୁସି ହେଇ ଫେରିଆସେ। ପୋଖରି ତୁଠରେ ତେଲ ଲଗାଉ ଲଗାଉ ଜଂଘ ଉପରେ ଚାପୁଡ଼ା ମାରି ଆରାମରେ କହେ, ''ଦିଅଁଙ୍କ କୃପାରୁ କାମଟା ସୁରୁଖୁରୁରେ ବଢ଼ି ଗଲା।''

ଗାଆଁରେ ଯେତେବେଳେ ଝାଡ଼ାବାଂତି ବ୍ୟାପେ—ଠାକୁରାଣୀ ପଡ଼ଂତି—ମଢ଼ କୁଢ଼ କୁଢ଼ ହୁଏ, ଜଗୁତିଆଡ଼ିର ଖାତିର ସେତେବେଳେ ଗାଁରେ ଭାରି ବଢ଼ିଯାଏ। ସମସ୍ତେ ଆସି ତାକୁ ଖୁସାମତ କରଂତି। କିଏ ଆଖିରୁ ଲୁହ ଗଡ଼ାଏ, କିଏ ଖୋଷଣିରୁ ପଇସା ବାହାର କରେ, କିଏ ବା ହାତଓଠ ଧରି 'ବାପଲୋ ଧନଲୋ' କରେ।

Digitized by srujanika@gmail.com

ଜଗୁ ତିଆଡ଼ି ବଡ଼ ଗଂଭୀର ହୋଇ ସଭିଂକ ନେଉରା କଥା ଶୁଣେ, କିନ୍ତୁ ହଠାତ୍ କିଛି କହେନାହିଁ।

‘‘କାଲି ରାତିଠୁଁ ଘର ଭିତରେ ମଡ଼ା ପଡ଼ି ଗଂଧେଇ ଗଲାଣି।’’

‘‘ଭୁଆସୁଣୀ ବୋହୂଟା ଦୁଇଦିନ ହେଲା ଘର କଣରେ ମରି ସଢ଼ୁଚି.....।’’

ଏହିପରି ନାନା ଭଳି ଅଳି ଅଝଟ ଜଗୁ ପାଖରେ ଅଧିଁ ପହଂଚେ।

ଜଗୁ ତାର ପାଉଣାପତ୍ର ବିଷୟରେ ଜମା କାହାରି ଉପ୍ରୋଧ ରଖେ ନାହିଁ। ଭରିଏ ଗଂଜେଇ, ଟୋଳାଏ ଅଫିମ, ଚାରିଅଣା ଅଂଟାଖୋଷା ନ ହେଲେ ସେ କୁଆଡ଼କୁ ଚଂକିବ ନାହିଁ। ଏହାଛଡ଼ା କଷାଭାତ, ତୁଠଲୁଗା, ଦଶଘର ନିମିତା ଇତ୍ୟାଦି ଉପୁରି ଲାଭ ରହିଚି।

ସଧବା ସ୍ତିରିଲା ମଡ଼ା ହେଲେ ଜଗୁର ଟିକିଏ ଲାଭ ବେଶି। ଥିଲାଘର ହୋଇଥିଲେ କାନର ନୋଳିଟା, ମଲକଡ଼ିଟା, କିଂବା ନାକର ଗୁଣାଟା ଆଉ ନଥିଲାଘର ହୋଇଥିଲେ ଗୋଡ଼ ଆଂଗୁଠିର ରୂପାମୁଦିଟା ଜଗୁକୁ ଭାଇ ଦକ୍ଷିଣା ମିଳେ। ମୁର୍ଦାରଟାକୁ ନିଆଁରେ ଚଢ଼ାଇବା ଆଗରୁ ସେ ତା’ ଦିହଟାକୁ ଖିନିଭିନି କରି ପରଖି ନେଇ କେଉଁଠି ଅଂଳକାରପତ୍ର କିଛି ଅଛି କି ନାହିଁ ଦେଖେ, ଥିଲେ କାଢ଼ି ରଖେ। ବେଳେ ବେଳେ ମଡ଼ା ଦେହରୁ ନୋଳି, ମଲକଡ଼ି କି ଗୁଣା, ବସଣି ସହଜରେ ନ ବାହାରିଲେ ଜଗୁ ତିଆଡ଼ି ବିରକ୍ତ ହୋଇ ଦାଂତ କାମୁଡ଼ି ବହୁତ ଝିଂକା ଓଟରା କରି ଅଳଂକାରଗୁଡ଼ାକ ମୁର୍ଦାରର ନାକରୁ, କାନରୁ ଛିଂଡ଼ାଇ ଆଣେ। ନାକଦଂଡ଼ିଯାଏ, କାନଟା ଖଂଡ଼ିଆ ହୋଇଯାଏ, ନେଳିଆ ନେଳିଆ ପାଣିଆ ରକ୍ତ ବୋହିଆସି ଶବଟାର ମୁହଁଯାକ ସାଲୁବାଲୁ ହୋଇଯାଏ; କିନ୍ତୁ ଜଗୁ ତିଆଡ଼ିର ସେଥିପ୍ରତି ଖାତିର ନଥାଏ। ଏଇଟା ତାର ନିତିଦିନିଆ ଦେହଘଷିଆ କାମ, ଏକପ୍ରକାର ଉପୁରି ବୃତ୍ତି। ଇମିତି କରି କରି ସେ ପଥର ପାଲଟି ଯାଇଚି।

ପୋଖତୀ ମୁର୍ଦାର ମିଳିଲେ ଜଗୁ ତିଆଡ଼ି ଧୋବଲୀ ଚକିଯିଏ ଅଂଟାରେ ନ ଖୋଷିଲେ କାଂଧକୁ କୋକେଇ ଉଠାଇବ ନାହିଁ। ତା’ପାଉଣାରୁ ଟିକିଏ ଏପାଖ ସେପାଖ ହେଲେ ସେ ବାସିମଡ଼ା କରିଦେବ ବୋଲି ଧମକ ଦିଏ—ଅନ୍ୟ ମାଲଭାଇମାନଂକୁ ଶିଖେଇ ମତେଇ ମେଳିବାଂଧି ଅଡ଼ିବସେ।

ଟଂକାଟାଏ ମିଳିଲେ ଅହ୍ୟ ଡେଂଗୁରାର ତାଳେ ତାଳେ ପାଦ ପକାଇ ‘‘ରାମ ନାମ ସତ୍ୟ ହେ’’ ପାଟି କରି ଜଗୁ ତିଆଡ଼ି ବଡ଼ ପତିଆରାରେ ଦାଂଡ ମଝିରେ ପାହୁଲ ପକାଇ ଚାଲେ। ତାର ମୁଗୁନି ପଥର ପରି କଳା ଦିହରେ ଧଳା ପଇତା ଖିଅକ ଦୂରରୁ ଜକଜକ ଦିଶୁଥାଏ.....।

ତାର ବଡ଼ ପାଟିରେ ଗାଁଆ ସାରା ଉଛୁଳି ପଡ଼େ। ସାହିଯାକର ମରଦ ମାଇପେ ଆସି ଦାଂଡ଼ରେ ଗଦା ହୋଇଯାଂତି। ସାନ ସାନ ପିଲାଗୁଡ଼ାକ ଡର ଭୟରେ ଯାଇ ଲୁଚଂତି ଘରେ।

ମଶାଣିରେ ଧୋବା ଗୋଟାଏ ନହୁରୁଣୀରେ ଗର୍ଭିଣୀ ମାଇପିର ପେଟ ଫାଡି ପିଲାଟାକୁ ବାହାର କରିହେଲେ ଜଗୁ ତିଆଡ଼ି ଦୁଇଟା ଚୁଲି ଖୋଳି ମା’ ପିଲା

Digitized by srujanika@gmail.com

ଦିହଁକି ଚିତ୍‌ପଟାଂଗ କରି ଶୁଆଇଦିଏ। କେବେ କେବେ ପୁଣି ଗୋଟାଏ ଜୁଇରେ ଦୁହିଁକି ଲଗାଲଗି କରି ଏକାଠି ଶୁଆଇ ଦେଇ ନିଆଁ ଲଗାଇ ଦିଏ। ଗୋଟାକରେ ଜାଗା ନ ହେଲେ ଙ୍କେଂଚଣାକାଠି ଖଂଡକରେ ସେ ପିଲାଟାକୁ ଲୋଚାକୋଚା କରି ମାଉଁସ ପିଂଡୁଳାଏ ପରି ଜଳଂତା କାଠ ସଂଧିରେ ଫୋପାଡ଼ି ଦିଏ।

ଏହିପରି ଭାବରେ ଜଗୁ ତିଆଡ଼ି ଅମଳ ହେଉଥିବା ଧାନ କେତେ ଭରଣ ବାଦ ବେଳେ ବେଳେ ଉପୁରି ଦି'ପଇସା ରୋଜଗାର କରି ନିଜେ ଚଳେ, ଘର ଚଳାଏ, ଦବାନବା ବାହା ବେଭାର କରେ।

କେହି ତାକୁ ମୁହଁଫିଟାଇ କିଛି କହିପାରଂତି ନାହିଁ। ସେ ଗାଁରେ ଜଗୁ ଛଡ଼ା ଅନ୍ୟ ପୋଖତ ଜାଣିଲାବାଲା ବ୍ରାହ୍ମଣ ମାଲଭାଇ ଆଉ କେହି ନାହାଂତି।

କେହି ଜଗୁର ପାଉଣା କମାଇବାକୁ ବସିଲେ ଜଗୁ ନିଜର କୃତିତ୍ୱ ତୁଳନାରେ ସେ ଦାବୀ କରୁଥିବା ପାଉଣା କିଛି ନୁହେଁ ବୋଲି ନାନା ପ୍ରକାର ଯୁକ୍ତି ଦେଖାଏ। ନିଜର ପତିଆରା ଦେଖାଇବାକୁ ଯାଇ ସେ ଅତୀତର ନାନା ଘଟଣାର ପୁନରାବୃତ୍ତି କରି ପ୍ରମାଣ କରେ ଯେ ତା'ଭଳି ମୁର୍ଦାର ପୋଡ଼ିବା ଲୋକ ଏ ଜଗତରେ ଦୁଇଜଣ ନାହାଂତି। ସେ ଭାରି ଗର୍ବ ଅନୁଭବ କରେ।

ଗତ ସାଲେ ନରସିଂହ ମିଶ୍ରଂକ ଭାରିଯାକୁ କିମିତି ତୁ ତୁ ଅଚାନକ ମେଘବର୍ଷାରେ ପୋଡ଼ିଦେଇ ଅଇଲା, ଅଇଲାବେଳେ ସାତଗଛିଆ ତୋଟା ମୁଂଡ଼ରେ କିମିତି ଗୋଟାଏ ବେକକଟା ମାଦଳ ହାବୁଡ଼ରେ ପଡ଼ିଲା, ତା'ପରେ ପୁଷୁମାସିଆ ଶୀତଦିନ ରାତିରେ କିମିତି ଜଳଉଦରି ବେମାରିରେ ମରିଥିବା ନାଥ ବ୍ରହ୍ମାକୁ ପୋଡ଼ିଲାବେଳେ ମୁର୍ଦାର ପେଟରୁ ଦୁଇମାଠିଆ ପାଣି ବାହାରିଆସି ଜୁଇ ନିଆଁ ନିଭାଇ ଦେଲା, ଜଗୁ ପୁଣି କିମିତି କୌଶଳ କରି ଏତେବଡ଼ ଅସାଧ ମଡ଼ାକୁ ପୋଡ଼ିପାରିଲା, ଏହିସବୁ ପୁରୁଣା କାହାଣୀଗୁଡ଼ାକ ବଡ଼ ଦକ୍ଷଭାବରେ ସେ ବର୍ଣ୍ଣନା କରିଯାଏ।

ଜଗୁ ତିଆଡ଼ିର ଅଭିଜ୍ଞତା ଓ ମୁର୍ଦାର ଡାହା ବିଦ୍ୟାର ଅଗାଧତା ଯେ କେତେ ବେଶି ତାହା ଯେ କୌଣସି ଗ୍ରାହକ ତା ସହିତ ଘଡ଼ିଏ କଥାଭାଷା ହେଲେ ବେଶ୍ ବୁଝିପାରିବ।

ରୋଜ ସଂଜବୁଡ଼େ ଜଗୁ ତିଆଡ଼ି ଭାଗବତଘରେ ବସି ନିଜ ଅନୁଭୋଗ କଥାଗୁଡ଼ାକ ସମସ୍ତିଂକି ଥରେ ଲେଖାଏଁ କହି ଶୁଣାଏ, ଝିପିଝିପି ମେଘୁଆ ପାଗରେ ଅନେକ ଶ୍ରୋତା ତାକୁ ଘେରି ବସଂତି। ଚିଲମରୁ ଦମେ ଟାଣି ଜଗୁ ପହିଲୁ ଗୋଟାଏ ଗଳା ଖଂକାର ମାରେ। ଶ୍ରୋତାମାନେ ବୁଝି ପାରଂତି ଯେ ଗପ ଆରଂଭ ହେବ।

ଥରେ ଗୋଟାଏ ପୋଖତୀ ମଡ଼ା ଡାହା କରି ଫେରିଲାବେଳେ ମୁକ୍ତାଝରା ପାଖ ଦୋକାନିଆ ଆଂବଗଛ ଡ଼ାହିରେ ବସି ଗୋଟାଏ ପିତାଶୁଣି କିମିତି ଏଂତୁଡ଼ି ଚାଳି ତା' ପିଲାକୁ ସେକୁଥିଲା—ତାହା ଏକ ନିପୁଣ ଚିତ୍ରକର ଭଳି ବର୍ଣ୍ଣନା କରିଯାଏ। ଶ୍ରୋତାମାନେ ଡରରେ ଟିକିଏ ଜାକିଜୁକି ହୋଇ କାଂଥକୁ ଲାଗି ବସଂତି।

ଏହିପରି ଭାବରେ ସେଇ ଛୋଟ ବ୍ରାହ୍ମଣ ଶାସନଟିରେ ଜଗୁ ତିଆଡ଼ିର ଜୀବନ କଟେ।

Digitized by srujanika@gmail.com

ଅଶିଣମାସ ରାତି। ସଂଜବେଳୁ କିମିତି ଟିକିଏ ମେଘୁଆ ହୋଇଛି। ଜଗୁ ତିଆଡ଼ିର ମୁଂଡ଼ଟା ଭାରି ବିଂଧୁଥାଏ ନା କଣ, ସେ ଦୁଇ କାନ ପାଖ କପାଳରେ ଚିପେ ଲେଖାଏଁ କଳିଚୂନ ବୋଳି ମୁଂଡ଼ରେ କଂପୋଟର ଗୁଡ଼ାଇ ଦାଂଡ଼ପଟ ଚାଂଦନୀ ଉପରେ ବସି ହରିବଂଶ ଶୁଣୁଥିଲା।

ଗାଆଁ ଭିତରେ କାଂଦଣା ଶୁଣାଗଲା। ଆର ସାହୀ ଦୋକାନରୁ ପାନଗୁଆଗୁଂଡି ଧରି କିଏ ଜଣେ ବାହୁଡୁଥିଲା। ସେ ଖବର ଦେଲା ଯେ ଜଟିଆମା ବୁଢ଼ୀର ବୋହୂଟି ମରିଯାଇଛି।

ଚାହୁଁ ଚାହୁଁ ଗାଆଁ ଗୋଟାକରେ ହୁରି ଶବ୍ଦ ପଡ଼ିଗଲା। ଜଗୁ ତିଆଡ଼ି ଦି' ପଇସା ରୋଜଗାର ହେବ ଭାବି ମନେ ମନେ ଖୁସିଟାଏ ହେଲା।

କେତେ ଲୋକ ଆସି କେତେ କଥା କହିଗଲେ। ସାହୀ ମାଇପେ ବାରକଥା ଫୁସ୍‌ଫାସ୍ ହେଲେ। କିଏସେ, କହିଲା, ''ପାପଗର୍ଭ ହୋଇଥିଲା,'' ଅନ୍ୟ କିଏ କହିଲା, ''ପେଟ ଭଂଗେଇବା ପାଇଁ କଣ ଓଷଧ୍ ମଉଷଧ୍ ଖାଇଥିଲା—ବିଷ ଚଢ଼ିଟି ଯାଇ ଦିହ ଫଳିଗଲା।''

ଜଗୁ ତିଆଡ଼ି ଗୁମ୍ ହୋଇ ସବୁ ଶୁଣିଲା, ମୁହଁ ବଂକେଇ ଦେଲା। ଜାତିରେ ଅଟକ ହେବା ଭୟରେ ସେ ଏଡ଼େ ବଡ଼ ରୋଜଗାରର ସବୁ ଆଶା ଛାଡ଼ିଦେଲା

ଜଟିଆମା ବୁଢ଼ୀର ସଂସାରରେ କେହି ନାହିଁ—ଶାଶୁ ବୋହୂ ଦି'ଜଣ। ପୁଆଣୀ ହେବାର ମାସକ ପରେ ପୁଅ ଯାଇଥିଲା କଲିକତା—ଟଂକା ରୋଜଗାର କରି ଦେଣା ଶୁଝିବ ବୋଲି। ତିନିବର୍ଷ ହେଲାଣି କିଛି ଖୋଜଖବର ନାହିଁ। ପ୍ରଥମେ ଚିଠି ଖଂଡେ ଖଂଡେ ଦଉଥିଲା। କିଂନ୍ତୁ ବର୍ଷେ ହେଲା ସେତକ ବି ବଂଦ। ସେ ଗାଆଁର କେତେକ କଲିକତା ଫେରଂତା ବ୍ରାହ୍ମଣ ପୂଝାରୀ କହଂତି ଯେ ସେ କେଉଁଠି ଗୋଟାଏ ମାଇକିନିଆ ଧରି କଲିକତା ମାଟିଆ ବୁରୁଜରେ ରହିଚି। ଘରେ ଥିଲା ଖାଲି ବୋହୂଟି। ଆଜି ସେ ତ ଗଲା, ସଂଗେ ସଂଗେ ବୁଢ଼ୀ ମୁଂଡରେ ଲଦିଦେଇ ଗଲା କାଳକାଳକୁ ଅପବାଦର ବୋଝ। ବୁଢ଼ୀ ବ୍ରାହ୍ମଣୀର ମୁଂଡରୁ ହାତ ଛାଡୁନାହିଁ।

ତାର ଅବସ୍ଥା ସେ ଦିନ ଗାଆଣି ଗାଇଲେ ସରି ନଥାଂତା, କିନ୍ତୁ କେତେଜଣ ଗାଆଁର ମୁରବି ମଣିଷ ବାହାରି କଥାଟାକୁ ସଂଭାଳି ନେଲେ। ବଡ଼ ବଡ଼ ମୁରବିମାନେ ବୋହୂକୁ ଆଗରୁ ଯାବତା କରି ନଥିବା ଯୋଗୁଁ ଜଟିଆମା'କୁ ଗୁଡ଼ାଏ ଗାଳିମଂଦ ଦେଲେ ମଧ ଶେଷକୁ ଫଇସଲା କରିଦେଇ କହିଲେ, ଜଲଦି ଲାସ୍ ଖତମ କରିଦେବାକୁ ହେବ। ନୋହିଲେ ଛାଟିଆ ଥାନାରେ ଖବର ଦେଲେ ଗୋଟା ଶାସନ ନାଆଁରେ କଳଂକ ରଟିବ, ସମସ୍ତେ ତ ପୁଣି ଝିଅବୋହୂ ଧରି ଘର କରିଛଂତି।

ଜଟିଆମା ବୁଢ଼ୀ ଦାଂତରେ କୁଟା ଦେଇ ସମସ୍ତିଂକି କୋଟି ପ୍ରଣାମ କଲା। ତାକୁ ଏ ଘୋର ବିପଦରୁ ରକ୍ଷା କରିଥିବା ଯୋଗୁଁ ସମସ୍ତଂକ ପାଖରେ କେତେ କୃତଜ୍ଞତା ଜଣାଇଲା।

ମଡ଼ା କାଂଧେଇବା ପାଇଁ ଗାଆଁର ତିନି—ଚାରି ଜଣ ଭେଂଡିଆ ଆଗଭର ହୋଇ ବାହାରି ପଡ଼ିଲେ। ପାଳ ଦଉଡି ବନ୍ଦୋବସ୍ତ ହେଲା, କୋକେଇ ସଜଡ଼ା ହେଲା,

Digitized by srujanika@gmail.com

କୁଲା, ଖପରା, ଶିକା, ଛାଂଚୁଣୀ, କାଠବାଡ଼ି ସବୁ ଆସି ଥୁଆ ହେଲା। ମୁର୍ଦ୍ଦାରର ଦିହ ମୁଣ୍ଡରେ ଲୁଗା ଗୁଡ଼ାଇ ସମସ୍ତେ ତାକୁ ଟେକିଆଣି କୋକେଇରେ ବାଂଧିଲେ; ମାତ୍ର ଜଣେ ପୁରୁଖା ମାଲଭାଇ ନ ହେଲେ ନଚଳେ। ଅଧଘଣ୍ଟାକ ଭିତରେ ଲାସ୍ ଖତମ ନକଲେ ବିପଦର ଆଶଂକା; ଥାନା ବାବୁ ଖବର ପାଇବେ ତ ଗାଆଁଯାକ ସମସ୍ତେ ବଂଧା ହୋଇଯିବେ। ଗାଆଁରେ ତ ଖଟୁଆ ଲୋକର ଅଭାବ ନାହିଁ।

ମୁରବିମାନେ କହିଲେ—'ଡିଆଡ଼ିଂକି ଡାକ।' ଡିଆଡ଼ି ନଗଲେ ଏଡ଼େ ବଡ଼ କାମ ସୁରୁଖୁରୁରେ ଛିଡ଼ିବ ନାହିଁ।

ଜଗୁ ଡିଆଡି ପାଖକୁ ଡକରା ଗଲା; ମାତ୍ର ଜଗୁଡିଆଡି ଅମଂଗ। ସେ ଏକ ଜିଦ୍ ଧରି ବସିଲା। କହିଲା—"ପାପଗର୍ଭ ହୋଇ ମରିଚି। ମୁଁ ସେଇଟାକୁ ଛୁଇଁବି ? ଅସତୀ ଦେଚାରୁଣୀଟାକୁ ମୁଁ କାଂଧରେ ବସେଇବି ?"

ସମସ୍ତେ ଫାଟିଫୁଟିଗଲେ। ଜଗୁ ଅଚଳ, ଅଟଳ।

ଶେଷରେ ଗାଆଁର ବୁଢ଼ା ବୁଢ଼ା ମୁରବିମାନେ ବହୁତ କୁହାବୋଲା କରିବାରୁ ଜଗୁ ଡିଆଡି ମୁର୍ଦ୍ଦାର କାଂଧେଇବାକୁ ରାଜି ହେଲା। ମାତ୍ର ପାଂଚଟଙ୍କା ନ ପାଇଲେ ସେ ଏତେ ବଡ଼ ପାପକର୍ମ କରିପାରିବ ନାହିଁ ବୋଲି ସଫା ଜଣାଇଦେଲା। ଛଟିଆ ମା' ବୁଢ଼ୀର ସରାଗାତ ଖୋଳା ହୋଇ ଯାହା ବାହାରିଲା ତାହା କାଠ, କିରାସିନି, ଧୋବା ଭଂଡାରିକୁ ନିଅଂଟ। ଶେଷରେ କଥା ଛିଂଡିଲା ବୋହୂ ନାକଟିରେ ଯେଉଁ ସୁନା ଗୁଣାଟି ଅଛି, ସେଇଟାକୁ ଜଗୁଡିଆଡି ପାଇବ।

ଜଗୁଡିଆଡି ଖୁସିହୋଇ ଡାକ ଛାଡିଲା—"ରାମନାମ ସତ୍ୟ ହେ।"

ମଶାଣି ପଦା—ସଂତସତିଆ, ଅସ୍ନା। ହାଂଡି, କାଠ, ମଣିଷମୁଂଡ, କୁଲା, ଆଟିକା ପୋଡ଼ାଅଂଗାର ଭିତରେ ଗଦା ଗଦା ପାଉଁଶ ! ଚାରିଆଡୁ ଭାସିଆସୁଛି ଗୋଟାଏ ବିକଟ ଆଇଁଷିଣିଆ ଗଂଧ !

'ପଥଶ୍ରଦ୍ଧା' ସଇଲା। ଜଗୁଡିଆଡି ଗୋଟାଏ ମସ୍ତବଡ଼ ଚୁଲି ଖୋଳିଲା। ତା' ପରେ ମୁର୍ଦ୍ଦାରଟାକୁ ନେଇ କାଠଗଦା ଉପରେ ଚିତ୍‌କରି ଶୁଆଇଦେଇ ତା ମୁହଁରୁ ଲୁଗା କାଢ଼ିଦେଲା।

ସୁ'କା ଭରି ଓଜନର ସୁନା। ଲଂଠଣ ଆଲୁଅରେ ଜଗୁଡିଆଡି ଦେଖିଲା ଗୁଣାଟା ମୁର୍ଦ୍ଦାରର ନାକ ଉପରେ ଚିକ୍‌ଚିକ୍ କରୁଚି।

ମେଘ କଟିଯାଇ ଆସ୍ତେ ଆସ୍ତେ ଜହ୍ନ ପଡ଼ିଚି, ମୁର୍ଦ୍ଦାରର ଶେତା ଧଳା ମୁହଁ ଉପରେ ଜହ୍ନ ଆଲୁଅର ଝାପ୍‌ସା ଛାଇ।

ସଂଗୀ ଭାଇମାନେ କହିଲେ, "ଜଲଦି କାମ ସାର। ପୁଲିସ ଆସିବ ତ ସବୁ ଭଂଡୁର ହୋଇଯିବ।"

ଜଗୁ ଗୁଣାଟାକୁ ନାକରୁ ଛିଂଡାଇ ଆଣିବାକୁ ହାତ ବଢ଼ାଇଲା। ସେ ଦେଖିପାରିଲା ଛୋଟ ବୋହୂଟିର ଫିକା ମୁହଁଟି ଜହ୍ନ ଆଲୁଅରେ ଗୋଟିଏ ଦରମଉଳା କଇଁଫୁଲ ପରି ଦେଖାଯାଉଚି। ତା' ମୁହଁ ଚାରିପଟେ ଘେରି ରହିଚି ଗୋଟାଏ କଳା କଳା କୁଟକୁଂଚିଆ ବାଳର ଜଂଗଲ। ଠିକ୍ ଯେମିତି ଆକାଶର ଚାଂଦ ପଛଆଡ଼େ ଜମି ରହିଚି କଳାମେଘର ବହଳିଆ ଛାଇ।

Digitized by srujanika@gmail.com

ବୋହୂଟିର ମୁହଁ ଉପରେ ପହଁରି ପହଁରି ଖେଳୁଛି ମଉଳା ଫୁଲର ଲାବଣ୍ୟ ! ! ତାର ଅଲରା ସଲରା ବାଳଗୁଡ଼ିକ ଉପରେ ଜହ୍ନ ଆଲୁଅ ନହଡ଼ି ଭାଙ୍ଗି ଭାଙ୍ଗି ନୋଟିଯାଉଚି ।

ଜଗୁ ହାତ ଫେରାଇଆଣିଲା । ତା'ପରେ ସେ ଅନାଇଲା ଆକାଶରେ ଫିକା ଜହ୍ନଟା ଆଡ଼କୁ ।

ଜଗୁ ଇମିତି ଅନେକ ମୁର୍ଦାର ପୋଡ଼ିଚି; କିନ୍ତୁ କେବେହେଲେ ଦିନେ ସେ ମନ ଭିତରେ ଇମିତି ଝଡ଼ି ଅନୁଭୋଗ କରିନାଇଁ । ଏହି ଛୋଟ ସୁନ୍ଦର ମୁହଁଟିକୁ ଅସୁଂଦର କରି ସୁନାର ଗୁଣାଟାକୁ କାଢ଼ି ଆଣିବାକୁ ତାର ହାତ ଚଳିଲା ନାଇଁ । ବୋହୂଟିର ନାକଟି ଉପରେ ସେ ଗୁଣାଟା ତା' ଆଖିରେ ଭାରି ଚମତ୍କାର ଦେଖାଯାଉଥିଲା । ସେ ଏହି ନାରୀଟି ସଂବଂଧରେ କେତେ କଣ ମନ ଭିତରେ ଭାବିଯାଉଥିଲା ।

ଏହି ସମୟରେ ଜଗୁର ମନେପଡ଼ିଲା, ଆଉ କିଛି ଦିନ ଯାଇଥିଲେ ବୋହୂଟି ହୁଏତ ହୋଇଥାଂତା ଗୋଟିଏ ମାଆ । ଆଉ ହୁଏତ କେତେ କଣ ସେ ହୋଇ ପାରିଥାଂତା, କିନ୍ତୁ କିଛି ସେ ହୋଇ ପାରିଲାନାଇଁ । କାହାର ଦୋଷ ?

ଛପିଛପିକା ଜହ୍ନ ଆଲୁଅର ଅସରଂତି ସମୁଦ୍ର ମଝିରେ ନିଶୂନ ମଶାଣି ପଦାର ଲଂଗଳା ବୁକୁ ଉପରେ ଶୋଇଥିଲା ଗୋଟିଏ ଦରଫୁଟିଲା ନାରୀ, ଏକୁଟିଆ ! ! ବାସ୍ତବିକ ବଡ଼ ଏକୁଟିଆ ସେ । ମଡ଼ାବୁହା ଜଗୁ ତିଆଡ଼ି ତାକୁଇ ନିରିଖି ନିରିଖି ଦେଖୁଥିଲା । ତାର ଅଶିକ୍ଷିତ ଗାଉଁଲି ମନ ନିଜ ଭାଷାରେ ଭାବୁଥିଲା—ବାସ୍ତବିକ ଭାରି ଏକୁଟିଆ ସେ, ଖାଲି ଆଜି ନୁହେଁ, ଜୀବନସାରା ଧରି ସେ ଇମିତି ଏକାକିନୀ । ଏଇ ନିଛାଟିଆ ଦିହଘଷିଆ, ଏକଘରକିଆ ଜୀବନକୁ ବଦଳାଇ ଟିକିଏ ଅନ୍ୟ ପ୍ରକାର କରି ବଂଚିବାର ସ୍ୱାଦ ଅନୁଭବ କରିବାକୁ ଯାଇ ସେ ଆଜି ହୁଏତ ହୋଇଛି ମଶାଣିର ମଡ଼ା ! ବୋହୂଟିର ପାଉଁଶିଆ ମୁହଁ ଭିତରେ ସେ ଦେଖିପାରିଲା ଅନେକ ବଂଚିବାର କ୍ଷୁଧା ।

ଜଗୁକୁ ଡେରି କରୁଥିବା ଦେଖି ସଂଗୀ ମାଲଭାଇମାନେ ବିରକ୍ତ ହେଲେ । ଧମକ ଦେଇ କହିଲେ—"ତୁ ଇମିତି ଡ଼େରି କଲେ ଆମେ ମୁର୍ଦାର ଫୁର୍ଦାର ଛାଡ଼ି ପଳାଇଯିବୁ । ପୁଲିସ ଆସିବ ତ କିଏ ଦାୟୀ ହେବ ? ନେ—ତୋ ଗୁଣାଟା ବାହାର କରି ନେ ନୋହିଲେ ଆମେ ନିଆଁ ଲଗାଇ ଦେବୁ । ଗୁଣାଟା ନେବୁ ବୋଲି ତ ମରିଯାଉଥିଲୁ, ଇଲାଗେ ଇମିତି ହାତ ଚଳୁନାଇଁ କିଆଁ ?"

ଜଗୁ ତିଆଡ଼ିର ସ୍ୱପ୍ନ ଭାଂଗିଗଲା । ସେ ବଡ଼ ଲଜ୍ଜିତ ବୋଧକଲା । ତଥାପି ଭିତର ଦୁର୍ବଳତାକୁ ଚାପି ରଖିବା ପାଇଁ ସେ ବାହାରେ ପ୍ରକାଶ କଲା—

"ଛି ! ଛି ! ଏ ମୁର୍ଦାର ଗୁଣାଟାକୁ ମୁଁ ଘରେ ଭର୍ତ୍ତି କରିବି ? ସେ ଯେ ପାପଗର୍ଭ....."

ସଂଗୀମାନେ ପଚାରିଲେ, "ତୁ ତେବେ ନବୁନାହିଁ ? ଆମେ ନିଆଁ ଲଗାଉଛୁଁ ?"

ଜଗୁ ତିଆଡ଼ି ଅନ୍ୟମନସ୍କ ଭାବରେ ଜବାବ ଦେଲା—"ହଁ ହଁ, ନିଆଁ ଲଗାଇ ଦିଅ । ଭଲ କରି ନିଆଁ ଲଗାଅ । ସବୁ ଯିମିତି ଜଳି ପୋଡ଼ି ପାଉଁଶ ହୋଇଯିବ ।"

Digitized by srujanika@gmail.com

ହୁତୁ ହୁତୁ ହୋଇ ନିଆଁ ଜଳିଉଠିଲା । ନିଆଁର ଲକ୍ ଲକ୍ ଜିଭ ନିମିଷକେ ସବୁ ଚାଟି ନେବାପାଇଁ ବସିଥିଲା । ବୋହୂଟିର ଗୋରା ମାଉଁସିଆ ଦିହଟା ନିଆଁରେ ସିଝି କଳାକାଠ ପଡ଼ିଗଲା, ତାପରେ ଫୋଟକା ହୋଇ ସେଥିରୁ ପରସ୍ତକୁ ପରସ୍ତ ଚୋପା ଛାଡ଼ିଗଲା ।

ଜଗୁ ତିଆଡ଼ି ନିସ୍ତବ୍ଧ ହୋଇ ସେଇ ପୋଡ଼ିଯାଉଥିବା ଦିହଟା ଆଡ଼କୁ ଚାହିଁଥିଲା ।

ଦୂର କୋଚିଲାବୁଦା ଉପରେ ପେଚା, ଶାଗୁଣା ଆଉ ଭୂଇଁକୁକୁଡ଼ାମାନଂକର ହାଟ ବସିଥିଲା । ଅନେକ ଦୂରରୁ ଧାନବିଲ ଆରପାରିରୁ ଏଇ ସମୟରେ ଭାସିଆସିଲା ଗୋଟିଏ ଅଂଡିରା ବିଲୁଆର କାନଫଟା ଭୋକିଲା ରଡି ।

ଅସ୍ମା—ଅଂଧାର—ହାଡ଼, ପାଉଁଶ, ଅଂଗାର । ଜୁଇ ଭିତରୁ କିମିତି ଗୋଟାଏ ପଚା ପୋଡ଼ା ଗଂଧ ପବନରେ ଭାସି ଆସି ଚାରିଆଡ଼େ ବିଂଚି ହୋଇଗଲା ।

ସଂଗୀ ଭାଇମାନେ ଜଗୁକୁ ଉଦ୍ଦେଶ୍ୟ କରି କହିଲେ—"ତୁ ସେଇ ଦୋଚାରୁଣୀଟାର ଅଳଙ୍କାଂରଗୁଡ଼ାକ ତୋର ପିଲାଛୁଆ ଘରେ ଭର୍ତି ନକରି ଭାରି ଭଲ କରିଚୁ ଭାଇ! ବଡ଼ ଅମଂଗଳ ହୋଇଥାଂତା ତୋର । ଦେଖୁନୁ କେମିତି କଳବଳ ହୋଇ ମଲା ? ନିଜ ପେଟର ପିଲାଟାକୁ ଯେ ମାରିବାକୁ ଯାଉଥିଲା, ନିଜେ ସେ ମରଂତା ନାଇଁ ? ଧର୍ମ କ'ଣ ନାଇଁ ?"

ସେଇ ଜଳଂତା ପାଉଁଶ ଭିତରେ ଆଖି ବୁଲାଉ ବୁଲାଉ ବିରକ୍ତ ହୋଇ ଜଗୁ କହିଲା—"ଥାଉ, ଥାଉ, ଅନ୍ୟକୁ ବିଚାର କରନାଇଁ । ମଣିଷ କ'ଣ ମଣିଷକୁ ଠିକ୍ ବୁଝିପାରେ ?"

Digitized by srujanika@gmail.com

ମଲା କଇଁ

ଉଦୁଉଦିଆ ଦି'ପହର ।

ଝାଇଁ ଝାଇଁ ଖରା ପବନରେ ଗଛ, ବୃଛ, ନଟୀ, ପତର, କଂଟା, ଅରମା ସବୁ ଆଳିଜା ହୋଇ ଆଉଜି ପଡ଼ିଚଂତି। ବୁଦୁବୁଦୁକିଆ ଟାଂଗି ଭୂଇଁର ବୁକୁ ବିଦାରି ବହୁଦୂରରୁ ଭାସିଆସୁଚି ଗୋଟାଏ ବଣ କାପ୍ତାର କାଂଦଣା...।

'ଟଂଟିକଟା' ଝର ପାଖରେ ଗୋଟାଏ ଆଂବଗଛ ମୂଳରେ ବସି ଲୋଚନା ଖଂତେ ଟିଣ ବାଡ଼େଇ ଚଢ଼େଇ ଉଡ଼ଉଚି। ଆଗରେ ପାଚିଲା କ୍ଷେତ—ହଳଦିଆ ଧାନଗଛ ଉପରେ ପହଁରି ପହଁରି ଖେଳୁଚି ମୁକୁଳା ପବନର ଢେଉ।

ସେ ହାତରେ ଧରିଚି ଗୋଟାଏ ତାଳପତ୍ର ଛତା—ସେଥିରେ ଖୋସା ହୋଇଚି ଖଂଡ଼େ ଭଦଭଦଳିଆ ପକ୍ଷୀ, ଆଉ ଝୁଲୁଚି ଖଂତେ ଧୁଡ଼କା ସୂତା, ମଝିରେ ମଝିରେ ଲୋଚନା ଧୁଡ଼ୁକା ବଜେଇ ବଜେଇ ଗୀତ ଗାଉଚି—

''ଉଡ଼ିଗଲା ଗେଂଡାଳିଆ ଝାଡ଼ିଦେଲା ପର,
ତୁ ଛାଡ଼ିଲୁ ବାପ, ଭାଇ, ମୁଁ ଛାଡ଼ିଲି ଘର।
ସାବାସେ—ବେଶ୍ ବେଶ୍ ଲୋ।''

''ଗୋଟାଏ ଆଂବ ପାରିଦେବୁ ?''

ଲୋଚନା ଗୀତ ବଂଦ କରି ଚମକିପଡ଼ିଲା। ପଛକୁ ଫେରି ଚାହିଁଲା କଂସା ଖଂତେ ଧରି ସୁଂଦରୀ ଛିଡା ହୋଇଚି।

''କିଏ, ସୁଂଦରୀ କିଲୋ, ଏତେବେଳେ କୁଆଡ଼େ ମ ?''

''ବାଆ ନାଗି ଭାତ ନେଇ ଯାଇଥିଲି ଯେ ଫେରୁଚି। ଗୋଟିଏ ଆଂବ ପାରି ଦିଅଂତୁ ?''

ସୁଂଦରୀ ଖଂତେ ଚିରା ଲୁଗା ଗଂଠେଇ ପିଂଧିଥିଲା। ମୁଂଡର ଅଳରା ସଳରା ନୁଖୁରା ବାଳଗୁଡ଼ାକ ପଣତ ଫାଂଟରେ ବାହାରିଆସି ଝୁରୁ ଝୁରୁ ହୋଇ ଏଣେ ତେଣେ ଉଡୁଥିଲା। ବେକର କାଇଁଚ ମାଳିଟା ପୋତି ହୋଇଯାଇଥିଲା ସେହି ମୁକୁଳା ବାଳଗୁଡ଼ାକ ଭିତରେ।

ଲୋଚନା ଟିକିଏ ଟାହୁଲି କରିବା ଲାଗି ଉପରକୁ ହାତ ଦି'ଟା ବଢ଼ାଇ କହିଲା—

''କାଇଁ, ମୋ ହାତ କ'ଣ ଆଂବଗଛକୁ ପାଉଛି ?''

Digitized by srujanika@gmail.com

"ମଲା ମରଦ ପିଲା ତୁ, ଗଛ ଚଢ଼ି ଜାଣିନାଉଁ ?"

"ବାଃ–ରେ, କାଇ ଗୁଡ଼ାକ ମୋ ଦିଅମୁଂଡ ପୁଳା ପୁଳା କରି ଝୁଣି ପକାଇବେ।"

ଲୋଚନାକୁ ହଇରାଣ କରିବା ଲାଗି ସୁଂଦରୀର ମନ ବଳିଲା ନାଇଁ। ସେ ଟିକିଏ ଭାବି ଭାବି ଗୋଟାଏ ବୁଦ୍ଧି କାଢ଼ି କହିଲା—

"ଏତେ କଥା ପଡ଼ିଚି କିଆଁ ଯେ—ଗୋଟାଏ ଫୋପଡ଼ ଛାଡ଼ୁନାହୁଁ ?" ସେ ଗୋଟାଏ ଶୁଖିଲା ଆଂବ ବାହୁଂଗା ସାଉଁଟି ଆଣିଲା।

ଲୋଚନା ଲାଖ କରି ଫୋପଡ଼ ଛାଡ଼ିଲା। ଏକା ଥରକେ ପୁଂଜାଏ କି ପାଂଚୁଟା ଆଂବ ଦୁଲଦାଲ ହୋଇ ଝଡ଼ି ପଡ଼ିଲା ତଳେ। ଗଛ ଉପରୁ ବଣି ଚଢ଼େଇଗୁଡ଼ାକ କିଚିରିମିଚିରି ଶବ୍ଦ କରି ଫର୍–ର୍ କିନା ଉଡ଼ିଗଲେ।

ସୁଂଦରୀ ଗୋଟେ କଂଚା ଆଂବ ଦାଂତରେ ଚୋବାଇ ଚୋବାଉ ମୁହଁ ଆଂବିଳା କରି କହିଲା—"ଉହୁଁ, ଏ ଗୁଡ଼ାକରେ ଜମା ସୁଆଦ ନାଇଁ। ମାଂକଡ଼ଖିଆ ବଂଧ ଉପରେ ଯେଉଁ କଂଚାଖାଇ କଦଳିଆ ଆଂବ ଅଛି, ସେ ଗଛ ଆଂବ ଭାରି ଭଲ। ସେଥିରୁ ଫାଳେ ଆଂବ ହେଲେ କଂସାଏ ପଖାଳ ଫେଂଡି ହୋଇଯିବ ପରା !"

ଲୋଚନା ସୁଂଦରୀ କଥାର ଉଦ୍ଦେଶ୍ୟ ବୁଝିଲା; ମାତ୍ର ତାକୁ ଉସାହ ଦେବା ପାଇଁ ତାର ସାହସ ହେଲାନାଇଁ। ସେ ଜାଣେ ମାଂକଡ଼ଖିଆ ସେଠାରୁ ପ୍ରାୟ ପାଏ ବାଟ ଦୂର—ଯିବା ଆସିବାକୁ ନିତାଂତ କମ୍‌ରେ ଘଡ଼ିଏ ଲାଗିଯିବ। ଇଆଡ଼େ ତାର ଯାଆଂତେ ଗୁଡ଼ାଖୁ ଘଷି ଘଷି ଇଲାଗେ ବିଲ ଆଡ଼ିକି ମୁହଁ ହାତ ଧୋଇ ଆସିବେ।

ସେ କଥାଟାକୁ ବାଆଁରେଇ ଦେଇ କହିଲା—"କାଲି ସକାଳେ ସହଳ ସହଳ ଆସିଲେ ମାଂକଡ଼ଖିଆରୁ ଆଂବ ପାରିଦେବି।"

ସୁଂଦରୀ 'ହଁ', ଭରି ଆଂବ ଖାଇ ଖାଇକା ସେଠାରୁ ହଲି ହଲି ବାହାରିଗଲା।

ଲୋଚନା ପୁଣି ଟିଣ ବାଡ଼େଇ ଚଢ଼େଇ ଘଉଡ଼ିଲା—ହୋ–ହୋ–ହୋ.....

ନିତି ନିତି ଲୋଚନାକୁ ଇମିତି ସୁଂଦରୀର କିଛିନା କିଛି ଫରମାସ ତୁଲେଇବାକୁ ପଡ଼େ। କେଉଁ ଦିନ ନଟାର ଗୁଂଚରପୋକ ଧରିଦେବା ପାଇଁ ବରାଦ ଆସେ ତ, କେଉଁ ଦିନ କୋଇଲିଖିଆ ସୂତାରେ ଫାଶ କରି ବାହୁଣିଆ ବେଂଗ ଧରିଦେବାଲାଗି ଫରମାସ ଆସେ। ଲୋଚନା ଖାଉଂଦ ଘରର କାମ ପାଇଟି ଫାଂକରେ ଯେତେ ଦୂର ପାରେ ଏହି ସବୁ ଛୋଟ ବରାଦଗୁଡ଼ିକର ମର୍ଯ୍ୟାଦା ରକ୍ଷାକରେ।

ଲୋଚନା ଓ ସୁଂଦରୀ ସାହି ପଡ଼ିଶା—ରୋଜ ସକାଳୁ ଉଠିଲେ ମୁହଁ ଚାହାଁ–ଚୁହିଁ, ମୁରକିହସା, ପୁଣି ରୁଷାକଛା, ମୁହଁ ଫୁଲାଫୁଲି। ତଥାପି ଏଇ ସ୍ନେହର ଅତ୍ୟାଚାର ଭିତରେ ଦିହେଁ ବଢ଼ି ବଢ଼ି ଆସି ଚଉଦ ଆଉ ଏଗାର ବର୍ଷରେ ପାଦ ଦେଲେଣି।

ତହିଁ ଆର ଦିନ ବଢ଼ି ସକାଳୁ ସୁଂଦରୀ ଭଇଁଚ କୋଳି ତୋଳିବାକୁ ତା ସାଂଗେ ଅପନୀ ଆଉ ସେରେଂଡୀକୁ ଧରି ନଟାକୁ ଯାଇଥିଲା। ଭଲ ହୋଇ ଫରଚା ହୋଇନଥିଲା, ମୁହଁ ଅଂଧାର। ଗାଆଁ ମୁଂଡ଼ର ଗୋଟାଏ ଚାଳ ଉପରେ ବସି ଚଉକିଦାର ତୋମିଜ ଖାଁର ଗଂଜାଟା କୁକୁଡ଼ା ଝାଡ଼ି ଡାକ ପାରିଥିଲା—"ଚ–କ୍–ଧ–ର–ର–ଖ–ଅ—"

Digitized by srujanika@gmail.com

ଲୋଚନା ଆଜି ମାଂକଡ଼ଖିଆ ବିଲ ଜଗିବାର ପାଳି। ସେ ଖଂଡେ ଦାଂତ କାଠି ଚୋବାଇ ଚୋବାଇ ଅଂଚିରେ ଅଂଟିଏ ଚାଉଳଭଜା ପୂରେଇ ବିଲକୁ ବାହାରିଗଲା। ଖଂଡେ ଦୂର ନଯାଉଣୁ ଗୋଟାଏ ଫିରିକ କଂଟା ମାଡ଼ି ପକାଇ ଗୋଇଠିଟା ତାର ଲହୁଲୁହାଣ ହୋଇଗଲା। ସକାଳୁ କାହା ମୁହଁ ଚାହିଁ ଉଠିଥିଲା ସେ ଆଜି କେଜାଣି!

ବିଲ ପାଖରେ ପହଂଚିବା ବେଳକୁ ଦିଅଁ ଉଠିଲେଣି। ଗୋଟେ ନାଲି ଟହ ଟହ କଅଁଳା ବାଛୁରୀ ପରି ହଠାତ୍ ପାହାଡ଼ ତିଖରୁ ସୂର୍ଯ୍ୟଦେବତା ଆକାଶ ଉପରକୁ ଡେଇଁପଡ଼ିଲେ।

ଲୋଚନା ଜିଭଟାକୁ ଢେଲି ପକାଇ ଅଂଚିରୁ ଚାଉଳଭଜା ଗଂଡ଼ାକ କାଢ଼ି ଖାଇଲା। ତା'ପରେ ପେଟେ ନାଳପାଣି ପିଇ ସବୁ ଦିନ ପରି ଚଢ଼େଇ ଘଉଡ଼ିବାକୁ ଲାଗିଲା, "ହୋ–ହୋ–ହୋ....."

ଘଡ଼ିଏ ବେଳ ଉତ୍ତାରୁ ସୁଂଦରୀ ଆସି ପହଂଚିଲା। ଆଁଖୁକୋଳି ଖାଇ ଖାଇ ଓଠପୁଡ଼ା ଦି'ଟା ତାର କାଳିଆ କଟକଟ ଦିଶୁଚି। ମୁଂଡରେ ଖୋସିଚି ସେ ମୁଂଡେ କୋରୁହାଁ ଫୁଲ। ତା ବେକରେ କାଇଁଚ ମାଳିଟା କଂଟାରେ ଟାଣି ବେହୁସିଆର ଭାବରେ ଛିଂଡ଼ି ଯାଇଚି। ବେକୁଟା ଦିଶୁଚି ଠିଆ ଲଙ୍ଗଳା।

"ଆଂବ ପରା ପାରି ଦେବୁ ବୋଲି କହିଥିଲୁ ?" କଳା ଦାଂତ ଦି'ଧାଡ଼ିକ ଦେଖେଇ ସୁଂଦରୀ ପଚାରିଲା।

ଲୋଚନା ଦେଖିଲା, ପଠାଣବେକୀ ସୁଂଦରୀ। ତା ଭିତରେ ଦୁଷ୍ଟାମି ଦୋ–ହୋଇ ହୋଇ ହସିପକାଇଲା—"ପଠାଣବେକୀ—ଦହିସୁଡ଼ୁକୀ—ସିଂଘାଣି ନାକୀ.....ଛି, ଛି।"

ଅପନୀ ଆଉ ସେରେଂତୀ ଖେଁ ଖେଁ କରି ହସିପକାଇଲେ। ସୁଂଦରୀର ସଫା ମୁହଁଟା ହଠାତ୍ ନାଲି ପଡ଼ିଗଲା। ସେ ରାଗରେ ଫୁଲି ଫୁଲି ଲୋଚନାକୁ କଣ ଗାଳି ଦବାକୁ ଯାଉଥିଲା, କିନ୍ତୁ ନିଜକୁ ସଂଭାଳି ନେଇ ମୁହଁ ଫଣ୍ ଫଣ୍ କହିଲା—

"ଆଂବ ପାରି ଦବୁ କି ନାହିଁ କହିଲୁ, ମୁଁ ଯିବି। କେତେ ଛୋପରା ହଉଚୁ ?" ଲୋଚନା ସୁଂଦରୀକୁ ରାଗିବାର ଲକ୍ଷ୍ୟ କରିଥିଲା। ସେ ତାକୁ ଆଉରି ଚିଡ଼େଇବା ଲାଗି କହିଲା—

"ତୁ ମତେ ବଦଳରେ ଦି'ଟା କୋଳି ଦବୁନା ?"

ସୁଂଦରୀ ଅଂଚିରେ ଜମା କୋଳି ନଥିଲା। ସବୁ ସେ ଇଆ ଭିତରେ ଖାଇ ସାରିଥିଲା। ସେ ତୁଚ୍ଛା ଅଂଚିଟାକୁ ଲୋଚନା ଆଗରେ ଝାଡ଼ିଦେଲା।

ଛିଗୁଲେଇ ହୋଇ ଲୋଚନା କହିଲା—"ତୁ ସବାଖାଇକି କଣ କିଛି ଅଂଟିବ କି ?"

ସୁଂଦରୀ ରାଗ ବେଶି ହୋଇଗଲେ ନାକରେ କାଂଦି ପକାଏ। ସେ ରାଗରେ କାଂଦ କାଂଦ ହୋଇ କହିଲା—

"ଆଂବ ଦି'ଟା ଦବୁ ନାଇଁ ତା' ହେଲେ—ହଉ।"

ଲୋଚନା ଦେଖିଲା ସୁଂଦରୀ ଭାରି ରାଗିଗଲାଣି। ସେ ସ୍ୱର ବଦଳାଇ କଅଁଳେଇ କରି କହିଲା—

Digitized by srujanika@gmail.com

''ନାଇଁମ ନାଇଁ, ଦଉଚି—ଟିକିଏ ରହିଥା । ତୁ ରାଗିଗଲୁ କି ?'' ସେ ଦୌଡ଼ିଯାଇ ତଳୁ ଗୋଟାଏ ଶୁଖିଲା ଡାଳ ଗୋଟାଇ ଆଣି ଫୋପଡ଼ ତିଆରି କଲା ।

ଅପନୀ ଆଂଗୁଠି ଦେଖେଇ ବତେଇ ଦେଲା—''ଏଇ ସରଖେ ଯେଉଁ ସୁଂଦରୀ ଆଂବୁଟା ଦୁଉଚି ସେଉଟାକୁ ଝଡ଼ାଇଲୁ ଦେଖି ।''

ଲୋଚନା ଲାଖ ଠିକ୍ କରି ଫୋପଡ଼ ମାରିଲା । କିଂତୁ ଆଂବ ଝଡ଼ିଲା ନାଇଁ କି ଫୋପଡ଼ ପଡ଼ିଲା ନାଇଁ ।

ଲୋଚନା ଖୋଜି ଖୋଜି ଆଉ ଗୋଟାଏ ଫୋପଡ଼ ଆଣି ଲାଖ କରି ଫିଂଗିଲା । ଏଥର ମଧ ଗଛରେ ଫୋପଡ଼ ଲାଗିଗଲା ।

ଅପନୀ ଆଉ ସେରେଂତୀ ଖେଁ ଖେଁ କରି ହସିଉଠିଲେ । ନାକକାଂଦୁରୀ ସୁଂଦରୀ ବି କାଂଦୁ କାଂଦୁ ଖିଁ କିନା ହସି ପକାଇଲା ।

ଲୋଚନାର ମୁହଁ ନାଲ ପଡ଼ିଗଲା । ତାର ଆହତ ପୌରୁଷ ଆଉ ଅଭିମାନ ରାଗରେ ଫୁଲିଉଠିଲା ।

ସେ ପାଗଲାଂକ ପରି ଦୌଡ଼ି ଯାଇ ସବୁ ଆଡ଼ ଖୋଜିଲା; ମାତ୍ର ଫୋପଡ଼ ପାଇଲା ନାଇଁ । ଶେଷରେ ରାଗରେ ଗୋଟିଏ ବରଗଛ ଉପାଡ଼ି ଆଣି ଆଂବ ଉଦ୍ଦେଶ୍ୟରେ ଫିଂଗିଲା । କିଂତୁ ଚେରମୂଳ ଲଗା ଗଛଟା ଆଂବ ପର୍ଯ୍ୟଂତ ଯାଇ ନପାରି ନିଜ ଭାରାରେ ନିଜେ ତଳେ କଚାଡ଼ି ହୋଇ ପଡ଼ିଲା ।

ସୁଂଦରୀ ପ୍ରତିଶୋଧ ନେବା ପାଇଁ ଆଳ ଖୋଜୁଥିଲା । ସେ ଏହି ସୁଯୋଗରେ ମୁରୁକି ହସି କହିଲା—''ତୋ ହାତରେ ଖଡ଼ା ସିଝିବ ନାଇଁ । ତୋର ଛମା ନାଖ ନାଇଁ । ଚାରି ଚାରି ଥର ଫୋପଡ଼ ମାରି ଆଂବଟାଏ ଝଡ଼ାଇ ପାରିଲୁ ନାଇଁ—ନାଚ ମାତୁ ନାଇଁ ।''

ଲୋଚନା ଟିକିଏ ରାଗରେ ସୁଂଦରୀ ଆଡ଼କୁ ବଂକେଇ ବଂକେଇ ଅନାଇଲା; ମାତ୍ର କିଛି କହିଲା ନାଇଁ । ଫେର୍ ଫୋପଡ଼ ମାଇଲା, ଏଥର ବି ଫୋପଡ଼ ବାଜିଲା ନାଇଁ ।

ଏତିକିବେଳେ ସୁଂଦରୀ ବାଗ ଉଂଡି ପଦେ ହାଣିଦେଲା—''ଆମ ସାହି ବନାର ଭାରି ନାଖ । ସେ ହେଇଥେଲେ ଗୋଟାଏ ଫୋପଡ଼ରେ କେତେବେରୁ ଆଂବ ଝଡ଼େଇ ଦିଅଂତାଣି । ଏଇଟାର ନାଖ ଅଛି ନା ଫାଖ ଅଛି ।'' ତାପରେ ତା ସାଂଗମାନଂକୁ ଉଦ୍ଦେଶ୍ୟ କରି କହିଲା—''ଚା'ଲୋ ଅପା, ଯିବା—ଛେଳି ଗୋଡ଼ରେ ଯେବେ ଧାନ ମଚି ହୁଅନ୍ତା...''

ଅପନୀ ହସିହସିକା ତା କଥାକୁ ସମର୍ଥନ କଲା, ଗଲାବେଳେ ସୁଂଦରୀ ମୁହଁ ମୋଡ଼ି ଆଉ ପଦେ ଶୁଣାଇଦେଲା, ''ଭଲ ଆଂବ ଖାଇଲି ମୁଁ ଆଜି ସେରଂତୀ ଅପା ! ମୁଁ ଅଲାଜୁକୀ ନା ଆଉ କିଏ ଅଛି ?''

କଥାର ଧାରଟା ଚାଉଁକିନା ଯାଇ ଲୋଚନା ଛାତିରେ ଗଳିଗଲା । ସେ ଏଥର ସତକୁ ସତ ନିଜକୁ ସଂଭାଳି ପାରିଲା ନାଇଁ; ରାଗିଯାଇ କହିଲା—

Digitized by srujanika@gmail.com

"ଯା—ଯା—ତୋ ବନା ଘଇତା ପାଖକୁ ଯା, ସେଇ ତତେ ଆଂବ ପାରିଦେବ। କଣ ପୁଣି ଆସୁଥିଲା ଯେ ଇଲାଗେ ପାଟିକି...!"

ସୁଂଦରୀ ଫେରିପଡ଼ି ଟିକିଏ ଚାହିଁଲା। ତାକୁ କଥାଟା ଭାରି ବାଧିଥିଲା; କିନ୍ତୁ ଲୋଚନା ସଂଗେ କଜି କରିବାକୁ ତାର ଛାତି ପତେଇଲା ନାହିଁ ଜମା।

ସୁଂଦରୀକୁ ଏଭଳି ଅବସ୍ଥାରେ ଦେଖି ମୁଖରା ଅପନୀ ତା'ପଟିଆ ହୋଇ ଲୋଚନାକୁ ଗରମ ଗରମ ଦି'ପଦ ଶୁଣାଇ କହିଲା—

"କଣ କହିଲୁରେ ଅରପେଇଷିଆ! ହାତ କଅଁର ହେଲାରୁ ବିଲେଇ ଚୋଟ ଚୋଟ କରି କାମୁଡୁଚି—ନାଁ ? ହଉ ହଉ, ତୁ ସାହୀକୁ ଚାଲ, ତୋ ଦିମାକ୍ ଭାଂଗି ଦଉଚି ଯେ ମୁଁ?।"

ରାଗରେ ସେ ସୁଂଦରୀକୁ ଭିଡ଼ି ନେଇ ସେଠାରୁ ଦୁଲୁ ଦୁଲୁ ହୋଇ ଚାଲିଗଲା।

ତହିଁ ଆରଦିନ ଆଂବ ତୋଟାରେ ସୁଂଦରୀ ସଂଗେ ଲୋଚନାର ଦେଖାହେଲା; କିଂତୁ କେହି କାହାରିକି କଥା କହିଲେ ନାହିଁ। ଲୋଚନା ଆଖି ସୁଂଦରୀ ଆଖି ସଂଗେ ମିଳିଯିବା ସାଂଗେ ସାଂଗେ ସେ ନ ଦେଖିଲା ପରି ତଳକୁ ମୁହଁ ପୋତିଦେଲା। ସୁଂଦରୀ ବି ଅନ୍ୟଆଡ଼କୁ ମୁହଁ ବୁଲାଇ ଦେଇ ଦୁମ୍ ଦୁମ୍ ହୋଇ ଚାଲିଗଲା।

ଛାଇନେଉଟାଣ ବାଥା ସଂଗେ ପାଚଲା ଧାନ ଗୋଟାଇ ସୁଂଦରୀ ପୁଣି ସେଇ ବାଟେ ଫେରି ଅଇଲା। ଲୋଚନା ସୁଂଦରୀକୁ ଦେଖି ନଦେଖିଲା ପରି ବେଶି ବେଶି ଟିଣ ବାଡ଼େଇ ଭାରି କାମରେ ବ୍ୟସ୍ତ ଥିଲାପରି ଦେଖେଇ ହେଲା। ନଟା ଉଗରରେ ଦିହେଁ ଦୁହିଁଂକର ମୁହାଁମୁହିଁ ପଡ଼ିଗଲେ, ବାଟ ଭାଂଗି ଦେଇ ଅନ୍ୟ ବାଟରେ ଯିବା ଆସିବାର ମଧ ଦେଖାଗଲା। ଦିନ ଯେତିକି ବିତିଯିବାକୁ ଲାଗିଲା, ବ୍ୟବଧାନଟା ସେତିକି ବଢ଼ିଲା ପଛକେ କମିଲା ନାହିଁ।

କେତେଥର ଲୋଚନା ଇଆ ଭିତରେ ଭାବିଲାଣି ଯେ, ସୁଂଦରୀକୁ ଡାକିବ, ମୁଂଡ ଛୁଆଇଁ ତାକୁ ନିୟମ କରାଇଦେବ ଯେ ଆଉ ସେମାନେ କେବେହେଲେ ଅପଡ଼ ହେବେ ନାହିଁ.....କିଂତୁ ପାରି ନାହିଁ—ତଂଟି ପାଖରୁ ତାର କଥା ବାହୁଡ଼ି ଯାଇଚି।

ଛି, ଛି, ଏଇ ମେଂଚଡ଼ି ଟୋକୀଟା ପାଖରେ ସେ ଫେର୍ ମୁଂଡ଼ ନୋଇବ!

ହେଲେ, ପହିଲୁ ପହିଲୁ ଦିହେଁ ଦିହିଂକ ଉପରେ ଯେମିତି ରାଗିଗଲେ ବର୍ତମାନ ଆଉ ମନର ସେ ଉଷ୍ମ ନାହିଁ। ଦିହେଁଯାକ କଥାଟାକୁ ଫଇସିଲା କରି ନେବାପାଇଁ ବ୍ୟାକୁଳ। କିଂତୁ କିଏ ଆଗ କଥା କହିବ, କିମିତିକା ବା କଥା କହିବ, ଏହାହିଁ ହେଉଛି ଦିହିଂକ ପାଖରେ ସବୁଠାରୁ ବଡ଼ ସମସ୍ୟା। ସୁଂଦରୀଟା କିନ୍ତୁ ଭାରି ହସକୁଡ଼ୀ। ଆଜିକାଲି ଲୋଚନା ସାଥିରେ ଭେଟ ହୋଇଗଲେ ବାଆଁରେଇ ପଛକୁ ଅନାଇ ସେ ଟିକିଏ ଲୁଚେଇ ଲୁଚେଇ ହସି ନିଏ, କିଂବା ଆଖିରେ ଗୁଂଡ଼ ପଡ଼ିଚି ବୋଲି ବାହାନା କରି କାନିଟାକୁ ମୁହଁପାଖକୁ ନେଇ ଓଠର ହସକୁ ଘୋଡ଼ାଇ ରଖେ।

ସାହୀରେ ବଣଭୋଜି ହେଲେ କିଂବା ଭାଗବତ ଗୋସେଇଂକ ପୂଜା ବଢ଼ିଲେ ଯେବେ ଦିହିଂକର ଏକାଠି ରହିବା ଦରକାର ପଡେ ତେବେ ଅନ୍ୟର ମଧସ୍ଥତାରେ

Digitized by srujanika@gmail.com

କେବେ କେବେ ସେମାନେ କଥାଭାଷା ହୁଅଂତି। କଥାଟା କହିସାରିବା ପରେ ଜଣକୁ କିଂତୁ ଲାଜରେ ଜିଭ କାମୁଡ଼ିବାକୁ ପଡ଼େ।

ଧାନକଟା ପରେ ବିଲ ଉଜୁଆଁ ହୁଏ; ସେଦିନ ସମସ୍ତେ ମିଶି ଭାରି ରଂଧାବଢ଼ା ଖିଆପିଆ କରଂତି। ଚୁଲି ଜାଳି ଭାତ ରାଂଧିବା ଭାର ହୁଏତ ଥାଏ ସୁଂଦରୀ ଉପରେ। କଂଚା କାଠରେ ଚୁଲି ନ ଜଳିଲେ ଲୋଚନାକୁ ଶୁଣେଇ ସୁଂଦରୀ କହେ—"ନିଆଁନଗା କାଠଗୁଡ଼ାକ ଜରୁ ନାଇଁ ଜମା। କିଏ କୁଟା ଗୋଛାଏ ଆଣି ଦିଅଂତା କି।" ଏତେ ଲୋକ ଥାଉ ଥାଉ ଲୋଚନା ଯାଇ ଦି' ଚାରି ଗୋଛା କୁଟା ଆଣି ସୁଂଦରୀ ଆଗରେ ଭୁଷ୍‌କିନା ଫୋପାଡ଼ି ଦିଏ, ତା ପରେ ଗଛପତ୍ରକୁ ପଚାରିଲା ପରି କହେ, "ଆଉ କଣ ଦରକାର ?" ସୁଂଦରୀର ଯଦି ପାଣି ଗରାଏ ଲୋଡ଼ାହୁଏ ତ ସେ ଅପନୀକୁ ଲୋଚନା ଉପରକୁ ଠେଲିଦେଇ କହେ, "କହୁନୁ— ପାଣି ଗରାଏ ଆଣି ଦେବ— ମୁଁ ପରା ଭାତ ଗାରିବାକୁ ଯାଉଚି।"

ଇମିତିକା ଭାବରେ ଦିନେ ନୁହଁ, ଦି'ଦିନ ନୁହଁ, ବରଷେ କଟିଗଲା। 'କହିବି' 'କହିବି' ବୋଲି କେହି ଆଉ କାହାରିକି କଥା କହିପାରିଲେ ନାହିଁ। ଇଆ ଭିତରେ ଦିନେ ଅବଶ୍ୟ ଲୋଚନା ସୁଂଦରୀ ସଂଗେ ତାକୁ କଥା କୁହାଇ ଦେବାପାଇଁ ସୁଂଦରୀର ନେଖାଯୋଖା ମାଉସୀପୁଅ ଭାଇ ବିକଳାକୁ ଖୁସାମତ କରିଥିଲା। ମାତ୍ର ବିକଳା କଥାଟାକୁ ରାଷ୍ଟ୍ର କରିଦେବାରୁ ଲୋଚନାକୁ ସାଂଗପିଲେ ଚିଡ଼େଇବାକୁ ଲାଗିଲେ। ସେଇଦିନୁ ଲୋଚନା କାନମୋଡ଼ି ହୋଇ ଆଉ ଏମିତିକା ଲେକହସା କାମ ଜମା କରିନାଇଁ।

ଖୁଦୁରୁକୁଣୀ। ସାହୀ ଟୋକୀଙ୍କ ମୁହଁରେ ହସ ଧରୁନାଇଁ। ସବୁ ବର୍ଷ ସୁଂଦରୀ ହେରିକାଂକ ଭାଲୁକୁଣୀ ଗଢ଼ା ହେଲାବେଳେ ଲୋଚନାର ସାହାଯ୍ୟ ଲୋଡ଼ା ହୁଏ। କିନ୍ତୁ ଏ ବର୍ଷ ଲୋଚନା ଜାଣିଶୁଣି ଦୂରଛଡ଼ା ହୋଇ ରହିଛି। ସୁଂଦରୀ ଭାଲୁକୁଣୀ ତିଆରି ହେବାପାଇଁ ଅନ୍ୟର ମଧ୍ୟସ୍ଥତାରେ ଲୋଚନାକୁ ଚିକିଟା ମାଟି, ହରିତାଳ, ଫୁଲଖଡ଼ି ଆଉ ସୁନେଲି କାଗଜ ପ୍ରଭୃତି ଆଣି ଦବାପାଇଁ ଯେଉଁ କେତୁଟା ବରାଦ ଦେଇଥିଲା, ଲୋଚନା ଯେ ତା କରି ନଦେଇଚି ତା ନୁହେଁ। ସେ ସବୁଗୁଡ଼ିକ ଜିନିଷ ହାଟରୁ କିଣି ଅନ୍ୟ ହାତରେ ଯଥା ସ୍ଥାନକୁ ପଠାଇ ଦେଇଚି। ତେବେ ତା ମୁହଁରେ ସବୁ ବର୍ଷ ପରି ହସ ହସ ଭାବ ଆଉ ଉତ୍ସାହ ଜମା ନାଇଁ କହିଲେ ଚଳେ।

ଏ ବର୍ଷ ଏଇ ଖୁଦୁରୁକୁଣୀ ବେଳେ ଲୋଚନାର ମନଟା ବିଶେଷ କରି କାଇଁକି ଭାରି ଖରାପ ହେଲା। ପ୍ରତ୍ୟେକ ପାଳି ବାଲୁଂକା ଉଜୁଆଁ ସାରି ଗାଁର ଝିଅମାନେ ନୂଆ ପୋଖରୀ କୂଳରୁ ଫେରି ଆଇଲା ପରେ ଲୋଚନା ଯାଇ ଘଡିଏକାଳ ପୋଖରୀ କୂଳର ସେଇ ବରଗଛ ବେଦୀ ଉପରେ ଚୁପ୍ ହୋଇ ବସେ। ତାର ମନେ ପଡ଼େ ପ୍ରତିବର୍ଷ ଏହି ଦିନ ଡିହୁଡି ଭସାଇଲାବେଳେ ସୁଂଦରୀ କିପରି ତାର ସାହାଯ୍ୟ ଲୋଡ଼େ। ପ୍ରତିବର୍ଷ ଭେଳାଗୁଡ଼ାକୁ ପୋଖରୀ ମଝିକୁ ଠେଲିଦେବା ପାଇଁ ସୁଂଦରୀ ଆଉ ତା ସାଂଗମାନେ ଲୋଚନାକୁ ଅନୁରୋଧ କରଂତି। ଲୋଚନା ପାଣିରେ ଖଂଡି ପହଁରା ଦେଇ ଗୋଡ଼ହାତ ଛାଟି ସମସ୍ତଂକ ଆଗରେ ତାର ପହଁରିବାର ବାହାଦୁରୀ

Digitized by srujanika@gmail.com

ଦେଖାଏ । ଖାଲି ସେତିକି ନୁହେଁ, ଖୁଦୁରୁକୁଣୀ ଆଗ ଦିନ ସୁଂଦରୀ ତାକୁ ପୋଖରୀର ସବୁ କଇଁ ଫୁଲତକ ତୋଳି ଆଣିବାପାଇଁ ଦୁଇଦିନ ଆଗରୁ ବରାଦ ଦେଇଥାଏ । କାଳେ ଆଉ ସାହୀ ପିଲେ ସକାଳୁ ଉଠି ଫୁଲ ନେଇଯିବେ, ସେଥିପାଇଁ ଲୋଚନାକୁ ସେ ରାତି ନ ପାଉଣୁ ଶେଯରୁ ଉଠାଇଦେଇ ପୋଖରୀକୂଳକୁ ପଠାଇଦିଏ, ଆଉ ନିଜେ ବି ତା ପଛରେ ଗୋଟାଏ ମସ୍ତବଡ଼ ଲଗି ଧରି ଯାଏ ।

ଏହି ସବୁ ପୁରୁଣା କଥାଗୁଡ଼ାକ ଭାବି ଲୋଚନାର ମନ ଭିତରଟା କିମିତି ଗୋଳେଇପୋଳେଇ ହେଲା । ଆଜି ସେ ଏକା ରାହାରେ ପୋଖରୀ ଜଳରେ ଭାସୁଥିବା ଛଡ଼ାଫୁଲର ଭେଳା ଆଡ଼କୁ ଚାହିଁ ରହିଲା ଆଖି ପିଛୁଳା ନପକାଇ ।

ପୋଖରୀର ନେଳିଆ ପାଣି ଉପରେ ଗୋଟାଏ ପୋଡ଼ା ଦିହୁଡ଼ିକୁ କୋଳରେ ଧରି ଗଲା ପାଳିର ଫୁଲଭେଳାଗୁଡ଼ା ଭାସୁଥିଲା । ଦଳମିଶା ତେଲିଆ ପାଣି ଉପରେ ମଲା ଦିହୁଡ଼ିର ନାଚୁଣି ଛାଇ ! ! ଲୋଚନା ସେଇ ଆଡ଼କୁ ଚାହିଁ ଖୋଜୁଥିଲା ତାର ଗଲା ଜୀବନର ଅତୁଆତତୁଆ ସୂତାପିଂଡୁଳାର ଗୋଟାଏ ହଜିଲା ଖିଅ ।

କାଲି ଖୁଦୁରୁକୁଣୀର ଶେଷ ପାଳି । ଓଷା ଉଜୁଆଁ ହେବ । ଫୁକିଆ ତରା ଉଠି ନିଭିଲାଣି । କଂଟା ନଟିର ସାବ୍ଜା ପତର ଉପରେ ଜହ୍ନ ଆଲୁଅ ଶେତାଳିଆ ଦେଖାଗଲାଣି । ଚାରିଆଡ଼େ ବେଶ୍ ଫରଚା ଦୁଉଚି ।

ପୋଖରୀ କୂଳରେ ସୁଂଦରୀ ତାର ସାନଭାଇ ବୁରୁଂଦାକୁ ଧରି ଗାଧୋଉଥିଲା । ତାର ସାଂଗସାଥୀମାନେ ଗାଧୋଇ ପାଧୋଇ ଚାଲିଗଲେଣି; ଖଡ଼ୁମୁଠାକ ବାଲି ପକାଇ ମାଛୁ ମାଛୁ ତାର ଟିକିଏ ମଠ ହୋଇଯାଇଛି ।

ଲୋଚନା ସେଇ ବାଟେ ଭାଗ ଜମିକୁ ଯାଉଥିଲା । ସୁଂଦରୀକୁ ଦେଖି ପୋଖରୀ କୂଳରେ ବର ଓହଳଟାକୁ ଧରି ଟିକିଏ ଠିଆହେଲା ।

ତୁଠ ପଥର ଉପରେ ସୁଂଦରୀ ବସି ଘଷା ମଜା ହଉଚି । ତା ଦିହରେ ଓଦା ଲୁଗାଟା ଚଡ଼ି ଯାଇ ସେଇ ଦରନିଭିଲା ଜହ୍ନ ଆଲୁଅରେ କିମିତି ଝାପ୍‌ସାଝାପ୍‌ସା ଦେଖାଯାଉଚି । ପାଖରେ ବଇଚି ବୁରୁଂଦା ।

ପୋଖରୀରେ ଫୁଟିଚି ଅସଂଖ୍ୟ କଇଁ—ନାଲି, ନେଳି, ଧଳା ହରେକ ରଂଗର ପୋଷାକ ପିଂଧି ସେଇ ସଜ ଫୁଟିଲା କଇଁଫୁଲ ଗୁଡ଼ିକ ପବନରେ ହଲି ହଲି ନାଚୁଛଂତି ।

ଲୋଚନାର ମନେପଡ଼ିଲା ଗତ ସାଲେ ଏଇ ଦିନ କେଡ଼େ ସୁଂଦର ନାଲି କଇଁଟିଏ ତୋଳି ଆଣି ସେ ସୁଂଦରୀ ବେକରେ ପକାଇ ଦେଇଥିଲା । ସେଇ ନାଲି ଟୁକୁଟୁକୁ ଫୁଲଟିକି ପାଇ ସୁଂଦରୀର ନାଲିଆ ଓଠତଳେ କିମିତି ହସର ସରୁ ନହଡ଼ି ଭାଜିପଡ଼ି ନୋଟି ଯାଇଥେଲା, ସେଇ ଦରନିଭିଲା ଛବି ଆଜି ଏତେ ଦିନ ପରେ ଲୋଚନାର ମନ ଭିତରେ ପୁଣି ରୂପରେଖ ଧରି ଫୁଟିଉଠିଲା । ସେ ଭାବିଲା, ସୁଂଦରୀ ଅବା ସବୁ ବର୍ଷପରି ଆଜି ତାକୁ ଫୁଲ ତୋଳିଦବା ପାଇଁ ଅନୁରୋଧ କରିବ । କିଂତୁ ସୁଂଦରୀ ତାକୁ ଦେଖିଲେ ମଧ କିଛି ନକହି ଗୁମ୍‌ମାରି ବସିରହିଲା । ପଣତଟାକୁ ଆଉ ଟିକିଏ ନଂବ କରି ମୁହଁ ଉପରେ ଟାଣିଦେଲା ।

Digitized by srujanika@gmail.com

ଲୋଚନା ଯାଇ ବାଆଁରେଇ ଚାଆଁରେଇ ହୋଇ ସୁଦଂରୀର ଭାଇ ବୁରୁଂଦାକୁ ଲକ୍ଷ୍ୟ କରି କହିଲା—"କିରେ ବୁରୁଂଦା, ଆଜି କଇଁଫୁଲ ନେବୁ ନାହିଁ କିରେ ? କାଲି ପରା ଓଷା !"

ବୁରୁଂଦା କିଛି ବୁଝି ପାରିଲା ନାଇଁ। ସୁଦଂରୀ ତାକୁ ଫୁସ୍ ଫୁସ୍ କରି ଶିଖେଇ ଦେଲା—"କହ, ଫୁଲ କାଇଁ ?"

ବୁରୁଂଦା କହିଲା—"ଫୁଲ କାଇଁ ?"

ଲୋଚନା ପଚାରିଲା—"ନବୁ ?"

ସୁଂଦରୀ ପୁଣି ବୁରୁଂଦା କାନରେ ଶିଖେଇ ଦେଲା—

"କହ, ହଁ ଦେ।"

ବୁରୁଂଦା କହିଲା—"ହଁ, ଫୁଲ ଦେ।"

ଏତେ ଦିନ ପରେ ଅନ୍ୟ ଜଣକ ମଧ୍ୟସ୍ଥତାରେ ସୁଂଦରୀର ଫରମାସି ପାଇ ଲୋଚନାର ମନଟା ଭାରି ଆନଂଦ ଅନୁଭବ କଲା। ସେ ଟିକିଏ ମଜା ଦେଖିବା ପାଇଁ କହିଲା—"ତୁ କଣ କରିବୁ ? ତୁ କଣ ଓଷା କରିବୁ କି ?"

ବୁରୁଂଦାର ଅକଲ ଗୁଡୁମ୍ ହୋଇଗଲା। ସେ କଣ ଉତ୍ତର ଦେବ କିଛି ବୁଝି ନପାରି ସୁଂଦରୀ ଅପା ମୁହଁକୁ ଅନାଇଲା। ସୁଦଂରୀ ତାକୁ ଶିଖେଇ ଦେଲା—"କହ, ମୁଁ ନକଲେ କଣ ହେଲା, ଅପା ଓଷା କରିଚି ତ। କେତେ ଜାଣି ଛୋପରା ହଉଚୁ ?"

ବୁରୁଂଦା ଠିକ୍ ସେଇ କଥା କହିଲା। ଲୋଚନାର ଉତ୍ସାହ ଆଜି କହିଲେ ନ ସରେ। ଅନେକ ଦିନ ପରେ ସେ ଆଜି ସୁଂଦରୀର ବରାଦ ପାଇଚି। ଏ ସୁଯୋଗ ସେ ଜମା ଆଶା କରିପାରି ନ ଥିଲା। ସେ ଅଭିମାନ କରି କହିଲା—"ମତେ କଥା ନ କହିଲେ ମୁଁ ଫୁଲ ଦେବିନାଇଁ।" ସୁଂଦରୀ ବୁରୁଂଦା କାନରେ କହିଲା—"କହ, ତୁ ଆଗ କହିଲେ କିଏ ସିନା ପଛେ କଥା କହିବ !"

ବୁରୁଂଦା ଶୁଆ ଚଢ଼େଇ ପରି କହିଲା—"ତୁ ଆଗେ କଥା କହିଲେ, ତା'ପରେ ଯାଇ ସିନା ଆଉ କିଏ କଥା କହିବ।" ଲୋଚନା ବଡ଼ ହଇରାଣରେ ପଡ଼ିଲା। ସେ ମୁଂଡ଼ ନୋଇବାକୁ ନାରାଜ। ତଥାପି ଆଜି ତାର ଭାରି ଆନଂଦ। ସେ ଭାବିଲା, କଇଁଫୁଲଟା ଆଣିଦେଲେ ସୁଂଦରୀ ନିଶ୍ଚୟ କଥା କହିବ ଯେ, ଯିବ କୁଆଡ଼େ !"

ଲୋଚନା ମାଲକଚ୍ଛା ଭିଡ଼ି ପାଣିରେ ପଶିଲା। ପୋଖରୀର ଉତ୍ତର ପଟ କୂଳରେ ଆଂଠୁଏ ପାଣିରେ ଗୁଡ଼ାଏ ନୀଳକଇଁ ଫୁଟିଥିଲା। ଲୋଚନା ସେଗୁଡ଼ାକୁ ତୋଳିବା ପାଇଁ ହାତ ବଢ଼ାଇଲା।

ସୁଂଦରୀ ଲୋଚନାକୁ ଶୁଣାଇ ଶୁଣାଇ ବଡ଼ ପାଟିରେ ବୁରୁଂଦାକୁ ଲକ୍ଷ୍ୟ କରି କହିଲା—"ଏ ଗୋବର କଇଁଗୁଡ଼ାକ କଣ କରିବୁ କିରେ ବୁରୁଂଦା ? ନାଲିକଇଁ ମାଗୁନୁ।"

Digitized by srujanika@gmail.com

ଲୋଚନା ସୁଂଦରୀର ଏହି ପରୋକ୍ଷ କଥାବାର୍ତ୍ତାରେ ଭାରି ଆନନ୍ଦ ବୋଧ କଲା। ଇଆ ଭିତରେ ବୁଡ଼ିରହିଥିଲା ଯିମିତି ଏକ ଅଧେ ଶୁଣା ଅଧେ ନଶୁଣା ପୁରୁଣା ଚଉପଦିର ଛଂଦ।

ପୋଖରୀ ମଝିରେ ନାଲି କଇଁଟିଏ ଫୁଟିଥିଲା। ବୁଡ଼ିଯାଇଥିବା ଜହ୍ନ ପାଇଁ ଭାବି ଭାବିକା ସେଇ ଫୁଲର କଅଁଳ ଗାଲ ଉପରେ ଜମି ରହିଥିଲା ଯେମିତି କେତେ ଦିନର ଦୁଃଖର ଛାଇ ! ନେଳିପାଣି ଉପରେ ଫୁଲଟିର ନାଲିଆ ଛାଇ ଢଳି ଢଳି ନାଚୁଥିଲା।

ଲୋଚନା ମନରୁ ସବୁ ଦୁଃଖ ଦରଜ କୁଆଡ଼େ ଆପେ ଆପେ ଉଭେଇଗଲା। ସେ ପାଣିରେ ପଶିଲା। ଆଉ ସାତ ଆଠ ପାହୁଂଡ ଗଲେ ସେ ଫୁଲଟିକୁ ଧରିବ। ଏଡ଼େ ସୁନ୍ଦର ଫୁଲଟିକୁ ଦେଖି ସୁଂଦରୀ ଯେ କେଡ଼େ ଖୁସି ହେବ, ତାହା ସେ କଳ୍ପନା କରିପାରିଲା ନାହିଁ।

ସେ ଛାତିଏ ପାଣିକି ଗଲା; କିନ୍ତୁ ହାତ ପାଇଲା ନାହିଁ।

ଲୋଚନା ଅଂଟାରେ ଲୁଗାଟାକୁ ଆଉ ଟିକିଏ କଷିକରି ବାଂଧି ଦେଇ ବେକେ ପାଣିରେ ପଶିଲା। ଆଉ ଦି'ହାତେ- ସେ ଗୋଡ଼ ବୁଢ଼ା ଆଂଗୁଠି ଆଗରେ ଠିଆ ହୋଇ ଫୁଲକୁ ଧରିବ ବୋଲି ହାତ ବଢ଼ାଇଲା।

କୂଳରେ ସୁଂଦରୀ ଖୁସି ହୋଇ ବୁରୁଂଦାକୁ କହିଲା—''ହେଇରେ ବୁରୁଂଦ୍ୟ ତୋ ଫୁଲ ଆଇଲାଣି।''

ଲୋଚନା ଏତେ ଦୂରରୁ ତାହା ଶୁଣି ପାରିଲା। ଆଜି ବହୁଦିନରୁ ମେଘ କଟିଯାଇ ତା ମନରେ ସୁର୍ଯ୍ୟ ଉଇଁଚି। ସେ ଆଉ ଟିକିଏ ଆଗକୁ ଗୋଡ଼ ବଢ଼ାଇଲା। ଏ ଫୁଲଟିକି ପାଇ ସୁଂଦରୀ ଯେ ନିଶ୍ଚୟ ତାକୁ କଥା କହିବ, ଏଇ ସ୍ୱପ୍ନରେ ସେ ଏକାବେଳକେ ବିଭୋର ହୋଇପଡ଼ିଥିଲା। ସେ ଫୁଲ ଆଡ଼କୁ ଝୁଂକିପଡ଼ିଲା।

ଆଗରେ ଗୋଟାଏ ଖାଲ—ଲୋଚନା ଟୁବ୍ କିନା ବୁଡ଼ିଗଲା। ମାତ୍ର ଲୋଚନାକୁ ଟିକିଏ ଟିକିଏ ପହଁରା ଆସେ। ସେ ଦୁଇ ଢୋକ ପାଣି ପିଇଦେଇ ଟିକିଏ ଥାକ୍ତା ହୋଇଯାଇଥିଲେ ମଧ ପହଁରି ପହଁରି ଯାଇ କଇଁ ନାଡ଼କୁ ଧଇଲା।

ତା'ପରେ ସବୁ ଶକ୍ତି ଠୁଳକରି ସେ ସେଟାକୁ ଟାଣିବାକୁ ଲାଗିଲା। ଥରେ ଟାଣିଲା, ଦୁଇଥର ଟାଣିଲା; ମାତ୍ର ଫୁଲଟା ସହଜରେ ଛିଡ଼ିଲା ନାହିଁ। ତିନିଥର ଟାଣିଲା ବେଳକୁ ଲୋଚନାର ଅଧେ ଦମ୍ ତୁଟିଯାଇଥିଲା।

ଏଥର ଦିହର ସବୁ ଶକ୍ତି ଠୁଳ କରି ଦାଂତ କାମୁଡ଼ି ଲୋଚନା ଶେଷଥର ପାଇଁ ଦେଲା ଗୋଟାଏ ଟାଣ। ଫୁଲଟା ଉପୁଡ଼ି ଅଇଲା। ନାଲି ଟହଟହ ସୁଂଦର କଇଁ ଫୁଲଟିଏ !

ଲୋଚନା ଭାରି ହାଲିଆ ହୋଇଯାଇଥିଲା। ସେ କଇଁ ଫୁଲଟାକୁ ଧରି କୂଳକୁ ଫେରିଆସିବ ବୋଲି ଚେଷ୍ଟା କଲା। ତାର ଗୋଡ଼ ହାତ କ୍ରମେ ଅବଶ ହୋଇଆସୁଥିଲା। ଏତିକିବେଳେ ଲୋଚନା ଅନୁଭବ କଲା ଯେ ତାର ଗୋଡ଼ ଦି'ଟା ଯିମିତି ଛଂଦି ହୋଇଯାଉଚି। ସେ ଗୋଡ଼ ଦି'ଟାକୁ ଯେତେ ଟାଣି ଓଟାରି ବାହାର କରିବାକୁ

Digitized by srujanika@gmail.com

ଚେଷ୍ଟା କଲା, ସେତେ ସେ ଦି'ଟା ସରୁ ସରୁ ଦଉଡ଼ିରେ ବାନ୍ଧି ହୋଇଗଲା ପରି ଜଣାଗଲା। ଲୋଚନା ଅଣାୟତ ହୋଇ ଦି' ଚାରିଥର ସିଂଗିବୁଡ଼ା ଦେଇସାରିଲାଣି।

ସୁନ୍ଦରୀ ଏତିକିବେଳେ ତୁଠରେ ବସି ବୁରୁଂଦାକୁ କହୁଥିଲା—"ଦେଖ ଲୋଚନା ଭାଇ କିମିତି ବୁଡ଼ା ପହଁରା ଦଉଚି।"

ଲୋଚନା କିନ୍ତୁ ଇଆଭିତରେ ସତକୁ ସତ ସାତ-ଆଠ ଢୋକ ପାଣି ପିଇ ସାରିଥିଲା। ତାର ଟିକିଏ ଟିକିଏ ହୋସ ବି ଥିଲା। ସେ କୌଣସିମତେ ପାଣି ଉପରକୁ ମୁଣ୍ଡ କାଢ଼ି ବଡ଼ ପାଟି କରି ଡାକିଲା—"ସୁନ୍ଦରୀ—ଏ ସୁନ୍ଦ...", ସେ ଭାବିଥିଲା ସୁନ୍ଦରୀ ଅବା ତା ପାଖକୁ ଦୌଡ଼ିଆସିବ।

କିନ୍ତୁ ତା ପାଟିରେ ପାଣି ପଶିଗଲା; କଥା ଶୁଣାଗଲା ନାହିଁ। କେବଳ ଗଆଁ ଗଆଁ ଶବ୍ଦ ଶୁଣାଗଲା। ସୁନ୍ଦରୀ ଭାବିଲା, ଲୋଚନା ତାକୁ ଆଗ କଥା କହିବା ପାଇଁ ଇମିତି ଫିକର କାଢ଼ି ଖେଳି କରୁଚି।

ଲୋଚନା ଗୋଡ଼ରେ କଇଁଦଳ ଛନ୍ଦି ହୋଇଯାଇଥିଲା। ସେ କାଉଲୁ ବାଉଲୁ ହୋଇ ହାତ ଗୋଡ଼ ଛାଟୁ ଛାଟୁ କଇଁ ଫୁଲଟା ତା ହାତ ମୁଠାରୁ ଖସି ଯାଇ ପାଣି ଉପରେ ଭାସିବାକୁ ଲାଗିଲା।

ଲୋଚନା ନାହିଁ।

ପାଣି ଉପରେ ଖାଲି ଫୁଲଟାକୁ ଭାସୁଥିବାର ଦେଖି ବୁରୁଂଦା କହିଲା "ଏ ସୁନ୍ଦରୀ ଅପା ! ଦେଖିଲୁଣି ଲୋଚନା ଭାଇ ବୁଡ଼ିଯାଉଚି।"

ସୁନ୍ଦରୀ ତାକୁ ଠେଲି ଦେଇ କହିଲା, "ଧେତ୍ କାଳିମୁହାଁ ଅଲକ୍ଷଣା ଟୋକା !! ତୋ ମୁହଁରେ ନିଆଁ ନାଗୁନାହିଁ। ସେ ପହଁରା ଜାଣିନାହିଁ ଯେ ବୁଡ଼ି ଯାଉଚି ! ମଲୁ ନାହିଁ ତୁ କାଳ-ତୁଣ୍ଡିଆ !!"

Digitized by srujanika@gmail.com

ଅଂଧାରୁଆ

ବେକରେ ହାଡ଼ ବାଂଧିଲା । ଦାଂତରେ ତିରଣ ଦେଲା । ଜିଭ ଥାଉ ଥାଉ ଖନା ହୋଇ ପହିଲି ପଧାନ ବାରଦୁଆର ଶୁଂଢ଼ିପିଂଡ଼ା ବୁଲି ଖପରା ପତେଇଲା ।

କଳାମିଚି ମିଚି ଅଂଧାର ମଝିରେ ତାର ଶଂଢ଼ା ଶଂଢ଼ା କାଳିଆ ବାହା ଦି'ଟାକୁ ଉପରକୁ ଟେକି ଗାଆଁ ମୁଂଡ ଦୋକାନ ପାଖରେ ବସି ପହଲି ଗଅଁ ଗଅଁ ହୋଇ ସମସ୍ତିଂକି ମନକଥା କହିବାକୁ ଚେଷ୍ଟା କରେ, ନାନା ଅବଲ୍ୟ କାଢ଼ି ଗହକିମାନଂକ ଅଂଟାରୁ ପଇସାଏ ଅଧଲାଏ ଖସେଇବ ବୋଲି ବାହାରେ । କିଏ ଦିଏ, କିଏ ବା ମୁହ ମୋଡ଼ି ଚାଲିଯାଏ । ଅଧିକାଂଶ ତା ଆଡ଼ିକି ଦାଂତ ଦି'ଧାଡ଼ିକ ଦେଖାଇ ଖିଁ ଖିଁ ହୋଇ ହସଂତି—ଖତେଇ ହୁଅଂତି । ପହଲି ମାଟିରେ ଗଡ଼େ । ବାଲମୁକୁଳା କରି ହାତଠାରି କେତେ କଣ କହେ । ସମସ୍ତେ କହଂତି, ପହିଚ୍ଚ କରୁଚି ।

ତାର କାଳିଆ ଦିହ, କୋତରା ନୁଗା, ଆବୁଡ଼ା ଖାବୁଡ଼ା ଓସାରିଆ ଛାତିଟା କଳାରାତି ସଙ୍ଗରେ ମିଶିଯାଇ ଜମା ବାରି ହୁଏନାଇଁ ।

ଅଝଟ ପିଲାଏ ମା'ଠୁ କ୍ଷୀର ନ ଖାଇଲେ ମା'ମାନେ ଭୟ ଦେଖାଇ କହନ୍ତି—"ହେଇ, ହେଇ, ଅଂଧାରୁଆ ଆଇଲାଣି । ଗାଆଁ ମୁଡେ ବସି ଜିଭ ହାଲୁ ହାଲୁ କରୁଚି ।"

ପହଲି ପୁରସ୍ତମ ଯିବ । ବାଟରେ ସଂଜ ହୋଇଗଲେ ସେ ପାଖ ଗାଆଁରେ ରାତିକ ପାଇଁ ଥକିଯାଏ । ଦିଅଁ ବୁଡ଼ିଯିବା ଆଗରୁ କଣ ଦି'ଟା ପାଟିରେ ପକାଇ ଦେଇ କାହା ପିଂଡାରେ କୁଟା ଗୋଛାଏ ପାରି ଚାରିକାତ ନଂବେଇ ପଡ଼ିଯାଏ । ସେ ଯେଉଁ ଗାଆଁକୁ ଯାଏ—ସେ ଗାଆଁରେ ଅଂଧାରୁଆ ଆଇଚି ବୋଲି ଚାରିଆଡ଼େ ହୁରି ହକରା ପଡ଼ିଯାଏ । ତା ପଛରେ ଟୋକାଏ ତାଳି ମାରି ଗୋଡ଼ାଂତି—ବୁଲା କୁକୁରଗୁଡ଼ାକ ଘେଉ ଘେଉ ହୋଇ ତାକୁ ଖେଂଦାରି ମିଶଂତି, ପୁଣି ସୁଁ ସୁଁ କରି ତା ଗୋଡ଼ ସଂଧିରେ ପଶି ପରସ୍ତେ ତାକୁ ଶୁଂଘିଯାନ୍ତି ।

ଅଂଧାରୁଆ ଦିନଯାକ ବାଟ ଚାଲେ—ସଂଜବୁଡ଼େ ଭିକ ମାଗେ ।

ଅଂଧାର ରାତି । ପେଟରେ ହେଲା ମାଇକିନିଆ ପରି କଳା ମେଘର ତଳିପେଟଟା ଓହଳି ପଡ଼ିଚି । ତା'ରି ଭିତରେ ଚଳଂତା ଅଂଧାର ପରି ବାଡ଼ି ଖଂଡକ ଧରି ଅଂଧାରୁଆ ଚାଲେ.....ବେଳେ ବେଳେ ଅଂଧାରୁଆ ସ୍ୱପ୍ନ ଦେଖେ..... । ପାଚିଲା ଖେତରେ ନହଡ଼ା ମାରୁଚି । ଭେଂଡିଆ ଭେଂଡିଆ ଧାନ ଗଛର ଅସୁମାରି ସାରୁ ସିଆରି ଭିତରେ

Digitized by srujanika@gmail.com

ତଂପସାପ, କଂକଡ଼ା ବିଛା ଆଉ ତେଲୁଣୀ ପୋକଂକର ମେଳା ବଇଚି। ଚାରିଆଡ଼େ ଆଇଁଷିଣିଆ ଗନ୍ଧ ପାଇ ମାଟିଆ ଚିଲ ଗୁଡ଼ାକ ଡେକି ଡେକି ହେଇ ଉପରେ ଉଡୁଚଂତି।

ସେଇ ମେଘ ଅଂଧାର ରାତିରେ ବିଲ ମଝିରେ ଗୋଟାଏ ଭାଡ଼ି ତିଆରି କରି ଅଟା ଖଂଡ଼େ ଜାକି ପଦ୍ମଲି ବିଲ ଜଗିଚି।

ଧାନଗଛ ମୂଳରେ କୁଡ଼ାହୋଇଚି କୁଡ଼କୁ କୁଡ଼ ଖତ। ଖତ ତ ନୁହଁ, ହାଡ଼। ପଦ୍ମଲିର ତାଡ଼—ତା ସ୍ତ୍ରୀ ଗେଲିବୋଉର ହାଡ...।

ପଦ୍ମଲିର ମନେପଡ଼େ କାଲମରା ଜାଡ଼ଦିନେ କିମିତି ବଡ଼ିଅଂଧାରୁ କେଉଟ ଘରର ଚୁଡା ପାହାର ନଶୁଭୁଣୁ ଗେଲିବୋଉ ଥୁରୁଥୁରୁ ହେଇ ଟଂଗି, ଟୋକର, ଡୋଗା, ପାଟ ବୁଲି ଗାଂଡୁଆକୁ ଗାଂଡୁଆ ଗୋବର ବୋହି ଆଣି ବାଡ଼ି ପଟ ଖତଗଦାରେ ଜମା କରେ...। ଆଉ ପଦ୍ମଲି ନିଜ ଦେହର ନହୁ ପାଣି କରି ସେଇ ଖତତକ କୁଟି ଓଦର ଓଦର କରି ନେଇ ବିଲରେ ଜମା କରିଦେଇ ଆସେ...।

ଖାଲି ସେତିକି ନୁହଁ, ପଥର ପରି ଟାଣ ବିଲ ମାଟିରେ ନଂଗଳ କଂଟି ଧରି ହଳ କଲାବେଳେ ଯେ କି କଷ୍ଟ, ତା ମନେପଡ଼ିଲାବେଳେ ପଦ୍ମଲିର ହାଡ଼ ଭିତର କଣ ହୋଇଯାଏ। ତାଲୁ ଉପରେ ନିଆଁ ପିଂଡୁଳା ପରି ସୂର୍ଯ୍ୟ—ତଳେ ତତଲା ମାଟି; ଗୋଡ଼ ଦି'ଟା ସିଝିଯାଇ ପରସ୍ତକୁ ପରସ୍ତ ଚମ ଛାଡ଼ିଯାଉଚି...।

ପଦ୍ମଲିର ଏତେ ହାଡ଼ଭଂଗା ରକ୍ତ ମିଶା ମିହଂତକୁ ସାର୍ଥକ କରି ଯେଉଁଦିନ ପାଚିଲା ଖେତର ଅସୁମାରି ଧାନଗଛ ଗହଳରେ ମାଇ ପବନର ନୁଚୁକାଳି ଖେଳ ନାଗିଲା, ସେଦିନ ପଦ୍ମଲି ଜୀବନରେ ଏକ ମଉଛବ। ସେ ସବୁ ଭୁଲି ଅନାଇଁ ରହିଲା ସେ ଦରପାଚିଲା କିଆରି ଆଡ଼କୁ।

ତା'ପର ´ ଦିନେ—ପଦ୍ମଲି ଭାବିଲା। କିଟିମିଟିଆ ଅଂଧାର। ମଗୁଶିର ମାସ ହିମାଳ ପବନ କଲିଜା ଭିତରେ ଥରାଇ ଦେଇ ଯାଉଚି। ପଦ୍ମଲି ଭାଡ଼ି ଉପରେ ହେଁସ ଖଂଡ଼େ ଘୋଡ଼ି ହେଇ ପେଟେଇ ପଡ଼ି ଶୋଇ ବଟୁଆରୁ ଚୁନପତ୍ର ଟିକିଏ ଆଣି ନେଡ଼ିରେ ଦଳୁଚି। ବିଲ ଭିତରେ ଚାବୁରୁ ଚାବୁରୁ ଶବ୍ଦ ଶୁଣାଗଲା। ପାଣି କାଦୁଅରେ ଧାନଗଛଗୁଡ଼ାକୁ ଚକଟି ଗୋଟାଏ କିଏ ଚାରିଆଡ଼ ମଂଥି ଦେଇ ଯାଉଚି ଯିମିତି ଅବା! ପଦ୍ମଲି ଭାବିଲା ବାଘ୍ରହ୍ମ କି ଭାଲୁ ହେବ ପରା!

ସେ ରାଗରେ ଖଂଡ଼େ ମୂଳି ବାଉଁଶ ଧରି ଉଠିଲା।

ଧାନ ଗଛର କାଳିଆ ଛାଇ ଚିରି ପାଣିଶିଆଗୁଡ଼ାକ ଚିକ୍ କିକ୍ ଦୁଉଚି। ବଦ୍ମଲିଆ ମେଘ ଅଂଧାର ଭିତରେ ପଦ୍ମଲି ଆଖିରେ ପଡ଼ିଗଲା ଗୋଟାଏ ମସ୍ତବଡ଼ କାଳିଆ ଜଂତୁ। ନାକପୁଡ଼ାରେ ଅଣଚାଶ ପବନ ବହୁଚି।

ପଦ୍ମଲି ତା ପଛେ ପଛେ ଗୋଡ଼ାଇଲା। ମାତ୍ର ସେଇ କାଳିଆ ଛାଇଟା ଧାନ ଗଛଗୁଡ଼ାକୁ କୁଦି ଚକଟି ଦୌଡ଼ି ଦୌଡ଼ି ଏଣେ ତେଣେ ପଳାଇଗଲା। ଗୋଟିଏ ଧାନ ଗଛ ନଷ୍ଟ ହୋଇଯିବା ସଂଗେ ସଂଗେ ପଦ୍ମଲି ଦିହରୁ ପୋଷେ ରକ୍ତ ଶୁଖିଯାଉଥିଲା। ଆଗରେ ଗୋଟାଏ ଖାଳ। ଜଂତୁଟା ଆଉ ଯାଇ ପାରିଲା ନାଇଁ—ମୁହଁ ବୁଲାଇ

Digitized by srujanika@gmail.com

ପଛକୁ ଫେରି ଅଇଲା। ପହଲିର ବାଉଁଶ ଠେଂଗା ଦୁମ୍‌କରି ବାଜିଲା ତା ତାଳୁରେ। ଠିକ୍ ତା ତାଳୁ ଉପରେ।

ପହଲି ବିଜୁଳି ଆଲୁଅରେ ଦେଖି ପାରିଲା, ଦି'ଟା ବଡ଼ ବଡ଼ ମୁନିଆଁ ଶିଂଗ କେନା ମେଲାଇ ଉପରକୁ ବାହାରିଚି। ନାଂଜ ଟେକି, ଫଁ–ଫଁ, ନିଶ୍ୱାସ ଛାଡ଼ି ଜଂତୁଟା ପଳାଇଗଲା କାଇକାଛିଆ ହେଇ ଏକମୁହଁରେ। ପହଲି ଶୁଣିପାରିଲା, କିଛି ଦୂର ଯାଇ ସେଉଟା ଗୋଟାଏ କଂଟା ବୁଦାରେ ଭୁଷ୍‌କିନା ପଡ଼ିଗଲା—ଆଉ ପଂକ କାଦୁଅ ଭିତରୁ ଉଠିପାରିଲା ନାଇଁ ଜମା।

ପହଲି ଭାଡ଼ିକି ଫେରି ଆସି ନିଶ୍ଚିଂତରେ ଶୋଇଲା। ସେ ରାତିରେ ଶୋଇ ଶୋଇ ସ୍ୱପ୍ନ ଦେଖିଲା ଗୋଟାଏ ମସ୍ତବଡ଼ କାଳିଆ କଂକାଳ,—ଚାରିପଟେ ତାର କାଉ ବେଢ଼ିଛଂତି। ଗୋଟାଏ ଭୋକିଲା ଶାଗୁଣା ସେଇ ମଢ଼ାର ନାହିମୁଂଡା ଭିତରେ ଥଂଟ ପୂରେଇଚି। ସେଇ ମଢ଼ର ଚାରିଟାଯାକ ଖୁରାକୁ କିଏ ହାଣି ଦେଇଚି କୁରାଢ଼ିରେ ଚୋଟ ଚୋଟ କରି।

ପୁରୋହିତେ ପୋଥି ଦେଖି କରି କହିଲେ, ତିନିପାଦ ଦୋଷ ନାଗିଚି। ପୁରସ୍ତମ ଯାଇ ମୁକ୍ତିମଂଡ଼ପରେ ପ୍ରାୟଶ୍ଚିତ୍ତ ନକଲେ ଏ ପାତକ ଛାଡ଼ିବ ନାଇଁ। ପ୍ରାୟଶ୍ଚିତ୍ତ ନହେବାଯାଏ ଦାଂତରେ ତିରଣ ଦବ, କଥା କହିବ ନାଇଁ।

ଗାଂଆଁଯାକ ଫୁସ୍‌ଫୁସ୍ ହେଲେ—''ପହଲି ହାଡ଼ ବାଂଧିବ। ଗୋରୁ ମାରିଚି।''

ସେଦିନର ପହଲି ଆଉ ଆଜିର ଅଂଧାରୁଆ। କେତେ ତଫାତ୍ ?

ପହଲି ଭାବେ, ସେଦିନ ପଦ୍ମପୁରାଣ ପଢ଼ି ପୁରୋହିତ ନିଧି ମିଶ୍ରେ ତାକୁ କଣ କହିଥିଲେ ! ଭୟରେ ମୁହଁଟା ତାର ଚୋଟଲା ପଡ଼ିଯାଏ। ତା ଆଖି ଆଗରେ ନାଚିଯାଏ ଗୋଟାଏ ମସ୍ତବଡ଼ ଜଳଂତା ଚୁଲି—ବଡ଼ ବଡ଼ ହଂଡାରେ ତେଲ କଡ଼କଡ଼ ହୋଇ ଫୁଟୁଚି। ସେ ଏପଟକୁ ସେପଟକୁ ଚାହେଁ। ଥରିଉଠେ। ପୁଣି ତା ଆଖି ଆଗରେ ନାଚିଯାଂତି ଦୁଇଟା ମଇଁଷିମୁହାଁ ଯମଦୂତ। ସେଦିନ ତାଂକରି ଚିତ୍ର ତାକୁ ପୁରୋହିତ ଆପଣେ ଦୟା କରି ପୁରାଣରୁ ବାହାରକରି ମିଂଜି ମିଂଜି ଦୀପ ଆଲୁଅରେ ଦେଖେଇ ଦେଇଥିଲେ। ତାର ସେ ତିନିରଂଗିଆ ଚିତ୍ରପଟଟା ମନେପଡ଼େ। କେଡ଼େ କେଡ଼େ ଆଖି, କିମିତି ଶିଂଗ, ହାତ ଦି'ଟା କିମିତି ମାଂକଡ଼ ହାତ ପରି ରୁମ ଯାଲୁବାଲୁ ହେଇଚି, ନଖଗୁଡ଼ାକ କିମିତି ମୁନିଆଁ ମୁନିଆଁ ! ସେ ଡରୁଆ ପିଲାଂକ ପରି ନିଦରେ ବିଳିବିଳେଇ ଉଠେ— ''ଆଇଲା, ଆଇଲା, ହେଇ ଆଇଲା !''

ଦିନେ ଦିନେ ବାଟଂ ଚାଲୁ ଚାଲୁ ନିଛାଟିଆ ଦି'ପହରରେ ସେ ଥକା ହୋଇ ଗୋଟାଏ ଗଛ ମୂଳରେ ବସିପଡ଼େ। ଚାରିଆଡ଼ ଶୂନ୍‌ଶାନ୍—ଖାଁ ଖାଁ କରୁଥାଏ। ତାର ମନେପଡ଼େ ତଳଗାଁ ରାମା ଗଉଡ଼ର କଥା। ଗୋରୁ ମାରି ନୁଚେଇଥେଲା, କିଂତୁ ମଲାବେଳକୁ ଡିଭରେ ଘା ହୋଇଗଲା, ପୋକମାଛି ହେଲା, ନାଂଗୁଡ଼ା ପୋକ ପାଟିରେ ଯାଲୁବାଲୁ ହେଇ ଚାଲିଲେ। କେତେ ଗୁହମୁତ, ରକ୍ତ ପୂଜ ହେଇ ସେ ଘାଂଟି ଚକଟି ହେଲା। ତେବେ ହେଲେ କଣ ତା'ର ପ୍ରାଣ ଗଲା !

Digitized by srujanika@gmail.com

ଶେଷରେ ସାହି ଲୋକେ ପଚାରିଲେ—କିରେ ରାମା, କଣ କରିଚୁ କହିଦେ। ନୋହିଲେ ସ'ଙ୍କରେ କଣ ପ୍ରାଣ ଯିବ ?

ରାମା ମାନିଗଲା। ଗୋରୁ ମାରିଥିବା କଥା କହିଦେବା ମାତ୍ରକେ ତାର ହିକ୍କା ଉଠିଲା। ତିନିଥର ଗୋରୁଂକ ପରି ହଂବାଳି ଛାଡ଼ି ତାଠୁଁ ପ୍ରାଣବାୟୁ ଉଡ଼ିଗଲା।

ପହଲି ଆଉ ଭାବି ପାରେ ନାହିଁ। ତାକୁ ଶୁଣାଯାଏ ଗୋଟାଏ ମାରଣା ଗୋରୁ ଯିମିତି ଖୁବ୍ ଦୂରରେ ହେଂଟରା ଛାଡ଼ିଛି। ସେ ଭୟରେ ଗଛଟାକୁ କୁଂଢ଼ାଇ ଧରେ।

ନିକଟରେ ହୁଏତ ଗୋଟିଏ ଦିଓଟି ଗାଇ ଚରୁଥାଂତି। ଧଳା, କଳା, କସରା ବାଛୁରୀ ଗୁଡ଼ିକ ଚିଲାମାରି ତାଂକ ଚାରିପାଖେ ନାଚୁଥାଂତି। ପହଲିର ମନେହୁଏ, ସେମାନେ ଯିମିତି ତାକୁ ଶିଂଗ ଉଚେଇ ମାରିବାକୁ ଆସୁଚଂତି। ସେ ବାଡ଼ି ଖଂଡକ ଧରି ଛିଡ଼ା ହୁଏ—ଭୟତ୍ରସ୍ତ ଆଖିରେ ଇଆଡ଼ିକି ସିଆଡ଼ିକି ଚାହେଁ।

ଦିନେ ଦିନେ ରାତିରେ ପହଲି ସପନ ଦେଖେ—ଗୋଟାଏ ମଲା କାଳିଆ ଗୋରୁ ପେଟ ଫୁଲେଇ ତାଂକ ଅଗଣାରେ ଶୋଇଛି। ତା ପେଟ ଭିତରେ ଗୋଟାଏ କଅଁଳା ବାଛୁରୀ। ଗେଲିବୋଉ ଚଉରା ମୂଳରେ ବସି ତୁନି ହୋଇ କାଂଦୁଚି। ଆଉ ତାର ମଲା ଗେଲିଟା ପୁଣି ବଂଚିଲାଣି। ସେ ବାଆ ବାଆ ବୋଲି ଚାରିଆଡ଼େ ତାକୁ ଖୋଜି ବୁଲୁଚି। ପହଲିର ନିଦ ଚାଉଁକିନା ଭାଜିଯାଏ। ସେ ଉଠି ବସେ। ଦୂରରେ ଜଣାଯାଏ ଯିମିତି ସଁ ସଁ ହେଇ ଗୋଟାଏ କଣ ଚରୁଚି।

ଦିନେ ଦିନେ ବାଟେ ଚାଲୁ ଚାଲୁ ହଠାତ୍ ପହଲି ଥକା ମାରି ଛିଡ଼ା ହୋଇଯାଏ। ତାର ମନେହୁଏ, ପଛରୁ ତାକୁ ଯିମିତି କିଏ ଡ଼ାକୁଚି ! ଗୋଜିଆ ଗୋଜିଆ ଶିଂଗ—ହାତରେ ଗୋଟାଏ ବାଘୁଆ ଫାଶପକା ଦଉଡ଼ି। ତାର ମନେପଡ଼ିଯାଏ ରାମାଗଉଡ଼ର ମୁହଁ। ରକ୍ତ, ପୂଯ, ଲାଂଗୁଡ଼ିଆ ପୋକ ! କିଂତୁ ମନକୁ ମନ ବୁଝାଇ ସେ ପୁଣି ବାଟ ଚାଲେ। ଶହେଥର ବଡ଼ଠାକୁରଂକ ନାଁ ସୁମରଣା କରେ।

ପୁରୀ ବଡ଼ଦାଂଡ। ଶହ ଶହ କୁଷ୍ଠରୋଗୀଂକ ମେଳରେ ପହଲି ବି ବସି ଖପରାଖଂଡିକ ପତାଇ ଭିକ ମାଗୁଚି। ବଡ଼ ଦେଉଳ ଉପରେ ବଡ଼ ଠାକୁରଂକ ତିନି ସୋରୁଆ ନେତ ଉଡ଼ୁଥାଏ। ପହଲି ଏକା ରାହାରେ ସେଇ ଆଡ଼ିକି ଅନାଇ ରହେ। ତା ମନରେ ପୁରୀ ବଡ଼ଦାଂଡ ଛୁଇଁବା ଦିନୁ ଟିକିଏ ସାହସ ଆସିଲାଣି। ସେ ଆଉ ପୂର୍ବପରି ବିଳିବିଳେଇ ଉଠୁନାହିଁ କି ଠିଆରେ ଭୟଂକର ସ୍ୱପ୍ନ ଦେଖି ଚମକି ପଡୁନାହିଁ। ପାଖରେ ଶୋଇଥିବା କୁଷ୍ଠ ରୋଗିଣୀଟା ହୁଏତ ପଚାରେ, "ଆଉ କେତେଦିନ ତୁ ହାଡ଼ ବାଂଧିବୁ ମଉସା ?" ପହଲି ହାତ ଆଂଗୁଠି ଗଣି ଠାରି ଦିଏ "ଆଉ ସାତଦିନ ।"

ସାତଦିନ ପରେ ପହଲି ଗାଁଆଁକୁ ଫେରି ଆଇଲା। ସେ ଗେଲିବୋଉର ଉଷଖଡୁ ବାସନକୁସନ ବିକି ଟଂକା ପାଂଚଟା ଅଂଶରେ ଖୋଷି ପୁରସ୍ତମ ଯାଇଥେଲା। ଘରଯାକର ସବୁ ଦରବ ବିକି ସେ ପୁରସ୍ତମରେ ପାତକ ଛଡ଼ାଇ ଆଇଚି।

Digitized by srujanika@gmail.com

ମାସେ ଏକୋଇଶି ଦିନ ପୂରିଲା ଦିନ ସେ ପଂଚଗବ୍ୟ ହେଇ, ବ୍ରାହ୍ମଣ–ଭୋଜନ କରାଇ, ମୁକ୍ତିମଂଡ଼ପର ଗୋସାଇଁ ମହାପୁରୁଷମାନଂକୁ କିଛି କିଛି ଅଂଟା ଖୋଷା ଦେଇ ସେମାନଂକର ପାଦଧୂଳି ଆଉ ଆଶୀର୍ବାଦ ନେଇ ଘରକୁ ଫେରିଆଇଲା। ଆଇଲାବେଳେ ଗେଲିବୋଉ ପାଇଁ ମହାର୍ଦ କୋଡ଼ୁଆଏ ଆଉ ଶୁଖିଲା ନିର୍ମାଲ୍ୟ, କେତେ ମୂର୍ତ୍ତି ମଧ ଆଣିବାକୁ ଭୁଲି ନଥିଲା। ଘରଫେରାଣି ପହଲିର ପାଦ ତଳେ ନାଗୁ ନଥିଲା। ତା' ମନଟା ଖାଲି ଖୁସିବାସିରେ ଉଛୁଳି ଉଠୁଥିଲା।

ମାଇସଂଜର କଅଁଳ ଅଂଧାର ଗାଆଁ ଉପରେ ତାର ପାତଳ ଖଂଡ଼ୁଆ ଘୋଡାଇ ଦେଇଥାଏ। ଗାଁ ମୁଂଡ଼ ମାହାଳ ଗଛ ଉପରେ ମହୁମାଛିମାନଂକର ସଂଜ ସଭା ବସିଥାଏ। ଗେଲିବୋଉ ତାର ଭୋକିଲା ମୁହଁ ଉପରେ ନୁଗା ପଣତ ଢ଼ାଂକି ଦେଇ ବୃଂଦାବତୀକ ପାଖରେ ସଂଜବତିଟି ରଖି ଦଂଡବତ ହବା ବେଳକୁ ପଛରୁ ପହଲି ଡ଼ାକିଲା—''ଘରଦ୍ୱାର ସବୁ ଭଲ ଅଛି ତ ଗେଲିବୋଉ ?''

ଗେଲିବୋଉ ଯାହା ଜବାବ ଦେଲା ସେଥିରେ ପହଲିର ହାଲୁକ ଶୁଖିଗଲା। ତାର ଘରଫେରଂତା ଖୁସିବାସି ଆଖିପିଛୁଳାକେ କୁଆଡ଼େ ଉଭେଇଗଲା। ''ଘରେ ପନ୍ଦର ଦିନ ହବ ଚାଉର ନାଇଁ, ମାଂଡ଼ିଆତକ ଛେରି ଖାଇଗଲେ, ତିନିଦିନ ତଳେ ଯଉଁ ଶୀତଦିନିଆ ଅକାଳ ଝଡ଼ି ହେଇଥିଲା ସେଥିରେ ହାଂଡିଶାଳ ଘର କାଂଥଟା ଭୁଷୁଡ଼ି ପଡ଼ିଚି। ଆଉ ଭାଗ ବିଲରୁ ଯେଉଁ ଧାନତକ ଅମଳ ହେଇଥିଲା, ତାକୁ ଜମିଦାର ସାଆଂତେ ସେ ପୁରସ୍ତମ ଯାଇଥିବା ବେଳେ ଆଗତ ସାଲର ବାକୀ ଖଜଣା ବାବଦକୁ ଜବତ କରି ନେଇଚଂତି। ଗତ ସାଲର ଖଜଣା ମାସକ ଭିତରେ ନଦେଲେ ପୁଣି ଘରଦ୍ୱାର କୋରଖ କରିବେ ବୋଲି ଧମକ ଦେଇଚଂତି।

ମୁଂଡ଼ରେ ହାତଦେଇ ପହଲି ସବୁ ଶୁଣିଲା। କିଛି କହିଲା ନାଇଁ। ସେ ରାତିଟା ପୁରୀରୁ ଆଣିଥିବା ମହାର୍ଦରେ ଏକରକମ କଟିଗଲା।

ସଖାଲୁ ପହଲି ଦେଖିଲା ଚୁଲିକି ହାଂଡ଼ି ଯିବାକୁ ନାଉଳ ନାଇଁ। ପନିପରିବା ତ ଦୂରର କଥା। ହାଂଡ଼ିଶାଳ ଘରେ କାଂଥ ଭୁଷୁଡ଼ି ପଡ଼ି ମାଟି ଗଦା ହେଇଚି। ଗୋଟାଏ କଣରେ ଗୋଟାଏ ମସ୍ତବଡ଼ ଉଇ ହୁଂକା ମୁଂଡ ଟେକି ଛିଡ଼ା ହେଲାଣି। ହାଂଡିକୁଂଡେଇ ହେଇ ଯାହା ଦିଂଖତ ଥେଲା, ତାହା କାଂଥରୁ ମାଟି ଖସି ଚୂନଚାନ ହେଇଯାଇଚି। ଘର ଭିତର ଖପରା ଖଂଡି ଖତି ହଉଚି। ପହଲି ଦି'ମାସ କାଳ ପଡ଼ିଆ ହେଇ ପୁରସ୍ତମରେ ବସିଥିଲା— ଘରେ ପଟା ପାହୁଲାଟାଏ ବି ନାଇଁ। ବଂଧା ଛଂଦା ବା ବିକାକିଣା କରିବା ପାଇଁ ଯାହା ଭଂଗାଦଦରା ହେଇ ଦିଂଖତ ଜିନିଷପତ୍ର ଥିଲା ସେ ସବୁ ତ ପହଲି ବିକି ଭାଂଗି ପୁରୀରୁ ଗୋହତ୍ୟା ପାତକ ଛଡ଼ାଇ ଆଇଚି! ବାକୀ ଅଛି କ'ଣ ଯେ ସେଥିକି ଆଜି ସେ ହାତ ବଢ଼ାଇବ ? ମାଇପ ହାତରେ ଖାଲି ଶଂଖା ପଟିଏ— ଦିନକୁ ଦିନ ବେଶି ବେଶି ହୁଗୁରା ହୋଇଯାଉଚି।

ସଖାଲୁ ପହଲିକୁ ଦେଖି ଗାଆଁ ବ୍ରାହ୍ମଣେ ଧାଇଁଲେ, ଭୋଜନ ଦବାକୁ ହବ। ଗାଁ ବ୍ରାହ୍ମଣ ଶୁଦ୍ଧ ନକଲେ କୁଆଡ଼େ ପାତକ ଛାଡ଼ିବ ନାଇଁ। ଜମିଦାରଂକ ପିଆଦା

Digitized by srujanika@gmail.com

ଆସି ଦୁଆରେ ବସିଲା । ଗତ ସାଲର ଖଜଣା ପରିଶୋଧ ନକଲେ ସାଆଂତେ ମକଦ୍ଦମା କରିବେ । ଜାତିଭାଇ ଧରି ବସିଲେ, ଜାତିଭାତ ଦେଇ ଶୁଧିଆ ହେବାକୁ ପଡ଼ିବ ।

ପହଲି ମୂଳ ଲାଗିବାକୁ ବାହାରିଲା । ମାତ୍ର ପୁଷ୍ପମାସ, ଧାନକଟା ପରେ ପାଇଟି କାହୁଁ ଜୁଟିବ ? ତା ଛଡ଼ା ପହଲି ଲକ୍ଷ୍ୟ କଲା ଯେ, ଗାଁ ଲୋକେ ତାକୁ ଦେଖି ଆଜିକାଲି କିମିତି ନାକ ଟାଉଁ ଟାଉଁ କରୁଛଂତି । ଜଣେ ସେଦିନ ତାକୁ ବଡ଼ପାଟି କରି ଶୁଣାଇ ଦେଲା—"ଗୋରୁମରାଟାକୁ ଛୁଇଁଲେ ଛୁଆଁ ଲାଗିବ ।" ପହଲି ସେଦିନୁ ଆଡ଼ଛଡ଼ା ହୋଇ ରହିଚି, କାହାରି ସାଥିରେ ବଳେ ପଶି ମିଳାମିଶା କରୁନାହିଁ ।

ଜାତିଆଣ ଭାତ ଦେଇ ନପାରିବାରୁ ପହଲି ଅଜାତିଆ ହେଲା । ସବୁଆଡୁ ବାସଂଦ । ବ୍ରାହ୍ମଣ ଗୋସେଇଁମାନେ ଅଡ଼ି ବସିଲେ । ଧୋବା ଭଂଡ଼ାରି ନିଆଁ ପାଣି ସବୁ ମନା ହୋଇଗଲା । ପହଲି ଏକଘରକିଆ ହୋଇ ରହିଲା ।

ପହଲିର ଶାଳଗଛ ପରି ଦିହଟା ଚାହୁଁ ଚାହୁଁ ଆସି କଂଟା ହୋଇଗଲାଣି । ଗେଲିବୋଉକୁ ଫୁଂକି ଦେଲେ ପଡ଼ିଯିବ । ଖାଲି ହାଡ଼ ଦିଖଂଡ଼ ଦେଖାଯାଉଚି । ସେ ସ୍ତ୍ରୀକୁ ବାପଘରକୁ ପଠାଇଦେଲା ।

ପହଲିର ଦିନେ ଚୂଲି ଜଳିଲେ ଦି'ଦିନ ଖାଡ଼ା ଓପାସ । ଦୋକାନୀ ଧୋବା ସାହୁ କାଢ଼ିଆ ଦବାକୁ ନାହିଁ କହିଦେଲାଣି । ପହଲିକୁ ବୁଦ୍ଧି ଦିଶୁନାହିଁ ।

ଦୁଃଖ ଅଭାବ ହାନି ଛାକରା ସହି ସହି ପହଲିର ମୁଂଡ଼ ଖରାପ ହୋଇଗଲାଣି । ସେ ପୁରଷ୍ତମ କ୍ଷେତ୍ରରେ ଏତେ ଟଂକା ପଇସା ଖର୍ଚ୍ଚ କରି ମନର ଯଉଁ କଳା ଦାଗଟାକୁ ନିଭାଇ ଦେଇ ଆସିଥିଲା, ତାହା ପୁଣି ଗହିଡ଼ିଆ ହୋଇ ତା ମନ ଉପରେ ଗାର କାଟିଲାଣି ।

ଆଗପରି ପୁଣି ସେଇ ଭୟଂକର ସ୍ୱପ୍ନ ତାକୁ ବେଳେ ବେଳେ ପାଗଳ କରିପକାଉଚି । ସେ ବେଳେ ବେଳେ ଚମକି ଉଠୁଚି । ତାର ମନେହେଉଚି, ଗୋଟାଏ କଣ କାଳିଆ ହୋଇ ଯିମିତି ସଁ ସଁ ହୋଇ ତା ଚାରିପଟେ ଚକି ବୁଲୁଚି । ସେ ରାତିରେ ସ୍ୱପ୍ନ ଦେଖୁଚି, ଗୋଟାଏ ମାରଣା ବଳଦ ତାକୁ ଯେପରି ଶିଂଗରେ ଭୁଷିଦେବା ନାଗି ନାଂଜ ଠିଆ କରି ଧାଇଁ ଆଉଚି । ସେ ସପନରେ ବିଳିବିଳେଇ ଉଠୁଛି—"ହେଇ, ଆଇଲା, ଭୁଷିଦେବ, ଭୁଷିଦେବ, ପଳାଅ, ପଳାଅ... ।"

ପହଲିର ସବୁ ଯାଇ ବାକୀ ଯାହା ଥିଲା, ସେଇ ଭଂଗା ଘର ଖଂଡ଼ିକ ମଧ ଶେଷରେ ଖଜଣା ଦେଇ ନପାରିବାରୁ ନିଲାମ ହୋଇଗଲା । ତାର ଏଡ଼େ ବଡ଼ ଦୁନିଆରେ ମୁଂଡ଼ ଗୁଜିଂବାକୁ ବାଡ଼ି ଗୋବାରେ ଗୋବେ ଥାନ ରହିଲା ନାହିଁ । ଘରଖଂଡ଼କ ନିଲାମ ହେଲାବେଳେ ପହଲି ବକ୍‌ବକ୍ ହୋଇ ଅନାଇ ରହିଥିଲା । ତା ପାଟିରେ ଉଁକି ଚୁଁ କଥା ଫୁଟୁ ନଥିଲା । ତାକୁ ଯେତେବେଳେ ଜଣାଇ ଦିଆଗଲା ଯେ ଏଣିକି ଆଉ ସେ ଘରେ ରହିପାରିବ ନାହିଁ ସେତେବେଳେ ସେ ଚୁପ୍‌କରି ଉଠି ଛିଡ଼ା ହେଲା । ତାପରେ ଗୋଟାଏ ସାବଳ ନେଇ ହାଂଡ଼ିଶାଳ ଘରୁ ତାର ଇଶାଣ ବେଦୀ ଆଉ ବାଡ଼ିପଟ କାଂଥରୁ ତାର ମଳାଝିଅ ଗେଲିର ଷଠି ଗାତଟାକୁ

Digitized by srujanika@gmail.com

ତାଡ଼ି ନେଇ ଆସି ଧୀରେ ଧୀରେ ସେ ଘର ଛାଡ଼ି ପଦାକୁ ବାହାରିଲା। ସେଇ ଯେ ଗଲା, ଆଉ ଥରେ ହେଲେ ସେ ଫେରି ଅଇଲା ନାହିଁ।

ବାପ ଅଜା ଅମଳର ଘର ଖଂଡିକ ଯିବା ପରେ ପହଲିର ମନର ଅବସ୍ଥା ଆଉରି ଖରାପ ହେଇଗଲା। ସେ ଏ ଓଳି ସେ ଓଳି ହେଇ କୌଣସି ପ୍ରକାରେ ରାତି କଟାଇ ଦେବାକୁ ଲାଗିଲା।

ଘର ମଝିରେ ଥିବା ଝଂକା ସଜନା ଗଛଟି ପହଲିର ଭାରି ପ୍ରିୟ। କୁଢ଼ କୁଢ଼ କରି ଅଇଁଠା ପାଉଁଶ ତା ମୂଳରେ ଉଜାଡ଼ିଚି ସେ। ସଜନା ଗଛରେ ଛୁଇଁ କେରା କେରା ଫଳି ତଳେ ଝଡ଼ିଚି ପଛକେ ସେଥିରୁ ଗୋଟେ ତୋଳି ଆଣି ପଖାଳ ଖାଇବା ପାଇଁ ତା ହାତ ଯାଇ ନାହିଁ ସହଜରେ। ତାରି ଛାଇରେ ବସି କେତେ ଜହ୍ନରାତି ସେ କଟାଇ ଦେଇଚି। ଦାଂଡ଼ରେ ଠିଆହେଇ ଦିନେ ଦିନେ ପହଲି ସେଇ ଗଛଟା ଆଡ଼କୁ ଚାହେଁ—ତା ମୂଳରେ ଟିକିଏ ଯାଇ ବସିବା ପାଇଁ ତାର ଭାରି ଇଚ୍ଛା ହୁଏ। କିଂତୁ ସେ ଫେରିଆସେ। ସାଆଂତ ଘରର ଚଗୁଆଳଟା ତାକୁ ଦେଖି ଥଟା କରି କହେ ''କିବେ, ଗୋରୁମରା ପହଲି!''

ପହଲିର ମନେପଡ଼େ ତା ଘରର ପଛପଟ ପିଂଡାତଳେ ବୁଦା ବୁଦା ହେଇ କାନସିରି ଶାଗ ମାଡ଼ିଥିବ। କୂଅ ମୂଳେ ସେଇ ସଦାବିହାରୀ ଆଉ ଗୋଡ଼ିବାଣ ଗଛଗୁଡ଼ାକ ବୋଧହୁଏ ଫୁଲରେ ନେଥି ହୋଇଯାଉଥିବେ, ତାର ମନ ତାକେ କିମିତି ଟିକିଏ ଯାଇ ସେ ଏସବୁ ଗୁଡ଼ାକ ଥରେ ଆଖି ପୂରାଇ ଦେଖି ଆସଂତା କି!

ତା ଭଂଗା ଛାତି ଭିତରେ କୋହ ଉଠେ। ତା ମନଟା ଚୂନା ଚୂନା ହୋଇ ଭାଜି ପଡ଼େ। ସେ ଚେଇଁ ଚେଇଁ କେତେ କଣ ବିକଟାଳ ସ୍ୱପ୍ନ ଦେଖେ। ବାଉଳି ଚାଉଳି ହୁଏ। ତାର ମନେହୁଏ, ସେ ଯିମିତି ଇଆ ଭିତରେ କଉଦିନ ମରିଗଲାଣି। ଘର ନିଲାମ ହବାର ମାସ ଗୋଟାକ ପରେ ସାହିବାଲା ଦିନେ କଥାବାର୍ତ୍ତା ହେଲେ—ପହଲି ପଧାନ ପାଗଳ ହେଇଗଲାଣି। ଗୁହମୃତ ସାଲୁବାଲୁ ହେଇ ଏଣେତେଣେ ବୁଲୁଚି, ଆଉ ମଣିଷ ଦେଖିଲେ କହୁଚି—ହେଇ, ଆଇଲା, ଆଇଲା, ଭୁଷିଦେବ, ଭୁଷିଦେବ ହୁସିଆର।

ପାହାଡ଼କୁ ଜାଳେଣିକାଠ ଗୋଟାଇବା ନାଗି କେତେଜଣ ବାଉରାଣୀ ଚୌକୀ ଯାଇଥିଲେ। ସେମାନେ ସଂଜବୁଡ଼େ ଧୋବି ସାହୁ ଦୋକାନ ମୁଂଡ଼ରେ କଥାଭାଷା ହଉଥେଲେ—ପହଲି ପାହାଡ଼ ଉପର ବଇଚି—ଖାଲି ବଳଦଂକ ପରି ବୋବାଳି ଛାଡ଼ିଚି—ଆଉ କଉଚି—''ହେଇ ଆଇଲା, ଆଇଲା, କେଡ଼େ କେଡ଼େ ଶିଂଗ ହେଇଚି, ଖାଲି ସଁ ସଁ ହଉଚି। ମୁଁ ମରିଗଲି, ମୁଁ ମରିଗଲି ସାଆଂତେ!''

ସବୁ ଶୁଣି ଗଂଭୀର ହେଇ ନିଧି ମିଶ୍ରେ କହିଲେ—ତା ପାପ ତାକୁ ଦେଖେଇବ ନାଇଁତ ଯିବ କୁଆଡ଼େ ? ଶୁଦ୍ଧ ନ ହେଲେ କି ଗୋହତ୍ୟା ପାପ ଛାଡ଼େ ? ଯେତେ କହିଲୁ, ଆମ କଥା ଗଂଧେଇଲା। ଟଂକା ଦଶଟା ଖର୍ଚ୍ଚ କରି ବ୍ରାହ୍ମଣ ଭୋଜନଟା କରାଇ ଶୁଧିଅ ହେଇ ଯାଇଥିଲେ ଆଜି ସେ ସୁରୁଖୁରୁରେ ଝାଡ଼ିଝୁଡ଼ି ହେଇ ବଇଥାଂତା। ଧର୍ମ କଣ କୁଆଡ଼େ ଯାଇଚି ?

Digitized by srujanika@gmail.com

ପରୀକ୍ଷିତ ବ୍ରହ୍ମା କହିଲେ—ଆଜିକାଲି ଶାସ୍ତ୍ର ପୁରାଣ କଥା କିଏ କଣ ମାନୁଚଂତି, ମିଶ୍ରେ ? ଦେଖୁନ, ମଲାବେଳେ କିମିତି ଗୋରୁପରି ବୋବାଉଚି ? ତାକୁ ଆସି କାଳ ପୂରିଲାଣି। ତା ପାପ ତା ଆଗେ ଆଗେ ଯାଉଚି ନା ନୁଚୁଚି ?

ନିଛାଟିଆ ପାହାଡ଼ଉପରେ ପହଲିର କଂକାଳ। ଗୋଟାଏ ଭୟାନକ କଲ୍ପନାର ପ୍ରେତମ୍ନା ତା ମନ ଉପରେ ନଂବ ନଂବ ଛାଇ ପକେଇ ମାଡ଼ି ବଇଚି। ସେଥିରୁ ତାର ଉଦ୍ଧାର କାଇଁ ? ତା ସାଂଗରେ ଏକଜୁଟ ହେଇଚଂତି ବହୁଦିନର ଭୋକ, ଉପାସ, ଅଭାବ, ଯଂନ୍ତ୍ରଣା ଆଉ ଅପମାନ। ସମସ୍ତେ ମିଳି ତା ମନଟାକୁ ଚୂନା ଚୂନା କରି ପେଶିଦବାକୁ ବଇଚଂତି।

ପହଲି ଦେଖୁଚି ତା ଆଗରେ ଘରଦ୍ୱାର, ସ୍ତ୍ରୀ–ପରିବାର ଜ୍ଞାତିକୁଟୁଂବ କେହି ନାହାଂତି। ଅଛି ଖାଲି ଗୋଟାଏ ଫାଂକା ନିଶୂନ...। ଆଉ ଅଛି ଗୋଟାଏ ମସ୍ତବଡ଼ ପୋଥି—ପୃଷ୍ଠାରେ ତାର ନେଖା ହେଇଚି ବଡ଼ ବଡ଼ ଯମଦୂତଂକ ଛବି, କଳା କଳା ଆଖି, ଗୋଜା ଗୋଜା ଶିଂଗ। ସେ ପୋଥିର ଅକ୍ଷରଗୁଡ଼ାକ ଗୋଟେ ଗୋଟେ ଯିମିତି ଘୋରଣା ଚକି...।

ପହଲିର ମନେହୁଏ ସେ–ଗୋରୁ ମାରି ନାଇଁ ଯେ ତା ନିଜ ବେକରେ ଛୁରି ବସେଇଚି।

ପହଲିର ଅଚଳ ତାବଦା ମନଟା ଆଉ ହଲଚଲ ହୋଇ ପାରୁ ନାଇଁ। ସବୁ ତାକୁ ମାଡ଼ି ମାଡ଼ି ପଡୁଚି, ଚାରିଆଡ଼ ଖାଲି ତାକୁ ଖାଁ ଖାଁ ଜଣାଯାଉଚି।

ବେତନଟୀର ଘଂଚ ଅରମା ଭିତରୁ ଡମରାକାଉ ଡାକିଯାଏ "କା–କା–କା'। ବଣ, ନଟା, ମୁଂଡ଼ିଆ ସମସ୍ତେ ଯିମିତି ଜୀଅଂତା ମଣିଷ ପରି ତୁହାଇ ତୁହାଇ ତା କାନ ଭିତରେ ଡ଼ାକିଯାଆଂତି ଆ—ଆ—ଆ।

ପହଲି ଦେଖିଲା ତଳ ଗାଁ ରାମା ଗଉଡ଼ର ମଡ଼ାଟା। ତା ମଲା ମୁହଁରେ ଟହଟହ ଉଛୁଳା ହସ। ଆଉ ଦୂରରେ ଗୋଟାଏ କଣ ସଅଁ ସଅଁ ହେଇ ଚରୁଚି!!! ପହଲି ଭୟରେ ଚିରିଚିରେଇ ଉଠି ବେହୋସ ହେଇ ତଳେ ଗୋଟାଏ ମୁନିଆ ପଥର ଉପରେ କଚାଡ଼ି ହେଇ ପଡ଼ିଲା।

ତହିଁ ଆରଦିନ ପତରଗୋଟେଇ ଟୋକୀଏ ଯାଇ ଗାଆଁରେ ରାଷ୍ଟ୍ରକଲେ—ପହଲି ସୁକୁ ସୁକୁ ହେଇ ଡୁକଉଚି, ଏଇନା କି ଆଉ ଟିକେ...।

ଛେଳି ଜଗୁଆଳି ନୋକା ଯାଇ ସାହି ମଝିରେ ହାତ ଗୋଡ଼ ହଲାଇ କହିଲା—ଦି'ଟା ଯମଦୂତ ପହଲିକୁ ଜଗି ବଇଚଂତି। ମୁହଁଗୁଡ଼ାକ ତାଂକର ବଳଦ ପରି। ସେ ଧୋ ଧୋ କରି ଦବାରୁ ସେମାନେ ପଳାଇଗଲେ।

ଗାଆଁର ଦି'ଚାରି ଜଣ ଭେଡିଂଆ ଯାଇ ଦେଖି ଆଇଲେ ଗୋଟେ ପଥର ସଂଧିରେ ମୁଂଡ ଗେଂଜି ପହଲି ପଡ଼ିଚି। ତା ଖପୁରିରୁ ଫାଳେ ଉଡ଼ିଯାଇ ଦହି ବାହାରି ପଡ଼ିଚି।

ଖବର ପାଇ ସେ ରାତିରେ ଗେଲିବୋଉ ଆଇଲା। ସେ ଗିରସ୍ତକୁ ଶୁଧ୍ୟ କରି ଗୋରୁମରା ପାତକରୁ ଉଦ୍ଧାର କରିବା ନାଗି ବାପଘରୁ କିଛି ଟଂକା ଧରି

Digitized by srujanika@gmail.com

ଆଇଥେଲା । ସେଇ ରାତିରେ ତାକୁ ଟିକିଏ ପହଲି ପାଖକୁ ନେଇଯିବା ପାଇଁ ସେ କେତେ ଲୋକଙ୍କ ପାଖରେ ନେହି ନେହୁରା ହେଲା । ମାତ୍ର ଏଡ଼େ ବଡ଼ ଗାଁଆଟାରେ ଜଣେହେଲେ କେହି ରାତି ଅଧରେ ମୁଂଡିଆ ଉପରକୁ ଯିବାକୁ ମଂଗିଲେ ନାଇଁ ।

ବଡ଼ିସକାଳୁ ଗେଲିବୋଉ ମୁଂଡ଼ିଆ ଉପରକୁ ଯାଇ ବାଉରାଣୀ ଟୋକୀଙ୍କଠାରୁ ସଂଧାନ ନେଇ ଦେଖିଲା, ପହଲି ମରିଗଲାଣି । ତା ପାଟିରୁ ଫେଣ ବାହାରି ପଡ଼ିଚି, ଆଖି ଖୋସି ହେଇଯାଚି, କାନପାଖ ଖପୁରିରୁ ଫାଳେ କେନା କେନା ହୋଇ କୁଆଡ଼େ ଉଡ଼ିଯାଇଚି ।

ତା ଆଖିରୁ ଲୁହ ମରିଯାଇଥିଲା । ସେ କେବଳ କଲବଲ ହୋଇ ସେ ଆଡ଼ିକି ଅନାଇ ରହିଲା ।

ଅଣଶୁଧିଆ ପହଲିର ମୁର୍ଦାର କିମିତି ଉଠିବ ଏକଥା ନେଇ ଗାଆଁରେ ଭାରି ଯୁକ୍ତିତର୍କ ଚାଲିଥିଲା । ଗେଲିବୋଉ ଗିରସ୍ତକୁ ଶୁଦ୍ଧି କରିବା ପାଇଁ ବାପଘରୁ ଆଣିଥିବା ଦଶଟି ଟଂକା ପଣତ କାନିରୁ ଫିଟାଇ ଗାଆଁର ମୁରବିମାନଂକ ହାତକୁ ବଢ଼ାଇଦେଇ ନଂବ ହୋଇ ସମସ୍ତଂକ ଗୋଡ଼ତଳେ ପଡ଼ିଗଲା ।

ବ୍ରାହ୍ମଣ ଗୋସାଇଁ ଆଉ ଜାତିଭାଇମାନେ ଖୁସି ହେଇ ପହଲିର ମୁରଦାରକୁ ଆଶୀର୍ବାଦ କଲେ ।

Digitized by srujanika@gmail.com

ରଜାପୁଅ

ମେଘନାଦ ପାଚିରିଘେରା ଉଆସ ଭିତରେ ରାଜଜେମା ବଂଦିନୀ। ସିଂହଦୁଆରେ ପଂଝା ପଂଝା ଯୁଆନ ସିପାହି ପହରା ଦେଉଚଂତି।

କୋଷ୍ଠି ଗଣନା କରି ରାଜାଂକୁ ଜ୍ୟୋତିଷ କହିଚଂତି, ଏ କନ୍ୟା ତାଂକର ଅଶେଷ ମନସ୍ତାପର କାରଣ ହେବେ। ରାଜା ସେଥିପାଇଁ ଜେମାଂକୁ ପିଲାଦିନୁ ଗଡ଼ ବାହାରେ ଘୋର ବନସ୍ତ ଭିତରେ ଏକ ବିରାଟ ନଅର ତୋଳାଇ ତା'ରି ଭିତରେ ବଂଦିନୀ କରି ରଖିଚଂତି!

ବାହାର କୌଣସି ଜନପ୍ରାଣୀ ଯେପରି ଜେମାଂକର ଛାଇ ଦେଖି ନ ପାରେ, ସେଥିପାଇଁ ନଅର ଚାରିପଟେ କଡ଼ା ପହରାର ଲୁହା ବାଡ଼ ଘେରାଇ ରଖାଯାଇଚି। ଦଳ ଦଳ ଯୁଆନ ସିପାହିଂକ ଉପରେ ଜଗୁଆଳ ହୋଇ ରଖାହୋଇଚି ବୁଢ଼ା ସର୍ଦାର, ପାହାଡ଼ ସିଂହକୁ—ଛାତିରେ ଯା'ର ହାତୀର ବଳ—ଆଖି ଦି'ଟା ଯାହାର ବାଘର ନଖ ପରି ମୁନିଆଁ ଆଉ ଶାଣ।

ରାଜଜେମାଂକର ମନ ଖରାପ। ସେ ଅତି ଦୁଃଖରେ ବସି ବୀଣା ବଜାଉଚଂତି।

ଅବଂତୀ ଦେଶର ରାଜକୁମାର ଶିକାରକୁ ଯାଇଥିଲେ। କ୍ଳାଂତ ରାଜପୁତ୍ର ଜଂଗଲ ଭିତରେ ଏକ ପୋଖରୀ କୂଳରେ ବିଶ୍ରାମ କରୁଚଂତି। ଘୋଡ଼ାଟି ନିକଟରେ ବଂଧା ହୋଇଚି, ହାତର ଧନୁ ହୁଗୁଳା ହୋଇ ପଡ଼ିଚି ତଳେ

ରାଜକୁମାରୀଙ୍କ କାଂଦଣା ପବନରେ ଭାସି ଆସି ପୋଖରୀ ଜଳ ଭଉଁରି ସଂଗେ ପହଁରି ପହଁରି ଲୋଟିଯାଉଚି ଭୂଇଁରେ। ରାଜକୁମାର ଚମକି ପଡ଼ିଲେ।

ଜନହୀନ ଜଂଗଲ ମଝିରେ ନାରୀର କାଂଦଣା। ରାଜକୁମାର ସେଇ ସ୍ୱର ପଛେ ପଛେ ଯାଇ ପହଂଚିଲେ ଏକ ଫୁଲଗଛଘେରା, ମେଘନାଦ ପାଚିରି ଢ଼ଂକା ଅଟ୍ଟାଳୀ ନିକଟରେ।

ବାତାୟନ ତଳେ ଠିଆ ହୋଇ ରାଜପୁତ୍ର ଦେଖିଲେ, ରାଜକୁମାରୀ କୋଠା ଉପରୁ ତାଂକରି ଆଡ଼କୁ ଚାହିଁଚଂତି। ଆଖିରେ ତାଂକର ଅବୁଝା ସଂକେତ—ଓଠ ତଳେ ତଳେ କରୁଣ ହାସର ଇସାରା।

ଏହି ସମୟରେ ନିଜ ଆଖିରେ କଜଳମିଶା ଲୁହରେ ଖଂଡେ ଭୂଜପତ୍ର ଉପରେ କଣ ଲେଖି ରାଜକୁମାରୀ ଅଟ୍ଟାଳୀ ଉପରୁ ଫିଂଗିଦେଲେ। ସେଥିରେ ତାଂକର ସମସ୍ତ ବୃତ୍ତାଂତ ଲେଖାଥିଲା।

Digitized by srujanika@gmail.com

ରାଜକୁମାର ଧନୁରେ ହୂଳ ହେଇ ସିଂହଦ୍ୱାର ଆଡ଼କୁ ଘୋଡ଼ା ବାଗେଇଲେ। ସର୍ଦ୍ଦାର ପାହାଡ଼ ସିଂହ ବସି ଅରଟରେ ସୂତା କାଟୁଚି—ସିପାହିମାନେ ଦି'ପହର ଖରାରେ ହାଲିଆ ହୋଇ ଯିଏ ଯେଉଁଠି ଶୋଇ ପଡ଼ିଚଂତି। ଏଇ ଜନହୀନ ନିର୍ଜନ ରାଜପୁରୀରେ ଶତ୍ରୁର ଆଂଶକା ସେମାନଂକର ମନକୁ କେବେହେଲେ ଛୁଇଁ ନାଇଁ।

ରାଜପୁତ୍ରଂକ ଘୋଡ଼ାଟାପୁର ଶବ୍ଦ ଶୁଣି ଅପ୍ରସ୍ତୁତ ଛଗୁଆଳ ବାହିନୀ ଚମକିପଡ଼ି ଛିଡ଼ାହେଲେ। ସର୍ଦ୍ଦାର ଶିଂଘା ବଜାଇଲା। ସିପାହିମାନେ ହାତରେ ବର୍ଛା ଧରିଲେ।

ରାଜକୁମାର ଧନୁରେ ଦୁଇଟି ତୀର ଯୋଚନା କଲେ। ତା'ପରେ ସର୍ଦ୍ଦାରର ଦୁଇ ଆଖିକି ଲକ୍ଷ୍ୟକରି ସେ ବିଂଧିଦେଲେ ଦୁଇଟି ଶର। ସର୍ଦ୍ଦାର ହୁଂକାର ଛାଡ଼ି ତଳେ ପଡ଼ିଗଲା। ପାଇକର ସଂଗୀନ ପରି ହିଂସ୍ର ଦୁଇଟି ଆଖିରୁ ବୋହିଆସିଲା ଦୁଇଧାର ଗରମ ରକ୍ତ.....

ସିପାହିମାନେ ହାତରେ ବର୍ଛା ଧରି ଧାଇଁ ଆସିଲେ ରାଜକୁମାରଂକ ଆଡ଼କୁ। କିଂତୁ ରାଜକୁମାର ଘୋଡ଼ା ଝପଟାଇ ବିଜୁଳି ପରି କ୍ଷଣକେ ଅଂତର୍ଧାନ ହୋଇ ଯାଇ ପୁଣି ପଛକୁ ଫେରିପଡ଼ି ଗୋଟିକ ପରେ ଗୋଟିଏ ସିପାହିକୁ ତୀର ମାଡ଼ରେ ଗଛ କାଟିଲା ପରି ତଳକୁ ଖସାଇ ଦେଲେ। ବାକି ଯେଉଁମାନେ ରହିଲେ, ସେମାନଂକ ଭିତରୁ କେତେଜଣ ରାଜକୁମାରଂକ ଚାରିପଟେ ଘେରି ଯାଇ ତାଂକୁ ମାରିବା ପାଇଁ ବର୍ଛା ଉଠାଇଲେ।

ଦର୍ଶକମାନେ ଭୟରେ କଳାକାଠ ପଡ଼ିଗଲେ। ରାଜକୁମାର ଜୀବନ—ମରଣର ସଂଧିକ୍ଷଣରେ। ବେହେଲାବାଲା 'ତାର' ଉପରେ ଏକ କରୁଣ ମୂର୍ଚ୍ଛନା ଖେଳାଇଲା। ଗୋଟାଏ ବର୍ଛା ଫଳକ ଆସି ରାଜକୁମାରଂକ ଦକ୍ଷିଣ ବାହୁ ବିଦ୍ଧ କଲା। ଯେଉଁମାନେ ସୁଆଂଗ ଦେଖୁଥିଲେ, ସେମାନଂକ ଆଖିପତା ଲୁହରେ ଢ଼ଳଢ଼ଳ ହୋଇଆସିଲା। ମାଣିକ କାନିପଣତରେ ଲୁହ ପୋଛିଲା।

ରାଜକୁମାର ତୂଣୀରୁ ଆଉ ଗୋଟିଏ ଶର କାଢ଼ିଲେ। ଲଂଟଣ ଆଉ ମଶାଲ ଆଲୁଅରେ ଶରଟା ଚିକ୍ ଚିକ୍ କରିଉଠିଲା। ସିପାହିମାନଂକର ଉଦ୍ୟତ ଆକ୍ରମଣ ନିକଟତର ହୋଇଆସୁଚି।

ଠିକ୍ ଏଇ ସମୟରେ ସେ ତୀର୍ଯକ ଗତିରେ ସେମାନଂକ ଘେରରୁ ଖସି ଯାଇ ସର୍ବାପେକ୍ଷା ନିକଟତମ ସୈନିକର କପାଳ ଲକ୍ଷ୍ୟ କରି ଶର ବିଂଧିଲେ। ସେ ସୈନିକଟା ତଳେ ପଡ଼ିଯିବା ସଂଗେ ସଂଗେ ରାଜପୁତ୍ର ଅଂଟାରୁ ତରବାରି ବାହାର କରି ବିଦ୍ୟୁତ ବେଗରେ ଅବଶିଷ୍ଟ ଆକ୍ରମଣ କାରୀଙ୍କୁ ଛିନ୍ନଭିନ୍ନ କରିପକାଇଲେ। ସେମାନେ ପ୍ରାଣ ଘେନି ଯେ ଯୁଆଡେ ଛତ୍ରଭଂଗ ଦେଇ ପଳାଇଗଲେ।

ସମସ୍ତଂକ ଆଖିରେ ପୁଣି ଆଶା ଫେରି ଆସିଲା। ମାଣିକ ଲୁହ ପୋଛୁ ପୋଛୁ ଦେଖିଲା, ଶର ମାଡ଼ରେ କାତ୍ ହୋଇ ପଂଝା ପଂଝା ସିପାହିର ମୃତ ଦେହ ତଳେ ଲୋଟୁଚି—କାହାର ଜିଭ ବାହାରି ପଡ଼ିଚି ତ, କାହାର ଆଖି ତାଳୁକୁ ଖୋଷି ହୋଇଯାଇଚି, ଆଉ ରାଜକୁମାରୀ ବରଣମାଳା ଧରି ଅଟ୍ଟାଳୀ ପରି ତୋଳା ହୋଇଥିବା କାଠମଂଚା ଉପରୁ ଧୀରେ ଓହ୍ଲାଇ ଆସୁଚଂତି। ସମସ୍ତଂକ ସହାନୁଭୂତି ରାଜକୁମାରଂକ ଆଡ଼କୁ ଗଲା। ସମସ୍ତେ ତାଂକୁ ଧନ୍ୟ ଧନ୍ୟ କଲେ।

Digitized by srujanika@gmail.com

ବାଉରି ସାହିର ନକୁଳା ରାଜପୁତ୍ର ସୁଆଂଗ ଭିଡ଼ିଥିଲା। ତାର ପାଉଡ଼ରବୋଳା ଗୋରାତକତକ ମୁହଁ, ମୁଂଡ଼ରେ ସୁନା ମକୁଟ, ଦିହରେ ଜରିର ପୋଷାକ, ଠିକ୍ ଅବଂତୀ ଦେଶର ରାଜକୁମାର ପରି ମନାଇଥିଲା।

ଭାରତଲୀଳା ସଇଲା.....। ସୁଆଗିଂଆ ଭେଶ ଫିଟାଇ, ବିଦାକିପତ୍ର ନେଇ ଯାତ୍ରା ଭାଂଗି ଯେଝା ଘରକୁ ଫେରିଗଲେ।

ତହିଁ ଆରଦିନ ଦି'ପହର ବେଳା ଧୂ ଧୂ ତାତି, ଗଛପତ୍ର ଖରାରେ ଆଉଛି ଯାଉଛଂତି। ରାଜପୁତ୍ର ହଳ ଧରି ବିଲରୁ ଫେରୁଥିଲା, ତାର ଗୋରା ତକତକ ମୁହଁରେ ପାଉଡ଼ର ନାହିଁ। ଦିନସାରା ନ ଖାଇ ଖରାରେ ସିଝି ଦିହଟା ତା'ର ତଂବାଳିଆ ଦେଖାଯାଉଛି। ତାର ଚୋଟଲା ଗାଲରୁ ଝାଳ ଟପ ଟପ ହୋଇ ନିଗିଡ଼ି ପଡ଼ିଛି, ଅଂଟାରେ ଗୁଡ଼ାଇଛି ସେ ଖଂଡ଼େ ଅଣଓସାରିଆ କରିଆ।

ମାଣିକ ତା ଦାଦି ପାଇଁ ବିଲକୁ କଂସା ଖଂଡ଼କରେ ବୁହାଭାତ ନେଇ ଯାଉଥିଲା।

ଗାଆଁ ଶେଷ ତୋଟାରେ ଦୁହିଁଙ୍କର ଦେଖା ହେଲା। ନକୁଳା ପାଂଚଣ ଖଂଡକ ଭୂଇଁରେ ଲଗାଇ ତା ଉପରେ ଭରା ଦେଇ ଟିକିଏ ଛିଡା ହେଲା। ମାଣିକ କହିଲା—''ରଜାପୁଅ !'' ତା' ପରେ ହସି ଦେଇ ସେ ନିଜ କାମରେ ଚାଲିଗଲା। ରାଜପୁତ୍ର ଫେରିଆସିଲା ତା ଖାଉଂଦ ଘରକୁ।

ରାଜପୁତ୍ରର ·ଦିନ କୌଣସି ମତେ କଟିଯାଏ। ସକାଳୁ ତୋରାଣି କଂସାଏ ଲୁଣ ଟିକିଏ ଦେଇ ଠେଁସି ଦେଇ ସେ ପାଂଚଣ ଖଂଡେ ଧରି ବାହାରେ ବିଲକୁ। ଦିନସାରା ବିଲ ମାଟିରେ ଦିହ ମିଶାଇ ସେ କାମ କରେ। କଂକାଳ ତଳୁ ପିଳେହି ମାଇଲେ କିଂବା ଭୋକରେ ଆଲିଜା ହୋଇଗଲେ ସେ ହୁଡ଼ା ଉପରେ କେତେବେଳେ କିମିତି ଟିକିଏ ବସିପଡିଲେ, କିଂତୁ ଖାଂଉଦ ତାର ଛତା ଖଂଡ଼େ ଧରି ବିଲ ପାଖ ଆଂବଗଛ ମୂଳେ ପହରା ଦେଇଥାଂତି। ଡାକରା ଆସେ ''କିରେ ବସିଗଲୁ କି ?'' ବିଲରୁ ଲେଉଟି ନୁଖୁରା ଦେହରେ ପାଣି ମଂଦାଏ ଢାଳି ନାକରେ କାନରେ ଅଇଁଠା ଭାତ ଗଂଡ଼ାଏ ଚୁଂଟି ଦେଇ ରାଜପୁତ୍ର ମାଇପୀ ମହଲର ବୋଲହାକ କରେ। ସାଂତାଣୀଙ୍କ ପାନଗୁଆ ଆଣିବାଠାରୁ ଝେମାଂଙ୍କ ଭାଲୁକୁଣୀ ତିଆରି ହେବା ପାଇଁ ଜୋଡ଼ରୁ ଚିକିଟା ମାଟି ବୋହିବା ପର୍ଯ୍ୟଂତ ସବୁ ପାଇଟି ତାକୁ ତୁଳେଇବାକୁ ପଡ଼େ।

ତା' ପରେ ଟିକିଏ ବେଳ ନେଉଟିଲେ ସେ ପୁଣି ଯାଏ ବିଲକୁ। ସଂଜବେଳେ ହାଲିଆ ହୋଇ ଫେରି ସେ ବଳଦଂକ ପାଇଁ ଦହଡ଼ ପାଣି ବସାଏ, ଗୋରୁ ଖୁଆଏ, ଘରର ଯାବତ ପାଇଟିପତ୍ର କରେ।

ସକାଳୁ ସଂଜଯାଏ ଏହି ନିରାନଂଦ ଜୀବନଯାତ୍ରା ଭିତରେ ତାର ସୁଖର ମୁହୂର୍ତ କେବେ ଆସିଛି କି ନାହିଁ କେହି ଜାଣେ ନାହିଁ। ନକୁଳାର ବାପା ସାହୁ ଘରୁ କରଜ ନେଇଥିବା ଟଂକା ଶୁଝି ନପାରି ପୁଅକୁ ପାଂଚବର୍ଷ ପାଇଁ ବିନା ଦରମାରେ ବିକି ଦେଇଛି। ଏହି ଦୀର୍ଘ ପାଂଚବର୍ଷ କାଳ ମିହାତ କରି ରାଜପୁତ୍ରକୁ ପିତୃଋଣ ଶୁଝିବାକୁ ହବ।

Digitized by srujanika@gmail.com

ରାଜପୁତ୍ରର ଏହି ଦିହଘଷା ଜୀବନ ଭିତରେ ବେଳେ ବେଳେ ସୁଖର ସ୍ୱପ୍ନ ଜାଗିଉଠେ। ପ୍ରତିଦିନ ସେଇ ଦୁର୍ଲଭ ମୁହୂର୍ତ୍ତଟି ପାଇଁ ରାଜପୁତ୍ର ଅପେକ୍ଷା କରିଥାଏ।

ରୋଜ ମୁହଁସଂଜ ବେଳେ ମାଣିକ ଜାଳେଣି କାଠ ଗୋଟେଇ ଘରକୁ ଫେରେ। କାଠ ଗୋଛାକ ଘରେ ଫୋପାଡ଼ି ଦେଇ ସେ ମାଠିଆଟା ଧରି ପାଣି ଆଣିବାକୁ ଯାଏ। ରାଜପୁତ୍ର ବିଲରୁ ହଳ ନେଇ ଠିକ୍ ସେତିକି ବେଳକୁ ଫେରି ଆସେ। ପୋଖରୀ କୂଳରେ ବଳଦଂକୁ ହ କରି ଦେଇ ଗୋଡ଼ହାତ ଧୁଏ। ତୁଠ ପଥର ଉପରେ ଛିଡ଼ା ହୋଇ ମାଣିକ ମୁରୁକି ହସି କହେ—"ରାଜପୁତୁର।"

ସେଇ କଥା ପଦକ ଶୁଣିବାପାଇଁ ସଂଜ ହେଲେ ନକୁଳାର ମନ କାମରେ ଲାଗେ ନାଇଁ। ଦିହଁ ବୁଡ଼ିବା ସଂଗେ ସଂଗେ ଲଂଗଳ କଂଟି ଉପରୁ ତାର ହାତମୁଠା ହୁଗୁଳିପଡ଼େ। ମୁହଁସଂଜ ହବା ମାତ୍ରକେ ସେ ହଳ ଫିଟାଇ ବିଲରୁ ଫେରେ।

ଦିନେ ଦିନେ ସାହୁକାର ଏଡ଼େ ସହଳ ହଳ ଲେଉଟାଇବା ମନାକରି ନକୁଳାର ଚଉଦପୁରୁଷ ଉଘେଇ ଗାଳି ଦେଲେ ନକୁଳା ନାନା ଆଳ ଦେଖାଇ ସାଆଂଟଂକୁ ବୋଧବାଧ କରେ। କେବେ କହେ, "ଡାହାଣ ବଳଦକୁ ବେଂଗୀ ଧରିଛି। କେବେ ବା କହେ—"ସାଆଂତାଣୀଙ୍କର ପାନଗୁଆ ନାଇଁ—ସହଳ ଯାଇ ଦୋକାନରୁ କିଣି ଆଣିବାକୁ କହିଚଂତି।"

ସେଦିନ ସଂଜବୁଡ଼େ ଦୁଷ୍ଟାମି କରି ମାଣିକ ପଚାରିଲା—"ରାଜପୁତ୍ର! ତୋର ରଜାଝିଅ କାଇଁ ?"

ନକୁଳା ବୋକାଂକ ଭଳି ଜବାବ ଦେଲା, "ମୁଁ ଜାଣେ ନାଇଁ।"

ତୁଠ ପାଣିରେ ଜହ୍ନ ଆଲୁଅ ଟେକି ଟେକି ହୋଇ ଭାସୁଥିଲା। ମାଣିକ ପଚାରିଲା—"ତୁ କେଉଁଠୁ ଗୋଟାଏ ଆଣୁନାହୁଁ। ତୋ ଦିହ ମୁଂଡ଼ର ହିପାଜତ ନବା ପାଇଁ କିଏ ଅଛି ? ସବୁଦିନେ କଣ ବାଡୁଅ ଥିବୁ ?"

ମାଣିକର ମନ ବିଡ଼ିବା ପାଇଁ ନକଲ କରି ନକୁଳା କହିଲା—"ତୁ ମୋ' ରଜାଝିଅ ହେବୁ ?"

ମାଣିକ ଟିକିଏ ହସିଦେଇ ପାଣିମାଠିଆଟା ଧରି ଦୁଲ୍ ଦୁଲ୍ ହୋଇ ଚାଲିଗଲା। ନକୁଳା ବି ତା ପଛରେ ଅକାରଣରେ ହୋ ହୋ ହୋଇ ହସିଉଠିଲା।

• • • •

ନକୁଳାକୁ ଜର। ତାତିରେ ଖଇ ଫୁଟୁଛି, ସାହୁକାଂରଂକର ରାଗର ସୀମା ନାଇଁ।

କେତେଦିନ ହେଲା ତାଂକ କାମଦାମ ପଡ଼ିଆ ହୋଇ ପଡ଼ିଚି। ବିଲରେ ଗାର ଦିଆ ହୋଇ ନାଇଁ।

ନକୁଳାର ଅଷ୍ଟାଂଗ ଶରୀର ବିଂଧୁଛି। ହାଡ଼ଗଂଠି ଭିତରେ ଯେପରି ଗୋଟାଏ ବଡ଼ ତେଂତୁଳିଆ ବିଛା ପ୍ରତି ମୁହୂର୍ତ୍ତରେ ତାର ନାଉଡ଼ ମାରୁଛି। ନକୁଳା ଏକରକମ

Digitized by srujanika@gmail.com

ଅଚେତା ହୋଇ ପଡ଼ିଚି। ତା ମୁହଁରେ ତୋରାଣି ଟୋପେ ଦେବାକୁ କେହି ନାହିଁ। ସାଆଂତେ କହୁଛଂତି—''ଶଳା ବେଲି କରୁଚି।''

ଆଠଦିନ ହେଲା ମାଣିକ ପୋଖରୀ କୂଳରେ ନକୁଳାକୁ ନ ଦେଖି ଫେରିଯାଉଚି। ତା ମନରେ ଭାରି ଦୁଃଖ, ତାର ରାଜପୁତ୍ର କାହିଁ ?

କିଛିଦିନ ପରେ ନକୁଳା ଦେହରେ ବସଂତ ବାହାରିଲା। ପ୍ରଥମେ ଖୁବ୍ ଛୋଟ ଛୋଟ, ତାପରେ ଖୁବ୍ ବଡ଼ ଆକାରରେ ଦେଖାଦେଲା, ସାଆଂତ ସାଆଂତାଣୀ ପ୍ରମାଦ ଗଣିଲେ। ପିଲା ଛୁଆ ଘର, କେତେବେଳେ କେଉଁ କଥା।

ଜର ଆଉ ବଂସତ କୋପରେ ନକୁଳା ଯେତେବେଳେ ଅଜ୍ଞାନ, ସେତେବେଳେ ଦିନେ ସାଆଂତେ ଆସି କହିଲେ—''ତୁ ତୋ ଘରକୁ ଚାଲିଯା, ଏଠି କିଏ ତୋର ହେପାଜତ ନେବ ? ପିଲା ଛୁଆ ଘର—କେତେବେଳେ କୋଉ କଥା, ବୁଝିଲୁ ? ତା'ପରେ ତୁ ପର ପୁଅ— କିଛି ହାନି ଲାଭ ହେଲେ କିଏ ମୁଂଡ଼ାଇବ ?'' ନକୁଳା ତାଂକ କଥା ଭଲ ରକମ ସମୁଝି ପାରିଲା ନାହିଁ। ସାଆଂତେ ଆଉ ଥରେ ବଡ଼ ପାଟିରେ ସବୁ କଥା କହିଦେଲେ। ଖାଲି ସେତିକି ନୁହଁ, ସେଦିନ ଦୟା ପରବଶ ହୋଇ ନକୁଳାକୁ ବାଟଖର୍ଚ କରିବାକୁ ଚାରିଟା ପଇସା ମଧ୍ୟ ଦେଲେ। ଦେହ ଭଲ ହୋଇଯିବା ମାତ୍ରକେ ଏଠାକୁ ଚାଲିଆସିବାକୁ ବାରଂବାର ତାଗିଦ୍ କରି ଦେଲେ।

ନକୁଳାର ଗାଆଁ ସେଠାରୁ ଦୁଇ କୋଶ ବାଟ। ତାର ହଲଚଲ ହେବାକୁ କୁ ନାହିଁ।

ସଂଜବେଳେ ସାଆଂତ ଆସି ଦେଖିଲେ ଯେ ନକୁଳା ଯାଇନାହିଁ। ସେ ରାଗରେ ହତଜ୍ଞାନ ହୋଇ ନକୁଳାର ଲୁଗାପଟା ବାଡ଼ି ଖଂଡ଼ିକରେ ପିଂଡ଼ାକୁ ଫିଂଗିଦେଲେ। କାଲି ସକାଳେ ଘର ଛାଡ଼ି ନ ଗଲେ ହାଡ଼ି ଲଗାଇ ବାହାର କରିଦେବେ ବୋଲି ଶେଷ ହୁକୁମ ମଧ୍ୟ ଦେଇଗଲେ।

ସକାଳ ହେଲା। ନକୁଳା ଘୁଷୁରି ଘୁଷୁରି ଗୁହାଳ ଘରୁ ତାର ଲୁଗାପଟା ଦିଖଂଡ଼ ଧରି ଦାଂଡ଼କୁ ବାହାରିଲା। ତା ଦିହସାରା ପୂଯେଇ ଯାଇଛି। ମାଛି ଭଣ ଭଣ ହୋଇ ବେଢ଼ୁଛଂତି। ଆଜିକୁ ପଂଦର ଦିନ ହେବ ତା ପେଟରେ ଖୁଦ କଣିକାଏ ବି ପଡ଼ିନାହିଁ। କେବଳ କାଲି ରାତିରେ ସାଆଂତାଣୀ ଯେଉଁ ପଣା ଟୋପାକ ଦେଇଥିଲେ, ସେତିକି ପିଇଚି ମାତ୍ର।

ନକୁଳାର ମୁଂଡ ଝାଇଁ ଝାଇଁ ଡାକୁଚି। ପାଦ ଦୁଇଟା ତାର ପୂଯ ହୋଇ ଫୁଲି ଆସିଲାଣି। ରାସ୍ତାର ଗୋଡ଼ି ବାଜି ପରସ୍ତକୁ ପରସ୍ତ ଚୋପା ଛାଡ଼ିଯାଉଚି।

ଗାଁ ମୁଂଡ଼ ତୋଟା ପାଖରେ ପହଂଚି ନକୁଳା ଆଉ ପାଦେହେଲେ ଚଳି ପାରିଲା ନାହିଁ। ଭାବିଲା ଗଛ ମୂଳ ଛାଇରେ ବସି ଟିକିଏ ଦମ୍ ମାରି ତା' ପରେ ପଛକେ ବାଟ ଚାଲିବ।

ଗଛ ମୂଳରେ ଥରେ ବସି ସେ ଆଉ ଉଠି ପାରିଲା ନାହିଁ। ସିଅ ଉପରେ ମୁଂଡ଼ଟାକୁ ରଖି ଲଥ୍ କରି ଭୂଇଁରେ ଶୋଇପଡ଼ିଲା। ତା ଦେହର ବସଂତ ଘା

Digitized by srujanika@gmail.com

ଗୁଡ଼ିକ ସେତେବେଳକୁ ଖାଲ ଖାଲ ହୋଇ ଭିତରକୁ ପଶିଯାଇଥିଲା। ହାଡ଼ ଭିତର କୋରି ହୋଇ ଯାଇଥିଲା।

ଆଜକୁ ପଂଦର ଦିନ ହବ ମାଣିକ ତାର ରଜାପୁଅର ଦେଖା ପାଉନାହିଁ। ନିତି ପୋଖରୀ କୂଳରେ ବସି ବସି ଫେରିଯାଉଚି। ତା ଆଖିରେ ନାଚୁଚି ତା'ର ରାଜପୁତ୍ର। ତା'ର ଗୋରା ଟକଟକ ମୁହଁ, ସୁନାର ମୁକୁଟ, ଜରି ପୋଷାକ ପିଂଧା ତା' ସୁଂଦର ଗୋରା ଦିହଟା!! ସେଦିନ ରାତିରେ ମାଣିକ ତାର ରାଜପୁତ୍ରକୁ ସ୍ୱପ୍ନ ଦେଖିଲା। ମାଣିକର ମନେହେଲା, ସେ ଏପରି ହଠାତ୍ ରଜାଝିଅ ପାଲଟି ଯାଇଚି। ତାର ରଜାପୁଅ ଯେ ଉଦ୍ଧାର କରିବାକୁ ଆସି ସିପାହି—ସର୍ଦାର ହାବୁଡ଼ରେ ପଡ଼ିଲା, ରଜାଂଘର ଫଉଜ ଆଁ କରି ତାକୁ ଗିଳି ଦେବାକୁ ଧାଇଁ ଆସିଲା ମାଣିକର ଚାଉଁକରି ନିଦ ଭାଙ୍ଗିଗଲା।

ସକାଳ ହେଲା। ମାଣିକ ଜାଳେଣିକାଠ ଗୋଟାଇବାକୁ ତୋଟା ଆଡ଼େ ବାହାରିଲା। କାଠ ଗୋଟାଉ ଗୋଟାଉ ଦେଖିଲା, ଗୋଟାଏ ଜାଗାରେ ପଲ ପଲ ହୋଇ କାଉ ବେଢ଼ିଛଂତି। କେମିତି ଗୋଟାଏ ପଚା ଅଇଁଷିଣିଆ ଗଂଧ ଭାସିଆସୁଚି।

ମାଣିକ ସେଇ ବୁଦା ମୂଳକୁ ଯାଇଁ ଦେଖିଲା ଗୋଟାଏ ମଣିଷର ଦିହ। ମଣିଷଟା ବଂଚିଚି, ଢୁଲୁଢୁଲୁ କରି ଗୋଟାଏ ଆଖିରେ ଚାହୁଁଚି। ତାର ମୁହଁଟାଯାକ ଘା'ରେ ପଚିଯାଇଚି। ଦିହଟା ପୂଯେଇ ଯାଇ ଭାରି ଦୁର୍ଗଂଧ ହେଉଚି। କାଉ ତାର ଗୋଟାଏ ଆଖି ତାଡ଼ି ଦେଇଚଂତି ଆଉ ଡେଣାର ଗୋଟାଏ ମାଉଁସିଆ ଅଂଶକୁ ଖୁଂପି ଖୁଂପି ଖାଇ ପକାଇଚଂତି।

ଭୟରେ ମାଣିକ ଥକ୍କା ମାରିଗଲା। ସେ ମଣିଷଟାକୁ ଚିହ୍ନିବାକୁ ଚେଷ୍ଟାକଲା, ପ୍ରଥମେ ପାରିଲା ନାଇଁ। ତା'ପରେ ଦୋ ଦୋ ଚିହ୍ନା ହେଲା। ତା'ପରେ ସେ ଯେତେବେଳେ ଚିହ୍ନିଲା ସେ ଆଶ୍ଚର୍ଯ୍ୟ ହୋଇ କଥା କରି ପାରିଲା ନାହିଁ। କିଛିକ୍ଷଣ ପରେ କ୍ଷୀଣ ସ୍ୱରରେ ଉଚ୍ଚାରଣ କଲା 'ରଜାପୁଅ'!

ରାଜପୁତ୍ରର ଆଉ ଆଖିଟା ଏହି ସମୟରେ କାଉ ଖୋଳି ପକାଇଲେ। କୌଣସି ଜବାବ ଦେଇପାରିଲା ନାଇଁ।

Digitized by srujanika@gmail.com

ରିକ୍ସାବାଲା

ଇ.ଆଇ.ଆର୍.ର ସମୟ–ନିର୍ଘଂଟ ମୁତାବକ ଡେରାଡୁନ ଏକସ୍‌ପ୍ରେସ୍ ଭୋର ସାଢ଼େ ଛ'ଟାରେ ହାବୁଡ଼ା ଷ୍ଟେସନରେ ପହଂଚିଂବା କଥା ଥିଲେ ମଧ୍ୟ ସେଦିନ ଗାଡ଼ିଟା ପହଂଚିଂଲା ପ୍ରାୟ ସତଚାଳିଶ ମିନିଟ୍ ଡେରିରେ। ସାରା ରାତିଟାଯାକ ଆମେ ତୃତୀୟ ଶ୍ରେଣୀର ଯାତ୍ରୀ କେତେଜଣ ବର୍ଷା ଛିଟାରେ ଅଧେ ଓଦା ହୋଇ ଯାଇଥିଲୁ। ଆମର ଏହି ଦୂରବସ୍ଥା ପାଇଁ ପଂଜିକାରଂକ "ଅଯାତ୍ରା" ଯେତେ ଦାୟୀ ନୁହେଁ, ସେତେ ଦାୟୀ ଆମ ଛୋଟ ବଖରାଟିର ଭଂଗା ଝରକାଟା। ରାତିଟାଯାକ ଆମର ସଂଘବଦ୍ଧ ଇଂଜିନିଏରିଂ ବୁଦ୍ଧିର ପରିଚାଳନା ସତ୍ତ୍ୱେ ଆମେ ସେହି ଫଟା ଝରକାଟାକୁ କୌଣସିମତେ ସଜାଡ଼ି ପାରିଲୁ ନାଇଁ। ସକାଳୁ ଓଦା ସୁଦୁବୁଦୁ ହୋଇ ନିଜ ନିଜର ସୁଟକେଶ ଖଂଡ଼ମାଂନକୁ ଧରି ଯେତେବେଳେ ଗାଡ଼ିରୁ ଓହ୍ଲାଇଲୁ, ସେତେବେଳେ ଆମ ଅବସ୍ଥା ଏପରି କରୁଣାତ୍ମକ ହୋଇପଡ଼ିଥିଲା ଯେ, ଆମେ ଆମ ଚାରିପଟେ ବୃତ୍ତାକାରରେ ବେଢ଼ିଥିବା ଘୋଡ଼ା ଗାଡ଼ିବାଲାମାନଂକ ବ୍ୟୂହ ଭେଦ କରିବାକୁ ମଧ୍ୟ ସମର୍ଥ ହୋଇ ପାରିଲୁ ନାହିଁ। ଅସହାୟ ଅବସ୍ଥାରେ ଖଂଡ଼େ ଫିଟନ୍ ଗାଡ଼ି ସଂଗେ ଦରଦାମ ଛିଂଡ଼ାଉଛୁ, ଠିକ୍ ଏହିପରି ସମୟରେ ମୋ ଆଖିରେ ପଡ଼ିଲା ଯୋଡ଼ାଏ ଅସହାୟ ଓ ସ୍ତିମିତ ଆଖି। ମୁଁ ସେହି ଗଭୀର ଆଖି ଦୁଇଟାର ଅଧିକାରୀ ଆଡ଼କୁ ଚାହିଁବାମାତ୍ରକେ ସେ ଜିଜ୍ଞାସୁ କଂଠରେ ପଚାରି ଉଠିଲା—"ବାବୁ, ରିକ୍ସା ?"

ମୁଁ ତାକୁ କୌଣସି ଠିକ୍ ଜବାବ ଦେବା ଆଗରୁ ସେ ଆସି ମୋ ହାତରୁ ସୁଟକେଶ ଖଂଡକ ଛଡ଼ାଇ ନେଇ ତା ରିକ୍ସାରେ ଲଦିଲା। ମୁଁ କେବଳ ଅନନ୍ୟୋପାୟ ହୋଇ ତାକୁ ଅନୁସରଣ କରିବାକୁ ଲାଗିଲି।

କଲିକତାର ଯାନବହୁଳ ରାସ୍ତାରେ ରିକ୍ସାରେ ଯିବା ଆଦୌ ବିପଦଶୂନ୍ୟ ନୁହେଁ। ତାପରେ ପୁଣି ସେହି ରିକ୍ସାଗାଡ଼ିର ଅବସ୍ଥା, ଆଉ ରିକ୍ସାବାଲାର ଅପ୍ରତିଭ ଭାବଭଂଗୀ ମୋତେ ଜମା ତା ଉପରେ ନିର୍ଭରଶୀଳ କରାଇ ଦେଲାନାଇଁ।

ଗାଡ଼ିଖଂଡ଼କର ଅବସ୍ଥା ଏପରି ଯେ, ତାହା ସାମାନ୍ୟ ଟିକିଏ ଆଘାତରେ ମଧ୍ୟ ଭାଂଗିପଡ଼ିବ, ରିକ୍ସାବାଲାଟା ମଧ୍ୟ ତଦ୍ରୂପ। ତାର ଅବଢ଼ ଛୋଟାଗୋଡ଼ ଦୁଇଟା ତାର କ୍ଷୀଣ ଦେହର ଓଜନ ବୋହିବାକୁ ଅକ୍ଷମ। ତା ଆଖି କଣରର ମାଂସପେଶୀ ଅପ୍ରଚୁର ନିଦ୍ରାରେ ଫୁଲି ଉଠିଚି। ସକାଳୁ ମୁହଁ ଧୋଇନଥିବା ହେତୁ ମୁହଁରୁ ତାର

Digitized by srujanika@gmail.com

ଭମିତିକା ଭଣଭଣ ସରାପ ଗଂଧ ବାହାରୁଚି ଯେ, ଖୁବ୍ ବିକାରହୀନ ଲୋକର ମଧ ବମନୋଦ୍ରେକ ହେବା କଥା। ତାର ଅପରିଷ୍କାର ଦାଂତଗୁଡ଼ାକ ଏପରି କଦର୍ଯ୍ୟ ଯେ, ତା ସହିତ ଦର–ଦସ୍ତୁର କରିବା ପାଇଁ ଯେଉଁ ସଂକ୍ଷିପ୍ତ ଅଥଚ ରୂଢ଼ କଥାବାର୍ତ୍ତା କରିବା ଦରକାର, ତାହା ମଧ କରିବା ପାଇଁ ଯେଉଁ ମୋର ରୁଚି ହେଉନଥିଲା।

ମୁଁ ମୋର ସୁଟକେଶ୍ ଖଂଡକ ତା ଗାଡ଼ିରୁ ଉଠାଇ ଆଣି ଅନ୍ୟ ଗାଡିରେ ରଖିବାକୁ ଯାଉଥିଲି; କିଂତୁ ଦୃଢ଼ଭାବରେ ହାତ କବ୍‌ଜା ରଗଡ଼ି ଦେଇ ସେ ମୋତେ ବାଧା ଦେଲା। ତାର ବିରକ୍ତିର ପୀଡ଼ନରୁ ଆତ୍ମରକ୍ଷା କରିବାପାଇଁ ମୁଁ ତାକୁ ଧମକ ଦେବାକୁ ଚେଷ୍ଟା କଲି; କିଂତୁ ସେ ତତୋଽଧିକ ଜୋରରେ ମୋ ଧମକର ଜବାବ ଦେଲା ଏବଂ କୌଣସିମତେ ମୋତେ ସୁଟକେଶ୍ ଖଂଡ଼ିକ ଉଠାଇ ନେବାକୁ ଦେଲାନାଇଁ। ତାର ନଛୋଡ଼ବଂଧା ଜୁଲୁମର ପ୍ରତିକାର କରିବା ପାଇଁ ମୁଁ ନିକଟସ୍ଥ ପହରାବାଲାର ସାହାଯ୍ୟ ନେଇ ପାରିଥାଂତି; କିଂତୁ କାଲି ରାତିର ଦୁର୍ଯୋଗ, ଆଉ ବଡ଼ି ଅଂଧାରର ଧୂଆଁ, ଆଉ କୋଇଲା ମିଶା କଲିକତା ବାୟୁମଂଡ଼ଳର ପ୍ରଭାବ ମୋ ମନଉପରେ କିପରି ଗୋଟାଏ ପ୍ରତିକ୍ରିୟା ସୃଷ୍ଟି କରିଥିଲା।

ମୁଁ କିଛି ଗୋଳମାଳ ନକରି ତା ରିକ୍‌ସା ଉପରେ ଯାଇ ବସିପଡ଼ିଲି, ଆଉ ତାକୁ ଖୁବ୍ ବିରକ୍ତ ହୋଇ ହୁକୁମ ଦେଲି—"ଚଲାଓ।"

ଗଂଗା ଚାରିପଟେ ଚଟକଳରୁ ଧୂଆଁ ବାହାରି ଆକାଶଟାକୁ ମଇଳା କରି ରଖିଛି। ଅସଂଖ୍ୟ ଜାହାଜର ଭୟାର୍ତ୍ତ ବଂଶୀ ବେଳେ ବେଳେ ଶୁଣାଯାଉଚି। ହାବୁଡ଼ା ପୋଲ ଉପରେ ମଇଳା କୁର୍ତ୍ତା, ଆଉ ଲୁଂଗି ପରିହିତ ଶହ ଶହ ହିଂଦୁ ଆଉ ମୁସଲମାନ କୁଲି ଖଂଡେ ଖଂଡେ ବିଡ଼ି ଯାକି ନିଜ ନିଜ କାମରେ ଚାଲିଛଂତି। ମଝିରେ ମଝିରେ ପ୍ରକାଂଡ ବସ୍ ଭାରାରେ ସମସ୍ତ ପୋଲଟା ଦୁଲୁଦୁଲୁ ହୋଇ ଦୁଲୁକି ଉଠୁଚି। ଧାଡ଼ି ଧାଡ଼ି ଟାକ୍‌ସି, ମୋଟର ଆଉ ଘୋଡ଼ାଗାଡ଼ି ମଝିରେ ଏହି କ୍ଷୁଦ୍ର ରିକ୍‌ସା ଖଂଡ଼କ ଯେ କେତେବେଳେ ହଜିଗଲା, ତାହା ଆମେ କେହିହେଲେ ଖିଆଲ କରିପାରିଲୁ ନାହିଁ। ପୋଲଟା ପାରହେବା ପରେ ଦେଖାଗଲା, ରିକ୍‌ସାବାଲା କ୍ରମେ କ୍ରମେ ପ୍ରକୃତିସ୍ଥ ହୋଇଆସୁଛି। ତାର ନିଶାଖୋର ଭାବ କଟିଯାଇ ତା ବଦଳରେ ଗୋଟାଏ ସପ୍ରତିଭ ସାମାଜିକ ଭଂଗି ଫୁଟିଉଠିଲା। ସେ ମୋ ସଂଗେ ଗଳ୍ପ ଜମାଇବାକୁ ଆରଂଭ କଲା।

ତାର ଗପ କେତେଗୁଡ଼ାଏ ନାଲିଶ ଛଡ଼ା ଅନ୍ୟ କିଛି ନୁହେଁ। ଗୋଟାଏ ତାଜା ଗପ ଶୁଣିବା ଲୋଭରେ ଯେଉଁମାନେ ସେହି ଭାରାକ୍ରାଂତ ଗଳ୍ପ–କଥକଟିର ଶ୍ରୋତା ହେବାକୁ ବିଚାରିବେ, ସେମାନେ ନିଶ୍ଚୟ ହତାଶ ହେବେ; କିଂତୁ ଶ୍ରୋତା ହେବାର ଉଚ୍ଚାଭିଳାଷ ମୋର ଜମା ନଥିଲା। ମୁଁ କେବଳ ଅନ୍ୟମନସ୍କ ଭାବରେ ତା କଥା ମଝିରେ ହୁଁ–ହୁଁ କରି ମୋର ଅବଧାନତା ପ୍ରମାଣ କରିବାକୁ ଚେଷ୍ଟା କରୁଥିଲି।

ପ୍ରଥମେ ସେ ଆରଂଭ କଲା—ରିକ୍‌ସା ଭଡ଼ା କଥା। ଛଅଅଣାରୁ ଗୋଟାଏ ପଇସା ବି ସେ କମ୍ ଭଡ଼ା ନିଏ ନାଇଁ। ଏହା କହିବା ଦ୍ୱାରା ସେ ମୋତେ ଇଂଗିତରେ ଜଣାଇ ଦେଲା ଯେ, ମୁଁ ମଧ ତାକୁ ଭଡ଼ା ଦେବାକୁ ବାଧ।

Digitized by srujanika@gmail.com

ତା'ପରେ ସେ କହିଲା, ଏ ବ୍ୟବସାୟରୁ ପଇସାଟାଏ ବି କୁଆଡ଼େ ଲାଭ ହୁଏ ନାହିଁ। ଦିନକୁ ତାର ଟଙ୍କାକଠାରୁ ଦେଢ଼ଟଙ୍କା ଭିତରେ ହାରାହାରି ରୋଜଗାର ହୁଏ; କିଂତୁ ତାର ମାଲିକ ରିକ୍ସା ବାବଦକୁ ବାରଅଣା ପଇସା ରୋଜ କାଟି ନିଅଂତି। ତାର ମଜୁରି ଦିନକୁ ଆଠଅଣା ପଡ଼େ କି ନାହିଁ ସଂଦେହ।

ଏହା ପରେ ପାରିବାରିକ ଘଟଣା ପ୍ରସଂଗରେ ଯାହା କହିଲା, ତାର ସାରାଂଶ ହେଉଚି ଏଇ— ତାର ପିଲାପିଲି ଅନେକ। ତାର ସେହି ସ୍ୱଳ୍ପ ମଜୁରି ସେମାନଂକ ମୁହଁରେ ଆହାର ଯୋଗାଇବାକୁ ଯଥେଷ୍ଟ ହୁଏନାହିଁ। ସ୍ତ୍ରୀକୁ ତାର କୁଆଡ଼େ ଯକ୍ଷ୍ମା। ହାସପାତାଳରେ ଛାଡ଼ିଦେଲେ ଘରେ ରୋଷେଇବାସ କରିବାକୁ ଓ ପିଲାମାନଂକ ଖବର ବୁଝିବାକୁ କେହି ନାହିଁ ବୋଲି ସେ ତାକୁ ଘରେ ରଖିଛି। ତଥାପି ସେ ତାର ଚିକିତ୍ସାରେ ତ୍ରୁଟି କରିନାହିଁ। ତିନିଟଂକା ଦାମର ଗୋଟାଏ ତେଉଁରିଆ କିଣି ଆଣି ତାକୁ ଦେଇଚି। ସ୍ତ୍ରୀର ଜୀବନକୁ ଏ ଦୁନିଆରେ କାହାର ଲୋଭନାହିଁ ?

•   •   •   •

ଏହିପରି ଭାବରେ ସେ ହରଦମ୍ ଗପି ଚାଲିଥାଏ। ରାସ୍ତାଗୁଡ଼ାକ ବଡ଼ ଖସଡ଼ା ହୋଇଥାଏ। ସକାଳୁ ସମସ୍ତ ରାସ୍ତା ଉପରେ ବୋଧହୁଏ ପାଇପ୍ ଫିଟାଇ ଦିଆହୋଇଥିଲା— ଏ ପର୍ଯ୍ୟଂତ ପାଣି ଛାଡ଼ିନାହିଁ। ସେ ପିଚ୍ଛିଳ ପିଚ୍ ରାସ୍ତା ଉପରେ ଘୋଡ଼ାଗୁହ ଓ ମନୁଷ୍ୟ ପଦର ଧୂଳି ମିଶି ଏପରି ଚିକିଟା ହୋଇଚି ଯେ ପଦେ ପଦେ ଗୋଡ଼ ଖସଡ଼ି ଯିବାର ଆଶଂକା ରହିଚି। ମୋର ତ ବଡ଼ ଭୟ ହୋଇଯାଇଥିଲା ଯେ, କାଳେ ରିକ୍ସା ସୁଦ୍ଧା ଆମେ ସମସ୍ତେ କୌଣସି ଏକ ପ୍ରକାଂଡକାୟ ବସ୍ ତଳେ ମିଳେଇ ଯିବୁଁ।

କିଛିକ୍ଷଣ ପରେ ଦେଖାଗଲା ଷ୍ଟ୍ରାଂଡରୋଡ଼ ପାଖରେ ଯେଉଁଠି ବଡ଼ବଜାର ଟ୍ରାମଲାଇନ ବଂକେଇ ହୋଇ ଚାଲିଯାଇଚି, ସେଇଆଡୁ ଜଣେ ଆଂଗ୍ଲୋ ଇଂଡ଼ିଆନ୍ ଆରୋହୀ ଧରି ଗୋଟାଏ ଟାକ୍ସି ଖୁବ୍ ଜୋରରେ ଛୁଟି ଆସିଲା। ରାସ୍ତାର ପାଣିଗୁଡ଼ାକୁ ତାହା ଏତେ ଜୋର୍‌ରେ ଚବକାଇ ଦେଇଗଲା ଯେ, ମୋର ଲୁଗାପଟା ମଧ୍ୟ ତହିଁରୁ ନିସ୍ତାର ପାଇଲା ନାହିଁ। ବୁଂଦାଏ ପାଣି ଛିଟିକି ଆସି ବୋଧହୁଏ ରହିମ୍‌ର (ରିକ୍ସାବାଲାର ନାମ ବୋଲି ଇଆ ଭିତରେ ସଂଗ୍ରହ କରିସାରିଥିଲି) ଆଖିରେ ପଡ଼ି ତାକୁ କିଛିକ୍ଷଣ ପର୍ଯ୍ୟଂତ ଅଂଧ କରି ଦେଇଗଲା। ସେ ଗୋଟାଏ ହାତରେ ଗାଡ଼ିର ବେଗ ସଂଭାଳି ଅନ୍ୟ ହାତରେ ଆଖି ପୋଛିବାକୁ ଯାଉଥିଲା; କିଂତୁ ସେ ବେଗର କ୍ଷିପ୍ରତା ତାକୁ ଏତେଦୂର ଟଳମଳ କରିଦେଲା ଯେ, ସମଗ୍ର ରିକ୍ସାଟା ଟ୍ରାମ୍ ଲଇନରେ ଠୋକର ଖାଇ ଦୋହଲିଗଲା। ରହିମ୍ ଗାଡ଼ି ଓ ତାର ଆରୋହୀକୁ ଯଥା ସଂଭବ ରକ୍ଷା କରିବାକୁ ଚେଷ୍ଟାକଲା; କିଂତୁ ଫଳ କିଛି ହେଲାନାହିଁ। ସେ ଫୁଟପାଥ୍ ଉପରେ ଯାଇଁ ଛାଟିହୋଇ ଦୁମ୍ କିନା ପଡ଼ିଲା। ଭାଗ୍ୟକୁ ରିକ୍ସା ଓ ମୁଁ କୌଣସି ପ୍ରକାରେ ବର୍ତିଗଲୁଁ।

Digitized by srujanika@gmail.com

ରହିମ୍‌କୁ ପଡ଼ିଯିବାର ଦେଖି ରାସ୍ତାଯାଙ୍କର ଲୋକେ ଖେଁ ଖେଁ ହୋଇ ହସିଉଠିଲେ। କେହି କେହି ଦୋକାନଦାର ସେମାନଙ୍କ ଦୋକାନ ଉପରୁ ଉଠିଆସି ମୁରବିଙ୍କ ଭଳିଆ ମୋତେ ତାକୁ ଭଡ଼ା ନ ଦେଇ ଅନ୍ୟ ଗାଡ଼ି କରିବାଲାଗି ମଧ୍ୟ ଅଯାଚିତ ଭାବରେ ଉପଦେଶ ଦେଇଗଲେ। ରହିମ୍ ବିଚାରା ସିମିତି ଫୁଟ୍‌ପାଥ୍‌ରେ କାଦୁଅ ଲଟପଟ ହୋଇ ପଡ଼ିଥାଏ। ତାର ପାଟିରୁ କଳେ ଛେପ ବାହାରି ପଡ଼ିଥିଲା, ଜିଭଟା ବୋଧହୁଏ ତାର ଜୋର୍‌ରେ କାମୁଡ଼ି ହୋଇଯାଇଥିଲା ନା କଣ। କାହିଁକି ନା ସେ ଛେପ ପକାଇଲା ବେଳେ ମୁଁ ରକ୍ତ ଦେଖି ପାରିଥିଲି। ରାସ୍ତା ପାଖରେ ଜଣେ ସିପାହି ଚାଲବୁଲ କରୁଥିଲେ। ସେ ଦଉଡ଼ିଆସି ରିକ୍‌ସା ଗାଡ଼ିର ନଂବର ଲେଖିନେଲେ ଓ ରହିମ୍‌କୁ ଥାନାରେ ଚାଲାନ ଦେଖିବାଲାଗି ତଡ଼ବଡ଼ କଲେ। ରହିମ୍ ବିଚାରା ଏତେ ହତବୁଦ୍ଧି ହୋଇଯାଇଥିଲା ଯେ, ସେ ତାର କ୍ଷତର ଜ୍ୱାଳା ପାସୋରି ପକାଇଲା। ସେ ସିପାହିର ଗୋଡ଼ ହାତ ଧରି ତାକୁ ଅଂଟାଖୋସା ଦେଇ ତେବେ ଯାଇ ନିଷ୍କୃତି ପାଇଲା। ତା ପରେ ପୁଣି ସେ ଗାଡ଼ି ଟାଣିବାକୁ ଆସିଲା। ମୋର କିନ୍ତୁ ଆଉ ତା ଗାଡ଼ିରେ ଯିବାକୁ ଜମା ସାହସ ହେଉନଥିଲା। ତା' ପରେ ରାସ୍ତା ମଝିରେ ଇମିତି ହାସ୍ୟାସ୍ପଦ ହୋଇ ମୋ' ମନ ଏତେଦୂର ବିଗିଡ଼ି ଯାଇଥିଲା ଯେ, ମୁଁ ସବୁ ଦୋଷ ତାରି ଉପରେ ଲଦିଦେଇ ତାକୁ ଖାଲି ମନଇଚ୍ଛା ଗାଳିଦେବାକୁ ଲାଗିଲି। ଏକଥା ଶୁଣି କିଂତୁ ସେ ପାଟି ଫାଳକ ଦିଫାଳ କଲାନାହିଁ; ଅପରାଧୀଙ୍କ ପରି ସବୁ ଚୁପ୍ ହୋଇ ସହି ନେଲା। ତା' ପରେ ମୋତେ ବାରଂବାର ଆଶ୍ୱାସନା ଦେବାକୁ ଲାଗିଲା ଯେ, ଆଉ ଏପରି ଦୁର୍ଘଟଣା ରାସ୍ତାରେ କଦାପି ଘଟିବନାହିଁ। ଏଥରକ ତାର କସୁର ହୋଇଯାଇଛି। ଇମିତିକା ଘଟଣା ତା ଜୀବନରେ ଏହି ଥରକ ଛଡ଼ା ଆଉ କେବେ ଘଟି ନଥିଲା, କି ଆଉ ଏଣିକି ଘଟିବ ନାହିଁ ବୋଲି ମଧ୍ୟ ସେ ପ୍ରକାଶ କଲା।

ମୁଁ କିନ୍ତୁ ନଛୋଡ଼ବଂଦା। ମଣିଷର ଜୀବନଟାକୁ ତ ପୁଣି ଆଗେ 'ହାରର ପାଂଚ' ରଖିବାକୁ ହେବ। ରହିମ୍ ଆସି ମୋତେ ବାରଂବାର ସଲାମ କରିବାକୁ ଲାଗିଲା। ତା ଭାବଭଂଗୀରୁ ଏଇଆ ପ୍ରକାଶ ପାଇଲା ଯେ, ତାର ଆଜିର ପ୍ରଥମ ଆରୋହୀକୁ ହାତଛଡ଼ା କରିବାକୁ ଚାହେଁନାଇଁ।

ତା କରୁଣସ୍ୱରେ ଭୁଲିଯାଇ ମୁଁ ପୁଣି ତା ଗାଡ଼ିରେ ଯିବାପାଇଁ ସମ୍ମତ ହେଲି। ତାକୁ ଏଥର ଆହୁରି ହୁସିଆର ହୋଇ ଗାଡ଼ି ଟାଣିବାକୁ ହୁକୁମ ଦେଇ ମୁଁ ଖଂଡ଼େ ସିଗାରେଟ ଲଗାଇ ଗାଡ଼ିରେ ଉଠିପଡ଼ିଲି।

କିଛିଦୂର ଯାଇ ରହିମ୍ କହିଲା, ଦୁଇବର୍ଷ ତଳେ ଆହୁରି ଥରେ ଇମିତିକା ଘଟଣା ଘଟିଥିଲା। ସେଥର ବଡ଼ବଜାର ମୋଡ଼ରେ ସେ ଖୁବ୍ ଜୋରରେ ଗାଡ଼ିଟାକୁ ବଂକେଇବାକୁ ଗଲାବେଳେ ଗାଡ଼ିର ଅଖଟା ଦୁଇଖଂଡ଼ ହୋଇ ଛିଡ଼ି ପଡ଼ିଥିଲା। ତାର ମାଲିକ ଗାଡ଼ିର ଦାମ୍ ବାବଦକୁ ତା ଉପରେ ଶହେ ଟଂକାର ନାଲିଶ କଲେ। ଗାଡ଼ିର ଆରୋହୀ ତାକୁ ଜୋତା ଖୋଲି ବାଡ଼େଇଲେ। ସେ ନାଲିଶ ଦାଉରୁ ରକ୍ଷା ପାଇବା ପାଇଁ ତା' ସ୍ତ୍ରୀର ଗହଣା ବିକି ମାଲିକଂକୁ କିଛି ଟଂକା ଦେଇ ବାକୀ

Digitized by srujanika@gmail.com

ଟଙ୍କା ପ୍ରତିମାସରେ ଆସ୍ତେ ଆସ୍ତେ ଦେବ ବୋଲି ଟିପ ଚିହ୍ନଦେଇ ଖଂଡ଼େ କାଗଜ କରିଦେଲା। ଆଜିପର୍ଯ୍ୟନ୍ତ ବି ସେ ତାର ପୂର୍ବ ରିକ୍ସାର ଦେଣାରୁ ପୂରା ଅବ୍ୟାହତି ପାଇନାହିଁ। ତା'ପରେ ସେ ମାନିଲା ଯେ କାଲି ରାତିରେ ସେ କିଛି ଖାଇ ନ ଥିବା ହେତୁ ଆଜି ଏପରି ହେଲା। କାଲି ରାତିରେ ସେ ଯାହା ମଜୁରୀ ପାଇଥିଲା, ସବୁ ସରାପ ଖାଇ ଉଡ଼ାଇ ଦେଇଛି। ହାତରେ ଗୋଟିଏ ବଳକା ପଇସା ନଥିବାରୁ ସେ ସ୍ତ୍ରୀଠୁ ଗାଳି ଖାଇବା ଭୟରେ ଘରକୁ ଯାଇନାହିଁ, କି ଭାତ ଖାଇନାହିଁ, ଉପାସ ଭୋକରେ ଷ୍ଟେସନରେ ପଡ଼ିରହିଛି। ମୋଟ ଉପରେ ସେ ପ୍ରମାଣ କରିବାକୁ ଚାହୁଁଥିଲା ଯେ, ସେ ଜଣେ ପକ୍କା ରିକ୍ସାବାଲା। ଏହିସବୁ ଆନୁସଂଗିକ ଦୁର୍ଯୋଗର ଦ୍ୱାହି ଦେଇ ସେ ନିଜ ତ୍ରୁଟି ଲୁଚାଇବାକୁ ଚେଷ୍ଟା କରୁଥିଲା।

ତା କଥା ଶୁଣି ମୋତେ କିଂତୁ ଭାରି ହସ ମାଡ଼ିଲା। ଯେଉଁ ଲୋକ ଦଶ ମିନିଟ୍ ଆଗରୁ କହୁଥିଲା ଯେ, ତା ଜୀବନରେ ଏପରି ଦୁର୍ଘଟଣା ଏହି ପ୍ରଥମ ଥର ପାଇଁ ଘଟିଲା, ତା ମୁହଁରୁ ପୁଣି ଇମିତିକା ସ୍ୱୀକାରୋକ୍ତି ଶୁଣି ତାର ଧୃଷ୍ଟତା ମୋ ଆଖିରେ ଖୁବ୍ ବଡ଼ ହୋଇ ଦେଖାଦେଲା। ମୁଁ ତାକୁ ଧମକ ଦେଇ ଆହୁରି ଜୋର୍‌ରେ ଗାଡ଼ି ଟାଣିବାକୁ ହୁକୁମ ଦେଲି। ମୋ ରାଗ ଦେଖି ସେ କେବଳ ବୋକାଂକ ଭଳିଆ ହେଁ ହେଁ ହୋଇ ହସିବାକୁ ଲାଗିଲା।

ପ୍ରକୃତରେ ଏଥରକ ମୋତେ ଖୁସି କରିବା ପାଇଁ ସେ ଖୁବ୍ ଜୋର ଦଉଡିଲାବେଳେ ତା ପିଠିର ହାଡ଼ଗୁଡ଼ାକ ଅଦ୍ଭୁତ ଧରଣରେ ଉଠୁଥିଲେ ପଡୁଥିଲେ।

ଅଳ୍ପ ଦୂର ନ ଯାଉଣୁ ସେ ନିଜର ଅସ୍ଥିର ପଦକୁ ସଂଭାଳି ନପାରି ଗୋଟାଏ ମଇଁଷି ଗାଡ଼ିରେ ଧକ୍କା ଲଗାଇଲା। ଫଳରେ ଏଇଆ ହେଲା ଯେ, ଗାଡ଼ିବାଲା ତାର ଘଂଟି ଛଡ଼ାଇ ନେଲା। ମୋର ଏତେ ରାଗ ହୋଇଥିଲା ଯେ, ମୁଁ ତାକୁ ପୁଲିସ୍‌ରେ ଦେବାକୁ ବାହାରିଥିଲି। ରହିମ୍ ଏଥର ସବୁ ଦୋଷ ମଇଁଷି ଗାଡ଼ି ଉପରେ ଲଦିଦେଇ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଲାଗିଲା। କୌଣସିମତେ ସେ ମାନିଲା ନାହିଁ ଯେ, ତା ନିଜ ଦୋଷରୁ ଧକ୍କା ଲାଗିଛି। ଲୋକଟାର ନିର୍ଲଜ୍ଜ ମିଛକଥା ଶୁଣି ମୋର ହାଡ଼ ଆହୁରି ଜଳିଉଠିଲା।

ଏହି ସମୟରେ ପଛରୁ ଆହୁରି ଖଂଡେ ଖାଲି ରିକ୍ସା ଆସି ପଂହଚିଲା। ଏ ଗାଡ଼ିର ଚାଳକ କିଂତୁ ରହିମ୍‌ର ଦୋସ୍ତ। ସେ ରହିମ୍‌ର ଅବସ୍ଥା ଦେଖି ହୋ ହୋ ହୋଇ ହସିଉଠି କହିଲା—"ଶଳା ବେଇମାନ୍, ଠିକ୍ ହୋଇଚି।" ତା'ପରେ ମୋତେ ଏମିତି ବିପଦରେ ପକାଇଥିବା ହେତୁ ସେ ରହିମ୍‌କୁ ବେଇଜ୍ଜତ କରି ଗାଳିଦେଇ ମୋର ସହାନୁଭୂତି ଆକର୍ଷଣ କରିବାକୁ ଚେଷ୍ଟାକଲା। ମୁଁ ରହିମ୍ ଉପରେ ଏତେ ଖପା ହୋଇ ଯାଇଥିଲି ଯେ, ମୋର ବାହ୍ୟଜ୍ଞାନ ମଧ୍ୟ ଲୋପ ପାଇଥିଲା। ମୁଁ ତତ୍‌କ୍ଷଣାତ୍ ତା ରିକ୍ସାରୁ ମୋର ଜିନିଷପତ୍ର ଉଠାଇ ଆଣି ବିନୁ ଗାଡ଼ିରେ ଲଦିବା ପାଇଁ ବିନୁକୁ ଆଦେଶ ଦେଲି। ବିନୁ ମୋ ପାଟିରୁ କଥା ନ ସରୁଣୁ ଦଉଡ଼ିଯାଇ ରହିମ୍ ଗାଡ଼ିରୁ ମୋ ଜିନିଷପତ୍ର ଉଠାଇ ଆଣିଲା। ରହିମ୍ ପ୍ରଥମେ ବାଧା ଦେଲା; କିଂତୁ ବିନୁର ଗୋଟାଏ ଘୁଷିରେ ଥଂଡ଼ା ହୋଇ ସେ ବାଟ ଛାଡ଼ିଦେଲା।

Digitized by srujanika@gmail.com

ବିନୁ ମୋତେ ରିକ୍ସାରେ ବସାଇ ଗାଡ଼ି ଟାଣିବାକୁ ଯାଉଚି, ଠିକ୍ ଏହି ସମୟରେ ରହିମ୍ ପୁଣି ଆସି ତାର ହାକିମକୁ ନେଇଯାଉଥିବା ଅପରାଧରେ ବିନୁକୁ ପଛରୁ ଆକ୍ରମଣ କଲା । ଅକଥ୍ୟ ଭାଷାରେ ଦୁହେଁ ଦୁହିଁକି ଗାଳିଦେବାକୁ ଲାଗିଲେ । ବିନୁର ଦୁଇ ଚାରିଟା ବିଧା ରହିମ୍ ପକ୍ଷରେ ଯଥେଷ୍ଟ ହେଲା । ସେ ବିନୁକୁ ଛାଡ଼ି ମୋତେ ଆକ୍ରମଣ କରିବାକୁ ବାହାରିଲା । ତାର ଏ ପର୍ଯ୍ୟନ୍ତ ଯାହା ପାଉଣା ହୋଇଛି ସବୁ ତୁଟାଇ ନଦେଲେ ସେ ମୋ ସାମାନ ଜବତ କରିବ ବୋଲି ମଧ୍ୟ ଧମକାଇଲା । ତାର କୁତ୍ସିତ ବ୍ୟବହାରରେ ରାଗି ଉଠି ତାକୁ କିଛି ଭଡ଼ା—ଫଡ଼ା ଦିଆହେବ ନାହିଁ ବୋଲି କହି ମୁଁ ବିନୁକୁ ରିକ୍ସା ଛାଡ଼ିବାକୁ ଇଂଗିତ କଲି । ବିନୁ ମଧ୍ୟ ତାର ଜୁଲୁମ ଏଡ଼ାଇବା ପାଇଁ ତାକୁ ମାରି ମାରି ନେଇ ଗୋଟାଏ ବତି ଖୁଂବରେ ତା ମୁଂଡ ବାଡ଼େଇ ଦେଲା । ରହିମ୍ ଏଥର ଆଉ ଗୋଳମାଳ କରିବାକୁ ସାହସ କଲାନାହିଁ । ଚୁପ୍‌କରି ଯାଇ ନିଜ ରିକ୍ସା ଉପରେ ବସି ମୋତେ ଆଉ ବିନୁକୁ ପଛରୁ ଗାଳିଦେବାକୁ ଲାଗିଲା ।

ରହିମ୍‌କୁ ଜବତ କରି ନିଜର ବିଜୟ ଗୌରବରେ ସ୍ଫୀତ ହୋଇ ବିନୁ ଆସି ମୋତେ ସଲାମ୍ କରି ଛିଡ଼ାହେଲା । ତା ଭାବଭଂଗୀରୁ ପ୍ରକାଶ ପାଇଲା ଯେ, ସେ ଯେପରି ତାର ଏହି ବୀରତ୍ୱ ପାଇଁ ମୋଠାରୁ କିଛି ଅଧିକା ବକ୍‌ସିସ୍ ମାଗୁଥିଲା । ମୁଁ ତାକୁ ବସାଠାରେ ଦିଆଯିବ ବୋଲି କହିବାରୁ ସେ ଆଶ୍ୱସ୍ତ ହୋଇ ରିକ୍ସା ଟାଣିଲା ।

ବସାରେ ପହଂଚି ବଂଧୁ ବାଂଧବମାନଂକର ତୁମୁଳ ଅଭ୍ୟର୍ଥନାରେ ମୁଁ ରହିମ୍ କଥା ପାସୋରି ପକାଇଲି ।

ମୁଁ ବନାରସରୁ ସେହିଦିନ ଡେରାଡୁନ୍ ଏକସ୍‌ପ୍ରେସରେ ଫେରୁଛି ବୋଲି ସେମାନଙ୍କୁ ଆଗରୁ ତାର କରିଥିଲି । ସେମାନେ ସମସ୍ତେ ଉଦ୍‌ଗ୍ରୀବ ଅପେକ୍ଷାରେ ପ୍ରୋଷିତଭର୍ତ୍ତୃକାପରି ମୋର ଆଗମନ ପଥ ଚାହିଁ ବସିଥିଲେ । ମୁଁ ପହଂଚିବାମାତ୍ରକେ ସେମାନେ ଏପରି ସମସ୍ୱରରେ ମୋର ଜୟଧ୍ୱନି କରିଉଠିଲେ ଯେ, ମୋର ମନେହେଲା ଭାରତବର୍ଷରେ ଖୋଦ ଭାଇସ୍‌ରୟ ମଧ୍ୟ ବଂବେର ଗେଟ୍ ଅଫ ଇଂଡ଼ିଆ ତୋରଣ ନିକଟରେ ପହଂଚି ଏପରି ଅଭ୍ୟର୍ଥନା ପାଇଥିବେ କି ନାଇଁ, ସଂଦେହ । ଖାଲି ସେତିକି ନୁହେଁ, ସେମାନେ ମୋ ପାଇଁ ଦେଢ଼ଟଂକା ଦାମରେ ମେଟ୍ରୋହାଉସର ଖଂଡ଼େ ବାଲକୋନି ଟିକିଟି ମଧ୍ୟ ଆଗରୁ କିଣି ରଖିଥିଲେ । "ଲାଭ ଇନ୍ ଦି ରାନ୍" ବହିରେ ଯୋନ କ୍ରାଫୋର୍ଡର ଚାତୁରୀପୂର୍ଣ୍ଣ ଅଭିବ୍ୟକ୍ତି ଦେଖିବାପାଇଁ ସେଦିନ ଆମର ସଂଜବେଳର କର୍ମତାଲିକା ମଧ୍ୟ ସଂଗେ ସଂଗେ ତିଆରି ହୋଇଗଲା ।

ନଅଟା ଶୋ'ରେ ସିନେମା ଦେଖିସାରି ଆମେ ସମସ୍ତେ ବସାକୁ ଫେରୁଥିଲୁଁ । ଗୋଲ୍‌ଡ଼୍ ଫ୍ଲେକର ଧୂମକୁଂଡଳୀ, ଆଉ ଏସପ୍ଲାନେଡ଼୍‌ର ଝାକଚକ୍ୟପୂର୍ଣ୍ଣ ସମାରୋହ ଭିତରେ ଆମେ ସବୁ ଭୁଲିଯାଇଥିଲୁ ଆମ ଦୈନଂଦିନ ଜୀବନର କ୍ଷତଜ୍ୱାଳା । ଆମର ମନେହେଉଥିଲା, ସଂଜବେଳର ଏସପ୍ଲାନେଡ୍ ଯେପରି ମଣିଷ ପାଇଁ ନୁହେଁ, କି ମଣିଷ ହାତରେ ତିଆରି ନୁହେଁ ।

Digitized by srujanika@gmail.com

ଧରମତାଲା ତେଲିଁ ବହୁବଜାରର ଗୋଟିଏ ଅପରିଷ୍କାର ଗଳି ଭିତରେ ଆମେ ବସାକୁ ଲେଉଟୁଥିଲୁଁ। ବସା ଆଉ ଦୂର ଅଛି, ହଠାତ୍ ଦେଖିଲି, ଗୋଟିଏ ଚାରିତାଲା କୋଠାର ଫାଟକ ପାଖରେ ରିକ୍ସା ଖଂଡ଼କ ଧରି ରହିମ୍ ଖୁବ୍ ପାଟି କରି 'ବାବୁ' 'ବାବୁ' ବୋଲି ଡକା ଛାଡ଼ିଛି। ତା କରୁଣ କ୍ରଂଦନରେ ସାରା ଗଳିଟା ଫାଟିପଡୁଚି।

ଏତେ ରାତିରେ ଜଣେ ଲୋକର ଏହି କରୁଣ ଆର୍ତନାଦ ଆମ ସମସ୍ତିଂକି ବିଚଳିତ କରିପକାଇଲା। ଆମେ ସମସ୍ତେ ଯାଇ ତା ଚାରିପଟେ ଘେରି ଛିଡ଼ାହେଲୁ। ମୁଁ ରହିମ୍‌କୁ ଚିହ୍ନି ପାରିଲେ ମଧ୍ୟ ଆଶ୍ଚର୍ଯ୍ୟର ବିଷୟ, ରହିମ୍ ମୋତେ ଏକାବେଳକେ ଚିହ୍ନିପାରିଲା ନାଇଁ। ସକାଳ ବେଳାର ତାର ସେହି କ୍ଷୁଦ୍ର ଆରୋହୀଟିର ସ୍ମୃତି ତା ଜୀବନର ତୀବ୍ର ବ୍ୟସ୍ତତା ଭିତରେ କୁଆଡ଼େ ବିଲ୍‌କୁଲ୍ ମିଳାଇ ଯାଇଥିଲା। ଆମ ସମସ୍ତଂକ ଆଗରେ ସେ ତାର ଗୁହାରି ଜଣାଇଲା।

ତାର ଲଂବା ନାଲିସ୍ ଫର୍ଦ ଭିତରୁ ଯେଉଁ ଘଟଣା ଆମେ ସଂଗ୍ରହ କଲୁ, ତାର ସାରାଂଶ ହେଉଚି ଏଇଆ ଯେ, ସେ ଦିନ ରହିମ୍ ଖଟି ଖଟି ବାରଅଣା ପଇସା ରୋଜଗାର କରି ସଂଜବୁଡ଼େ ଘରକୁ ଫେରୁଥିଲା। କାଲିଠାରୁ ସେ ଘରକୁ ଯାଇ ନଥିଲା। ତା ପିଲା କଚ୍ଚା ସବୁ ଭୋକରେ ଆଉଟୁ ପାଉଟୁ ହେଉଥିବେ। ଏଇ ଭାବନାରେ ସେ ଅସ୍ଥିର ହୋଇ ଖୁବ୍ ସହଳ ବସାକୁ ଲେଉଟୁଥିଲା। ଏହିପରି ସମୟରେ ଜଣେ ବାବୁ ତାକୁ ଚାରିଅଣା ପଇସା ଭଡ଼ାଦେବେ ବୋଲି କହି ଗାଡ଼ିରେ ବସିଲେ। ଏଇ ଚାରିତାଲା ଘର ପାଖରେ ପହଂଚି ସେ ତାକୁ କହିଲେ ଯେ ଭଡ଼ା ଦେବାପାଇଁ ତାଂକ ପାଖରେ ଖୁଚୁରା ପଇସା କି ରେଜ୍‌କି କିଛି ନାହିଁ। ସେ ରହିମ୍‌କୁ ଏକ ଟଂକା ଚାକର ହାତରେ ପଠାଇ ଦେବେ ବୋଲି କହି ତାହାଠାରୁ ବାର ଅଣା ପଇସା ନେଇଗଲେ। ରହିମ୍ ଏଡ଼େ ବଡ଼ ଘରର ବାବୁଂକୁ ଅବିଶ୍ୱାସ କରିପାରିଲା ନାହିଁ। ସେ ତାର ସାରା ଦିନର ସମସ୍ତ ରୋଜଗାର ବାରଅଣା ପଇସା ତାଂକ ହାତକୁ ବଢ଼ାଇଦେଲା।

ବାବୁ ସେ ବାରଅଣା ପଇସା ନେଇ ଘର ଭିତରକୁ ପଶିଗଲେ ଓ ଶୀଘ୍ର ଟଂକା ଚାକର ହାତରେ ପଠାଇଦେବେ ବୋଲି କହିଗଲେ। ମାତ୍ର ରହିମ୍ ତିନି ଘଂଟା ହେଲା କାକରରେ ଛିଡ଼ାହୋଇ ଯେତେ ଡକା ପକାଇଲେ ମଧ୍ୟ କେହି ଶୁଣୁନାହାଂତି। ବାବୁ ବା ଚାକର କାହାର ହେଲେ ଦେଖାନାଇଁ।

ରହିମ୍ ପ୍ରତି ଆମ ସମସ୍ତଂକର ସହାନୁଭୂତି ଆକୃଷ୍ଟ ହେଲା। ଆମେ ସମସ୍ତେ ତାକୁ ଯେ ଠକାଇ ଦେଇଛି ତାକୁ ଶାସ୍ତି ଦେବାପାଇଁ ଦୃଢ଼ପ୍ରତିଜ୍ଞ ହେଲୁଁ। ଆମେ ସମସ୍ତେ ମିଳି ଘରର ଫାଟକରେ ଧକ୍କା ମରିଲୁ। ବହୁତ ଡକାଡକି ପରେ ଦରୁଆନ୍ ଆସି କବାଟ ଫିଟାଇଦେଲା। ବାବୁଂକୁ ଡାକି ଦେବାପାଇଁ କହିବାରୁ ଦରୁଆନ୍ ଜଣାଇଲା ଯେ, ବାବୁ ଶୋଇଲେଣି; ଆଜି ରାତିରେ ସେ ଆଉ ଉଠିବେ ନାଇଁ। ଆମେ ରହିମ୍‌ର ପଇସା ଦାବୀ କରିବାରୁ ସେ ପୁନର୍ବାର ଜଣାଇଲା ଯେ ବାବୁ ଆବୁ କେହି ରିକ୍ସାରେ ଆସିନାହାଂତି।

Digitized by srujanika@gmail.com

ଆମେ ସମସ୍ତେ ଫେରିଆସି ରହିମ୍ କଥାର ସତ୍ୟତା ପରୀକ୍ଷା କରିବା ଲାଗି ତାକୁ ନାନା ରକମ ଜେରା କରିବାକୁ ଲଗିଲୁଁ। ମାତ୍ର ରହିମ୍‌ର କାଂଦ କାଂଦ ଆଖି ଆଉ ତାର କରୁଣ ଭାଷା ତା କଥାର ଦୃଢ଼ତା ସପକ୍ଷରେ ଯଥେଷ୍ଟ ସାକ୍ଷ୍ୟ ପ୍ରଦାନ କଲା। ଆମେ ସମସ୍ତେ ରହିମକୁ ସାହାଯ୍ୟ କରିବୁ ବୋଲି ଆଶ୍ୱାସନା ଦେଲୁଁ ଓ ନିକଟସ୍ଥ ଥାନାରେ ଖବର ଦେଲୁଁ।

ମାତ୍ର ପୁଲିସ ଇନ୍‌ସ୍ପେକ୍ଟରେ ସେ ଘରର ନଂବର ଶୁଣି ରହିମ୍‌କୁ ଦୂର ଦୂର ମାର କରି ଘଉଡ଼ିବାକୁ ଆରଂଭ କଲେ। ସେ କହିଲେ ଯେ ରହିମ୍‌ଟା ମିଛୁଆ, ସରାପ ଖାଏ, ଆଉ ସେ ଘରର ବାବୁ ଖୁବ୍ ବଡ଼ ଜମିଦାର। ତାଂକର ଦୁଇଖଂଡ଼ ବୁଇକ୍ ଗାଡ଼ି ଅଛି।

ରହିମ୍ ଯେତେ କାଂଦିଲା, ଯେତେ ଶପଥ କଲା ସବୁ ପାଣି ଫାଟିଗଲା। ଆମେ ସମସ୍ତେ ଥାନା ବାବୁଂକୁ ମନେ ମନେ ଅଭିଶାପ ଦେଇ ଲେଉଟି ଆସିଲୁ। ରହିମ୍ କହିଲା, ମୋର ଭଡ଼ା ନ ଦେଲେ ନାହିଁ ପଛକେ ମୋର ବାରଅଣା ପଇସା ହେଲେ ଲେଉଟାଇ ଦିଅଂତେ!! ସେ ଭୋ ଭୋ ହୋଇ କାଂଦିଉଠିଲା। ମୋର ସଂଗୀମାନେ ସେହି ଭଦ୍ରଲୋକଂକ ଉଦ୍ଦେଶ୍ୟରେ ସମସ୍ୱରରେ କହିଉଠିଲେ ''ଠକ, ଧପ୍‌ପାବାଜ।''

ମୁଁ ଟିକିଏ ପଛାଇଯାଇ ନିଃଶବ୍ଦରେ ପକେଟରୁ ଗୋଟାଏ ଟଂକା କାଢ଼ି ରହିମ୍ ହାତରେ ଗୁଂଜିଦେଲି।

ରହିମ୍ କିଛି ବୁଝି ନପାରି ଜିଜ୍ଞାସୁ ଦୃଷ୍ଟିରେ ମୋ ଆଡ଼କୁ ଅନାଇଲା। ମୁଁ କଥାଟାକୁ ସରଳ କରିଦେବା ଅଭିପ୍ରାୟରେ ତାକୁ କହିଲି—''ମୁଁ ସକାଳେ ତମ ଗାଡ଼ିରେ ଆସିଥିଲି; କିଂତୁ ତୁମେ ଦୁଇଥର ଧକ୍କା ଲଗାଇବାରୁ ମୁଁ ରାଗରେ ତମକୁ ଭଡ଼ା ଦେଇନଥିଲି। ସେହି ଭଡ଼ା ବାବଦକୁ ଏହି ଟଂକାଟି ତୁମକୁ ଦେଉଚି, ନିଅ।''

ବଂଧୁମାନେ ହୋ, ହୋ ହୋଇ ହସି ଉଠି—''କହିଲେ ଲୁଚାଇ ଲୁଚାଇ ଦାନ କରାହେଉଛି, ନା ?'' ମୁଁ ଲଜ୍ଜିତ ହୋଇପଡ଼ିଲି।

ରହିମ୍ ମୋର ମେହରବାନି ପାଇଁ ମୋତେ ଗୋଟାଏ ସଲାମ କରି ରିକ୍‌ସା ଟାଣି ଟାଣି ଅନ୍ୟ ବାଟରେ ଚାଲିଲା। ଅଂଧାର ରାତିରେ ତାର ରିକ୍‌ସା ଦେଖାଯାଉନଥିଲେ ମଧ ତା ଘଂଟିର ଠୁଣ୍ ଠୁଣ୍ ଶବ୍ଦ ଆମେ ସମସ୍ତେ ଅନେକ ବେଳଯାଏ ଶୁଣି ପାରୁଥିଲୁ।

Digitized by srujanika@gmail.com

ଦାରୋଗାଂକ କୁକୁର

ପ୍ରତାପଗଂଜନ ବଳିଆର ସିଂହ ନାମଜାଦା ଦାରୋଗା। ତାଂକ ବାପା କହଂତି, ''ମାଛ ଖାଇବ ଇଲିସ୍, ଚାକିରି କରିବ ପୁଲିସ୍।'' ତାଂକ କୁଳବର୍ଧନ ପୁତ୍ର ତାଂକର ସେ ଉଚ୍ଚ ଆଶା ପୂରଣ କରିଛଂତି।

ଦାରୋଗା ପରି ଦାରୋଗା ଜଣେ ବଳିଆର ସିଂହ। ପାଂଚହାତିଆ ଢଳା ମଚ୍ ମଚ୍ ଷଂଢ଼ା ମାର୍କା ଦିହରେ ଖାକିର ଇସ୍ତ୍ରୀକରା ପୋଷାକ। ବୋତାମଗୁଡ଼ାକ ଦାଉ ଦାଉ କରେ। ସୁନା ଖିଲ ମରା ଛାମୁଦାଂତଗୁଡ଼ାକ ତା ସାଂଗକୁ ଚକ୍‌ଚକ୍ କରି ଉଠଂତି। ଯା ବଡ଼ା ମୁହଁକୁ ଯା ବଡ଼ା ନିଶ। ସେପରି ଦାରୋଗା ସେ ତାଲୁକାରେ କେବେ ଦେଖା ଯାଇନଥିଲେ।

ସ୍ୱାମୀ କର ପଦମର୍ଯ୍ୟାଦାରେ ଦାରୋଗା ପତ୍ନୀ ସମଧିକ ଗର୍ବିତା। ଡେପୁଟି ବାବୁଂକ ସ୍ତ୍ରୀଙ୍କ ସଂଗେ ତାଂକର କାହା ସ୍ୱାମୀ ବଡ଼ ଏ ବିଷୟରେ ତୁମୁଳ ବାଦାନୁବାଦ ହୁଏ। ଡେପୁଟି ଗୃହିଣୀ କହଂତି, ''ତମ ବାବୁ କିଛି ଦୋଷକଲେ ଆମ ବାବୁ ତାଂକୁ ଜେଲ ଦେଇପାରିବେ।''

ଦାରୋଗା ଗୃହିଣୀ ପ୍ରତିଆକ୍ରମଣ କରଂତି—''ଜେଲ୍ ସିନା ଦେଇ ପାରିବେ, ହାତରେ କଡ଼ି ଦେଇପାରିବେ ନାହିଁ। ତମ ବାବୁ କିଛି ଦୋ଼ଷ କଲେ ଆମ ବାବୁ ତାଂକୁ ହାତକଡ଼ି ଦେଇ ବାଂଧି ଆଣି ପାରିବେ।''

ଡେପୁଟି ଗୃହିଣୀ ନିଆଁରେ ଲୁଣ ପଡ଼ିଲାଭଳି ଫୁଟଂତି। ଶେଷକୁ ତାଂକ ବ୍ରହ୍ମାସ୍ତ୍ର ପ୍ରୟୋଗ କରଂତି—''ଆମ ବାବୁଂକ ଦରମା ଦୋହରା।''

ଏ 'ତାତ୍ତ୍ୱିକ ଯୁକ୍ତି ଆଗରେ ମୁଂଡ଼ ନୁଆଂତି ଦାରୋଗା ପତ୍ନୀ; କିଂତୁ ପ୍ରତିଶୋଧ ନେବାକୁ ଛାଡ଼ଂତି ନାହିଁ। ଦାଂତ ଚିପି କହଂତି, ''ଏ ଦେଶଟା ତ ନିମକହାରାମ। ଅନ୍ୟ ଦେଶ ହୋଇଥିଲେ, ପାକିସ୍ତାନ ହୋଇଥିଲେ ଦରମାଟା ନିଶ୍ଚୟ ଦି'ଗୁଣ ହୋଇଥାଂତା।''

ସ୍ଥାନୀୟ ହେଡ଼ମାଷ୍ଟରଂକ ପତ୍ନୀ ପାନ ଚୋବାଇ ଚୋବାଇ ମଧ୍ୟସ୍ଥି ହୋଇ ସମାଧାନ କରଂତି, ''ନାହିଁ, କିଏ ବଡ଼ କିଏ ଛୋଟ ନୁହେଁ। ଦିହେଁ ଦିହିଂକି ବଳଂତି। ଦେଖୁନ, ଆମ ବାବୁଂକ କଥା। କିଏ ତାଂକୁ ପଚାରୁଚି ? କିଂତୁ ସେ ନଥିଲେ ଦେଶରେ ଡେପୁଟି କି ଦାରୋଗା କେହି ନଥାଂତେ। ସମସ୍ତେ ଗଜମୂର୍ଖ

Digitized by srujanika@gmail.com

ହୋଇ ବସିଥାଂତେ। ହେଲେ କିଏ ବୁଝୁଚି ? ଯାହା କହିଲ ଭଉଣୀ ସତ। ଦେଶଟା ନିମକହାରାମ୍।''

ଏଭଳି ଦାରୋଗା ବାବୁଙ୍କ ସୁନାମଧନ୍ୟ କୁକୁର ସୁଲତାନ୍। ତାର ବଂଶାବଳୀ ଆଲୋଚନା କରି ଜଣାଯାଇଛି, ତାର ପିତୃପୁରୁଷଂକ ଆଭିଜାତ୍ୟର ଦୀର୍ଘତା ଖୁବ୍ ବେଶି, କେଉଟ ସାହିର ଆଠ ଦଶ ବର୍ଷ ତଳର ଏକ ବୁଲା କୁକୁର ପର୍ଯ୍ୟଂତ ଯାଇପାରେ।

କିଂତୁ ସେ ଇଲାକାରେ ସମସ୍ତେ କହଂତି, ସେ ଆଲସିୟର୍ସ। କିଏ କହେ, ସ୍ପାନିଆର୍ଡ଼; କିଏ କହେ, ତିଗିରିଆ ରାଜା ସାହେବ ବିଲାତରୁ ଆଣି ଦେଇଥିଲେ।

ଦାରୋଗା ବାବୁଂକ କୋଠିକୁ ପ୍ରତିଦିନ ଆସୁଥିବା ଶହ ଶହ ଦର୍ଶନାର୍ଥୀଂକୁ ସୁଲତାନ ହିଁ ପ୍ରଥମେ ଫାଟକ ସାମନାରେ ଅଭ୍ୟର୍ଥନା କରେ। ଟିକିଏ ସୁଉଁ ସୁଉଁ କରି ମୁହଁକୁ ଅନାଏ। ପୁଣି ମୁହଁ ମାଡ଼ି ଶୁଏ। କିଏ ତାକୁ ବୃଷଭ ପୂଜା ରୀତିରେ ମୁଢ଼ି, ଉଖୁଡ଼ା ଏବଂ କୌଣସି କଂଟ୍ରାକ୍ଟର କିଂବା ସରପଂଚ ପାଚିଲା କଦଳୀ ମଧ ଖୁଆଇବାର ଦେଖାଯାଇଚି।

ସମୟ କାହାରିକି ଅନାଏ ନାଇଁ। ସେ ଦାରୋଗାଂକ କୁକୁର ହେଉ ବା ମହାଦେବଂକ ବୃଷଭ ହେଉ—ସୁଲତାନ କ୍ରମେ ବୃଦ୍ଧ, ବୃଦ୍ଧରୁ ରୁଗ୍ଣ ଏବଂ ରୁଗ୍ଣରୁ ଲୋମହୀନ ଚଳତ୍‌ଶକ୍ତିବିହୀନ ହୋଇ ମୃତ୍ୟୁ ମୁଖରେ ପତିତ ହୁଏ।

ଛୋଟ ତାଲୁକ ସହରଟିର ସବୁ ବାବୁଭୟା, ଜଣାଶୁଣା ଲୋକ, ଠିକାଦାର ବେପାରୀ, ପଂଚାୟତ କମିଟି ମେଂବର, କଳାବଜାରୀ, ମାମଲତକାର, ଖଦଡ଼ଧାରୀ, ପରମିଟବାଲା ଦାରୋଗା ବାବୁଂକ ଘରେ ଆସି ହାଜର। ଆହାଃ! କୁକୁର ପରି କୁକୁରଟାଏ ଥିଲା ଏକା! କିଏ କହୁଚି, ''କୁକୁର ତ ନୁହେଁ, ଏକ ବ୍ରହ୍ମଜ୍ଞାନୀ ଥିଲା। ପୂର୍ବଜନ୍ମରେ ନିଶ୍ଚୟ ଖଂଡ଼ଗିରିରେ ବହୁତ ଜପ ତପ କରିଥିଲା। ଦେଖୁନ, ସବୁବେଳେ କେମିତି ଫାଟକ ଆଗରେ ଆଖି ବୁଜି ଢୁଳାଉଥାଏ। ମାଛିକୁ ମର ବୋଲି କହିବ ନାଇଁ।''

ମହାସମାରୋହର ସହିତ ଶୋଭାଯାତ୍ରା ବାହାରିଲା। ସବୁ ଦଳ ଓ ସବୁ ମତର ଲୋକ କୁକୁରର ଶବଯାତ୍ରାରେ ଯୋଗ ଦେଇଥିଲେ। ଦୁଇ କୀର୍ତନ ଦଳ ମଧ ସ୍ୱେଚ୍ଛାକ୍ରମେ ଆଗେ ଆଗେ ଚାଲିଥିଲେ। ''ବୋଲ ହରି ବୋଲ,'' ''ରାମ ନାମ ସତ୍ୟ ହେ'' ଏବଂ ''ଆଲ୍ଲାହି ବିସ୍‌ମିଲା—ସବୁ ପ୍ରକାର ଧ୍ୱନିରେ ରାସ୍ତା ଭରିଯାଇଥିଲା।

ଦାରୋଗା ସାହେବଂକ ଗୃହିଣୀ ଦୂରରୁ ଏ ଶୋଭାଯାତ୍ରା ଦେଖି ମନେ ମନେ ଗର୍ବ ଏବଂ ଗୌରବ ଅନୁଭବ କରିଥିଲେ। ଶୋଭାଯାତ୍ରା ଯେମିତି ଡେପୁଟି ବାବୁଙ୍କ କୋଠି ସାମନା ରାସ୍ତା ଦେଇ ଯିବ ସେଥିପ୍ରତି ଦୁଇଜଣ ସିପାହିଂକୁ ଚୁପ୍ କରି ଇଂଗିତ ଦେଇଥିଲେ। ସେ ଗର୍ବୋତ୍‌ଫୁଲ ମନରେ ଭାବୁଥିଲେ—''କୁକୁରକୁ ତ ଏମିତି—ଯଦି କୁକୁରର ମାଲିକ ହୋଇଥାଂତା...।'' ଏତିକି ଭାବି ସେ ଥୁକୁଳ ପକାଂତି—''ଛି! ଛି! କି ଅମଂଗଳ ଚିଂତା!!''

Digitized by srujanika@gmail.com

ଦୁନିଆଁରେ ସବୁ ପୁଣି ଘଟେ। ମରଣ କାହାରିକି ମାନେ ନାହିଁ, ସେ ଦାରୋଗା ହୁଅଂତୁ ବା ମଂନ୍ତ୍ରୀ ହୁଅଂତୁ। ବର୍ଷ ଦୁଇଟା ନ ଯାଉଣୁ ଦିନେ ସତରେ ଦାରୋଗା ବାବୁଂକ ନିକଟକୁ ସମନ ଆସିଲା। ବେଶି କିଛି କାରଣ ନାହିଁ; ମାତ୍ର ତିନିଟା ଦିନ ଜର। ତା'ପରେ ଛାତି ଘଡ଼ଘଡ଼। ବେଶ୍ ଖତମ୍!

ଚାରିଆଡ଼େ ଶୁଣାଗଲା—ଆହା! ଦାରୋଗା ବାବୁଟା ଚାଲିଗଲା। ଠିକାଦାର ବାବୁ ଟିକେ ଉପାସ ବୋଧକଲେ। ଅଂଟାଖୋସା ତ କମ୍ ଦେବାକୁ ପଡ଼େନାହିଁ—କାମ ଥାଉ ବା ନ ଥାଉ।

ତା'ପରେ ଶବ ଉଠିବ। ବହୁତ ଧରାଧରି କରି କେତେଜଣ ଲୋକ ଜୁଟିଲେ। କିଂତୁ ଏତିକି ଲୋକରେ କ'ଣ ଏଡ଼େ ବଡ଼ ମୁର୍ଦାର ଉଠିବ ନା ଦାହ କରିହେବ ? ଥାନାର ସିପାହିମାନଂକୁ ଶେଷରେ ଡକାହେଲା।

ଦାରୋଗା ବାବୁଂକ ସ୍ତ୍ରୀ ଘରର ଗୋଟାଏ କଣରେ ପଡ଼ିଛଂତି। ପିଲାଗୁଡ଼ାକ ଭେଁ ଭେଁ ହେଉଛଂତି। କ'ଣ ହେଲା ? ସବୁ ସରିଗଲା! ଡକା ପାରି ପାରି ସ୍ୱାମୀ କର ଶେଷଯାତ୍ରାଟା ଦେଖିବାପାଇଁ ସେ ଦୌଡ଼ିଆସିଲେ। କିଂତୁ କାହାଂତି ଲୋକ! ଦୁଇବର୍ଷ ତଳର ସେ ଦୃଶ୍ୟଟା ସଂଗେ ଆଜିର ଏ ତାରତମ୍ୟଟା ତାଂକ ଆଖିକୁ ପ୍ରଥମେ ପୀଡ଼ା ଦେଲା। ଏତେ ବୁକୁଫଟା ଦୁଃଖ ଭିତରେ ବି ତାଂକ ହୃଦୟରେ କ୍ରୋଧ ଜାଗିଉଠିଲା। ସେ ମନେ ମନେ କହିବାକୁ ଲାଗିଲେ, ''ସମସ୍ତେ ନିମକ୍ ହାରାମ୍।''

Digitized by srujanika@gmail.com

ଟମି

କବି ମୁଁ ମୋଟେ ନୁହେଁ। ତେବେ ଟମିଟାକୁ ଦେଖିଲେ ମୋ ମନ ଭିତରେ ଅନେକ କଥା ଖେଳିଯାଏ। ଆହା ବିଚାରୀ ଜୀବ !! ଆଦର, ସ୍ନେହ କହନ୍ତି ସେ ବୋଧହୁଏ ତାର କ୍ଷୁଦ୍ର ଜୀବନରେ ଦିନେ ହେଲେ ଜାଣିନାହିଁ। ଖାଲି ଦୁଃଖ, କଷ୍ଟ, ଗୋଇଠାମାଡ଼ ଭିତରେ ସେ ଏପର୍ଯ୍ୟନ୍ତ ବଢ଼ିଆସିଚି। ଏହିପରି ବୋଧହୁଏ ତାର କ୍ଷୁଦ୍ର ଅସଂପୂର୍ଣ୍ଣ ଜୀବନଟି ଦିନେ ଶେଷ ହୋଇଯିବ।

ଆମ ଘରରେ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଟମିକୁ ଦୂର୍ ଦୂର୍, ମାର୍ ମାର୍ କରନ୍ତି। ଏପରିକି ବୁଢ଼ା ପୂଝାରୀଟାର ମଧ୍ୟ ଟମିକୁ ଦୁଇ ଓଳି ଆଚ୍ଛାକରି ପାହାରେ ନ ପିଟିଲେ ମନ ବୋଧ ହୁଏ ନାହିଁ। ଟମିକୁ ଅକାରଣରେ ପିଟିବାଟା ଆମ ଘରେ ସମସ୍ତଙ୍କର ଗୋଟାଏ ବଡ଼ ଆମୋଦର ବିଷୟ। ସମସ୍ତେ କିଛି ନା କିଛି ସେଥିରେ ଆନନ୍ଦ ଅନୁଭବ କରନ୍ତି। ସେ ଦିନ— ଯେତେବେଳେ ଟମି ଖାଇବାକୁ ନ ପାଇ ଭୋକବିକଳରେ ଆମ ରୋଷେଇଘର ଦୁଆରମୁହଁ ପାଖରେ ଯାଇ ପହଂଚିଲା— ବୁଢ଼ା ପୂଝାରୀ ଗୋଟାଏ ବଡ଼ ଜଳନ୍ତା ନିଆଁ ଫାଳିଆ ଧରି ତାର ସାନ ମୁଂଡଟିରେ ନିସ୍ତୁକ ପାହାରେ ପକାଇଲା, ଟମିର ତାଳୁ ପୋଡ଼ିଗଲା। ମାଡ଼ ବାଜି ତାର ମୁଂଡ ମଧ୍ୟ ଫାଟିଗଲା। ଧାର ଧାର ଲହୁ ତା ଫଟା ମୁଂଡରୁ ବୋହିଆସି ରୋଷେଇ ଘରର ଧଳା ଚଟାଣଟିକୁ ଲାଲ କରି ଦେଇଗଲା।

କେହି ହେଲେ ବିଚାରୀ ଜୀବଟି ପ୍ରତି ସହାନୁଭୂତି ଦେଖାଇଲେ ନାଇ। ସାଆଂତ ମା' ସେଦିନ ବଡ଼ ଏକାଦଶୀ ବୋଲି ତୁଳସୀ ଚଉରା ମୂଳେ ବସି ମାଳି ଜପୁଥିଲେ। ଟମିର ଚିତ୍କାର ଶୁଣି ଦଉଡ଼ି ଆସି ପୂଝାରୀକୁ ଗୋଟାଏ ଲଂବ ଆଶୀର୍ବାଦ କରି କହିଲେ—''ଆଚ୍ଛା କରିଚୁ, ବାପ— ବୁଢ଼ାଟିଏ ହେଇ ଥା। ଅଲକ୍ଷଣୀ କୁତୀଟା କଣ ଆଉ ବସେଇ ଉଠେଇ ଦଉଚି କି ? ଦୁଇଥର ପରା ମୋର ପୂଜା ଭୋଗ ମାରା କରି ଦେଲାଣି।''

ଟମି ବିଚାରୀ ମାଡ଼ ଜୋରରେ ପଳାଇ ନପାରି ସେଇଠି ପଡ଼ି ଧକଉଥାଏ। ସାଆଂତ ମାଂକର ହୋବ ପାଇ ପୂଝାରୀ ପୁଣି ଆସି ତାର ଫଟା ମୁଂଡ଼ଟାରେ ନିଜର ମୋଟ ଗୋଦର ଗୋଡରେ ଦୁଇ ଗୋଇଠା ପକାଇଲା। ସେ ବିଚାରୀ ସେଇଠି ସେମିତି ପଡ଼ିଥାଏ। ଖାଲି ଜୁଳୁଜୁଳୁ କରି ଇଆ ମୁହଁକୁ, ତା ମୁହଁକୁ

Digitized by srujanika@gmail.com

ଅନାଉଥାଏ। ସେଇ ଚାହାଣୀ ଭିତରେ ସେ ଯେମିତି ଅନେକ କଥା କହିବାକୁ ଚାହୁଁଥିଲା—

ଟମିଟି ସମସ୍ତଂକର ଚକ୍ଷୁଶୂଳ। ସେ ଯିମିତି ଗୋଟାଏ ଅତିରିକ୍ତ ପଦାର୍ଥ; ତାର ଜୀବନ ନାଇ—ଅନୁଭୂତି ନାଇ। ଖାଲି ଉଚ୍ଛିଷ୍ଟ ପଦାର୍ଥ ପରି ସେ ସମସ୍ତଂକର ଆବଶ୍ୟକତାର ବାହାରେ ପଡ଼ିରହିଥାଏ। କେହି ତାକୁ କେବେହେଲେ ଲୋଡ଼େ ନାଇଁ—ଡ଼ାକେ ନାଇଁ। ଜୋର କରି ତଡ଼ିଦେଲେ ମଧ୍ୟ ସେ ଯାଏ ନାଇଁ। ସେ ନିଜ ମନକୁ ଆସିଚି—ନିଜ ମନକୁ ମଧ୍ୟ ପଡ଼ିଥାଏ। ସମସ୍ତଂକର ମାଡ଼ ଗୋଇଠା ସେ ସବୁଦିନେ ସେହିପରି ସହିଯାଉଥାଏ। କି ଗୋଟାଏ ମାୟାମମତାରେ କେଜାଣି ସେ ଆମ ଘରଟିରେ ବାଂଧି ହେଲା ପରି ପଡ଼ିରହିଥାଏ।

ଆମ ଘରେ ଆଉ ଗୋଟିଏ ମଧ୍ୟ ପୋଷା ଜଂତୁ ଥାଏ। ସେ ହଉଚି ସାରିଆ—ଶୁଆଟିଏ। ତାକୁ ସମସ୍ତେ ଆଦର କରଂତି। ନୂଆବୋହୂ ନିତି ସକାଳୁ ଉଠି ତାକୁ ରାମ ନାମ ବୋଲାଂତି। ମୋର ସାନଭଉଣୀ ହାର ନିତି ତାକୁ ନିଜ ହାତରେ ଦୁଧଭାତ ନଡ଼ିଆରସ ଖୋଇଦିଏ। ଏପରିକି ବୁଢ଼ା ପୂଝାରୀଟା ମଧ୍ୟ ଦିନକେ ସାରିଆକୁ ଦୁଇଥର ଦେଖି ଆସେ—ତାକୁ ଲୁଚେଇ ଲୁଚେଇ ସର କୋରା ଖାଇବାକୁ ଦିଏ। ସାରିଆଟା ବଡ଼ ଗେଲବସରର। ସେ ସମସ୍ତଂକର ଆଦର ସ୍ନେହ ପାଇ ତଳେ ଗୋଡ଼ ଦେଉ ନଥାଏଁ। ସେ ଟମିକୁ ଦେଖିଲେ ପର ଫୁଲାଇ ଥଂଟ ବଂକାଇ ହାରର ଶିକ୍ଷା ମୁତାବକ ପାଟିକରି କହେ, ‘‘ଅଇଁଠା ଖାଇ କୁତୀ—ଅପରଛନୀ କୁତୀ—କର୍ ର୍ କ—ଚ୍—ଚ୍।’’ ଟମି ବିଚାରୀ ସେ କଥାରୁ କିଛି ହେଲେ ବୁଝି ପାରେ ନାଇଁ। ତେବେ ସାରିଆ ଯେ ତାକୁ ଥଟ୍ଟା କରୁଚି—ଏଇଟା ବୋଧହୁଏ ସେ କିଛି କିଛି ଜାଣିପାରେ। କାହିଁକି ନା, ସେ ସାରିଆ ଆଡ଼କୁ ଚାହିଁ ଘଡ଼ିଏ ବେଳଯାଏଁ ଛିଡ଼ା ହୁଏ। ରାଗରେ ତଳେ ଲାଂଜ ପିଟେ। ଆଉ ତାର ଶୁଖିଲା ଓଠଟାକୁ ଥରକୁ ଥର ଖାଲି ଚାଟୁଥାଏ। ତା ପରେ ସେ ଚୁପ୍ ହୋଇ ସାରିଆର ପଂଜୁରି ତଳେ କିଛି ନ ଜାଣିଲା ପରି ଶୋଇରହେ। ସାରିଆ ଥଂଟ ଝାଡ଼ି ଦୁଧଭାତ ଖାଇଲାବେଳେ ଯାହା ତଳେ ପଡ଼ିଯାଏ। ସେଇତକ ଆନଂଦରେ ଖାଇଦିଏ। ଏହିପରି ଅସହାୟ ଅଭିଶପ୍ତ ଜୀବନଟିର ଦିନ କଟିଯାଉଥାଏ।

ଟମିକୁ ଯେ ସମସ୍ତେ ଭଲ ପାଆଂତି ନାଇଁ ଏଥିପାଇଁ ଟମିର ମଧ୍ୟ କିଛି ଦୋଷ ଅଛି। ସେ ଦେଖିବାକୁ ବଡ଼ କୁତ୍ସିତ। ଡ୍ରିଫଂଡ କାଳିଆ ଦେହଟାଏ। ମୁଂଡଟା କିମିତି ତ୍ରିଭୁଜପରି ଉପର ଆଡ଼କୁ ପଶିଯାଇଚି, ଚେପ୍‌ଟା ଚିକ୍‌କଣ ଥୋମଣିଟା ମୁହଁ ଭିତରୁ ସଫା ବାହାରି ଆସିଲା ପରି ଜଣାଯାଉଥାଏ। ଖାଇବାକୁ ନପାଇ ଟମିର ଦେହଯାକ ଖାଲି ହାଡ଼ଶିରା ଫୁଟି ଦିଶୁଥାଏ। ଆଉ ନାନା ରକମର ଘା, ଯାବୁ ମଧ୍ୟ ତାର ମଇଳା ପେଟ, ପିଠି ଉପରେ ମାଡ଼ିଯାଇଥାଏ। ଟମି ଦେହରୁ ସବୁବେଳେ ଟିଂକ, ଡାଆଁଶ, ଉକୁଣିଆ ପୋକ ଖସି ପଡୁଥାଂତି। ମଣିଷତ ସବୁବେଳେ ମଣିଷ। ସେ ତ ଆଉ କିଛି ସାଧୁ ମହାପୁରୁଷ ହୋଇନାଇଁ। ସେଥିପାଇଁ ଟମି ଯେ ସମସ୍ତଂକର ଘୃଣା ଆଉ ଅନାଦରର ପାତ୍ର ହବ; ଏଥିରେ ଆଶ୍ଚର୍ଯର ବିଷୟ ବା କଣ ଅଛି ?

Digitized by srujanika@gmail.com

ଏଇ ପଡ଼ିଶାଘରର ଡାକ୍ତର ବାବୁଂକର ସାନ କୁକୁର ଭାଲୁଆ—କି ସୁଂଦର ପରିଷ୍କାର ଚେହେରାଟି ତାର ! ଧଳା ଧଳା ରୁମଗୁଡ଼ିକ ରେଶମୀ ସୂତା ପରି ଚକ୍ ଚକ୍ ଦିଶୁଥାଏ। ସରୁ ଅଂଟାଟା ଭାଂଗି ହେଲା ପରି। ଆଉ ତାର ବଡ଼ ବଡ଼ କଳା କଳା ଆଖି ଦୁଇଟିରେ ଦୃଷ୍ଟି ସୁଦୂର–ପ୍ରସାରିତ। ଆଉ ଟମି ? ଇସ୍–

ଏହାଛଡ଼ା ଆହୁରି ଗୋଟାଏ ମଧ ବଡ଼ ଦୋଷ ଅଛି। ସେଇଟା ତାର ଅତ୍ୟଂତ ଶାଂତ ପ୍ରକୃତି। ସେ କାହାରିକୁ କିଛି କହେ ନାହିଁ। ଘରେ ଯେତେ ଅଚିହ୍ନା ଲୋକଟାଏ ପଶିଗଲେ ସୁଦ୍ଧା ସେ ତାକୁ କାମୁଡ଼ି ଗୋଡ଼ାଏ ନାହିଁ। ଓଲଟି ଯାଇ ତା ଗୋଡ଼ ସଂଧିରେ ମୁହଁ ଲୁଚାଇ ଗୁରେଇ ତୁରେଇ ହୁଏ – ସତେକି ସେ ଯିମିତି ତାର କେଉଁ ଦିନର ଚିହ୍ନା ଖାଉଂଦ। ରାତି ଅଧରେ ଯଦି ଚୋର ପଶେ, ତେବେ ଟମି ପ୍ରଥମେ ଥରେ ଦୁଇଥର ଖୁବ୍ ଜୋର୍‌ରେ ଭୁକିଦିଏ। ମାତ୍ର ଚୋର ଯଦି ଚାଲାଖ ହୋଇଥାଏ, ତେବେ ସେ ଟମି ଆଗରେ ଦୁଇ ମୁଠା ଚାଉଳଭଜା ଫିଂଗିଦେଲେ ଟମି ଚୁପ୍ ହୋଇ ସେଗୁଡ଼ିକର ସଦ୍‌ବ୍ୟବହାର କରିବାରେ ଲାଗିଯାଏ। ଯେତେ ଅଚିହ୍ନା ମଣିଷଟାଏ ହୋଇଥାଉ ପଛକେ ଟମି ଦେହରେ ଥରେ କଅଁଳ କରି ହାତ ବୁଲାଇଦେଲେ ଟମି ଗୋଟିକି ଯାକ ତାରି ହୋଇଯାଏ। ସେ ତାକୁ କାମୁଡ଼ିବା ଦୂରେ ଥାଉ; ବରଂ ଯାଇ ତା ଦେହରେ ଘସେଇ ଲଦେଇ ହୁଏ। ଏଥିପାଇଁ ଘରେ ସମସ୍ତଂକର ତା ଉପରେ ରାଗ। ଶାଂତ ହେବାଟା ଯେପରି ତାର ଗୋଟାଏ ମସ୍ତ ଦୋଷ। ତାର କ୍ଷମା ନାହିଁ ! ସେଥିପାଇଁ ମଣିଷର ଯେଉଁଟା ଭଲ ଗୁଣ ବୋଲି ବିବେଚିତ ହୁଏ, ପଶୁମାନଙ୍କର ସେ ଗୁଣଟା ଗୋଟାଏ ବଡ଼ ଦୋଷ ଭିତରେ ଧରାଯାଏ। ଟମି ଯଦି ଅନ୍ୟ କୁକୁର ମାନଙ୍କ ପରି ରାଗୀ ହୋଇଥାଂତା, ମଣିଷ ଦେଖିଲେ କାମୁଡ଼ି ଗୋଡ଼ାଉଥାଂତା, ରାତି ଦିନ 'ଭ୍ୟାଉ', 'ଭ୍ୟାଉ' କରି ଭୁକୁଥାଂତା, ତା'ହେଲେ ବୋଧହୁଏ ତାର ଗୁଣର ଦାମ୍ ଆହୁରି ଅନେକ ପରିମାଣରେ ବଢ଼ିଯାଆନ୍ତାଣି। ତାକୁ ଖାଇବା ପିଇବା ଅଭାବରେ ହାଡ଼-କଂକାଳରୂପ ହେବାକୁ ବୋଧହୁଏ ହୋଇ ନଥାଂତା। ମାତ୍ର ଅବୁଝା କୁକୁରଟା ମଣିଷର ଏତେ କୂଟନୀତି ଭିତରେ ପଶିପାରେ ନାହିଁ। ସେ ସବୁଦିନେ ସେହିପରି ଶାଂତ ରହିବାକୁ ଭଲ ପାଏ। ଏଇଟା ତାର ବୁଦ୍ଧିର ଦୋଷ କି ପ୍ରକୃତିର ଦୋଷ ଠଉରାଇବା ବଡ଼ କଠିନ। କାରଣ ସେ ଚାଲାଖ ହୋଇଥିଲେ କେଉଁଦିନୁ ନିଜର ପ୍ରକୃତି ବଦଳାଇ ସମସ୍ତଂକର ଆଦର ମମତାଟିକି ଆଦାୟ କରି ନିଅଂତାଣି। ଟମିର ଏପରି ଶାଂତ ହେବାର ଆହୁରି ଗୋଟାଏ ମଧ କାରଣ ଅଛି। ଚବିଶ ଘଂଟା ଗୋଇଠା ମାଡ଼ ଖାଇ ଖାଇ ସେ ବା ଶାଂତ ହୋଇ ରହିଥାଂତା କିପରି ? ଏତେ ଆଘାତ, ଉପାସ ଭିତରେ ନିଜର ତେଜଟିକି ବଂଚାଏ ରଖିବା କଣ ସହଜ କଥା ? ପ୍ରତିଦିନ ଉପାସ, ଭୋକ, ବିଧା, ଗୋଇଠାରେ ସଢ଼ି ସଢ଼ି ଟମି କାଠ ପଥର ପରି ଜଡ଼ ଅଚଳ ହୋଇଯାଇଚି। ପାଟିକରି ଥରେ ଭୁକିବା ପାଇଁ ମଧ ତାର ସାହସ ନାହିଁ। ରାଗିବା ପାଇଁ ମଧ ତା ଦେହରେ ବଳ ନାହିଁ– ଇଚ୍ଛା ମଧ ନାହିଁ।

Digitized by srujanika@gmail.com

ତା ପରେ ଆଦର, ସ୍ନେହ କାହାକୁ କହନ୍ତି, ଟମି ତାର ପିଲାଟି ଦିନରୁ ମଧ୍ୟ ଜାଣି ନାହିଁ। ସେଥିପାଇଁ କେହି ଯଦି ଟିକିଏ କଅଁଳ କରି ତା ଦେହରେ ହାତ ବୁଲାଇ ଦିଏ, କି ଟାକରା ଫୁଟାଇ ଦିଏ, କି ମୁଢ଼ି ଭୂଜା ଗଂଡାଏ ବୁଣିଦିଏ, ତେବେ ସେ ଯେତେ ଚୋର, ଡକାୟତ, ଅଚିହ୍ନା ଲୋକ ହୋଇଥାଉ ପଛକେ ଟମି ଗୋଟିକେ ଯାକ ତା ଆଡ଼କୁ ଢଳିପଡ଼େ। ମଣିଷର ଏ କଅଁଳ ସ୍ୱଭାବଟା ତାକୁ ନୂଆ ପରି ଲାଗେ। ଦୁନିଆରେ ଯେ ମଣିଷ ତାକୁ ଆଦର କରିପାରେ, ଖାଇବାକୁ ଦେଇପାରେ, ତା ଦେହରେ ହାତ ବୁଲାଇ ଦେଇପାରେ, ସେଇଟା ସେ ସେଦିନ ଯେମିତି ନୂଆ କରି ଅନୁଭବ କରେ। ତା ଜୀବନରେ ସେଇତକ ଯେ ଚରମ ଉପଭୋଗ! ସେଇ ସୁଂଦର ମୁହୂର୍ତ୍ତଟି ତାର ଜଡ଼ ଜୀବନରେ ଚେତନାର ବିଦ୍ୟୁତ୍ ଖେଳାଇଦିଏ। ସେ ସବୁ ଭୁଲିଯାଇ ସେହି ଲୋକଟିର ଦେହରେ ଗୁଡ଼େଇ ହୋଇଯାଏ। ସେଥିପାଇଁ ଅଜଣା ଅଚିହ୍ନା ଲୋକେ ଘରେ ପଶିଲେ ଟମି ସେମାନଙ୍କୁ କାମୁଡ଼ି ଗୋଡ଼ାଇବା ଦୂରେ ଥାଉ; ବରଂ ସେ ଯାଇ ସେମାନଙ୍କ ଗୋଡ଼ ହାତ ଚାଟି ଦିଏ, କୁଁ କୁଁ ହୋଇ ସେମାନଙ୍କ ଗୋଡ଼ ସଂଧିରେ ପଶିଯାଏ। ଏହିପରି ଟମିର ପ୍ରକୃତି। ଏହି ପ୍ରକୃତି ଯୋଗୁଁ ଟମି ଉପରେ ଆମ ଘରେ ସମସ୍ତେ ବିରକ୍ତ। ମାତ୍ର ଟମି ସବୁଦିନେ ସେହି ଟମି।

ଭାଇଂକର ଟମିଟାକୁ ଘରୁ ତଡ଼ିଦେବା ଲାଗି ବହୁ ଦିନରୁ ଇଚ୍ଛା। ସେ ଦୁଇ ତିନି ଥର ମଧ୍ୟ ପୂଝାରୀକୁ ସେ କଥା କହିସାରିଲେଣି। ପୂଝାରୀ ମଧ୍ୟ ହୁକୁମ ତାଲିମ କରିବାରେ କେବେ ତ୍ରୁଟି କରି ନାହିଁ। ମାତ୍ର ଟମି ବିଚାରୀକୁ ଯେତେ ମାଡ଼ପିଟ କଲେ ମଧ୍ୟ ସେ ଯାଏ ନାହିଁ। ଦୁଇ ଚାରି ଖଣ୍ଡ ବାଉଁଶ ଠେଂଗା ପଛକେ ତା ପିଠିରେ ବାଜି ଭାଂଗିଯିବ, ଟମି ଆମ ଘର ଛାଡ଼ି ଆଉ କୋଉଠିକି ଯିବନାହିଁ। ଟମି ଯେତେ ଓଲୁ ହେଲେ କଣ ହେବ, ଭାଇ ଯେ ତାକୁ ଆଦୌ ଭଲ ପାଆଂତି ନାହିଁ, ଏଇଟା ବୋଧହୁଏ ସେ ମନେ ମନେ ବୁଝିପାରେ! ସେଥିଲାଗି ସେ ବାଟଘରେ ଭାଇଂକ ଚଟିଶବ୍ଦ ଶୁଣିବା ମାତ୍ରେ ଏକାଦମକେ ଦଉଡ଼ି ପଳାଇଯାଏ। ଭାଇ ସାଢ଼େ ଦଶଟାରେ କଚେରିକୁ ଗଲାପରେ ସେ ଯାଇ ଆମ ଘରକୁ ଲେଉଟେ। ଅଇଁଠା କଂଟା ଯାହା ଯେଉଁଠି ପାଏ, ଖାଇଦେଇ ପୁଣି ଭାଇଂକ ଫେରିବାବେଳ ହେଲାରୁ ଘର ଛାଡ଼ି କୁଆଡ଼େ ପଳାଇଯାଏ। ଭାଇଂକର ଘରେ ରହିବା ସମୟଟା ତାର ଯେପରି ମୁଖସ୍ଥ ହୋଇଗଲାଣି।

ଏଇ କଥାଟାକୁ ନେଇ ସେଦିନ ଭାଉଜବୋହୂ ଆଉ ଭାଇଂକ ଭିତରେ ଗୋଟାଏ ବଡ଼ ଧରଣର କଳି ଘଟିଯାଇଛି। ଘଟଣାର ସୂତ୍ରପାତ ହେଲା– ବୁଲୁର ପଢ଼ାପଢ଼ି ନେଇ। ବୁଲୁ ଭାଇଂକ ପାଖରେ ଜମା ପଢ଼ିବାକୁ ଚାହେଁ ନାହିଁ। ଭାଇ ବଡ଼ ରାଗୀ। ଟିକିଏ କଣ ଭୁଲ ହୋଇଗଲେ ହଠାତ୍ ଠୋ-କିନା ଚଟକଣାଟାଏ ବସାଇ ଦେବେ।

ସେଥିପାଇଁ ବୁଲୁ ପଢ଼ାବେଳ ହେଲାରୁ ଭାଉଜବୋହୂଂକ ପାଖରେ ଯାଇ ଲୁଚେ! ଭାଇ ବିରକ୍ତ ହୋଇ ତାକୁ ଟଣାଓଟରା କରଂତି। ଭାଉଜବୋହୂ ବୁଲୁର ପକ୍ଷ ନେଇ

Digitized by srujanika@gmail.com

ବହୁତ ଓକିଲାତି କରଂତି । ସେଦିନ ଭାଇ କାହିଁକି ବୁଲୁକୁ ଗୋଟାଏ ଚଟକଣା ମାରିଦେଲେ । ବୁଲୁ ଭୋ ଭୋ କାଂଦି ଉଠିଲା । ଭାଉଜବୋହୂଂକୁ ଦେଖେ କିଏ ? ସେ ବୁଲୁକୁ ପଢ଼ା ଘାନରୁ ଟାଣି ଆଣି ଭାଇଂକୁ କଡ଼ା କଡ଼ା ଶୁଣାଇ ଦେଲେ –

"ତୁମ ଦାଉରେ ସାମାନ୍ୟ କୁକୁରଟା ତ ଘର ଛାଡ଼ି ପଳାଇ ଯାଉଚି । ଇଏ ତ ସହଜେ ପିଲାଟାଏ– ମଲା ଯା, ଦେଖୁନି ଆଉ ସାତ ଜନମରେ ଇମିତି ପାଠପଢ଼ା..."

ଭାଇ ବଡ଼ ଅପ୍ରସ୍ତୁତ ହୋଇପଡ଼ିଲେ । ଭାଉଜବୋହୂଂକର ଦୟାଟା ଯେ ସେଦିନଠୁଁ ଟମି ପ୍ରତି ଟିକିଏ ବୃଦ୍ଧି ପାଇଲା ତା ମଧ ନୁହେଁ । ଟମି କପାଳ ସବୁଦିନେ ଏକା ।

ଘର ଭିତରେ ଏକା ହାର ହିଁ ଟିକିଏ ଟମିକୁ ଭଲ ପାଉଥିଲା । ମାତ୍ର ବେଲ ଭୁଆ ଜନ୍ମ ହେଲାଦିନଠୁ ସେ ଆଉ ଟମିକୁ ପାଖ ପୂରାଉ ନାଇଁ । ଚାହାଳିକୁ ଗଲାବେଳେ ମଧ ବେଲକୁ କାଖରେ ଯାକି ସଂଗରେ ନେଇଯାଏ । ଶୋଇଲାବେଳେ ବେଲକୁ କୋଡ଼ରେ ପୂରାଇ ଶୁଏ । ତା ପରେ ହାରର ପୋଡ଼ପିଠା ଖଂଡକ ଟମି ତଳୁ ଗୋଟାଇ ଖାଇଦେଲା ଦିନଠୁ ସେ ବି ଟମି ଉପରେ ଖଡଗହସ୍ତ । ଇମିତି ଟମି ସମସ୍ତଂକର ଗାଳିମାଡ଼ର ବୋଝ ବହି ଏକା ପଡ଼ିଥାଏ । ଘରଯାକର ସଂଚିତ କ୍ରୋଧ ତାକୁ ଏକାକିନୀ ନତମସ୍ତକରେ ବହନ କରିବାକୁ ହୁଏ । ସେ ଦିନେ ହେଲେ ଆପତ୍ତି କରେ ନାଇଁ । ବିଦ୍ରୋହ କରେ ନାଇଁ । ଅସଂତୋଷର ଭାବ ମଧ କୌଣସି ଭାବ-ଭଂଗିରେ ପ୍ରକାଶ କରେ ନାଇଁ ।

ସବୁ ସେ ଚୁପ୍ କରି ସହେ । ଖାଲି ଅଇଁଠା କଂଟା ଗଂଡାକୁ ଆଶ୍ରୟ କରି ଟମି ଆମ ଘରେ ପଡ଼ିରହିଥାଏ । ପୂଝାରୀର ଠେଂଗା, ସାଆଂତମା'ଙ୍କ ଛାଂଚୁଣି ଫୋପଡ଼ା, ଭାଇଂକ ଚଟିମାଡ଼ ସବୁ ସେ ହଜମ କରେ । କାହିଁକି ଯେ କରେ, ମୁଁ କିଛି ବୁଝିପାରେ ନାଇଁ । ଖାଲି ଗୋଟାଏ ଗଭୀର ଦୀର୍ଘନିଶ୍ୱାସ ପକାଇ ମୁଁ ମନେ ମନେ କହେ – "ହାୟ ରେ ଅଭିଶପ୍ତ ଜୀବ ।"

ସେଦିନ ସ୍କୁଲ୍‌ରୁ ଫେରି ଘରେ ପହଂଚୁ ପହଂଚୁ ଶୁଣିଲି – ସାଆଂତମା' ବ୍ୟଥିତ ସ୍ୱରରେ କହୁଚଂତି – "ଏ ହାର, ମାଆଟା ପରା, ଯା – ମ, ଟମିକୁ ଉଷୁମ କରି ଓଖର ଟୋପିଏ ଦେଇ ଆ – ମ । ବିଚାରୀ ଆଜି ସକାଲୁ କିଛି ଖାଇନାଇଁ । ଆହା ! ତଂଟି ତ ଶୁଖିଯିବଣି । ଏ ପୂଝାରୀ, ତୁମେ ଟିକିଏ ଯାଆ – ମ ।"

କଥାଟା କଣ କିଛି ବୁଝି ପାରିଲି ନାଇଁ । ମନେ ମନେ ବଡ଼ ବିସ୍ମିତ ହେଲି । ଭାବିଲି ଆଜି ଟମି ପ୍ରତି ସାଆଂତମାଂକର ଏପରି ଆକସ୍ମିକ ଆଦରର କାରଣ କଣ ?

ମୋତେ ଦେଖି ହାର ମୋ ପାଖକୁ ଦଉଡ଼ି ଆସି ମୋ ହାତଟାକୁ ଧରି କହିଲା – "ନଂଡା ଭାଇ, ଦଉଡ଼ି ଆସ, ଟମିକୁ ଦେଖିବ ଆସ ।" ହାର ମୋ ହାତଟାକୁ ଟାଣି ଟାଣି ନେଇ ଆମ ଖଳାବାରିରେ ହାଜର କଲା । ସେଠାରେ ଯାହା

Digitized by srujanika@gmail.com

ଦେଖିଲି, ମୁଁ ଆଦୌ ବିଶ୍ୱାସ କରି ପାରିଲି ନାହିଁ। ଆରବ୍ୟ ଉପନ୍ୟାସ ପରି ସବୁ ଘଟଣାଟା ମୋତେ ଖାଲି ସ୍ୱପ୍ନ ପରି ମାଲୁମ ହେଉଥାଏ।

ଯାଇ ଦେଖିଲି, ଖଂଡେ ସଫା ଅଖା ଉପରେ ଟମି ଗୋଡ଼ ହାତ ଲଂବାଇ ଆରାମରେ ଶୋଇଛି। ତାର ବଡ଼ ବଡ଼ ଆଖି ଦିଓଟି ଅଛ ଅଛ ମୁଦି ହୋଇଛି। ଆଉ ତା ଚାରି ପାଖରେ ଚାରୋଟି ଛୁଆ ତାକୁ ଘେରି ଶୋଇଚଂତି। ଭାଉଜବୋହୂ ଆଉ ପୂଝାରୀ ଦୁହେଁଯାକ ଦୁଇବାଟି ଦୁଧ ତା ମୁହଁ ପାଖରେ ଧରିଚଂତି। ପୂଝାରୀ ଟମି ମୁଂଡଟିକୁ ଆଉଁସି ତାକୁ 'ଖା – ଖା' ବୋଲି କହୁଚି।

ଆନଂଦ ଓ ଆଶ୍ୱସ୍ତିରେ ମୋ ବୁକୁ ଭିତରଟା ନାଚି ଉଠିଲା। ଯେଉଁମାନେ ଏ ଅସହାୟ ଅନାଦୃତ ଜୀବଟିର ଆଜି ଏତେ ଆଦରର କାରଣ, ସେହିମାନଙ୍କ ଆଡ଼କୁ ମୁଗ୍ଧ ଏବଂ ବିସ୍ମିତ ଦୃଷ୍ଟିରେ ମୁଁ ଖାଲି ଚାହିଁ ରହିଲି।

Digitized by srujanika@gmail.com

ମାଟିର ତାଜ୍

ଶାଶୁଘର ଯିବାର ବର୍ଷ ଗୋଟିଏ ନ ହଉଣୁ ଗିରସ୍ତ ସଂଗେ ଖଟାମିଠା କଜିଆ ଲଗାଇ, ତା'ଠୁ 'ତଲାଖ' ଆଦାୟ କରି ଅମିନା ଯେତେବେଳେ ବଳଦଗାଡ଼ି ଖଂଡକରେ ଜିନିଷପତ୍ର ବୋଝେଇ କରି ଆସି ବାପଘରେ ପହଞ୍ଚିଥିଲା, ସେତେବେଳେ ବୁଢ଼ା ଦିଲିର ଖାଁ ଦାଂଡ ପିଂଡାରେ ବସି ବିଡ଼ି ତିଆରି କରୁଥିଲା। ଦୂରରୁ ବଳଦ ବେକର ଘଂଟି ଘାଗୁଡ଼ି ଶବ୍ଦ ଶୁଣି କେତେଜଣ ସାହି ଲୋକ କିଏ ଆସୁଚି ଦେଖିବା ପାଇଁ ଗାଁ ଦାଂଡରେ ଜମା ହେଇଥିଲେ। ପଡ଼ିଶା ଘର ମଦନା ଖଟେଇ ମଧ୍ୟ ଭାତକଂସା ଉପରୁ ଦରଖିଆ ହୋଇ ଉଠି ଆସି ଉତ୍ସୁକ ଦୃଷ୍ଟିରେ ସେ ଆଡ଼କୁ ଚାହିଁ ରହିଥିଲା। ଶଗଡ଼ଗାଡ଼ିରୁ ଓହ୍ଲାଇପଡ଼ି ସେହି ଉଦ୍ୟତ ଆଖିଗୁଡ଼ାକ ଆକ୍ରମଣରୁ ନିଜକୁ ରକ୍ଷା କରିବା ନାଗି ଅମିନା ଟମଟମ ହୋଇ ଘର ଭିତରକୁ ପଶିଗଲାବେଳେ ଗୋଟାଏ ତୀବ୍ର କଟାକ୍ଷରେ ମଦନାକୁ ବିନ୍ଧିକରି ଅଧେ ଶୁଣା ଅଧେ ନ ଶୁଣା ସ୍ୱରରେ କହିଥିଲା – 'ମଦନାଭାଇ ସଲାମ୍।' ବୁଢ଼ା ଦିଲିର ଖାଁ ବିଡ଼ି ବଳା ବନ୍ଦ କରି ଟିକିଏ ତା ଝୁଅ ଆଁଡ଼କୁ ଚାହିଥିଲା। ତା'ପରେ ଆଂଗୁଠିଗୁଡ଼ାକ ଅଧିକ ଜୋରରେ ଶୁଖିଲା ବିଡ଼ିପତ୍ର ଉପରେ ମାଡ଼ି ଚାଲିଲେ। କତୁରୀଟା ଆହୁରି ଜୋରରେ ଝଣ ଝଣ ଶବ୍ଦ କରି ଚିତ୍କାର କରି ଉଠିଲା।

ମଦନା ତାର କୁରାଢ଼ି ନିହାଣ ଲୁହାଗଜ ଧରି ଭାରି ଗଂଭୀର ଭାବରେ ପଥର ସୁଆଁସ କରିବା ଲାଗି ଖଣିକୁ ବାହାରିଗଲା।

କୁରାଢ଼ି ଚୋଟ ଠିକ୍ ଭାବରେ ପଥର ଉପରେ ବାଜୁ ନ ଥିଲେ ମଧ୍ୟ ମଦନା ସେଦିନ ଝାଳ ନାଳ ଆଂଠିଏ ହେଇ ଅବିଶ୍ରାନ୍ତ ପଥର ଚାଂଛିଲା।

ଅମିନା ଆସିବା ଦିନୁ ଗାଁ ଯାକର ଆଖି ଦିଲିର ଖାଁ ଘର ଉପରେ ପଡ଼ିଚି। କି ହିନ୍ଦୁ କି ମୁସଲମାନ ପ୍ରତ୍ୟେକ ସାହି ଲୋକ ସେବାଟେ ଚାଲିଗଲାବେଳେ ଟିକିଏ ଟିକିଏ ଦିଲିର ଖାଁ ଘରକୁ ଚାହିଁ ଯାଉଚଂତି। ଦି ଚାରିଟା ଟୋକା ଦାଂଡରେ ସାଇକେଲ ଚକ ଗଡ଼େଇ ଖେଳୁଥିବାବେଳେ ଚକଟା ଦିଲିର ଖାଁ ଘର ସାମନାରେ ଚିତ୍ ହୋଇ ପଡ଼ିଗଲେ ସେଟାକୁ ସଂଗେ ସଂଗେ ଉଠାଇ ନଉନାହାଂତି। ଟିକିଏ ରହମଠ ହେଇ କଣ ଗୋଟାଏ ସତେ ଯେମିତି ଘଟିଛି, ତାହା ଦେଖିବା ନାଗି ଦିଲିର ଖାଁ ଘର ଆଡିକି ରହି ରହି ଅନାଉଚଂତି। ଦି ଚାରିଟା ମୁସଲମାନ ଟୋକା

Digitized by srujanika@gmail.com

ଗତ ସାଲେ କଟକରୁ ଡାକିଆ ଦେଖିବାକୁ ଯାଇ ଗୋଟେ ଟେନିସ୍ ବଲ୍ କିଣି ଆଣିଥିଲେ। ଗାଁ ଦାଂଡରେ ଟେନିସ୍‌ବଲ୍ ଖେଳୁ ଖେଳୁ ବଲଟାକୁ ଜାଣି ଶୁଣି ଦିଲିର ଖାଁ ଘର ଭିତରକୁ ଫୋପାଡ଼ି ଦେଇ ସେମାନଙ୍କର ପିଲାଦିନର ଚିହ୍ନା ଅମିନା ଚାଚିକୁ ଥରେ ଦେଖି ଆସିବାର ସୁଯୋଗ ଛାଡୁନାହାନ୍ତି।

ଦିଲିର ଖାଁ ଏସବୁ ଯେ ଅନୁଭବ କରି ନ ପାରୁଚି ତା ନୁହେଁ। ହେଲେ ତା ମନର ଭାବକୁ ଘୋଡ଼େଇ ରଖି ହାତର କତୁରୀଟା ଶୁଖିଲା କେନ୍ଦୁପତ୍ରଗୁଡ଼ାକୁ ଖଣ୍ଡ ଖଣ୍ଡ କରି କାଟି ପକେଇ ଝଣ ଝଣ ହେଇ ବାଜି ଉଠୁଚି।

ବାପ ଘରକୁ ଆସି ଅମିନା ଏକାବେଳକେ ବଦଳି ଯାଇଚି।

ଦି'ଦିନ ପରେ ମଦନା ସଂଜବୁଡ଼େ ଖଣିରୁ ଫେରିଆସି ନିଜ ଅଗଣାରେ ବସି ଶୁଣିଲା ଯେ ଅମିନା ନିଜ ଘରେ କାହା ସଂଗେ ପଟେ କଜିଆ ନଗେଇ ସାରିଲାଣି। ଖାଲି ସେତିକି ନୁହଁ, କଜିଆ କରି କରି କୁଆଡ଼େ ବେହୋସ ହୋଇ ତଳେ ପଡ଼ିଗଲା। କେତେ କଣ ବାଉଳି ଚାଉଳି ହେଲା। ସାଦି ହବାର ବର୍ଷେ ଗୋଟାକ ଭିତରେ ଅମିନାର ଯେ କାହିଁକି ଏମିତି ଚିଡ଼ିଚିଡ଼ା ପ୍ରକୃତି ହେଇଗଲା, ସେ କଥା ମଦନା ଜମା ଠଉରାଇ ପାରିଲା ନାହିଁ।

ତା'ପରଦିନ ଦି'ପହରେ ମଦନା ଘରକୁ ବାହୁଡ଼ି ନିଜ ଭାରିଯା କତିରୁ ଶୁଣିଲା ଯେ, ତାଂକ ଘର ଆଉ ଅମିନା ଘର ମଝିରେ ଥିବା ଭଂଗା ବାଡ଼ଟାକୁ ତାଂକର ଗୋଟେ ଛେଳି ଠୁଂକି ଦବାରୁ ଅମିନା ଆସି ତା ଭାରିଯା ସାଂଗରେ ପରସ୍ତେ କଳି କରି ଯାଇଚି।

ହାତ ଗୋଡ଼ ହଲାଇ ମଦନା ଆଗରେ ତା ଭାରିଯା ଗୁରୁବାରୀ ଫେରାଦ ହେଲା – ''ପଠୋଉଣୀଟାର ଯଉଁ ମୁହଁ! କଥାଗୁରା ପରା ଖଂଡାଦାଢ଼ ପରି ଦିହରେ ଚାଉଁକିନା ଗରିଗଲା। ମାଲୋ! ଏଡ଼ିକି କଜିଆଖୋରଣୀ ମାଇକିନା ପୁଣି ଦୁନିଆରେ ଥାଆନ୍ତି? ନଜାଣି କରି ଘଇତା ଛାଡ଼ପତ୍ର ଦେଇଚି କି? ମଲା, ସେ ପଠାଣଘରେ କ'ଣ ଆଉ ଆଉ ତିରିଲା ନାହାଂତି? ହେଇତ ଜୁଲେଖା ଅଛି, ଜୁବେଦା ଅଛି, ହାମିଦୁ ନିଶା ଅଛି, ଇଆ ପରି କିଏ କଂଟା ବାଡ଼ରେ ନୁଗା ପକେଇ କରି କରୁଚି ମ? ତାଂକମାନଂକ ପାଟି ଫାରକ ଦିଫାର ହବାର କେବେ ଶୁଣିଚି?'' ମଦନା ଗଂଭୀର ହେଇ ସବୁ କଥା ଶୁଣିଲା। ଉଁ କି ଚୁଁ କିଛି ପାଟି ଫିଟାଇଲା ନାହିଁ।

ପଥୁରିଆ ସାହିର ଶେଷ ମୁଣ୍ଡେ ମଦନାର ଘର। ମଦନା ଘରକୁ ଦିଲିର ଖାଁର ଘର ନାଗିଚି – ଚାଳକୁ ଚାଳ ବାଡ଼କୁ ବାଡ଼। ଚାଳକୁ ଚାଳ ନଗେଇ ଘର କରିଥିଲେ ଇମିତି ନିତି ନା ନିତି କଳି କଜିଆ ହୋଇଥାଏ। ଦିଲିର ଖାଁ ଘର ସାଂଗେ ମଦନା ଘରର ଇମିତିକା କଜିଆ ଗଲା ଶହେବର୍ଷ ଭିତରେ କେତେଥର ଯେ ନାଗିଥିବ, ସେ କଥା କିଏ କହିପାରିବ? ହେଲେ ଅମିନା ନିଜେ ଆସି ତା ଘର ସାଥିରେ ଇମିତି କଜିଆ କରିବ ବୋଲି ମଦନା ଆଦୌ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା। ତା ମନଟା ବିଲ୍‌କୁଲ ଖଟା ହେଇଗଲା।

Digitized by srujanika@gmail.com

ଅମିନା ବାପ ଘରକୁ ଫେରି ଗୋଟାସୁଦ୍ଧା ବଦଳି ଯାଇଚି। ସେ ଘରେ ଆସି ଗୋଡ଼ ଦବା ସାଂଗେ ସାଂଗେ ସମୁଦାୟ ଘରର ମୁରବିପଣିଆ ସମସ୍ତଂକ ଅଜାଣତରେ ତା'ହାତମୁଠାକୁ ଚାଲିଯାଇଚି। ସାନ ଭଉଣୀ ମରିୟମ୍ ତା ଆଗରେ ପାଟି ଫିଟେଇ ପାରୁନାଇଁ। ସତୁରି ବର୍ଷର ବୁଢ଼ା ବାପ ଦିଲିର ଖାଁ ତା ଆଗରେ ମୂଷା ଛୁଆଟାଏ ପରି ନଇଁ ପଡୁଚି।

ଆଜିପର୍ଯ୍ୟନ୍ତ ବାପର ଶୋଇଲା ଘରେ ବିଡ଼ିପାଛିଆଟା ରହି ଅଳିଆ କରୁଥିଲା। ଅମିନା ସେଇଟାକୁ ନେଇ ବାରିପଟ ଓଳିତଳେ ଗୋଟେ ଭାଡ଼ି ବାଂଧି ଝୁଲେଇ ଦେଇଚି। ମୁର୍‌ଗୀଗୁଡ଼ାକ ନିତି ରୋଷେଇଘରେ ପଶି ବାର ଅଳରା ସଳରା କରୁଥିଲେ। ଅମିନା ସେଗୁଡ଼ାଂକୁ ରାଗରେ ଧରିନେଇ ଅଗଣାରେ ଗୋଟେ ବୋଝ ଘୋଡ଼େଇ ବଂଦ କରି ରଖିଚି। ଘରଦ୍ୱାର ଟିକିଏ ଅସନା ହବାର ଦେଖିଲେ ସେ ମରିୟମ୍ ଦିହରେ ହାତ ଦବାକୁ ମଧ ଛାଡୁ ନାଇଁ।

ଦିଲିର ଖାଁ ସକାଳୁ ସଂଜ ହେବାଯାଏ ଦାଂଡ ପିଂଡାରେ ବସି ବିଡ଼ି ତିଆରି କରୁଥିବାବେଳେ ଦିନ ଭିତରେ ଅନେକ ଥର ଅମିନାର ତର୍ଜନ ଗର୍ଜନ ସହିତ ମରିୟମ୍‌ର ନାକ କାଂନ୍ଦଣା ଶୁଣିବାକୁ ପାଏ। ସେ ଟିକିଏ ହାତ ବଂଦ କରି ଘର ଆଡ଼ିକି କାନ ପାରେ। ତାପରେ ପୁଣି ଗଂଭୀର ହୋଇ ଫୂର୍ତି ହାତ ଚଳାଇ ଦିଏ। କେବେ କେବେ ଅମିନାଠୁ ଗୋଇଠା ବିଧା ଖାଇ ମରିୟମ ଆସି ବାପା ଆଗରେ ଗୁହାରି କରେ। ବାପ ବିଚରା ସବୁ ଶୁଣେ, କିଛି କହେ ନାଇଁ, ପୁଣି ବିଡ଼ି ବଳିବାରେ ମନ ଦିଏ।

ଖାଲି ଘର ଭିତରେ ନୁହଁ। ସାହି ପଡ଼ିଶା ଲୋକେ ମଧ ଅମିନା ଜ୍ୱାଳାରେ ବିରକ୍ତ ହୋଇ ଗଲେଣି। କେହି କେହି ଦିଲିର ଖାଁ ଆଗରେ ଅମିନା ବିରୁଦ୍ଧରେ ନାନାପ୍ରକାର ଫେରାଦ କରି ସାରିଲେଣି, ଆଉ କେହି କେହି ଅମିନାକୁ ଜଲ୍‌ଦି ନିକା କରି ଦବାକୁ ତା ବାପକୁ ଆସି ପରାମର୍ଶ ଦେଇ ଗଲେଣି। ନିଜ ସାଂଗ ସାଥୀମାନଙ୍କଠାରୁ ନିକା ହବାର ଉପଦେଶ ଶୁଣି ଅମିନା ସେମାନଂକୁ ଇମିତି ଦାଂତ ଦେଖାଇ ଖେଂକାରି ହୋଇ ମିଶୁଚି ଯେ, ସେ ପ୍ରସ୍ତାବଟା କେବଳ ପ୍ରସ୍ତାବରେଇ ରହିଯାଇଚି।

ସମସ୍ତଙ୍କ ଅପେକ୍ଷା ମଦନା ଭାରିଯା ଗୁରୁବାରୀ ଉପରେ ଅମିନାର ଭାରି ରାଗ। ତା' ସାଂଗରେ କଜିଆ ନଗେଇ ତାକୁ ପରସ୍ତେ ମନ ପୂରାଇ ଗାଳି ଗୁଲଜ ଦବା ପାଇଁ ସେ ଯେମିତି ସବୁବେଳେ ବାର ଆଳ ଖୋଜି ବୁଲୁଥାଏ। ସେଦିନ ଅମିନାର କୁକୁଡ଼ାଟା ମଦନା ଘରକୁ କିମିତି ବାଡ଼ ତଳେ ଗଳି ପଳାଇ ଆସିଥିଲା। ଏଇ କଥାକୁ ନେଇ ଅମିନା ଗୁରୁବାରୀର ଚଉଦ ପୁରୁଷଂକୁ ଖୋଳି ତାଡ଼ି ଥୋଇଦେଲା। କୁକୁଡ଼ାଂକୁ ନିଜ ଘରକୁ ଡାକି ନେଇ ଗୁରୁବାରୀ ତାଂକ ଡିଂବତକ ବଜାରରେ ବିକି କୁଆଡ଼େ ପଇସା କରୁଚି ବୋଲି ଅମିନା ସମସ୍ତଂକୁ ଶୁଣାଇ ଶୁଣାଇ ବହୁତ ବେଳଯାଏ ଗାଳି ଫଇଜତ କଲା। କାହାରି ସାଂଗରେ ଝଟାପଟା କଜିଆ ନଗାଇଲା ବେଳେ ଅମିନାର ନୁଗାପଟା, ଘରବାହାର କିଛି ଜ୍ଞାନ ରହେନାଇଁ। ସେ ଅଣ ନିଃଶ୍ୱାସୀ

Digitized by srujanika@gmail.com

ହେଇ ନିଜକୁ ଏକପ୍ରକାର ଭୁଲିଯାଏ। ସେଦିନ ଗୁରୁବାରୀ ସାଂଗରେ କଜିଆ କରୁ କରୁ ଅମିନା ବେଦମ ହେଇଯାଇ ବେହୋସ ହେଇ ତଳେ ପଡ଼ିଗଲା। ହାତ ଗୋଡ଼ ଅଠା ଅଠା ହେଇଗଲା। ତାର ଗୋରା ମୁହଁଟା କାଳିଆ ଦିଶିଲା। ମରିୟମ୍ ବହୁତ ବେଳଯାଏ ମୁଂଡରେ ପାଣି ମାରିବା ପରେ ତେବେ ଯାଇ ଚେତା ହେଲା।

ମଦନା ସଂଜବୁଡ଼େ କାମରୁ ଫେରିବା ପରେ ଗୁରୁବାରୀ ତା ଆଗରେ ଶାକୁଳେଇ ହେଇ ସବୁକଥା ଗୁହାରି କଲା। ଏହାର ପ୍ରତିକାର ନ କଲେ ସେ ତୁରଂତ ବାପ ଘରକୁ ବାହାରି ଯିବ ବୋଲି ଧମକ ଦେଲା। କିଂତୁ ମଦନା ''ଦେଖିବା, ଦେଖିବା'' କହି କଥାଟାକୁ ସେଥର ବରଦାସ୍ତ କରିନେଲା। ଅମିନା ସାଂଗରେ ଗୋଟା ମୁହାଁମୁହିଁ ଝଗଡ଼ା କରିବାକୁ ତାର କାହିଁକି ଜମା ଇଚ୍ଛା ତାକିଲା ନାହିଁ।

ଅମିନା ଶାଶୁଘରୁ ପଳାଇ ଆସି ଟିକିଏ କଡ଼ା ମିଂଜାସୀ ହେଇ ଯାଇଚି ବୋଲି ସେ ଓଲଟି ସ୍ତ୍ରୀ ପାଖରେ କୈଫିୟତ ଦେଇ କଥାଟାକୁ ସଂଭାଳି ନବାକୁ ଉପ୍ରୋଧ କଲା।

ଦିନ ଯେତିକି ଯିବାକୁ ଲାଗିଲା, ଅମିନାର ଅତ୍ୟାଚାରରେ ଗୁରୁବାରୀ ସେତିକି ଅସ୍ଥିର ହେଇ ଉଠିଲା। କଉଁଦିନ ମଦନାର ଗାଈଟା ଦିଲିର ଖାଁ ଅଗଣା ଭିତରେ ପଶିଗଲାଣି ତ, କଉଁଦିନ ବର୍ଷାରେ ମଦନା ଘର ନଳା ପାଣି ଯାଇ ଦିଲିର ଖାଁର ଖଳାବାଡ଼ିରେ ନହଡ଼ା ମାରିଲାଣି। ଏଇସବୁ ଘଟଣାକୁ ଆଶ୍ରୟ କରି ଗୁରୁବାରୀ ବିରୁଦ୍ଧରେ ଅମିନା ଯେଉଁସବୁ ପ୍ରଳୟ କାଂଡ ସୃଷ୍ଟି କଲା, ସେଥିରେ ସାହିର ଆଉ ଆଉ ପାଂଚଲୋକେ ଗୁରୁବାରୀର ପଟିଆ ହୋଇ ଅମିନାକୁ କାଇଲ ନକରି ରହିପାରିଲେ ନାହିଁ। ପଂଚୁ ଖାଁ, ମାଗୁଣି ବକ୍ସ, ଏର୍ଫାନ ମିଆଁ ପ୍ରମୁଖ ଗାଁର ମୁଖିଆ ମୁସଲମାନମାନେ ଏ କଥାକୁ ନେଇ ଦି'ଚାରିଥର ଦିଲିର ଖାଁକୁ . ଜବତ କରି ଦେଇଗଲେ; ମାତ୍ର ଝିଅକୁ ଆକଟ କରିବାପାଇଁ ବୁଢ଼ା ଦିଲିର ଖାଁର ଜମା ସାହସ ହଉନାହିଁ। ଭଲଲୋକଂକ ଉପଦେଶ ଶୁଣି ଦବିଯିବା ପରିବର୍ତ୍ତରେ ଅମିନା ବରଂ ଜଳଂତା ନିଆଁରେ ପାଣି ଆଂଜୁଳାଏ ପଡ଼ିଲା ପରି ଆହୁରି ଜୋର୍‌ରେ କୁହୁଳି ଉଠିଲା।

ଶେଷରେ ନିରୁପାୟ ହେଇ ମଦନା ଯାଇ ଦିନେ ଦିଲିର ଖାଁ ଆଗରେ ମୁହଁ ଫିଟାଇ ଫେରାଦ ହେଲା। ପିଂଡା ତଳେ ଛିଡ଼ାହେଇ ହାତଯୋଡ଼ି କହିଲା – ''ଏଗୁଡ଼ାକ କଣ ଦାଂଡକୁ ଭଲ ହୁଉଚି ଦିଲିର ମଉସା! ଘରକଥା ଦାଂଡରେ ପଡ଼ିବାଟା କଣ ତୁମକୁ ନିକ ହୁଉଚି?''

ବୁଢ଼ା ଦିଲିର ଖାଁ ବିଡ଼ି ତିଆରି କରୁ କରୁ ସବୁ ଶୁଣିଲା। ସବୁ ଶୁଣିସାରି କେବଳ ମିନିଟକ ପାଇଁ ବିଡ଼ିବଲା ବଂଦକରି କପାଳରେ ହାତମାରି ଖୋଦାଂକ ଉଦ୍ଦେଶ୍ୟରେ ପ୍ରଣାମ କଲା। ତାପରେ ପୁଣି ନିଜ କାମରେ ମନ ଦେଲା।

ମଦନା ତା ନାଁରେ ବାପ ପାଖରେ ଫେରାଦ ହେଇଚି ଶୁଣି ଅମିନା ଗୁରୁବାରୀକି ଛାଡ଼ି ମଦନାର ଚଉଦପୁରୁଷ ଉଡେଇ ଦେଲା। ମଦନାକୁ ଶୁଣେଇ ଶୁଣେଇ ପାଟିକରି କହିଲା :

''ହାରାମଯାଦା ମାଇପ ସୁଆଗୀ ହଉଚି। ଚିହ୍ନି ନାହିଁ ମତେ! ଦିହିଁଙ୍କର ଖୁନ୍ ନିକାଳି ଦେବି।''

Digitized by srujanika@gmail.com

ଅମିନା ପାଖରୁ ଗାଳି ଶୁଣିବା ମଦନା ପକ୍ଷରେ ଏଇ ପ୍ରଥମ। ସେ ପ୍ରଥମେ ନିଜ କାନକୁ ବିଶ୍ୱାସ କରିପାରିଲା ନାହିଁ। ଯେଉଁ ଅମିନା ସାଂଗରେ ପିଲାଦିନୁ ଖେଳିବୁଲି ସେ ମଣିଷ ହେଇଚି, ସେ ଆଜି ତାକୁ ମୁହଁ ହୁଡ଼ି ଇମିତି କହିବ, ଏ କଥା ସେ ଜମା ବୁଝି ପାରିଲା ନାହିଁ। ତା ମନ ଭିତରେ ଝଡ଼ ଦେଖାଦେଲା।

ସେଦିନ ରାତିରେ ନେଳିଆ ଆକାଶ ଦିହରେ ଜହ୍ନଟା ଭାରି ସଫା ଦେଖାଯାଉଥାଏ। ସେଇ ଜହ୍ନ ଆଲୁଅରେ ଅଗଣାରେ ଗୋଟାଏ ମୁଂଦରା ପକାଇ ଦେଇ ତାରି ଉପରେ ମଦନା ଶୋଇପଡ଼ି ଇଆଡ଼ୁ ସିଆଡ଼ୁ କେତେ କଥା ଭାବିଗଲା। ସେ ପିଲାଦିନର ସେଇ ଶାଂତ ନିରୀହ ଅମିନାଟି ସହିତ ଆଜିର ଏଇ କଳିହୁଡ଼ି ଅମିନାର ତୁଳନା କରି କୌଣସି ସାମଂଜସ୍ୟର ସୂତ୍ର ଆବିଷ୍କାର କରିପାରିଲା ନାହିଁ।

ତା ଜୀବନର ମଲା ବର୍ଷଗୁଡ଼ାକ ପୁଣି ଜିଅନ୍ତା ରୂପ ଧରି ତା ଆଖି ଆଗରେ ଆସି ଛିଡ଼ା ହେଲେ। ତାର ମନେପଡ଼ିଲା ପିଲାଦିନେ ଅମିନା ଆଉ ସେ କେମିତି ଧୂଳିଘର ତିଆରି କରି ଖେଳୁଥିଲେ। ଆଉ ଖେଳ ସରିଗଲେ ସେଗୁଡ଼ାକ କିମିତି ଫେର ଗୋଡ଼ରେ ଦଳି ଭାଂଗି ଦଉଥିଲେ। ତାର ସେଇ ଧୋବ ଜହ୍ନ ଆଲୁଅରେ ମନେ ପଡ଼ିଲା ଅମିନାର ଗୋଲାପ ପରି ଖୁବ୍ ସୁରତ ମୁହଁଟି ପଛଆଡ଼େ କିମିତି କନାବାଳର ଝରଣା ନାଚି ନାଚି ଖେଳୁଥେଲା, ଆଉ ତା' ଓଠରେ ସବୁବେଳେ ନାଗି ରହିଥେଲା କିମିତି ଗୋଟାଏ ଦୁଷ୍ଟାମିର ପାତଳା ମୁଲାୟମ ହସ! ସେ ମନେ ମନେ ଭାବିଲା ସେ ପୁରୁଣା ଦିନଗୁଡ଼ାକ ଭିତରକୁ ସେ ଯଦି ଆଜି କୌଣସିମତେ ଫେରିଯାଇପାରଂତା!

ସେତେବେଳକୁ ମଦନାର ବୋଉ ବଂଚିଥିଲା। ମଦନା ଘରେ ମାଣବସା ହେଲେ ତା ବୋଉ ଚୁପ କରି ଯାଇ ଅମିନା ଆଉ ତା ଭଉଣୀ ମରିୟମ୍‌କୁ ଡାକି ଆଣୁଥିଲା। ମଦନା, ଅମିନା ଆଉ ମରିୟମକୁ ଧାଡ଼ି କରି ବସାଇ ଦେଇ ସେ ତିନିଂକ ଆଗରେ ଖଂଡେ ଖଂଡେ କଦଳୀପତ୍ର ପକେଇ ଦେଇ କେତେ କ'ଣ ପିଠାପଣା ବାଢ଼ି ଦେଉଥିଲା। ତା'ପରେ ଖିଆପିଆ ସରିଗଲେ ସେ ତିନିଜଣଂକ ଅଇଁଠା ପତ୍ରଟିମାନ ଉଠାଇ କାନି ଆଡୁଆଳ କରି ନେଇ ବାଡ଼ିପଟେ ଫିଂଗି ଦେଇ ଆସୁଥେଲା। ପଠାଣ ଅଇଁଠା ଉଠଉଚି ବୋଲି ଘର ଲୋକେ ତା ଉପରେ ଚଳି ହେଲେ ସେ କହୁଥିଲା–

"ଆ, କୋଉ ଗୋରୁ ନାଂଗୁଡ଼ରେ ବଢେଇଲେ ପିଲା ଯେ ଅଇଁଠା ଉଠେଇଲେ ନାଗିଯାଉଚି! କାହିଁକି ମ, ଅମିନା କଣ ମୋ ଝିଅ ନୁହଁ କି? ନାହି ନାଡ଼ ନଗେଇ ଜନ୍ମ କରିଥିଲେ କଣ ଗୋଟେ ବେଶୀ ହୋଇଥାଂତା।" ଅମିନା ଘରେ ଓଷା, ଉପାସ କି ଖିଆପିଆ ହେଲେ ଅମିନା ଆସି ମଦନାକୁ ଚୁପ୍‌କିନା ଡାକି ନେଇଯାଏ। ସୁବେବରାତ୍, ଇଦ ଆଉ ବାରେଓଫତ୍ ସମୟରେ ଅମିନା ନିଜେ ମଦନାକୁ କେତେ କଣ ଖାଇବାକୁ ଦେଇଚି। ମଦନାକୁ ତାଂକ ଘରେ ଖାଉଥିବାର ଦେଖି ବୁଢ଼ା ଦିଲିର ଖାଁ କେତେଥର ଟାପରା କରି କହିଚି–"ହାମ ଘରେ ଖାଇଲୁ, ତୋ ଜାତି ଗଲାରେ ମଦନା–ତୋ ଜାତି ଗଲା।" ପଠାଣ ଘରେ ମଦନା ଖାଉଚି ବୋଲି ଶୁଣି ସାହିଲୋକେ ତା ବୋଉ ଉପରେ ବାର କଟକଣା ଜାରି କଲେ

Digitized by srujanika@gmail.com

ତା ବୋଉ ପ୍ରଥମେ ହସି ହସିକା କହୁଥେଲା, ''ମୋ ପୁଅକୁ ତୁମେ ଛୁଅ ନଦେଲେ ନାଇଁ, ସେ ଅଭିଆଡ଼ା ରହିଯିବ।'' ତା'ପରେ କିନ୍ତୁ ଭୟ ପାଇ ଯାଇ କହୁଥେଲା – ''ହଉ, ହଉ, ମୁଁ ଆଜି ତାକୁ ଗଂଗାଜଳ, ପଂଚାମୃତ ଖୁଆଇ ଶୁଦ୍ଧ କରି ଦଉଚି। ଯେତେ ମନା କଲେ କ'ଣ ସେ ଛତରା ଟୋକା ମାନୁଚି କି? ଘରେ ହେଲେ କୋଉକଥା ନ ଥାଂତା – ଗାଡ଼ିଆଗିଜାକୁ କଣ କିଛି ଅଂଟିବ କି?'' ମଦନା ପାଖରେ ଥିଲେ ସେ ସାହି ଲୋକଙ୍କ ଆଗରେ ତା ଉପରେ ଦି'ଟା ଦୁମ୍‌ଦାମ୍ ବସେଇ ଦେଇ ତାଂକୁ ଭିଡ଼ି ଭିଡ଼ି ଘରକୁ ନେଇ ଯାଉଥିଲା। ଏହିଠାରେ ଏତେବଡ଼ ଜଟିଳ ସମସ୍ୟାର ଏକରକମ ଫଇସଲା ହେଇ ଯାଉଥିଲା।

ଖାଲି ସେତିକି ନୁହେଁ, ପିଲାଦିନେ ଲୁଚୁକାଳି ଖେଳିଲାବେଳେ, ବାଘବକ୍‌ରି ଖେଳିଲାବେଳେ, ଉଭୟେ ଉଭୟଂକ ପାଖରେ କେତେ କ'ଣ ପ୍ରତିଜ୍ଞା କରି ପୁଣି ପର ମୁହୂର୍ତ୍ତରେ ନାଜରେ ରଂଗ ପଡ଼ି ଯାଇଚଂତି ସେ କଥାଗୁଡ଼ାକର ଦରଭୁଲା ସ୍ମୃତି ଆଜି ବିଶେଷ ଭାବରେ ମଦନାର ବ୍ୟଥିତ ମନକୁ ଘାଂଟି ଚକଟି ପକେଇଲା।

ମଦନାର ମନେ ପଡ଼ିଲା, କେତେବର୍ଷ ତଳେ କେଜାଣି ଦିନେ ଇମିତି ଭୋଦୁଆ ଆକାଶରେ ପୁନିଅ ଚାଂଦର ଭେଳା ଭାସୁଥିଲା। ସେଦିନ ତାରି ଅଗଣାର ଏଇ ଛାଇ ଛାଇଆ ସଜନା ଗଛତଳେ ଅମିନା ଆଉ ସେ ଦୁହେଁଯାକ ହାତ ଧରାଧରି ହେଇ ବସି ଭବିଷ୍ୟତର କେତେ କଳ୍ପନା ଫୁସ୍‌ଫାସ ହେଇ ଦିହିଂକ କାନରେ ଚୁପ୍‌ଚାପ୍ କରି କହୁଥିଲେ। ମଦନାକୁ ସେତେବେଳେ ପଂଦର ବର୍ଷ ଆଉ ଅମିନାର ଉମର ବୋଧହୁଏ ହେଇଥିବ ବାର କି ତେର। ରାତି ଯେ କେତେ ହେଇ ଯାଇଥିଲା, ସେଥିପ୍ରତି କାହାର ସେଦିନ ହୋସ୍ ନ ଥିଲା। ମଦନାର ବୋଉ ହାଂଡିଶାଳ ଘରୁ ରଂଧାବଢ଼ା ସାରି କାନି ଆଡୁଆଳରେ ଡିବିଟାକୁ ଧରି ଯେତେବେଳେ ଆସି କହିଲେ, ''ଆଜି କଣ ତମ ଦିହିଁଙ୍କର ଖେଳ ସରିବ ନାଇଁକି ମଦନି!'' ସେତେବେଳେ ଯାଇ ଦିହିଁଙ୍କଠେଇଁ ଚେତା ପଶିଲା। ଯେଝା ଘରକୁ ଯେଝେ ଫେରିଗଲେ। ମଦନା ଚିତ୍ ହେଇ ଶୋଇ ଅଗଣାର ସେହି ଝାଂପୁଲା ସଜନାଗଛ ଆଡ଼କୁ ଆଜି ଚାହିଁଲା। ଜହ୍ନ ଆଲୁଅର ଅସରଂତି ସମୁଦ୍ର ମଝିରେ ସଜନା ଗଛର ଅସୁମାରି ସାବଜା ପତ୍ରଗୁଡ଼ାକ ମେଂଚା ମେଂଚା ପାଣି ଶିଉଳି ପରି ଭାସି ଭାସି ଖେଳୁଥିଲେ।

ମଦନାର ଫେରେ ମନେପଡ଼ିଲା ଦିନେ ଦିନେ ସଂଜବୁଡ଼େ ଅମିନା ଆଉ ସେ ଦିହେଁଯାକ ଗାଁମୁଂଡ ଘରେ ଥିବା ଶହେବର୍ଷର ହାଜିସାହେବ ମୁସ୍ତାଫା ପାଖରେ କାହାଣୀ ଶୁଣିବା ନାଗି ହାଜର ହୁଅନ୍ତି। ଆରବ ମରୁଭୂମିର ମୁସାଫିର କଥା, ବୁଲ୍‌ବୁଲ୍ ଚଢ଼େଇ କଥା, ଆଲିବାବା ଆଉ ଡକାୟତ କଥା, ବାଗଦାଦ୍‌ର ଡାହାଣୀ କଥା, ନିର୍ଜ୍ଜଳା ମରୁଭୂମିରେ ଓଟ ଆଉ ଫକିର କଥା ଶୁଣି ଦିହେଁ ଭୟରେ ଦିହିଁଙ୍କ ପାଖକୁ ନାଗି ନାଗି ଆସଂତି। ସେଇ ସୁଦୂର ମରୁଭୂମି ଆରପଟେ ଖଜୁରି ଗଛ ଗହଳରେ ଅଚେତ ହୋଇ ଶୋଇଥିବା ଶାଗୁଆ ଦ୍ୱୀପକୁ ଚାଲିଯିବା ନାଗି ଅମିନାର ଢୁଲୁ ଢୁଲୁ ଆଖିପତା ଦୋ'ଟିରେ କିମିତି ନିଶା ନାଗେ, ତାହା ଏତେଦିନ ପରେ ବି ମଦନାର ମନେ ପଡ଼ିଲା।

Digitized by srujanika@gmail.com

ମଦନାକୁ ପଂଦରବର୍ଷ ହବା ପର୍ଯ୍ୟଂତ ଅମିନା ଛଡ଼ା ଅନ୍ୟ କାହାରିକି ଜାଣି ନ ଥିଲା। ଅମିନା ମଧ ତେରବର୍ଷରେ ପାଦଦେବା ପୂର୍ବରୁ 'ମଦନା ଭାଇ, ମଦନା ଭାଇ', ବୋଲି ପାଣି ପିଉ ନ ଥିଲା। ଜଣକର ଘର ଦିହିଁଙ୍କର ଘର ହେଇଥିଲା। ଜଣକର ସୁଖ ଦୁଃଖ ଦୁଇଜଣଂକର ସୁଖଦୁଃଖ ହେଇଯାଇଥିଲା। ଦିହେଁ ଦିହିଁଙ୍କର ଦିନର ସାଥୀ ଆଉ ରାତିର ସ୍ୱପ୍ନ ହେଇ ଜୀବନର ସବୁଠାରୁ ତରଳ ଆଉ ତଳ ତଳ ସମୟତକ କଟାଇ ଦେଇଥିଲେ।

ତା'ପରେ ଦିନେ –

ସେଦିନ ମଦନା ଆଉ ଅମିନାର ଦେଖା ପାଇଲା ନାହିଁ। ସେ ତାକୁ କେତେ ଖୋଜିଲା। ନଟା, ପୋଖରୀ, ବଣବୁଦା, ଯେଉଁଠାରେ ଅମିନା ସାଂଗରେ ତାର ନିତି ନିତି ଭେଟ ହୁଏ। ସେ ସବୁଆଡ଼ ଯାଇ ତାକୁ ଖୋଜି ଖୋଜି ବୁଲିଲା। ମାତ୍ର ଅମିନା ନାହିଁ। ଦିନେ ଗଲା, ଦୁଇଦିନ ଗଲା, ତିନିଦିନ ଗଲା। ଚାରିଦିନ ସକାଳେ ମଦନା ଚୁପ୍ କରି ଯାଇ ଅମିନା ଘର ଦାଂଡ ପିଂଡା ତଳେ ଠିଆ ହେଲା। ବୁଢ଼ା ଦିଲିର ଖାଁ ପିଂଡା ଉପରେ ବସି ବିଡ଼ି ତିଆରି କରୁଥିଲା। ମଳିନ ମୁହଁରେ ମଦନା ପଚାରିଲା – "ଅମିନା କାହିଁ ?"

ବୁଢ଼ା ଦିଲିର ଖାଁର ଧଳା ଦାଢ଼ି ଗୁଡ଼ିକ ଭିତରେ ଟିକିଏ ହସର ଢେଉ ଖେଳିଗଲା। ସେ ମୁହୂର୍ତ୍ତକ ପାଇଁ ବିଡ଼ି ତିଆରି ବନ୍ଦ କରି ଜବାବ ଦେଲା – "ଅମିନା ବଡ଼ ହୋଇଗଲାଣି। ଆଉ ଏଣିକି କାହାରିକୁ ଦେଖା ଦବ ନାହିଁ। ତାର ଜଲ୍‌ଦି ସାଦି ହବ।" ମଦନା ଚୁପ୍ ହେଇ ଫେରି ଆସିଲା। ସେଇଦିନୁ ମଦନା ଅମିନା ସଂଗେ କଥାଭାଷା ହେଇ ନାହିଁ କି ତାକୁ ଭଲ କରି ଟିକିଏ ଦେଖିବାର ସୁଯୋଗ ପାଇନାହିଁ।

ଦୂରରୁ – ଖୁବ୍ ଦୂରରୁ ଅମିନାର ଛାଇ ହୁଏତ ବେଳେ ବେଳେ ତା ଆଖି ଉପରେ ମାଡ଼ି ବସିଚି। ଭଲ କରି ଟିକେ ଦେଖିବା ଆଗରୁ ଆପେ ଆପେ ପୁଣି ତାହା କୁଆଡ଼େ ଉଭେଇ ଯାଇଚି।

ଦିନେ ଦିନେ ମଦନା ଗଣେଶ ମାରୁଆଡ଼ିଂକ ପକା କାମ କରିବାକୁ ନିହାଣ ମୁଗୁର ଧରି ବାହାରିବା ବେଳେ ଅମିନା ଘରକୁ ନାଗି ସିଙ୍ଗୁବାଡ଼ ପାଖରେ କାହାର କାଚ ଝୁଣୁ ଝୁଣୁ ଶବ୍ଦ ହୁଏ। ଦୂରରୁ ଦେଖେ ଅମିନା ତା'ରି ଆଡ଼କୁ ଏକଦୃଷ୍ଟିରେ ଚାହିଁ ରହିଚି। ଚାରିଆଖି ମିଶିଯିବା ସଂଗେ ସଂଗେ ଅମିନା ଆଖି ତଳକୁ ପକାଇ ଦେଇ ସେଠୁ ନାକରେ ଓଢ଼ଣା ଟାଣି ପକେଇ ପୁଣି ଗଛ ଆଢୁଆଳରେ ନୁଚିଯାଏ। ଆଉ ଦିନେ ଦିନେ ମଦନା ସେ ବାଟେ ଗଲାବେଳେ ଦେଖେ ଅମିନା ତାଂକ ଦାଂଡପଟ ଅଗଣା କୂଅରୁ ନଇଁ ପଡ଼ି ପାଣି କାଢୁଚି। ଦାଂଡ କବାଟ ମେଲା ହୋଇଥିଲେ ରାସ୍ତାରୁ ଅମିନା ଘରର ଦାଂଡପଟ ଅଗଣା ଦେଖାଯାଏ। ମଦନାକୁ ଦେଖି ଅମିନାର ଗରାଟା କୂଅ ଭିତରେ ରହିଯାଏ। ଦୌଡ଼ିଟା ହାତରେ ଗୋଡ଼ରେ ଛନ୍ଦି ହୋଇଯାଏ। ତା'ର ବଡ଼ ବଡ଼ ଭୋକିଲା ଆଖି ଯୋଡ଼ାକ ଦୂରରୁ ଆସି ତା ଦିହରେ ନାଚି ହୋଇଯାଂତି। ଏହିପରି ଭାବରେ ଜଣା, ଅଜଣା, କୁହା ଅକୁହା ଓ ଦେଖା, ଅଦେଖା ଭିତରେ ଦିହିଁଙ୍କର ଦିନ ଗଡ଼ିଯାଏ।

Digitized by srujanika@gmail.com

ହଠାତ୍ ଦିନେ ମଦନା ଶୁଣିଲା – ଅମିନା ଘରେ ଭାରି ଗୋଳମାଳ ନାଗିଚି। ବହୁତ ନୋକବାକ ଆସିଚଂତି। କୁର୍ମା ପଲାଉ ଆଉ କାପ୍ରାନଦିଆ ବିରାନୀ ଗଂଧରେ ଦିଲିର ଖାଁର ଘରଦ୍ୱାର ମହକି ଉଠୁଚି।

ଏହାପରେ ଦିନ ପଂଦରଟା ନ ଯାଉଣୁ ବାଣ, ବାଜଣା, ଆଉ ରୋଶନିରେ ସେଇ ଛୋଟ ପାହାଡ଼ତଳିଆ ଗାଁଟିର ଦାଂଡ, ପଡ଼ିଆ ଉଛୁଳି ଉଠିଲା। ବର ଆସିଲା, ବରଯାତ୍ରୀ ଆସିଲେ, ମୌଲବୀ ଓକିଲ, ଗୁହା, ହଜାମ ସମସ୍ତେ ଆସି ପହଞ୍ଚିଲେ।

ବରପକ୍ଷର ଓକିଲ ଦୁଇଜଣ ଗୁହାଂକୁ ସାଂଗରେ ଧରି ଅମିନାର ମତାମତ ଜାଣିବା ପାଇଁ ମାମୁଲି ପ୍ରଥା ଅନୁସାରେ ଘର ଭିତରକୁ ଗଲେ। ବର ପକ୍ଷର 'ଦେୟେନମେହର' ବା ଶଂଖୋଳା ଆସିଥିବା ସୁନା ହାରଟାକୁ ନେଇ ଅମିନାକୁ ଭେଟି ଦବା ପରେ ତାର ଏ ବିବାହରେ ମତ ଅଛି କି ନାଇଁ ଜାଣିବା ନାଗି କାଜି ତିନିଥର ପଚାରି ମଂତ୍ର ପଢ଼ିଲେ –

"ଆନିକାହୋମିନ ଶୁନୋତି ଫମନ୍
ରଘେବା ଆନ ଶୁନୋତି ଫରେସା ମିନ୍ନି।"

ଭାବୀବଧୂ ଅମିନା ବିବାହରେ ତାର ଇଛା କି ଅନିଛା କଣ ଜଣାଇଲା କେହି କିଛି ଶୁଣି ପାରିଲେ ନାଇଁ। ତାର ସମ୍ମତି ଜାଣିବା ନାଗି ତା' ହାତକୁ ପାଂଚଟଂକା ବଢ଼ାଇ ଦିଆଗଲା। ଆଉ ତା ହାତ ପାଖରେ ଓକିଲ ଗୋଟାଏ ଥାଳି ଧରି ସେଇ ଥାଳି ଉପରେ ଟଂକାତକ ପକାଇ ଦେଇ ତାର ରାଜି ଅଛି ବୋଲି ଜଣାଇ ଦେବାକୁ ହୁକୁମ ଦେଲେ। ଅମିନାର ହାତଟା ହୁଏତ ଏହାପରେ ଟିକିଏ ଥରି ଉଠିଥିଲା। ତାପରେ ତାର କ୍ଳାଂତ ଶିଥିଳ ହାତମୁଠା ଭିତରୁ ରୁପାର ଟଂକା ଆପେ ଆପେ ନିଜ ଭାରରେ ନିଜେ ଥାଳି ଉପରେ ଝଣ ଝଣ ଖସି ପଡ଼ିବାର ଶୁଣାଗଲା। ଓକିଲ ଗୁହାମାନେ ଖୁସି ହୋଇ ଅମିନାର ସମ୍ମତି ଘେନି ବର ପାଖରେ ଯାଇ ହାଜର ହେଲେ। ଅମିନାର ସେଇ ହାତ ଇଂଗିତ ସଂଗେ ତାର ମନ ଇଂଗିତର କୌଣସି ସାମଂଜସ୍ୟ ଥିଲା କି ନାଇଁ, ସେ କଥା କାହାରି ବୁଝିବା ପାଇଁ ସମୟ ନଥିଲା। ନିଜେ ଅମିନା ମଧ ଏତେ ବାଜା, ବାଜଣା, ଲୋକବାକ, ବଂଧୁ, ବାଂଧବ, କାଜି, ମୌଲବୀଙ୍କ ଭିତରେ ତା ମନର ଗୋପନ କଥାଟି ମନେ ରଖିଥିଲା କି ନାଇଁ ସଂଦେହ।

ତା'ପରେ ବରର ଏ ବିବାହରେ ରାଜି ଅଛି କି ନାଇଁ ଜାଣିବା ନାଗି ଓକିଲ ଆଉ ଗୁହାମାନେ ଯାଇଁ ତା'କୁ ମାମୁଲି ଭାବରେ ପଚାରିଲେ, 'କବୁଲ୍ ତ'? ସଂଗେ ସଂଗେ ଉତ୍ତର ଆସିଲା 'କବୁଲ'। ଉପସ୍ଥିତ ସମସ୍ତେ ଖୁସି ହୋଇ ଉଠିଲେ। କାଜି ସାହେବ ବିବାହର ସମସ୍ତ କର୍ମ କର୍ମାଣୀ ଶେଷ କରି ପକାଇଲେ। ଗାଁ କଂପାଇ 'ଶୁକ୍ରାନ' ପଢ଼ା ହେଲା।

ବିବାହ ପରେ 'ରୁଖନୋମାଇ' ଆରଂଭ ହେଲା। ବରକନ୍ୟାଂକୁ ପରସ୍ପର ମୁହଁ ଦେଖିବା ନାଗି ଗୋଟାଏ ଘର ଭିତରକୁ ଅଣାଗଲା। ଅମିନା ହାତକୁ ଗୋଟାଏ ଦର୍ପଣ ବଢ଼ାଇ ଦିଆଗଲା। ସେଇ ଦର୍ପଣରେ ସେ ତାର ସ୍ୱାମୀର ମୁହଁ ଦେଖିବ।

Digitized by srujanika@gmail.com

ଦର୍ପଣର ସ୍ୱଚ୍ଛ କାଚ ଉପରେ ତାର ସ୍ୱାମୀର କଳା କଳା ଦାଢ଼ି ସମେତ ମୁହଁଟା ଯେତେବେଳେ ଭାସି ଉଠିଲା, ସେତେବେଳେ ନିଜର ଅନିଚ୍ଛା ସତ୍ତ୍ୱେ ଅମିନାର ଆଖି ଦି'ଟା ସେଠାରୁ ଫେରି ଆସି ନିରୁଦ୍ଦିଷ୍ଟ ଭାବରେ ସେଇ ଘରର ଏଣେ ତେଣେ ବୁଲିବାକୁ ଲାଗିଲା। ଶୁଭଦୃଷ୍ଟିର ଲଗ୍ନ ମଉଳି ଗଲା।

ଯଥା ସମୟରେ ବରକନ୍ୟା ବିଦା ହେଇ ଯିବାପରେ ଦିଲିର ଖାଁ ଘରଟା ପୁଣି ଶୂନ୍‌ଶାନ ପଡ଼ିଗଲା। ସେଇ ନିସ୍ତବ୍ଧ ନୀରବତାର ତୀକ୍ଷ୍ଣ ଧାର ମାଟିର ପାଚିରି ଡେଇଁ ମଦନା ଘରକୁ ଆସି ତାକୁ ପ୍ରତି ମୁହୂର୍ତ୍ତରେ ବିନ୍ଧ କରିବାକୁ ଲାଗିଲା।

ମଦନାର ମନେ ପଡ଼ିଲା ଶାଶୁଘରକୁ ଯିବାର ଠିକ୍ ଦୁଇ ଘଂଟା ଆଗରୁ ମଦନା ତାଙ୍କର ଅଗଣାରେ ଛିଡ଼ା ହୋଇ ସେଇ ଭଂଗା ପାଚେରୀ ଫାଙ୍କରେ ଥରେ ମାତ୍ର ଅମିନାକୁ ଦେଖିଥିଲା। ଅମିନା ବଧୂବେଶରେ ସଜ୍ଜିତ ହୋଇ ତାଂକ ଅଗଣାରେ ଚୁପ୍‌ଚାପ୍ ହେଇ ଛିଡ଼ା ହୋଇଥିଲା। ବାହାଘରର କାନଫଟା ଗୋଳମାଳରୁ ଅଲଗା ହୋଇ ସେ ଯିମିତି ଟିକିଏ ଦମ୍ ମାରିବାକୁ ଚେଷ୍ଟା କରୁଥିଲା। ମଦନାର ଆଖି ତା ଆଖି ସଂଗେ ମିଶିଯିବା ପରେ ମଦନା ଦେଖିପାରିଲା ଅମିନାର ଆଖି ଉପରେ ଗୋଟାଏ କିଛି ଦିନର ଅନିଦ୍ରା ଯେପରି ଜମି ରହିଚି। ମଦନା ତା ଆଡ଼କୁ ଆଉ ଅନେଇ ପାରିଲା ନାଇଁ।

ଅମିନା ଶାଶୁଘରକୁ ଚାଲିଯିବା ପରେ ମଦନା ବାହା ହବାକୁ ଏକାଜିଦ୍ ଧରି ବସିଲା। କେଜାଣି କାହିଁକି କାହା ଉପରେ ଥିବା ବହୁଦିନର ରାଗ ଶୁଝାଇବା ପାଇଁ ସେ ଯିମିତି ଶୀଘ୍ର ଗୋଟାଏ ବେକରେ ଛଂଦି ପକାଇବାକୁ ଚାହୁଁଥିଲା। କେହି ତାକୁ ଏ ବିଷୟରେ କିଛି ପ୍ରଶ୍ନ କଲେ ମଦନା ଗରଗର ହେଇ କହୁଥେଲା – "କାହିଁକି ମ ? ସମସ୍ତେ ବାହାହେବେ – ମୁଁ କଣ ମଣିଷ ନୁହଁ କି ? ମୁଁ କଣ ବାହାହେବାକୁ ଭାର୍ଜନ ନୁହଁ ?"

ଏହାର ମାସକ ପରେ ମଦନା ଗୁରୁବାରୀକୁ ତୁଳାକନ୍ୟା କରି ତାଂକ ଗାଁ ଠାରୁ ଚାରି କୋଶ ଦୂର ଟଂଡିକଣା ଗାଁରୁ ଟେକି ଆଣିଲା।

ଆଜି ଏଇ ନିସ୍ତବ୍ଧ ରାତିରେ ସେଇ ଛାପଛାପକିଆ ସଜନାଗଛ ଛାଇରେ ମଦନ ମନରେ ଅତୀତର ସେଇ ପୁରୁଣା କାହାଣୀଗୁଡ଼ାକ ଫଣା ଟେକି ଛିଡ଼ା ହେଲା।

ତା'ମନରେ ଶୋଇଲା ସାପଗୁଡ଼ାକ ଆଜି ଯିମିତି ବିସ୍ମୃତିର ଅତଳ ଗହ୍ୱରରୁ ବାହାରି ଆସି ଖୋଲା ଆଲୁଅରେ ବୁଲିବାକୁ ଇଚ୍ଛା କରୁଥିଲେ।

ଭାବୁ ଭାବୁ ମଦନାକୁ କେତେବେଳେ ଛାଇ ନିଦ ନାଗି ଯାଇଚି। ଇଆ ଭିତରେ ରଂଧାବଢ଼ା ସାରି ଗୁରୁବାରୀଟା ଯେ କେତେବେଳେ ଆସି ତା ପାଖରେ ଢୁଳେଇ ପଡ଼ିଚି ତାର ନଜର ନାଇଁ। ରାତି ଅଧରେ ହଠାତ୍ ଚାଉଁକିନା ମଦନାର ନିଦ ଭାଙ୍ଗିଯିବାରୁ ସେ ଦେଖିଲା ଦୂରରେ ଧୋବ ନୁଗା ପିଂଧି ମଣିଷ ପରି ଗୋଟେ କ'ଣ ଚଳଂତା ମୂର୍ତ୍ତି ତାରି ଆଡ଼କୁ ଏକଦୃଷ୍ଟିରେ ଚାହିଁ ଠିଆ ହୋଇ ରହିଚି। ମଦନା ତା ଛାତି ଉପରୁ ଗୁରୁବାରୀର ହାତଟାକୁ ତଳକୁ ଫୋପାଡ଼ି ଦେଇ ଆଖି

Digitized by srujanika@gmail.com

ମଳି ମଳି ଉଠି ଛିଡ଼ା ହେଲା। ଦେଖିଲା ଆକାଶର ସଫା ଜହ୍ନଟା ସିମିତି ଧୋବ କଟକଟ ଦୁଉଚି, ଆଉ ସେଇ ଛାଇଟା ପାଚିରି ତଳେ ତଳେ କ୍ରମେ ଦୂରକୁ ଦୂରକୁ ଘୁଂଚି ଯାଉଚି। ମଦନା ଡାକିଲା – "କିଏ ?"

କାହାର କୌଣସି ଉତ୍ତର ନାଇଁ। ଯେଉଁଠି ପାଚେରିଟା ମଝିରୁ ଦି'ଫାଳ ହେଇ ଭାଂଗିଯାଇଚି, ସେଠି କୌଣସି ଛାଇ ଛାଇଆ ଅଂଧାର ନାହିଁ। ଜହ୍ନ ଆଲୁଅରେ ସବୁ ଜିନିଷ ସେଠାରେ ଅରୁଆ ଚାଉଳ ପରି ବାରି ହୋଇ ଦିଶୁଚି। ସେଇ ଛାଇଟା ସେଠାରେ ପହଂଚିବା ମାତ୍ରକେ ମଦନା ଦେଖିପାରିଲା, ସେ ଆଉ କେହି ନୁହେଁ, ଅମିନା। ଅମିନା ବଡ଼ ବଡ଼ ଆଖିଦି'ଟାରେ ଛାଇ ଆଲୁଅର କୁଆର ପରି ମନେ ହେଉଥିଲା। ସତେ ଯିମିତି ସେଥିରେ ଜମି ରହିଛି ଖାଲି କ୍ଳାଂତି ଆଉ କ୍ଳାଂତି –

ମଦନା ଡାକିଲା – "ଅମିନା !"

ଛାଇଟା ସେଇ ଭଂଗା ପାଚେରି ସଂଧିରେ ଗଳି ଦିଲିର ଖାଁ ଅଗଣା ଭିତରେ ପଶିଗଲା। ମଦନା ଫେରି ଆସିଲା।

ସେ ରାତିରେ ତାକୁ ଆଉ ନିଦ ହେଲା ନାଇଁ। ତା' ମନରେ ଭୟ ହେଲା। ଅମିନାର ଉଦ୍ଦେଶ୍ୟ କଣ ସେ ଜମା ବୁଝି ପାରିଲା ନାଇଁ। ଅମିନାର ବଡ଼ ବଡ଼ ଆଖି ଦି'ଟା ତାକୁ ପ୍ରତି ମୁହୂର୍ତରେ ଶିକାରୀ ପରି ଗୋଡ଼େଇ ଧରିବାକୁ ଚେଷ୍ଟା କଲା। ଗୁରୁବାରୀ ଡରିବ ବୋଲି ସେ ତାକୁ କୌଣସି କଥା ଫିଟାଇ କରି କହିଲା ନାଇଁ।

ମଦନାର ମନେପଡ଼ିଲା ଅମିନା ତାକୁ ସକାଳେ ଧମକ ଦେଇ କହିଥିଲା – "ଦୁହିଁଙ୍କର ଖୁନ୍ ନିକାଲି ଦେବି।" ତେବେ କଣ ଅମିନା ଏତେ ରାତିରେ ତାକୁ ଆଉ ଗୁରୁବାରୀକୁ ଖୁନ୍ କରିବାକୁ ଆସିଥିଲା ? କିନ୍ତୁ ଅମିନାର ଆଖି ଦୁଇଟା ତା ଆଶଙ୍କା ବିରୁଦ୍ଧରେ ପ୍ରତିବାଦ ଜଣେଇଲେ। ଖୁନ୍ କରିବାକୁ ଆସିଥିଲେ ସେ ଇମିତି ଭାବରେ ତା ଆଡ଼କୁ ଚାହିଁ ରହିଥାଂତା କାଇଁକି ? ସେଇ କଳା ରାତିର ସମସ୍ତ ରହସ୍ୟ, ସମସ୍ତ ଗଭୀରତା ଯିମିତି ତା ଆଖି ଭିତରେ ନୁଚି ରହିଥିଲା। ମଦନାର ମନେ ପଡ଼ିଲା ଶାଶୁ ଘରକୁ ଯିବା ପୂର୍ବ ମୁହୂର୍ତ୍ତରେ ଅମିନା ଠିକ୍ ତାକୁ ଇମିତି ଭାବରେ ଥରେ ଚାହିଁଥିଲା। ତାପରେ ସେ ଭାବିଲା, କାଇଁ ଅମିନା ହାତରେ ତ ଛୁରି ଫୁରି କିଛି ନ ଥିଲା।

ମଦନା ଭାବି ଭାବି ଥଳକୂଳ ପାଇଲା ନାହିଁ।

* * * *

ଏହାର କିଛିଦିନ ପରେ ଅମିନା ଦିନେ ବେହୋସ୍ ହୋଇ ତଳେ ପଡ଼ିଗଲା। ବେହୋସ୍ ହୋଇ ସେ ଖାଲି ଅନବରତ ପ୍ରଳାପ କରିବାକୁ ଲାଗିଲା। ତା ସ୍ୱାମୀ ଆଉ ଗୁରୁବାରୀ ବିରୁଦ୍ଧରେ ସେ କେବଳ ପ୍ରଳାପର ବିଷ ବାଂଟି କରିବାକୁ ଲାଗିଲା।

Digitized by srujanika@gmail.com

ଗୁରୁବାରୀକୁ ଯେ ସେ ଖୁଣ୍ କରିବାକୁ ଚାହେଁ, ଆଉ ତା ସ୍ୱାମୀକୁ ଜାହାନ୍ନାମକୁ ପଠେଇବାକୁ ଚାହେଁ। କେବଳ ଦିନତମାମ୍ ସେ ଏହିଭଳି ଗର୍ଜନ କରିବାକୁ ଲାଗିଲା।

ବହୁତ କବିରାଜ, ହାକିମ ଆସିଲେ, ମାତ୍ର ଅମିନାର ଚେତା ହେଲାନାଇଁ।

ସେ ନିଜର ଦିହମୁଂଡକୁ ନଖରେ ଆଂପୁଡ଼ି ପକେଇଲା – ନିଜ ବାହାଟାକୁ ନିଜେ କାମୁଡ଼ି କାମୁଡ଼ି ଛିଂଡ଼ାଇ ପକେଇଲା।

ଗୁରୁବାରୀ ଆଉ ତା ସ୍ୱାମୀକୁ ଅନର୍ଥକ ଗାଳି ଗୁଲଜ ଦେଇ ତା ମନ ଟିକିଏ ଥଂଡା ହବାରୁ ସେ ସେମାନଙ୍କୁ ଛାଡ଼ି ମଦନାକୁ ଆକ୍ରମଣ କଲା। ମଦନା ଯେ ସବୁ ଅନର୍ଥର ମୂଳ, ମଦନା ଯେ ତାକୁ ଖୁଣ୍ କରିଛି, ଏହିଭଳି ଭାବରେ ସେ ପାଟି କରି ବକିବାକୁ ଲାଗିଲା।

ରାତିରେ ତା ଛାତି ଭିତରେ କଫ ଜମିଯାଇ ଘଡ଼ ଘଡ଼ ଶବ୍ଦ ଶୁଣାଗଲା। କବିରାଜ ନାଡ଼ି ଦେଖି କହିଲେ ନିଉମୋନିଆ ହେଲାଣି। ଅମିନା ସେଇପରି ଭାବରେ ବେହୋସ୍ ହେଇ ଇଆଡ଼ୁ ସିଆଡ଼ୁ ବକୁଥାଏ।

ତହିଁ ଆରଦିନ ସକାଳୁ କଫ ଜମି ତାର କଂଠ ରୁଦ୍ଧ ହୋଇ ଆସିଲା।

ସକାଳେ ଅମିନା ମରିଗଲାଣି ଶୁଣି ଗୁରୁବାରୀ ଖୁସିହୋଇ ମଦନାକୁ କହିଲା – ''ମଲା ନାଇଁ ଯେ ମୋ' କାର ଗଲା।'' ମଦନା କିଂତୁ ତା କଥାରେ କୌଣସି ଉତ୍ସାହ ଦେଖାଇଲା ନାଇଁ। ସେ ଅନ୍ୟମନସ୍କ ଭାବରେ କେବଳ କହିଲା – ''ଆହା, ବିଚାରୀ ବଡ଼ କଲବଲ ହେଇ ମଲା।''

ଅମିନାର ମୃତଦେହକୁ ପଶ୍ଚିମ ଦିଗକୁ ମୁହଁ ବୁଲାଇ ଶୁଆଇ ଦିଆଗଲା। ତାପରେ ତାକୁ ଓ୍ୱାଜ ସ୍ନାନ କରାଇ ନମାଜ ପଢ଼ି, ତାବୁତରେ ଶୁଆଇ କବର ଭୂଇଁକୁ ନିଆଗଲା। ଅମିନାର ମୃତ ଆତ୍ମାର ସଦ୍‌ଗତି ପାଇଁ ମୌଲବୀ ସାହେବ ମସ୍‌ଜିଦ ସାମନାରେ 'ଜେନାଜା' ପଢ଼ିଲେ –

''ଶୁଭନକା ଆଲମ ହୁମା ବହା ମଜିକା ଓ୍ୱାଜଲା ସନାଉକା
ଓ୍ୱାତବାରାହକ୍‌ସମୁକା ଓ୍ୱାତାଆଲା ଯଦୁକା ଓ୍ୱାଲାଇଲାହା ଗରେକା''

ମଡ଼ାବୁହାଳିମାନେ ରାସ୍ତାଘାଟ କଂପାଇ 'ତାବୁତ୍' କାଂଧେଇ ପାଟିକରି ଚାଲିଲେ –

''କାନା ଆଲଲ ଖୟାର।''

କବର ଭୂଇଁରେ ବେଲଦାରମାନେ ଗାଡ଼ ଖୋଳିଦେଲେ। ଶବସଂସ୍କାର ପରେ ଅମିନାର ମୃତଦେହକୁ ସେଇ ଗାଡ଼ ଭିତରେ ଶୁଆଇ ଦେଇ ଶେଷଥର ସକାଶେ ମନ୍ତ୍ର ପଢ଼ାହେଲା –

''ବିସ୍‌ମିଲା ହି ମଜରିହା ଓ୍ୱମୁର ସାହା
ଇନାରବି ଲଗଫୁର ରହିମ...''

ତାପରେ ମାଟିର ଅନଂତ ଗର୍ଭରେ ଅମିନାର କ୍ଷୁଦ୍ର ମାଟିର ଦିହ କୁଆଡ଼େ ନୁଚିଗଲା।

ଏହାର କିଛିଦିନ ପରେ ମଦନା ଅଯାଚିତ ଭାବରେ ଯାଇ ବୁଢ଼ା ଦିଲିର ଖାଁ ନିକଟରେ ଦିନେ ଅନୁରୋଧ କଲା – ''ଅମିନାର ମୃତଦେହ ଉପରେ ଗୋଟେ

Digitized by srujanika@gmail.com

କବର ତୋଳି ଦବାକୁ ହବ। ସେ ନିଜେ ପଥର ସୁଆଁସ କରି ଚୂନ ପଲସ୍ତରା ଦେଇ କବର ତିଆରି କରିଦବ। ସେଥିସକାଶେ ସେ ଗୋଟିଏ ସୁଦ୍ଧା ପଇସା ମଜୁରି ନବ ନାହିଁ।'' ବୁଢ଼ା ଦିଲିର ଖାଁ ବିଡ଼ି ତିଆରି କରୁ କରୁ ଗଂଭୀର ହେଇ ସବୁକଥା ଶୁଣିଲା। ତାପରେ କହିଲା, ''ତୋର ଯାହା ଇଚ୍ଛା କର। ଖୋଦାଂକ ଯାହା ବରାଦ!! ମୁଁ ଆଉ କାହାକୁ କିଛି ମନା କରିବି ନାହିଁ।''

ତା'ପରଦିନଠାରୁ କବର ଭୂଇଁରେ ମଦନାକୁ ଅମିନାର ମୃତଦେହ ଉପରେ ଗୋଟାଏ ବଡ଼ କବର ତିଆରି କରୁଥିବାର ଦେଖାଗଲା।

ରୋଜ ସଂଜବୁଡ଼େ ସବୁ ପଥୁରିଆ କାମ ସାରି ଘରକୁ ଫେରି ଆସିବା ପରେ ସେ ପଥର ଉପରେ ପଥର ଜମାଇ ଏକ ସୁଂଦର କବର ତିଆରି କରେ।

ରାତିରେ ରାଣିଫୁଲ ପରି ଜହ୍ନ ପଡ଼ି ଶ୍ୟାମଳ ମଶାଣି ଦିହରେ ରୁପାର ପିଠଉ ଢାଳି ଦେଲାବେଳେ ମଦନା ଅମିନାର କବର ଉପରେ ବସି ତାର ଅତୀତର ପୋଡ଼ା ଶ୍ମଶାନଟା ଆଡ଼କୁ ଚାହେଁ। ତାର ମନେ ପଡ଼େ ପିଲାଦିନେ ଥରେ ତାଂକ ଗାଁର ଜଣେ ମଲା ଲୋକର କବର ଦେଖି ଅମିନା ତାକୁ କହିଥିଲା – ''ମୁଁ ମରିଗଲେ ତୁ ମୋ ଉପରେ ଇମିତି ଗୋଟାଏ କବର ତିଆରି କରି ଦବୁନା ?''

ଦୂରରୁ ଅମିନାର ପିଲାଳିଆ ମୁଲାୟମ ହସପରି ଜହ୍ନଆଲୁଅ ଭାସି ଆସି ସେଇ କବର ଭୂଇଁର ଅସୁମାରି ଘାସଗଛ ଗହଳରେ ଢେଉପରି ନହଡ଼ା ମାରି ଲୋଟିଯାଏ!!

Digitized by srujanika@gmail.com

କେହି ନୁହେଁ

କଲିକତା ବଡ଼ବଜାରର ଗୋଟିଏ ଅନ୍ଧାରିଆ ବାଇଲେନ୍ ଭିତରେ ସେଇ ଛୋଟ ଅଣଓସାରିଆ ଟିଣ ଘର ଖଣ୍ଡକରେ ସବୁଦିନ ପରି ସେଦିନ ବି ସଞ୍ଜ ମଜଲିସ୍‌ଟା ବେଶ୍ ଭଲ ହେଇ ଜମି ଉଠିଥିଲା। ଘର ବୋଇଲେ ଚାରିଟା ବଡ଼ ବଡ଼ ଇଟା କାନ୍ଥ—ତାରି ଉପରେ ଲମ୍ବ ଲମ୍ବ ବାଉଁଶ ପକାଇ ଟିଣ କେଇଖଣ୍ଡ ଘୋଡ଼େଇ ଦିଆଯାଇଚି। ପଛ ପଟ କାନ୍ଥ ଉପରକୁ ପୁରୁଷେ ଉଚ୍ଚରେ ଗୋଟାଏ ବଡ଼ ଜଳା—ତାକୁଇ ସେମାନେ ଝର୍କା କହନ୍ତି। ସେଇ ଝର୍କାର ଭିତର ପଟେ ଖଣ୍ଡେ ଅଖା ବନ୍ଧା ହୋଇ ବାଉଁଶ କାଠି ଖଣ୍ଡକରେ ଝୁଲୁଚି। ରାତିରେ ଦିନେ ଦିନେ ବେଶୀ ଶୀତ ପଡ଼ିଲେ ସେଇ ଅଖା ଖଣ୍ଡକ ପକାଇ ଦେଇ ଝର୍କା ମୁଦାଯାଏ। ଘର ଭିତରେ ଚାରିଆଡ଼େ ଚେମିଣି ସାଲୁବାଲୁ ହଉଚନ୍ତି, କାନ୍ଥ ବାଡ଼, ଚଟାଣ ସବୁଆଡ଼େ ଖାଲି ଅଳଂଧୁ ମେଞ୍ଚ୍ ମେଞ୍ଚ୍ ଆଉ ପୋଷେ ବହଳରେ ଚେମେଣିଚଟିଆ ଗୃହ ବସିଗଲାଣି।

ପଚ୍ଛିମ ପଟକୁ ଖଣ୍ଡେ ବାଉଁଶ ଟଙ୍ଗା ହୋଇ ଅଲଗୁଣୀ ତିଆରି ହେଇଚି। ତା'ଉପରେ ଖୁନ୍ଦା ହେଇଚି ରାଇଜଯାକର ମଳି ଗାମୁଛା, କୋତରା ଲୁଗା, ଚିରା ତାଳିପକା ଗେଞ୍ଜି, କାମିଜ, କୋଟ ଇତ୍ୟାଦି କେତେ ଖଣ୍ଡ। ଘରତଳେ ବାକ୍ସ, ପେଟେରା, କାଠ ସିନ୍ଦୁକ ହେଇ ଦଶ ବାର ଖଣ୍ଡ ବାହାରିବ। ପାନ ଖାଇ ସାରି ଚୂନ ହାତ ବୋଳି ବୋଳି କଳା ସିନ୍ଦୁକ ଗୁଡ଼ାକର ବାହାର ପଟ ବିଲ୍‌କୁଲ୍ ଧଳା ଦେଖାଗଲାଣି।

ସେଇ ସନ୍ତସନ୍ତିଆ ଅନ୍ଧାରୀ ବଖୁରୀଟିରେ ରାତି ହେଲେ ପାଞ୍ଚଟା ମଣିଷ ଚିରା ମୁନ୍ଦୁରା ଦି'ଖଣ୍ଡ ପକେଇ ମୁଣ୍ଡ ତଳେ ଲୁଗା ମୁଟୁଳାଟାମାନ ଦେଇ ଶୋଇ ପଡ଼ନ୍ତି। ଦିନ ହେଲେ କିଏ କୁଆଡ଼େ ଯାଏ, କାହା ସଙ୍ଗରେ କିଏ ବା ଆସି ବସା କତିରେ ଥିବା ଉଣୁଧବା ନନା ହୋଟଲରୁ ଗଣ୍ଡାଏ ଖାଇଦେଇ ପୁଣି ଯାଇ କାମରେ ଜଇନି କରେ, ସେ କଥା ଅନ୍ୟ କାହାରି ନଜରରେ ପଡ଼େନାଇଁ।

ପାଞ୍ଚ ଜଣଯାକ କର୍ପୋରେଶନ୍‌ର କୁଲି। ରାସ୍ତା ମରାମତି କରନ୍ତି। କେଉଁଠି ରାସ୍ତା ଖରାପ ହେଲେ ଦୁଇପଟେ ଦୁଇଟା ବାଉଁଶ ଓଗାଳି ପୋତି ଲାଲ ଲଣ୍ଠନ ଟାଙ୍ଗି, ''ରାସ୍ତା ବନ୍ଦ'' ଟିଣ ଖଣ୍ଡକ ଝୁଲେଇଦେଇ ଯେଝା କାମରେ ଯେଝା ଲାଗିଯାନ୍ତି। କିଏ ଆଲକାତରା ଢାଳେ, କିଏ ଢାଙ୍କ, କୋଦାଳ ନେଇ ପଥର ତାଡ଼େ, କିଏବା

Digitized by srujanika@gmail.com

ଭାରୀ ଲୁହା ରୋଲର ଟାଣି କରକଟା ସମାନ କରୁ କରୁ ଝାଳ ଗମ ଗମ ହୋଇ ଅନ୍ୟମାନଙ୍କ ସଙ୍ଗରେ ପାଟି କରି ଉଠେ– ହେ ଲେ ସା.....

ସଞ୍ଜବୁଡ଼କୁ ହପ୍ତା ପାଇ ଫେରି ଆସିଲେ ସେଦିନ ବସ୍ତାରେ ତ୍ରିନାଥମେଳା ବସେ। ପାଳି ଅନୁସାରେ ଜଣେ ଜଣେ ସେ ଦିନର ଗଞ୍ଜେଇ ଖର୍ଚ୍ଚ ତୁଲାନ୍ତି, ଖଞ୍ଜଣି ମାଡ଼ ହୁଏ, ଭଜନ ବୋଲାଯାଏ, ଗଞ୍ଜେଇ ଧୂଆଁର ଫାଙ୍କେ ଫାଙ୍କେ କେତେ ଦୁନିଆଛଡ଼ା ଟାଚବ ଗପର ହାଲୁକା ଢେଉ ଘର ଭିତରେ ଭାରୀ ପବନରେ ବଙ୍କେଇ ବଙ୍କେଇ ପଇନ୍ତରା ମାରେ। ପାଞ୍ଚ ଜଣଯାକଙ୍କର ଦିନଭରି ଚାଲିଚଳଣ, ଖାଇବା ପିଇବା, କାମଦାମ, କଥାବାର୍ତ୍ତା ସବୁ ପ୍ରାୟ ଏକାରକମର, କେଉଁଠି ଟିକିଏ ହେଲେ ତଫାତ୍ ନାହିଁ। ତଫାତ୍ କେବଳ ଯାହା ସେମାନଙ୍କର ରାତିର ସ୍ୱପ୍ନଟାରେ।।

ରାତିର ଗହୀର ନିଦରେ ଅଚେତ ହେଇ କିଏ ହୁଏତ ସ୍ୱପ୍ନ ଦେଖେ, ଦୂର ଗାଆଁର ଶାଗୁଆ ତୋଟାମାଳ ଗହଳରେ ଖଣ୍ଡେ ଦରଫୁଟା ଚାଳଘର ଭିତରେ ଜାଡ଼ରେ ଥୁରୁ ଥୁରୁ ହେଇ କମ୍ପୁଚି ଗୋଟିଏ ଅଶୀବରଷର ବୁଢ଼ୀ, ଛାଆଣି ନ ହେଇ ଏସାଲ ବର୍ଷାରେ ଘରର ଗୋଟାଏ ପଟ କାନ୍ଥ ମାଟିରେ ପେଟେଇ ପଡ଼ିଲାଣି। ତା'ରି ଭିତରେ ବୁଢ଼ୀଟି ଚାହିଁ ରହିଚି ଡାକବାଲାର ଆସିବା ବାଟକୁ ଅପେକ୍ଷା କରି। ଗହୀଡିଆ ଆଖି ଦି'ଟା ତା'ର ପ୍ରତୀକ୍ଷାରେ କ୍ରମେ କ୍ରମେ ବଡ଼.ହେଇ ଉଠୁଚି।

କିଏବା ପୁଣି ସ୍ୱପ୍ନ ଦେଖେ, ମଉଳି ପଡ଼ିଥିବା ଗୋଟିଏ ସଜ ଫୁଟିଲା ମୁହଁ ନୂହରେ ଓଦା ସୁତୁରୁତୁ ହେଇ ଚିରା ନୁଗାର ଓଢ଼ଣା ତଳେ ଦିନକୁ ଦିନ ବେଶୀ ବେଶୀ ଝାଉଁଳି ପଡୁଚି, ସଞ୍ଜବୁଡ଼େ ମା' ବୃନ୍ଦାବତୀଙ୍କ ଠାରେ ଓଳଗି ହେଇ ସଞ୍ଜବତି ରଖି ଦେଇ କେତେ କଣ ଗୁଣୁ ଗୁଣୁ ହେଇ ସେ କାହା ପାଇଁ କଣ ମନାସି ଯାଉଚି। ସେ ଛାଇନିଦରେ ବିଳିବିଳେଇ ଉଠେ, ''ହଁ, ମୁଁ ଅଛି, ଅଛି। ମୁଁ ଯାଉଚି। ମୁଁ ଯାଉଚି।'' ଆଉରି କିଏବା ସ୍ୱପ୍ନ ଦେଖେ, ଗୋଟେ ଅନ୍ତଲପେଟିଆ, ସିଂଘାଣିନାକିଆ ଅଣ୍ଡିଆ ପିଲା...ପେଟରେ ପିଳେହି, ଦିହରେ ଜର, ଗୋଡ଼ ତଳିପା' ଦି'ଟା ଫୁଲି ଗଲାଣି। ସେ ତାକୁ ଧରିବା ପାଇଁ ହାତ ବଢ଼ାଏ। ପଥର ପରି ଟାଣ ଭଙ୍ଗା କାନ୍ଥରେ ତାର ଖାଇବି ହାତ କହୁଣୀଟା ଖୁବ୍ ଜୋର୍‌ରେ ବାଡ଼େଇ ହେଇଯାଏ। ସେ ଯନ୍ତ୍ରଣାରେ ନିଦରେ ଚିତ୍କାର କରି ଉଠେ। ଉପରେ ଚେମେଣି ଗୁଡ଼ାକ ଚେଁ ଚେଁ ଶବ୍ଦ କରି ତାକୁ ଖତେଇ ହେଇ ମିଶନ୍ତି। ବସ୍ତା ପାଖ ମୁଖର୍ଜି ସାହେବ ବାଡ଼ିରେ ଦୁଷ୍ଟ ଶୁଆଟା ବଡ଼ିଭୋରର ସୁରାକ୍ ପାଇ ନୂଆ ପଞ୍ଜୁରି ଭିତରୁ ତାଙ୍କ ଘର ଓଡ଼ିଆ ଚାକର ରାମାକୁ ଡାକ ପକାଏ –

''ଓ ରାମା ଉଠେ, ଉଠେ ରାମା। କ୍ର ର୍ ର୍ ର୍ ର୍।''

* * * *

ସେଦିନ ସଞ୍ଜବୁଡ଼େ ମେଘୁଆ ହୋଇଥାଏ। ସହଜ ସହଳ ଯିଏ ଯୁଆଡୁ କାମରୁ ଫେରି ଆସି ଘର ଭିତରେ ବସି ଦୁଃଖ ସୁଖ ହଉଥିଲେ। ଧୋକଡ଼ିଆ ବାଗାନର

Digitized by srujanika@gmail.com

ମିତ୍ର ବାଡ଼ିରେ କାମ କରୁଥିବା ମାଗୁଣିଆ ଘରପାଖକୁ ଯାଇଥେଲା। ସେ ସମସ୍ତିଙ୍କ ଘରୁ ଭାଷା – ଭଲ ମନ୍ଦ ଖବର, ନିର୍ମାଲ୍ୟ କଣିକା, ଗାଁ ଦେବତୀଙ୍କ ଧଣ୍ଡା ଆଉରି ସବୁ କେତେ କଣ ଧରି ଫେରିଚି। ସମସ୍ତେ ଏକଜୁଟ ହେଇ ମାଗୁଣିଆ କତିରୁ ଗାଁର ହାନି ଲାଭ ବୁଝୁଥିଲେ। ପିଣ୍ଡାରେ ଗୋଟା ଜଳନ୍ତା ଚୂଲିରେ ଗୋଟାଏ ବଡ଼ ନୁହା ବାଲ୍‌ଟିରେ କେଇଖଣ୍ଡ ମଇଲା ନୁଗା ସୋଡ଼ା ଆଉ ସାବୁନ ପାଣିରେ ସିଜୁଥେଲା ସକାଳେ କଚା ହବ ବୋଲି। କୋତରା ନୁଗାର ଆଇଁଷିଣିଆ ତେଲିଆ ଗନ୍ଧ ଘର ଭିତରକୁ ପଶି ଆସୁଥେଲା ମେଘୁଆ ପବନ ସାଥିରେ ଦରଆଉଜା କବାଟଟାକୁ ଠେଲିଦେଇ।

ଏବର୍ଷ ଖେତ କେମିତି ହେଇଚି, ଏସୁ ଗାଆଁ ମେଲଣକୁ କେମିତି 'ଆରମ୍ଭ'ରେ ସଲଟଣ ବାହାରିଲା, ରାମଲୀଲା ଯାତ ସଇଲାଣି କି ନାଇଁ, ଅଣିଜେନା ବାପ ଶୁଧକୁ କେତେ ମୂର୍ତି ବ୍ରାହ୍ମଣ ଗୋସେଇଁ ଚୂଡ଼ାଦହି ଖାଇ ଆସିଥେଲେ, ଗୋବରି ନଇ କିମିତି 'ଦୁର୍ବଳ', ହେଇ ବଡ଼ି ଘର ଦୁଆର ଭସେଇ ନଉଚି ଇତ୍ୟାଦି ପ୍ରଶ୍ନର ଉତର ଦେଇ ସାରିବା ପରେ ପରେ ମାଗୁଣିଆ ପଚାରିଲା – କୁଞ୍ଜିଆ ଭାଇ କାହିଁ କି? ତା' ଭାରିଯା ଗଉରୀଟା ଶୁଖି ଶୁଖି କଣ୍ଟା ହେଇ ଗଲାଣି। ମୋ ହାତରେ ଖବର ଦେଇଚି ଏସୁ ମାଣ ବଡ଼ାକୁ ନିଚେ କିଛି ଟଙ୍କା ପଇସା ନେଇ ଘରକୁ ଯିବାକୁ।

ମୁରୁକି ହସି ଅଗାଧୁ କହିଲା – ଦିନଯାକ ସିନା କୁଞ୍ଜିଆ ଭାଇ ଆମ କତିରେ ଥାଏ, ରାତି ହେଲେ ତା' ସର କଣ କିଏ ପାଉଚି? କାଲି ଦେଖିଲି ହପ୍ତା ଟଙ୍କାରୁ ଭଲ ରେଶମୀ କାଚ ମୁଠାଏ କିଣି ଗାମୁଛା ତଳେ ନୁଚେଇ କୁଆଡ଼େ ସଞ୍ଜବୁଡ଼େ ଯାଉଥେଲା।

ଅପତିଆ ଆଖିଠାରି କହିଲା – ତମେ କଣ ଜାଣିନାକି ଅଗାଧୁ ଭାଇ, ସେ ପରା ଝାମାପୁକୁର ଗଳିରେ ଗୋଟାଏ ଓଡ଼ିଆଣୀ ଖାନ୍‌କି ପାଲରେ ପଡ଼ିଲାଣି। ରୋଜ ସେ ରାଣ୍ଡିଟା ପାଖକୁ ନ ଗଲେ ଆଜିକାଲି ଆଉ ତାର ଭାତ ହଜମ ହେଉନାଇଁ।

ଚାରିଆଡ଼ ଗୋଟାଏ ଘରଫଟା ହୋ ହୋ ହସର ଧ୍ୱନି ଉଠିଲା।

* * * * *

ଠିକ୍ ସେତିକିବେଳେ ଝାମାପୁକୁର ଭିତରୁ ଯେଉଁ ସନ୍ତସନ୍ତିଆ ଗଳିଟା ଯାଇ କର୍ଣ୍ଣୱାଲିସ ଷ୍ଟ୍ରିଟର ଟ୍ରାମଷ୍ଟାଣ୍ଡ ପାଖେ ଠଣଠଣିଆ କାଳିଙ୍କ ଠାରେ ବାହାରିଚି, ତାରି ଭିତରେ ଗୋଟାଏ ଭଙ୍ଗା ଟିଣ ଘର ଭିତରେ କୁଞ୍ଜିଆ ତା' ଛାତି ଉପରେ ରାଧିକୁ ଆଉଜାଇ ତା' କାନ ପାଖରେ କହୁଥେଲା –

Digitized by srujanika@gmail.com

''ଠାକୁରଙ୍କ ଦେହି ଦେଇ କହୁଚି, ତତେ ଦେଖିଲେ ମୋ'ର ଖାଲି ଗଉରୀ କଥା ମନେ ପଡ଼େ। ତୋ ମୁହଁଟି ଦେଖିବାକୁ ଠିକ୍ ତାରି ମୁହଁ ପରି, ସେମିତି ଡଉଲଡାଉଲ, ସେମିତି ମାଉଁସିଆ। ତା' ଓଠ ତଳୁଟା ଠିକ୍ ତୋରି ଓଠ ପରି ଏମିତି ନୁଆଣିଆ। ତୁ ହସିଲା ବେଳେ ମୁଁ ଭାବେ ଗଉରୀ ହସୁଚି। ସେଥିପାଇଁ ତୋ କତିରେ ଥିବାବେଳେ ମୁଁ ତାର ଅଭାବ ଭୁଲିଯାଏ। ମୋର ମନେହୁଏ ତୁ ଯେମିତି ଗଉରୀର ଠିକ୍ ଅବିକଳ ନକଲ। ସେଇଥିଲାଗି ତ ମୁଁ ସବୁ କାମଦାମ ଛାଡ଼ି ତୋ କତିକୁ ଦଉଡ଼ି ଆସେ।''

ସେ ଖେଁ ଖେଁ ହେଇ ଗୁଡ଼ାଏ ହସିଲା। ମଇଳା କିରାସିନି ଆଲୁଅରେ ରାଧିର ଉଚ୍ଚା ଛାତିଟା ପଡୁଥେଲା ଉଠୁଥେଲା। ସେ ବାଁରେଇ କଥାର ମୋଡ଼ ଫେରାଇବାକୁ କହିଲା—''ଗଉରୀକୁ ତ ଏଡ଼େ ଦେଖିପାର ତେମେ, ସବୁ ହପ୍ତା ଟଙ୍କା ତ ଏଥର ମୋ ପିଛା ଖର୍ଚ୍ଚ କରି ପକାଇଲ, ତା' ପାଖକୁ ପଠାଇବ କଣ?''

ଖଟତଳେ ଜମିଥିବା ଗୁଡ଼ାଏ ଭଙ୍ଗା ମଦବୋତଲ ଆଡ଼କୁ ଅନାଇ କୁଞ୍ଜିଆ ବସି ରହିଲା। ତା' ମୁହଁଟା ହଠାତ୍ ପାଉଁଶିଆ ପଡ଼ିଗଲା। ସେ ଉଦାସ କଣ୍ଠରେ କହିଲା—''ହଁ, ସତେ ତ, ସବୁ ତ ତେତେ ଦେଇଦେଲି। ଘରକୁ ଫେର ପଠାଇବି କଣ?'' ତା' କଣ୍ଠସ୍ୱରରୁ ଜଣାପଡୁଥିଲା ସେ ଯେମିତି ଭାରି ହାଲିଆ ହେଇଯାଇଚି।

ରାଧି ଟିକିଏ ଅଭିମାନ କରି କହିଲା—''ମତେ ଟଙ୍କା ଦେଇ ତମର ଭାରି ଅବଶୋଷ ହଉଚି, ନା? ଦରକାର ନାଇଁ ମୋର ତମ ଟଙ୍କାରେ। ଫେରାଇ ନିଅ। ମୁଁ ତମର କିଏ ଯେ—''

କୁଞ୍ଜିଆ ବ୍ୟସ୍ତ ହୋଇ କହିଲା—''ତୁ କଣ ମୋ ଉପରେ ରାଗିଲୁ ରାଧି? ମୁଁ କଣ ଟଙ୍କା ତତେ ମାଗୁଚି? ମୁହଁ ଛିଞ୍ଚାଡ଼ି ରାଧି କହିଲା ମାଗିଲେ କଣ ଗୋଟା ବେଶୀ ହେଇଥାନ୍ତା? ତମ ମନ ଯେବେ ମାନୁନାଇଁ, ମୁଁ କ'ଣ ତମକୁ ଦିଅ ଦିଅ ବୋଲି ଜବରଦସ୍ତି କରୁଚି କି?''

କୁଞ୍ଜିଆ କଥାଟାକୁ ବାଆଁରେଇ ଦବା ଲାଗି କହିଲା—''ଛି! ମୋ' ଉପରେ ତୁ ପୁଣି ଗୋଟା ରାଗ ଲେଖୁଚୁ ରାଧି? ହଁ, ତମ ମାଇପି ଜାତିଟା ଏମିତି! ଗଉରୀଟା ବି ଲାଗିଲା ବେଳେ ତୋରି ପରି ଠିକ୍ ଏମିତି ମୁହଁ ବୁଲେଇ ନେଇ ଫୋପାଡ଼ିଲା ପରି କଥାଗୁରା କହେ। ତୁ ରାଗିକରି କଥା କହିଲେ ମୋ ଆଖିରେ ଗଉରୀର ଛଇଛଟା ଗୁଡ଼ାକ କେଜାଣି କିଆଁ ନାଚିଯାଏ। ଥରେ ଗୋଟାଏ ଯାତରୁ ମତେ ରସଖଡୁ ଦି'ପଟ ଆଣିଦବା ଲାଗି ସେ ବରାଦ ଦେଇଥେଲା। ମୁଁ ଚାଣ୍ଡାଳ କଲି କଣ ନା ଜୁଆ ଖେଳୁ ଖେଳୁ ସବୁତକ ପଇସା ଉଜାଡ଼ି ଦେଇ ଶୁଖିଲା ହାତରେ ଘରକୁ ଫେରି ଆସିଲି। ସେ ଦିନଯାକ ଦେଖ ତାର ରୁଷା; ଦି'ଦିନ ଯାଏ ଜମାରୁ ଭଲରେ କଥା କଇଲା ନାଇଁ। ଠିକ୍ ତୋରି ପରି ଇମିତି ମୁହଁ ବୁଲେଇ ବସି ରହିଲା। ଯେତେ ରାଣନିୟମ ପକେଇଲେ ଜମାରୁ ଟଳିଲା ନାଇଁ। ନିହାତି ଦରକାର ପଡ଼ିଲେ କାନ୍ଥକୁ ବାଡ଼କୁ କହିଲା ପରି ଯାହା ଦି' ଚାରିପଦ କଥା ମୋତେ ଶୁଣାଇ ଶୁଣାଇ ଦୂରରୁ କହିଦେଇଥେଲା ସେତିକି। ତୋ ରାଗ ଦେଖି ମୋର ସେଇ କଥା ମନେ ପଡ଼ିଯାଉଚି।''

Digitized by srujanika@gmail.com

ବିରକ୍ତ ହୋଇ ରାଧି କହିଲା, "ସବୁବେଳେ ଖାଲି ଗଉରୀ, ଗଉରୀ, ଗଉରୀ। ଆଉ ଯେମିତି ଦୁନିଆରେ କିଛି କଥା ନାହିଁ! ତାରି କଥାଗୁଡ଼ାକ ମୋ' ପାଖରେ ଏତେ ବକର ବକର ହୁଅ କିଆ? ଦିହରେ ନିଆଁ ଚେଙ୍କିଲା ପରି ଲାଗେ। ଯାଉନ ତେମେ ତମ ଗଉରୀ ପାଖକୁ। କେତେଥର କହିଚି, ମୁଁ ଗଉରୀ ନୁହ, ମୁଁ ରାଧି, ମୁଁ ରାଧି, ମୁଁ ରାଧି।"

ତା'ପରେ ଟିକିଏ ଛାଡ଼ି କହିଲା – "ହଉ, ତମେ ଯା ଏଥର। ଏଇନାଗେ ସେ ମଦୁଆ ପଠାଣ ବାଡ଼ିପଡ଼ା ଆସିବ ତ ମୋ ଚୁଟି ରଖିବ ନାହିଁ। ତମକୁ ମୋ ଘରେ ଦେଖି ମୋତେ ପରା ହାତ ଉଠାଇ ମାଇଲା।"

ରାଧି ମୁହଁ ବୁଲେଇ ଶୋଇ ରହିଲା।

* * * * *

ରାଧି କତିରୁ ଗାଳି ଖାଇ ଅପରାଧୀଙ୍କ ଭଳିଆ କୁଞ୍ଜିଆ ସେଠୁ ବାହାରି ଆସିଲା। ବାହାରେ ଠଣଠଣିଆ କାଳୀ ମନ୍ଦିରରେ ସଞ୍ଜ ଘଣ୍ଟି ବାଜୁଥିଲା। କୁଞ୍ଜିଆର ମନେ ପଡ଼ିଲା, ଏଇନାଗେ ତା ଗାଆଁ ଠାକୁରାଣୀ ଚକଡ଼ାରେ ଆଳତି ହଉଥିବ, ଗଉରୀ ବିଚାରୀ ବୋଧହୁଏ ନୁଗା କାନିଟାକୁ ବେକରେ ଗୁଡ଼ାଇ ମା' ବୃନ୍ଦାବତୀଙ୍କ ଚଉରା ମୂଳରେ ସଞ୍ଜବତୀ ଥୋଇ ଦେଇ ଓଳଗି ହଉଥିବ। ତା' ଆଖି ଦି'ଟାରେ ଲୁହ ଉତୁରି ଆସିଲା।

ଆଗତ ସାଲେ ଖେତ ମରିଯିବାରୁ କୁଞ୍ଜିଆ ଭୁଆସୁଣୀ ଭାରିଯାକୁ ଘରେ ଛାଡ଼ିଦେଇ କଲିକତା ଆସିଥେଲା। ତାର ଆଶା ଥେଲା ବର୍ଷ ଗୋଟାକରେ କିଛି ଟଙ୍କା ପଇସା କମେଇ ସେ ପୁଣି ଖେତଉଜୁଡ଼ା ବେଳକୁ ଘଠି'କି ଫେରିବ। କିନ୍ତୁ ଦୁଇବର୍ଷ ବିତି ଗଲାଣି। କୁଞ୍ଜିଆ ଗାଆଁକୁ ଫେରି ପାରୁନାହିଁ। ଗତ ସାଲେ ଟଙ୍କା ପଇସା ଅଭାବ, ଏ ସାଲେ ଛୁଟି ମିଳିଲା ନାହିଁ। ଘରବାହୁଡ଼ା ଚଢ଼େଇ ବାଟରେ ଅଟକି ଗଲା ପରି ତା' ମନଟା ଏଠି ଏକରକମ ଚୂନଚୂନା ହେଇଗଲାଣି। ଦିନସାରା ନୁହା ରୋଲର, ଟାଣି, ରାସ୍ତାର ମାଙ୍କଡ଼ା ପଥର ସାଥିରେ ତାର ସାବଳିଆ ବାହା ଦି'ଟାକୁ ପଥୁରିଆ କରି ସେ ସଞ୍ଜବୁଡ଼େ ହାଲିଆ ହେଇ ବସାକୁ ଫେରି ଆସି ଗଉରୀ କଥା, ଆଉ ତା ଗାଁ କଥା ଭାବି ଭାବି ଶୋଇପଡ଼େ। ସେତିକି ହିଁ ଥିଲା ତାର ଝୋଲାମରା ଘୋଷରା ଜୀବନ ଭିତରେ ଏକମାତ୍ର ଆନନ୍ଦ।

ଅନେକ ଦିନ ତଳେ, ଆଜିକି ଚାରିମାସ ହବ ନା କ'ଣ, ଝାମାପୁକୁରା ଗଳିରେ ଖଣ୍ଡେ ରାସ୍ତା ମରାମତି ହେଉଥେଲା। କୁଞ୍ଜିଆ ଝାଳ ସୁତୁ ବୁତୁ ଦିହରେ ରୋଲର ଟାଣୁ ଟାଣୁ ଦେଖିଲା, ରାସ୍ତାକଡ଼ରେ ଗୋଟିଏ ଭଙ୍ଗା ଟିଣଘର ପିଣ୍ଡାରେ ବସି ରାଧି ଖରାରେ ବାଳ ଶୁଖାଉଚି ଆଉ ଖଣ୍ଡେ ପିଙ୍କା ଟାଣୁଚି। କୁଞ୍ଜିଆ ଟିକିଏ ଠିଆହେଇ ତା' ଆଡ଼କୁ ଅନେଇଲା, ତାର ମନେହେଲା ଗଉରୀର ଗୋରା ତଉଲ ମୁହଁଟିକୁ କିଏ ଯେମିତି କାଟି ଆଣି ରାଧି କାନ୍ଧରେ ଲଗେଇ ଦେଇଚି। ସେ

Digitized by srujanika@gmail.com

ଭାବିଲା, ଗଉରୀ କ'ଣ ଆଉ ସତରେ ଫେରି ଆସିଚି କି? ତାକୁ ଅନ୍ୟମନସ୍କ ଭାବରେ ପଛରେ ପଡ଼ି ରହିଯିବାର ଦେଖି ସାଙ୍ଗ ଭାଇମାନେ ତାକୁ ପଛଆଡୁ ଠେଲିଦେଇ ପାଟିକରି ଉଠିଲେ – ହେ ଲେ ସା।

କୁଞ୍ଜିଆ ହୋସ୍ ପାଇ ଫେର୍ ରୋଲର ଟାଣିବାକୁ ଲାଗିଲା। ରାସ୍ତାର କଞ୍ଚା କଂକ୍ରିଟ୍ ଗୁଡ଼ାକୁ ଚୂନା କରି ନୁହାର ରୋଲର ଆଗେଇ ଯିବାକୁ ନାଗିଲା।

* * * * *

ସେଇଦିନ ସଞ୍ଜବୁଡ଼େ କୁଞ୍ଜିଆ ବସାକୁ ଫେରି ଧୂଆ ଧୋଇ ହେଇ, ସଫା ନୁଗାପଟା ପିନ୍ଧି ପ୍ରାୟ ଦି'ବର୍ଷ ପରେ ଏଇ ପହିଲି ଥର ଫେରେଇ କାଟି ରାଧି ସାଙ୍ଗେ ଯାଇ ଚିହ୍ନା ପରିଚ ହେଇ ଆସିଲା। ସେ ରାଧିଠୁଁ ବୁଝିଲା, ଘର ତାର ଜଳେଶ୍ୱରରେ, ତାକୁ ଜଣେ କିଏ ଗିରସ୍ତ ପାଖରୁ ଭୁଲେଇ ଆଣି କଲିକତାରେ ଛାଡ଼ିଦେଇ ଯାଇଚି।

ସେଇଦିନୁ କୁଞ୍ଜିଆ ରାଧି ଭିତରେ ତାର ହଜିଲା ଗଉରୀକୁ ଫେରି ପାଇଚି। ଦିନଯାକର ହାଡ଼ଭଙ୍ଗା ମିହନ୍ତ ପରେ ତାର ଯେତେବେଳେ ଗଉରୀ କଥା ମନେ ପଡ଼ି ମନଟା କାନ୍ଦି ଉଠେ, ଆଖିପତା ଦି'ଟା ନୁହରେ ଛଳ ଛଳ ହେଇ ଆସେ, ସେତିକିବେଳେ ସେ ରାଧି କତିକୁ ଦୌଡ଼ିଯାଏ। ତା' ଦୁଆରେ ଧକ୍କା ମାରି ଡାକେ – ରାଧି, ରାଧି, ମୁଁ ଆଇଚି।

କୁଞ୍ଜିଆର ନୁହା ରୋଲର ପରି ଭାରି ଜୀବନଟା ଅନବରତ ପଙ୍କ, କାଦୁଅ, ଗୋଡ଼ି, ପଥର ମାଡ଼ି ଘୁଷୁରି ଘୁଷୁରି ଚାଲି ଶେଷରେ ଦୁଇବର୍ଷ ପରେ ଖୋଜି ପାଇଚି ଗୋଟେ ଦମ୍ ମାରିବାର ଥାନ – ଟିକିଏ ଛାଇ!! ହେଇପାରେ ସେଟା ଖାଲି ଛାଇ, ତୁଚ୍ଛା ମିଛ, ହେଲେ ତାର ସେଥିରେ ଯାଏ ଆସେ କଣ? ଥକାମରା ବାଟୋଇର ଭଙ୍ଗା ମନ ପରି ତାର ସବୁ କଥା ଏତେ ମାପିଚୁପି ବିଚାର କରିବାକୁ ବେଳ କାଇଁ?

ବର୍ଷାଦିନ ରାତି। ସେଦିନ କୁଞ୍ଜିଆ ରାଧି ଦୁଆର ମୁହଁରେ ପହଞ୍ଚି ଦେଖିଲା, ଭିତରପଟୁ କବାଟ କିଲା ହେଇଚି। ସେ ଭାବିଲା ସରିଫ୍ ବୋଲି ଯେଉଁ ମୁସଲମାନ ଡ୍ରାଇଭରଟା ରାଧି କତିକୁ ଯା'ଆସ କରେ, ସେଇ ବୋଧହୁଏ ଭିତରେ ଅଛି ନା କ'ଣ? ସେ ଫେରି ଆସୁଥିଲା। କିନ୍ତୁ ଝର୍କା ବାଟେ ତାକୁ ଦେଖିପାରି ରାଧି ଭିତରକୁ ଯିବା ନାଗି ଇସାରା କଲା। ନିଜେ ଆସି କବାଟ ଫିଟେଇ ଦେଇ ତା ହାତ ଧରି ଘର ଭିତରକୁ ନେଇଗଲା।

ମିଞ୍ଜି ମିଞ୍ଜି ଧୂଆଁଳିଆ କିରାସିନି ଆଲୁଅରେ କୁଞ୍ଜିଆ ଦେଖିଲା, ରାଧି କାନ୍ଦୁଛି।

କୁଞ୍ଜିଆ ରାଣ ନିୟମ ଦେଇ ବହୁତ ଫଟେଇ ଫଟେଇ ବୁଝିଲା ଯେ, ସେଇ ମଟର ଡ୍ରାଇଭରଟା ରାଧିକୁ ମଦ ଖାଇବାକୁ ପଇସା ମାଗିଲା। ରାଧି ନଦବାରୁ ତାକୁ ଗୋଟା ଭଙ୍ଗା ବୋତଲ ଖଟ ତଳୁ ଉଠେଇ ନେଇ ପିଟିଲା। ସେ ଦେଖି

Digitized by srujanika@gmail.com

ପାରିଲା ରାଧିର ଖାଇବି ହାତଟା କାଚ ବାଜି ଖଣ୍ଡିଆ ହେଇ ଯାଇଚି, କୁଞ୍ଜିଆ ଘର ଚାରିଆଡ଼କୁ କଟମଟ କରି ଅନେଇଲା। ଦେଖିଲା କାନ୍ଥରେ ଗୋଟା ମଇଳା ଚିରା ଅଦି ପଞ୍ଜାବୀ ଝୁଲୁଚି। ସେ ପଞ୍ଜାବୀ ଦେହରେ କୋଉ କାଳର ପୁରୁଣା ରକ୍ତ ଦାଗ କଳା କଳା ହେଇ ଦେଖାଯାଉଚି। ଠାଏ ଦି'ଠା ଅଣହୁସିଆରରେ ବିଡ଼ି ଖାଉ ଖାଉ ନିଆଁ ଝାସ ବାଜି ଚେକି ଚେକି ହେଇ କସରା ପଡ଼ି ଯାଇଚି। କୁଞ୍ଜିଆ ଭାବିଲା ସେ ଦୌଡ଼ିଯାଇ ସେ କୁର୍ତାଟାକୁ ଦାନ୍ତରେ ଚିରି ଭିଣ୍ ଭିଣ କରି ପକାଇବ। ସେ ପଞ୍ଜାବୀଟା ଯେ ସେ ଡ୍ରାଇଭରର, ଏ କଥା ଠଉରେଇ ନବାକୁ ତାକୁ ବେଶୀ ବେଳ ନାଗିଲା ନାଇଁ।

ସେ ରାଗରେ ଦାନ୍ତ କାମୁଡ଼ି ପଚାରିଲା – "କାଇଁକି ତୁ ସେ ମାତାଲଟାକୁ ଏଠିକି ଆସିବାକୁ ଦଉ ? ତୋର କ'ଣ ମାନ ଇଜତକୁ ନିଘା ନାଇଁ ?"

କୁଞ୍ଜିଆଠୁ ଟିକିଏ ଦରଦମିଶା କଥା ଶୁଣି ରାଧି କଇଁ କଇଁ ହେଇ କାନ୍ଦି ଉଠିଲା। ତାକୁ ତାର ଭୁଲ୍ ଗୁଡ଼ାକ ଦେଖେଇ ତା ଉପରେ ବିରକ୍ତ ହବା ପାଇଁ – ତା ଦୁଃଖରେ ଟିକିଏ ଗରମ ସହାନୁଭୂତି ଦେଖେଇ ତାକୁ ସବୁ କଥାରେ ପିଲାଙ୍କ ପରି ଗାଳି ମନ୍ଦ ଦେଇ ଆକଟ କରିବା ନାଗି ସେ ଯେମିତି ବହୁଦିନ ପରେ ଆଜି ଦୁନିଆ ଭିତରେ ଜଣେ ନୋକ ପାଇଲା। ତା ପେଟ ଭିତରେ ସଂଚିଲା ଦୁଃଖ ଗୁଡ଼ାକ ଆଖି କୋରଡ଼ ବାଟେ ଉଛୁରି ଆସିଲା। ସେ କୁଞ୍ଜିଆ ଛାତିରେ ମୁହଁ ନୁଚେଇ କଇଁ କଇଁ ହେଇ କହିଲା – ସବୁଦିନେ ସେ ମୋତେ ଖାଲି ପଇସା ମାଗେ। ମୁଁ ନ ଦେଲେ ରୋଜ ମତେ ହାତ ଉଠେଇ ମାରେ। ମୋର ଗହଣା ପତର ହେଇ ଯାହ ଦିଖଣ୍ଡ ଥିଲା, ସବୁ ମତେ ମାଡ଼ ଫୈଜତ ଦେଇ ସେ ମୋଠୁ କୋଉଦିନୁ ଛଡ଼େଇ ନେଇ ମଦ ଖାଇ ସାରିଲାଣି। ଦିନେ ଦିନେ ମୋ ହାତରେ ପଇସାପତ୍ର ନଥିଲେ ମୁଁ ତାକୁ ନାଇଁ କରିଦିଏ। ସେ କ'ଣ ଛାଡ଼ିବା ଜନ୍ତୁ ? ସେ ମୋ ବାକ୍ସ ପେଟରା ଭାଙ୍ଗି ଯୋଉଠି ଥାଏ, ସବୁ ଜବରଦସ୍ତି କରି ନେଇଯାଏ। ମନାକଲେ ମାଡ଼, ଗାଳି, ଗୋଇଠା। ମତେ ଇଆଭିତରେ ପଚାଶଥର ମାରି ସାରିବଣି।

"ପଚାଶଥର ? ତୁ ମତେ ଆଜିଯାଏ ଏକଥା କହିନାହୁଁ କିଆଁ ? ମୁଁ ସେ ବଦମାସଟାର ଖୁନ୍ ନିକାଳି ଦିଅନ୍ତିଣି।" ରାଗରେ କୁଞ୍ଜିଆ କହିଲା।

ରାଧି କିଛି କହିଲା ନାଇଁ, ତଳକୁ ମୁହଁ ପୋତି ରହିଲା।

ଏଭଳି ଗୋଟାଏ ଲୋକକୁ ରାଧି କାହିଁକି ଘରେ ପୂରାଏ, କୁଞ୍ଜିଆ ଜମା ବୁଝି ପାରିଲା ନାଇଁ, ସେ ଜାଣିଥିଲା, ବେଶ୍ୟାମାନେ ପଇସା ପାଇଁ ବେଉସା କରନ୍ତି। କିନ୍ତୁ ରାଧି ପାଖରେ ଦୁସୁରାକଥା ଦେଖି ସେ ତାଜୁବ୍ ହୋଇଗଲା, ଖାଲି ବଲବଲ କରି ରାଧି ମୁହଁକୁ ଅନେଇ ରହିଲା। ତା'ପରେ ଖଟତଳେ ପଡ଼ିଥିବା ପୋଡ଼ା ଖଣ୍ଡିଆ ବିଡ଼ିଗୁଡ଼ାକ ଗୋଡ଼ ବୁଢ଼ା ଆଙ୍ଗୁଠିରେ ଅନ୍ୟମନସ୍କ ହେଇ ଦଳିବାକୁ ନାଗିଲା।

ଖୋଲା ଝରକାବାଟେ ରାସ୍ତାର ଗ୍ୟାସ୍ ଆଲୁଅ ଆସି ରାଧିର ମଇଳା ବିଛଣାଟାକୁ ଉଜାଲା କରି ଦେଉ ଯାଉଥେଲା।

Digitized by srujanika@gmail.com

ବାହାରେ ଝିପି ଝିପି ବର୍ଷା ପଡ଼ିଲା। ଟିଣ ଘର ଉପରେ ସାନ ସାନ ବର୍ଷା ଟୋପାଗୁଡ଼ାକ ବେଶ୍ ଗୋଟାଏ ନିଦ ନଗା ଅଳସ ମିଶା ଆବାଜ ସୃଷ୍ଟି କରିବାକୁ ନାଗିଲେ। ସେଇ ଆଡ଼କୁ କେତେବେଳ ପର୍ଯ୍ୟନ୍ତ କାନପାତି କୁଞ୍ଜିଆ କହିଲା – "ଏମିତି ବର୍ଷାଦିନେ ଗଉରୀ କ'ଣ କରେ ଜାଣୁ ? ସେ ରନ୍ଧାବଢ଼ା ସାରି ଆସି ମୋ ପାଖେ ବସେ। କହେ, ତମେ ଶୋଇପଡ଼, ମୁଁ ତମ ମୁଣ୍ଡ ଉପରେ ବସି ରାତିସାରା ଚେଇଁ ରହିବି। ମୁଁ କହେ, ନା, ନା, ତୁ ଶୋଇପଡ଼, ମୁଁ ତୋ ମୁଣ୍ଡ ଉପରେ ବସି ସାରା ରାତି ଚେଇଁ ରହିବି। ଶେଷରେ କେହି ଶୋଇପାରୁନା, ଖାଲି ସେଇ ପାଣିଚିଆ ଅନ୍ଧାର ଆଡ଼କୁ ଚାହିଁ ଦିହିଁକି ଦିହେଁ ସେମିତି ଚୁପ୍‌ଚାପ୍ ବସିରହୁ।"

ରାଧି ଗମ୍ଭୀର ହୋଇଗଲା। ତଥାପି ବାହାରେ ଟିକିଏ ହସିବାର ଛଳନା କରି କହିଲା – "ମୁଁ ତ ଆଉ ଗଉରୀ ନୁହେଁ!"

କୁଞ୍ଜିଆ କହିଲା – "ନୋହୁ ସତ, କିନ୍ତୁ ତତେ ଦେଖିଲେ ମୋର କାଇଁକି ମନେହୁଏ ଯେ ତୁ ରାଧି ନୋହୁ – ତୁ ଗଉରୀ। ତୋ ମୁହଁଟି, ଆଖିଯୋଡ଼ିକ, ହସ, ଚାହାଣି ସବୁ ଅବିକଳ ତାରି ପରି, ଏତେ ଟିକେ ବି ତଫାତ୍ ନାଇଁ କେଉଁଠି। ତତେ ଦେଖିଲେ ମୁଁ ସତକୁ ସତ ଗଉରୀକୁ ଭୁଲିଯାଏ।"

ରାଧି ଅଭିମାନ କରି କହିଲା, "ଓଃ, ସେଇଥିପାଇଁ ତମେ ବୋଧେ ମୋ କତିକି ଆସ – ନା ? ମୋ ଚେହେରାଟା ଦେଖିବାକୁ ଗଉରୀ ପରି ହେଇ ନ ଥିଲେ ତମେ ବୋଧେ ମୋ କତିକି ଆସୁ ନଥାନ୍ତ ଜମା – ?"

କୁଞ୍ଜିଆ ଏତେ ଗହୀର କଥା ଭିତରକୁ ପଶିପାରେ ନାଇଁ। ସେ କଣ ଉତ୍ତର ଦେବ କିଛି ସମୟ ଯାଏ ଠିକ୍ କରିପାରିଲା ନାଇଁ। ଶେଷରେ କହିଲା – "ନା।"

ଦୁଃଖରେ, ଈର୍ଷାରେ ରାଧିର ମୁହଁଟା ଫିକା ପଡ଼ିଗଲା। ସେ କିଛିକ୍ଷଣ ଚୁପ୍ ହୋଇ ରହି କହିଲା, "କାହିଁକି ମୋର କଣ ତା'ହେଲେ ନିଜର କିଛି କାମ ଦାମ ନାଇଁ ? ମୁଁ କ'ଣ ଗୋଟାଏ ଅଲଗା ମଣିଷ ନୁହଁ ? ମୋର କ'ଣ ନିଜର ତାହାଲେ ଅଲଗା ହେଇ କିଛି ଗୋଟାଏ ନାଇଁ ?"

କୁଞ୍ଜିଆ ବୁଝିପାରିଲା, ରାଧି କ'ଣ ଗୋଟା ବଡ଼ ଖାଣ୍ଟି କଥା କହୁଚି। କିନ୍ତୁ ତା କଥାରୁ ସେ କିଛି ଭଲ କରି ବୁଝିପାରିଲା ନାଇଁ। ସେ କଥାଟାକୁ ବାଆଁରେଇ ଦବାନାଗି କହିଲା – "ନା, ନା, ମୁଁ ସେମିତି କହୁଥେଲି ନା!"

ରାଧି ଗମ୍ଭୀର ହେଇ କହିଲା – "ମୁଁ ତମକୁ ପହିଲୁ ଦେଖିଲାଦିନୁ ତମ ମୁହଁରୁ ଖାଲି ଗଉରୀ ଛଡ଼ା ଅନ୍ୟ କିଛି କଥା ଶୁଣିନାଇଁ। ତମେ ମତେ ହଜାର ଥର କହିଚ ଯେ ମୁଁ ଦେଖିବାକୁ କୁଆଡ଼େ ଠିକ୍ ଗଉରୀ ପରି ଆଉ ସେଇଥିପାଇଁ ତମେ ମୋ ପାଖକୁ ଆସ। ଏ କଥା କ'ଣ ସତ ?"

କୁଞ୍ଜିଆ ବୋକାଙ୍କ ପରି ମୁଣ୍ଡ ଆଉଁସୁ ଆଉଁସୁ ଜବାବ ଦେଲା – "ହଁ ସତ! ମୁଁ ତତେ ଗଉରୀ ପରି ଆପଣାର ନୋକ ବୋଲି ଭାବେ।"

ରାଧି କହିଲା – "ମୁଁ ତମକୁ କହିଦଉଚି, ମୁଁ ଗଉରୀର ଛାଇ ନୁହ। ମୁଁ ରାଧି। ମୁଁ କାହାର ନକଲ ନୁହଁ। କାହାରି ନକଲ ହବାକୁ ମୁଁ ଚାହେଁ ନାଇଁ।"

Digitized by srujanika@gmail.com

ରାଧି ଅଭିମାନରେ, ଅହଂକାରରେ ଫୁଲି ଉଠିଲା। ରାଧି ଯେ ବଞ୍ଚିଛି, ସେ ଯେ ଗୋଟା ସ୍ୱତନ୍ତ୍ର ମଣିଷ, ଏଇ କଥାଟାକୁ ବଡ଼ ଜୋରରେ ତା'ର ଆହତ ନାରୀତ୍ୱ ଆଜି ଘୋଷଣା କରିବାକୁ ଚାହୁଁଥିଲା ସତେ କି ଅବା। ଯେଉଁ ଶସ୍ତା ଦିହଟାକୁ ସେ ମାଉଁସ ଓଜନ କଲାପରି ବଜାରରେ ବିକ୍ରି କରେ, ତାରି ଭିତରୁ କିଏ ଯେମିତି ସତେ ପାଟିକରି ଉଠୁଥିଲା—ରାଧି ରାଧି। ସେ କାହାର ନୁହଁ। ସେ ଗଉରୀ ବା ଅନ୍ୟ କାହାରି ମୁଖାପିନ୍ଧି ତାରି ଦୟାରୁ କୁଞ୍ଜିଆଠୁଁ ସ୍ନେହ ସରାଗ ଭୁଲେଇ ନବାକୁ ଚାହେଁ ନାଇଁ। ସେ ନିଜେ ଯାହା, ସେଇଥିପାଇଁ ଯେବେ କିଏ ତାକୁ ସୁଖ ନପାଇଲା, ତେବେ ସେମିତି ସୁଖ ପାଇବାରେ ତାର ଦରକାର କ'ଣ? ଗରଜ ପଡ଼ିଚି ତା'ର ସେମିତି ଲୋକଙ୍କଠେଇଁ ଯାଇ ଯାଚିଗୁଞ୍ଜି ହେଇ ପଶିବାକୁ? ସେ କାହିଁକି ଅନ୍ୟଠୁ ଧାର ଆଣିଥିବା ଦରବରେ ଜଣକୁ ଭୁଲେଇ ନେଇ ଥଇଟି ମଇଟି ହବ? ଛି! ଛି!!

କୁଞ୍ଜିଆ ରାଧି କଥାଗୁଡ଼ାକ ଜମାରୁ କିଛି ବୁଝିପାରିଲା ନାଇଁ।

* * * * *

କିଛିଦିନ ପରେ କୁଞ୍ଜିଆ ଯାଇ ଦେଖିଲା, ରାଧି ଦୁଆରେ ଗୋଟାଏ ରିକ୍ସା ଥୁଆ ହେଇଚି, ଆଉ ରାଧି ଘର ଭିତରେ ତାର ଜିନିଷପତ୍ର ସଜାଡ଼ିବାରେ ଲାଗିଚି। ଟ୍ରଙ୍କ୍, ବାକ୍ସ, ପେଟରା, ବିଛଣା ସବୁ ବନ୍ଧା ସରିଲାଣି।

କୁଞ୍ଜିଆ ଅବାକ୍ ହେଇ ପଚାରିଲା—"ଇଏ କ'ଣ କରୁଚୁ ତୁ?"

ରାଧି ବିଛଣା ଗୁଡ଼େଇ ସେଥିରେ ଦଉଡ଼ି ବାନ୍ଧୁ ବାନ୍ଧୁ ଜବାବ ଦେଲା—"ମୁଁ ଶାମ ବଜାରକୁ ଉଠିଯାଉଚି। ସରିଫ୍ ସେଠି ଗୋଟା ଘର ଭଡ଼ା ନେଇଚି, ଆମେ ଦିହେଁ ସେଇଠି ଏକାଠି ରହିବୁଁ।"

କୁଞ୍ଜିଆ କହିଲା—"ତୁ ସେଇ ମାତାଲଟା ସାଙ୍ଗରେ ଯାଇ ରହିବୁ? ତତେ ପରା ସେ ଏତେ ମାର୍ ପିଟ୍ କରେ, ତୋର ଗହଣାପତ୍ର ସେ ଛଡ଼େଇ ନେଇ ବିକି ଭାଙ୍ଗି ମଦ ଖାଇ ଦେଇଚି? ତୁ ସେଇ ବଦମାସ୍‌ଟା ସାଙ୍ଗରେ....."

"ହଁ ସେଇ ବଦମାସ୍‌ଟା ସାଙ୍ଗରେ ମୁଁ ରହିବି", ରାଧି କହିଲା। "ସେ ମାତାଲ, ମତେ ମାରଧର କରେ ମୁଁ ମାନୁଚି। କିନ୍ତୁ କାହିଁକି ସିଏ ମତେ ଇମିତି ମାରଧର କରିବାକୁ ସାହସ କରେ? ମତେ ସେ ନିଜର ବୋଲି ଭାବୁ ନ ଥିଲେ ମୋ ଉପରେ ତାର କ'ଣ ଏତେ ବଳ ପାଆନ୍ତା? ପରଲୋକକୁ କିଏ କଅଣ କଥା ପଦେ ଟାଣି କରି କହିବାକୁ ସାହସ କରେ? ମୁଁ ଖାନିକୀ, ମୁଁ ଦାରିଆଣୀ ସତ, କିନ୍ତୁ ତା ପାଖରେ ମୁଁ ଗୋଟାଏ ଜିଅନ୍ତା ମଣିଷ। ଖାନିକୀ ରାଧି ବଞ୍ଚିଚି ବୋଲି ସେ ଜାଣେ। ସେଇଥିପାଇଁ ମୋର ଭୁଲ୍ ଦେଖିଲେ ସେ ମୋ ଉପରକୁ ହାତ ଉଠାଏ।"

Digitized by srujanika@gmail.com

ତା'ପରେ ସେ ଦର୍ପଣ ସାମନାରେ ନିଜ ଶାଢ଼ୀର ପିନ୍‌ଟାକୁ ଠିକ୍ କରୁ କରୁ କହିଲା, "ତମ ପାଖରେ ମୁଁ ଗୋଟାଏ ଛାଇ, ଆଉ ଜଣକର ଭୂତ, ତାର ନକଲ...ମୁଁ ନିଜେ କେହି ନୁହଁ। ଏତେ ପର ବୋଲି ଭାବ ତୁମେ ମୋତେ ?

ତମେ ତ ରାଧିକୁ ଭଲପାଅ ନାହିଁ। ତମେ ତା' ଭିତରେ ଗଉରୀକୁ ଭଲପାଅ। ନୁହଁ ? ହେଇପାରେ ଗଉରୀ 'ତମର ସତୀ ସାବିତ୍ରୀ ଆଉ ହେଇପାରେ ରାଧି ବଜାରର ବେଶ୍ୟା। ହେଲେ ମୁଁ ନିଜେ ଜଣେ କେହି, ଏ କଥା ତମେ ବୁଝିଲ ନାହିଁ ଜମା।"

କୁଞ୍ଜିଆ କଣ ଜବାବ ଦବ ସେଇକଥା ଭାବୁଥିଲା। ହଠାତ୍ ରାଧି କହିଲା – "ବାହାରକୁ ଆସ, ମୁଁ ଘର ତାଲାଦେଇ ଘରବାଲାକୁ ଚାବି ବୁଝେଇଦେବି।"

ରିକ୍‌ସାବାଲା ଜିନିଷପତ୍ର ନେଇ ରିକ୍ସା ଉପରେ ରଖିଲା। ରାଧି ରିକ୍‌ସା ଉପରେ ବସି କୁଞ୍ଜିଆ ଆଡ଼କୁ ଚାହିଁ ନୁଗା ପଣତରେ ନୁହ ପୋଛିଲା।

* * * * *

ତହିଁଆର ଦିନ ଦିପହରେ ଘମାଘୋଟ କାମ ଚାଲିଚି। କୁଞ୍ଜିଆ ରୋଳର ଟାଣୁ ଟାଣୁ ସମସ୍ତଙ୍କ ସାଙ୍ଗରେ ପାଟି କରି ଡାକୁଚି – ହେ ଲେ ସା।

ଏତିକିବେଳେ କୁଞ୍ଜିଆ ଗାଁର ସଦାନନ୍ଦ ବେହେରା ଆସି ତା କାନ ପାଖରେ ଖବର ଦେଲା ଯେ – ସେ କଲିକତାରେ ଗୋଟାଏ ମାଇକିନିଆ ନେଇ ରହିଲାଣି ବୋଲି ଶୁଣି ଗଉରୀ ଦୁତୀୟ ହେଇ ଗଲାଣି। ଗଲା ମଗୁଶିର ଅମେଇସିଆ ଦିନ ସେ କେଉଟସାହି ହରିଆ ମାହାରଣା ପୁତୁରା ଚେମା ମାହାରଣା ସଙ୍ଗେ ନଡ଼ା ବିଡ଼ାଙ୍କରେ ବସି ପଡ଼ିଲା।

କୁଞ୍ଜିଆ ଦଣ୍ଡେ କ'ଣ ଠିଆହୋଇ ଭାବିଲା। ତାକୁ ଅନ୍ୟମନସ୍କ ଭାବରେ ପଛକୁ ପଡ଼ିଯାଉଥିବାର ଦେଖି ସାଙ୍ଗଭାଇମାନେ ତାକୁ କସିକରି ଗୋଟାଏ ଧକ୍କା ମାଇଲେ।

କୁଞ୍ଜିଆ ପୁଣି ଚେତା ପାଇ ନୁହାରୋଳର ଟାଣୁ ଟାଣୁ ପଡାଙ୍ଗମାଇ ପାଟି କରି ଉଠିଲା – ହେ ଲେ ସା।

Digitized by srujanika@gmail.com

ହାତ

ସେ ହାତ ଦେଖେ। ସହରର କାନ୍ଥ ବାଡ଼ରେ ମରା ହୋଇଥିବା ବଡ଼ ବଡ଼ ସିନେମା ପୋଷ୍ଟରଗୁଡ଼ାକ ଛିଣ୍ଡେଇ ଆଣି ସେ ରାସ୍ତାରେ ପାରି ବସି ପଡ଼େ। ତାର ବସିବାର ଜାଗା ଗୋଟାଏ ନୁହଁ। ରାସ୍ତାରେ ସେତେବେଳେ ଯୋଉଠି ଲୋକ ଗହଳ ହୁଏ, ସେ ସେଇଠିକି ଆସ୍ଥାନ ଉଠାଇ ନେଇ ପସରା ମେଲି ବସେ। ପସରା ବୋଇଲେ ଖଣ୍ଡେ ଚିରା ମସିଆ କନାର ବସ୍ତାନି। ତା'ଭିତରେ କୋଉକାଳର ପୁରୁଣା, ତେଲ ଚିକିଟା ନୁଗା,ଖଣ୍ଡେ ସାତଭାଙ୍ଗର ସାମୁଦ୍ରିକ ବହି। ବହିର ପୃଷ୍ଠାଙ୍କଡ଼ ସବୁ ମୋଡ଼ିମାଡ଼ି ହୋଇ ବଙ୍କାଟଙ୍କା ହୋଇ ଗଲେଣି, ମଲାଟ ଉପର ଖବରକାଗଜର ଅକ୍ଷର ହାତଘଷିଆ ଆଉ ମଇଳା ସାଲୁବାଲୁ ହୋଇ ଜମାରୁ ପଢ଼ି ହଉନାହିଁ। ବହିର ପ୍ରଥମ ପୃଷ୍ଠାରେ ମରା ହୋଇଥିବା ଜନ୍ମଛବି ଖଣ୍ଡକର ଫାଳେ କୁଆଡ଼େ ଉଡ଼ିଯାଇଥିବାରୁ ଛବିଟାର ଅର୍ଥ ମଧ୍ୟ ବୁଝି ହଉନାହିଁ।

ସେ ବହିଖଣ୍ଡିକ ଛଡ଼ା ବସ୍ତାନି ଭିତରେ ଅଛି କଟକ କୋହିନୂର ପ୍ରେସ୍‌ରେ ଛାପା ଖଣ୍ଡେ ହନୁମାନ ପ୍ରଶ୍ନ, ଖଣ୍ଡେ ଖଡ଼ିରତ୍ନଙ୍କ ପକେଟ ପଞ୍ଜିକା, ଖଣ୍ଡେ ସିଲଟ, ଖଣ୍ଡେ ଜଗନ୍ନାଥ ଛାପା, ଆଉ ଜଣେ ମୃତ ଡିପଟି କଲେକ୍ଟର ଦେଇଥିବା ଖଂଡେ ଟିଣବନ୍ଧେଇ ସାର୍ଟିଫିକେଟ।

ବସ୍ତାନିଟି ଖୋଲି ସେ ପହିଲୁ ଟିଣବନ୍ଧା ସାର୍ଟିଫିକେଟ ଖଣ୍ଡକୁ ନିଜ ମଳି ଗାମୁଛାରେ ପୋଛି ସମସ୍ତଙ୍କ ଆଖି ପଡ଼ିବା ଜାଗାରେ ଭଲ କରି ଥୋଇଦିଏ। ତା'ପରେ ତିନିରଙ୍ଗିଆ ଜଗନ୍ନାଥ ଛାପା ଖଣ୍ଡକ କାଢ଼େ। ସିନ୍ଦୂର ଆଉ ଚନ୍ଦନ ଲାଗି ହୋଇ ଠାକୁର ତିନିଜଣ ପୋତିହୋଇ ପଡ଼ିଲେଣି। ସେ ଛାପାଟିକୁ ଥରେ ମୁଣ୍ଡରେ ଛୁଆଇଁ ବସ୍ତାନି ଆଗରେ ରଖିଦିଏ। ତା'ପରେ ତାର ଟିକିନିକି ଗହିଡ଼ା ଆଖି ଯୋଡ଼ିକ ଟେକି ସେ ଲୋକ ଯା'ଆସ ଲକ୍ଷ୍ୟ କରେ – ଭିଡ଼ ଭିତରକୁ ଅନାଇ ରହେ।

ତାର ଲମ୍ବା ହାଡୁଆ ଦିହଟା ଉପରେ ପଡ଼ିଥାଏ ଖଣ୍ଡେ ପୁରୀ ନାମାବଳୀ। କନା ଖଣ୍ଡକ ପବନରେ ଏଣେ ତେଣେ ଉଡ଼ିଗଲେ ତା' ଛାତିର ବଡ଼ ବଡ଼ ହିଡ଼ଗୁଡ଼ାକ କଳା କଳା ଲୋମ ଭିତରୁ ସଫା ବାରି ହୋଇ ଦିଶନ୍ତି। ତାର ଲମ୍ବା ବାଙ୍କୁଳେରାକ କାନ ଉପରୁ ଟେକାହୋଇ ପିଠି ଉପରକୁ ଝୁଲି ପଡ଼ିଥାଏ। କାନରେ ସବୁବେଳେ ଖୋଷିଥାଏ ସେ ଗୋଟାଏ ଦରମଉଳା ଲାଲ ଟହଟହ ଗେଣ୍ଡୁଫୁଲ।

Digitized by srujanika@gmail.com

ଦିନର ଅଧିକାଂଶ ସମୟ ତାକୁ ଅଦାଲତ ପାଖରେ କିମ୍ବା କିଲଟରି କଚେରି ସାମନା ଓସ୍ତଗଛ ମୂଳରେ ବସିବାର ଦେଖାଯାଏ। ପରୀକ୍ଷାବେଳେ ସେ ସହରର କେତୁଟା ଇସ୍କୁଲ ହତାରେ ଆସ୍ଥାନ ଜମେଇ ବସେ। କିଏ ମକଦ୍ଦମା ଜିଣିବ କି ନାହିଁ, କାହାକୁ କେତେ ମିଆଦି ହବ, କାହାର ଏ ସାଲେ କିଲାସଉଠା ହବ କି ନାହିଁ, ଏଇପରି ନାନା ବିଷୟରେ ନାନା ଲୋକେ ତା'ସହିତ ପରାମର୍ଶ କରିବାକୁ ଆସନ୍ତି। ଅନୁକୂଳ ଆଦାୟ ହେଇ ସାଇଲେ ସେ ଯାହାକୁ ଯିମିତି କହିବାର କଥା, ହାତ ଦେଖି ସିଲଟରେ କୋଷ୍ଠି କାଟି ଚୁମୁକରେ କହି ଦିଏ। କଥାଟା ବାଜିଗଲେ କେବେ କେବେ ଆଉରି ଦି ଚାରି ପଇସା ଗ୍ରାହକମାନେ ଖୁସି ହେଇ ରୋକ୍‌ଠୋକ୍ ଗଣି ଦିଅନ୍ତି। ପଇସାତକ ମୁଣ୍ଡରେ ନଗେଇ ସେ ଗୋଟେ ମୁହାଁ ଟିଣ ବାକ୍ସ ଭିତରକୁ ଗଳେଇ ଦିଏ। କୌଣସି କୌଣସି ଗାଉଁଲି ଥିଲାବାଲା ଲୋକ ହାବୁଡ଼େ ପଡ଼ିଲେ ସେ ମକଦ୍ଦମା ଜିଣେଇ ଦବା ନାଗି, ମଶାଣିରେ ସଂକ୍ରାନ୍ତି ଦିନ ଚଣ୍ଡୀପୂଜା କରି ତେଉଁରିଆ ତିଆରି କରି ଦବାପେଇଁ ବେଶ୍ ମୋଟା ରକମର ଅଣ୍ଟାଖୋଷା ମଧ ଆଦାୟ କରି ନିଏ।

ସେଦିନ ଉଦୁଉଦିଆ ଦିପହର। ଖରାଦିନ। କାଠଯୋଡ଼ିର ତତଲା ବାଲି ଉପରେ ପହଁରି ପହଁରି ଜ୍ୟେଷ୍ଠ ମାସର ଖଇଫୁଟା ଝାଞ୍ଜି ଆସୁଥାଏ। କିଲଟରି କଚିରି ପାଖ ନଇବନ୍ଧ ଉପରେ ଉଚା ଉଚା ଗଛ ଭିତରେ କେଇଟା ବାଦୁଡ଼ି ଖରାରେ ଦରସିଝା ହେଇ ଚିଁ ଚିଁ ଶବ୍ଦ ଛାଡ଼ିଛନ୍ତି। ଗୋଟାଏ ରୋଗଣା ବୁଲା କୁକୁର ଭୋକ ଆଉ ଖରା ତବତରେ ଆଉଟୁ ପାଉଟୁ ହେଇ ଖଣ୍ଡେ ଚେକା ଗଛ ଛାଇରେ ନମେଇ ଶୋଇପଡ଼ି ଜିଭ ହାଲୁ ହାଲୁ କରି ଧଇଁ ପେଲୁଛି।

ଗୋଟେ ସରୁ କାଳିଆ ହାତ ଆସ୍ତେ ଆସ୍ତେ ଜ୍ୟୋତିଷଙ୍କ ଆଡ଼କୁ ଲମ୍ବି ଆସିଲା। ହାତଟାରେ ପଳେ ବି ମାଉଁସ ନାଇଁ, ଖାଲି ମୁନିଆ ମୁନିଆ କେଇଖଣ୍ଡ ହାଡ଼, ଗୁଡ଼ାଏ ବଡ଼ ବଡ଼ ଲୁମ ଆଉ ଚମ ତଳେ କେଇଟା ଗହିଡ଼ିଆ ନେଳିଆ ଶିରା। ରକ୍ତହୀନ ଆଙ୍ଗୁଠି ଆଗରେ ଅସନା ନଖଗୁଡ଼ାକ ମଇଳା କଟ କଟ ଦିଶୁଚି।

ହାତ ପାପୁଲିଟାକୁ ଅନେକ ବେଳଯାଏ ସେ କ'ଣ ପରୀକ୍ଷା କଲା। ତା'ପରେ ସେ ତାର ଦାଢ଼ି ନିଶର ଜଙ୍ଗଲ ଭିତରୁ ହାତ ଦେଖଉଥିବା ଲୋକଟିର ମୁହଁଆଡ଼କୁ ଟିକିଏ ତଳେଇ କରି ଚାହିଁଲା। ଲୋକଟାର ଶୁଖିଲା ପାଉଁଶିଆ ମୁହଁଟା ଗୋଟାଏ ଅଜ୍ଞାତ ଆଶଙ୍କାରେ ଆଉରି ବେଶୀ ପାଉଁଶିଆ ପଡ଼ିଗଲା।

କ'ଣ ହେଇଚି ?

କାଶ ଉଠିବାରୁ ଲୋକଟା ହଠାତ୍ କିଛି ଜବାବ ଦେଇପାରିଲା ନାହିଁ। ସେ ବେଦମ ହେଇ ବହୁତ ଖୁଁ ଖୁଁ ହେଇ କାଶିବାକୁ ଲାଗିଲା, ତା'ପରେ ତାର ମୁହଁବାଟେ ବାହାରି ଆସିଲା ଆଞ୍ଜୁଳାଏ ରକ୍ତ। ତାର ଦଦରା ଛାତିର ଭଙ୍ଗା ହାଡ଼ଗୁଡ଼ାକ ମଝିରୁ ସତେକି ଦୁଇଖଣ୍ଡ ହେଇଗଲା ପରି ଜଣାଗଲା। ସେ ଅଣନିଃଶ୍ୱାସୀ ହେଇ ଦୁର୍ବଳତା ଯୋଗୁଁ ଖାଲି ବରଡ଼ାପତ୍ର ପରି ଥରିବାକୁ ଲାଗିଲା।

Digitized by srujanika@gmail.com

କଠିନ କଣ୍ଠରେ ହାତଦେଖାଳି ଜ୍ୟୋତିଷ କହିଲେ – "ତମେ ନ କହିଲେ କ'ଣ ହେବ, ତମ ହାତ କହୁଚି ଯେ ତମର ରାଜଯକ୍ଷ୍ମା ହେଇଚି। ତମ ଆୟୁରେଖା ବଡ଼ ଦୁର୍ବଳ ହେଇଯାଉଚି।"

ଲୋକଟାର ରକ୍ତହୀନ ବିବର୍ଣ୍ଣ ମୁହଁ ଉପରେ ହଠାତ୍ ଯିମିତି କିଏ ମେଞ୍ଚାଏ କାଳି ବୋଳି ଦେଇଗଲା। ଗୋଟାଏ ଅଦୃଶ୍ୟ ଭବିଷ୍ୟତର ଅଶୁଭ ଇଂଗିତରେ ତାର ସାରା ଦିହଟା ଶୀତେଇ ଉଠିଲା। ଭୟରେ ଛାତିଟା ତାର ଆଉରି ଜୋରରେ ପଡ଼ିଲା ଉଠିଲା। ପୁଣି ବେଶୀ ଜୋରରେ ଏଥର ତାର କାଶ ଉଠିଲା।

ଜ୍ୟୋତିଷ ତାର ପାପୁଲିଟି ନେଇ ଆୟୁ ରେଖାଟାକୁ ଖୁବ୍ ଜୋର୍‌ରେ ନିଜ ଆଙ୍ଗୁଠିରେ ଦଳିବାକୁ ଲାଗିଲେ। ତା'ପରେ ସେ ଖୁବ୍ ନିରେଖି କରି ସେଟାକୁ ଚାହିଁଲେ।

ତାଙ୍କର ଭାବଭଙ୍ଗୀରୁ ଜଣାଯାଉଥିଲା, ଯିମିତି ସେଇ ମଇଳା ହାତର ସରୁ ରେଖାଟା ଗୋଟାଏ ପୋତା ନାଳର ଧାର। ପଡ଼ିଆ ଦିହରେ କେଉଁଠି ମିଶି ହଜିଗଲା ପରି ହଠାତ୍ କୁଆଡ଼େ ସେଇ ପାପୁଲି ଭିତରେ ନିଭି ସମତଳ ହେଇ ଯାଇଚି। ଆଉ ସେ ଯିମିତି ସେଇ ପାପୁଲିଟାକୁ ସଫା କରି ତା' ଭିତରୁ ସେଇ ନିଭିଲା ରେଖାଟାକୁ ଖୋଳି ବାହାର କରିବାକୁ ଚେଷ୍ଟା କରୁଚନ୍ତି।

ଜ୍ୟୋତିଷଙ୍କ ଆଖିରେ ରେଖାଟା ଧରା ଦଉ ନାଇଁ ଦେଖି ରୋଗୀଟି ଅଧିକ ନିସ୍ତେଜ ହେଇ ପଡ଼ିଲା; ତାର ଶୁଖିଲା ଆଖିପତା ଦୁଇଟା ତରରେ ବେଶୀ ବେଶୀ ଗହିଡ଼ିଆ ଦେଖାଗଲା। ତାର ସାନ ମଇଳା ମୁହଁଟା କ୍ରମେ ଛୋଟ ହେଇ ଯାଇ ଗୋଟିଏ ସାନ ପିଲାର ମୁହଁ ପରି ଜଣାଗଲା।

"ମୁଁ କଣ ତା'ହେଲେ ବଞ୍ଚିବି ନାଇଁ ଅବଧାନେ ?"

ବହୁତ ସମୟ ପରେ ନିଜର ଭାବାବେଗକୁ ସମ୍ଭାଳି ରୋଗୀଟି ପଚାରିଲା। କଣ୍ଠରେ ତାର ଉତ୍କଣ୍ଠାର ଚରମ।

ଜ୍ୟୋତିଷ ହାତଟାକୁ ଆଉ ଟିକିଏ ଭଲ କରି ଦେଖିଲେ। ତା'ପରେ କ'ଣ କହିବେ ବୋଲି ମୁହଁ ଟେକିଲେ। ତାଙ୍କ ଓଠରେ କ୍ରୂର ଉଦାସୀନ ହସ – ଆଖି ଦି'ଟାରେ ଅଦୃଷ୍ଟର ନିଷ୍ଠୁର ବିଦ୍ରୂପ ପରି ଗୋଟାଏ ତୀକ୍ଷ୍ଣ ଇଙ୍ଗିତ !

ରୋଗୀର ଆଉ ତାଙ୍କ ମୁହଁକୁ ଅନେଇବାର ସାହସ ହେଲାନାଇଁ। ସେ ତଳକୁ ମୁହଁ ପୋତି ଦେଲା। ଦେଖିଲା ତଳେ ଥୁଆ ହେଇଚି ସେଇ ତିନିରଙ୍ଗିଆ ଜଗନ୍ନାଥି ଛାପାଟା। ଚନ୍ଦନ ଆଉ ସିନ୍ଦୂରର ପାହାଡ଼ ତଳେ ସେଇ ଦୁର୍ବୋଧ୍ୟ ଦେବତାଙ୍କର ଅସ୍ପଷ୍ଟ ମୂର୍ତ୍ତିଟା ତାର ଅଦେଖା ଭବିଷ୍ୟତ ପରି ତା' ଆଖିକୁ କଳା ଆଉ ରହସ୍ୟମୟ ଦେଖାଗଲା। ସେ ଆଉ ଠାକୁରଙ୍କ ଆଡ଼କୁ ଚାହିଁପାରିଲା ନାଇଁ। ସେଠାରୁ ଆଖି ଫେରାଇ ନେଇ ସେ ବସ୍ତାନି ଭିତରେ ଥିବା ବହିଗୁଡ଼ାକୁ ଅନାଇବାକୁ ଲାଗିଲା। କଳା ମସିଆ ବହିର ପୁରାତନ ପୃଷ୍ଠାଗୁଡ଼ାକ ତା' ମନରେ ଆଉରି ଭୟ ସଞ୍ଚାର କଲେ। କୋଉ ଅନାଦି କାଳର ମଇଳା ଆଉ ତେଲିଆ ଗନ୍ଧ ଭିତରୁ ସେଇ ବହିର ଦଗନିଭିଲା ଅକ୍ଷରଗୁଡ଼ାକ ତାକୁ ତାର ନିଭି ଆସୁଥିବା ଝାପ୍‌ସା ଅସ୍ତିତ୍ୱର

Digitized by srujanika@gmail.com

କଥା ସ୍ମରଣ କରେଇ ଦେଲେ। ସେ ଡରଡରରେ ସେଠୁ ପୁଣି ଆଖି ଫେରେଇ ନେଇ ସିଲଟଟାକୁ ଦେଖିବାକୁ ଲାଗିଲା। କଳା ସିଲଟ ଉପରେ ଲେଖା ହେଇଥିବା ଅଡୁଆ ତଡୁଆ ଦୁର୍ବୋଧ ଗାରଗୁଡ଼ାକରୁ ସେ ଜମା କିଛି ବୁଝି ନ ପାରିଲେ ମଧ୍ୟ ସେଇ ଅବୁଝା ଅଙ୍କନଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରିବାକୁ ଲାଗିଲା।

ଜ୍ୟୋତିଷ ଗଳାଖଙ୍କାର ମାଇଲେ.....।

ରୋଗୀଟି ବୁଝି ପାରିଲା ସେ ଏଥର କ'ଣ କହିବେ। କିଛି ଶୁଣିବା ପାଇଁ ତାକୁ ଡର ମାଡ଼ିଲା। ସେ ମୁହଁ ଟେକି ଥରେ ଜ୍ୟୋତିଷଙ୍କ ଆଡ଼କୁ ଚାହିଁଲା। ଜ୍ୟୋତିଷଙ୍କ ଚଉଡ଼ା କପାଳର ଦୁଇକଡ଼ରେ ଯେଉଁ ଉଚା ଉଚା ଶିର ଦୁଇଟା ଶିଙ୍ଘ ପରି ଚମଡ଼ା ତଳୁ ଫୁଟି ବାହାରିଚି, ସେ ଦୁଇଟା ହଠାତ୍ ଟିକିଏ ଥରି ଉଠିଲେ। ତାଙ୍କ କାନରେ ଖୋସା ହୋଇଥିବା ନାଲ ଗେଣ୍ଡୁଫୁଲଟା ହଠାତ୍ ଟିକିଏ ହଲିଗଲା। ସେ କଥା କହିଲେ। ତାଙ୍କର ପ୍ରସିଦ୍ଧ ଗାଲ-ହାଡ଼ ତଳେ ଦିଶୁଥିବା ମାଉଁସର ଗହିଡ଼ିଆ ଗାତ ଦୁଇଟା ହଠାତ୍ ପୂରିଉଠି ପୁଣି ଖାଲ ହେଇଗଲା। ମୁହଁର ମାଂସପେଶୀଗୁଡ଼ାକ ଫୁଲି ଉଠିଲା। ରୋଗୀଟି ଶୁଣିଲା ତାଙ୍କ କଣ୍ଠର ଆବାଜ–

"ତମ ହାତ କହୁଚି–"

ତାର ହାତ କ'ଣ କହୁଚି? କେଉଁ ଭୟଙ୍କର ଇତିହାସ ସେଥିରେ ଲେଖା ଅଛି, ତାହା ଶୁଣିବା ଲାଗି ତାର ଜମା ଇଚ୍ଛା ନଥିଲା। ତଥାପି ତାକୁ ଶୁଣିବାକୁ ହେଲା।

ଜ୍ୟୋତିଷ କହିଲେ–"ତମର ଗୋଟିଏ ମାର୍କ ଅଛି। ଶୁକ୍ର ମହାଦଶାଙ୍କ କ୍ଷେତ୍ରଟା ତମ ହାତରେ ତଳକୁ ତଳକୁ ପଶି ଯାଉଚି। ଏହା ସ୍ୱାସ୍ଥ୍ୟ ପକ୍ଷରେ ଭଲ ନୁହେଁ।"

ରୋଗୀଟି କଳାକାଠ ପଡ଼ିଗଲା। ବିଚାରକଙ୍କ ମୁହଁରୁ ମୃତ୍ୟୁଦଣ୍ଡ ଶୁଣିବା ଆଗରୁ କାଠଗଡ଼ାରେ ଆସାମୀର ମୁହଁ ଯିମିତି ଶୁଖି ଚୋଟଲା ପଡ଼ିଯାଏ, ରୋଗୀଟି ଠିକ୍ ସେମିତି ଶୁଖି ବିବର୍ଣ୍ଣ ହୋଇଗଲା।

ତାର କାଶର ବେଗ ଭୟଙ୍କର ଭାବରେ ବଢ଼ି ଉଠିଲା। ସେ କାଶି କାଶି ଲୋଟାକୋଟା ହୋଇ ଭୂଇଁ ସାଉଁଟିବାକୁ ଲାଗିଲା।

କିଛି ସମୟ ପରେ ସେ ପୁଣି ଥିର ହେଇ ବସିଲା। ପଚାରିଲା–

"ମୁଁ କେତେଦିନ ବଞ୍ଚିବି? ଏ-ସନ ମାଘମାସରେ ମୋ ଝିଅକୁ ବିଭା ଦେବି ବୋଲି ଦିନ ଧରିଚି। ସେଇ ଗୋଟିଏ ବୋଲି ପିଲା, ଗୋରୁ ଲାଙ୍ଗୁଡ଼ରେ ବନ୍ଧକେ ହବ। ତାକୁ ହାତକୁ ଦିହାତ କରି ଦେଲେ ଅବଧାନେ ଛୁଟି। ତମକୁ ନେହୁରା ହେଉଚି, ଟିକିଏ ଭଲ କରି ହାତ ଦେଖି କହନି ଦେଖି ମୁଁ ଆଉ ମାସ ଚାରିଟା–"

ତା' କଣ୍ଠସ୍ୱର ଥରୁଥିଲା। ତାର ଅସହାୟ ଭାବ ଦେଖି ଜ୍ୟୋତିଷଙ୍କର ନିର୍ମୋଯା ମୁହଁରେ ଟିକିଏ ଉତ୍ତାପ ଫେରି ଆସିଲା। ସେ ଥତମତ ଖାଇଗଲେ।

ତାଙ୍କର କଳା ଦାଢ଼ି ଉପରେ ଜଳୁଥିବା ଆଖି ଦିଟା ମମତାରେ ଟିକିଏ ଉଜ୍ଜ୍ୱଳ ଦେଖାଗଲା। ସେ କ'ଣ କହିବେ ଟିକିଏ ଭାବିବାକୁ ଲାଗିଲେ। ତା'ପରେ ବହୁତ ବେଳଯାଏ ବହି ଦେଖି, ଢୋକ ଗିଳି ଟିକିଏ ମୁରୁକି ହସା ଦେଇ କହିଲେ–

Digitized by srujanika@gmail.com

''ତୁ ଅନେକ ଦିନ ବଞ୍ଚିବୁ। ଆସନ୍ତା ଦୁଇବର୍ଷ ଭିତରେ କେହି ତୋ ଦିହରେ ଦାଗଟାଏ ଟାଣି ପାରିବ ନାହିଁ। ମା' ଚଣ୍ଡୀଙ୍କ ଦୟାରୁ ତୋର ସବୁ ରୋଗ ବୈରାଗ କୁଆଡ଼େ ରାଣ ଦେଲା ପରି ଉଭେଇ ଯିବ। ତୁ ଏଇ ଅଷ୍ଟଧାତୁ ମନ୍ତୁରା ତେଉଁରିଆ ବାନ୍ଧ। ନେ, ପଣାସଂକ୍ରାନ୍ତି ଦିନ ବହୁତ ଗୁଣି ଗାରୁଡ଼ି କରି, ନିଜ ଖାଇବି ହାତରୁ ରକ୍ତ ବଳିଦେଇ ମଶାଣି ଚଣ୍ଡୀ ପାଖରୁ ଯାକୁ ଆଣିଚି। କାଟ ପାଣି ପରି ସବୁ ବଡ଼ ବଡ଼ ରୋଗକୁ ଏ ତେଉଁରିଆ ଆଛା କରିଦବ।''

ସେ ରୋଗୀର ଖାଇବି ବାହାରେ ତେଉଁରିଆଟି ମନ୍ତୁରେଇ ଡୋରି ଖଣ୍ଡକରେ ବାନ୍ଧି ଦେଲେ। ରୋଗୀଟିର ବିବର୍ଣ ମୁହଁରେ ପୁଣି ରକ୍ତ ଫେରି ଆସିଲା। ତାର ମଇଳା ଗାଲରେ ମାଂସର ଝଲକ ଦେଖାଗଲା। ହସରେ ଆଖି ଦି'ଟା ତାର ପୁଣି ନାଚି ଉଠିଲା। ସେ ଖୁସି ହୋଇ ଜ୍ୟୋତିଷଙ୍କ ଗୋଡ଼ତଳେ ମୁଣ୍ଡିଆ ମାରି କହିଲା –

''ସତରେ, ସତରେ ମୁଁ ଭଲ ହେଇଯିବି ଗୋସେଇଁ ମହାପୁରୁ? ସବୁ ଠାକୁରଙ୍କ ଇଚ୍ଛା। ଗତ ସାଲେ କେତେ ମିହନ୍ତ କରି ପଡ଼ିଆ ଭୂଇଁ ଦିମାଣକରେ ଗାରଦେଇ ଉଠିଆ କରିଥେଲି। ଠାକୁରେ ମୋତେ ବର୍ଷ ଚାରିଟା ବଞ୍ଚେଇ ରଖିଲେ ସେଥିରୁ ପରା ମୁଁ ସୁନା ଫଳେଇବି!!''

ତା'ପରେ ସେ ଠାକୁରାଣୀଙ୍କ ପୂଜା ପାଠ ପାଇଁ ଗୋଟିଏ ଟଙ୍କା ଜ୍ୟୋତିଷଙ୍କ ଗୋଡ଼ତଳେ ରଖିଦେଇ ସେଠୁ ଚାଲିଗଲା। ତାର ଚାଲିରୁ ମନେହେଲା, ତାର ଅସାଧ ବେମାରି ସତକୁ ସତ ଯେମିତି କିଛି ସମୟ ପାଇଁ ଭଲ ହୋଇ ଯାଇଚି। ତା' ଭାବଭଙ୍ଗୀ କଥାବାର୍ତ୍ତାରେ ବଞ୍ଚିବାର ଉତ୍ତପ୍ତ ଆଗ୍ରହ ପୁଣି ଏତେ ଜୋର୍‌ରେ ଫୁଟି ଉଠିଲା ଯେ ତାର ସାଙ୍ଗସାଥୀମାନେ ତାକୁ ସେଦିନ ଦେଖି ଆଶ୍ଚର୍ଯ୍ୟ ହେଇଗଲେ।

ଜ୍ୟୋତିଷ ତା' ଖୁସିରେ ନିଜେ ଖୁସି ହେଇ ତାକୁ ଆଶୀର୍ବାଦ କଲେ –

''ମା' ମଶାଣିଚଣ୍ଡୀ ତୋର ମଙ୍ଗଳ କରନ୍ତୁ।''

ରୋଗୀଟା ଚାଲିଯିବା ପରେ ମୋର ସାରା ଅନ୍ତରଟା ସେଇ ହାତଦେଖାଳି ଜ୍ୟୋତିଷର ପେଶାଦାରୀ ଭଣ୍ଡାମୀ ବିରୁଦ୍ଧରେ ଘୃଣା ଆଉ ରାଗରେ ପୂରି ଉଠିଲା। ମୁଁ ତାକୁ ପୁଲିସରେ ଦବା ନାଗି ମନେ ମନେ ସଂକଳ୍ପ କରି ସେଦିନ ସେଠାରୁ ଚାଲି ଆସିଲି। ସେଇଦିନୁ ମୁଁ ସେଇ ଜ୍ୟୋତିଷର ଗତିବିଧି ବିଶେଷ ସତର୍କତାର ସହିତ ଲକ୍ଷ୍ୟ କରିବାକୁ ନାଗିଲି।

ତା'ପରେ ଦିନେ। ପୁଷ୍ପମାସର ଓଦାଳିଆ ଅପରାହ୍ଣ ଧୂଆଁଳିଆ ଆକାଶ ଦିହରେ ଧୀରେ ଧୀରେ ନିଭି ଆସୁଚି। ମୁଁ ଯାଉଁ ଯାଉଁ ଦେଖିଲି କଲେଜ ପାଖରେ ଗୋଟିଏ ଗଛମୂଳେ ବସି ସେଇ ଜ୍ୟୋତିଷଟା ଜଣେ ଯୁବକର ହାତ ଦେଖୁଚି।

ଯୁବକଟି ବୋଧହୁଏ କଲେଜର ଛାତ୍ର। ବୟସ ଅନୁପାତରେ ତାର ଶରୀରର ଗଠନ ଅତ୍ୟନ୍ତ ରୋଗା ଆଉ ଦୁର୍ବଳ ବୋଧ ହଉଚି। ଛାତ୍ରଟିର ଭାବପ୍ରବଣ ଆଖି ଦୁଇଟି ଭିତରେ ଯିମିତି ତାର ଜୀବନର ବ୍ୟର୍ଥ ଇତିହାସ ପ୍ରକାଶ ଲାଭ କରୁଚି।

ଛାତ୍ରଟି ପଚାରିଲା – ''ତମେ କହ, ସେ ମୋତେ ଭଲ ପାଏ ନା ନାହିଁ?''

Digitized by srujanika@gmail.com

ଜ୍ୟୋତିଷ ମୁରୁକି ହସି ଛାତ୍ରଟିର ବ୍ୟାକୁଳତା ଲକ୍ଷ୍ୟ କଲେ। ତାର ସମସ୍ତ ମନସ୍ତତ୍ତ୍ୱ ତାଙ୍କର ତୀକ୍ଷ୍ଣ ସତର୍କ ଦୃଷ୍ଟି ଆଗରେ ମୁହୂର୍ତ୍ତକରେ ଅଭିବ୍ୟକ୍ତ ହୋଇ ପଡ଼ିଲା।

ସେ ହାତଟାକୁ କିଛି ସମୟ ଓଲଟ ପାଲଟ କରି କହିଲେ – "ତମ ହାତରେ ଚାରିଟା ଶଙ୍ଖ ଅଛି। ପାଞ୍ଚଟା ଶଙ୍ଖ ଥିଲେ ରାଜ୍ୟଲାଭ, ଧନଲାଭ, ଆଉ ପୁତ୍ରଲାଭ ନିଶ୍ଚୟ।"

ଅସହିଷ୍ଣୁ ଭାବରେ ଛାତ୍ରଟି କହିଲା – "ମୋର ରାଜ୍ୟ, ଧନ, ପୁତ୍ର କିଛି ଦରକାର ନାହିଁ। ତମେ କହ, ମୁଁ ତାକୁ ପାଇବି କି ନାହିଁ? ମୁଁ ତାକୁ ଭଲପାଏ। କିନ୍ତୁ ମନେ ମନେ ଭଲ ପାଏ। ମୁଁ ତାକୁ କେବେ ଭଲପାଏ ବୋଲି କହିନାହିଁ। କହିବି ବି ନାହିଁ।"

ଚାଲାଖ ଜ୍ୟୋତିଷ ସବୁକଥା ମୁହୂର୍ତ୍ତକରେ ଠଉରାଇ ନେଲେ। ଏଭଳି ପ୍ରେମର ପରିଣତି ଯେ କେଉଁଠି, ଏକଥା ବୁଝିବାକୁ ତାଙ୍କୁ ମିନିଟିଏ ସୁଦ୍ଧା ବିଳମ୍ବ ହେଲା ନାହିଁ।

ହଠାତ୍ ଜ୍ୟୋତିଷ ବଡ଼ ଗମ୍ଭୀର ହୋଇଗଲେ। ଜିଜ୍ଞାସାକାରୀର ଉତ୍କଣ୍ଠା ବଢ଼ାଇବା ନାଗି ଯେତେଦୂର ସମ୍ଭବ ବିଳମ୍ବ କରି ଅନେକବେଳ ପରେ କହିଲେ –

"ତମ ହାତ କହୁଚି –"

କ'ଣ କହୁଚି? ଉଦ୍‌ଗ୍ରୀବ ହୋଇ ଛାତ୍ରଟି ପଚାରିଲା। ତାର ବ୍ୟାକୁଳ କଣ୍ଠସ୍ୱରରୁ ମନେ ହେଉଥିଲା, ସତେକି ଯିମିତି ଜ୍ୟୋତିଷଙ୍କ କଥା ପଦକରେ ତାର ସମସ୍ତ ଭବିଷ୍ୟତ ଝୁଲୁଚି। "ତମ ହାତରେ ବିଳମ୍ବରେ ବିବାହ ନେଖୁଚି।" ଜ୍ୟୋତିଷ ଉତ୍ତର ଦେଲେ।

ଅସହିଷ୍ଣୁ କଣ୍ଠରେ ଛାତ୍ର କହିଲା – "ମୁଁ ବିବାହକୁ କେୟାର କରେ ନାହିଁ। ମୁଁ ବିବାହ କରିବାକୁ ଚାହେନାହିଁ। ମୁଁ ଚାହେଁ ତାକୁ ଭଲ ପାଇବାକୁ। ବିବାହଟା ତା' ତୁଳନାରେ କେଡ଼େ ଛୋଟ ଜିନିଷ। କହ ତମେ, ସେ ମତେ ଭଲ ପାଇବ କି ନାହିଁ? ସେତିକି କେବଳ ମୋର ପ୍ରଶ୍ନ –"

ଜ୍ୟୋତିଷ ନୀରବ ହେଲେ। ଅନେକ ବେଳଯାଏ କ'ଣ ରେଖା କାଟି ଆଙ୍ଗୁଠିରେ ଗଣାଗଣି କରି କହିଲେ – "ହଁ ତୁମ୍ଭକୁ ସେ ସୁଖ ପାଏ। ସ୍ତ୍ରୀଟି ଶ୍ୟାମଳ ବର୍ଣ୍ଣ, ତମ ସାଙ୍ଗରେ ପଢ଼େ ନା?"

"ଠିକ୍ ଠିକ୍।" ଛାତ୍ରଟି ଲମ୍ଫ ଦେଇ ଉଠିଲା। ତାର ରୋଗା ପାଣ୍ଡୁର ମୁହଁଟି ଖୁସିରେ ଉଛୁଳି ପଡ଼ିଲା।

ତା'ପରେ ସେ ଟିକିଏ ସନ୍ଦେହପୂର୍ଣ୍ଣ କଣ୍ଠରେ କହିଲା, "ସେ କିନ୍ତୁ ମୋର ଉପରେ କ୍ଲାସ୍‌ରେ ପଢ଼େ।"

ଜ୍ୟୋତିଷ କହିଲେ – "ଯେଉଁ କିଲାସରେ ପଢୁ, ସେ ତମକୁ ସୁଖ ପାଏ। ମନେ ମନେ ସେ ତମରି କଥା ଭାବେ। ତମ ଛଡ଼ା ସେ ଦୁନିଆରେ ଆଉ

Digitized by srujanika@gmail.com

କାହାକୁ ଦେଖିପାରେ ନାହିଁ।'' ତା'ପରେ ଛାତ୍ରଟିର କପାଳରେ ହାତମାରି କହିଲେ – ''ତମ କପାଳରେ ଏ ଯେଉଁ ବିଦ୍ୟା ରେଖା ଫୁଟିଛି, ତାର କରାମତି ଅନେକ – ତା'ପରେ ଏ ଯେଉଁ ଧନରେଖା – ''

ବାଧା ଦେଇ ଛାତ୍ରଟି କହିଲା – ''ବିଦ୍ୟା ଫିଦ୍ୟା, ଧନ ଫନକୁ ମୁଁ ଜମା କେୟାର କରେ ନାହିଁ। ମୁଁ ଚାହେଁ ସେ ମତେ ଭଲପାଇବ, ଏକୁଟିଆ ମତେଇ ଖାଲି ଭଲପାଇବ।''

ଜ୍ୟୋତିଷ ତା' କଥାକୁ ସମର୍ଥନ କରି କହିଲେ; ''ନିଶ୍ଚୟ ସେ ତମକୁ ଭଲପାଇବ। ବାବୁ, ନିଶ୍ଚୟ ଭଲପାଇବ। ନ ପାଇବ ତ ମୁଁ ହାତ ଦେଖା ବେଉସା ଏକାବେଳକେ ଛାଡ଼ିଦେବି। ବାଜି ରହିଲା।''

ଛାତ୍ରଟି ପକେଟରୁ ଗୋଟିଏ ଅଧୁଲି ବାହାର କରି ଜ୍ୟୋତିଷଙ୍କ ହାତକୁ ବଢ଼େଇ ଦେଇ ଯିବା ପାଇଁ ଛିଡ଼ାହେଲା।

ଜ୍ୟୋତିଷ କହିଲେ – ''ଅମେଇସିଆ ଦିନ ରାତିରେ ତମେ ମୋ ସଙ୍ଗେ କାଳିଆବୋଦା ମଶାଣିକୁ ଯାଇ ପାରିବ ତ ମୁଁ ତମକୁ ଏକ କାଟଧୂଳି ଦେବି। ସେ ଧୂଳିକୁ ନେଇ ତମେ ତା' ପଛେ ପଛେ ଯିବ। ଚାଲିବାବେଳେ ଯେତେବେଳେ ସେ ବାଆଁ ପାଦ ଉପରକୁ ଉଠେଇ ଥିବ – ଭୂଇଁରେ ଗୋଡ଼ ନ ଥିବ, ଠିକ୍ ସେତିକିବେଳେ ତା' ଉପରକୁ ସେ ମନ୍ତୁରାଧୂଳି ତିନିଥର ବଶୀକରଣ ମନ୍ତ୍ର ପଢ଼ି ଫୋପାଡ଼ି ଦବ। ଦେଖିବ ସେ ଗୋଟି ପଣେ ତମରି ହୋଇଯିବ। ହଁ, ଏଥିପାଇଁ ଠାକୁରାଣୀଙ୍କ ନାଗି ତିନି କଡ଼ା ନଡ଼ିଆ, ସେରେ ଅରୁଆ ଚାଉଳ, ପାଏ ଗୁଆଘିଅ, ଖଣ୍ଡେ ତିନିହାତ ଗାମୁଛା ଆଉ ବାରଆଙ୍ଗୁଳ ଲମ୍ବ ସାଲୁ – ''

ଛାତ୍ରଟି କହିଲା – ''ଆଚ୍ଛା, ଆଚ୍ଛା, ସେ ପର କଥା, ପରେ ଦେଖାଯିବ।'' ଏତିକି କହି ସେ ସେଠୁ ଚାଲି ଆସିଲା।

ମୁଁ ତା' ପଛେ ପଛେ କିଛି ବାଟ ଯାଇ ତାକୁ ଡାକିଲି। ମୁଁ ଯେ ଏତେବେଳଯାଏ ତା' ପାଖରେ ଛିଡ଼ା ହୋଇ ଜ୍ୟୋତିଷ ସହିତ ତାର ସବୁ କଥାବାର୍ତ୍ତା ଶୁଣୁଥିଲି, ଏ କଥାକୁ ତାର ହୋସ ନଥିଲା, ସେ ମତେ ଦେଖି ଟିକିଏ ଲଜ୍ଜିତ ହେଇ ଛିଡ଼ା ହେଲା।

ମୁଁ ତା' ପାଖକୁ ଯାଇ କହିଲି – ''ଆପଣଙ୍କ ସାଙ୍ଗେ ମୋର ଟିକେ କାମ ଅଛି। ଆପଣଙ୍କୁ ଗୋଟାଏ ମୋକଦ୍ଦମାରେ ସାକ୍ଷୀ ହେବାକୁ ହବ ?''

''ସାକ୍ଷୀ ?'' ଛାତ୍ରଟି ଆଶ୍ଚର୍ଯ୍ୟ ହୋଇଗଲା।

''ହଁ ସାକ୍ଷୀ। ସର୍ବସାଧାରଣଙ୍କୁ ଠକୁଥିବା ଯୋଗୁଁ ମୁଁ ଏ ଭଣ୍ଡ ଜ୍ୟୋତିଷ ନାଁରେ କାଲି ମୋକଦ୍ଦମା ଦାଏର କରୁଛି। ଆପଣ ସେ ମୋକଦ୍ଦମାରେ ସାକ୍ଷୀ ହେବେ।''

''ସର୍ବସାଧାରଣଙ୍କର ଯେ କ'ଣ କ୍ଷତି କରୁଛି ?'' ଦରଦମିଶା କଣ୍ଠରେ ଛାତ୍ରଟି ପଚାରିଲା।

Digitized by srujanika@gmail.com

ମୁଁ କହିଲି – "ଅନେକ କ୍ଷତି କରୁଚି। ଆପଣ କ'ଣ ବୁଝିପାରୁ ନାହାନ୍ତି, ଏହାର ମିଛ କଥାରେ କେତେ ନିରୀହ ଲୋକଙ୍କର ସର୍ବନାଶ ହବ। କେତେ ଭଦ୍ରଲୋକ ଯେ ଇଆ କଥାରେ ବଡ଼ ବଡ଼ ଭରସା କରି ଶେଷରେ ନିରାଶ ହୋଇ ପୋଟାସିୟମ୍ ସାଇନାଇଡ୍ ଖାଇବେ, କବାଟ କିଳି ମୋରଫିଆ ଇଞ୍ଜେକ୍ସନ ନେବେ, କିମ୍ବା କଲେଜ୍ ବିଲ୍ଡିଂର ଉପରତାଲାରୁ ତଳକୁ ଡ଼େଇଁପଡ଼ି ଆତ୍ମହତ୍ୟା କରିବେ, ଆପଣ କ'ଣ ସେ କଥା ଦୂରଦୃଷ୍ଟିରେ ଦେଖିପାରୁ ନାହାନ୍ତି? ଏ ଗୋଟିଏ ରୀତିମତ ପବ୍ଲିକ୍ ନୁଇସେନ୍ସ। ଯାର ବିଚାର ହବା ଚାହିଁ।"

ଛାତ୍ରଟି ବିଚାରା ଜ୍ୟୋତିଷଟି ପାଇଁ ଦୁଃଖିତ ହୋଇ କହିଲା, "ଯାର ବା ଦୋଷ କ'ଣ? ଲୋକେ ଯା କଥା ବିଶ୍ୱାସ କରନ୍ତି କାହିଁକି? ଦୋଷ ତ ସେଇମାନଙ୍କର।"

ମୁଁ ଟିକିଏ ବିରକ୍ତ ହେଇ କହିଲି – "ଆପଣଙ୍କ ଭଳି ଶିକ୍ଷିତ ପଢ଼ୁଆ ଯୁବକ ଯେତେବେଳେ ଯା କଥାରେ ଭୁଲି ଯାଉଚନ୍ତି, ସେତେବେଳେ ସାଧାରଣ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଲୋକଙ୍କୁ ବା ଦୋଷ ଦିଆଯିବ କେଉଁକାରଣରୁ? ଆପଣ ଯଦି ସବୁ ଅନ୍ଧ କୁସଂସ୍କାରକୁ ଉତ୍ସାହିତ କରନ୍ତି –"

ଛାତ୍ରଟି ଅପରାଧୀଙ୍କ ଭଳି କିଛିକ୍ଷଣ ନୀରବ ହେଇ ରହିଲା। ତା'ପରେ ଛଳ ଛଳ ଆଖିରେ କହିଲା – "ଆପଣ ମତେ ଯେତେ ବୋକା ବୋଲି ଭାବୁଚନ୍ତି, ମୁଁ କିନ୍ତୁ ବାସ୍ତବିକ ସେତେ ବୋକା ନୁହେଁ। ମୁଁ ଫୋର୍ଥଇୟର ସାଏନ୍ସର ଛାତ୍ର, ଫିଜିକ୍ସରେ ଅନର୍ସ। ମୁଁ ଜଣେ ଖାଣ୍ଟି ଜଡ଼ବାଦୀ। ମୁଁ କୁସଂସ୍କାରକୁ ଘୃଣା କରେ, ଅନ୍ଧ ଆଧ୍ୟାତ୍ମିକତା ବା ଅଦୃଷ୍ଟବାଦର ମୋ ପାଖରେ ଆଦୌ କିଛି ଅର୍ଥ ନାଇଁ। କିନ୍ତୁ ମୁଁ କାହିଁକି ଏ ଭଣ୍ଡ ମିଥ୍ୟାବାଦୀ ଜ୍ୟୋତିଷଟାକୁ ହାତ ଦେଖାଏ? ହଁ ଆପଣ ସେ କଥା ପଚାରି ପାରନ୍ତି। କିନ୍ତୁ ମୁଁ ଯେଉଁ କୈଫିୟତ ଦେବି, ତାର ମର୍ମ ଆପଣଙ୍କ ଭଳି ଅକ୍ଷତ ଲୋକ ଜମାରୁ କିଛି ଉପଲବ୍ଧି କରିପାରିବେ ନାଇଁ – ପସନ୍ଦ କରିବା ତ ଦୂରର କଥା। ଯାହାର ହୃଦୟରେ କ୍ଷତ ଅଛି, ଯାହାର ମନର କୌଣସି ଅଂଶ କିଛି ଗୋଟାଏ ଆଘାତ ପାଇ ଭାଙ୍ଗି ପଡ଼ିଚି, ସେଇ କେବଳ ମୋର ଉତ୍ତରର ମାନେ ବୁଝି ପାରିବ।"

ତା'ପରେ କିଛି ସମୟ ଚୁପ୍ ରହି କହିଲା – "ଏ ଜ୍ୟୋତିଷଟା ଯେ ଗୋଟାଏ ପ୍ରକାଣ୍ଡ ଜୁଆଚୋର ଆଉ ମିଥ୍ୟାବାଦୀ, ତାର ସବୁ କଥା ଯେ ମୂଳରୁ କେବଳ ଫାଙ୍କି ଆଉ ମନଗଢ଼ା, ଏ କଥା ମୋ ଅପେକ୍ଷା ଆଉ କେହି ହୁଏତ ଏତେ ଭଲ କରି ଜାଣେ ନାଇଁ। ଆଜିକାଲିକାର କଲେଜ ପିଲାଙ୍କ ଢଙ୍ଗ ଢାଙ୍ଗ ଆଉ ସେମାନଙ୍କ ମନର ସାଧାରଣ ବେରାମ କଥା ଯିଏ ଜାଣେ, ସେ ଇମିତି ବହୁତ ଭବିଷ୍ୟତବାଣୀ ଅନ୍ଦାଜରେ କହିଦେଇ ପାରିବ। ସେଥିରେ କିଛି ବାହାଦୂରୀ ନାଇଁ। ଏ ଗୁଡ଼ାକ ତୁଚ୍ଛା ମିଛ, ଖାଲି ଧପ୍ପାବାଜି। କିନ୍ତୁ ଏଇ ମିଥ୍ୟାର ପୁଣି ମଣିଷ ନିକଟରେ ବେଳେ ବେଳେ ଗୋଟାଏ ମୂଲ୍ୟ ଅଛି। ମଣିଷ ତାର ଭଙ୍ଗାମନକୁ ଯୋଡ଼ିବା ପାଇଁ ଅନେକ ସମୟରେ ଏଇ ମିଥ୍ୟାର ପ୍ରଲେପ ଚାହେଁ – ଏକ ଲୋଭନୀୟ ମଧୁର ମିଥ୍ୟାର ନିଶାରେ ନିଷ୍ଠୁର ବାସ୍ତବିକତାକୁ ଭୁଲି ରହିବାକୁ ଚାହେଁ।"

Digitized by srujanika@gmail.com

ମୋ' କଣ୍ଠରୁ ଅଭିଯୋଗ ମରି ଯାଉଥିଲା। ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି – ''ଆପଣ କ'ଣ ଜାଣିଶୁଣି ତା'ହେଲେ ନିଜକୁ ଇମିତି ଠକେଇ ହବାକୁ ଦିଅନ୍ତି ?''

ଛାତ୍ରଟି କହିଲା – ''ମଣିଷ ତାର ଦୁଃଖ ଯାତନାଗୁଡ଼ାକୁ କିଛି ସମୟ ଭୁଲିଯିବା ପାଇଁ ଜାଣିଶୁଣି ସିନେମା ଦେଖେ, ମଦ ଖାଏ, ଜୁଆ ଖେଳେ, ବେଶ୍ୟା ଘରକୁ ଯାଏ, ଆଉ କେତେ କ'ଣ କାମ· କରି ଅଜସ୍ର ପଇସା ଖର୍ଚ୍ଚ କରେ। ମୁଁ ସେଇପରି ମୋର ମନର ଭଙ୍ଗାଜାଗାଟାକୁ ଯୋଡ଼ିବା ପାଇଁ, ପଇସା ଖର୍ଚ୍ଚ କରି ନିଜକୁ ପ୍ରତାରିତ କରାଏ – ଏକ ମୂଲ୍ୟବାନ ମିଥ୍ୟାର ଆଶ୍ରୟ ଖୋଜେ। ମୁଁ ଜାଣେ ବାସ୍ତବତା ମତେ କିଛି ଦେଇ ପାରିବ ନାଇଁ, ପରିସ୍ଥିତିର ନିର୍ମମ ଚାପରେ ଆମେ ଦୁହେଁ ଯେ କେହି କାହାରିକୁ ପାଇପାରିବୁ ନାଇଁ, ଏକଥା ମତେ ଅଜଣା ନାଇଁ। ସେଥିପାଇଁ ମୁଁ ଏ ମଧୁର ମିଥ୍ୟାର କ୍ଷଣିକ ନିଶାରେ ଗୋଟାଏ ରକମର ପାଇବାର ଆନନ୍ଦ ଉପଭୋଗ କରେ। ତାକୁ ସମାଲୋଚନା କରିବାର ଦୁଃସାହସ ମୋର ନାଇଁ।''

ମୁଁ କହିଲି – ''ବେଶ୍ ତ। ତମେ ଯାହାକୁ ଭଲପାଅ, ତାକୁ ପାଇବାକୁ ଚାହଁତ, ତା'ପାଖକୁ ଯାଇ ସାହସର ସହିତ ତା' ଆଗରେ ଭଲ ପାଇବାର ପ୍ରସ୍ତାବ ଉତ୍‌ଥାପନ କର। ମଣିଷ ଯେ ମଣିଷକୁ ଭଲ ପାଇବ, ଏଥିରେ ଅସୁନ୍ଦର ବା ଦୋଷର କଥା କଣ ଅଛି ? ତମେ ଡରୁଛ କାହିଁକି, ଏହାହିଁ ତ ସୁନ୍ଦର ସ୍ୱାଭାବିକ ନିୟମ। କିନ୍ତୁ ଯା ନ କରି ଏଇ ଭଣ୍ଡ ଜ୍ୟୋତିଷଟା ସହିତ ପରାମର୍ଶ କଲେ କ'ଣ ତମର ଉଦ୍ଦେଶ୍ୟ ସିଦ୍ଧି ହବ ? ଏଗୁଡ଼ାକ ତମର ରୁଗ୍‌ଣ ମାନସିକତା ଉପରେ ଏକପ୍ରକାର ଅତ୍ୟାଚାର ଛଡ଼ା ଆଉ କ'ଣ ?''

ଛାତ୍ରଟି କହିଲା, ''ନା, ନା, ମୁଁ ଯେ ତାକୁ ଭଲପାଏ, ଏକଥା ମୁଁ ତାକୁ ଜଣାଇବାକୁ ଚାହେଁନାଇଁ। ତାକୁ ଜଣାଇବା ପାଇଁ ଯେ ମୋର ନୈତିକ ସାହସ ନାଇଁ, ତା' ନୁହେଁ। କିନ୍ତୁ କାଳେ ସେ ମତେ ପ୍ରତ୍ୟାଖ୍ୟାନ କରିବ, ଏଇ ଭୟରେ ମୁଁ ତାକୁ ମୋର ମନର କଥା ଜାଣିବାକୁ ଦେବିନାଇଁ। ବରଂ ଏଇପରି ଅନ୍ଧ ଭାବରେ, ଗୋପନରେ ଆଶା କରିବାରେ ଗୋଟାଏ ଗୌରବ ଅଛି – ଗୋଟାଏ ରକମର ପାଇବାର ନିରୀହ ଆନନ୍ଦ ଅଛି। ହେଇପାରେ ତା' କାଳ୍ପନିକ। – କିନ୍ତୁ ବାସ୍ତବିକତାର ରୂଢ଼ ବ୍ୟର୍ଥତା ଅପେକ୍ଷା ତାହା ଢେର ଆରାମଦାୟକ। ସେଥିପାଇଁ ତ ମୁଁ ଏ ଭଣ୍ଡ ଜ୍ୟୋତିଷଟାକୁ ରୋଜ ପଇସା ଦେଇ ମିଛକଥା କୁହାଏ। ଯେଉଁ କ୍ଷଣିକ ଆନନ୍ଦ ପାଇଁ ମଣିଷ ମଦ ଖାଏ, ମାତାଲ ହୁଏ, ସେଇ କ୍ଷଣିକ ନିରୂପାୟ ଆନନ୍ଦ ପାଇଁ ମୁଁ ଏଇ ପ୍ରତାରକଟାର ଶରଣାପନ୍ନ ହୁଏ। ସେତିକି ହିଁ କେବଳ ଏଇ ମିଥ୍ୟାର ସାର୍ଥକତା। ତା' ଅପେକ୍ଷା ମୁଁ ବଡ଼ କିଛି ତା' ପାଖରୁ ଆଶାକରି ପାରେନାଇଁ।''

ମୁଁ ଛାତ୍ରଟିର କଥାଗୁଡ଼ାକ ବିସ୍ମିତ ହୋଇ ଶୁଣିଗଲି।

ସେଇଦିନୁ ରାସ୍ତା ପାଖରେ ସେ ଜ୍ୟୋତିଷଟାକୁ କାହାର ହାତ ଦେଖୁଥିବାର ଦେଖିଲେ, ମୋ' ମନରେ ସେଇ ହାତ ଦେଖାଉଥିବା ଲୋକଗୁଡ଼ାକଙ୍କର ପ୍ରତି ରାଗ ହବା ବଦଳରେ ଗୋଟାଏ କିମିତି ଦରଦମିଶା ସହାନୁଭୂତି ଉଦ୍ରେକ ହୁଏ।

Digitized by srujanika@gmail.com

ମୋର ମନେହୁଏ ଅନ୍ଧ ଅଦୃଷ୍ଟର ସମସ୍ତ ଷଡ଼ଯନ୍ତ୍ର ଏଇ ହଜାର ହଜାର କାଳିଆ ହାତର ଅସ୍ପଷ୍ଟ ପାଣ୍ଡୁଲିପି ଭିତରେ ଯିମିତି ଲେଖା ହେଇଚି; ଆଉ ସେଇ ବିଭସ୍ସ ଚକ୍ରାନ୍ତର ନୀଚ ଗୋପନୀୟତାକୁ ଆବିଷ୍କାର କରିବାର ଆଶ୍ୱାସନା ଲାଭ କରିବା ପାଇଁ ହଜାର ହଜାର ଅସହାୟ ମଣିଷ ଯିମିତି ଏଇ ଭଣ୍ଡ ଜ୍ୟୋତିଷିଟା ଭିତରେ ଜଣେ ଦୁର୍ଦ୍ଧାଂତ ସଂଧାନୀର ପରିଚୟ ପାଇଚଂତି ! !

Digitized by srujanika@gmail.com

ଗଳ୍ପ ନୁହେଁ

କଲିକତା ଡକ୍ ଶ୍ରମିକମାନଙ୍କର ଏକ ସଭା କାର୍ଯ୍ୟ ଶେଷ କରି ଅମିୟ ଓ ଅମିତାଭ ଦୁହେଁ ଗଙ୍ଗାକୂଳରେ ବସିଥିଲେ। ଦୂରରେ ଗଙ୍ଗା ବକ୍ଷରେ ଅସଂଖ୍ୟ ଷ୍ଟିମାରର ନେଳି ନାଲି ଆଲୁଅର ଛାଇ ନାଚୁଥିଲା। ମଝିରେ ମଝିରେ ସନ୍ଧ୍ୟାର ନିଷ୍ପନ୍ଦ ନୀରବତା ଭଙ୍ଗ କରି ଭାସି ଆସୁଥିଲା ଜାହାଜର ଭୟାର୍ତ୍ତ ବଂଶୀ।

କିଛିକ୍ଷଣ ଚୁପ୍ ହୋଇ ବସି ରହିବା ପରେ ଅମିୟ କହିଲା – "ନା ଇମିତି ସମୟ କଟିବ ନାହିଁ। ତୁ ଗୋଟାଏ କାମ କର। ଗୋଟାଏ ଗପ କହ।"

ଅମିତାଭ କହିଲା – "କଳ୍ପନାଟା ମନ୍ଦ ନୁହେଁ, କିନ୍ତୁ ଗପଫପ ତ ମୁଁ କିଛି ଜାଣେ ନାହିଁ।"

"ବାଃ ରେ! ଏତେ ବଡ଼ ଲେଖକ ତୁ! ବଜାରରେ ଏତେ ଦାମ୍ – ଦେଶ ବିଦେଶରେ ଏତେ ନାମ ତୋର, ତୁ ପୁଣି ଗଳ୍ପ ଜାଣୁନା! ନ ଜାଣୁ ତ ମନରୁ ଗୋଟାଏ ତିଆରି କର। ପ୍ରତି ମାସିକ ପତ୍ରିକାରେ ଯାହାର ଗଳ୍ପ ସାରା ଦେଶରେ ଚହଳ ପକେଇ ଦେଉଛି, ତା' ପକ୍ଷରେ ଗୋଟାଏ ଗଳ୍ପ ତିଆରି କରିବା କେତେ ସମୟ?"

ଅମିୟର ପ୍ରସ୍ତାବରେ ଅମିତାଭ ଉତ୍ସାହ ଦେଖାଇଲା ନାହିଁ ଦେଖି ଅମିୟ ପୁଣି କହିଲା – "ନା, ନା, ତୋତେ କହିବାକୁ ହିଁ ହେବ। ମନେକର ଯେ ତୁ କୌଣସି ମାସିକ ପତ୍ରିକା ପାଇଁ ଯେପରି ଗୋଟିଏ ଗଳ୍ପ ଲେଖୁଛୁ। ବେଶ୍, ଏଥର ଚାଲୁ।"

ଅମିତାଭ ପଚାରିଲା – "ଗଳ୍ପ, କି ଧରଣର ଗଳ୍ପ ଚାହୁଁ ତୁ?"

"ମୁଁ ଚାହେଁ ଗୋଟାଏ ଖାଣ୍ଟି ରୋମାନ୍ସ – ଠିକ୍ ଏଇ ସନ୍ଧ୍ୟାର ବାୟୁମଣ୍ଡଳ ସଙ୍ଗେ ଖାପ ଖାଇଲା ଭଳିଆ। ସେଥିରେ ଫୁଟି ଉଠୁଥିବ ଏଇ ସପ୍ତମୀ ଚନ୍ଦ୍ରର ବେସୁରା ଛନ୍ଦର ମୃଦୁ ମାଦକତା।"

ଅମିତାଭ ହସି ହସି କହିଲା – "ବେଶ୍, ସେଇଆ ହେବ। ତୋର ନାୟକ ଠିକ୍ କର। କ'ଣ ହେବ ସେ?"

"ନାୟକ ନିଶ୍ଚୟ ହେବ ସଦ୍ୟ ଅକ୍ସଫୋର୍ଡ ଫେରନ୍ତା, ନୋହିଲେ ବୀମା କମ୍ପାନୀର ତରୁଣ ମ୍ୟାନେଜର ଅଥବା ଭଲ ଟେନିସ୍ ଚାମ୍ପିଆନ୍। ଆଉ ନାୟିକା ହେବ ନିଶ୍ଚୟ ରେଭେନ୍ସା କିମ୍ବା ବେଥୁନ୍ କଲେଜର ଛାତ୍ରୀ କିମ୍ବା ଶାନ୍ତିନିକେତନୀ ନୃତ୍ୟକଳାରେ ପାରଦର୍ଶିନୀ। ତା'ନହେଲେ ରୋମାନ୍ସ ଜମିବ କିମିତି?"

Digitized by srujanika@gmail.com

''କାହିଁକି ସମାଜର ନିମ୍ନସ୍ତରରେ ଯେଉଁ ଜୀବନ ତା' ଭିତରେ କ'ଣ ରୋମାନ୍ସ ନାହିଁ ?''

ବ୍ୟସ୍ତ ହୋଇ ଅମିୟ କହିଲା – ''ନା, ନା, ଭଲ ଗଳ୍ପ ପାଇଁ ତମର ସେସବୁ କମ୍ୟୁନିଷ୍ଟିକ୍ ଚାଲ୍ ଜମା ଚଳିବ ନାହିଁ। ଦୁଶ୍ଚରିତ୍ର ଭିକ୍ଷୁକ ଆଉ ଶ୍ରମିକମାନଙ୍କୁ ନେଇ କେବେ ଖାଣ୍ଟି ରୋମାନ୍ସ ଜମିପାରିବ ନାହିଁ। କଳା ଓ ରାଜନୈତିକ ପ୍ରତାରଣା ଦି'ଟା ଅଲଗା ଜିନିଷ। ତୋ ଗୋଡ଼ତଳେ ପଡୁଚି ଭାଇ, ତୁ ଏ ଚମତ୍କାର ସନ୍ଧ୍ୟାଟାକୁ ସେ ସବୁ ଭୟଙ୍କର କାହାଣୀ କହି ମାଟି କରିଦେ'ନା। ଗୋଟାଏ ରସରସିଆ ଗଳ୍ପ କହ ଭଲା।''

ଦୁହିଁଙ୍କ ଭିତରେ ବହୁତ ବେଳ ପର୍ଯ୍ୟନ୍ତ ଲଢ଼େଇ ଲାଗି ଶେଷରେ ସଂଧି ହୋଇ ଠିକ୍ ହେଲା ଯେ, ଗଳ୍ପର ନାୟକ ହେବ ମଧ୍ୟବିତ୍ତ ଶ୍ରେଣୀର ଲୋକ। ଅଭିଜାତ ଓ ସର୍ବହରା ଶ୍ରେଣୀ ମଧ୍ୟରେ ସେ ସେତୁବନ୍ଧ ସ୍ୱରୂପ କାର୍ଯ୍ୟ କରିବ।

ଅମିତାଭ କହିଲା – ''ନାୟକ ମୋର ସାଧାରଣ ଦୈନନ୍ଦିନ ଜୀବନର ପ୍ରତିନିଧି, ବାସ୍ତବ୍ ଜୀବନର ଗୋଟିଏ ସୂକ୍ଷ୍ମ ସୂତ୍ରରେ ତାର ସାରାଜୀବନର କାହାଣୀ ଗୁନ୍ଥା...ଖାଲି ସେତିକି ନୁହେଁ, ତା' ପ୍ରକୃତି ଭିତରେ ବିପ୍ଳବର ଧ୍ୱନି। ଦୁନିଆର ସବୁ ଅନ୍ୟାୟ, ଅନୀତି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇ ତା'ଭିତରେ ବଞ୍ଚିରହିଚି ଗୋଟାଏ ମସ୍ତବଡ଼ ବିଦ୍ରୋହୀ – ମଧ୍ୟଯୁଗର ସର୍ଦ୍ଦାର ଭଳି।''

''ତା'ହେଲେ ସାରିଲୁ ! ଏହାପରେ ଯାହା ହେବ ମୁଁ ଜାଣିଲିଣି। ଷଡ଼ଯନ୍ତ୍ର, ରିଭଲଭର, 'ଇନକିଲାବ୍ ଜିନ୍ଦାବାଦ୍', ଜେଲ୍, ଫାଶିଖୁଣ୍ଟ; କିମ୍ବା ଆତ୍ମହତ୍ୟା ! ତୋ ମତଲବ ଧରାପଡ଼ିଗଲାଣି।''

ଅମିତାଭ ଅମିୟ କଥାକୁ ଜମା କାନ ନ ଦେଇ କହିଲା – ''ହଁ, ନାୟକ ମୋର ବିପ୍ଳବୀ। ସମାଜର ସବୁ ଅସାମ୍ୟ, ଅନୀତି ବିରୋଧରେ ତାର ଅଭିଯାନ। ତୋର ଭୟ ପାଇବାର କୌଣସି କାରଣ ନାହିଁ ଅମିୟ, ସେ ପୁଣି କବି।''

''ଓଃ କବି ! ତା'ହେଲେ ତୋ ଗଳ୍ପର ଫିଉଚର ଭଲ। କବିତା ସଙ୍ଗରେ ନିଶ୍ଚୟ ଅନେକ ରକମର ଚାଟ୍ ଥିବ। ଫୁଲ୍, ଜ୍ୟୋସ୍ନା, ପ୍ରେମ, ମୂର୍ଚ୍ଛା, ବିରହ, ଦୀର୍ଘଶ୍ୱାସ। ହଁ ଚାଲୁ ଏଥର। ଜମିବ ବେଶ୍।''

''ହଁ ସେ କବି। ବିପ୍ଳବ ତାର ଧର୍ମ ହେଲେ ମଧ୍ୟ କବିତା ତାର ପ୍ରାଣ। କବି ନ ହୋଇଥିଲେ ଦୁନିଆର ପୁଞ୍ଜିଭୂତ ଦୁଃଖ ଦୁର୍ଦ୍ଦଶାକୁ ସେ ଏପରି ପ୍ରାଣ ଦେଇ ଅନୁଭବ କରନ୍ତା କିମିତି ? ପୃଥିବୀର ଅଭାବ ହାହାକାରରେ ତା' ଆଖିରୁ ଏପରି ଲୁହ ଗଡ଼ନ୍ତା କାହିଁକି ? କବି ତହିଁର ପ୍ରତିକାର କରିବା ଲାଗି ସବୁ ବାଧା ବିପଦକୁ ଛାତି ପତେଇ ଦେଇ ଆଗୁସାର ହୁଏ। ତା' ମତରେ ସେଇ ପ୍ରକୃତ କବି ଯେ ମଣିଷର ଦୁଃଖ କଷ୍ଟ ଦେଖି କେବଳ ଲୁହ ଢାଳି ସନ୍ତୁଷ୍ଟ ହୁଏ ନାହିଁ, ସେ ତହିଁର ଧ୍ୱଂସ ଲାଗି ଜୀବନ ଉତ୍ସର୍ଗ କରି ବାହାରେ, ସେ ଭାବେ ଦୁନିଆର ଦୁଃଖ ବେଦନା ଉପଲବ୍ଧି କରିବା ପାଇଁ ଯେଉଁପରି କବିର ଅନ୍ତର ଦର୍କାର,

Digitized by srujanika@gmail.com

ତହିଁର ଆମୂଳ ପରିବର୍ତ୍ତନ ପାଇଁ ସେହିପରି ସୈନିକର ଆଉ କର୍ମୀର ତତ୍ପରତା ଲୋଡ଼ା । ଏହି କବି ଆଉ କର୍ମୀର ସମନ୍ୱୟକୁ ନେଇ ତାର ବ୍ୟକ୍ତିତ୍ୱ ।

ତା' ଭିତରେ ଏହି Double Personality (ଦ୍ୱୈତ ବ୍ୟକ୍ତିତ୍ୱ)ର ଐକ୍ୟକୁ ଯେ ବୁଝିନାଇଁ; ସେ କିଛି ବୁଝିନାଇଁ । ସାଧାରଣ ଲୋକେ ସେଥିପାଇଁ ତାକୁ ବରାବର ଭୁଲ ବୁଝନ୍ତି, କିନ୍ତୁ ସମାଲୋଚନା ତାର ଚନ୍ଦନ – ବ୍ୟଙ୍ଗ, ବିଦ୍ରୂପ ତାର ବିଭୂତି ।

ଏହି ସମାଲୋଚନାର ଅବିଶ୍ରାନ୍ତ ଝଡ଼ ମଧ୍ୟରେ ପାହାଡ଼ ପରି ମୁଣ୍ଡ ଟେକି ଛିଡ଼ା ହେବାରେ ସେ ଗର୍ବ ଅନୁଭବ କରେ । କିଛି ତାକୁ ହଲାଇ ପାରେନାଇଁ...କୌଣସିଥିରେ ସେ ପଥଭ୍ରଷ୍ଟ ହୁଏନାଇଁ । ଯେଉଁମାନେ ନିଷ୍ଠୁର, ଭୟଙ୍କର ଏବଂ ଉଚ୍ଛୃଙ୍ଖଳ ବୋଲି ଆଘାତ କରନ୍ତି; ସେମାନଙ୍କୁ ସେ ଯେପରି ହସି ହସି ଅବହେଳା କରେ; ଯେଉଁମାନେ ତାକୁ ଫୁଲ ପରି ନରମ ଆଉ ଘାସ ପରି ନମ୍ର ବୋଲି ମତ ପ୍ରକାଶ କରନ୍ତି, ସେମାନଙ୍କ କଥାକୁ ମଧ୍ୟ ସେ ବେପରୁଆ ଭାବରେ ବାଏଁ ବାଏଁ ଉଡ଼ାଇ ଦିଏ । ସେ ଝରଣା ପରି ଜୀବନ୍ତ ଆଉ ଗତିଶୀଳ ପୁଣି ଝଡ଼ ପରି ଉଦ୍ଦାମ, ଉଦାର ଆଉ ଅବିନୀତ ।

ସ୍ୱପ୍ନପ୍ରବଣ କବି ଭଳିଆ ସେ ବାସ୍ତବତାର ବାହାରେ ତାର ସ୍ୱପ୍ନର ଛାୟାନୀଡ଼ ରଚନା କରିବାକୁ ଚାହେଁନାଇଁ । ସେ ଚାହେଁ ବାସ୍ତବ ଜୀବନରେ ସବୁ ଭଲମନ୍ଦକୁ ଆଲିଙ୍ଗନ କରି ତା' ଭିତରେ ପର୍ବତ ପରି ଅଚଳ ହୋଇ ଛିଡ଼ା ହେବାକୁ । ସେ ଭଲ ପାଏ ସବୁରି ଅପେକ୍ଷା ଜୀବନକୁ – ଖାଲି କବି ବା ଖାଲି କର୍ମୀ ହୋଇଥିଲେ ସେ ଏହା ପାରନ୍ତା ନାହିଁ । ସେ କବି ଓ କର୍ମୀ ଉଭୟ ବୋଲି ଏହା ଅକ୍ଳେଶରେ ପାରେ ।''

''ଏ ତ ଗଲା କେବଳ ଚରିତ୍ର ଚିତ୍ରଣ ଏବଂ ମନସ୍ତତ୍ତ୍ୱ ବିଶ୍ଳେଷଣ, ମୁଁ ପଚାରେ ରୋମାନ୍ସ କାହିଁ ? ଏ ବକ୍ତୃତା ଅନ୍ୟବେଳେ କଲେ ଚଳିବ । କିନ୍ତୁ ରୋମାନ୍ସ ଶୁଣିବାର ଏ ଦୁର୍ଲଭ ମୁହୂର୍ତ୍ତ ଥରେ ଗଡ଼ିଗଲେ ଆଉ ଫେରି ଆସିବ ନାହିଁ । Give me some romance, ଯେଉଁଥିରେ ଥିବ ଲେକଲ୍ୟାଣ୍ଡର ଦୃଶ୍ୟ; ହାଇଲ୍ୟାଣ୍ଡର ବୀରତ୍ୱ ଆଉ ଇଣ୍ଡୋଗାଙ୍ଗେଟିକ୍ ପ୍ଲେନ୍‌ର ଶ୍ୟାମଳ ପ୍ରେମ ।'' କଳରବ କରି ଅମିୟ କହି ଉଠିଲା ।

''ରୋମାନ୍ସ ! ଜୀବନକୁ ବାଦ୍ ଦେଇ ରୋମାନ୍ସ କାହିଁ ? ଖାଲି ରୋମାନ୍ସ ଭାବରେ କିଛି ଗୋଟାଏ ଅଲଗା ଜିନିଷ ଦୁନିଆରେ ଅଛି କି ? ଯଦି ଥାଏ, ମୁଁ ଅନ୍ତତଃ ସେ ଶସ୍ତା ରୋମାନ୍ସର ଧାର ଧାରେ ନାହିଁ ।''

ଅମିୟ କହିଲା – ''ଏତେ ହେଁବାଳେ କଥା ଶୁଣିବା ପାଇଁ ମୋର ସମୟ ନାହିଁ । ମୁଁ ସରଳ ଭାବରେ ପଚାରୁଛି ତମ ନାୟକ ପ୍ରେମରେ ପଡ଼ିଚି କି ନାହିଁ ?''

ଅମିତାଭ କହିଲା – ''ପ୍ରେମରେ ପଡ଼ିବା ଅର୍ଥ ଯଦି ଜଣକୁ ଭଲ ପାଇବାକୁ ହୁଏ, ତେବେ ମୁଁ କହିବି ନାୟକ ମୋର ଜଣକୁ ଭଲ ପାଇଥିଲା । ନିଜର ସମସ୍ତ ଶ୍ରଦ୍ଧା ଓ ସ୍ନେହ ଠୁଳ କରି ସେ ଭଲ ପାଇଥିଲା ଜଣକୁ । ଯାହାକୁ ଭଲ ପାଇଥିଲା,

Digitized by srujanika@gmail.com

ପ୍ରତିଦାନରେ ମଧ୍ୟ ତା'ଠାରୁ ପାଇଥିଲା ସେହିପରି ଅଗାଧ ସ୍ନେହ, ମମତା ଓ ବିଶ୍ୱାସ।''

''ରକ୍ଷା। ମୁଁ ଭାବିଲି ଶେଷରେ ବ୍ୟର୍ଥ ପ୍ରେମର କରୁଣ ଟ୍ରାଜେଡ଼ି ଘଟିବ। ତମ ନାୟକର ଯେଉଁ ବର୍ଣ୍ଣନା ଶୁଣିଲି, ସେଥିରେ ଏପରି ଆଶଙ୍କା ସମ୍ପୂର୍ଣ୍ଣ ସ୍ୱାଭାବିକ। କାରଣ ଏଇ ଧରଣର ପ୍ରାଣୀଙ୍କ ଭାଗ୍ୟରେ ସଚରାଚର ଏହାହିଁ ଘଟିବାର ଦେଖାଯାଇଥାଏ। ଯାହାହେଉ, ଗଳ୍ପଟା ଯେ ଟ୍ରାଜେଡ଼ି ହେଉ ହେଉ ଅଳ୍ପକେ ରକ୍ଷା ପାଇଗଲା, ସେଥିପାଇଁ ମୁଁ ତତେ ଧନ୍ୟବାଦ ଦଉଚି ଭାଇ।''

ଅମିୟର ଫାଜିଲାମିରେ କାନ ନ ଦେଇ ଅମିତାଭ କହିଲା–''ତାର ଭଲ ପାଇବା ଥିଲା ଯେପରି ଗଭୀର, ସେହିପରି ନିର୍ମଳ।

ଯାହାକୁ ସେ ଭଲ ପାଉଥିଲା, ସେ ବୟସରେ ତା'ଠାରୁ ନିତାନ୍ତ ଛୋଟ ନ ହେଲେ ମଧ୍ୟ ଅଭିଜ୍ଞତାରେ ଥିଲା ତା' ତୁଳନାରେ ନିତାନ୍ତ ଶିଶୁ। ଶିଶୁ ପରି ସରଳ ଆଉ ନିରୀହ ହୃଦୟ ନେଇ ସେ ଦୁନିଆକୁ ଦେଖୁଥିଲା। ସେ ଗମ୍ଭୀର ଭାବରେ ତାକୁ ଭଲ ପାଉଥିଲା ସତ, କିନ୍ତୁ ତାକୁ ଜମା ବୁଝି ପାରି ନଥିଲା। ନାୟକ ଥିଲା ତା' ନିକଟରେ ଦୁନିଆର ସବୁ ସୌନ୍ଦର୍ଯ୍ୟର ପ୍ରତୀକ। ସେ ଭଲପାଉଥିଲା ତାର ଶରୀରକୁ–ହୋଇପାରେ ତାର ଶିକ୍ଷିତ ଓ ଭଦ୍ର ମନକୁ ବି; କିନ୍ତୁ ଯାହାକୁ ନେଇ ତାର ବ୍ୟକ୍ତିତ୍ୱ ସେ ଜିନିଷଟାକୁ ସେ ଜମା ଧରି ପାରୁ ନଥିଲା। ଏହା ବୋଲି ନାୟକର ମତବାଦକୁ ଯେ ସେ ନାପସନ୍ଦ କରୁଥିଲା ତାହା ନୁହେଁ, ବରଂ ସହାନୁଭୂତି ଦେଖାଉଥିଲା। କିନ୍ତୁ ଜମା ବୁଝିପାରି ନଥିଲା। ମାନେ ତାର କୌଣସି କ୍ଲିଅର ଆଇଡିଓଲୋଜି ନଥିଲା ସେ ସମ୍ବନ୍ଧରେ।''

ଅମିୟର ଆଗ୍ରହ ଗଳ୍ପ ପ୍ରତି କ୍ରମେ ବୃଦ୍ଧି ପାଉଥିଲା। ସେ ବଡ଼ ତନ୍ମୟ ହୋଇ ପଡ଼ିଥିଲା। ଅମିତାଭକୁ ରହିଯିବାର ଦେଖି ସେ ପଚାରିଲା, ''ତା'ପରେ କ'ଣ ହେଲା ?''

ନାୟକ ଅନେକ ଦିନ ତଳେ ତାକୁ ଥରେ କହିଥିଲା–''ଦେଖ ମୀରା, ମୋତେ ଭଲ ପାଇ ତମେ ଦିନେ ବିପଦରେ ପଡ଼ିବ।'' ମୀରା ସେ ଦିନ କେବଳ ହସିଥିଲା। ବଡ଼ଲୋକର ଝିଅ ସେ, ପିଲାଦିନୁ ଖୁବ୍ ଆରାମ ଆଉ ପ୍ରାଚୁର୍ଯ୍ୟ ଭିତରେ ବଢ଼ିଛି। ସେ ଚାହୁଁଥିଲା ଦୁନିଆର କଠିନ ବାସ୍ତବତାରୁ ବହୁ ଦୂରରେ ସେମାନେ ରଚନା କରିବେ, ଶାନ୍ତିର ଗୋଟାଏ ନୀଡ଼। ନାୟକକୁ ସେ ଚାହୁଁଥିଲା ଏକାନ୍ତ କରି ନିଜ ପାଖରେ ପାଇବାକୁ।

''ମାନେ ?'' ଅମିୟ ପଚାରିଲା।

''ମାନେ ମୀରା କେବଳ ତାକୁ ଭଲ ପାଉଥିଲା। ସେତିକି, ସେଇ ପର୍ଯ୍ୟନ୍ତ। କେବଳ ଭଲ ପାଇବାର ଆକର୍ଷଣ ଛଡ଼ା ଅନ୍ୟ କୌଣସି ବନ୍ଧନ ନ ଥିଲା ସେମାନଙ୍କ ଭିତରେ। ମୀରାର ପ୍ରେମ ଥିଲା–ଅକୃତ୍ରିମ, ସରଳ, ନିଷ୍କପଟ। ତାର ଅନ୍ତରର ନାରୀ ଗୋଟିଏ ନିରୀହ ପଲ୍ଲୀ ବାଳିକା ପରି ପ୍ରାଣର ସମସ୍ତ ସ୍ନେହ ନୈବେଦ୍ୟ ଉଜାଡ଼ି ଦେଇ ନାୟକର ପୂଜା କରିବାକୁ ବ୍ୟାକୁଳ ହେଉଥିଲା।''

Digitized by srujanika@gmail.com

"ତା'ପରେ ?"

"ତା'ପରେ ଯାହାହେବାର କଥା ସେଇଆ ହେଲା।" ଦିନେ ହଠାତ୍ –

"କ'ଣ ନିଉମୋନିଆ, ଇନ୍‌ଫ୍ଲୁଏଞ୍ଜାରେ ଜଣେ କେହି –" ଅଧୈର୍ଯ୍ୟ ହୋଇ ଅମିୟ ପଚାରିଲା।

"ଦିନେ ହଠାତ୍ କମ୍ୟୁନିଷ୍ଟ ବୋଲି ଷଡ଼ଯନ୍ତ୍ର ମାମଲାରେ ନାୟକ ହେଲା ଗିରଫଦାର। ଏହା ହେବ ବୋଲି ସେ ବହୁଦିନରୁ ଜାଣିଥିଲା।"

ଅମିୟ ବଡ଼ ବ୍ୟସ୍ତ ହୋଇ ପଡ଼ିଲା, କହିଲା – "ନା, ନା, for your story's sake, ତାକୁ ଆଉ କିଛିଦିନ ପ୍ରେମ କରିବାକୁ ଦେ। ଏତେ ଜଲ୍‌ଦି ତାକୁ ଜେଲ୍‌କୁ ପଠାନାହିଁ। ତୁ ତ ଇଚ୍ଛା କଲେ ତାକୁ ଏକ ମୁହୂର୍ତ୍ତରେ ଜେଲ୍‌ରୁ ମୁକୁଳାଇ ଆଣିପାରୁ। ମନେକର ପ୍ରମାଣ ଅଭାବରୁ ମାଜିଷ୍ଟ୍ରେଟ୍ ସାହେବ ତାକୁ ଛାଡ଼ିଦେଲେ। ନୋହିଲେ ମନେକର ଛତ୍ରପତି ଶିବାଜୀ ପରି ସେ ଜେଲ୍‌ରୁ କୌଶଳ କରି ପଳାଇ ଆସିଲା। ତା'ପରେ ମନେକର ପୃଥ୍ୱୀରାଜ ସଂଯୁକ୍ତା ହରଣ କଲାପରି ନାୟିକାକୁ ନେଇ ଡେରାଡୁନ୍ ଏକ୍‌ସପ୍ରେସ୍‌ରେ ଦେଲା ଚମ୍ପଟ୍ –"

ଅମିତାଭ କହିଲା – "ତା' କ'ଣ ହୋଇପାରେ ? ତା' କ'ଣ ସ୍ୱାଭାବିକ ହେବ ନାୟକର ଚରିତ୍ର ପକ୍ଷରେ।"

ଅମିୟ କହିଲା – "ମୋ କଥା ମାନି ନାୟକକୁ ଥରେ ବିଲାତ ଘୂରାଇ ଆଣି ତରୁଣ ଅଧ୍ୟାପକ କରି ଦେଇଥିଲେ ଆଉ ନାୟିକାକୁ ଥରେ ବେଥୁନ କଲେଜରେ କିମ୍ବା ଆମ କଟକ ରେଭେନ୍‌ସା କଲେଜ୍‌ରେ ଭର୍ତ୍ତି କରି ଦେଇଥିଲେ ତତେ ସ୍ୱାଭାବିକ ଓ ଅସ୍ୱାଭାବିକ ପାଇଁ ଏତେ ଚିନ୍ତା କରିବାକୁ ହୁଅନ୍ତା ନାହିଁ। ରୋମାନ୍‌ସଟା ଆପେ ଆପେ ଜମି ସାରନ୍ତାଣି।"

ଅମିତାଭ କିଛି ମନ୍ତବ୍ୟ ନ ଦେଇ ଗଳ୍ପ ଆରମ୍ଭ କଲା –

".......ବର୍ଷେ, ଦୁଇବର୍ଷ, ତିନିବର୍ଷ। ମୀରା ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଲା। ଜୀବନଟା ତା' ନିକଟରେ ହୋଇ ଉଠିଲା ଗୋଟାଏ ମସ୍ତଭାର। ତା'ପରେ ନାୟକ ଖଲାସ ହୋଇ ଆସିଲା। ଏହା ଭିତରେ କିନ୍ତୁ ଦୁନିଆର ଚେହେରା ବଦଳି ଯାଇଚି। ମେସ ମ୍ୟାନେଜର ତାକୁ ପୁଲିସ୍ ଭୟରେ ମେସରେ ସ୍ଥାନ ଦେଲେ ନାହିଁ। ବାପା ବିରକ୍ତ ହୋଇ ଘରୁ ଟଙ୍କା ପଠାଇବା ବନ୍ଦ କରିଦେଲେ। କଲେଜରୁ ନାମ କଟିଗଲା। ସାଙ୍ଗସାଥୀମାନେ ସି.ଆଇ.ଡି. ନଜରରେ ପଡ଼ିବା ଭୟରେ ତା'ଠାରୁ ଯଥାସମ୍ଭବ ଦୂରରେ ରହିଲେ। ଦୁନିଆରେ ସେ ହେଲା ସର୍ବହରା। ନିଜ ଛଡ଼ା ତାର ଆଉ କେହି ନ ଥିଲେ ଏଡ଼େବଡ଼ ଜଗତରେ।"

"ତା'ପରେ ନିଶ୍ଚୟ ଦେଖାହେଲା ମୀରା ସାଙ୍ଗରେ, ନୁହେଁ" – ଅଧୀର ହୋଇ ଅମିୟ ପଚାରିଲା।

"ନା, ଦେଖାହେଲା ନାହିଁ। ମୀରା ଚିଠି ଉପରେ ଚିଠି ଲେଖିଲା। ତାକୁ ଥରେ ଦେଖାଦେବା ପାଇଁ କେତେ ମିନତି କଲା। କିନ୍ତୁ ନାୟକ ପାହାଡ଼ ପରି ଅଟଳ। ତା' ଭିତରର କବି କହିଲା – ଏ ମାଳା ତୋର, ଯାକୁ ନେବାକୁ ଇ

Digitized by srujanika@gmail.com

ହେବ, କିନ୍ତୁ କର୍ମୀ ଜବାବ ଦେଲା – ଚୁପ୍ ହୁଅ କବି! ବାସ୍ତବତା ସମ୍ବନ୍ଧରେ ତମର କୌଣସି ଧାରଣା ନାହିଁ। ତମେ ଖାଲି ଜାଣ ସ୍ୱପ୍ନ – ସ୍ୱପ୍ନ ଆଉ ସ୍ୱପ୍ନ! ମୀରା ଆସି ତା' ପାଖରେ କାନ୍ଦିଲା, କହିଲା – 'ତମେ ଏଡ଼େ ନିଷ୍ଠୁର ବୋଲି ମୁଁ ଜାଣି ନ ଥିଲି।' କବି ଜବାବ ଦେବାକୁ ଯାଉଥିଲା – 'ମୁଁ ନିଷ୍ଠୁର ନୁହେଁ ମୀରା। ମୁଁ ତମକୁ ଭଲପାଏ।' କିନ୍ତୁ ତା' ଭିତରର କର୍ମୀ କବିକୁ କହିବାକୁ ନ ଦେଇ କହିଲା, 'ତମେ ମୋତେ ଭୁଲିଯିବାକୁ ଚେଷ୍ଟାକର ମୀରା! ମୁଁ ଫୁଟ୍‌ପାଥର ଜୀବ। ଏ ଜୀବନରେ ମୋର ଫୁଟ୍‌ପାଥ ଛଡ଼ା ଅନ୍ୟ କିଛି ସମ୍ବଳ ନାହିଁ।''

''ଶେଷରେ କବିର ହିଁ ଜୟ ହେଲା, ନୁହେଁ?''

''ନା, ଜୟ ହେଲା କର୍ମୀର।''

ନାୟକ କହିଲା, ''ଦେଖ ମୀରା, ତମେ ଯେ ମତେ ଭଲପାଅ ମୁଁ ତା' ଜାଣେ। ମୁଁ ଯେ ତମକୁ ଭଲ ନ ପାଏ, ତା'ନୁହେଁ। କିନ୍ତୁ ଭଲ ପାଇବା ମୋ ନିକଟରେ ଖାଲି ଗୋଟାଏ ସେଣ୍ଟିମେଣ୍ଟ ବା ସୌକ୍ ନୁହେଁ। ପେଶାଦାର ପ୍ରେମିକଙ୍କ ପରି ମୁଁ ମୋର ଭଲ ପାଇବାର ବେଦୀ ଉପରେ ତମକୁ ବଳି ଦେବାକୁ ଚାହେଁ ନାହିଁ। ମୁଁ ତମର ଭବିଷ୍ୟତ ପାଇଁ ଚିନ୍ତିତ। ମତେ ବିବାହ କରିବା ପରେ ଯେଉଁ ବାସ୍ତବ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ସେଥିପାଇଁ ପ୍ରସ୍ତୁତ ହେବାର ସାହସ ଯେତେବେଳେ ତମର ନାହିଁ, ସେତେବେଳେ ଏ ସେଣ୍ଟିମେଣ୍ଟ ଯେତେ ଶୀଘ୍ର ଯାଏ, ସେତେ ତମ ପକ୍ଷରେ ମଙ୍ଗଳ। ମୁଁ ତମକୁ ସତରେ ଭଲପାଏ ମୀରା! ସେଥିପାଇଁ ତମ ଅପେକ୍ଷା ତମ ମଙ୍ଗଳ ନିମନ୍ତେ ମୁଁ ବେଶୀ ଚିନ୍ତିତ। ମୁଁ ତ ସ୍ୱାର୍ଥପର ନୁହେଁ, ସ୍ୱାର୍ଥ ପାଇଁ ତମର ଏତେ ବଡ଼ ଜୀବନକୁ ଜାଳିପୋଡ଼ି ନଷ୍ଟ କରିବା ମୋ ଦ୍ୱାରା ହେବନାହିଁ। ଅବଶ୍ୟ ଯେଉଁଠି ତମର ଐକ୍ୟ ଅଛି, ଯେଉଁଠି କମ୍‌ରେଡ୍‌ସିପ୍ ଅଛି; ଯେଉଁଠି ଜାଣିଶୁଣି ପଥ ନିର୍ବାଚନ କରି ନେବାର ଯୋଗ୍ୟତା ଓ କ୍ଷମତା ଅଛି, ସେଠିକା କଥା ଅଲଗା; କିନ୍ତୁ ତମେତ ସଚେତନ ନୁହଁ ମୀରା! ତମେ ମୋତେ ଭଲ ପାଇଚ ସତ ବା ପଥର ଆକର୍ଷଣରେ ନୁହେଁ। ଗୋଟାଏ ଅର୍ଦ୍ଧଚେତନ ଭାବପ୍ରବଣତା ଆଉ ସେଣ୍ଟିମେଣ୍ଟର ସ୍ୱପ୍ନରେ ଅନ୍ଧ ହୋଇ ଏତେବଡ଼ ବାସ୍ତବତାକୁ ଭୁଲିଗଲେ ସେ ନିଶ୍ଚୟ ଦିନେ ପ୍ରତିଶୋଧ ନେବ। ବାସ୍ତବରେ କଠିନ ବାଲୁକା ପ୍ରାନ୍ତରରେ ତମର ଏ ସ୍ୱପ୍ନର ଲହରୀ ଧକ୍କା ଖାଇ କେତେଦିନ ଟିକି ପାରିବ? ଆଜିର ସେଣ୍ଟିମେଣ୍ଟ କାଲି ହୁଏତ ଏକ ନିଷ୍ଠୁର ବିଦ୍ରୂପରେ ପରିଣତ ହେବ। ସେତେବେଳେ ତମେ ଅନୁତାପ କରିବ ମୀରା! ଯେଉଁଠି ପଥର ଗ୍ରନ୍ଥି ଶିଥିଳ, ସେଠାରେ ସହଯାତ୍ରୀ ଭାବରେ କେତେଦିନ ଖାଲି ସ୍ୱପ୍ନର ନିଶାରେ ବାଟ ଚାଲିବା?''

''ମୀରା କ'ଣ କହିଲା?''

''କ'ଣ କହିବ ସେ? ଏତେ କଥା ସେ ଜମା ବୁଝି ପାରୁ ନଥିଲା। ସେ ଜାଣେ ସେ କେବଳ ଭଲ ପାଇଚି। ଏହାଠାରୁ ବେଶୀ ସେ କିଛି ଜାଣେ ନାହିଁ। ସେ କେବଳ କାନ୍ଦିଲା, ମିନତି କଲା।''

''ଗଳ୍ପଟା କିନ୍ତୁ କ୍ରମେ ଜଟିଳ ହୋଇ ଆସୁଚି।''

Digitized by srujanika@gmail.com

ଅମିତାଭ କହିଲା – ''ନାୟକ ମୀରାକୁ ବହୁତ ବୁଝାଇଲା, କିନ୍ତୁ ମୀରା ବୁଝିଲା ନାହିଁ ଜମା। ଶେଷରେ ନାୟକ ଅନ୍ୟ ଉପାୟ ନ ଦେଖି ମିଥ୍ୟାର ଆଶ୍ରୟ ନେବାକୁ ପଶ୍ଚାତ୍‌ପଦ ହେଲାନାହିଁ। ବହୁତ ଭାବିଚିନ୍ତି ସେ ମୀରାକୁ କହିଲା, 'ଦେଖ ମୀରା ! ମୁଁ ଭଲପାଏ ଆଉ ଜଣକୁ। ଆଜି ସତକଥା କହିବାର ସମୟ ଆସିଛି। ହେଇ ଦେଖ ତାର ଫଟୋ ରହିଛି ମୋ ପାଖରେ।' ବଜାରରୁ କିଣି ଆଣିଥିବା ଗୋଟାଏ ବାଳିକାର ଫଟୋଗ୍ରାଫ ସେ ମୀରାକୁ ଦେଖାଇଲା।''

''ମୀରା କ'ଣ ତା'କଥାରେ ବିଶ୍ୱାସ କଲା ?''

''ପ୍ରଥମେ ତ ବିଶ୍ୱାସ କରୁନଥିଲା, କିନ୍ତୁ ପରେ ନାୟକ ଯେତେବେଳେ ଅନେକ ହାତଗଢ଼ା ପ୍ରମାଣ ଦେଖାଇଲା, ସେତେବେଳେ ସେ ଆଉ ତା' କଥାକୁ ଅବିଶ୍ୱାସ କରିପାରିଲା ନାହିଁ। ଆଗରୁ କହିଚି, ଭାରି ସରଳା ସେ। କୌଣସି ଜିନିଷକୁ ବିଶ୍ଳେଷଣ କରି ଦେଖିବାର ତୀକ୍ଷଣ ବୁଦ୍ଧି ତାର ନ ଥିଲା।''

''ନାୟକ ଭାବିଥିଲା ମୀରା ତା' ଉପରେ ରାଗିବ; ଈର୍ଷାନ୍ୱିତା ହେବ ଏବଂ ପ୍ରତିଶୋଧ ନେବାକୁ ଚେଷ୍ଟା କରିବ। ସେ ଏହାହିଁ ଚାହୁଁଥିଲା। କାରଣ ମୀରା ତାକୁ ଭୁଲି ଯାଉ ଆଉ ସୁଖିନୀ ହେଉ, ଏହାଠାରୁ ବେଶୀ କିଛି ସେ ଭାବିପାରୁ ନ ଥିଲା। କିନ୍ତୁ ମୀରା କେବଳ ଲୁହରେ ଛାତି ତିନ୍ତାଇବାକୁ ଲାଗିଲା। କାନ୍ଦିବା ଛଡ଼ା ଦୁନିଆରେ ଆଉ କିଛି ସେ ଜାଣି ନଥିଲା। ଭାରି ଅଭିମାନିନୀ ସେ।''

ଅମିୟର ରାଗ ସୀମା ଲଂଘନ କରିବା ଉପରେ। ସେ ତୀବ୍ର ସ୍ୱରରେ କହିଲା – ''ତୋର ନାୟକ ନିଷ୍ଠୁର, ଧପ୍ପାବାଜ, ମିଥ୍ୟାବାଦୀ।''

ଶାନ୍ତ ଭାବରେ ଅମିତାଭ କହିଲା – ''ହୋଇପାରେ; କିନ୍ତୁ ସ୍ୱାର୍ଥପର ନୁହେଁ। ନିଜର ସ୍ୱାର୍ଥ ପାଇଁ ମିଥ୍ୟାର ଆଶ୍ରୟ ନେବାକୁ ସେ ଘୃଣା କରେ। କିନ୍ତୁ ମୀରାର କଲ୍ୟାଣ ପାଇଁ ସେ ଦୁନିଆର ଯେକୌଣସି ଘୃଣିତ କାର୍ଯ୍ୟ କରିବାକୁ ପ୍ରସ୍ତୁତ। ସେ ଯେ ତାକୁ ପ୍ରକୃତରେ ଭଲପାଏ ! ମୀରାକୁ ସେଦିନ ବିଦାୟ ଦେବା ପରେ ସେ ସାରା ରାତି ବିଛଣାରେ କାନ୍ଦି କାନ୍ଦି କଟାଇଚି। ସେ ଚାହେଁ ମୀରା ସୁଖିନୀ ହେଉ। ତାକୁ ବିବାହ କରି ସ୍ତୂପୀକୃତ ଅଭାବ ଅନାଟନ ଭିତରେ ମୀରାର ଜୀବନ ପଳେ ପଳେ ଜଳିପୋଡ଼ି ପାଉଁଶ ହୋଇଯାଉ, ଏହା ତାହାର କଳ୍ପନାର ଅତୀତ। ସେ ଭାବୁଥିଲା ସେ ଫୁଟପାଥର ଜୀବ, ଯାହାର ଭବିଷ୍ୟତ ପୁଲିସର ଦୟା ଉପରେ ଝୁଲୁଛି, ଅନ୍ୟକୁ ଭଲ ପାଇ ତାର ଜୀବନ ନଷ୍ଟ କରିବାର ଅଧିକାର ତାର ନାହିଁ। ସେ ବାସ୍ତବତାକୁ ଚିହ୍ନୁଥିଲା। ସେଥିପାଇଁ ମୀରାର କୋମଳ ଛାତି ଉପରେ ବାସ୍ତବତାର ଏତେ ବଡ଼ ପାହାଡ଼ ଶୃଙ୍ଗ ଲଦିଦେବାକୁ ତାର ଜମା ଇଚ୍ଛା ନ ଥିଲା।''

ଅମିୟର ଗଳ୍ପ ଶେଷ ପର୍ଯ୍ୟନ୍ତ ଶୁଣିବା ପାଇଁ ଆଉ ଜମା ଉତ୍ସାହ ନ ଥିଲା। ସେ ଅନ୍ୟମନସ୍କ ଭାବରେ ପଚାରିଲା – ''କ'ଣ ଏଇଠି ଗଳ୍ପ ଶେଷ ହେଲା ?''

''ହଁ ପ୍ରାୟ ଶେଷ ହେବା ଉପରେ। ନାୟକ ଚାହୁଁଥିଲା, ମୀରାର ସମସ୍ତ ସ୍ମୃତିକୁ ନିଶ୍ଚିହ୍ନ କରି ମନରୁ ପୋଛି ଦେବାକୁ। ସେଥିଲାଗି ତ ସେ ସେଇଦିନ ସଂଧ୍ୟାରେ କଲିକତା ଛାଡ଼ି ଓଡ଼ିଶା ଚାଲି ଆସିଲା। ମୀରା ସଙ୍ଗେ ଆଉ ଦେଖା

Digitized by srujanika@gmail.com

କରିବାକୁ ତାର ସାହସ ହେଲା ନାହିଁ। ତା’ ଅନ୍ତରରେ ବାଜିଥିଲା ବିସର୍ଜନର ବଂଶୀ, ଆଜି ସେ ତାର ସର୍ବସ୍ୱ ହରାଇଛି। ନିଜ ହାତରେ ସବୁ ଦାନ କରି ଆସିଚି। ସବୁ ହରାଇବାରେ ଯେଉଁ ଅସହାୟ ଆନନ୍ଦ, ସେଇ ଆନନ୍ଦ ହିଁ ଥିଲା ତାର ଆଜି ଏକମାତ୍ର ସାଂତ୍ୱନା। ତା’ ଭିତରର କବି ଭାଙ୍ଗି ପଡ଼ିଥିଲା ସତ, କିନ୍ତୁ କର୍ମୀ ଅନୁଭବ କରୁଥିଲା ଏକପ୍ରକାର ଗର୍ବ।

ମୀରା ଆସିଥିଲା ଷ୍ଟେସନକୁ ଶେଷଥର ପାଇଁ ତା’ ନିକଟରୁ ବିଦାୟ ନେବାକୁ। ଗାଡ଼ି ଛାଡ଼ିବାର ଦଶ ମିନିଟ୍ ପୂର୍ବରୁ ନାୟକ ତାର ଛୋଟ ହାତଟିକୁ ନିଜ ହାତମୁଠାରେ ନେଇ କହିଲା – ‘ମୋତେ ଭୁଲିଯିବାକୁ ଚେଷ୍ଟାକର ମୀରା ! ପ୍ରେମ ଖାଲି ସେଣ୍ଟିମେଣ୍ଟ ନୁହେଁ। ଏହା ତାହା ଅପେକ୍ଷା ଢେର ବଡ଼। ମୋ ପଥ ତମ ପାଇଁ ନୁହେଁ, ତାହା ତମେ ସହ୍ୟ କରି ପାରିବ ନାହିଁ। ମୋରି ପରି ହତଭାଗା ଆଉ ଅଲକ୍ଷଣାର ଦଳ ସେଇ ପଥର ଚିରନ୍ତନ ଯାତ୍ରୀ। ତମର ଯେଉଁ ପଥ ସଙ୍ଗେ ଜମାରୁ ପରିଚୟ ନାହିଁ, ମୋ ପାଇଁ ସେ ପଥରେ ଗୋଡ଼ ବଢ଼ାଇଥିଲେ ଭାଙ୍ଗି ପଡ଼ିଥାନ୍ତ ସିନା, ଚାଲିପାରି ନଥାନ୍ତ।’ ତା’ପରେ ସିଟି ବାଜିଲା। ମୀରା କହିଲା, ‘ଚିଠି ଦେବ।’ ରୁମାଲରେ ଆଖି ପୋଛୁ ପୋଛୁ ନାୟକ ଜବାବ ଦେଲା – ‘ଚିଠି ଦେଇ ଲାଭ ?’ ପ୍ରଥମ ଥର ପାଇଁ ତା’ ଅନ୍ତରର ଦୁର୍ବଳତା ତାର ମୁଖ ଦେଇ ଆତ୍ମପ୍ରକାଶ କଲା। ତା’ ଅନ୍ତରର କବି କହିଲା – ‘ନମସ୍କାର ମୀରା। ତମେ ମୋର ବରାବର ମନେ ରହିବ। ଏଇଥିପାଇଁ ଯେ ତମେ ଥିଲ ଏଇ ହତଭାଗାର ଯାତ୍ରାପଥରେ ଏକମାତ୍ର ପୁଷ୍ପତରୁ – ଯାହାର ଛାୟା, ଯାହାର ସୌରଭ ସଙ୍ଗୀତ ଛଡ଼ା ତରୁଣ ଯାତ୍ରୀଟିର ଭାରାକ୍ରାନ୍ତ ମୁହୂର୍ତ୍ତର ସମସ୍ତ କ୍ଳାନ୍ତି ହରଣ କରି ନେଇଥିଲା। ମୋ ପଥ ପାର୍ଶ୍ୱରେ ଦିନେ ଯେ ଫୁଲ ଫୁଟିଥିଲା, ସେ ସ୍ମୃତିକୁ ଭୁଲିବା ଏ ପଥିକ ପକ୍ଷରେ ଅସମ୍ଭବ ହେବ। ମୁଁ ଚିରଦିନ ସେଇ ଫୁଲ ଫୁଟିବାର ଜୟ ଗାଇଯିବି।’ କର୍ମୀ ଲାଜରେ ରଙ୍ଗ ପଡ଼ିଯାଇ କହିଲା – ‘ଛି, ଛି, କବି ! ଏଡ଼େ ଦୁର୍ବଳ ତମେ !’ ଟ୍ରେନ୍ ଛାଡ଼ିଲା। ବାହାରେ ମାତିଥିଲା ଝଡ଼ ଉଦ୍ଦାମ ନୃତ୍ୟରେ ପାଗଳ ହୋଇ, ନାୟକ ସ୍ତବ୍ଧ ହୋଇ ସେଇ ଝଡ଼ ଆଡ଼କୁ ଚାହିଁଲା। ତା’ପରେ ଦୁଇହାତ ଟେକି ସେହି ଦୁର୍ବାର ଶକ୍ତି ଉଦ୍ଦେଶ୍ୟରେ ନମସ୍କାର କଲା। ମନେ ମନେ ଭାବିଲା, ସେ ଯେପରି ସେହି ଝଡ଼ର ଗୋଟିଏ ଅବିଚ୍ଛିନ୍ନ ଅଂଶ। ଦୁନିଆର ଅସଂଖ୍ୟ ଭଗ୍ନ ଅସ୍ତିତ୍ୱକୁ ମାଟିରେ ମିଶାଇ ଦେଇ ତାରି ଉପରେ ଉଦ୍ଦାମ ଗତିରେ ବୋହିଯିବାକୁ ସେ ଯେପରି ଆସିଛି। ଏହାହିଁ ତାର ଅଭିସାରର ପଥ !!!’’

ଅମିୟ ଖଣ୍ଡେ ସିଗାରେଟ୍ ଲଗାଉ ଲଗାଉ କହିଲା – ‘‘ଟଲେଷ୍ଟୟଙ୍କ ଅନାକାରନିନା ଭଳିଆ ଉପେକ୍ଷିତା ନାୟିକା ତାର ପ୍ରେମିକର ଟ୍ରେନ୍‌ତଳେ ଆତ୍ମହତ୍ୟା କଲାନାହିଁ କାହିଁକି ?’’

ଅମିତାଭ ଆଉ ଖଣ୍ଡେ ସିଗାରେଟ୍ ଲଗାଉ ଲଗାଉ କହିଲା – ‘‘ଆତ୍ମହତ୍ୟା କରିବାଟା ତ ଖୁବ୍ ବୀରତ୍ୱର କାମ ନୁହେଁ। ଯେ ନିତାନ୍ତ ଭୀରୁ, ଜୀବନର ସମ୍ମୁଖୀନ ହେବାକୁ ସାହସ ନାହିଁ, ତାରି ପକ୍ଷରେ ଏହା କେବଳ ସୁନ୍ଦର।’’

Digitized by srujanika@gmail.com

ଅମିୟ କହିଲା – "ଗଳ୍ପଟା ନିହାତି ନୀରସ। ମଝିରେ ମଝିରେ ଅନ୍ୟ ରକମର କହିଥିଲେ ଭଲ ହୋଇଥାନ୍ତା। ଗୋଟିଏ 'ଏଲୋପମେଣ୍ଟ' ଦେଇଥିଲେ ଅବଶ୍ୟ ରୋମାଞ୍ଚକର ହୋଇଥାନ୍ତା।"

ଅମିତାଭ କହିଲା – "ଜୀବନକୁ ନେଇ ଜୁଆ ଖେଳିବା ଦେଖଣାହାରୀଙ୍କ ପକ୍ଷରେ ଯେତେ ରୋମାଞ୍ଚକର ହେଉ ପଛକେ, ମୋ ନାୟକ ପକ୍ଷରେ ଏହା ସଂପୂର୍ଣ୍ଣ ଅସଂଭବ। ସେ ସର୍ବୋପରି ଜୀବନକୁ ଭକ୍ତି କରେ। ବାସ୍ତବତାକୁ ସେ ଗଭୀର ଭାବରେ ଚିହ୍ନେ।"

ଅମିୟ ଶୁଷ୍କ କଂଠରେ କହିଲା – "ଗଳ୍ପଟା ତ ଏକ ପ୍ରକାର ଆସି ଶେଷ ହେଲା, କିଂତୁ ନାୟକଂକର ତ ଏ ପର୍ଯ୍ୟଂତ ନାମ ଦିଆଗଲା ନାହିଁ। ସେତକ ବାକି ରଖିଲୁ କାହିଁକି ?"

ଅମିତାଭ ଥଂଗ ଥଂଗ ହୋଇ କହିଲା – "ନାୟକର ନାମ ? ତା' ନାମ ?" ତା' ମୁହଁ ହଠାତ୍ ବିବର୍ଣ୍ଣ ପଡ଼ିଗଲା।

– "ଗୋଟିଏ କିଛି ଦିଅ।" ଅମିୟ କହିଲା।

ଅମିତାଭ କିଛିକ୍ଷଣ ପର୍ଯ୍ୟଂତ ଭାବିଲା। ତା'ପରେ ଗଂଭୀର ହୋଇ କହିଲା – "ନାୟକର ନାମ ଅମିତାଭ।" ଆଶ୍ଚର୍ଯ୍ୟ ହୋଇ ଅମିୟ କହିଲା – "ଏଁ ଅମିତାଭ ? ଏ ଯେ ତୋ ନିଜ ନାମ ?"

ଅମିତାଭ ଭାରି କଂଠରେ ଜବାବ ଦେଲା, "ଏ ତ ଗଳ୍ପ ନୁହେଁ। ଏହା ଯେ ମୋ ଆତ୍ମକାହାଣୀର ଗୋଟାଏ ଛିନ୍ନ ପୃଷ୍ଠା।"

ନିର୍ବାକ୍ ବିସ୍ମୟରେ ଅମିୟ କେବଳ ଗଂଗା ଆଡ଼କୁ ଅନାଇ ରହିଲା।

Digitized by srujanika@gmail.com

ଆଂଗୁଠି

ବଡ଼ି ଭୋର। ଙ୍ଗଟା-ନଟିର ସାବଜା ପଟର ଜହ୍ନ ଆଲୁଅ ଶେତା ଦେଖାଗଲାଣି। ପଠାଣ ସାହିର ଗୋଟାଏ ଚାଳ ଉପରେ ବସି ତୋମିଜ ମିଆଁର ଗଞ୍ଜାଟା ଚୂଳଝାଡ଼ି ଡାକ ଛାଡ଼ିଛି 'ଚ-କ-କ-ଅ-ଧ-ର-ଚ-ଖ-ଅ-ଅ...।' ଓଦା ମାଟିର ସୁରାକ ପାଇ କାନଶିରି ଗଛର ଅରମା ଭିତରୁ ଗୋଟାଏ ଝିଣ୍ଟିକା ଚିଁ ଚିଁ ହୋଇ ଡାକ ପାରିଛି ତା' ସାଥିରେ –

ମାଗୁଣି ଖାଁ ବାହାରିଲା ହଳକୁ। କାଲି ଅସରାଏ ବର୍ଷା ହୋଇ ଛାଡ଼ିଯାଇଛି; ନୁଖୁରା ବିଲମାଟିରେ ଗାର ଦେବା ପାଇଁ ଉତ୍ତମ ସୁଯୋଗ। ଗାମୁଛାଟାକୁ ମୁଣ୍ଡରେ ଭଲ କରି ଗୁଡ଼େଇ ଦେଇ ସେ ବାଡ଼ିପାଖ କନିଆର ଗଛରୁ ହାତ ବଢ଼ାଇ ଖଣ୍ଡେ ଡାଳ ଭାଙ୍ଗିଲା। ତା'ପରେ ବଟୁଆରୁ ଗୁଆକାଟିଟା କାଢ଼ି ସେଥିରୁ ଗଂଠିପତ୍ରତକ ଭଲ କରି ମାରିଦେଇ ଖଂଡେ ଦେଢ଼ହାତ ଲଂବର ପାଂଚଣ ତିଆରି କଲା। ତହିଁ ଉତ୍ତାରୁ ମାମୁଲି ଅଭ୍ୟାସ ମୁତାବକ ଗୋଟାଏ ଦରପାସୋରା ହିଂଦୁଆନୀ ଶଗଡ଼ିଆ ଗୀତରୁ ପଦେ ଗାଇ ଗାଇ ନିଜ ବିଲ ଆଡ଼କୁ ମୁହାଁଇଲା –

''ରାମ ଯେ ଲଛକ୍ଷଣ ହୋ ଗଲେ ମୃଗ ମାରି।''

ଗାଆଁ ତୋଟାର ଗଛ ଗହଳ ଭିତରେ କଂଠର ଆବାଜ୍ ତାର ପ୍ରତିଧ୍ୱନିତ ହୋଇ ମରିଗଲା ନିଜ ଛାଏଁ –

କିଛି ଦୂର ଯାଇ ସେ ମୁଣ୍ଡ ଉପର ଆଂବଗଛରୁ ଖଂଡେ ଡାଳ ଭାଂଗି ଦାଂତକାଠି ତିଆରି କଲା ଏବଂ ଦାଂତକାଠି ଖଂଡକ ଚୋବାଇ ଚୋବାଇ ଆଗକୁ ମାଡ଼ି ଚାଲିଲା।

ଗାଁ ମୁଣ୍ଡରେ ଗୋଟାଏ ବଡ଼ ଅନ୍ଧାର ଗଦାପରି ଯେଉଁ ଝାଂପୁରା ବରଗଛଟା ଛିଡ଼ା ହୋଇଚି; ତାରି ମୂଳରେ ଗ୍ରାମ ଦେବତୀ ବାଉତୀ ଠାକୁରାଣୀଙ୍କ ଆସ୍ଥାନ ବେଦୀ। ଅଳ୍ପ ଦୂରରେ ମଶାଣି। କାଲି ରାତିର ଗୋଟାଏ ଦରପୋଡ଼ା ମୁରୁଦାରକୁ ବୁକୁରେ ଧରି ଜୁଇନିଆଁ ଦୁକୁଦୁକୁ ହୋଇ ଜଳୁଛି। ହିଂଦୁ ଦିଅଁ ଦେବତାଂକ ଉପରେ ହଜାର ବିଶ୍ୱାସ ନଥିଲେ କ'ଣ ହେବ, ସେଇ ଗଛମୂଳରେ ପହଂଚିଲା କ୍ଷଣି ମାଗୁଣି ଖାଁର ଛାତିଟା କେଜାଣି କାହିଁକି ଭାରି ଜୋରରେ ଦକ୍‌ଦକ୍ ହୋଇ ପଡ଼ିବାକୁ ଲାଗିଲା। ବାଟରେ ଜନପ୍ରାଣୀର ସୋରଶବ୍ଦ ନାହିଁ, ଚାରିଆଡ଼େ ନିଛାଟିଆ, ଅଜ୍ଞାତସାରରେ ମାଗୁଣି ଖାଁର ହାତ ପାପୁଲିଟା ଡାହାଣପଟ ବଳଦ ଲାଂଗୁଡ଼କୁ ମୁଠେଇ ଧଇଲା –

Digitized by srujanika@gmail.com

ହଠାତ୍ ଏହିପରି ସମୟରେ ଦେଖାଗଲା, ସେଇ ବରଓହଳ ତଳେ ଦୁଇଟା ମଣିଷର ଛାଇ। ମାଗୁଣି ଖାଁର ଦିହରୁ ଗୋଟାଏ ଘମାଘୋଟିଆ ଝାଳ ନିଗିଡ଼ିଗଲା। ପାଟି ତାର ଅଠା ଅଠା ହୋଇଗଲା। ଠିକ୍ ଏତିକିବେଳେ ତାର ମନେ ପଡ଼ିଗଲା ଯେ, ଆଜି ଶନିବାର।

ଏ ଯାତ୍ରାରୁ ଭଲରେ ଭଲରେ ରକ୍ଷା ପାଇଲେ ଠାକୁରାଣୀଙ୍କୁ ଯାଆଁଳା କୁକୁଡ଼ା ଦେବ ବୋଲି ମନାସିଲା। ହିନ୍ଦୁ ମୁସଲମାନ ଉଭୟ ଧର୍ମର ଶତାଧିକ ଦିଅଁ ଦେବତାଙ୍କ ନାମ ସେ ମନେ ମନେ ଉଚ୍ଚାରଣ କରିଗଲା ଏବଂ ସମସ୍ତଙ୍କୁ ନାନା ରକମର ପ୍ରଲୋଭନ ଦେଖାଇ ଏ ମହା ବିପଦରୁ ତାକୁ ରକ୍ଷା କରିବା ପାଇଁ ଅନୁରୋଧ କଲା।

କ୍ରମେ ଛାଇ ଦୁଇଟା ଦୂରକୁ ଦୂର ଘୁଂଚିଗଲା। ମାଗୁଣି ଖାଁର ବୋଧହୁଏ ଚେତା ବୁଡ଼ିଯାଇଥାଂତା ଆଉ ଟିକିଏ ଯାଇଥିଲେ; କିଂତୁ ଠିକ୍ ଏତିକିବେଳେ ସେ ସେହି ଛାଇ ଦୁଇଟାର କଥାବାର୍ତ୍ତା ଶୁଣି ପାରିଲା। ଟିକିଏ ଦମ୍ଭ ଆସିଲା ତାର। ଭାବିଲା, ସତରେ ମଣିଷ ହେବେ ପରା! ସେ କାନ ଦୁଇଟାକୁ ଟେକି ଖୁବ୍ ତନ୍ମୟ ହୋଇ ଶୁଣିବାକୁ ଲାଗିଲା। ପ୍ରଥମ ଛାଇ କହୁଛି –

''କାଣି ଆଙ୍ଗୁଠିର ଦାମ୍ କେତେ ?''

ଦ୍ୱିତୀୟ କଣ୍ଠରୁ ଉତ୍ତର ଆସିଲା – ''ଆଜ୍ଞା, ଅମୂଲ ମୂଲ ହାଙ୍କୁଛି। କହୁଛି ଦେଢ଼ଶ ଟଂକାରୁ ଗୋଟିଏ ପାହୁଲା ଊଣା ହେଲେ ବି ସେ ଦେବ ନାହିଁ – ''

''ବୁଢ଼ା ଆଂଗୁଠି କେତେ ନେଲେ ଦେବ ?''

''ଆଜ୍ଞା ପାଂଚଶ।''

ଧେତ୍।''

''ଆଜ୍ଞା, ହଁ, ହଜୁର ମା ବାପ, ମୁଁ କ'ଣ ମିଛ କହୁଚି ?''

''ବଡ଼ ଚଢ଼ା ଦାମ୍! ଦବାନବା କହ।''

''ନାଇଁ ଆଜ୍ଞା, ସେ ଏକା ରେଣ୍ଟ ଧରିଛି – ଦେଢ଼ଶ ଟଙ୍କା ନଗଦ ନହେଲେ ସେ କାଣି ଆଙ୍ଗୁଠିଟି ଦବ ନାହିଁ, ମୁଣ୍ଡ ଛିଡ଼ିଗଲେ ବି ନୁହେଁ।''

ନିସ୍ତବ୍ଧତା – ଛାଇ ଦୁଇଟା ଚୁପ୍‌ଚାପ୍। କିଛିକ୍ଷଣ ପରେ ପ୍ରଥମ କଂଠରୁ ଉତ୍ତର ଆସିଲା –

''ଆଚ୍ଛା ଦିଆଯିବ। ଏଇ ଆଗତୁରା କୋଡ଼ିଏ ଟଂକା ନିଅ। ଗଣ, ଧର, ବାଂଧ। ହଁ, ସବୁକଥା ଯିମିତି ମନେରହେ। ବୁଝିଲୁ ? ହୁସିଆର!!!''

ମାଗୁଣି ଟଙ୍କା ଝଣଝଣ ଶବ୍ଦ ଶୁଣିପାରିଲା। ତା'ପରେ ସେ ଦେଖିଲା, ଛାଇ ଦୁଇଟି ବିପରୀତ ଦିଗରେ ଅନ୍ତର୍ହିତ ହୋଇଗଲେ। ମାଗୁଣି ଖାଁ ଦଣ୍ଡେ ଥକା ହୋଇ ଛିଡ଼ା ହୋଇଗଲା। ସେ ଭାବିଲା, ନିଶ୍ଚୟ ଭୂତ ହେବେ ପରା। ନୋହିଲେ କାଳି ଅନ୍ଧାରରୁ ମଣିଷ ଆଙ୍ଗୁଠି କିଣାବିକା ଲାଗନ୍ତା କିଆଁ ?

ବୋଧହୁଏ ମଣିଷ ଆଙ୍ଗୁଠିର କୁର୍ମା ତିଆରି କରି ସଇତାନ ସବୁ ଆଜି ସାଓଗାତ୍ କରିବେ ନା କ'ଣ ? କିନ୍ତୁ ପରକ୍ଷଣରେ ତାର ମନେ ପଡ଼ିଲା, ସେ ପ୍ରଥମ ବ୍ୟକ୍ତିର

Digitized by srujanika@gmail.com

କଣ୍ଠସ୍ୱର ଏଥିପୂର୍ବରୁ କୁଉଠି ଯେପରି ଶୁଣିଛି। ସେ ସ୍ଥିର ହୋଇ ଟିକିଏ ହେଜିଲା। ଅନେକ ସମୟ ପରେ ତାହାର ମନେ ପଡ଼ିଲା ଯେ, ସେ କଂଠସ୍ୱର ତାଙ୍କ ଗାଁ ଜମିଦାର ବାବୁଙ୍କର। ଥରେ ଖଜଣା ଦେବାକୁ ଦୁଇଦିନ ଡେରି ହୋଇଯାଇଥିଲା ବୋଲି ଯେଉଁ କଂଠର ଆଦେଶରେ ତାକୁ ଗୋଟାଏ ଅନ୍ଧାର ଘରେ ବନ୍ଦ କରିଦେଇ ଲଙ୍କାମରିଚ ଧୂଆଁ ଦିଆଯାଇଥିଲା, ସେ କଣ୍ଠ କଣ ତାକୁ ଏତେ ଜଲ୍‌ଦି ପ୍ରତାରିତ କରିପାରେ ? କିନ୍ତୁ ବ୍ୟାପାର କଣ, ସେ ଜମା କିଛି ଠଉରାଇ ପାରିଲା ନାହିଁ। ତା' ମୁଣ୍ଡ ଭିତରେ ସବୁ ଗୋଳମାଳ ହୋଇଗଲା। ସେଉଠୁ ହଳ ଲେଉଟାଇ ସେ ଘରକୁ ବାହୁଡ଼ି ଅଇଲା। ତାର ଭୟ ସଂପୂର୍ଣ୍ଣ ରୂପେ ଛାଡ଼ି ନ ଥିଲା, ସେ ସଂଗେ ସଂଗେ ଘରେ ପହଞ୍ଚି ଜଣେ ଭଲ ଓଝାଂକଠାରୁ ନିଜକୁ ଅଧିକତର ନିରାପଦ ରଖିବା ଉଦ୍ଦେଶ୍ୟରେ ଗୋଡ଼ଠୁଁ ମୁଣ୍ଡ ପର୍ଯ୍ୟନ୍ତ ଝଡ଼ାଇ ଆଣିଲା ଏବଂ ଗୋଟାଏ ଭଲ ତେଉଁରିଆ ଆଣି ମନ୍ତ୍ରି ହାତରେ ସେହି ଦିନ ଘୋଡ଼ାବାଳରେ ବାନ୍ଧି ପକାଇଲା।

* * * * * *

ଆଜି ଗାଁରେ ଖୁବ୍ ବଡ଼ ସଭା। ଆଗରୁ ଢେଂଢ଼ୁରା ଦିଆଯାଇଥିଲା। ବକ୍ତୃତା ଦେବାପାଇଁ କଟକରୁ କେତେଜଣ ସ୍ୱନାମଧନ୍ୟ ଦେଶକର୍ମୀ ଆସିଛଂତି। ସଭାସ୍ଥଳ ଲୋକାରଣ୍ୟ। ସଂଙ୍ଗ ନ ବୁଢ଼ୁଣୁ ମାଗୁଣି ଖାଁ ସଭାରେ ଆସି ଉପସ୍ଥିତ ହେଲା। ସମସ୍ତଂକ ପଛରେ ସେ ଯାଇ ବସିଲା ଚୁପ୍‌ଚାପ୍ ହୋଇ। ମୁଁହରେ ତାର ଆଗ୍ରହ ଫୁଟି ଉଠୁଥିଲା।

ଗାଁରେ ଥରକୁଥର ବଂଦୋବସ୍ତ କରି ଖଜଣା ବଢ଼ାଇବା ଫଳରେ ଗାଁର ରୟତ ଓ ଚାଷୀକୁଳ କିପରି ସର୍ବସ୍ୱାଂତ ହେଉଛଂତି ଏବଂ ନିରନ୍ନ ଜନସାଧାରଣଂକର ଝାଳବୁହା ଖାଟୁଣିର ସୁଯୋଗ ନେଇ ଦଳେ ମୁଷ୍ଟିମେୟ ଜମିଦାର କିପରି ପୁଂଜି ମୁଠି ମୁଠି କରୁଛଂତି, ତାରି ସବିଶେଷ ବର୍ଣ୍ଣନା କରି ସରକାରଂକଠାରେ ପ୍ରଜାକୁଳଂକ ଆପତ୍ତି ଜଣାଇବାହିଁ ଆଜିର ଏ ସଭାର ମୁଖ୍ୟ ଉଦ୍ଦେଶ୍ୟ। ଗାଁ ଜମିଦାରଂକ ଅମାନୁଷିକ ଅତ୍ୟାଚାର ଓ ଶୋଷଣ ନୀତିର ପ୍ରତିବାଦ କରିବାପାଇଁ ଏ ବିରାଟ ଜନସଭା ଆହୂତ ହୋଇଛି।

ଘନ ଘନ କରତାଳି ମଧ୍ୟରେ ସଭାକାର୍ଯ୍ୟ ଆରଂଭ ହେଲା। ଚାରିଆଡ଼େ ସୁତୀବ୍ର ଉତ୍ତେଜନା। ଜନତା ଆଖିରେ ଆଜି ଶ୍ରେଣୀ-ଚୈତନ୍ୟର ପ୍ରଥମ ସୂଚନା ପ୍ରତିଭାତ ହେଉଚି। ଆଲୋକର ଆଜି ନୂତନ ସଂକେତ।

—''ଶୁଣ ଭାଇମାନେ, ଶୁଣ ନିରନ୍ନ ନିଃଶୋଷିତ କୃଷକକୁଳ,ଆଜି ଆମର ସର୍ବସ୍ୱ ଲେହନ କରି ପୁଂଜିବାଦର ଜିହ୍ୱା ଅଗ୍ରସର ହେଉଛି। ନିଜ ଦେହର ହାଡ଼ ଓ ମାଉଁସ ଛଡ଼ା ଆଜି ନିଜର ବୋଲି ଦାବୀ କରିବାର ଜିନିଷ ସାରା ପୃଥିବୀରେ ଆମର କିଛି ନାହିଁ। ଆମର ସବୁ ଯାଇଚି, ଅଛି କେବଳ ଭଂଗା ଦଦରା ଜୀବନ।

Digitized by srujanika@gmail.com

ଆହୁରି ଅଛି ଗୋଟାଏ ରୁଗ୍ଣ,ମୁମୂର୍ଷୁ ଏବଂ ଜୀର୍ଣ, ଦଳିତ ଅସ୍ତିତ୍ୱ। ଭାଇ ସର୍ବହରା, ଏକଜୁଟ ହୁଅ, ଏହି ଅମାନୁଷିକ ଶୋଷଣର ପ୍ରତିଶୋଧ ନିଅ—''

ବକ୍ତୃତା ଚାଲିଲା—ଠିକ୍ ଯେପରି ଝଡ଼ର ଶିଂଗା। ଜନତାର ସମୁଦ୍ର ବିଚଳିତ ହୋଇ ଉଠିଲା। ସଂଦନ! '' ଜାଗ,ଜାଗ, ମଣିଷ ଭାଇ, ତମର ସମସ୍ତ ହତିଆର ଏକତ୍ର କର, ଏକତ୍ର ହୁଅ। ମନେ ରଖ, ନିଜକୁ ଶୋଷିତ ହେବାକୁ ଦେବା ସବୁଠାରୁ ବଡ଼ ପାପ। ସେ ପାପର ଅଭିଶାପରେ ମଣିଷ ଜାତି ପଂଗୁ ହୋଇଯିବ—''

ଜନତା ପ୍ରତ୍ୟୁତ୍ତର ଦେଲା–''ଶୋଷଣବାଦ ଧ୍ୱଂସ ହେଉ, ପୁଂଜିବାଦ ଲୋପ ପାଉ।'' ଯେଉଁ ପଡ଼ିଆ ଭୂଇଁ ଶସ୍ୟଶ୍ୟାମଳା ଜମିରେ ପରିଣତ ହେଲା, ତାର ସ୍ୱତ୍ୱ ଆଜି ଜମିଦାର ତମଠାରୁ ହରଣ କରିନେଇଛି। ତମେ ତମର ହକ୍ ଦାବୀ ବୁଝ। ତାକୁ ଆଦାୟ କରିବା ପାଇଁ ପ୍ରାଣପଣ କରି ଚେଇଁ ଉଠ, ଅଗ୍ରସର ହୁଅ। ଗାଁରେ ରୟତସଂଘ ଗଢ଼–''

ଜନତାର ବିରାଟ ସାଗର ମଝିରୁ ପ୍ରତିଧ୍ୱନି ଶୁଣାଗଲା, ''ଜମିଦାରୀ ପ୍ରଥା ଧ୍ୱଂସ ହେଉ, ରୟତ ଜାତିର ଜୟ ହେଉ।''

ଠିକ୍ ଏହିପରି ସମୟରେ ସଭା ମଝିରେ ଜଣେ ଶୀର୍ଣକାୟ ଲୋକ ଛିଡ଼ା ହେବାର ଦେଖାଗଲା। ସେ ସମସ୍ତଙ୍କୁ ନମସ୍କାର କରି ଜଣାଇଲା–

''ଭାଇମାନେ, ଆମ୍ଭେମାନେ ସମସ୍ତେ ମୂର୍ଖ, ଟିକିଏ ଗରମ କଥାରେ ଭାସିଯିବା ଆମ ପକ୍ଷରେ ସ୍ୱାଭାବିକ। କିଂତୁ ଭାଇ, ଅନ୍ୟଦ୍ୱାରା ନିଜକୁ ପ୍ରତାରିତ ହେବାକୁ ଦେବା ଉଚିତ ନୁହେଁ। ଆମ ପୂର୍ବପୁରୁଷମାନଙ୍କର ଚିରନ୍ତନ ପଥରୁ ବିଚ୍ୟୁତ ହୁଅ ନାଇଁ। 'ମହାଜନୋ ଯେନ ଗତଃ ସ ପଂଥାଃ।' ଭାଇ, ଏ କଅଁଳ ଟୁହାଂକ କଥାରେ ନିଜର ବାଟ ଭୁଲନାଇଁ। ଭାଇ, ରାଜା, ଜମିଦାର ଏମାନେ ଭଗବାନଙ୍କ ଭିଆଣ। ତାଂକୁ ଦୂର କରିଦେବା ମଣିଷ ହାତର କଥା ନୁହେଁ। ତାଂକୁ ସମ୍ମାନ ଦେଖାଇବା ହିଁ ମନୁଷ୍ୟ ଜାତିର କର୍ତ୍ତବ୍ୟ। ଏମାନେ ଯେଉଁ 'ରୟତସଂଘ' ଗଢ଼ିବା କଥା ଇଲାଗେ କହିଲେ, ତାର ଭିତିରି ଉଦ୍ଦେଶ୍ୟ କଣ ଜାଣ? ତାର ଉଦ୍ଦେଶ୍ୟ ହେଉଛି ତମ ଠାରୁ ଚାଂଦା ଅସୁଲ କରି ଆତ୍ମସାତ୍ କରିବା–''

ଜନତା ଆଖିରେ ସଂଦେହ ଦେଖାଗଲା। ସେମାନେ ବି ଜିଜ୍ଞାସୁ ଦୃଷ୍ଟିରେ ପରସ୍ପର ଆଡ଼କୁ ଅନାଇଲେ। ଜଣେ ଦୁଇଜଣ ମଧ୍ୟ ବକ୍ତୃତାକାରୀଙ୍କୁ ସମର୍ଥନ ସୂଚକ ଶବ୍ଦ ପ୍ରକାଶ କରି ଉତ୍ସାହିତ କଲେ–''ହଁ ଠିକ୍, ଠିକ୍!''

ବକ୍ତୃତାକାରୀ ପୂର୍ବାପେକ୍ଷା ଅଧିକତର ଉଚ୍ଚ ସ୍ୱରରେ ଏଥର ଆରମ୍ଭ କଲା–''ଭାଇମାନେ, ଜମିଦାର ନଥିଲେ ଆଜି ଆମର ମାନ, ଇଜ୍ଜତ, ଧନ, ସଂପତ୍ତି ସବୁ ଚୋର ତସ୍କରଂକ ଦ୍ୱାରା ଅବଲୁଂଠିତ ହେଉଥାଂତା। ଭାଇ, ସେ ଆମର ପ୍ରକୃତ ରକ୍ଷକ। ତାଂକର ସୁଶାସନର ପ୍ରତିଦାନ ସ୍ୱରୂପ ଆମେ ଯେଉଁ ଯତ୍କିଂଚିତ ଖଜଣା ଦେଉଥାଇଁ, ତାହା ଆମର ସାମାନ୍ୟ କୃତଜ୍ଞତାର ଚିହ୍ନ ସିନା!!''

ଜନତା ଅନୁମୋଦନ ସ୍ୱରରେ କହିଉଠିଲେ–''ଠିକ୍ କଥା, ଠିକ୍ କଥା।''

Digitized by srujanika@gmail.com

ବକ୍ତୃତାକାରୀ ଆନନ୍ଦିତ ହୋଇ ପୁଣି କହିଲେ – "ଭାଇ, ଏହି କଅଁଳକୁହା ରୟତସଂଘବାଲାଂକୁ ବିଶ୍ୱାସ କଲେ ବିପଦରେ ପଡ଼ିବ। ମୁଁ ଏମାନଂକ ସହିତ ଅନେକ ଦିନ ଏକତ୍ର କାମ କରିଥିଲି; ମାତ୍ର ଏମାନଙ୍କର ସଦୁଦ୍ଦେଶ୍ୟରେ ସଂଦିହାନ ହୋଇ ମୁଁ ଅଗତ୍ୟା ସେମାନଂକର ସଂସର୍ଗ ତ୍ୟାଗ କରିବାକୁ ବାଧ ହେଲି। ତମେ ଯଦି ଏମାନଂକ କଥା ଶୁଣିବ, ତେବେ ଭଗବାନଂକଠାରେ ଦ୍ରୋହୀ ହେବ। କାରଣ ଭଗବାନଂକ ଅଂଶରୁ ରାଜାଂକର ଜନ୍ମ। ଆମ ଗ୍ରାମଦେବୀ ବାଉତୀ ଠାକୁରାଣୀ ମଧ ଆମ୍ଭମାନଙ୍କୁ ଅଭିଶାପ ଦେବେ। ଗାଁରେ ନାନା ବିତ୍‌ପାତ ପଡ଼ିବ। ତମମାନଂକର ବୋଧହୁଏ ସ୍ମରଣ ଥିବ, ଏମାନେ ଠାକୁରାଣୀକ ଠାରେ ଗଲାବର୍ଷ ବୋଦା ପକାଇଲା ବେଳେ ନାନା ବିଘ୍ନ ଘଟାଇଥିଲେ, ପିକେଟିଂ କରିଥିଲେ – । ଏମାନଂକର ଭୂତପୂର୍ବ ସହକର୍ମୀ ଭାବରେ ମୁଁ ପୂର୍ବେ ଯେଉଁ ପାପ କରିଛି, ତାର ପ୍ରାୟଶ୍ଚିତ ମୁଁ ବର୍ତମାନ ଆପଣଂକ ସମ୍ମୁଖରେ କରିବି – ଅପେକ୍ଷା କରଂତୁ।"

ଆବାଳବୃଦ୍ଧବନିତା ସମସ୍ତେ ସମସ୍ୱରରେ କହି ଉଠିଲେ – -"ଠାକୁରାଣୀ ଏ ଧର୍ମଛଡ଼ା ଗୁଡ଼ାଂକୁ ଖାଇଯିବ; ଖାଇଯିବ – ।"

ବକ୍ତୃତା ପୁଣି ହେଲା – "ଏମାନେ ଠାକୁରାଣୀଙ୍କ ଶତ୍ରୁ। କାଲି ମୋତେ ବାଉତୀ ଠାକୁରାଣୀ ସ୍ୱପ୍ନରେ କହିଲେ; ଗାଁ ବାଲାଂକୁ ହୁସିଆର କରିଦିଅ; ଏମାନଂକୁ ଦୂର୍ ଦୂର୍ ମାର୍ ମାର୍ କରଂତୁ। ନୋହିଲେ ଏ ବର୍ଷ ଘରପୋଡ଼ି ହେବ – ଝାଡ଼ାବାନ୍ତି ହେବ। ମୋ ସାନ ଭଉଣୀ ବସନ୍ତେଇ ମଧ ବ୍ୟାପିଯିବ। ମୋ ମଝିଆ ଭଉଣୀ ହାଡ଼ଫୁଟି ମଧ ଆସିବ – ।"

ସଭାଲୋକେ ଭୟରେ କଂପି ଉଠିଲେ। ସମସ୍ତଙ୍କ ପାଟିରୁ ଶବ୍ଦ ହେଲା – "ତଡ଼; ତଡ଼; ଏମାନଙ୍କୁ ଏଠାରୁ ତଡ଼ – "

ବକ୍ତୃତାକାରୀ ପକେଟରୁ ଗୋଟାଏ ଲଂବା ଛୁରୀ ବାହାର କଲେ। ଲଂଠନ ଆଲୁଅରେ ଛୁରିର ତୀକ୍ଷ୍ଣଧାର ଚକ୍ ଚକ୍ ହୋଇ ଉଠିଲା। ସେ ସମସ୍ତଂକୁ ଛୁରିଟା ଦେଖାଇ କହିଲେ –

"ତମେମାନେ ମୋତେ ଅବିଶ୍ୱାସ କରିପାର; କିଂତୁ ଭାଇ; ଦେଖ ମୋ କଥାର ସତ୍ୟତା ପ୍ରମାଣ କରିବା ପାଇଁ ମୁଁ ବର୍ତମାନ ତମ ସାମନାରେ ମୋ କାଣି ଆଂଗୁଠିଟା ମୂଳରୁ କାଟି ଦେବି। ମୋ ରକ୍ତ ହିଁ ମୋ କଥାରେ ଏକମାତ୍ର ସାକ୍ଷୀ।"

ସେ ଛୁରିର ଧାରକୁ ଟିକିଏ ପରୀକ୍ଷା କଲେ; ତାପର ବାଉତୀ ଠାକୁରାଣୀଙ୍କୁ ପ୍ରଣିପାତ କରି ନିଜର କାଣି ଆଂଗୁଠିଟା ଦୁଇଫାଳ କରି କାଟି ପକାଇଲେ। ଆଂଗୁଠିର ଅଗ୍ରଭାଗ ଛିଂଡିଯାଇ ଠାକୁରାଣୀଙ୍କ ବେଦୀମୂଳରେ ପଡ଼ିଲା। ରକ୍ତ ଛିଟିକି ଚାରିଆଡ଼ ନାଲ ହୋଇଗଲା। ସଭା ଲୋକେ ବିସ୍ମିତ ହୋଇଗଲେ। ସମସ୍ତଂଙ୍କ ଦେହ ଶୀତେଇ ଉଠିଲା। ସ୍ତ୍ରୀଲୋକମାନେ ଆଖିରୁ ଲୁହ ଗଡ଼ାଇ ପକାଇଲେ। ପିଲାମାନେ ଭୟରେ କାଂଦି ଉଠିଲେ। ସମସ୍ତେ ଭାବିଲେ – ଲୋକଟା ପ୍ରକୃତରେ ସଚ୍ଚା। ତାର ଆତ୍ମବଳି ହିଁ ତାର ଅଂତରର ନିର୍ମଳତା ପ୍ରମାଣ କରୁଚି।

Digitized by srujanika@gmail.com

ସମସ୍ତଂକ ରାଗ ଯାଇ ପଡ଼ିଲା ସେଇ କେତେଜଣ କୃଷକ କର୍ମୀମାନଂକ ଉପରେ। ଏଇମାନେ ହିଁ ସବୁ ଅନିଷ୍ଟର ମୂଳ। କ୍ରୁଦ୍ଧ ଜନତା ସେହି ଅସହାୟ କର୍ମୀମାନଙ୍କୁ ଆକ୍ରମଣ କଲା – ''ଧର୍ମଦ୍ରୋହୀ, ରାଜଦ୍ରୋହୀ, ଦେଶଦ୍ରୋହୀଗଣ – ''

ଏହି ସମୟରେ ଦୂରରେ ଜମିଦାରଂକର ସୌମ୍ୟମୂର୍ତି ଦେଖାଗଲା। ତାଂକ ମୁହଁରେ କୃତ୍ରିମ ହାସ୍ୟ। ସେ ସମସ୍ତଂକୁ ନିରସ୍ତ କରି କହିଲେ –

''ମୋର ପ୍ରିୟ ପ୍ରଜାବୃନ୍ଦ, କ୍ଷମାହିଁ ମନୁଷ୍ୟର ପ୍ରଧାନ ଧର୍ମ। ଶତ୍ରୁକୁ ମଧ କାୟମନୋବାକ୍ୟରେ କ୍ଷମା କରିବା ପାଇଁ ଭଗବାନ ବୁଦ୍ଧଦେବ ଓ ଯିଶୁଖ୍ରୀଷ୍ଟ ପ୍ରଭୃତି ମୁକ୍ତ କଂଠରେ ଉପଦେଶ ଦେଇ ଯାଇଛଂତି। ଭାଇମାନେ, ଏମାନଂକୁ ଛାଡ଼ିଦିଅ, ଏମାନେ ଆମର ଅତିଥି – ଏମାନଂକୁ ପ୍ରହାର ନକର – ''

କ୍ରୁଦ୍ଧ ଜନତା ଜମିଦାରଂକର ଉଦାରତା ଓ ମହାନୁଭବତାର ପରିଚୟ ପାଇ ଆଚଂବିତ ହୋଇଗଲା।

ତତ୍ପରେ ଜମିଦାର ସାଆଂତେ ସମସ୍ତଂକୁ ସଂବୋଧନ କରି ଶାଂତ କଂଠରେ କହିଲେ –

''ଭାଇମାନେ, ବାଉତୀ ଠାକୁରାଣୀଙ୍କ ଦୟାକୁ ଶତ, ଶତ ଧନ୍ୟବାଦ। ସେ ଆମ୍ଭମାନଙ୍କର ମଧକୁ ଶୁଭବୁଦ୍ଧି ପ୍ରେରଣ କରିଅଛଂତି। ଚାଲ, ଆମ୍ଭେମାନେ ସମସ୍ତେ ତାଂକ ନିକଟରେ ଜାନୁପାତପୂର୍ବକ କୃତଜ୍ଞତା ଜଣାଇବା।''

ସେ ଆଂଠୁମାଡ଼ି ଅଶ୍ରୁ ବିଗଳିତ ନୟନରେ ଠାକୁରାଣୀଙ୍କ ବିଜେ-ପ୍ରତିମା ଉଦ୍ଦେଶ୍ୟରେ ନମସ୍କାର କଲେ। ଉପସ୍ଥିତ ସମସ୍ତେ ତାଂକୁ ଧନ୍ୟବାଦ ଦେଇ ତାଂକର ଅନୁକରଣ କଲେ।

ତା ପରେ ଜମିଦାର ସାଆଂତେ ସମସ୍ତଂକୁ ଆଶ୍ୱାସନା ଦେଉ ଦେଉ କହିଲେ, ''ଏହି ରାଜଦ୍ରୋହୀମାନଂକ ଉପରେ କୌଣସି ପ୍ରକାର ଅତ୍ୟାଚାର କରିବାର ଅଧିକାର ଆଂଭମାନଙ୍କର ନାହିଁ। ସେଥିପାଇଁ ଉପରେ ଭଗବାନ ଏବଂ ତଳେ ସରକାର ବାହାଦୂରଂକ ନ୍ୟାୟାଧିକରଣ ରହିଛି। ମୁଁ ସେଥିପାଇଁ ସେମାନଂକୁ ସସମ୍ମାନେ ପୁଲିସ ଦ୍ୱାରା ସହରରେ ଥିବା ମାଜିଷ୍ଟ୍ରେଟ ସାହେବଂକ ଇଜଲାସକୁ ପ୍ରେରଣ କରିବାର ବଂଦୋବସ୍ତ କରୁଛି। ବ୍ୟକ୍ତିଗତ ଭାବରେ ସେମାନେ ଆମର ଅତିଥି। ସେଥିପାଇଁ ଭଦ୍ରୋଚିତ ବ୍ୟବହାର ପାଇବାର ଯୋଗ୍ୟ। ହଁ; ଆଉ ଗୋଟିଏ କଥା – ମୁଁ ଏ ବର୍ଷ ଗ୍ରାମର ମଂଗଳ ପାଇଁ ଖଜଣାର ଏକ ଚତୁର୍ଥାଂଶ ବ୍ୟୟ କରି ମା ବାଉତୀଙ୍କ ଆସ୍ଥାନ ଉପରେ ଏକ ବିରାଟ ମନ୍ଦିର ତୋଳାଇବାକୁ ଆପଣମାନଂକ ସମ୍ମୁଖରେ ପ୍ରତିଶ୍ରୁତି ଦେଉଛି। ଆଶାକରେ; ଆପଣଂକର ସାହାଯ୍ୟ ଓ ସହାନୁଭୂତି ପାଇଲେ ମୋର ଏହି ଅଭିଳାଷ ଅପୂର୍ଣ ରହିବ ନାହିଁ। – ''

ସେ ସମସ୍ତଙ୍କୁ ନମସ୍କାର କରି ନିଜ ମଟରରେ ଚଢ଼ି ବାହାରିଗଲେ। ସଭାର ପିଲାଠାରୁ ବଡ଼ ପର୍ଯ୍ୟଂତ ସମସ୍ତେ ତାଂକର ଉଦାରତା; ସରଳତା ଏବଂ ଦୟାଶୀଳତା ପ୍ରଭୃତି ଦେବଦୁର୍ଲଭ ସଦ୍‌ଗୁଣମାନଙ୍କର ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ। ଚାରିଆଡ଼େ

Digitized by srujanika@gmail.com

ଧନ୍ୟଧନ୍ୟ ପଡ଼ିଲା । ମାଗୁଣି ଖାଁ ସଭାରେ ସମସ୍ତଂକ ପଛରେ ବସି ସବୁକଥା ଦେଖୁଥିଲା । ସକାଳର କଥା ମନେ ପକାଇ ତାର ସମୁଦାୟ ଅଂତରଟା ଜମିଦାରଂକ ବିରୁଦ୍ଧରେ ବିଦ୍ରୋହୀ ହୋଇ ଉଠିଲା । ସେ ବହୁ କଷ୍ଟରେ ଆତ୍ମସଂବରଣ କରି କାହାକୁ କିଛି ନ କହି ସେଠାରୁ ବାହାରିଗଲା ।

Digitized by srujanika@gmail.com

ରାଜା, ରାଣୀ ଓ କୁକୁର

ରାଜା, ରାଣୀ ଓ କୁକୁର ତିନ୍ହିଁକୁଇ ଦେଖିଲି ।

କଲିକତାର ଏକ ମଧ୍ୟବିତ୍ତ ଶ୍ରେଣୀର ଭଡ଼ାଘର ଛାତ ଉପରେ ଚୌକି ପକାଇ ରାଜା ରାଣୀ ବସି ଗପସପ ହେଉଥିଲେ । ଗଡ଼ଜାତରୁ ସଙ୍ଗରେ ଆସିଥିବା ଚାକର ନରହରି ଟିପଯ ଉପରେ ଚା' ପାଉଁରୁଟି ରଖିଦେଇ ଗୁଡ଼ାଖୁ ହୁକ୍କା ପାଇଁ ନିଆଁ ସଂଗ୍ରହ କରିବା ଲାଗି ରୋଷେଇଶାଳ ଆଡ଼କୁ ଯାଇଥିଲା । ରାଜାଂକ ଗୋଡ଼ତଳକୁ ଚାରି କାତ ମେଲାଇ ଦେଇ ଶୋଇ ଧୂଳିଧୂସର କୁକୁରଟା ଜିଭ କାଢ଼ି ନିଜ ପେଟ ପିଠି ଚାଟି ପକାଉଥିଲା ଏବଂ ବେଳେ ବେଳେ ଉଠିପଡ଼ି ରାଜା ଫିଂଗି ଦଉଥିବା ପାଉଁରୁଟି ଟୁକୁରା ସବୁ ତଳୁ ଠୁଂକି ଦେଇ ପୁଣି ଆସି ନିଜ ଜାଗାରେ ଶୋଇପଡୁଥିଲା ।

ସଂଜ ହୋଇ ଆସୁଛି । ଚାରିଆଡ଼ର ଆବ୍‌ହାଓ୍ୱା ବେଶ ଥଂଡା ଥିଲେ ମଧ୍ୟ ରାଜାଂକ କପାଳ ଏବଂ ଚଉଡ଼ା ଗାଲ ଝାଳେଇ ଉଠିଲାଣି । ଆଖିରେ ଅସଂଭବ ବିରକ୍ତି ଏବଂ ଅହେତୁକ ଅତୃପ୍ତିର ଛାଇ ।

ରାସ୍ତାର ବତିଖୁଂଟଟା ଦପ୍‌କିନା ଜଳି ଉଠିଲା । ଖଂଡେଦୂରରେ ଗୋଟାଏ ବଡ଼ ଲୁହା ଶାବଳ ଓ ହାତୁଡ଼ି ଧରି ରାସ୍ତା ମରାମତି କଲାବାଲା ଟ୍ରାମ୍ ଲାଇନ ପରୀକ୍ଷା କରି ଚାଲିଗଲା । ଶାବଳଟାକୁ ଲାଇନ ଭିତରେ ଭର୍ତିକରି ହାତୁଡ଼ି ପିଟି ଠଂ ଠଂ ଆବାଜ କରି ସେଇ କଳା କୁର୍ତା ପିଂଧା ମୂର୍ତିଟା କ୍ରମେ ଅଦୃଶ୍ୟ ହୋଇଗଲା ।

ରାଜା ଅନ୍ୟମନସ୍କ ଭାବରେ ସିଆଡ଼କୁ ଅନେଇ ରହିଲେ ।

ମଝିରେ ମଝିରେ ରାଜାଂକର ମନ ଖରାପ ହୁଏ । ଦୁନିଆ ଉପରେ, ସମସ୍ତଂକ ଉପରେ ଏବଂ ନିଜ ଉପରେ ସେ ଚିଡ଼ି ଉଠଂତି, ପୁଣି ଥଂଡା ହୋଇଯାଂତି, ଶୀତ ଅପରାହ୍ନରେ ଏଇ ସିମେଂଟ ଛାତ ପରି । ରାଣୀ ବେଶ ଗଂଭୀର, ଆତ୍ମ ସଚେତନ, ବାହାରୁ ଦେଖିଲେ କେଉଁଠି କିଛି ହୋଇଚି ବୋଲି ଜଣାଯାଏ ନାଇଁ; କିଂତୁ ଭିତରେ ଭିତରେ କେଉଁଠି ଯେମିତି ନିଆଁ କୁହୁଳୁଚି ଆଉ ସେ କୁହୁଳିଲା ନିଆଁର କାଳିଆ ଧୂଆଁକୁ ଚାପି ରଖିବା ପାଇଁ ଯେମିତି ସବୁବେଳେ ଗୋଟାଏ ଆପ୍ରାଣ ଚେଷ୍ଟା । ଚାକରଟା ଅନବରତ କାମ କରିଯାଏ, ବେଳେ ବେଳେ ବୋକାଂକ ପରି ହସେ, ସମୟେ ସମୟେ ନିଜକୁ ଅଧିକ ଚାଲାକ ବୋଲି ଜାହିର କରିବାକୁ ଯାଇ ଠୋକର ଖାଏ କିଂତ କାମ ଠିକ୍ କରିଯାଏ । ଆଉ କୁକୁରଟା ? ସେ ଲାଂଗୁଡ଼

Digitized by srujanika@gmail.com

ହଲେଇ କୁଁ କୁଁ କରେ, ଗୋଡ଼ ସଂଧିରେ ଜାକିଜୁକି ହୋଇ ସଟ୍‌କି ଯାଏ ପୁଣି ଅପରିଚିତ ଆଗଂତୁକର ବାସ୍ନା ପାଇ ଅସଂଭବ ଆସ୍ଫାଳନରେ ଚିତ୍କାର କରି ଉଠେ, ଯେପରି ନିଜର ବୀରତ୍ୱ କିଂବା ପ୍ରୟୋଜନୀୟତା ପ୍ରମାଣ କରିବା ପାଇଁ।

ଏଇ ଖାପଛଡ଼ା ସଂସାର ଭିତରେ ରାଜା ରାଜା, ଆଉ ରାଣୀ ରାଣୀ। କୁକୁରଟା ସବୁବେଳେ କୁକୁରଇ।

ଦିନେ ରାଜା ରାଣୀ ଟ୍ୟାକ୍‌ସି ଚଢ଼ି ବାଇସ୍କୋପ୍ ଦେଖି ଫେରୁଥିବା ବେଳେ ଏଇ କୁକୁରଟା ଟ୍ୟାକ୍‌ସି ତଳେ ଚାପା ପଡ଼ିଯାଇଥିଲା। ରାଣୀ ଚାକର ହାତରେ ତାକୁ ଉଠାଇ ଆଣି ନିଜ ବସାରେ ସ୍ଥାନ ଦେଇଥିଲେ। ସେଇଦିନୁ କଲିକତାର ଏକ ଅଜଣା ଅଶୁଣା ଗଳିର ଏକ ବୁଲା କୁକୁର ରାଜା ରାଣୀଙ୍କର ଏଇ ବିଚ୍ଛିନ୍ନ ଜଗତରେ ଜଣେ କେହି ହୋଇ ଉଠିଚି। ନିତାଂତ ଅବହେଳିତ ଆଉ ଅଦରକାରୀ ହଉ ପଛକେ ସେ ଯେ ଏ ସଂସାରରେ କେହି ଗୋଟାଏ ପ୍ରାଣୀ, ଏଥିରେ ଆଉ ସନ୍ଦେହ ନାଇଁ।

ରାଜା କହୁଥିଲେ କଲିକତାର ପାଣିପାଗ କଥା। ଭୀଷଣ ଅସ୍ୱାସ୍ଥ୍ୟକର ଏଠିକାର ପାଣିପବନ। ପବନରେ ଏଠି ଧୂଆଁ ଆଉ କୋଇଲାର ଗୁଂଡା, ସକାଳୁ ଉଠିଲେ ନାକ ପୁଡ଼ା ଭିତରୁ ଇଂଚିଏ ବହଳରେ ଜମାଟ କାଳିଆ ଧୂଆଁ ବାହାରେ। ଘର ଭିତରେ ଅସହ୍ୟ ଗରମ—ଶୀତ ଦିନରେ ପଂଖା ଚଳାଇ ବି ଆରାମ ନାଇଁ। ମାସରେ ଥରେ ଦି'ଥର ସର୍ଦି ଗରମି ତ ଲାଗି ରହିଚି। ଯାଠୁ ଭଲ ବରଂ ଦାର୍ଜିଲିଂ ଚାଲିଯିବା। କିଂତୁ ସେଠିକାର ଖର୍ଚ ଅସଂଭବ ରକମର ବେଶୀ। ସରକାର ଦେଉଥିବା ମାସିକ ଭତ୍ତାରେ ଏତେବଡ଼ ସଂସାର ଚଳିବା ଅସଂଭବ। ସେ ଚେଷ୍ଟା କରୁଚଂତି ଶସ୍ତାରେ ଗୋଟାଏ ଘର ଲଂବା ମିଆଦରେ ପଟା ନବା ପାଇଁ। କିଂତୁ ଏପର୍ଯ୍ୟଂତ କିଛି ଠିକ୍ ହୋଇ ପାରିଲା ନାଇଁ। ତାଂକର ସଂଦେହ ହୁଏ ଗଡ଼ର ଦୁସମନ ଲୋକେ ସେଠି ବି ଯାଇ ଘରବାଲା ସାଂଗରେ କିଛି ଗୋଟାଏ ଷଡ଼ଯଂତ୍ର ଚଳାଇଚଂତି। ରାଜାଂକର କୌଣସି ଖବର ସେମାନଙ୍କୁ ଅଛପା ରହୁନାଇଁ। କିଏ ଜାଣେ ହୁଏତ କଲିକତାର ଡାକଘର ସାଂଗରେ ସେମାନେ ସଲା କରି ରାଜାଂକର ସବୁ ଚିଠିପତ୍ର ବି ଖୋଲି ପଢ଼ି ପକାଉଚଂତି ଏବଂ ସବୁ କଥା ଆଗରୁ ଜାଣି ଯାଉଚଂତି। ରାଜା ଭୟଂକର ବିରକ୍ତ ହୋଇ ଉଠିଲେ। ତାଂକ କପାଳରୁ—ଗାଲର ଚମଡ଼ାରୁ ଗମ୍ ଗମ୍ ହୋଇ ଝାଳ ନିଗିଡ଼ି ପଡ଼ିଲା।

ଏଇ ସମୟରେ ଗୁଡ଼ାଖୁ ହୁକ୍କା ସଜାଡ଼ି ନରହରି ଆସି ପହଂଚିଲା। ରାଜାଂକ ଚିଂତାର ସ୍ରୋତ ଟିକିଏ ଫେରାଇବାକୁ ଫୁରୁସତ ପାଇଲା। ମନଟା ଟିକିଏ ହାଲକା ହେଲା। ସେ ଆଗ୍ରହରେ ଗୁଡ଼ାଖୁ ନଳ ମୁହଁରେ ଦେଇ ଗୁଡୁ ଗୁଡୁ କରି ହୁକ୍କା ଟାଣୁ ଟାଣୁ ରାସ୍ତାର ଦୃଶ୍ୟ ଉପଭୋଗ କରିବାକୁ ଲାଗିଲେ।

ଠାଏ ଠାଏ ରାସ୍ତା ମରାମତି ହଉଚି। ଗରମ ଆଲକାତରା ଗଂଧ ପବନରେ ଭାସି ଆସୁଚି। ଦୂରରେ ଟ୍ରାମ୍ ଶ୍ରମିକଂକର ବିରାଟ ପଟୁଆରର ହଟଗୋଳ ଶୁଣାଯାଉଚି। ଘର ସାମନା ଫୁଟ୍‌ପାଥରେ ଥିବା ପାନ ସରବତ ଦୋକାନରେ ବତି ଲାଗି ଗଲାଣି।

Digitized by srujanika@gmail.com

ଦଳେ କରପୋରେସନ କୁଲି କାମ ଫେରଂତି ଦଳ ବାଂଧି ସେଠି ଛିଡ଼ା ହୋଇ ପାନ ବିଡ଼ି ଖରିଦ କରୁଚଂତି। ରାଜା କିଛିକ୍ଷଣ ହୁକ୍କା ଟାଣୁ ଟାଣୁ ସେଇ ଲୋକ ଗହଳି ଆଡ଼କୁ ଚାହିଁଲେ। ତାପରେ ହଠାତ୍ ଚିତ୍କାର କରି ଡାକିଲେ ନରହରିକୁ।

—"ଯା, ଯା, ଦେଖ ସେଇ ବତି ଖୁଂବ ତଳେ ଛିଡ଼ାହୋଇ ସେ ଲୋକଟା କିଏ ସେ ଇଆଡ଼କୁ ବାରଂବାର ଚାହୁଁଚି।"

ନରହରି ଟିକିଏ ନିରେଖି କରି ଦେଖିଲା। ତାପରେ କହିଲା—"ଏଇ ଲୋକଟାକୁ ମୁଁ ସକାଳେ ବି ଦେଖିଥିଲି ମଣିମା। ସେଇଠି ଠିଆ ହୋଇଥିଲା।"

ରାଜା ଭୟରେ କଳା ପଡ଼ିଗଲେ। ତାଂକ କପାଳର ସରୁ ରେଖାସବୁ କୁଂଚିତ ହୋଇ ଆସିଲା। ସକାଳେ ଠିଆ ହୋଇଥିଲା। ତେବେ ନିଶ୍ଚୟ ସେ ସାରାଦିନ ଏଇଠି ଛିଡ଼ା ହୋଇଛି। କିଏ ଜାଣେ ହୁଏତ ସେ ପ୍ରଜାମଂଡଳର ଲୋକ ହୋଇପାରେ। ଆମ ଗତିବିଧି ଠଉରାଇବାକୁ ଆସିଚି। ନିଶ୍ଚୟ, ନିଶ୍ଚୟ ତାର କିଛି ମତଲବ ଅଛି।

—"ତୁ ତା ଉପରେ ନଜର ରଖ, ନରହରି। ମୁଁ ଯାଉଚି ତାକୁ ପୁଲିସରେ ଧରାଇ ଦେବି। ଦେଖ ଯେପରି ପଳାଇ ନ ଯାଏ। ଲୋକଟା ନିଶ୍ଚୟ ବଦମାସ। ଆମଘର ଉପରେ ଚଢ଼ାଉ କରିବ—ଚଢ଼ାଉ କରିବ।"

ତାଂକ ସ୍ୱର ଶେଷ ପର୍ଦାରେ ପହଂଚିଲା। ସେ ଚୌକି ଛାଡ଼ି ଉଠି ଠିଆ ହେଲେ। ଗୋଡ଼ତଳୁ କୁକୁରଟା ବି ଝାଡ଼ି ଝୁଡ଼ି ହୋଇ ଉଠି ଠିଆ ହୋଇ ତାଂକ ଚାରିପଟେ ବୁଲି ଶୁଂଘିବାକୁ ଲାଗିଲା।

ରାଣୀ ବ୍ୟସ୍ତ ହୋଇ ଉଠିଲେ। ଥୟ ଧରିବା ପାଇଁ ରାଜାଂକୁ ବୁଝାଇଲେ। କହିଲେ—"ରାସ୍ତାରେ କେତେଲୋକ ଯାଆଆସ କରୁଚଂତି, କିଏ ହୋଇଥିବ ରାଜା। ତୁମେ ତଳକୁ ଯାଅନା। ନରହରି ବରଂ ଯାଇ ତାର ଖବର ନେଇ ଆସୁ।"

ରାଜା ପୁଣି ଚଉକିରେ ବସିଲେ। ମୁହଁରୁ ରୁମାଲରେ ଝାଳ ପୋଛିବାକୁ ଲାଗିଲେ। ନରହରି ଯାଇ ଖବର ଆଣିଲା, ସେ ହଉଚି ଏଇ ପଡ଼ାର ଲୋକ। ତା ବାପର କାଠ ଗୋଲା ଅଛି। ତା ନାଁ ମାଖନ।

ନରହରି କହିଲା—"ମୁଁ ତା ଆଡ଼କୁ ଯାଉଥିବା ଦେଖି ସେ ଆଉ ଗୋଟାଏ ଲୋକ କାଂଧରେ ହାତ ପକାଇ ହଠାତ୍ ଗଳିମୁଂଡ ମଜଦୁର ସଂଘ ଅଫିସ୍ ଭିତରକୁ ପଶିଗଲା।"

ରାଜା କହିଲେ, "ନା, ନା, ଆଜିକାଲି କାହାରିକୁ ବିଶ୍ୱାସ ନାହିଁ। ତୁ ସେ ପାନ ଦୋକାନରୁ ଜମା କିଛି ଜିନିଷ କିଣିବୁ ନାହିଁ। ନା, ନା, ଖବରଦାର, ଏଠିକା ବଜାରରୁ କିଛି ବି ସଉଦା ତୁ କାଲିଠାରୁ ଆଣିବୁ ନାହିଁ। ଯାହା ଆମର ଦରକାର ସବୁ ଯାଇଁ ରୋଜ ନିଉ ମାର୍କେଟ୍‌ରୁ କିଣି ଆଣିବୁ। କିଏ ଜାଣେ ପ୍ରଜାମଂଡଳର ଲୋକେ ହୁଏତ ଏଠିକାର ସବୁ ଦୋକାନଦାରଂକୁ ହାତ କରି ସାରିବେଣି। ସେମାନେ ବରାବର ଆମ ପଛେ ପଛେ ଲାଗିଚଂତି। ଏମିତିକି ସଂବଲପୁର ରେସିଡେଂଟ ସାହେବଂକ ଦପ୍ତରର କେତେ କିରାଣିଂକୁ ବି ସେମାନେ ହାତ କରି ସାରିଲେଣି। ମୁଁ ଯାହା ଚିଠି ଲେଖୁଛି, ସବୁ ତାଂକୁ ଜଣା ପଡ଼ିଯାଉଚି। ଗଲା ମାସରେ ମୁଁ ରାଜ୍ୟକୁ

Digitized by srujanika@gmail.com

ଫେରିଯିବା ପାଇଁ ଅନୁମତି ଲୋଡ଼ି ସାହେବଙ୍କୁ ଚିଠି ଦେଇଥିଲି। ତୁ ନିଜେ ଯାଇ ବଡ଼ ଡାକଘରେ ରେଜିଷ୍ଟାରି କରି ଆସିଥିଲୁ। ସେ ରସିଦ ବି ମୋ ପାଖରେ ମଜୁତ ଅଛି। କିଂତୁ ସେକଥା ସବୁ ପ୍ରଜାମଂଡଳର ଲୋକେ କିମିତି ଜାଣି ପକାଇଲେ। ସାଂଗେ ସାଂଗେ ରାଜ୍ୟର ଚାରିଆଡ଼େ ସଭାସମିତି, ହରତାଳ, ପଟୁଆର କରି ସରକାରକୁ ତାର ଉପରେ ତାର ପଠାଇଲେ। ସବୁ ସତ୍ୟାନାଶ କରି ପକାଇଲେ। ଏମାନଙ୍କୁ ବିଶ୍ୱାସ ନାହିଁ–ବିଶ୍ୱାସ ନାହିଁ।'' ନରହରି ସହାନୁଭୂତି ମିଶା ସ୍ୱରରେ କହିଲା – ''ଶ୍ରୀଛାମୁଂକୁ ଭଗବାନ ସାହା – ହଜାରେ ଲୋକ ଛାମୁଂକ ପଛରେ ଲାଗିଲେ କଣ କରି ପକାଇବେ? ଛାମୁ ଯଦି ରାଜ୍ୟ ଭିତରକୁ ନ ଯାଇ ଦୂରରେ ରହିବେତ ଛାମୁଂକ ଶ୍ରୀଅଂଗରୁ ଧୂଳିଟାଏ ମଧ୍ୟ କେହି ଝଡ଼ାଇ ପାରିବ ନାହିଁ।''

ରାଜା ଅନ୍ୟମନସ୍କ ହୋଇ ପଡ଼ିଥିଲେ। ବାହାରେ ଗୋଟାଏ ରୁଗ୍‌ଣ ଘୋଡ଼ାକୁ ପିଟି ପିଟି କୋଚ୍‌ୱାନ୍ ତାର ଭଂଗା ଫିଟନ ଗାଡ଼ି ଛୁଟାଇ ଚାଲିଛି। ରାଜା ସେହି ଲୁହା ଚକର କର୍କଶ ଆୱାଜ କାନପାତି ଶୁଣୁଥିଲେ।

ରାଜାଂକୁ ଅନ୍ୟମନସ୍କ ଦେଖି ନରହରି କହିଲା – ''ମଣିମା, ମୁଁ ଆଜି ଆମ ଗଡ଼ର ପରି ସାହୁକୁ ଛାଡ଼ିବା ପାଇଁ ହାବୁଡ଼ା ଯାଇଥିଲି। ସେଠି ଧାମ ରାଜ୍ୟର କେତେକ ଲୋକଙ୍କ ସଂଗେ ଦେଖାହେଲା। ସେମାନେ ସମସ୍ତେ କାଠଚୋରୀ ମୋକଦ୍ଦମାରେ ସଜା ପାଇଚଂତି – କଣ ଅପିଲ ଦରଖାସ୍ତ କରିବା ପାଇଁ ସଂବଲପୁର ଯାଉଥିଲେ। ସେମାନେ କହୁଥିଲେ, ରାଜ୍ୟର ସବୁ ଲୋକ ଛାମୁଂକୁ ଝୁରୁଚଂତି। ଖାଲି ପ୍ରଜାମଂଡଳ କାଳେ ବାସଂଦ କରିବ, ଏଇଡରରେ କିଛି କରି ପାରୁନାହାଂତି। ସେମାନେ ସମସ୍ତେ ଛାମୁଂକୁ ରାଜ୍ୟକୁ ଫେରାଇ ନେବା ପାଇଁ ସରକାର ବାହାଦୂରଂକଠାକୁ ବେନାମୀ ଦରଖାସ୍ତ ପଠାଇଚଂତି।''

ରାଜା ଖୁସି ହୋଇ କହିଲେ––''ଝୁରିବେ ନାହିଁ! ମୋ ପ୍ରଜା ମୋତେ ଝୁରିବେ ନାହିଁ ? ମୁଁ ରାଜା––ମୁଁ ରାଜା, ବଂଚିଚି, ମୋ ପ୍ରଜାଏ ମୋତେ ଖୋଜିବେ ନାହିଁ ତ କାହାକୁ ଖୋଜିବେ ? ମୋ ରାଜ୍ୟର ପ୍ରଜାଏ ସବୁଦିନେ ଇମିତି ନ ଥିଲେ। ବାହାରର ଦି ଚାରି ଜଣ ମେଳିଆ ବଦମାସ ଲୋକ ସେମାନଂକୁ ଶିଖାଇ ମତାଇ ଇମିତି ବିଗାଡ଼ି ଦେଲେ। ରାଜା ପ୍ରଜା ଭିତରେ ସାତ ପୁରୁଷରୁ ଚଳି ଆସୁଥିବା ବାପ ପୁଅ ସଂପର୍କ ସବୁ ଜାଳିପୋଡ଼ି ପାଉଁଶ କରିଦେଲେ, ପାଉଁଶ କରିଦେଲେ।''

ନରହରି କହିଲା––''ସେମାନେ କହୁଥିଲେ ଆଗେ କେହି କିଛି ଚୋରିଚମାରି କଲେ ରାଜ ଦରବାର ସବୁ କଥାକୁ ସଂଭାଳି ନଉଥିଲେ। କାହାକୁ ପିଠିରେ ଦି ବେତ ବସାଇ କିଂବା କାହାଠୁ ଦି'ଚାରି ଟଂକା ଜୋରିମାନା ଆଦାୟ କରି ମାମଲା ଫଇସଲା କରି ଦେଉଥିଲେ। କିଂତୁ ଆଜିକାଲି ଟିକିକ କଥାରେ ଚାଲାଣ, ମକଦ୍ଦମା, ଜିହଲ ଫାଟକ୍, ଏଇ ନୂଆ ମ୍ୟାନେଜରର ଅମଳରେ କିଏ କାହାକୁ ଟଂକାଏ ମଷାଏ ଲାଂଚ ରିଷପତ ଦେଲେ ସଂଗେ ସଂଗେ ହାତକଡ଼ି ପଡ଼ି ଯାଉଛି। ରାଜ୍ୟର ସବୁ ମାମଲତକାର, ସରବରାକାର, ମକଦ୍ଦମା, ଗଉଟରେ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି।''

Digitized by srujanika@gmail.com

ରାଜା କହିଲେ—"ବାହାର ମୋଗଲବଂଦୀର ଲୋକ ସବୁ ଆସି ମୋ ରାଜ୍ୟଟାକୁ ନାରଖାର କରି ପକାଇଲେ। ଆଗେ ଆମ ପ୍ରଜାଏ ବେଠିବେଗାରୀରେ ଉଁ ଚୁ ପାଟି ଫିଟାଉ ନ ଥିଲେ। ରଜାଘର କାମ ବୋଲି କେହି ଡାକୁ ନ ଡାକୁ ନିଜେ ଆସି ସବୁ କାମ ହସଖୁସିରେ ତୁଲେଇ ଦେଇ ଯାଉଥିଲେ। ଦରବାରକୁ ଆଗେ ଖଜଣା, ଟିକସ ଦେଲେ ତେବେ ଯାଇ ବଳକା ଟଂକା ଅଂଟାରେ ଖୋସୁଥିଲେ। କିଂତୁ କେଇଟା ପରବୋଲା ମେଳିଆ ସେମାନଂକ ମୁଂଡ ଖରାପ କରିଦେଲେ। ରାଜ୍ୟଟା ନାରଖାର ହୋଇଗଲା।"

ଏଇ ସମୟରେ କୁକୁରଟା ଭୁ ଭୁ କିନା ଭୁକି ଉଠିଲା।

ରାଣୀ କହିଲେ—"କିଏ ଆସୁଚି।" ଆସିଲା ଟେଲିଗ୍ରାମ ପିଅନ। ରାଜାଂକୁ ସଲାମ କରି ଖଂଡେ ଟେଲିଗ୍ରାମ ବଢ଼ାଇ ଦେଲା। ଟା ବହିରେ ସହିକରି ଦେଇ ତାରଟାକୁ ନେଇ ଖୋଲି ପଢ଼ିବାକୁ ଲାଗିଲେ। ପଢୁ ପଢୁ ତାଂକ ମୁହଁ ହସରେ ଉଛୁଳି ଉଠିଲା। ସେ ପିଅନକୁ ବକ୍‌ସିସ୍ ଦେଇ ବିଦା କରିଦେବା ପାଇଁ ନରହରିକୁ ଠାରି ଦେଇ ପୁଣି ଥରେ ତାରଟାକୁ ପଢ଼ିବାକୁ ଲାଗିଲେ।

ତାପରେ ରାଣୀଙ୍କ ଉଦ୍‌ବିଗ୍ନ ଆଖିର ଉତ୍ତର ଦେଇ କହିଲେ—"କଟକରୁ ପେଷ୍କାର ତାର କରିଚଂତି। ମତେ ରାଜ୍ୟକୁ ଫେରାଇ ନବା ପାଇଁ ସେ ଶହେ ଜଣ ସରବରାକାର, ପ୍ରେସିଡେଂଟ ଏବଂ ବେବର୍ତାଂକ ଦସ୍ତଖତରେ ଏକ ଦରଖାସ୍ତ ସରକାର ବାହାଦୂରଂକଠାରେ ପେଶ କରିଚଂତି। ଦେଖାଯାଉ କଣ ହଉଚି, ସବୁ ଭଗବାନଂକର ଇଚ୍ଛା।"

ରାଣୀ ପଚାରିଲେ—"ଏଥିରେ କଣ କିଛି ଫଳ ହେବ ?"

ରାଜା କହିଲେ "ନିଶ୍ଚୟ ହବ, ନିଶ୍ଚୟ ହବ। ଲୋକେ ଯଦି ମତେ ଚାହିବେ କାହାର ସାଧ ଅଛି ମୋତେ ସେମାନଂକଠୁ ଦୂରରେ ରଖିବ ?"

ନରହରି କହିଲା—"ଶ୍ରୀଛାମୁ ଯାହା କହଂତୁ ପଛକେ, ଆଉ ସେ ରାଜ୍ୟକୁ ଛାମୁ ଫେରିଯିବା ଠିକ୍ ନୁହେଁ। ପ୍ରାଣ ଥିଲେ କେତେ ରାଜ୍ୟ ମିଳିବ। ଛାମୁ ବିଦେଶରେ ଅଛଂତି। କେହି ପଦେ ପାଟି ଫିଟାଇବାକୁ ନାଇଁ। ରାଜ୍ୟକୁ ଫେରିଲେ ପୁଣି ନାନା ଗଂଡଗୋଳ ହବ। ମେଳି, ଖଜଣା ବଂଦ, ସତ୍ୟାଗ୍ରହ, ପଲଟଣ, ଗୁଳି ବାରୁଦରେ ପୁଣି ରାଜ୍ୟସାରା ଦୁଲୁକି ଉଠିବ। ଗଲାଥରତ ଶ୍ରୀଛାମୁ ନିଜେ ଦେଖିଚଂତି କିମିତି ଗଡ଼ରେ ଜନସମୁଦ୍ର ନହଡା ମାଇଲା। ମଣିଷ ଉପରେ ମଣିଷ, ଅସୁମାରି ମଣିଷରେ କିମିତି ଗଡ଼ସାରା ସାତଦିନ ସାତ ରାତି ଖାଲି ଉଠିଲା ପଡ଼ିଲା। ଲକ୍ଷ ଲକ୍ଷ ଲୋକ ମେଳି କରି ଉଆସ ଘେରିଗଲେ। ଖାଲି ଜଗନ୍ନାଥ ସାହା ବୋଲି ଛାମୁଂକ ଶ୍ରୀଅଂଗରେ ଆଂଚ ଲାଗିଲା ନାଇଁ। ମୁଁ ଦେଖିଚି ମଣିମା ଲକ୍ଷେ ମଣିଷର ଆଖି—ଦୁହୁଡି ପରି ଜଳୁଥାଏ। ଖାଲି ଗଡ଼ରେ ନୁହେଁ, ଯେଉଁମାନେ ସ୍ତ୍ରୀ ବାଳକ ଘେନି ହିଚ୍ଚିରାତ କରି ମୋଗଲବଂଦୀ ଇଲାକାକୁ ପଳାଇଗଲେ, ସେମାନଂକର ଭୋକିଲା ଭୋକିଲା ବାଘୁଆ ଆଖି ବି ଆଜି ମୋ ମନରୁ ଯାଉନାଇଁ। ମୁଁ ଛାମୁଂକୁ ପ୍ରାର୍ଥନା କରି କହୁଚି ଛାମୁ ଆଉ ରାଜ୍ୟକୁ ଫେରଂତୁ ନାଇଁ।"

Digitized by srujanika@gmail.com

ରାଜା ଯୋରରେ ହସି ଉଠି ପାଗଳଂକ ପରି କହିବାକୁ ଲାଗିଲେ-"ମୁଁ ବି ଦେଖିଚି, ମୁଁ ବି ଦେଖିଚି। ନଅର ଉପରେ ଛିଡ଼ା ହୋଇ ଦୂରବିକ୍ଷଣ ନଳୀରେ ମୁଁ ବି ଦେଖିଚି— ଲକ୍ଷ ଲକ୍ଷ ମେଲିଆ ପ୍ରଜାଂକ ଆଖି। ମୋ ଦେହରେ ନାଛି ହୋଇଗଲା— ନାଛି ହୋଇଗଲା— ଦିହ ଶୀତେଇ ଉଠିଲା।"

ରାଣୀ କହିଲେ—"ଇଂରାଜୀ ସରକାର ତ ରହିଚି, ଆମର ଡର କଣ ? ସରକାର ଘର କଣ ଫୌଜପଲଟଣ ଦବ ନାହିଁ ?"

ନରହରି କହିଲା—"ନାହିଁ ମଣିମା, ଆଜିକାଲି ଖୋଦ ସରକାର ଆସନ ଟଳମଳ ହେଲାଣି। ପ୍ରଜା ମେଳିକି କିଏ ବାଡ଼ ଦେବ ? ସମୁଦ୍ର ଜଳ ପ୍ରଜାଂକଗୋଳ, ଯାକୁ କେହି ଅଟକାଇ ପାରିବେ ନାହିଁ।"

ରାଜା କହିଲେ—"ଆମେ ନ ଗଲେ ପେସ୍କାରେ, ଦଫାଦାରେ, କାନଗୋଇ, ଦାରୋଗା ଏମାନେ ବିଚାରା ଆମ ପାଇଁ ଘରଦ୍ୱାର ପିଲାପରିବାର ଛାଡ଼ି କଟକରେ ପଡ଼ିଚଂତି। ଏମାନଂକ ଦଶା କଣ ହେବ ?"

ରାଣୀ କହିଲେ—"ଆହା, ଠିକ୍, ଠିକ୍, ଏମାନେ ବିଚାରା କରିବେ କଣ ?"

ଚାକର କହିଲା—"ସତ ମଣିମା, ଏମାନଂକ ପ୍ରାଣ ରହି ନ ଥାଂତା। ହଜାର ହଜାର ଲୋକ ଏମାନଂକ ଘର ଉପରେ ଚଢ଼ାଉ କରି ରାଜାଂକ ପାଖଲୋକ ବୋଲି ଏମାନଂକୁ ମାଟିରେ ପେଷିଦବାକୁ ବସିଥିଲେ। ଖଂଡ଼ା ଖଂଡା ଶହ ଶହ କୁଆନ—ଖାଲି ପ୍ରଜାମଂଡ଼ଳର ସଭାପତି ରୋକି ଦେଇ ନ ଥିଲେ—"

ଏଇ ସମୟରେ କୁକୁରଟା ପୁଣି ଭୁକି ଉଠି ଠିଆ ହେଲା। ରାଜା ବିରକ୍ତ ହୋଇ ତା ପିଠିରେ ଗୋଟାଏ ଗୋଇଠା ବସାଇଲେ। ସେ ମାଡ଼ ଖାଇ କେଁକିନା ଚିତ୍କାର କରି ସିଡ଼ିଆଡକୁ ଦୌଡ଼ି ପଳାଇ ଗଲା, ପୁଣି କିଛି କ୍ଷଣ ପରେ ଫେରିଆସି ରାଜାଂକ ଚୌକି ତଳେ ମୁହଁ ମାଡ଼ି ଶୋଇଲା।

ରାଣୀ କହିଲେ—"ଆହା–ହା, ଯାକୁ ମାର ନାହିଁ ରାଜା। ଏଇ କୁକୁରଟି ଅଛି ବୋଲି ବିଦେଶରେ ଏତେ ଜିନିଷପାତି ନେଇ ରହି ବି ଆମର ଚୋରର ଦକା ନାହିଁ। କାଲି ରାତିରେ ସେ ଫଳବାଲାଟା ଟିକିଏ ଘର ଭିତରକୁ ପଶି ଆସିଥିଲା। ଧାଇ ଚାକରାଣୀ ଦିହେଁ ଛାତ ଉପରେ ଜେମାକୁ ପବନ ଖୁଆଉଥିଲେ। ମୁଁ ଏକୁଟିଆ ବୈଠକଖାନାରେ ବସି ଖବରକାଗଜ ଲେଉଟାଉ ଥିଲି। ଦେଖିଲି ତାକୁ ଭୁକି ଭୁକି ନେଇ ଫାଟକ ସେପାଖେ ଛାଡ଼ିଦେଇ ଆସିଲା।"

ରାଜା ଅନ୍ୟମନସ୍କ ଭାବରେ କହିଲେ—"ପାରିସରୁ ପଚିଶ ହଜାର ଟଂକା ଦେଇ ଆମେ ଯେଉଁ ଗ୍ରେହାଉଂଡ଼ ଯାଆଁଳା ଆଣିଥିଲେ ତା ସାଂଗରେ ଯାକୁ ତୁଳନା କଲେ ଯା ଉପରେ ଛେପ ପକାଇବାକୁ ବି ଇଚ୍ଛା ହବ ନାହିଁ। ଆସିଲା ବେଳେ ମତେ ଯଦି ଆଉ ଘଂଟାଏ ସମୟ ମିଳିଥାଂତା ମୁଁ ଯେକୌଣସି ମତେ ସେ କୁକୁର ଦିଟାକୁ ନେଇ ଆସିଥାଂତି। ଚବିଶ ଘଂଟା ଭିତରେ ଗଡ଼ ଛାଡ଼ିବାକୁ ପଡ଼ି ନ ଥିଲେ ଅନେକ କିଛି ଭଲ ଭଲ ଜିନିଷପତ୍ର ଆମେ ସାଂଗରେ ନେଇ ଆସି ପାରିଥାଂତେ।

Digitized by srujanika@gmail.com

ଏଠିକି ଆସି ବି ମୁଁ ଖବର ପଠାଇଥିଲି। କିନ୍ତୁ ଯାହାକୁ ପଠାଇଥିଲି ସେ ଫେରି ଆସି କହିଲା କୋର୍ଟ୍ ଅଫ ୱାର୍ଡସର ନୂଆ ମ୍ୟାନେଜର ବଂଗଳାରେ ସେ କୁକୁର ଦିଟା ବଂଧା ହୋଇଚଂତି।''

ରାଣୀ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ—''ଛାଡ଼ ସେ ସବୁକଥା। ଅତୀତକୁ ଝୁରି ଲାଭ ନାହିଁ। ଯାହା ଭଗବାନଂକ ବରାଦ ଥିବ ହବ। ଏଇ କୁକୁରଟି ଅଛି ବୋଲି ଆମର କେତେ କାମରେ ଆସୁଚି।

ତାଂକର କଂଠସ୍ୱର ଭାରୀ ଓ କରୁଣ। ରାଜା ବୁଝିପାରିଲେ। କଥାର ମୋଡ଼ ଅନ୍ୟ ଦିଗକୁ ଫେରାଇବା ପାଇଁ ସେ ଗୋଟିଏ ଗପ ଆରଂଭ କଲେ—

''ଶୁଣୁଚ ରାଣୀ, ଆମ ଦଦେଇଂକର ଗୋଟିଏ ଡ଼ାହାଳ କୁକୁର ଥିଲା। ନାଁ ଟିପୁ। ଯେଉଁଦିନ ଦଦେଇ ସାଆଂତଂକର କାଳ ହୋଇଗଲା, ଟିପୁ ତାଂକ ପଛେ ପଛେ ଶ୍ମଶାନକୁ ଗଲା। ଚଂଦନ କାଠ ଉପରେ ଯେତେବେଳେ ଦଦେଇଂକ ଶବକୁ ନେଇ ରଖିଲେ ଟିପୁ କାହାକୁ କିଛି ନ କହି ସେଆଡ଼କୁ ଅନାଇ ଛିଡ଼ା ହୋଇ ରହିଲା। ଶବ ଦାହ ହୋଇଯିବା ପରେ ଟିପୁ ଉପରକୁ ଅନାଇଁ ତିନିଟା ଗଡ଼ି ଦେଲା, ତା ପରେ ଆଗ ଗୋଡ ନଖରେ ମଶାଣି ଭୂଇଁ ଆଂଚୁଡ଼ି ଆଂଚୁଡ଼ି ସେଇଠି ସିମିତି ପଡ଼ି ରହିଲା— ଆଉ ଫେରିଲା ନାହିଁ।''

ତା ପରେ ନରହରିକୁ ଅନାଇଁ କହିଲେ—''ତୋ ବାପା ସବୁ ଜାଣେ। ସେ ସେତେବେଳେ ଉଆସରେ କାମ କରୁଥାଏ।''

ନରହରି କହିଲା—''ହଁ ମଣିମା, ମୋ ବାପା ଅନେକ ଲୋକଂକୁ ଏଇ କଥା କହିଚି ବୋଲି ମୁଁ ପିଲାଦିନେ ଲୋକଂକ ମୁହଁରୁ ଶୁଣିଚି। ବାପକୁ ତ ମୋର ଭଲ ମନେ ନାହିଁ! ସେ ମଲାବେଳକୁ ମୁଁ ଚାରିବର୍ଷର ପିଲା। ମୋର ଖାଲି ମନେଅଛି ସେ ଦିନ ଝିପି ଝିପି ମେଘ ପକାଉଥାଏ। ବାପାକୁ ଗୋଟାଏ ମସିଣାରେ ବଂଧାବଂଧି କରି ଆଣି ଅଗଣାରେ କୋକେଇରେ ଲଦିଲେ। ଦିଟା ବେଂଗ ଫୁକ ଫୁକ ହୋଇ କୋକେଇ ପାଖରେ ସଂତସଂତିଆ ଭୂଇଁରେ ଡିଆଁ ମାରୁଥାଂତି, ମତେ ଜଣେ ସାହି ପିଲା କହୁଣୀରେ ଠେଲିଦେଇ କହିଲା—ତୋ ବାପା—''

ଏତିକିବେଳେ ରାସ୍ତାରେ ଗୋଳମାଳ ହେଲା। ଦି'ଜଣ ରିକ୍ସାବାଲାଂକ ଭିତରେ ଆରୋହୀ ନେଇ ଝଗଡ଼ା। ନରହରି ଚାଲିଗଲା।

ରାଜା କହିଲେ—''ମୋର କାଇଁକି ରାଣୀ ଏ ଲୋକଟାକୁ ଭୀଷଣ ସଂଦେହ ହୁଏ। ଅନ୍ୟ ମନରେ ଯେଉଁ ଜାଗାରେ ଆଘାତ ଲାଗିଚି ଠିକ୍ ସେଇଠାରୁ ସେ ଅଦ୍ଭୁତ ଭାବରେ ଏକ ଝଂକାର ବାହାର କରିପାରେ। ମଣିଷ ମନର ଭିନ୍ନ ଭିନ୍ନ ସ୍ୱରକୁ ନେଇ ସେ ଅତି ଆଶ୍ଚର୍ଯ୍ୟ ଭାବରେ ଖେଳିପାରେ, ପୁଣି ବେଳେ ବେଳେ ଦେଖିଚି ମୁଁ ଯେତେବେଳେ ନିହାତି ଅନ୍ୟମନସ୍କ ଥାଏ; ସେ ଏକାରାହାରେ ମୋ ଆଡ଼କୁ ଅନାଇ ରହି ମନେ ମନେ କଣ ଭାବୁଥାଏ। ମୋ ମନ ଭିତରର ସବୁ କଥା ଗୁଡ଼ାକ ଖୋଳେଇ ବାହାର କରିବାପାଇଁ ଯେମିତି ତାର ଚେଷ୍ଟା। ସେ ଯଦି ସତରେ ବୋକା ହୋଇଥାଂତା, ତେବେ ଏମିତି ଭାବରେ ବ୍ୟବହାର କରଂତା କାଇଁକି ?''

Digitized by srujanika@gmail.com

ରାଣୀ କହିଲେ—"ତମର ସମସ୍ତଙ୍କ ଉପରେ ସଂଦେହ। ନିଜ ଛାଇକୁ ମଧ୍ୟ ତୁମେ ବିଶ୍ୱାସ କରିପାରିବ ନାହିଁ। ବର୍ତ୍ତମାନ କଲିକତା ଜାଗାରେ ତମେ ସଚ୍ଚା ଚାକର ପାଇବ କେଉଁଠୁ ? ଏଠିକାର ଲୋକ ସବୁ ଯେମିତି ଚୋର....."

ଚାରିଆଡ଼େ ନୀରବତା। ଉପରେ ନାକ କାନ କଟା ସୂର୍ପଣଖା ମେଘ ସବୁ ଘଣ୍ଟେଇଁ ମାରୁଚଂତି। ରାଜା ରାଣୀ କିଛି କ୍ଷଣ ପର୍ଯ୍ୟଂତ ସେଆଡ଼କୁ ଚାହିଁରହିଲେ।

• • • •

କିଛି ଦିନ ପରେ—

ରାଜାଂକର ରାଜ୍ୟକୁ ଫେରିବା ପାଇଁ ହୁକୁମ ଆସିଚି। ଗଡ଼ରୁ ପେସ୍କାରେ, କାନଗୋଇଏ, ଦାରୋଗା, ଦଫାଦାରେ ସମସ୍ତେ ରାଜାଂକୁ ପାଛୋଟି ନେବାପାଇଁ କଲିକତା ଆସିଚଂତି।

ନିଜେ ରେସିଡେଂଟ ସାହେବ ରାଜାଂକୁ ଅଭ୍ୟର୍ଥନା କରିବାପାଇଁ ଗଡ଼ରେ ଅପେକ୍ଷାକରି ରହିଚଂତି।

ଛୋଟ ଭଡ଼ାଘରଟି ଲୋକ ଗହଳିରେ ପୂରି ଉଠିଚି। ଗଡ଼ରୁ ଦାସୀ, ପରିବାରୀ, ଚାକର ଭଂଡାରି ଆସିଚଂତି ବହୁତ ରାଜା ରାଣୀଙ୍କ ବାହୁଡ଼ା ବିଜେ ବେଳେ ଗହଣରେ ଯିବାପାଇଁ।

ଜିନିଷପତ୍ର ବଂଧା ସରିଲାଣି।

ରାଜା ରାଣୀ, ଲୋକବାକ ଦାସୀ ପରିଜନଂକୁ ଷ୍ଟେସନକୁ ପଠାଇଦେଇ ନିଜେ ବାହାରିଗଲେ, ଏଠାରେ ବଂଧୁ ବାଂଧବ ସାହେବସୁବା ରାଜାରାଜୁଡ଼ାଂକର ସଂଗେ ଭେଟ କରି ଶୁଭ ଖବର ଦେଇ ତା ପରେ ସିଧାସଳଖ ସିଆଡୁ ସିଆଡୁ ଷ୍ଟେସନକୁ ବାହାରି ଯିବାପାଇଁ। ଗଲାବେଳେ ନରହରିକୁ କହିଗଲେ ଅନ୍ୟାନ୍ୟ ଜିନିଷପତ୍ରସବୁ ବୋଝେଇ ଗାଡ଼ିରେ ଲଦି ଷ୍ଟେସନରେ ପହଂଚାଇ ଦେବାକୁ।

ରାଜା ରାଣୀ ଟ୍ୟାକ୍ସିରେ ଉଠିବା ଆଗରୁ ନରହରି ଯାଇ ହାତଯୋଡ଼ି ଠିଆହେଲା। କହିଲା—"ହଜୁର, ମୋତେ ଛୁଟି ମଂଜୁର ହଉ। ମୁଁ ଆଉ ଗଡ଼କୁ ଯିବିନାହିଁ। ଏଇଠି କଲିକତାରେ ଚଟକଳରେ କାମ ଠିକ୍ କରିନେଇଚି, କାମ କରିବି।"

ରାଜା ରାଣୀ ଆଶ୍ଚର୍ଯ୍ୟ ହେଲେ। କ'ଣ ଏତେ ଦିନ ପରେ ଗାଆଁକୁ ଫେରିଯିବାକୁ ମନ ହଉନାହିଁ ?

"ନାହିଁ ମଣିମା", ନରହରି କହିଲା, "ହଜୁରଂକ ଗହଣରେ ତ ବହୁତ ଲୋକବାକ ଯାଉଚଂତି। ଶ୍ରୀହଜୁରଂକୁ କ'ଣ ଗଡ଼ରେ ଚାକର ଅପୂର୍ବ ହୋଇଚଂତି ? ମୁଁ ଷ୍ଟେସନରେ ଜିନିଷପତ୍ର ପହଂଚାଇ ଦେଇ ଫେରିଆସିବି। ମୁଁ ଆଉ ସେଇ ଜଙ୍ଗଲ ନିଆଁ ଭିତରକୁ ଫେରିବି ନାହିଁ। ଜଂଗଲ ନିଆଁ—ଏଇନା ନିଭିଚି ଏଇନା ଜଳିଉଠିବ, ପାହାଡ଼ ପାହାଡ଼ ବ୍ୟାପି ଯିବ, ତାର କଣ କିଛି ଠିକଣା ଅଛି ମଣିମା ?"

Digitized by srujanika@gmail.com

ନରହରିର ଭୀରୁତାରେ ରାଜା ଓ ରାଣୀ ଉଭୟେ ହସିଲେ। ତାଂକର ଘରଫେରାଣି ଖୁସିବାସିରେ ନରହରିର କାତର କାପୁରୁଷତା ଚମତ୍କାର ରସଦ ଯୋଗାଇଲା।

ରାଜା କହିଲେ—"ଆମେ ସମସ୍ତେ ଯାଉଚୁ, ତୋର ଖାଲି ଜୀବନକୁ ଏତେ ମାୟାମମତା କିଆଁ ?"

ନରହରି ଜବାବ ଦେଲା—"ଛାମୁ ବଡ଼ଲୋକ। ଶ୍ରୀହଜୁରଂକ ଗହଣରେ ସିପାହୀ ବରକଂଦାଜ ଯିବେ। ଛାମୁ ଗାଡ଼ି ଘୋଡ଼ାରେ ଚଢ଼ି ବୁଲିବେ। ମୁଁ ଗରିବ ବାପୁଡ଼ା, ହାଟ ବଜାର ବିଲବାଡ଼ି ଧଂଦାରେ ବଣଜଂଗଲ ପାହାଡ଼ ପର୍ବତ ବୁଲିବି। ପ୍ରଜାମଂଡଳ ଲୋକେ ଏଥର ମୋତେ ଛାଡ଼ିବେ ନାଇଁ। ଛାମୁଂକ ପାଖଲୋକ ବୋଲି ନିଶ୍ଚୟ ପ୍ରାଣ ନିକାଲି ଦେବେ।"

ରାଜା ରାଣୀ ପୁଣି ହସିଲେ।

ନରହରି ଜିନିଷପତ୍ର ବୋଝେଇ କରି, ଭଡ଼ାବାଲାକୁ ଭଡ଼ା ଓ ଚାବି ବୁଝାଇଦେଇ ଷ୍ଟେସନକୁ ଚାଲିଲା। ସେଇ କୁକୁରଟା ଯାହାକୁ ଏ ବାବୁଡ଼ା ବିଜେର ହଟଗୋଳ ଆଉ ବାଇଦ ବଡ଼କାଠ କାହେଳୀ ବାଜଣା ଭିତରେ କାହାରି ହେଲେ ମନେନାଇଁ।

କିଛି ଦୂର ଯିବା ପରେ ସେଇ ପଡ଼ାର ମଜଦୁର ସଂଘ କର୍ମୀ ମାଖନ ପଛରୁ ଦୌଡ଼ି ଦୌଡ଼ି ଧଇଁସଇଁ ହୋଇ ଆସି ପହଂଚିଲା। ନରହରି ହାତକୁ ଏକ ଲଫାପା ଚିଠି ବଢ଼ାଇଦେଲା।

ନରହରିର ସବୁ ଗୋପନ ଚିଠିପତ୍ର ଏଇ ମାଖନର ନାଁ ଓ ଠିକଣାରେ ଆସେ।

ନରହରି ଉପର ଲଫାପାଟି ଖୋଲି ଦେଖିଲା ଆଉ ଏକ ଲଫାପା ଭିତରେ ବଂଦ ହୋଇ ରହିଚି ଚିଠି। ସେ ସଂତର୍ପଣରେ ଚିଠିଟି ଖୋଲି ପଢ଼ିଲା। ପ୍ରଜାମଂଡଳର ମଂତ୍ରୀ ଲେଖିଚଂତି—

"ତମ ଚିଠି ପାଇ ସମସ୍ତ ଅବଗତ ହେଲୁ। ରାଜା ଫେରି ଆସୁଚଂତି ଶୁଣି ପ୍ରଜାମାନଂକ ମନରେ ବିଦ୍ରୋହର ନିଆଁ କୁହୁଳୁଚି। କେଉଁଦିନ ଏବଂ ଠିକ୍ କେଉଁ ଗାଡ଼ିରେ ସେମାନେ ଆସୁଚଂତି ଶୀଘ୍ର ତାର କର। ଷ୍ଟେସନରେ କଳାପତାକା ଦେଖାଇବାର ଏବଂ ପଟୁଆର ବାହାର କରିବାର ଯୋଗାଡ଼ କରାଯିବ। ଜନମତ ରାଜାଂକର ଫେରି ଆସିବାର ଘୋର ବିରୋଧୀ। ତମେ ଯେପରି କୃତିତ୍ୱର ସହିତ ଦୀର୍ଘ ଚାରିବର୍ଷ ଧରି ନାନା ଦୁଃଖ କଷ୍ଟ ନିର୍ଯାତନା ଭିତରେ ପ୍ରଜାମଂଡଳର ନିର୍ଦ୍ଦେଶ ଏବଂ ନିଜର କର୍ତ୍ତବ୍ୟ ପାଳନ କରି ଆସିଚ, ତାହା ପ୍ରତ୍ୟେକ ସାଥୀ ଏବଂ ଦେଶଭକ୍ତର ଆଦର୍ଶସ୍ଥାନୀୟ। ତମେ ଲେଖିଚ, ତମେ ପ୍ରଜାମଂଡଳର ଲୋକ ବୋଲି କେବଳ ପ୍ରଜାମଂଡଳର ଦୁଇ ଚାରି ଜଣ ତୁଂଗ ନେତାଇଁ ଜାଣଂତି— ସାରା ଦୁନିଆଁ ଜାଣେ ତୁମକୁ ରାଜାଂକର ବିଶ୍ୱସ୍ତ ଭୃତ୍ୟବୋଲି। ତେଣୁ ଘରକୁ ଫେରିଯିବା ତମ ପକ୍ଷେ ନିରାପଦ ନୁହେଁ। ମୋ ମତରେ ତମେ ବର୍ତ୍ତମାନ ଗଡ଼କୁ ନ ଆସିବାଇଁ ଭଲ। କଲିକତାରେ ରହି ଆମର ଯେଉଁ ରାଜ୍ୟ ଲୋକେ ସେଠି କାମ କରୁଚଂତି, ସେମାନଂକ ମନରେ ସାହସ ଓ ଦଂଭ ଆଣ। ପ୍ରଜାଶକ୍ତିର ଜୟ ନିଶ୍ଚିତ।

Digitized by srujanika@gmail.com

ତମେ ଲେଖିଚ, ଦୀର୍ଘ ଚାରି ବର୍ଷ ଧରି ରାଜା ରାଣୀଙ୍କର ନିକଟ ସଂସ୍ପର୍ଶରେ ଆସି ସେମାନଂଙ୍କ ଜୀବନର ବହୁ ଜୁଆର ଭଟ୍ଟା, ଉଠାଣି ଗଡ଼ାଣିରେ ଭାଗିଦାର ହୋଇ ବ୍ୟକ୍ତିଗତ ଭାବରେ ସେମାନଂଙ୍କ ପ୍ରତି ତମର ଶ୍ରଦ୍ଧା ମମତା ବଢ଼ିଯାଇଚି। ବ୍ୟକ୍ତିଗତ ଭାବରେ ମଣିଷ ମଣିଷକୁ ଯେ ଭଲପାଇବ ଏହାହିଁ ତ ସ୍ବାଭାବିକ। ତମର ମନୋଭାବ ପ୍ରଜାମଂଡଳର ପ୍ରତ୍ୟେକ କର୍ମୀର ମନୋଭାବ ହେବା ଉଚିତ। ବ୍ୟକ୍ତିଗତ ଭାବରେ ଆମେ ରାଜା ରାଣୀଙ୍କର ସୁଖ ଓ ଶାଂତି କାମନା କରୁ। ସେମାନେ ବାହାରେ କିଂବା ରାଜ୍ୟ ଭିତରେ ଦୁନିଆର ଆଉ ପାଂଚ ଜଣ ମଣିଷଂଙ୍କ ଭଳି ସୁଖ ଶାଂତିରେ ରହଂନ୍ତୁ, ସେଥିରେ କାହାରି କିଛି କ୍ଷତି ନାହିଁ। କିଂନ୍ତୁ ଶାସନ କଳ ପ୍ରଜା ହାତକୁ ଆସିବଇଁ ଆସିବ— ଏହା ଧ୍ରୁବ ସତ୍ୟ। ଆମେ ପ୍ରଜା ଶାସନ ଚାହୁଁ। ଶୀଘ୍ର ହୁଏତ ପୁଣି ଲଢ଼େଇ ଡାକରା ଆସିବ। ପ୍ରସ୍ତୁତ ହେଉଥାଅ— ତମର ସହକର୍ମୀ'ଇତ୍ୟାଦି ଇତ୍ୟାଦି।

ନରହରି ମାଖନ ହାତକୁ ଏକ ପାଂଚ ଟଂଙ୍କିଆ ନୋଟ ବଢ଼ାଇଦେଲା ଏବଂ ଖଂଡ଼େ ଟେଲିଗ୍ରାମ୍ ଫର୍ମ ପକେଟରୁ କାଢ଼ି ତାହା ନିମ୍ନଲିଖିତ ମତେ ପୂରଣ କରି ଶୀଘ୍ର ତାରଟାକୁ ପଠାଇ ଦେବାପାଇଁ ମାଖନକୁ ଅନୁରୋଧ କଲା। ନରହରି କହିବା ମତେ ମାଖନ ଇଂରାଜୀରେ ତର୍ଜମା କରି ଲେଖିଲା—

''ବାପା ଆଜି ଦିନ ପାସେଂଜରରେ ଯାଉଚଂତି। ଷ୍ଟେସନକୁ ଆସି ପାଛୋଟି ନେବାର ଯୋଗାଡ଼ କର।''—ସୁଧାକର।

ମାଖନ ପଚାରିଲା—''ତମ ନାଁ କଣ ସୁଧାକର ?''

ନରହରି କହିଲା—''ପ୍ରଜାମଂଡଳର କାଗଜ ପତ୍ରରେ ମୋ ନାଁ ସୁଧାକର। ଏଟା ମୋର ସରକାରୀ ନାଁ।'' ସେ ହସିଲା।

ଷ୍ଟେସନରେ ଅସଂଭବ ଭିଡ଼। ରାଜା ଓ ରାଣୀ ତାଂକ ରିଜର୍ଭ କରାଯାଇଥିବା ପ୍ରଥମ ଶ୍ରେଣୀ ଡବାରେ ବସିଗଲେଣି। ଅନ୍ୟାନ୍ୟମାନେ ଯିଏ ଯାହା ସ୍ଥାନ ବାଛିବାରେ ବ୍ୟସ୍ତ।

ସେ କୁକୁରଟା ଯେ କେତେବେଳେ ନରହରି ସାଂଗରେ ଆସି ଷ୍ଟେସନରେ ପହଂଚିଛି ସେଥିପ୍ରତି କାହାର ନଜର ପଡ଼ିନାଇଁ। ସେ ଧଇଁସଇଁ ହୋଇ ଖାଲି ଦମ୍ ମାରୁଥିଲା ଆଉ ଲାଂଗୁଡ଼ ହଲାଇ କୁଁ କୁଁ କରି କେତେ କ'ଣ କହିଯାଉଥିଲା।

ନରହରି ଜିନିଷପତ୍ର ଓଜନ ଏବଂ ବୋଝେଇ କରିଦେଇ ରାଜା ରାଣୀଙ୍କୁ ଆସି ଖବର ଦେଲା। ଭୂଇଁରେ ଜୁହା'ର ହୋଇ ସେମାନଂଙ୍କଠାରୁ ବିଦାୟ ନେଲା।

ଟ୍ରେନ ଛାଡ଼ିଦେଲା।

ନରହରି ଏକମୁଁହା ହୋଇ ହାଓଡ଼ା ପୋଲ ଟପି ଦକ୍ଷିଣ ଆଡ଼କୁ ମୁହାଁଇଲା।

କେବଳ ସେଇ କୁକୁରଟା ସେଠି ପ୍ଲାଟଫର୍ମ ଉପରେ ଚଳଂତା ଟ୍ରେନ୍ ଆଡ଼କୁ ଚାହିଁ ଖାଲି ଆଗକୁ ପଛକୁ ଦୌଡ଼ିବାକୁ ଲାଗିଥିଲା।

Digitized by srujanika@gmail.com

ମାଂକଡ଼

ସଦ୍ୟ ଅବସରପ୍ରାପ୍ତ ଡେପୁଟୀ କଲେକ୍ଟର ପଦ୍ମଚରଣ ବାବୁ ଆଜି ଗାଁ ଆଡ଼େ ମୁହାଁଇଛନ୍ତି। ଦୀର୍ଘ ପଇଁତିରିଶ ବର୍ଷ ଧରି ତାଙ୍କର ଗାଁ ସଙ୍ଗେ ପ୍ରାୟ ସମ୍ପର୍କ ନାହିଁ କହିଲେ ଚଳେ। ଅବଶ୍ୟ ମଝିରେ ମଝିରେ ଯେ ଗାଆଁକୁ ଯାଆନ୍ତି ନାହିଁ ତା' ନୁହେଁ। ତେବେ ସେ ଯିବା ନଯିବା ସଙ୍ଗେ ସମାନ। କୁଣିଆଙ୍କ ଭଳି ଯାଇ ଦିନେ ଅଧେ ରହି ଭାଇ-ବିଭାଘର, ପୁତୁରା ଝିଆରୀଙ୍କ ବାହାପୁଆଣିରେ ଯୋଗଦେଇ ଫେରି ଆସନ୍ତି। ଖୁବ୍ କ୍ୱଚିତ୍ ସ୍ତ୍ରୀପରିବାର ନେଇ ଯାଇଛନ୍ତି। ସାହୀର କାହାକୁ ଭେଟିବାକୁ କି କାହା ସଙ୍ଗେ ମନଖୋଲା କଥା ପଦେ ହେବାକୁ ବି ଅବସର ନଥାଏ। ଉପରେ ଉପରେ ଯାଇ ଉପରେ ଉପରେ ଚାଲିଆସନ୍ତି।

ପାଞ୍ଚ ଛଅ ବର୍ଷ ତଳେ ରାଜଧାନୀରେ ସବ୍‌ଡେପୁଟୀ କାମ କରୁଥିବା ବେଳେ ଥରେ ଦି'ଥର ଗାଆଁକୁ ଯାଇଥିଲେ। ମାତ୍ର ଅଳ୍ପ କେତେ ଘଣ୍ଟା ରହି ଫେରି ଆସିଥିଲେ ନିଜ କର୍ମସ୍ଥାନକୁ। କାମର ଝଂଝଟ ସାଙ୍ଗକୁ ଥିଲା ଗାଁରେ ବାସଗୃହ ଅଭାବର ସମସ୍ୟା। ଗାଁରେ ସେ ଏ ପର୍ଯ୍ୟନ୍ତ ନିଜ ରହିବା ଭଳି ଘର ଖଣ୍ଡିଏ ମଧ୍ୟ କରିପାରିଲେ ନାହିଁ। ଡିହ ଜମି ହୋଇ ଯାହା କେଡ଼େ ଗୁଣ୍ଡ ତାଙ୍କ ଭାଗରେ ପଡ଼ିଥିଲା, ତାହା ସେମିତି ଖାଁ ଖାଁ ପଡ଼ିଚି। ଚାକୁଣ୍ଡା ଗୁଗୁଚିଆ ବାଇଡଙ୍କ ମାଡ଼ିଗଲାଣି। ଆଜିକାଲି ଘର ଖଣ୍ଡିଏ କରିବା କଣ ସହଜ କଥା! ବିଶେଷତଃ ତାଙ୍କ ଭଳି ଜଣେ ଏକୁଟିଆ ଲୋକ ପକ୍ଷରେ ସେ କେତେ ଦୂଆଡ଼େ ହେବେ! ସେଥିପାଇଁ ସେ ଆଶା ସେ ଏକପ୍ରକାର ଛାଡ଼ି ଦେଇଛନ୍ତି। ଗାଆଁକୁ କେବେ କିମିତି ଯିବାକୁ ହେଲେ ସେ ଭାଇମାନଙ୍କ ଘରେ ଦିନେ ଓଳିଏ ରହି ଯେତେ ଶୀଘ୍ର ପାରନ୍ତି କର୍ମସ୍ଥାନକୁ ଫେରିଆସନ୍ତି।

ଦିନାକେତେ ଗ୍ରାମମଙ୍ଗଳରେ ଥିଲାବେଳେ ସେ ଗାଆଁକୁ ଯିବା ପାଇଁ ଶିକ୍ଷିତ ବେକାର ଯୁବକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। 'ଗାଆଁକୁ ଚାଲ', 'ଗାଆଁ ମାଟି ଡାକେରେ' ପ୍ରଭୃତି କେତୁଟା ଭଲ ଭଲ ସ୍ଲୋଗାନ ମଧ୍ୟ ବଡ଼ ବଡ଼ ପୋଷ୍ଟର କରି ଚାରିଆଡ଼େ କାନ୍ଥବାଡ଼ରେ ମରାଇଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ସଙ୍ଗେ ଜିପ୍‌ରେ ଗଲାବେଳେ ଗ୍ରାମ୍ୟ ସଂସ୍କୃତିର ଉତ୍କର୍ଷ ବିଷୟରେ ତଥ୍ୟମୂଳକ ଆଲୋଚନା ମଧ୍ୟ କରିଛନ୍ତି। ହେଲେ ତାଙ୍କର ଗାଆଁ ସହିତ ସମ୍ପର୍କଟା କେବଳ ପୋଥି ବାଇଗଣ ହୋଇ ହିଁ ରହିଯାଇଛି।

Digitized by srujanika@gmail.com

ପାଖ ସହରରେ ବସ୍‌ରୁ ଓହ୍ଲାଇ ପ୍ରାୟ ଚାରିମାଇଲ ବାଟ ରିକ୍‌ସାରେ ଗଲେ ଯାଇ ଗାଆଁ ପଡ଼ିବ। ସେଥିରୁ ପୁଣି ବର୍ଷାଦିନେ ମାଇଲିଏ ଖଣ୍ଡେ ପାଦରେ ଚାଲି ଚାଲି ଯିବାକୁ ହୁଏ। ସଂଜ ହୋଇଆସିଲାଣି। ବସ୍‌ଟା ବାଟରେ ପ୍ରାୟ ଅଧଘଣ୍ଟାଏ ଲେଟ୍ କରିଦେଲା। ଷ୍ଟୁଲେଇ ପାଖରେ ଜଣେ ଯାତ୍ରୀ ସଂଗରେ ବସ୍ କଣ୍ଡକ୍ଟରର ଝଗଡ଼ା ଲାଗିଗଲା ମାଲପତ୍ରର ମାସୁଲ ନେଇ। କେତେକ ଯାତ୍ରୀ ଓହ୍ଲାଇଯାଉଥିବା ଯାତ୍ରୀ ଜଣକର ପକ୍ଷ ନେବା ଫଳରେ ଜିନିଷଟା ଆହୁରି ଜଟିଳ ହୋଇଗଲା। ସହରରେ ଓହ୍ଲାଇପଡ଼ି ପଦ୍ମଚରଣ ବାବୁ ରିକ୍‌ସା ଧରିଲେ। ଯାହାହେଉ ଏଥର ଗାଁରେ ପହଞ୍ଚିଯିବେ ବୋଲି ତାଙ୍କୁ ଟିକିଏ ବୋଧହେଲା। ସେ ରିକ୍ସାବାଲାକୁ କହିଲେ "ଜଲଦି ଚଲା।"

ସହର ଛକ ପାର ନ ହେଉଣୁ ପଦ୍ମଚରଣ ବାବୁ ଦେଖିଲେ ତାଙ୍କ ଭାଇ ଘର ହଳିଆ ନଟିଆ କିଛି ସଉଦାପତ୍ର ନେଇ ଆସୁଛି। ତାଙ୍କୁ ଦେଖି ଦଣ୍ଡବତ ହେଲା। କହିଲା "ପଦ ସାଆନ୍ତେ ଜୁହାର।" ପଦବାବୁ ପଚାରିଲେ, "ଆମ ଘରେ ସବୁ ଭଲ ତ।" 'ଆମ ଘରେ' ଶବ୍ଦ ଦି'ଟା ଉଚ୍ଚାରଣ କଲାବେଳେ ତାଙ୍କ ନିଜ କଥା ତାଙ୍କ କାନକୁ ଟିକିଏ କିମିତି ଅବାସ୍ତବ ଜଣାଗଲା। ନଟିଆ କହିଲା, "ଆଜ୍ଞା ହଁ। ଆପଣ ଆଗରେ ଯାଆନ୍ତୁ। ସାଆନ୍ତେ ଗୋଟାଏ ଜିନିଷ ନେବାକୁ ବରାଦ ଦେଇଛନ୍ତି। ମୁଁ ନେଇକରି ଯାଉଛି।"

ପଦବାବୁ ଗାଆଁ ଆଡ଼କୁ ମୁହାଁଇଲେ। କିଛି ଦୂର ଯାଇ ଦେଖିଲେ ଉପର ସାହି ରାମା ଗଉଡ଼ ଶଗଡ଼େ କଳେଇ ନେଇଯାଉଛି। ତାକୁ ହଠାତ୍ ଚିହ୍ନି ପାରି ନ ଥିଲେ। ତାଙ୍କ ଭେଣ୍ଡା ବୟସରେ ଦେଖିଥିବା ରାମା ଗଉଡ଼ ଆଜି ପାକଲା ବୁଢ଼ା। ଦାନ୍ତ ପଡ଼ିଗଲାଣି। ପଦବାବୁ ରିକ୍‌ସାରୁ ଝୁଙ୍କିପଡ଼ି ପଚାରିଲେ, "କିଏ ରାମା ନା! ମାତ୍ର ରାମା ସେତେବେଳକୁ ବଳଦ ଦି'ଟାକୁ ଲାଞ୍ଜସଂଧାରେ ହାତ ପୂରାଇ ଦେଇ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଦେବାକୁ ଲାଗିଥିଲା। ସେ ପଦବାବୁଙ୍କ କଥା ଶୁଣିପାରିଲା ନାହିଁ କି ଶୁଣିଥିଲେ ମଧ ଚିହ୍ନିପାରିଲା ନାଇଁ। ପଦବାବୁଙ୍କର ମନେପଡ଼ିଲା ଏଇ ରାମା ଗଉଡ଼ ରାମଲୀଳାରେ ମନ୍ଥରା ଓ ସୂର୍ପଣଖା ପାର୍ଟ କରୁଥିଲା। କାଠମୁଖା ପିନ୍ଧି ସେ ସୂର୍ପଣଖା ହୋଇ ନାଚି ନାଚି ଆସିଲା ବେଳେ ଦର୍ଶକମାନଙ୍କ ମଧରେ ହସର ଲହଡ଼ି ଛୁଟିଯାଉଥିଲା।

ପଦବାବୁ ପୁଣି ଅନ୍ୟମନସ୍କ ହୋଇପଡ଼ିଲେ। ବାପା ବଞ୍ଚିଥିବା ବେଳେ ସେ କଲେଜଛୁଟିରେ ଗାଆଁକୁ ଆସୁଛନ୍ତି ବୋଲି ଚିଠି ପାଇଲେ ଶଗଡ଼ ପଠାଇ ଦିଅନ୍ତି। ପଦବାବୁ ବସଷ୍ଟାଣ୍ଡରୁ ସିଧାସଳଖ ଶଗଡ଼ରେ ବସି ଘରକୁ ଆସନ୍ତି। ଦୀର୍ଘ ତିରିଶ ପଇଁତିରିଶ ବର୍ଷ ଧରି ସେ ଗାଁ ଠାରୁ ଦୂରଛଡ଼ା କହିଲେ ଚଳେ। ସବୁ କିଛି ବଦଳି ଗଲାଣି। ରାସ୍ତା ସବୁ କେତେ ଭଲ ହୋଇଗଲାଣି। କେବଳ ମଝିରେ ମାଇଲିଏ ଖଣ୍ଡେ ଯାହା ମାଟି ରାସ୍ତା ଅଛି। ସେ ନାଳଟା ଉପରେ ପୋଲ ହୋଇପାରୁ ନାଇଁ। ଥରେ ମନ୍ତ୍ରୀଙ୍କୁ ଆଣି ବୁଲାଇ ନେଇଗଲେ କାମ ହାସଲ ହୋଇଯାଆନ୍ତା। କିନ୍ତୁ ସେତକ ମଧ ଗାଆଁଲୋକେ କରି ପାରୁନାହାନ୍ତି। ନିଜ ଭିତରେ କଳି ତକରାଳରେ ତ ଦିନ ଗଲା, ଗାଆଁ କଥା ଚିନ୍ତା କରୁଛି କିଏ ?

Digitized by srujanika@gmail.com

ପଦ୍ମବାବୁ ଅନେକ ଥର ଭାବିଛନ୍ତି ଅବସର ନେବାପରେ ଗାଆଁରେ ଖଣ୍ଡେ ଛୋଟ ଘର କରି ସପରିବାର ଯାଇ ରହିବେ। ରାଜଧାନୀରେ ଆଂଶିକ ସରକାରୀ ଋଣରେ କରିଥିବା ଘରଟାକୁ ଭଡ଼ା ଲଗାଇଦେବେ। କିନ୍ତୁ ପରମୁହୂର୍ତ୍ତରେ ତାଙ୍କର ସେ ଚିନ୍ତା ଭାବନା କୁଆଡ଼େ ମଉଳି ଯାଉଚି। ଗାଆଁରେ ଖାଲି ଆସି ରହିଲେ ତ ହେବନାହିଁ। ଏଠି ସେ ପିଲାପିଲି ନେଇ ଚଳିବେ କିମିତି ? ପୈତୃକ ଜମିଜମା ହୋଇ ଯାହା ଚାରିମାଣ ଅଛି, ସେଥିରୁ ଯେଉଁ ଧାନଗଣ୍ଡାକ ସେ ପାଆନ୍ତି, ସେଥିରେ ଦୁଇମାସ ମଧ୍ୟ ଚଳେ ନାହିଁ। ତା'ଛଡ଼ା ସେଥିର ବା ସ୍ଥାୟିତ୍ୱ କ'ଣ ? କେଉଁଦିନ ଯେ ଭାଗଚାଷୀ ମାଡ଼ି ବସିବ ତାର ଖବର ମଧ୍ୟ ସେ ପାଇବେ ନାହିଁ। ପ୍ରତିକାର କରିବା ତ ଦୂରର କଥା। ଗାଁରେ ଚାରିପାଞ୍ଚ ଜଣ ଯୁବକ କମ୍ୟୁନିଷ୍ଟ ମଧ୍ୟ ହେଲେଣି ବୋଲି ସେ ଖବର ପାଇଛନ୍ତି। କେତେବେଳେ ଯେ କେଉଁ କଥା କିଏ କହିବ ? ତା'ଛଡ଼ା ଆଜିକାଲି ଅନେକ ସମୟରେ ଗାଁ ଲୋକେ ଧାନଚାଉଳ ବାହାରକୁ ଛାଡୁ ନାହାନ୍ତି। ବସ୍ ଅଟକାଇ ଦେଉଛନ୍ତି। ତାଙ୍କ ପିଲାମାନଙ୍କ ପାଠପଢ଼ା ମଧ୍ୟ ସରିନାହିଁ। କେବଳ ବଡ଼ ପୁଅଟି ହିଁ ଯାହା ଏବର୍ଷ ବି.ଏ. ପାସ୍ କରି ରାଉରକେଲାରେ ଇଞ୍ଜିନିଅରିଂ ପଢୁଛି। ବାକୀ ଚାରିପୁଅ ଓ ଦୁଇ ଝିଅ ତ ଏପର୍ଯ୍ୟନ୍ତ ସ୍କୁଲ୍ କଲେଜ ପାଠ ସାରିନାହାନ୍ତି। ତେଣୁ ରାଜଧାନୀରେ ରହିବା ଛଡ଼ା ଅନ୍ୟ ଉପାୟ କ'ଣ ଅଛି ?

ସେଥିପାଇଁ ପଦ୍ମଚରଣ ବାବୁ ବହୁତ ଭାବିଚିନ୍ତି ସ୍ଥିର କରିଛନ୍ତି ଯେ, ଗାଁରେ ଥିବା ଚାରିମାଣକ ବିକ୍ରି କରିଦେଇ ସେଇ ଟଙ୍କାରେ ତାଙ୍କ ଭୁବନେଶ୍ୱରର ଘରହତାରେ ଥିବା ଖାଲି ଜାଗାରେ, ରାସ୍ତା କଡ଼କୁ ଲଗାଇ ଦୁଇ ତିନି ବଖରା ଦୋକାନ ଘର ତୋଳାଇବେ। ଘରଭଡ଼ାରୁ ଅନ୍ତତଃ ମାସକୁ ଦେଢ଼ଶହ ଦୁଇଶହ ଟଙ୍କା ମିଳିବ। ତା ସାଙ୍ଗରେ ତାଙ୍କ ପେନ୍‌ସନ ଟଙ୍କାତକ ମିଶିଲେ ସଂସାରଟା ବେଶ୍ ସୁରୁଖୁରୁରେ ଚଳିଯିବ। ବାକୀ ପଡ଼ିଥିବା ସରକାରୀ ଋଣ ମଧ୍ୟ ଧୀରେ ଧୀରେ ଶୁଝି ଦେଇପାରିବେ।

ତେଣୁ ମଝିଆ ଭାଇ ବୈରୋଚନଙ୍କୁ ଆଗରୁ ଚିଠି ଲେଖି ଖରିଦଦାର ଠିକ୍ କରି ଜମି ବିକିବାକୁ ସେ ଗାଁକୁ ଯାଉଛନ୍ତି। ଗାଁ ପାଖେଇ ଆସିଲାଣି। ଗାଁ ମୁଣ୍ଡ ବଡ଼ପୋଖରୀ ଦିଶୁଛି। ଏଇଠୁ ସେ ପିଲାଦିନେ କେତେ କଇଁଫୁଲ ତୋଳିଛନ୍ତି। ଅନ୍ୟ ସାହି ପିଲାଏ ଉଠିବା ଆଗରୁ ସେ ଆଉ ତାଙ୍କ ସବା ସାନଭାଇ ତ୍ରିଲୋଚନ (ଯିଏ ଏବେ ବାଲିମେଳାରେ କଣ୍ଟ୍ରାକ୍ଟରୀ କରୁଛି। ପ୍ରାୟ ଦଶବର୍ଷ ହେବ ଦେଖାହୋଇନି ତା' ସଙ୍ଗେ) ବଡ଼ିଭୋରରୁ ଆସି କାନ୍ଧରେ କାନ୍ଧେ କଇଁଫୁଲ ତୋଳିନେଇ ଭାଲକୁଣୀ ଓଷା ପାଇଁ ମରୁଆ ଅପାକୁ ଦେଇ ଦିଅନ୍ତି। ଅନ୍ୟ ସାହୀ ପିଲାଏ ଆସି ଦେଖନ୍ତି ପୋଖରୀ ଶୂନ୍। ଏଥିପାଇଁ କେତେ ଛକାଛକିର ସାମ୍‌ନା କରିବାକୁ ପଡ଼ିଚି ଦି'ଭାଇଙ୍କି।

ବାପା ବୋଉ ସେ କଟକରେ କଲେଜରେ ପଢୁଥିବା ବେଳେ ହିଁ ଚାଲିଗଲେ। ତା'ପରେ ଚାକିରି। ଗାଁ ସଙ୍ଗରେ ତାଙ୍କର ଏକମାତ୍ର ସମ୍ପର୍କର ରଜ୍ଜୁ ଥିଲା ଏଇ ବିଲ କେତେ ମାଣକ। ତାକୁ ମଧ୍ୟ ଆଜି ସିଏ ବିକି ଦେବାକୁ ବାହାରିଛନ୍ତି। ତା'ପରେ ତାଙ୍କର ଆଉ ଏ ଗାଁରେ ରହିବ କ'ଣ ? ସେ ହେବେ ଏଣିକି ଏ ଗାଁରେ ଜଣେ ପରଦେଶୀଆ କୁଣିଆ। ସେ ପଟେ କେତକୀଝରେ ଜୋଡ଼ଟା ସାପକାତି ପରି ଚିକ୍

Digitized by srujanika@gmail.com

ଚିକ୍ କରୁଛି, ଅଗଣିତ କିଆବୁଦା ଭିତରେ । ସେଇଠୁ ଗୋଟାଏ ଡେଙ୍ଗା ତାଳଗଛ ଉପରୁ ଜହ୍ନ ଉଠିବ ଆଉ ଟିକିଏ ପରେ । ସେଇ ଜୋଡ଼କୂଳରେ ତାଙ୍କର ଜମି ମଧ ଦେଖାଯାଉଚି ।

ସେ ଗାଁରେ ପଶିଲେ । ମଝି ରାସ୍ତାରେ ସପନୀ ମା' ଘର । ସପନୀ ମା' ଥିଲା ବାପାଙ୍କର ରକ୍ଷିତା । ବାପା ତାକୁ ଖଣ୍ଡେ ଘର କରାଇ ଦେଇ ଏଇଠି ରଖାଇଥିଲେ । ବାପା ବୋଉଙ୍କ ଭିତରେ ଏଥିପାଇଁ ଅନେକ ଥର କଜିଆ ଓ ରାଗରଷା ହେବାର ସେ ଦେଖିଛନ୍ତି । ସପନୀ କେତେବର୍ଷେ ହେଲା ମରିଗଲାଣି । ସେ ଘରଟା ମଧ ଭାଙ୍ଗି ଭୁଷୁଡ଼ି ପଡ଼ିଚି । ଖାଲି ପଥର ଖୁଣ୍ଟି କେତେଟା ଯାହା ଛିଡ଼ା ହୋଇଚି । ପଦବାବୁଙ୍କର ମନେପଡ଼ିଲା ସପନୀ ମା' ଦାଣ୍ଡରେ ଗଲାବେଳେ ତାକୁ ଘରକୁ ଡାକିନେଇ କେତେ ପିଜୁଳି, ନଡ଼ିଆ, ଆଖୁ କାଟି କରି ଦିଏ । ଖରଧାରେ ତାଙ୍କ ମୁଣ୍ଡ ଆଉଁସି ଦିଏ । ସେ ଘରେ କାହାକୁ ସେକଥା କହନ୍ତି ନାଇଁ । ତାଙ୍କର କିମିତି ଗୋଟାଏ ଧାରଣା ଥିଲା ଯେ, ବୋଉ ଶୁଣିଲେ ଚିଡ଼ିବ ।

ପଦବାବୁ ଭାଇଙ୍କ ଘରେ ପହଞ୍ଚିଲେ । ବୈରୋଚନ ବାବୁ ସେ ଗାଁର ଅପର ପ୍ରାଇମେରୀ ସ୍କୁଲ୍ ଶିକ୍ଷକ । ସେ ଆଣି ଦାଣ୍ଡଦୁଆରେ ଗୋଟାଏ ଚୌକୀ ପକାଇଦେଲେ । ପଦ୍ମଚରଣ ବାବୁ ବସିଲେ । ବୈରୋଚନ ବାବୁ କହିଲେ, ସେ ଅମିନ ମୁରାରି ମିଶ୍ରଙ୍କୁ ଖବର ଦେଇଛନ୍ତି । ସେ କାଲି ଦଶଟା ବେଳକୁ ଜମି ଉପରକୁ ଯିବେ । ଖରିଦଦାର ଫକୀର ସାହୁ ମଧ ଥିବେ । ମପାଚୁପା ହୋଇଯିବା ପରେ ଦିନ ଦି'ଟା ସୁଦ୍ଧା ଦିହେଁ ଯାଇ ରେଜିଷ୍ଟ୍ରି କରିଦେବେ । ଦିଆ-ନିଆ କଥା ତ' ଆଗରୁ ଛିଣ୍ଡିଛି । କବଲା ଲେଖିବାକୁ ସେ ମୋହରୀର ଜଟି କାନଗୋଇଙ୍କି ଜମିର ନମ୍ବର ଇତ୍ୟାଦି ଦେଇଆସିଛନ୍ତି । ସଙ୍ଗେ ସଙ୍ଗେ ଷ୍ଟାମ୍ପ କାଗଜ ବି ମିଳିଯିବ । ତେଣୁ ଆଉ କିଛି ଚିନ୍ତା କରିବାର ନାଇଁ । ସେ ଗୋଡ଼ହାତ ଧୋଇ ଖିଆପିଆ କରି ବିଶ୍ରାମ ନିଅନ୍ତୁ । ତା'ପରେ ସେ ଫୁସ୍‌ଫାସ୍ କରି କହିଲେ; ''ଖରିଦଦାର ନକୁଳି ସାହୁ ପ୍ରଥମେ ଜିଦ୍ ଧରିଥିଲେ ଯେ ବାୟା ଅଧେ ରେଜିଷ୍ଟ୍ରି ଖରଚ ଦିଅନ୍ତୁ; ମାତ୍ର ମୁଁ ତାଙ୍କୁ ବହୁତ କୁହାବୋଲା କରି ଚାରିଅଣାରେ ରାଜି କରାଇଚି । ଭାଗଚାଷୀ ଦୁଇ ଅଣା ନେବାକୁ କହୁଚି । ପଦ୍ମଚରଣ ବାବୁ କହିଲେ ଠିକ୍ ଅଛି । ସେଇଆ ହେବ ।''

ତହିଁ ଆରଦିନ ସକାଳ ଦଶଟାରେ ପଦ୍ମଚରଣ ବାବୁ ଗଣ୍ଡାଏ ଖାଇଦେଇ ନକ୍ସା ଓ ଦଲିଲପତ୍ର ଧରି ଜମି ଉପରକୁ ଗଲେ । ସଙ୍ଗରେ ଥାଏ ଭାଗଚାଷୀ କେଳୁଆ । ବୈରୋଚନ ବାବୁ ଏମାନଙ୍କୁ ଜମି ଉପରକୁ ପଠାଇଦେଇ ସ୍କୁଲ୍‌କୁ ଗଲେ । କିନ୍ତୁ ଅମିନ ମୁରାରୀ ଭାଇନାଙ୍କର ଦେଖାନାଇଁ । ଚାହୁଁ ଚାହୁଁ ଏଗାରଟା ବାଜିଲା । ପଦବାବୁ କେଳୁଆକୁ ପଠାଇଲେ ଅମିନଙ୍କୁ ସହଳ ଡାକିଆଣିବା ପାଇଁ । ଅଧଘଣ୍ଟାକ ପରେ କେଳୁଆ ଫେରିଆସି ଖବର ଦେଲା, ''ଆଜ୍ଞା, ମିଶ୍ର ଆପଣେ ଘରେ ନାହାନ୍ତି । ପାଖ ଗାଁ ତରାବୋଇକୁ ଚୂଡ଼ାଦହି ଖାଇ ଯାଇଛନ୍ତି । ଆଜି ସେ ଗାଆଁ ନରି ନନ୍ଦଙ୍କ ଶ୍ରାଦ୍ଧ ଦିନ । ପୁଅମାନେ ବ୍ରାହ୍ମଣ ଭୋଜନି କରାଉଛନ୍ତି । ପୁରୁଣା ଯଜମାନ, ନଯିବେ କେମିତି ? ଘରେ କହିଦେଇ ଯାଇଛନ୍ତି ସେ ଛାଇ ଲେଉଟାଣି ସିଧାସଳଖ ବିଲ ଉପରକୁ ଆସିବେ ।''

Digitized by srujanika@gmail.com

ପଦବାବୁ ରାଗରେ ଗରଗର ହୋଇ ଅଗତ୍ୟା ଯାଇ ବିଲମୁଣ୍ଡ ଆମ୍ବଗଛ ଛାଇରେ ବସିଲେ। ଶୀତଦିନିଆ ଖରା। ଏଇ ଫଗୁଣ ମାସରେ ହିଁ ଜମି ବିକିବା କଥା। ତା' ନହେଲେ ଭାଗଚାଷୀ ଧାନ ବୁଣିଦେବ। ପୁଣି ବର୍ଷେ ଅପେକ୍ଷା କରିବାକୁ ପଡ଼ିବ ଧାନକଟା ଯାଏଁ। ଖରିଦ୍‌ଦାର ଫକୀର ସାହୁ ଆସି ପହଞ୍ଚିଲେ। ସେ ମଧ୍ୟ ସେଇ ଗଛମୂଳେ ପଦବାବୁଙ୍କ ପାଖରେ ବସିପଡ଼ି ଅମିନଙ୍କୁ ଅପେକ୍ଷା କରିବାକୁ ଲାଗିଲେ। ଦୁହେଁ ନାନା ଗପସପ ହେଉ ହେଉ ପଦବାବୁଙ୍କ ଆଖି ଲାଗିଆସିଲା। ସେ ତଉଲିଆଟା ବିଛାଇଦେଇ ବାଆଁପଟ ବାହୁ ଉପରେ ମୁଣ୍ଡ ରଖି ଟିକିଏ ଗଡ଼ିପଡ଼ିଲେ। ଫକୀର ସାହୁ ଓ କେଳୁଆ ମଧ୍ୟ କିଛି ସମୟ ଟିକିଏ ନିଦେଇଗଲେ।

ହଠାତ୍ ପଦବାବୁଙ୍କର ମନେହେଲା ସେ ଗଛ ଉପରେ ଗୋଟାଏ ବଡ଼ ମାଙ୍କଡ଼ ଯେମିତି ଏ ଡାଳରୁ ସେ ଡାଳକୁ ଡେଉଁଚି। ସମସ୍ତ ଗଛଟାକୁ ଦୋହଲାଇ ସେ ଖାଲି କୁଦା ମାରୁଛି। ସେ ଭାବିଲେ ଡାଳଟା ତାଙ୍କ ଉପରେ କୁଢ଼େଇ ହୋଇ ପଡ଼ିବ ନା କ'ଣ! ସେ ନିଦମଳମଳ ଆଖିରେ ଉଠିପଡ଼ି କେଳୁଆକୁ ଡାକ ଛାଡ଼ିଲେ। କେଳୁଆ ଉଠି ବସିବାରୁ କହିଲେ; "ଦେଖିଲୁ, ଦେଖିଲୁ ମାଙ୍କଡ଼ଟାଏ କିମିତି ଅଥୟ ହୋଇ ଡେଉଁଚି। ମୁଁ ଭାବିଲି ଡାଳ ଦି'ଟା ମୋ' ଉପରେ ଛିଡ଼ିପଡ଼ିବ।" କେଳୁଆ ଠିଆ ହୋଇ ଚାରିଆଡ଼କୁ ଅନିଶା କରି କହିଲା, "କାହିଁ ମାଙ୍କଡ଼ ଫାଂକଡ଼ ତ କିଛି ନାହିଁ। ଗଛ ଶିଖରେ ବଗବଗୁଲୀ ଦି'ଟା ବସିଛନ୍ତି। ମାଙ୍କଡ଼ ଡେଉଁଥିଲେ ଚଢ଼େଇ ଦି'ଟା ବସିଥାନ୍ତେ କିମିତି?" ଫକୀର ସାହୁ ମଧ୍ୟ ସେତେବେଳକୁ ଉଠିପଡ଼ିଥିଲେ। ସେ ମଧ୍ୟ କେଳୁଆକୁ ସମର୍ଥନ କରି କହିଲେ; "କାହିଁ ମାଙ୍କଡ଼ କାହିଁ? ତମେ କ'ଣ ସପନ ଦେଖିଲ କି ପଦବାବୁ?" ପଦବାବୁ କହିଲେ, "ନାଇଁ, ନାଇଁ ନିଶ୍ଚୟ ମାଙ୍କଡ଼ ଥିଲା। ମୁଁ ନିଜେ ଦେଖିଚି। କୁଆଡ଼େ ପଳାଇଯିବଣି।"

ଅମିନ ମୁରାରି ମିଶ୍ରେ ପ୍ରାୟ ଗୋଟାକବେଳେ ଆସି ପହଞ୍ଚିଲେ। ଶିଂକୁଳି ପକାଇ ଜମି ମାପହେଲା। ଫକୀର ସାହୁ କହିଲେ, ଚାରିକଡ଼ରେ ଚାରିଟା ଖୁଣ୍ଟ ପୋତିଦେବା। ଆଉ କିଛି ଗୋଳମାଳ ନଥିବ। ତା' ନହେଲେ ପାଖ ଜମିବାଲା ବଟ ବେହେରା ଯେଉଁ ଲୋକ ନା ନାନା ଗଣ୍ଡଗୋଳ ବାହାର କରିବ ଦଖଲ ନେବାବେଳେ।

କେଳୁଆକୁ ମାଟିଖୋଳି ଚାରିଟା ବଡ଼ କାଠ ଖୁଣ୍ଟ ପୋତିଦେବାକୁ ପଦବାବୁ କହିଲେ। କେଳୁଆ ତିନିଟା ଖୁଣ୍ଟ ପୋତିସାରି ଚତୁର୍ଥ ଗାଡ଼ଟା ଖୋଳିବାକୁ ଲାଗିଲା। ପଦବାବୁ ଘଣ୍ଟା ଦେଖି କହିଲେ, "ଟିକିଏ ଜଲଦି କର କେଳୁ। ଦୁଇଟା ବାଜିଗଲାଣି। ତିନିଟା ବେଳକୁ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ପହଞ୍ଚିବାକୁ ହେବ। ବୈରୋଚନ ମଧ୍ୟ ସେଠିକି ଆସିଥିବ। ଆଜି କୌଣସି ମତେ ରେଜେଷ୍ଟ୍ରି କରିଦେବା। ମୁଁ ସଂଜ ବସ୍‌ରେ ଭୁବନେଶ୍ୱର ଲେଉଟିଯିବି। ସିଆଡ଼େ ଘରେ ପିଲାମାନେ କ'ଣ କରୁଥିବେ। ରେଜେଷ୍ଟ୍ରି ପରେ ମୁଁ ତୋର ସବୁ ପାଉଣାପତ୍ର ତୁଟାଇଦେବି। ଟିକିଏ ଜଲଦି ଜଲଦି ହାତଚଳା ବାପ।"

କେଳୁଆ ଦେଢ଼ହାତ ଗାଡ଼ ଖୋଳିସାରି ମାଟି କାଢ଼ିଲା ବେଳେ ତା' ହାତକୁ କ'ଣ ଗୋଟାଏ ଟାଣ ହୋଇ ଲାଗିଲା। ସେ ଗାଡ଼ଟାକୁ ଆହୁରି ଚୌଡ଼ା କରି

Digitized by srujanika@gmail.com

ଖୋଳି ହାତପୂରାଇ ସେଟାକୁ ଟାଣିଆଣିଲା। ସମସ୍ତେ ଦେଖିଲେ ଗୋଟାଏ ମସ୍ତବଡ଼ ମାଙ୍କଡ଼। କଙ୍କାଳଟାଏ। କେଲୁଆ ସେଟାକୁ ଟାଣି ଆଣି ମାଟି ଉପରେ କଚାଡ଼ିଦେଲା।

ପଦବାବୁ ହାଁ ହାଁ କରି ପଛେଇ ପଛେଇ ଯାଇ ଗଛମୂଳେ ବସିପଡ଼ିଲେ। ସେମିତି ମୁଣ୍ଡରେ ହାତ ଦେଇ ବସିଥାନ୍ତି। କିଛିସମୟ ଯାଏ କଥା କହିପାରିଲେ ନାହିଁ। କେଲୁଆ ମଜବୁତ୍ କରି ଖୁଣ୍ଟଟା ପୋତି ଦେଇସାରି ପୋଖରୀରେ ହାତଗୋଡ଼ ଧୋଇ ଆସି କହିଲା; ଚାଲ ଯିବା ସାଆନ୍ତେ।"

କିନ୍ତୁ ପଦବାବୁ ନିର୍ବାକ୍, ନିସ୍ପନ୍ଦ। କିଛି ସମୟ ପରେ କହିଲେ; "ଆମ ପୁରୋହିତ ସନାତନ ମିଶ୍ରେ କୁଆଡ଼େ ଗଲେ ? ତାଙ୍କୁ ଟିକିଏ ଡାକ।"

ଫକୀର ସାହୁ କହିଲେ "ସନାତନ ମିଶ୍ରେ କ'ଣ କରିବେ ? ସେ ପରା ଦି' ବର୍ଷ ହେଲା ମଲେଣି।"

"ଏଁ ମଲେଣି ? କଣ ହୋଇଥିଲା ?"

"ହବ ଆଉ କ'ଣ ? ବୁଢ଼ା ହୋଇଯାଇଥିଲେ। ବାଧକା ପଡ଼ିଲେ। ଶରୀର ତ ବ୍ୟାଧି ମନ୍ଦିର।"

ବୁଢ଼ା ହୋଇଯାଇଥିଲେ ? ପଦବାବୁ ଚମକି ପଡ଼ିଲେ। ସେ ତ ତାଙ୍କରି ସାଙ୍ଗରେ ଖେଳି ବୁଲି ଦୌଡୁଥିଲେ। ବୁଢ଼ା ହେଲେ କିମିତି ? ତା'ପରେ ସେ ନିଜ ଆଡ଼କୁ ଚାହିଁଲେ। ହଁ; ସେ ତ ଆସି ଅଠାବନ ବର୍ଷ ପାରହୋଇ ଗଲେଣି। ସନାତନ ମିଶ୍ରେ ତାଙ୍କଠୁଁ ଦି' ଚାରିବର୍ଷ ବଡ଼ ହୋଇ ନ ଥିବେ ନା କ'ଣ ? ତେବେ କଳି ଷଠା ଷାଠିଏ ପାରହୋଇ ଯାଇ ନଥିବେ କିଆଁ ?

ପଦବାବୁଙ୍କର ମନେପଡ଼ିଲା ପଇଁଚାଳିଶ ବର୍ଷ ତଳେ ଦିନେ ସେ ଆଉ ସନାତନ ମିଶ୍ରେ ମାଙ୍କଡ଼ ତଡୁଥିଲେ। ସେତେବେଳେ ତାଙ୍କ ନନା ପୁରୋହିତ ଥିଲେ। ତାଙ୍କ ସାଙ୍ଗରେ ଥିଲା ସେ କାଳିଆ କୁକୁରଟା, ବୁଲା।

ଦି'ଟା ମାଙ୍କଡ଼ ପୋଖରୀ ତୋଟା ବାହାଡ଼ା ଗଛ ଉପରେ ବସି ଦିହେଁ ଦିହିଁକି ଗେଲ କରୁଥିଲେ। ସନାତନ ମିଶ୍ରେ ମାଇଲେ ଗୋଟାଏ ଟେକା। ଗୋଟାଏ ମାଙ୍କଡ଼ର ଠିକ୍ ଗାଲରେ ବାଜିଲା। ସେ ବି ଛାଡ଼ିଲେ ଗୋଟାଏ ଢେଲା। ଆର ମାଙ୍କଡ଼ଟାର ପିଠିରେ ବସିଲା। ଦି'ଟାଯାକ ମାଙ୍କଡ଼ ପ୍ରାଣବିକଳରେ ତଳକୁ ଡେଇଁ ପଡ଼ିଲେ ଏବଂ ଦୌଡ଼ି ପଳାଇବାକୁ ଲାଗିଲେ। ବୁଲା ଦୌଡ଼ିଯାଇ ଗୋଟାକର ତଣ୍ଟି ଝୁଣିଦେଲା। ସେ ଆଉ ସନାତନ ମିଶ୍ରେ ସେଟାକୁ ଟାଣି ଟାଣି ନେଇ ପୋଖରୀ ହୁଡ଼ାରେ ପକାଇଲେ। ତା' ମୁହଁରେ ପାଣିଦେଲେ। କିନ୍ତୁ ସେ ଆଉ ବଞ୍ଚିଲା ନାଇଁ। ତା'ପରେ ଦୁହେଁ ଅପରାଧୀଙ୍କ ଭଳିଆ ସେଟାକୁ ନେଇ ଉଦୁଉଦିଆ ଦି'ପହରେ ତାଙ୍କ ବିଲର ଗୋଟାଏ କଣରେ ଗାଡ଼ଖୋଳି ପୋତିଦେଲେ। କାହାକୁ କିଛି ନ କହି ଚୁପ୍‌ଚାପ୍ ନିଜ ନିଜ ଘରକୁ ଫେରିଗଲେ।

ଖଣ୍ଡେ ଦୂର ଗଲାପରେ ସେମାନେ ପଛକୁ ଚାହିଁ ଦେଖିଲେ ଆର ମାଙ୍କଡ଼ଟା ସେଇ ଆମ୍ବଗଛ ଉପରେ ବସି ତଳେ ପୋତା ଜାଗାଟାକୁ ଏକଦୃଷ୍ଟିରେ ଚାହିଁ ରହିଚି ଏବଂ ବେଳେବେଳେ ଏ ଗଛରୁ ସେ ଗଛକୁ ଡେଇଁ ହୁଂକାର ଛାଡୁଛି। ସନାତନ ଓ ପଦ ଚୋରଙ୍କ ପରି ଛପି ଛପି ଯାଇ ନିଜ ଘର ଭିତରେ ପଶିଗଲେ।

Digitized by srujanika@gmail.com

ପଦ୍ମଚରଣ ବାବୁଙ୍କ ମୁହଁ କଳା ପଡ଼ିଯାଇଥିଲା। ତାଙ୍କର ମନେ ହେଉଥିଲା ବହୁଦିନ ତଳର ଗୋଟାଏ କାଳିଆ ସ୍ମୃତିର କଂକାଳ ଯେମିତି ମାଟିତଳୁ ବାହାରି ଆସି ଚାରିଗୋଡ଼ ଫର୍ଚ୍ଚା କରି ତାଙ୍କ ସାମନାରେ ଛିଡ଼ାହୋଇଛି ଆଉ ତାଂକୁ ଚାହିଁ ମୁରୁକି ମୁରୁକି ହସୁଛି। ସେ କିଛି କଥା କହି ପାରୁ ନ ଥିଲେ। ଫକୀର ସାହୁ କହିଲେ, ''ଚାଲନ୍ତୁ ଯିବା। ଡେରି ହୋଇଯାଇଛି।''

ପଦବାବୁ ଇତସ୍ତତଃ କରି ଘଣ୍ଟାଟାକୁ ବାରମ୍ବାର ଦେଖି କହିଲେ, ''ନା, ଥାଉ। ଦି'ଟା ଉପରେ ହେଲାଣି। ମୁଁ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଚାଲିଯାଉଚି। ପୁଣି କେବେ ଆସିଲେ ଦେଖିବା।''

ସେ ଅମିନ ଓ କେଳୁଆ ହାତକୁ ସେମାନଙ୍କ ପାଉଣା ବାବଦକୁ ଖଣ୍ଡେ ଖଣ୍ଡେ ପାଞ୍ଚଟଙ୍କିଆ ନୋଟ୍ ବଢ଼ାଇଦେଇ ଏକମୁହାଁ ହୋଇ ଘର ଆଡ଼କୁ ଚାଲିଲେ।

Digitized by srujanika@gmail.com

ଗୋଧି

ଙ୍କାଙ୍କା ପାହାଡ଼ିଆ ରାସ୍ତା ଦେଇ ଚାଲିଛନ୍ତି ସେ। କୌଣସି ଉଦ୍‌ବେଗ ନାହିଁ; ତ୍ୱରା ନାହିଁ। ସୂର୍ଯଦେବତା ବୁଡ଼୍‌ବୁଡ଼୍ ହେଲେଣି। ଆଉ ଟିକିଏ ଗଲେ ପାହାଡ଼ ତିଖରେ ଟୁବ୍‌କିନା ବୁଡ଼ିଯିବେ। ମୁଁଡ ଉପରୁ ତାଳପତ୍ର ଛତାଟି ଏବଂ ହାତରୁ ଲାଉତୁଂବାର କମଂଡଳୁଟି ଓ ଆଶାବାଡ଼ି ଖଂଡିକ ତଳେ ରଖିଦେଇ ସେ ପାଖ ଝୋଡ଼ରେ ଗୋଡ଼ ହାତ ମୁଁହ ଧୋଇ, ସୂର୍ଯଦେବତାଂକ ପୂଜାଅର୍ଚ୍ଚନା କଲେ। ତା'ପରେ କାଂଧରେ ଝୁଲୁଥିବା ଝୁଲାମୁଣିରୁ ଖଂଡେ ଆଲୁମିନିୟମ୍ ଗିନା ବାହାର କରି ସେଥିରେ କିଛି ଚୂଡ଼ା କଂଦ ବତୁରାଇ କଣ ଦିଟା ଖାଇଦେଇ କମଂଡଳୁରୁ ପାଣି ଦି ଆଂଜୁଳା ପିଇଲେ। ତା'ପରେ ଉଠି ଛିଡ଼ାହେଲେ ଯିବାକୁ। ସେ ପିଂଧିଥିଲେ ଖଂଡେ ବକ୍‌କଳ, ଛାତିରେ ଗୁଡ଼େଇଥିଲେ ଖଂଡେ ଗେରୁଆଁ କନା ଏବଂ ଖଂଡେ ଛିଂଡା କଂବଳ। ଲୋକମୁହଁରେ ସେ ଧୂଳିଆ ବାବା। ତାଂକର ଟଂବାଳିଆ ଦିହରେ ଧଳା ଧଳା ଲୋମାବଳୀ ଏବଂ ଧଳା ଦାଢ଼ିନିଶ ସାଂଗକୁ ଜଟାବଦ୍ଧ ଶୁଭ୍ରକେଶ ନାଲିଟିଆ ସୂର୍ଯ ଆଲୁଅରେ ଝିକି ଝିକି ଦିଶୁଥିଲା। ମନେ ହେଉଥିଲା ସତେକି ଗୋଟିଏ ନିଛାଟିଆ ଶିମୁଳିଗଛ ଦିହରେ ଜମିଯାଇଛି ଭିଣା ଭିଣା ତୂଳାର ଅଂଶ ସବୁ, ପବନରେ ଉଡ଼ିଆସି।

ଖଂଡେ ଦୂରରେ ଆସୁଥିଲା ଅନାଦି, ତାରପୁର ହାଟରୁ ମହାଜନର ସଉଦା ଧରି। ସେ ଅଲେଖ ଗୋସେଇଂକୁ ଚାହିଁ ଥତମତ ଖାଇ ଛିଡ଼ା ହୋଇଗଲା। ତାଂକର ସୌମ୍ୟ ଶାଂତ ଚେହେରା ଏବଂ ଉଦାର ଉଦାସ ମୁଖମଂଡଳରେ ସତେ ଯେମିତି ଗୋଟାଏ ଅଖଂଡ ଜ୍ୟୋତି ଛପି ରହିଛି। ଅନାଦି ଭାବିଲା, ଏଇ କ'ଣ ସେଇ ଗୁରୁବ୍ରହ୍ମ, ଯାହାଂକୁ ସେ ଏତେଦିନ ଧରି ଶୟନେ ସ୍ୱପନେ ଖୋଜିଛି।

ଅନାଦି ଯାଇ ବାବାଂକୁ ସାଷ୍ଟାଂଗ ପ୍ରଣିପାତ କଲା। ନିଜର ପରିଚୟ ଦେଇ କୁଆଡ଼େ ବିଜେ ହୋଇଛଂତି ବୋଲି ପଚାରିଲା। ବାବା କହିଲେ, ଆଗ ଗାଁ ଶିବମଂଦିରରେ ସେ ରାତିଟା ରହିଯିବେ। ସଖାଳେ ଉଠି ଯୁଆଡ଼େ ଯିବେ। ଅନାଦି ଘର ବି ସେଇ ଗାଁରେ। ସେ ଗୁରୁ ଗୋସେଇଂକି ହାତଯୋଡ଼ି ହୋଇ ସେ ରାତିରେ ତାର ସେବା ଗ୍ରହଣ କରିବାକୁ ବିନୟ କଲା। ବାବା ପାଚିଲା ଦାଢ଼ିତଳୁ ସ୍ମିତହସରେ ହଁ ଭରିଲେ।

ଦୁହେଁ ଚାଲିଛଂତି ପାହାଡ଼ ରାସ୍ତାରେ। ବାବା କେତେବେଳେ ମୁହଁ ଅଂଧାରରେ ଗଛବୃକ୍ଷର ଛାଇ ଗହଳି ଭିତରେ ଲୁଚିଯାଉଛଂତି ତ କେତେବେଳେ ପୁଣି ଚିକ୍

Digitized by srujanika@gmail.com

ଚିକ୍ ତାରା ଆଲୁଅରେ ଅନାଦି ଆଗରେ ଝଟକି ଉଠୁଛନ୍ତି। ଛାଇଟିଏ ପରି ଅନାଦି ଚାଲିଛି ପଛେ ପଛେ। ଅରଖପୁରରେ ପହଂଚି ବାବା ସିଧା ମହାଦେବଂକ ଦେଉଳଆଡ଼େ ମୁହାଁଇଲେ। ଅନାଦି ମହାଜନର ସଉଦା ବୋଝ ତା ଦୋକାନରେ ଜିମ୍ମା କରିଦେଇ ଦେଉଳରେ ଯାଇ ପହଂଚିଲା। ଖଂଡେ ମସିଣା ଆଣି ବାବାଂକ ବସିବାର ଏବଂ ଶୋଇବାର ଜାଗା କରିଦେଲା। କୂଅରୁ ପାଣିଆଣି ବାବାଂକ ଗୋଡ଼ ଧୋଇଦେଲା। ସେ ଜାଣେ ବାବା ରାତିରେ ଆଉ କିଛି ଖାଇବେ ନାହିଁ। ଟିକିଏ ଗପସପ ପରେ ବାବା ଶୋଇଗଲାରୁ ସେ ନିଜ ଘରକୁ ବାହୁଡ଼ିଲା।

ଅନାଦିର ମନେ ହେଲା, ତାର ବହୁଦିନର ସ୍ୱପ୍ନ ଆଜି ଯେମିତି ପୂର୍ବଜନ୍ମ ସୁକୃତରୁ ସାର୍ଥକ ହୋଇଛି। ସବୁ ସେଇ ଗୁରୁଂକ ଦୟା। କେତେ ଗାଁରେ ଅଲେଖ ଗାଦିରେ ଅନ୍ୟମାନଂକ ସଂଗେ ପାଳିଧରି ଭଜନ କଲାବେଳେ ସେ ଗାଇଛି ଭୀମ ଭୋଇଂକର ଗୁରୁଂକ ପାଇଁ ପ୍ରାଣଉଚ୍ଛୁଳା ଆତୁର କ୍ରଂଦନ :

"କେହି ଦେଖିଛ କି ବେନି ନେତ୍ରରେ,
ଅତିଥି ବେଶରେ, ବୃଦ୍ଧ ବୟସରେ, ଗୁରୁ ଯାଉଥିଲେ ଏହି ଦାଂଡରେ।
ମାତା ପିତା ନାହିଁ ଜନମ ହେଲେ, ସ୍ତନ ନ ଚୋବାଇ କ୍ଷୀର ଖାଇଲେ
ବାପଧନ ବୋଲି ଗେଲ କରୁଥିଲି, ଗୁରୁ ବସିଥିଲେ ମୋର କୋଳରେ।"

ତାପରେ ସେଇ ଗୁରୁଂକୁ ଖୋଜିଛି ସେ ବିଶ୍ୱବ୍ରହ୍ମାଂଡ ଯାକରେ। କିନ୍ତୁ କେଉଁଠି ପାଇ ନାହିଁ ତାଂକର ଚିହ୍ନବର୍ଣ୍ଣ। କିଂତୁ ଗୁରୁ ଯେ ଆସିଛଂତି ଏଥିରେ ତାର ସଂଦେହ ନାହିଁ। ଅନାଦି ଭାବେ, ଗୁରୁ ବୃଦ୍ଧ ବ୍ରାହ୍ମଣ ବେଶରେ ଆସଂତେ କି ସେ ତାଂକୁ ଜାବୋଡ଼ି ଧରଂତା ଛାଡଂତା ନାହିଁ। ତାଂକୁ କୋଳରେ ବସାଇ ଘନ ଘନ ଚୁଂବ ଦିଅଂତା, ତାଂକ ଧଳା ଦିହରେ ମିଶି ଲୀନ ହୋଇଯାଂତା। ସେ ଗୁରୁପ୍ରେମରେ ମତୁଆଳ ହୋଇ ଗାଇଛି :-

"ସର୍ବଶୁଭେ ଯେବେ ଭେଟ ପାଆଂତି କୋଳେ ଧରି ମୁଖେ ଚୁଂବ ଦିଅଂତି।
ଭଣେ ଭୀମସେନ ପାମର ଅଜ୍ଞାନ ତାଂକୁ ଖୋଜୁଛି ବ୍ରହ୍ମାଂଡ ଯାକରେ।"

ଅନାଦି ଭାବିଲା ନିଶ୍ଚେ ଇଏ ସେଇ ଗୁରୁ। ସେଇ ତାର ଭବସିଂଧୁ ପାରିହେବାର ଏକମାତ୍ର ଭେଳା। କ'ଣ ଅଛି ଏ ସଂସାରେ? ମିଛମାୟା ଏ ସଂସାର। କେହିଁ ନୁହଂତି କାହାର। ସବୁ ସୁଖ ଖଡ଼ଖଡ଼। ଚତୁର୍ଥ ବୟସ ହେଲେ ଆସି। ଜନମ ହୋଇବେ ରୋଗରାଶି। କଫ ସନ୍ନିପାତ ସଂଧିବାତ ପିତ୍ତ ଟଂଟି ଶୁଭୁଥିବ ଘଡ଼ଘଡ଼। ପିଂଡରୁ ପରାଣ ଯିବ ଛାଡ଼ି। ଶମଶାନକୁ ନେବେ ଘୋଷାଡ଼ି। ଭାଇ ବଂଧୁ ଆଦି କୁଟୁଂବ ସହିତେ, କାଠ ଲଦିଦେବେ ବଡ଼ବଡ଼। ଦଶମ ଦିନରେ ଦଶଘର। ଏଗାର ଦିନରେ ଷଡ଼ ରସର; ନାନାଦି ବ୍ୟଂଜନ ଦିବ୍ୟ ସରୁ ଅନ୍ନ କ୍ଷିରୀ ଖାଉଥିବେ ଷଡ଼ ଷଡ଼। ଗୁରୁ ହିଁ ତ ତାକୁ ଶବଦରୁ ନିଶବଦକୁ, ଜପାରୁ ଅଜପାକୁ ଭେଦ ବତାଇଦେବେ। ସେଇ ତ ଚାରିଯୁଗରେ ନର ଅଂଗରେ ଖେଳୁଛଂତି।

"ଚାରିଯୁଗେ ନର ଅଂଗେ ଖେଳୁଛଂତି ଭକ୍ତ ସଂଗେ
ଶୂନ୍ୟ ବୋଲି ଯେଉଁ ଶବଦ ସୁତ୍ର କରି ଘଟେ ସଂପାଦ।

Digitized by srujanika@gmail.com

କହଂତା ବହଂତା ଏ ଦୁଇ ମଧ୍ୟରେ, ବିରାଜି ବ୍ରହ୍ମ ସେଠାରେ
ଅଲେଖ ନାମ ଅଲେଖ, ଅଶେଷ ଲକ୍ଷଣେ ଲକ୍ଷିତ ଲେଖ ଅଣଲେଖ।
ଏ ଶରୀରେ ଦେଖ। (.....ବୋଲେ ଭୀମ ଅଂଧ ଗୁରୁ ପଦାରବିଂଦ କରପତ୍ର ଯୋଡ଼ି ମାଗେ....)''

ଅନାଦି ଏ ସବୁ ଭଜନ, ଜଣାଣରୁ ବେଶି କିଛି ବୁଝେନାଇଁ। ବରଂ କହିଲେ ଠିକ୍ ହେବ ଯେ ସେ ଯେତିକି ବୁଝେ ତାଠୁ ବେଶୀ ତାର ଅବୁଝା ରହିଯାଏ। କିଂତୁ ବହୁ ଭଜନ ଜଣାଣ ଚୌପଦୀ ସେ ମନେ ରଖିଛି। ଅଲେଖ ଗାଦିରେ ଖାତାବହି ନ ଦେଖି ସେ ଏସବୁ ନିଜେ ଅନାୟାସରେ ବୋଲିପାରେ। ସେ ଜୀବନ ସହିତ, ଦୁନିଆ ସହିତ ଆଦୌ ନିଜକୁ ଖାପ ଖୁଆଇ ପାରେ ନାଇଁ। ଭାବେ, ମଣିଷ ଜୀବନ ତ ପାଣି ଫୋଟକା। 'କେତେଦିନକୁ ମନ ବାଂଧୁଛୁ ଆଂଟ'? ଉଡୁଛି ତ ମୁଂଡ ଉପରେ କାଳ ଛଂଚାଣ। ବେଶ୍ ଗୋଟାଏ ଝାଁପ ମାରିବ, ସବୁ ଶେଷ। ଦୀନକୃଷ୍ଣ ଗୋସେଇଂକ ଭଜନରୁ ପଦେ ଅଧେ ମନେ ପଡ଼ିଯାଏ :-

''ବାଇମନ ମନକୁ ବୁଝ।
ଧନ ଦାରାସୁତ ଆବୋରି ରହିଛୁ ଘେନିଯିବେ ତୋତେ ଖଂଟ ପରଜା।
ରଜକ ଯେ ନେବ ପାଲଟା ବସନ ସଂଗ ଛାଡ଼ିଯିବ ଘର ଭାରିଯା।
ଦଶ ଦ୍ୱାରେ ଦଶ କବାଟ ଲାଗିଛି ଏକ କିଳିଣିକି ପଡ଼ିଛି ଖୋଜା।
କିଳିଣି ଫିଟିଲେ କବାଟ ଫିଟିବ ବଂଧୁ କୁଟୁଂବଂକୁ ତୋର କହ ଯା।''

ଢୋରଂଦା ଗାଦିକି ଯାଇଥିଲା ସେ। ମହିମା ଗୋସେଇଁ ଅବଧୂତ ବାବା ଶରୀରଭେଦ ଭଜନ ବୁଝାଉଥିଲେ, ସେ ଶୁଣିଛି। ଅଚ୍ୟୁତ ଗୋସେଇଁ ଯଶୋବଂତ ଗୋସେଇଁଙ୍କ ଭଜନମାନ ତାର ମୁଖସ୍ଥ ରହିଛି।

''ମନ ହୋ। ବସି ହଂସକୁ ଖେଳା। ହଂସ ଉଡ଼ିଗଲେ ବୁଡ଼ିବ ଭେଳା।
ଶୁଖିଲା ପୋଖରୀ ମାରେ ଲହଡ଼ି, ଡିଂବ ଅଛି ଛୁଆ ଗଲାଣି ଉଡ଼ି।
ଡିଂବ ଗୋଟିକେ ତିନି ତିନି ଛୁଆ, ସୁଜ୍ଞାନୀ ହୋଇଲେ କହିବୁ ଏହା।
ପୋଖରୀ ଖୋଳିଲେ ଚାରି ଚୌକସ, ଡିଂବ ପାରିଗଲା ଅଂଡିରା ହଂସ।
ସର୍ପକୁ ମଂଡୁକୀ କରୁଛି ଗେଲ, ଯୂଈ ବୃକ୍ଷେ ଅଛି ମଂଦାର ଫୁଲ।
ନଅ ଦ୍ୱାରକୁ ହେ ନଅ କବାଟ, କେଉଁଠାରେ ଅଛି କଳପ ବଟ?
ଗୀତ ଛଅପଦ ଅର୍ଥ ବହୁତ। ଭାବରେ ଭଣିଲେ ଦୀନ ଅଚ୍ୟୁତ।''

କଣ ଏ ସବୁ ପଦର ମାନେ? ଅନାଦି କିଛି ଭାବି ପାରେ ନାଇଁ। ତଥାପି ତାର ମନେ ହୁଏ ସେ ଅନେକ କିଛି ବୁଝିଛି। ପୁଣି ଯଶୋବଂତ ଗୋସେଇଂକ ଭଜନ ସେ କଣ ଜାଣି ନାଇଁ?

''ପଡ଼ିଛି ବଂଧ ତ୍ରିବେଣି ଘାଟେ, ବଂଧଫୁଟି ପାଣି ବୋହୁଛି ଆଂଟେ।
ବଂଧ ଆୟତନ ବାର ଯୋଜନ। ଯେତେ ବଂଧାଇଲେ ହେଲା ଟାଣ।
ବଂଧ ପଡ଼ିଅଛି ମେରୁକୁ ଲାଗି। ବଂଧ ତଳେ ବକ ବସିଛି ଜଗି।
ପାଂଚ ପଧାନ ପଚାଶ ମୂଲିଆ। ଯେତେ ବଂଧାଇଲେ ପଡ଼େ ଗଳିଆ।
କହେ ଯଶୋବଂତ ବଂଧ ଉଜାଣି, ମନ ସିନା ବଂଧ ପବନ ପାଣି।''

Digitized by srujanika@gmail.com

ଅନାଦି ମହାଜନର ଦୋକାନ ପାଇଟି ସାରି ରୋଜ ଯାଏ ପାଖ ଗାଁର ଅଲେଖ ଟୁଂଗିକି। ସେଠି ଜୁଟଂତି କେତେ ଆତୁ କେତେ କେତେ ଭକ୍ତ। ଖଂଜଣୀ ମାଡ଼ ହୁଏ ଅନେକବେଳ। ଭଜନ ସରେ ରାତି ଦି’ ଘଡ଼ିକେ। ଖଂଜଣୀ ପଚାରେ ଖଂଜଣୀକି, ଖଂଜଣୀ ଉତ୍ତର ଦିଏ। ଅନାଦିର ଶତାଧିକ ଭଜନ ମୁହେଁ ମୁହେଁ ପାଠ। ମହାଜନଠୁ ରୋଜ୍ ଗାଳିମଂଦ ଶୁଣିବାକୁ ପଡ଼େ ଅନାଦିକୁ। ସଉଦା ଓଜନ କରିବାରେ ସେ ତଉଲ ଜାଣେ ନାହିଁ। ଭେଲକୁ ଖାଂଟି ବୋଲି କହି ଚଢ଼ା ଦାମ୍ ଆଦାୟ କରିବାରେ ସେ ଅପାରଗ। ଅଗରାମିଶା ସୋରିଷତେଲକୁ ସେ ଖାଂଟି ବୋଲି ଗରହାକଂକ ମନରେ ବିଶ୍ୱାସ ଜନ୍ମାଇ ପାରେ ନାହିଁ, ଚକ୍ଷୁମିଶା ଅଟାକୁ ସେ ଖାଂଟି ବୋଲି ଚଳାଇ ପାରେନାହିଁ। ଏ ସମସ୍ତ ଦୋଷ ସତ୍ତ୍ୱେ ମହାଜନ ତାକୁ ଛାଡ଼ିପାରେ ନାହିଁ। କାରଣ ଆଜିକାଲି ଯୁଗରେ ତା’ ଭଳି ଜଣେ ସଚ୍ଚା ଚାକର ମିଳିବା ମୁସ୍କିଲ୍।

ତା’ପର ଦିନ ସକାଳେ ଅନାଦି ଯାଇ ପହଂଚିଲା ବାବାଂକ ପାଖରେ। ବାବା ନିତ୍ୟକର୍ମ ସାରି ନାମ ଜପ କରୁଥିଲେ। ଅନାଦି ଓଳଗି ହୋଇ ତାଂକୁ କେତେ କ’ଣ ଭଲ ଭଲ ଜିନିଷ, ପୁରି ମାଳପୁଆ, ନଡ଼ିଆକୋରା ଖାଇବାକୁ ଦେଲା। ବାବା ଖାଇ ସାରିବା ପରେ ତାଂକ ଗୋଡ଼ ଧରି ତାଂକ ଗାଁରେ ଅଂତତ ଦି ତିନି ମାସ ରହିଯିବାକୁ ଅଳି କଲା। X X X

କ୍ରମେ ବାବାକଂର ନାମଡାକ ଚାରିଆଡ଼େ ପ୍ରଚାର ହୋଇଗଲା। ବହୁତ ଭକ୍ତ ଆସି ଜୁଟିଲେ। ଦୂର ଦୂରାଂତରୁ ବହୁ ଗୁହାରିଆ ଆସି ଭିଡ଼ କଲେ, କାହାର କି ବେମାରି ହୋଇଛି, ସମସ୍ତେ ଆସି ଭିଡ଼ ଜମାଇଲେ। ନିଜେ ମହାଜନ ଭିକାରୀରାମ ସେଦିନ ପିତଳ ଥାଳିରେ ସଂଚା ନେଇ ଆସି ପହଂଚିଲେ।

ବାବା ସମସ୍ତଂକୁ ସ୍ମିତ ହାସ୍ୟରେ ଆଶ୍ୱାସନା ଦିଅଂତି, ସାଂତ୍ୱନା ଦିଅଂତି। ପ୍ରଭୁ ଜଗନ୍ନାଥଂକ କୃପାଭିକ୍ଷା କରିବାକୁ ଉପଦେଶ ଦିଅଂତି। କହଂତି ‘‘ମହା ନିତ୍ୟେ ଖେଳ ଦେଖ ଜଂବୁଦ୍ୱୀପେ ହେ, ଶରୀରାର୍ଥେ ପ୍ରକାଶିତ ବାହ୍ୟରୂପେ ହେ। X X X ଭଣେ ଭୀମସେନ ଭୋଇ, ସମସ୍ତେ ପାଇବେ ନାହିଁ; ସଦଜ୍ଞାନ ମୁକ୍ତପଥ ଗୁରୁମୁଖେ ହେ।’’

ବାବା ସମସ୍ତଂକୁ ଧୀର ଭାଷଣରେ ବୁଝାଂତି- ସେଇ ଖଂଡପତି, ସ୍ଥାନପତି, ସେଇ ପୁଣି ଜଗତ୍‌ପତି ଜଗନ୍ନାଥ। ସେ ଅକାର, ସେ ନିରାକାର/ଅଣାକାର। ସେ ସଗୁଣ ସେ ନିର୍ଗୁଣ, ସିଏ ଅଜପା ପୁଣି ଜପା। ସିଏ ନିର୍ଝର ପୁଣି ଝରଝର, ଜ୍ୟୋତି ଏବଂ ଅଜ୍ୟୋତି।

‘‘ସଂଜ୍ୟୋତି ତେଜ ତୋର   ନାହିଁ ଦେଉଛି ଧରା
ଅଜ୍ୟୋତି ବ୍ରହ୍ମ ତହିଁ ଖେଳୁଛି ହେ।
ରୂପ ପ୍ରାୟ ଦିଶୁଛି   ଅରୂପେ ବିହରୁଛି
ଅଦୃଷ୍ଟି ଅସ୍ଥାନରେ ବସିଛି ହେ।
ଅବ୍ୟକ୍ତ ହୋଇଅଛି   ବଚନ ନ କହୁଛି
କୃପାମୟ ଶରୀର ବହିଛି ହେ।
ନିର୍ଝରରୁ ଝରୁଛି   ଝରଝର ବୋହୁଛି

Digitized by srujanika@gmail.com

ଭଣିଲେ ଭୀମ କଂଧ ସେ ଯେଉଁ ପୂର୍ଣନଂଦ
ପଦାରବିଂଦୁ ପଦ ଝରୁଛି ହେ।''

ପୁଣି ବାବା ଭଜନ ଗାଆଂତି :-

''ଲାଗିଥିଛି ବ୍ରହ୍ମଅଗ୍ନି ଅଲେଖ କୁଂଡେ
ଧାପ ହେଉଅଛି ଏକୋଇଶ ବ୍ରହ୍ମାଂଡେ (କହେ ଭୀମସେନ ଭୋଇ....)

ଅନାଦି, ଆଉ ଆଉ ଭକ୍ତମାନେ ପାଳିଧରି ଗାଆଂତି :-

''ଠୁଳ ଶୂନ୍ୟଘରକୁ କର ବିବେକ
ନିଶବଦ ଭୁବନ, ଘୁ ଘୁ ନାଦ ଗର୍ଜନ ଅଗାଧ ସାଗର
ନାହିଁ ତହିଁ ନୀର ପୂରି ରହିଅଛି ହୃଦ ପଂକ।
ଏକାକ୍ଷର ନିର୍ବେଦ, ସରି ଆସୁଅଛି ପଦ
ଭଣେ ଭୀମସେନ ଭୋଇ ମୂରୁଖ।''

ଏହାପରେ ନାନା ତତ୍ତ୍ୱ ବଖାଣ ହୁଏ; ଧ୍ୟାନ ଯାଇ ଲାଗିଛି ଭ୍ରମର ଗୁଂଫାରେ ଯାଉଁଳି ଅର୍ଗଳ ମଧରେ ଭ୍ରମର ସୁଖରେ ଲୀଳା କରୁଛି।

''ଲେଉଟ ପବନ ପାଲଟି ବୋହୁଛି ସୂଚିମୁନେ ତାର ବାଟ
ତିଳ ଚୋପା ପ୍ରାୟ କବାଟ ଲାଗିଛି ଚଳେ ମତ୍ତଗଜ ଥାଟ।
ହଂସ ଘରେ ହଂସ ହଂସୁଳୀ ଅଛଂତି ଦୁହେଁ ଦୁହିଁଙ୍କି ଅଦୃଶ୍ୟ
କହଇ ମୋହନ ଗୁରୁ ସେବା କଲେ ଅଦୃଶ୍ୟ ହୋଇବ ଦୃଶ୍ୟ।''

(ଏ ମୋହନ କିଏ ? ଜଣେ ବୁଢ଼ା ଭକ୍ତ କହିଲେ, ସେ ତାଂକୁ ତାଂକ ପିଲାବେଳେ ଜଲୌକାରେ ରହିବାର ଶୁଣିଥିଲେ। ଏବେ କୁଆଡ଼େ ଶିଶୁ ଅନଂତଂକ ସଂଗେ ଖଂଡଗିରି ଗୁଂଫାରେ ଗୋପ୍ୟ ହୋଇ ରହିଛଂତି।)

ତା'ପରେ ଚାଲେ ଖଂଜଣୀ ମାଡ଼।

''ଭଜ ମନ କଳା କହ୍ନାଇ, ଭଜିଲେ ଏ ଦୁଃଖ ରହିବ ନାହିଁ।
ନିଶବଦ ଘରେ ଶବଦ ଶୁଭୁଛି ଅଣାକାର ଅଛି ଆକାର ହୋଇ।''

ଏହାପରେ ଆରଂଭ ହୁଏ ଅଚ୍ୟୁତଂକ 'ଶରୀରଭେଦ'।

''ଆରେ ଭଜମନ, ଭଜି ପାରିଲେ ପାଇବୁ ଦରଶନ।
ତ୍ରିବେଣୀ ବହୁଛି ତିନିଧାର, ବହଂତା ନଈକି ଥୟକର।
ବଂକୁନାଳେ ପଶି ଉଠିବ ଉଜାଣି, ଉଡ଼ିଯିବ ତୋର ହଂସା ଘର।''

ବାବା ବୁଝାଇ ଦିଅଂତି : ସେଇ ଅଣାକାର ବ୍ରହ୍ମ ହିଁ ଈଶ୍ୱର, ସେ ଶୂନ୍ୟପୁରୁଷ। ହେଲେ ତାଂକର ରୂପ ଅରୂପ ଦୁଇଟି ସ୍ୱରୂପ। ''ଅଦେଖା ଦେଖିଲେ ସାର, ଅମପା ମାପିଲେ ପାର। ଅଚିହ୍ନାକୁ ଚିହ୍ନି ଭଜ ଅଣରୂପର। କହେ ଭୀମ ହୀନ ଦାସ, ଅବନା ମଂଡଳେ ପଶ, ନିବେଶି ଲଗାଇ ଉଠ ଶୂନ୍ୟ ଶିଖର।''

ସେ ହେଉଛଂତି ସ୍ଥିତି, ସେଇ ପୁଣି ଅଣସ୍ଥିତି। ଭୀମଭୋଇ କହି ନାହାଂତି- ''ସ୍ଥିତି ବସ୍ତିରେ ନ ଥିଲା। କେଉଁ ଭିତରେ ରହିଲା। ତାଂକୁ ଯେ ଭେଟାଇ ଦେବ ତା ପାଦ ଧରିବ ଯାଇ।''

Digitized by srujanika@gmail.com

ତା'ପରେ ବାବା ଚକ୍ଷୁ ଅର୍ଦ୍ଧନିମୀଳିତ କରି ଗାଆଂତି- "ଅନଂତ ଖଂଜଣୀ ବାଜେ ବ୍ରହ୍ମାଂଡ ଉଛୁଳି ଗୋ, ଗ୍ରହ ଗ୍ରହ ନିରଂନ୍ତରେ ମହା ନିତ୍ୟର ମଂଡଳୀ ଗୋ।" ହାୟ! ହାୟ! ସିଦ୍ଧପୁରୁଷ ଭୀମ କଂଧ। ଶେଷରେ କହିଲେ କଣନା- 'ନିଅଇଁଠା ପାଦ, ନିଷମ ନିର୍ବେଦ କଳ୍ପନା ନ କର ଧର ପାଦପଦ୍ମ। ନ ବାଂଛା ଦର୍ଶନ କରାଅ ପ୍ରସନ୍ନ। ଆଶା ଭରସା ନ ଦେଇ ହେ।"

ସେଦିନ ଅଚ୍ୟୁତ ଗୋସେଇଁଙ୍କ ଜନ୍ମତିଥି। ଖୁବ୍ ଜୋରରେ ଧୂନି ଲାଗିଥାଏ। ଭଜନ ଚାଲିଥାଏ ଘମାଘୋଟ। ଦୀପରୁ ତେଲ ସରିଗଲେ ପୁଣି ଟିକିଏ ତେଲ ଢଳାଯାଉଥାଏ। ମଂଡଳୀ ଭିତରେ ଚିଲମ ବୁଲୁଥାଏ। ହାତମୁଠା ସଂଧିରେ ଗୋଟାଏ ଗୋଟାଏ ଟାଣଦେଇ ଜଣେ ଆଉ ଜଣଂକ ହାତକୁ ଚିଲମ ବଢ଼ାଇ ଦେଉଥାଏ। ସମସ୍ତଙ୍କ ଆଖି ଧୂସରରୁ ଲାଲ ହୋଇଆସିଲାଣି। ସଂସାର ଶୂନ୍ୟ ମଂଡଳ ପରି ପ୍ରତେ ହେଉଛି। ତା'ରି ଭିତରେ ବାବା ବୁଝାଉଥାଂତି ଲାଲ ଲାଲ ଆଖିକୁ ବିସ୍ଫାରିତ କରି, ତିନି ନାଡ଼ୀର ରହସ୍ୟ। ଇଡ଼ା, ପିଂଗଳା ଓ ଶିଶୁମନା ଭିତରେ ପବନ ଚାଳନା କରି ମୂଳାଧାରରେ ଶୋଇଥିବା କୁଂଡଳିନୀ ସାପକୁ କିମିତି ଉଠାଇବାକୁ ହୁଏ- କିମିତି ତାକୁ ଉର୍ଦ୍ଧ୍ୱକୁ ଚାଳନା କରିବାକୁ ହୁଏ। ସେଇ ତ ତ୍ରିବେଣି ଘାଟ, ସେଇଠି ଶୋଇଛି ଅହି। ତାକୁ ତାଳୁକୁ ଉଠାଇବାକୁ ହେବ- ବ୍ରହ୍ମରଂଧ୍ରରେ ପ୍ରବେଶ କରାଇବାକୁ ହେବ। ତେବେ ତ ଯାଇ ମୁକ୍ତି।

ଏତିକିବେଳେ ଜଣେ ଆରଂଭ କରିଦେଲେ ଖଂଜଣୀ ପଚରା, ଖଂଜଣୀ ଉତ୍ତର। ଖଂଜଣୀ ପଚାରୁଛି ଖଂଜଣୀକି, କହ, କହ, ଯେ ଖଂଜଣୀ କେଉଁଠାରେ ଜନ୍ମହେଲା? କିଏ କେଉଁଠାରେ ଥିଲା, କିଏ ସେ ଗଢ଼ିଲା, କେଉଁଠାରେ? ତାର ଦୀର୍ଘ ପ୍ରତି ମୋଟ କେତେ? ତାର ବହଳ କେତେ ପଳ? ଖଂଜଣୀରେ କେଉଁ ଚର୍ମ ଛାଏଣି ହୋଇଛି? ଗୋଧିଚର୍ମ ବୋଲିତ ସମସ୍ତେ ଜାଣନ୍ତି। କହରେ ତୁ, ଗୋଧିର ଦୁଇଟା ଜିଭ କାହିଁକି? ଶେଷରେ ଗୋଧିଠି ତାଳ ଛିଂଡ଼େ।

ଖଂଜଣୀ ପଚରା: "ଗୋଧିଜାତି ହେ। କେଉଁଠାରୁ ହେଲା ଉତପତ୍ତି ହେ।
କିଂପାଇ ଯେ ସର୍ବଠାରେ ପୂଜା ସେ ପାଇଲା?
ଦେବତା ଅଳୟେ ସେହୁ କିପାଁଇ ବାଜିଲା?
କେଉଁ ମଂତ୍ର ହେ। କେମଂତ ସେ ହୋଇଲା ପବିତ୍ର ହେ।"

ଖଂଜଣୀ ଉତ୍ତର: (ଯାହାର ମର୍ମ ଏହିପରି): ଦିନେ ଈଶ୍ୱର ଘୋର ବନକୁ ଚଳିଲେ। ସେଦିନ ବୈଶାଖ ଶୁକ୍ଳ ପଂଚମୀ। ଈଶ୍ୱର ଭାଂଡିର ବନରେ କେଳି କଲେ। ସେଠାରେ ଆଂବ ଜଂବିଳ ବୃକ୍ଷମାନେ ଈଶ୍ୱରଂକ ଲୀଳା ଦେଖିଲେ। ଗଛମାନେ ପଲ୍ଲବିଲେ। ବ୍ରହ୍ମା ଆଦି ଦେବଗଣ ଈଶ୍ୱରଂକ ଲୀଳା ଦେଖିବାକୁ ମନକଲେ। ସେମାନେ ଆସି ସ୍ତୁତି କରିବାରୁ ହରି ସ୍ମରଣରେ ଈଶ୍ୱରଂକ ଚେତା ଫେରି ଅଇଲା। ସେ କୋପାନଳ ନେତ୍ରରେ ଚାହାଂତେ ବନ ଲତା ହୁତାଶନରେ ଜଳିଗଲେ। ଗୋଟିଏ ବୃକ୍ଷ ଦେବତାଂଙ୍କ ମେଳରେ ଥିବାରୁ ରହିଗଲା। ଦେବତାଏ ତାର ଦେବଦାରୁ ନାମ ଦେଲେ। ପୁଣି ଯତି ତ୍ରିଶୂଳ ବାହାର କରି ତାହା ମୂଳରୁ ଛେଦିଲେ। ଚବିଶ ଆଂଗୁଳ

Digitized by srujanika@gmail.com

କରି ମୂଳକୁ ରଖିଲେ। ବାରାଂଗୁଳକୁ ମଝିରୁ ବେନି ଭାଗ କଲେ। ଖଂଡ଼ିକରେ ଶିବ ଡମ୍ବୁ ଡିଣ୍ଡିମ ଭିଆଇଲେ। ଅନ୍ୟ ଖଂଡିକରୁ ସମସ୍ତେ ମିଳି ଯଂତ୍ର ଖଂତେ ତିଆରିଲେ। କେଉଁ ଚର୍ମରେ ଛାଉଣି ହୋଇବ ବୋଲି ଈଶ୍ୱରଙ୍କୁ ପଚାରଂତେ ଈଶ୍ୱର କହିଲେ ଗୋଧି ଚର୍ମରେ ଛାଉଣି କର। ଗୋଧିର ଜନ୍ମ ଗଂଗାରୁ ହୋଇଛି।

''ଈଶ୍ୱର କହିଲେ କଥା ଶୁଣ ମନ ଦେଇ
ଗଂଗାରୁ ଗୋଧି ଜନମ ହେଲା କେମଂତାଇ।
ଏକଦିନେ ସେ। ଅଜଗର ଆସିଣ ସେ ଛାନେ ହେ।
ଗଂଗାରେ ପଡ଼ିଣ ଅଜଗର ଭାସିଯାଂତେ
କୁଂଭୀର ଗୋଟିଏ ଆସି ମିଳିଲା ଅଗ୍ରତେ ଯେ।
ଅଜଗରକୁ ଗିଳିବା ପାଇଁ ହେ। ଊର୍ଦ୍ଧ୍ୱମୁଖ ହୋଇ ଅଜଗର ଭାସିଗଲା।
କୁଂଭୀର ପୃଷ୍ଠ ଉପରେ ଚଢ଼ିଣ ବସିଲା। କୁଂଭୀର ଯେ ଅଜଗର ପୀରତି ହୋଇଲା।
କୁଂଭୀର ଉଦରୁ ଗୋଧି ଜନମ ହୋଇଲା। ଏଣୁ କରି ହେ।
ଦୁଇଗୋଟି ଜିହ୍ୱା ଯେ ତାହାରି ହେ।''

ଗୋଧି ଗଂଗାରୁ ଭାସିଯାଇ ଲବଣ ଜଳରେ ଲାଗିଲା। ମାତ୍ର ଲବଣ ଜଳ ତାକୁ ସୁହାଇଲା ନାହିଁ। ତେଣୁ ସେ କୂଳରେ ବିଲ କରି ରହିଲା। ହରି ଭୋଇ ତାକୁ ଖୋଜି ଆଣି ମାରି ପକାଇଲା।

''ହରି ଭୋଇ ଖୋଜି ଗୋଧି ଗୋଟିଏ ଆଣିଲା
କାଟିନେଇ ଗୋଧିଚର୍ମ ଛାଲି ପକାଇଲା।
ଖୋଳେ ନେଇ ହେ। କପ୍ ପିଥ ବୃକ୍ଷର କ୍ଷୀର ଦେଇ ହେ।
ହରିନାମ ମହାମଂତ୍ର ଉଚ୍ଚାରଣ କଲା। ପବିତ୍ର କରିଣ ହରିନାମ ଉଚ୍ଚରିଲା ହେ।
ଗାୟନ ହେ, କରଂତେ ବାଜିଲା ଘନ ଘନ ହେ।''

ଠିକ୍ ଏତିକିବେଳେ ଦୁଇକୋଶ ଦୂରର କରମଳ ଗାଁରୁ ଜଣେ ଭକ୍ତ ପାଣୁଆ ଭୋଇ ଧଇଁସଇଁ ହୋଇ ଆସି ପହଂଚିଲା। ସେ ସମସ୍ତଂକୁ ଚମକ ଲଗାଇଦେଇ କହିଲା : ''ଆଜ୍ଞା, ଆମ ଗାଁରେ ଦି'ଜଣ ବାବାଜିଂକୁ ପିଟିପିଟି ଖଂଡିଆ ଖାବଡ଼ା କରିଦେଲେଣି। ଜଣେ ବଂଚିବ କି ନାଇଁ ସଂଦେହ। ପୁଲିସ ଆସି ତନାଘନା ତଦଂତ ଚଳାଇଛି। କେତେଜଣ ଗାଁ ଲୋକଂକୁ ଧରପଗଡ଼ କଲାଣି।''

''କ'ଣ, କଥା କଣ, କ'ଣ ହେଲା'' ସମସ୍ତେ ଏକ ସ୍ୱରରେ ପଚାରିଲେ। ପାଣୁଆ କହିଲା, ଆଜ୍ଞା ନରାଜଠାରେ ସେ ଯେଉଁ ପୋଲ ତିଆରି ହେଉଛି, ସେଠି ବଳିଦେବା ପାଇଁ ଦି'ଟା ଟୋକାଂକୁ ବାବାଜି ଦି'ଜଣ କ'ଣ ଗୋଟାଏ ଫୁଲ ଶୁଂଘାଇ ଦେଇ, ଧରିନେଇ ଯାଇଥିଲେ। ଗୋଟାଏ ବଣରେ ଲୁଚାଇ ରଖିଥିଲେ। ଆଜି ରାତିରେ ବଳି ଦେଇଥାଂତେ। ଗାଁଆବାଲା ସଂଧାନ ପାଇ ପିଲା ଦିଟାକୁ ଉଦ୍ଧାର କରିଛଂତି। ଆଉ ବାବାଜି ଦି'ଜଣଂକୁ ଧରିଛଂତି।'' ସେଦିନ ତରବରରେ ଭଜନ ସାରି ଯିଏ ଯାହାର ଘରକୁ ଫେରିଗଲେ।

Digitized by srujanika@gmail.com

ୟାର ଦୁଇ ତିନି ଦିନପରେ ଚାରିଆଡ଼େ ନାନା ଗୁଜବ ରଟିବାକୁ ଲାଗିଲା । କିଏ କହିଲା, ସେହି ପୋଲର କଂଟ୍ରାକ୍ଟର, ଜଣେ ପଂଜାବି, ଏ ବାବାଜି ଦୁହିଁଙ୍କୁ ପଠାଇ ପିଲା ଦିଟାଂକୁ ବଳିଦେବାପାଇଁ ଧରି ନେଇ ଯାଇଥିଲା ।'' ପୁଣି ଥୋକେ ରଟନା କଲେ, ''ଆସାମ ଚା ବଗିଚାର ଜଣେ କୁଲୀ ଠିକାଦାର ଆସାମ ଚାଲାନ୍ କରିବା ପାଇଁ ବାବାଜିଂକୁ ଦେଇ ପିଲାମାନଙ୍କୁ ଧରି ନେଇଯାଉଛଂତି ।'' କିଏ କହିଲା, ''ମା ବାପ ଜାଣିଶୁଣି ପିଲାଂକୁ ବିକି ଦେଉଛଂତି, ମୋଟା ଟଂକା ଲୋଭରେ ।'' ଇତ୍ୟାଦି, ଇତ୍ୟାଦି ।

କିଛିଦିନ ପରେ ଅରଖପୁର ପାଖରୁ ଗୋଟିଏ ପିଲା, ଲୋଚନା, ହଜିଲା । ସମସ୍ତଂକ ତୀକ୍ଷଣ ଦୃଷ୍ଟି ବାବାଂକ ଉପରେ ପଡ଼ିଲା । ସେ ଚଉଦ ପଂଦର ବର୍ଷର ଟୋକାଟା କୁଆଡ଼େ ଦି'ଚାରି ଦିନ ତଳେ ତା ବାପ ସଂଗରେ ଅଲେଖ ଟୁଂଗିକୁ ଆସିଥିଲା, ବାବାଂଙ୍କ ପାଖକୁ ଭଜନ ଶୁଣିବାକୁ । ବାବା ଉଦ୍‌ବିଗ୍ନ ହୋଇ ଉଠିଲେ । ତାଂକ ମୁହଁରୁ ସେ ସ୍ମିତହାସ ଲିଭିଯାଇଛି । ଧଳାଧଳା ଦାଢ଼ିନିଶ ତଳେ ସେଇ ଝକ ଝକ ମୁରୁକି ହସ ଆଉ ବାହାରୁ ନାହିଁ ।

ବଡ଼ି ସଖାଳୁ ଚାରିଆଡ଼େ ହଲ୍ଲା ହେଲା, ବାବା ଆଶ୍ରମରେ ନାହାଂତି । ତାଂକର ଜିନିଷପତ୍ର, ଝୁଲାମୁଣି, ତାଳପତ୍ର ଛତା, ବାଡ଼ି, କମଂଡଳୁ କିଛି ନାହିଁ । ଅନାଦି ଆସି ବାବାଂକୁ ନ ଦେଖି ମୁଂଡରେ ହାତ ଦେଇ ବସିଲା । ଗାଁ ଲୋକେ ଆସି ବାବାଂକ ଗୁଣ ସୁମରି ବାହୁନିଲେ । କେହି କେହି କାଂଦି ପକାଇଲେ । ହାଂଡ଼ିରେ ପଖାଳଭାତ ଗଂଡ଼ାଏ ଥିଲା, ସେମିତି ରହିଛି । ବାବା କିଛି ନଖାଇ ଭୋକିଲା ପେଟରେ ଚାଲିଗଲେ ।

ସଂଜବେଳକୁ ନିଧି ଜେନା ଆସି ଖବର ଦେଲା : ସେ ବାବାଂକୁ ସାତକୋଶ ଦୂରରେ ଶରଧାପୁର ପାଖରେ ଦେଖି ଆସିଲା । ବାବା ମୁହଁ ଶୁଖାଇ ଏକୁଟିଆ ଚାଲିଛଂତି । ତାଂକ କାଂଧ ଉପରେ ଝୁଲାମୁଣିରେ କେତେଖଂଡ ଲୁଗା କଂବଳ ଆଉ ଆଶାବାଡ଼ିଟା ଝୁଲୁଛି । ଦୂରରୁ ଦେଖିଲେ ମନେହେବ ଯେମିତି ଗୋଟାଏ ଗୋଧି ବସିଛି ।

ନିଧିଆ କଥାଶୁଣି ଗାଁ ଲୋକେ ହାୟ ହାୟ କରିବାକୁ ଲାଗିଲେ ।

ଏହାର କିଛିଦିନ ପରେ ଥୋକେ ଲୋକ କୁହାକୁହି ହେଲେ : ବାବା ଲୋଚନାକୁ ମଂତ୍ର ବଳରେ ଗୋଧି କରିଦେଇ ନେଇଗଲେ । ଖଂଜଣୀ ବନେଇବେ ।

Digitized by srujanika@gmail.com

ପଂଡିତଂକ ମୃତ୍ୟୁ

ପୋଥାଳ ଗ୍ରାମର ପଂଡିତ ବିଶ୍ୱଂଭର ନଂଦଂକର ନିଜ ମୃତ୍ୟୁ ବିଷୟରେ ଗୋଟାଏ ସ୍ପଷ୍ଟ ଧାରଣା ଅଛି। ସେ କେତେବେଳେ ମଲେ, କେଉଁଠି ମଲେ ଏବଂ ସେତେବେଳେ ଆର୍ଦ୍ରା କି ମୂଳା କେଉଁ ନକ୍ଷତ୍ରର କେତେ ଦଂଡ; କେତେ ଲିତା ଭୋଗ ହୋଇଥିଲା, ଏସବୁ କଥା ତାଂକ ଜିଭ ଆଗରେ ଥୁଆ। ସେ ଗ୍ରାମବାସୀଙ୍କୁ ଶୁଣାଇ ଶୁଣାଇ କହଂତି, ଏଡ଼େ ବଡ଼ ଗାଁଟାରେ କେହିଁ ଜଣେ ହେଲେ ତାଂକୁ ରକ୍ଷା କରି ପାରିଲେ ନାଇଁ; ସେଇ ସାତଗଛିଆ ନଟାରେ ବାଂକ ନାଳକୂଳରେ କିଏ ଗୋଟାଏ ତାଂକୁ ମାଡ଼ି ବସିଲା। ସିଏ ଯେତେ ଡାକିଲେ କେହି ଶୁଣିଲେ ନାଇଁ, ଭେଂଡା ପୁଅଟା କଣ କିଛି କଲା। ତା'ପରେ ସେ କହିବସଂତି ସେଦିନ କି ତିଥି ବାର ଥିଲା, ଚଂଦ୍ରଶୁଦ୍ଧି ଥିଲା କି ନାଇଁ, ଘାତଚନ୍ଦ୍ର କେତେ ଭୋଗ ହୋଇ କେତେ କେତେ ବାକି ଥିଲା, ଶନି ଚତୁର୍ଥରେ ଥିଲେ କି ନାହିଁ ଇତ୍ୟାଦି ଇତ୍ୟାଦି। ସେଦିନ କୁଆଡ଼େ ଥିଲା ମଗୁଶିର ଶୁକ୍ଳା ଦ୍ୱାଦଶୀ, ଉଦୁଉଦିଆ ଦି'ପହର। ଆଉ ଗଲାରାତିରେ ଗୋଟାଏ ଅଂଡିରା ବିଲୁଆ ବୋବାଇ ଯାଇଥିଲା ତାଂକ ବାଡ଼ି ଦୁଆର ମୁହଁରେ।

ସେ ନିବିଷ୍ଟ ମନରେ ଦାଂଡପିଂଡାରେ ବସି ସାମନା ଟାଂଗଣାରେ ଥିବା ଉଚା ଉଇହୁଂକାଟା ଆଡ଼କୁ ଅନାଇ ରହଂତି। ହୁଂକା ଉପରେ ପିଂପୁଡ଼ିଂକ ଧାର ଲାଗିଛି, ସୁନାରି ଗଛରୁ ହଳଦିଆ ଫୁଲ ଝଡ଼ିପଡ଼ି ଚାରିଆଡ଼ ଛାଇ ଦେଇଛି। ପାଖ ନାଗଅଇରି ବଣରେ କଂକିଟିଏ ବସି ଖରା ପୋଉଁଚି। ସେ ଫାଂକା ବଲବଲ ଆଖିରେ ସେଇ ଦୃଶ୍ୟହିଁ ଦେଖଂତି, ଆଉ ମନକୁ ମନ କଣ ଗୁଣୁଗୁଣୁ ହୋଇ, ଆଂଗୁଠିରେ ତିଥି ନକ୍ଷତ୍ର ଗଣଂତି, ଭୁଇଁରେ ଗାର କାଟଂତି।

ତାଂକ ଧ୍ୟାନ ଭାଂଗିଯାଏ ଯେତେବେଳେ ଦି'ଟା କୁକୁର ଆସି ଦିହ ଜଟାଚଟି ହୋଇ ମୈଥୁନ ଆରଂଭ କରିଦିଅଂତି। ସେ ପିଂଡାରୁ ଖପ୍ କିନା ଡେଇଁପଡ଼ି ଟେକା ମାରିମାରି କୁକୁର ଦି'ଟାଂକୁ ଗାଆଁ ଭିତରକୁ ତଡ଼ି ନେଇଯାଂତି, ତାପରେ କେଇଟା ପିଲା ତାଂକୁ ଘେରିଯାଇ ହୋ-ହୋ କଲେ ସେ ଝପଟି ଘରକୁ ପଳାଇ ଆସି ଘର ଭିତରୁ କବାଟ କିଳି ଦିଅଂତି।

ବିଶ୍ୱଂଭର ନଂଦ ଥିଲେ ସେ ଚକୋଡ଼ାର ଜଣେ ନାଉଁଆ ବ୍ରାହ୍ମଣ। ମଂତ୍ର ତଂତ୍ର, ପୂଜାପାଠ ଓଷାବ୍ରତ ଏବଂ କିଛି କିଛି ଗୁଣିମୁଣି ଓ କବିରାଜୀ ବିଦ୍ୟାରେ ସେ

Digitized by srujanika@gmail.com

ଅଂଚଳରେ ଥିଲା ତାଂକର ଯେଉଁପରି ନାମଯଶ, ସେଇପରି ହାତଯଶ। ସେ ସକାଳୁ ଉଠି ଗାଧୋଇ ପାଧୋଇ ମଠାଲୁଗା ପିଂଧି ଜପରେ ବସୁଥିଲେ। ମଂତ୍ରଧ୍ୱନିରେ ଘର ଉଚ୍ଛୁଳି ପଡୁଥିଲା। କୁଂଭକ, ରେଚକ, ପୂରକଠାରୁ ଆରଂଭ କରି ପ୍ରାଣାୟାମର ଷଟ୍‌ଚକ୍ର ଭେଦ ଏବଂ କୁଳକୁଂଡଳିନୀ ସାଧନା ପର୍ଯ୍ୟଂତ ସେ ଯାଉଥିଲେ। ତାପରେ ଅଳ୍ପ ଦିଟା ଚଳଖିଆ କରି ସେ ମୂଲିଆ ମୂଲିଆଣୀଙ୍କୁ ବିଲକୁ ପଠାଇ ଦେଇ ପ୍ରାୟ ଦୁଇ ତିନି ଘଂଟାରେ ଯାଇ ବିଲରେ ହାଜର ହେଉଥିଲେ। ଇଆ ଭିତରେ ବହୁ ଲୋକ- ଖାଲି ସେ ଗାଆଁର ନୁହେଁ, ଆଖପାଖ ଦଶଖଂଡ ମୌଜାର ଆସି ତାଂକୁ ଭେଟୁଥିଲେ। କାହାର ପିଲାକୁ ପୋହଳା ମାରୁଛି, କାହା ବୋହୁର ଗର୍ଭପାତ ହୋଇଯାଉଛି, କାହାଘରେ ହୋମ ବା ଗ୍ରହପୂଜା ହେବ, କାହା ଘରେ ବା ବାହାବ୍ରତ; ଏଇପରି ନାନା ବିଷୟରେ ତାଂକର ସାହାଯ୍ୟ ଲୋଡ଼ା ହେଉଥିଲା। ତାଂକ ବଟୁଆ ଭିତରେ ଏବଂ ଗୋଟାଏ କାଠ ବାକ୍‌ସରେ ରହିଥିଲା ଅନେକ ପ୍ରକାର ଚେରମୂଳି, ଔଷଧିମୌଷୁଧି, ଗୋରଚନା, ରସସିଂଦୁର, କସ୍ତୁରୀ, ବାଘଦାଂତ, କିଂଭୀରପିତ୍ତ, ବଜ୍ରକାପ୍ତା ହାଡ଼, ଗୟଳ ଶିଂଘ ଇତ୍ୟାଦି ଇତ୍ୟାଦି। ପୁଣି ଥିଲା ନାନା ପ୍ରକାର ହାତତିଆରି ବଟିକା, ଚୂର୍ଣ୍ଣ, ଲେହ, ଲୁହା, ପ୍ରବାଳ ଓ ମୁକ୍ତା ଭସ୍ମ, ମୋଦକ, ଇତ୍ୟାଦି।

ପଇଁଚାଳିଶ ବର୍ଷରେ ପତ୍ନୀ ବିୟୋଗ ଘଟିଲା ପରେ ତାଂକ ପୂଜା ଧିଜାର ମାତ୍ରାଟା ଆହୁରି ବଢ଼ି ଯାଇଥିଲା। ସେ ବଡ଼ ଝିଅ ରମାକୁ ବାହା ଦେଇ ଏକମାତ୍ର ପୁଅ ସନାତନକୁ ମଣିଷ କରିବାରେ ଲାଗିଲେ। ସେଇ ଥିଲା ତାଙ୍କର ମନମୁନ-ଚଇତନ, ଏକୋଇର ବଳା ବିଷିକେଶନ। ତାକୁ ଗାଆଁ ସ୍କୁଲରୁ ନେଇ ପାଖ ଗାଆଁ ହାଇସ୍କୁଲରେ ପଢ଼ାଇଲେ। ତା'ପରେ ଆଉ ଟିକିଏ ଦୂରକୁ ପଠାଇ କଲେଜରେ ପ୍ରି ୟୁନିଭରସିଟି ପାସ୍ କରାଇଲେ। ତାର ବତ୍ରୁ-ଦଶକର୍ମ ଏବଂ ଶେଷରେ ବାହା ଇତ୍ୟାଦିରେ ଶହ ଶହ ଟଂକା ଖରଚ କଲେ। ସନାତନର ସ୍ତ୍ରୀ ଘରଯୋଗ୍ୟା ହେବା ପରେ ପୁଆଣି କରାଇ, ତାକୁ ଘରକୁ ଆଣି ସବୁ ଦାୟିତ୍ୱ ସଅଁପି ଦେଲେ। ନନା ହିଁ ଥିଲେ ପିଲାଦିନୁ ସନାତନର ପିତୃ-ପ୍ରତିମା, ତାର ସମଗ୍ର ବିଶ୍ୱସଂସାର।

ଉପରଓଳିଟା ତାଂକର କଟି ଯାଉଥିଲା ପୁରାଣପାଠରେ। ତାଂକ ଝିଅ ରମା ଓ ପୁଅ ସନାତନ ପିଲା ଥିଲାବେଳେ ସେ ସେମାନଂକୁ ପାଖରେ ବସାଇ ରୋଜ୍ ପୁରାଣକଥା ଶୁଣାଉଥିଲେ; ଭଲ ମଣିଷ ହେବାକୁ ନାନା ଉପଦେଶ ଦେଉଥିଲେ। ରାମ, ଲକ୍ଷ୍ମଣ, ହନୁମାନ, ବିଭୀଷଣ ଏବଂ ସୀତା-ସାବିତ୍ରୀଙ୍କ ମହନୀୟ ଚରିତ୍ରମାନ ସେମାନଂକ ବୁଝାଉଥିଲେ। ପୁଅ କଲେଜରେ ପଢ଼ିବା ପରେ ଛୁଟିରେ ଗାଆଁକୁ ଆସିଲେ ସେ ବଡ଼ପାଟିରେ ଖଂଜାପିଂଡାରେ ବସି ପୁରାଣ ପଢୁଥିଲେ। ଗୀତାର ଶ୍ଳୋକମାନ ବ୍ୟାଖ୍ୟା କରୁଥିଲେ- ଯେପରି କି ସେ ସବୁ ଘର ଭିତରେ ଖଟରେ ଶୋଇ ଉପନ୍ୟାସ କି କ'ଣ ଗୋଟାଏ ପତ୍ରିକା ପଢୁଥିବା ସନାତନ କାନରେ ଯାଇ ପଡ଼ିବ, ଯାହା ଫଳରେ କି ଧର୍ମପଥରୁ ତା' ଗୋଡ଼ ଖସିବ ନାହିଁ।

କିଂତୁ, ହଠାତ୍ ଦିନେ କ'ଣ ହେଲା କେଜାଣି, ବିଶ୍ୱଂଭର ନଂଦେ ସକାଳୁ ଯେ ବିଲକୁ ଯାଇଥିଲେ ଆଉ ଘରକୁ ଫେରିଲେ ନାହିଁ। ଛାଇ ଲେଉଟିଲା ଯାଏ

Digitized by srujanika@gmail.com

ବୋହୂ ରଂଧାବଢ଼ା ସାରି ସ୍ୱାମୀ ଓ ଶଶୁରଂକ ବାଟ ଚାହିଁ ବସିରହିଲା। ତା'ପରେ ଯାଇ ମୁହଁସଂଜବେଳକୁ ସନାତନ ଫେରିଆସିଲା। ମୁହଁ ଗଂଭୀର, ଶୁଖି କଳାକାଠ ପଡ଼ିଯାଇଚି। ଖାଇବ ନାହିଁ ବୋଲି ମନା କରିଦେଲା। ନନା କାହାଂତି ବୋଲି ପଚାରିବାରୁ କହିଲା- ''କେଜାଣି କୁଆଡ଼େ ଯାଇଥିବେ।''

ରାତି ପହରେ ହେବା ବେଳକୁ ତାଂକ ଗାଈଆଳ ଟୋକା ଭମରା ଆସି ଖବର ଦେଲା- ''ସାଆଂତେ କଳେଇ ଚାଲିଗଲେ, ସଂଗାତଂକ ଘ'ଠିକି। ସଂଗାତେ ଖବର ପଠାଇଥିଲେ, ତାଂକ ଦିହ ଭାରି ଖରାପ। ତାକୁ ଗାଁ ମୁଂଡେ ଦେଖି କହିଲେ- ଘରେ ଖବର ଦେଇଦେବୁ। ମୁଁ ସଂକ୍ରାଂତି ପରେ ଯାଇ ଫେରିବି। ପୁଅ ବୋହୂଂକୁ କହିଦେବୁ, ତାଂକ କଥା ସିଏ ବୁଝିବେ, ମୋତେ ଡକେଇବେ ନାହିଁ।''

କିଂତୁ ବିଶ୍ୱଂଭର ପଂଡିତେ ଆଉ ଫେରିଲେ ନାହିଁ। ଧନୁ ସଂକ୍ରାଂତି ଯାଇ ମକର ସଂକ୍ରାଂତି ହେଲା। ତା'ପରେ ପଣା ସଂକ୍ରାଂତି। କିଂତୁ ନଂଦେ ନିଖୋଜା କେଉଁଠି ଅଛଂତି ମଧ କେହିଁ କିଛି ଠିକ୍ କରିପାରିଲେ ନାହିଁ। କିଛିଦିନ ସଂଗାତ ଘରେ, କିଛି ଦିନ ଝିଅ-ଜ୍ୱାଇଁ ଘରେ କଟାଇ ତା'ପରେ ପୁରସ୍ତମରେ କିଛି ମାସ କଟାଇଲେ। ଶେଷରେ ଶୁଣାଗଲା ସେ ଏ ଗାଆଁ ସେ ଗାଆଁ ବୁଲୁଛଂତି, ତାଂକ ମୁଂଡ କୁଆଡ଼େ ଖରାପ ହୋଇଗଲାଣି। ମଇଳା କୋଟ ଚିରା ଲୁଗା ଖଂଡେ ପିଂଧି ଅଖିଆ ଅପିଆରେ ଏଣେ ତେଣେ ବୁଲୁଛଂତି। ସନାତନ ପ୍ରଥମେ ବାପା କଥା ପଡ଼ିଲେ କରଛଡ଼ା ଦେଉଥିଲା- ''ତାଙ୍କ କଥା ସିଏ ଜାଣଂତି, ମୁଁ କ'ଣ ଗୋଟାଏ ତାଂକୁ ବୁଝାଇବି? କିଂତୁ ପରେ ସମସ୍ତଂକ ତାଗିଦାରେ ବହୁଆଡ଼େ ଖୋଜା ଖୋଜି କରି ମାମୁଁ ହେରିକାଂକୁ ସାଂଗରେ ନେଇ, ବୁଝାଇ ଶୁଝାଇ ଘରକୁ ଆଣିଚି।''

ଏବର ବିଶ୍ୱଂଭର ପଂଡିତେ ସଂପୂର୍ଣ୍ଣ ଅଲଗା ମଣିଷ, ତାଂକ ହାବଭାବ ଓ ମତିଗତିରେ ବିଶେଷ କିଛି ଅସ୍ୱାଭାବିକତା ନଥିଲେ ମଧ ସେ ବେଳେବେଳେ ମୃତ୍ୟୁ ବିଷୟ ଭାବି ଅସ୍ଥିର ହୋଇଉଠଂତି, ନିଜ ମୃତ୍ୟୁ ବିଷୟ ସମସ୍ତଂକ ଆଗେ ବର୍ଣ୍ଣନା କରଂତି, ପୂଜାଉଜା ପ୍ରାୟ ଛାଡ଼ିଦେଇ ସାରିଲେଣି। ତେବେ ଗାଧୋଇସାରି କିଛି ମସୟ ଯେ ଠାକୁରଂକ ପାଖେ ନ ବସଂତି ତା ନୁହେଁ। କେବଳ ବୋହୂ କୁହାବୋଲା କଲେ ଯାହା ତା କଥା ଶୁଣଂତି। ସନାତନ ସାଂଗେ ତାଂକର ପ୍ରାୟ କଥାବାର୍ତ୍ତା ହୁଏ ନାହିଁ। ତାକୁ ଦେଖିଲେ ବରଂ ବସିବା ଜାଗାରୁ ଉଠିପଡ଼ି ଅନ୍ୟତ୍ର ଚାଲିଯାଂତି। ବହୁତ ଡକାଡକି କଲେ ନିତ୍ୟକର୍ମ ସାରି କଣ ଗଂଡେ ଖାଇଦେଇ ସେଇ ଦାଂଡପିଂଡାରେ ହିଁ ବସିରହଂତି।

ସେଦିନ ଚଡ଼କ ପୂଜା, ଗାଆଁରେ ଝାମୁଯାତ୍ରା। ସମସ୍ତେ ଯାଇ ଗାଆଁମୁଂଡେ ଜମା ହୋଇଛଂତି। ବାଜା, ବଡକାଠ, ଶଂଖମହୁରୀରେ ଗାଆଁ ମୁଂଡ ଉଛୁଳି ଉଠୁଛି। ଶୂନ୍‌ଶାନ୍ ଗାଁ ଦାଂଡକୁ ଚାହିଁ ବିଶ୍ୱଂଭର ପଂଡିତେ ବସି ରହିଛଂତି ନିଜ ଘରପିଂଡାରେ।

ସାମ୍ନା ଟାଂଗଣାରେ ଉଇ ହୁଂକାରେ ପିଂପୁଡ଼ି ଧାଡ଼ି ଲାଗିଛଚି। ସୁନାରି ଗଛରୁ ହଳଦିଆ ଫୁଲ ଝଡ଼ି ଚାରିଆଡ଼ ଛାଇଦେଇଛି।

Digitized by srujanika@gmail.com

ହଠାତ୍ ପାଟିତୁଂଡ ଶୁଣାଗଲା। ନଂଦେ ଦେଖିଲେ ପଂଝାଏ ଲୋକ ଜଣେ କାହାକୁ ଟେକି ଧରି ସିଆଡ଼କୁ ଆସୁଛଂତି। ସେମାନେ ଆସି ନଂଦଂକ ପିଂଡାରେ ସନାତନକୁ ଚିତ୍ କରି ଶୁଆଇଦେଲେ। ବଡ଼ରାସ୍ତାରେ ସାଇକେଲ୍‌ରେ ଆସୁଥିବାବେଳେ ବାରିକ୍ ବିଭାଗର ଜିପ୍ ଧକ୍କାରେ ସେ ମାରାପଡ଼ିଚି। ଦିହଯାକ ରକ୍ତ ସାଲୁବାଲୁ; ମୁଂଡ ଫାଟି ଛତୁ ହୋଇ ଯାଇଛି। ହରି ପଂଡା କହିଲେ- ''ଭାଇନା, ସନା ଚାଲିଗଲା।'' ବିଶ୍ୱ ନଂଦେ ବିଡ଼ବିଡ଼ ହୋଇ କଣ କହିଲେ; ''ଏତେବଡ଼ ଭେଂଡିଆଟାଏ ଏଇନା ଥିଲା, କୁଆଡ଼େ ଚାଲିଗଲା, କେହି କିଛି କରିପାରିଲେ ନାଇଁ।'' ତା'ପରେ ହିଃ-ହିଃ ହସ ଯେଉଁ ହସ ନିଜ ମୃତ୍ୟୁ ବିଷୟ ବର୍ଣନା କରିସାରି ହସଂତି। ସେ ହସ ଯେଉଁପରି କରୁଣ, ଯେଇପରି ଭୟଂକର। ମନେହେବ ତାହା ହସ ନୁହେଁ; ସେ ଯେପରି ଖତେଇ ହେଉଛଂତି ମୃତ୍ୟୁକୁ, ମଣିଷର ଅଦୃଷ୍ଟକୁ, ମଣିଷର ଅସହାୟତାକୁ ଏବଂ ନିଜକୁ।

ସନାତନର ଜଳଂତା ଜୁଇ ପାଖରେ ସେ ଯାଇ ନିଶ୍ଚଳ ପ୍ରତିମା ପରି ଛିଡ଼ା ହୋଇଛଂତି। ନିସ୍ପୃହ, ଉଦାସୀନ, କରୁଣ, ଦ୍ୱଂଦ୍ୱମୟ ସେ ଚାହାଣୀ। ତାଂକୁ ଦେଖି ମନେ ହେଉଛି ଯେମିତି ପୋକଖିଆ ଖୁଂଟଟାଏ, ଠେଲି ଦେଲେ ଏଇନେ ଭାଂଗି ପଡ଼ିବ। କିଏ ଜଣେ କହିଲା- ସେ କାଂଦିବା ଦରକାର। ନୋହିଲେ ଆହୁରି ପାଗଳ ହୋଇଯିବେ, ତାଂକୁ କଂଦାଅ। ନରି ମିଶ୍ରେ ଆସି ତାଂକୁ ହଲାଇ ଦେଲେ, କାଂଦ କାଂଦ ହୋଇ କହିଲେ: ''ବିଶ୍ୱ ଭାଇନା, ସନା ଚାଲିଗଲା।'' ନଂଦେ କାଂଦିଲେ ନାଇଁ। ତାଂକ ଆଖିରେ ମନେହେଲା ଦୃଷ୍ଟି ନାଇଁ। ସେ ଯେପରି ଏକ ଦାରୁଭୂତ ମୂର୍ତି। କିଛି ସମୟ ପରେ କହିଲେ- ''ଚାଲିଗଲା, ଯାଉ। ମୁଁ ଯେତେ ଡାକିଲି ସେ କ'ଣ ଶୁଣିଲା ? ଯାଉ ଯାଉ ଯୁଆଡ଼େ ତା' ମନ ହେଉଛି ଯାଉ।''

ସେ ସ୍ଥିର ଅପଲକ ଦୃଷ୍ଟିରେ ଦେଖୁଛଂତି ସନାତନ ଜଳିଯାଉଛି। ସବୁ ପାଉଁଶ ହୋଇଯିବା ପରେ ସେ କହିଲେ- ''ଗଲା, ସବୁ ଚଳିଗଲା, ଆଉ କ'ଣ ଆସିବ ?'' ମନେ ହେଲା, ଗୋଟାଏ ଭୟାବହ ଦୁଃଖର ମୁହାଁ ମୁହିଁ ଛିଡ଼ା ହୋଇ ସେ ଯେପରି ତାର ଅଟକଳ କରୁଛଂତି, ତାକୁ ମନର ବନ୍ଧ ଦରଜା ଭିତରେ ଢୁକିବାକୁ ଦେଉ ନାହାଂତି; କିଂତୁ ଗୋଟାଏ କଳା ଭାଲୁ ପରି ସେ ତାଂକ ଆଡ଼କୁ ମାଡ଼ି ଆସୁଛି, ନଖରେ ସାମ୍ନା ଭୂଇଁ ବିଦୀର୍ଣ କରି ଦେଉଚି। ସେ ସେଇପରି ଏକୁଟିଆ ଘରକୁ ଫେରି ଆସିଲେ। ବୋହୂକୁ ଡାକି କହିଲେ- ''ଦେ ମା, ତାର ଯାହା କିଛି ଅଛି ସବୁ ବାଡ଼େଇ ଭାଂଗି ଦେ। ସେ ଆଉ ଆସିବ ନାହିଁ।''

ତା'ପରେ କେତେ ଦିନ ନଂଦଂକର ଆଉ କ'ଣ ହେଲା କାହାର ଆଉ ନଜର ନାଇଁ। ସମସ୍ତେ ଅଂତ୍ୟେଷ୍ଟିକ୍ରିୟା, ରାଇଶିତୁଳା, ଦଶାହ କାର୍ଯ୍ୟ ଏବଂ ବ୍ରାହ୍ମଣ ଭୋଜନି ଇତ୍ୟାଦିରେ ବ୍ୟସ୍ତ ଥିଲେ।

କ୍ରମେ ଦେଖାଗଲା, ସେ ନିଜର ମୃତ୍ୟୁକଥା ଆଉ ପ୍ରାୟ କହୁନାହାଂତି। ଧୀରେ ଧୀରେ ସମସ୍ତ ଭୁଲିଗଲେଣି; ବରଂ ସେ ଯେ ଅତିମାତ୍ରାରେ ଜୀବଂତ ତାହାହିଁ

Digitized by srujanika@gmail.com

ସାବ୍ୟସ୍ତ କରୁଛଂତି। ସବୁବେଳେ କହୁଛଂତି, ''ଏତେବଡ଼ ଭେଣ୍ଡିଆଟା ଚାଲିଗଲା। ମୁଁ ଏତେ ଡାକିଲି, କଣ ଶୁଣିଲା। ମୁଁ ହେଲେ ମରିଯାଇଥାଂତି ସେ ଥାଆଂତା।'' ତା'ପରେ ଅସହ୍ୟ ଭୋ- ଭୋ କାଂଦ, ଘର ଉଛୁଳି ପଡୁଚି- ଠିକ୍ ଯେପରି ସେ ସୁସ୍ଥ ସ୍ୱାଭାବିକ ଥିଲାବେଳେ ମଂତ୍ରଧ୍ୱନିରେ ଘର ଉଛୁଳି ଉଠୁଥିଲା।

ସେ ଟିକିଏ ସୁସ୍ଥ ସ୍ୱାଭାବିକ ହେଲାପରେ ସେଇ କଳା ଭାଲୁଟା ହାବୁଡ଼ରେ ପଡ଼ିଛଂତି। ସେ ଖାଲି ଦରଜା ଭାଂଗି ଭିତରେ ଢୁକି ନାହିଁ, ତାର ଦାଢୁଆ ଜିଭରେ ତାଂକର ସର୍ବାଂଗ ଚାଟିଚାଲିଛି, ତା କବଳରୁ ଉଦ୍ଧାର ନାହିଁ, ସେ ବିଛଣାରେ ପଡ଼ିରହିଛଂତି। ସବୁବେଳେ ମୁହଁରେ ଲାଗି ରହିଚି- ''ସନାତନ, ସନାତନ, ସନା ଚାଲିଗଲୁ ବାପ।''

ସେଦିନ ସେ ଉଠିପଡ଼ି ଦାଂଡକୁ ପାଦ ବଢ଼ାଇଲେ। ସାମ୍ନା ଟାଂଗଣାରେ ଉଚହୁଂକାରେ ପିଂପୁଡ଼ିଂକ ଧାଡ଼ି ଲାଗିଛି। ସୁନାରି ଗଛରୁ ହଳଦିଆ ପତ୍ର ଝଡ଼ିପଡ଼ି ଚଂଦା ଭୂଇଁଟାକୁ ଡାଂକି ଦେଇଛି। ପାଖ ନାଗଅଇରି ବୁଦାରେ ଗୋଟାଏ ପୋହଳା ଏଂତୁଅ ଅଳ୍ପ ଦୂରରେ ବସିଥିବା ଙ୍କିଟାକୁ ଧରିବାକୁ ଯାଉଚି।

ସେ ସମ୍ଭାଳି ପାରିଲେ ନାହିଁ। ଲଥ୍‌କିନା ତଳେ ପଡ଼ିଗଲେ।

ତାଂକୁ ଟେକାଟେକି କରି ଲୋକେ ନେଇ ଦାଂଡପିଂଡାରେ ଶୁଆଇଦେଲେ। ତା'ପରେ ବଇଦ ଆସି ନାଡ଼ି ନାହିଁ ବୋଲି କହିବା ପରେ ତାଂକୁ ସେଠାରୁ ନିଆଗଲା ଖଂଜାଅଗଣା ତୁଳସୀ ଚଉରାମୂଳକୁ। ବୋହୂ ଆସି ଗଂଗାଜଳ, ନିର୍ମାଲ୍ୟ ଦେଲା, ସକ ସକ ହୋଇ କାଂଦିଲା। ସବୁ ଶୁନ୍‌ଶାନ୍, ନିଶୂନ୍। ଏତେ ଲୋକ ଘେରି ବସିଛଂତି ତାଂକ ଚାରିପଟେ କାହାରି ତୁଂଡରେ କଥା ପଇଟୁ ନାଇ। ସବୁ ନିଶୂନ୍।

ସେଇ ଉଦୁଉଦିଆ ଖରାଦିନିଆ ଦି'ପହରରେ ସେଠି ବାଉଳି ଖାଇ ପହଂଚିଲା ଜଣେ ସ୍ତ୍ରୀଲୋକ-ଜାନୀ-ଜାନକୀ-ନଂଦଘରର ବହୁଦିନର ମୂଲିଆଣୀ। ''ସାଆନ୍ତେ ଚାଲିଗଲେ'' ବୋଲି ବାହୁନା ଛାଡ଼ି ସେ ତାଂକ ଗୋଡ଼ ଦିଟାକୁ ଧରିବାକୁ ଗଲା। ମାତ୍ର ''ହାଁ ହାଁ, ଛୁଅଁନା ଛୁଅଁନା'' ବୋଲି ସବୁ ମାଇଭାଇ ପାଟିକରି ଉଠିବାରୁ ସେ ଦୂରେଇ ଯାଇଁ ବସିଲା। ସେ ଭୁଲି ଯାଇଥିଲା ଯେ ସେ ଜାତିରେ ଅଛବ, ନଂଦଂକର ପାଦ ଛୁଇଁବାର ଅଧିକାର ତାର ନାହିଁ।

କିଛି ସମୟ ବସି ସେ ସେଠାରୁ ଧୀରେ ଧୀରେ ଚାଲିଗଲା। ତା ସାଂଗରେ ଆସିଥିବା ତାର ପିଲାଦିନର ସାଂଗ ସେବତୀ। ଦୁହେଁ ସେଠୁ ସିଧା ମଶାଣିଭୂଇଁକୁ ଗଲେ- ଯେଉଁଠି ସେ ସାଆଂତଂକ ଶେଷକୃତ୍ୟ ଦେଖି ପାରିବେ।

ଧୂ ଧୂ ଖରା। ନିଛାଟିଆ ମଶାଣି ପଦାରେ ଜାନୀ ଅପେକ୍ଷା କରି ରହିଚି କେତେବେଳେ ବିଶ୍ୱଂଭର ନଂଦଂକ ଶବ ସେଠି ପହଂଚିବ।

କିଛି ସମୟ ପରେ ଦାଂଡରେ 'ରାମ ନାମ ସତ୍ୟ ହେଁ' ଶୁଣାଗଲା। ଜାନୀ କହିଲା, ''ହେଇ ଆସୁଛଂତି।'' ଶୋଭାଯାତ୍ରାର ଶବ୍ଦ କ୍ରମେ କ୍ରମେ ନିକଟରୁ ନିକଟତର ହୋଇଆସିଲା।

ତା'ପରେ ସେ ସେବତୀକୁ କହିଲା- ''ଚାଲ ଯିବା।''

ସେବତୀ କହିଲା- ''ଆସିଲୁ କାହିଁକି? କହୁଥିଲୁ ପରା ଶେଷ ଦେଖା ଦେଖିବୁ?''

Digitized by srujanika@gmail.com

ଛାନୀ କହିଲା- "ନା, ଚାଲ୍"।

କିଛି ଦୂର ଗଲାପରେ ଛାନୀ କହିଲା, "ଏଇ ଗଛମୂଳେ ଟିକିଏ ବସିବା। ବଡ଼ ହାଲିଆ ଲାଗୁଚି। ସେତେବେଳକୁ ଦୂରରେ ମଶାଣିପଦାରେ ମୋଡ଼ି ମୋଡ଼ି ହୋଇ ଧୂଆଁ ଉପରକୁ ଉଠୁଚି। ବୋଧହୁଏ ମୁଖାଗ୍ନି ପରେ ଚିତାରେ ଅଗ୍ନି ସଂଯୋଗ କରାଯାଇଚି।"

ଜାନୀ କହିଲା- "ତତେ କହିବି ବୋଲି ବଉଳ ଅନେକ ଦିନରୁ ଗୋଟେ କଥା କହି ପାରିନି। ଆଜି ତତେ କହିବି ମୋ କଥା, ଯାହା ଏତେ ଦିନ ନିଆଁ ପରି କୁହୁଳୁଚି ମୋ ବୁକୁ ଭିତରେ...। ସାଆଁତଂକ ଲଘୁ କିଆରିକି ଲାଗି ସେଇ ଯେଉଁ ସାତଗଛିଆ ତୋଟା, ଠିକ୍ ସେଇଠି -"

ସେବତୀ କହିଲା- "ହଁ, ସାଆଁତେ ତ ସେଇ କଥା ମୁଂଡ ଖରାପ ହେଲାଦିନୁ ବରାବର କହୁଛଂତି। ସେଇଠି କିଏ ଗୋଟାଏ ତାଂକୁ ମାଡ଼ିବସିଲା।

ଜାନୀ କହିଲା- ଦିନେ ମଗୁଶିର ମାସରେ ଧାନ ଅମଳ ହେବା ଆଗରୁ..... ନିଛାଟିଆ ଦି'ପହର। ପବନଟା ହିମାଳ ହୋଇ ବୋହୁଥାଏ। ବିଲରେ ଥାଏ ଏକୁଟିଆ ମୁଁ, ସାଆଁତେ ଆସି ପହଂଚିଲେ। କହିଲେ, ଏଠି କ'ଣ କରୁଚୁ ଛାନୀ- ମୋ ସାଙ୍ଗେ ଆ, ତୋଟାକୁ ଯିବା।

ଦିହେଁ ଯାଇ ନାଳ ବଂଧ ପାଖରେ ପହଂଚିଲୁ। ହଠାତ୍ ସାଆଁତେ ମୋତେ ଭିଡ଼ିନେଲେ ସେ ନଟୀ ତଳକୁ। ମୋ ଦିହରେ ପହିଲି ମିଣିପିଛୁଆଁ - ଦିହ ଶୀତେଇ ଉଠୁଥାଏ।

କେତେ ସମୟ ଚାଲିଗଲା ମୋର ଖିଆଲ ନାଇଁ। ଦିହେଁ ହଜିଯାଇଥାଉଁ ଦିହିଁକ ଭିତରେ। ସାଆଁତଂକ ଗରମ ନିଶ୍ୱାସ ମୋ ଦିହରେ ଶିର୍ ଶିର୍ ହୋଇ ଗଳିଯାଉଥାଏ। ତା'ପରେ ଖସ୍ ଖସ୍ ଶବ୍ଦ ଶୁଣାଗଲା। ସେ ଶବ୍ଦ ଧୀରେ ନିକଟେଇ ଆସିଲା। ତା'ପରେ କିଏ ବଡ଼ ପାଟିରେ ଡାକିଲା- 'ନନା'। ଦୁହେଁଯାକ ଉଠିପଡ଼ି ଦେଖିଲୁଁ ସନାବାବୁ ସେଠି ଠିଆ ହୋଇଛଂତି। ଗାଈ ଖୋଜିବାକୁ ଆସିଥିଲେ। ସାଆଁତେ ତରବରରେ ତଳୁ ଲୁଗାଟା ଗୋଟାଇ ନେଇ ପିନ୍ଧି ପକାଇଲେ। ମୁଁ ତ ସେଇଠି ଲାଜରେ ଭୂଇଁରେ ମିଶିଗଲି।

ତା'ପରେ ସନାବାବୁ ପଛ ଫେରାଇ ଚାଲିଗଲେ। ସାଆଁତେ ତାଂକ ପଛେ ପଛେ 'ସନାସନା' ଡାକି ଚାଲିଥାନ୍ତି। ହେଲେ, ସନାବାବୁ ଥରେ ହେଲେ ଆଉ ପଛକୁ ଅନାଇ ନାହାନ୍ତି। ଏମିତି ବାପ ପୁଅ ଦିହେଁ ଗାଁ ମୁଂଡଯାଏ ଗଲେ। ତା'ପରେ ସଆଁତେ ମୁହଁ ଫେରାଇଲେ; ଅନ୍ୟ ଆଡ଼କୁ ମୁହାଁଇଲେ। କୁଆଡ଼େ ଯେ ଗଲେ ଅନେକ ଦିନଯାଏ କେହି କିଛି ଖୋଜଖବର ପାଇଲେ ନାଇଁ..."

ଜାନୀର କଥା ଶେଷ ହେଲାବେଳକୁ ବିଶ୍ୱଂଭର ନଂଦେ ପାଉଁଶ ହୋଇଯାଇଥିଲେ ତାଂକ ମର-ଶରୀର, ଲିଂଗ-ଦେହ ସବୁ କିଛି ପଂଚଭୂତରେ ମିଶି ଯାଇଥିଲା।

Digitized by srujanika@gmail.com

ସୂର୍ଯ୍ୟଂକ ସପ୍ତାଶ୍ୱ

ପଶୁଡାକ୍ତର ପଂଚାନନ ଦାସ ଡାକ୍ତରଖାନାରୁ ଫେରି ବାରଂଡାରେ ଆରାମଚୌକିରେ ବସି ଟିକିଏ ଥକା ମାରୁଛଂତି। ଦିନଯାକ କଠିନ ପରିଶ୍ରମ କରି ଦ୍ୱିପ୍ରହର ଗଡ଼ିଯିବା ପରେ ସେ ଏଇମାତ୍ର କ୍ୱାର୍ଟରକୁ ଫେରିଛଂତି। ଆରାମଚୌକିରେ ବସି ସକାଳେ ଆସିଥିବା ଖବରକାଗଜ ଉପରେ ତରବରରେ ଆଖି ବୁଲାଇ ନେଉ ନେଉ ଗତକାଲି ଗ୍ରାଂଡ୍ ଟ୍ରଂକ୍ ରୋଡ୍‌ରେ ଘଟିଥିବା କେତୁଟା ମୋଟର ଦୁର୍ଘଟଣା ସଂକ୍ରାଂତ ସଂବାଦ ଓ ଚିତ୍ର ଉପରେ ତାଂକର ନଜର ପଡ଼ିଲା। ଟ୍ରକ୍ ଚାପା ପଡ଼ିଥିବା ବଳଦ ଦି'ଟାଂକ ଚିତ୍ରକୁ ସେ ଟିକିଏ ଭଲକରି ନିରେଖି ଦେଖିଲେ, ତା'ପରେ ନିହତ ଶଗଡ଼ିଆ ଏବଂ ଅନ୍ୟ ଏକ ଜାଗାରେ ଟ୍ୟାକ୍ସି ଦୁର୍ଘଟନାରେ ଆହତ ଓ ମୃତ ଲୋକମାନଂକ ଛବି ଗୁଡ଼ାକ ଉପରେ ଟିକିଏ ଆଖି ବୁଲାଇଦେଲେ। ପୂଝାରୀ ଭାତ ବାଢ଼ିବାକୁ ଯାଉଥିଲା। ଠିକ୍ ଏତିକିବେଳେ ଜଣେ ଲଂବା ଆଉ ଟଂବାଳିଆ ଲୋକ ଆସି ପହଂଚିଲା। ହାତରେ ଖଂଡିଏ ଛୋଟ ବହି-ବୋଧହୁଏ ଭଗବଦ୍ ଗୀତାର ବଂଗୀୟ ପକେଟ ସଂସ୍କରଣ। ଛୋଟ ବହିଟି ଭିତରେ ଗୁଂଜା ହୋଇଥିଲା ଖଂଡ଼ିଏ ଦି'ଟଂକିଆ ନୋଟ ଏବଂ ଦୁଇତିନି ଖଂଡ୍ ଟଂକାକିଆ ନୋଟ୍-ଯାହା ବହିଫାଂକରୁ ନିଜ ନିଜ ରଂଗ ଯୋଗୁ ବେଶ୍ ବାରି ହୋଇ ପଡୁଥିଲେ। ତା ସାଂଗକୁ ଭଂଗା ହୋଇ ରହିଥିଲା କେତେଖଂଡ କାଗଜ। ଲୋକଟି ଡେଂଗା, ପାତଳା। ତା ହାଡୁଆ ଗାଲରେ ଆଖିଦିଟା କୋରଡ଼କୁ ପଶିଯାଇଚି। ପିଂଧିଚି ଖଂଡେ ଅଧାମଇଳା ସାର୍ଟ ଏବଂ କାଂଧ ଉପରେ ଖଂଡେ ଗାମୁଛା। ସେ ତାଂକ ହାତକୁ ଖଂଡେ କାଗଜ ବଢ଼ାଇଦେଇ କହିଲା- ''ଆଜ୍ଞା, ପଂଚାନନ ବାବୁ ଡାକ୍ତରଂକ ବସା ଏଇଟା ?''

ପଚାଂନନ ବାବୁ କାଗଜ ଖଂଡକ ଖୋଲି ଦେଖିଲେ ସେଥିରେ ଟଣା ହୋଇଚି କେତେଗୁଡ଼ାଏ ଗାର। ଲୋକଟି କହିଲା, ''ଆଜ୍ଞା, ଆପଣ ଡାକ୍ତର ବାବୁ ?'' ତା'ପରେ ପଂଚାନନ ବାଂବୁଂକ ଇଂଗିତରେ ନିଶ୍ଚିଂତ ହୋଇ ଟିକିଏ ହସି କହିଲା, ''ଆଜ୍ଞା, ଏଇ ମ୍ୟାପ୍ ଦେଖି ଦେଖି ଆସୁଚି। ଏଇ ମ୍ୟାପ୍ ଖଂଡକରେ ଆପଣଂକ ଠିକଣା ବତାଇ ଦେଇଛଂତି ହାଇସ୍କୁଲର ଭୂଗୋଳ ଶିକ୍ଷକ। ହେଇ ଦେଖଂତୁ ଷ୍ଟେସନ୍ ରୋଡ୍, ଭୁଲାସାହୁ ଛକ, ବସ୍ ଷ୍ଟାଂଡ୍, ଏଇଠି ଆପଣଂକ ଘର। ଆପଣଂକ ସଂଗେ ଦେଖାକରିବାକୁ ଆସିଲି।''

Digitized by srujanika@gmail.com

ପଂଚାନନ ବାବୁ ପଚାରିଲେ, "କଣ ଗାଉ-ଫାଇର କିଛି ହୋଇଚି? ପେଟଫୁଲା ନା ଫାଟୁଆ!"

ଲୋକଟି କହିଲା, "ଆଜ୍ଞା ନାଇଁ। ସେସବୁ କିଛି ନୁହେ, ମୁଁ ଆପଣଂକୁ ଟିକିଏ ବ୍ରହ୍ମବିଦ୍ୟା ଦେଖାଇବି। ବହୁତ ପରିଶ୍ରମ, ଧ୍ୟାନ ଧାରଣା କରି ଏହା ହାସଲ କରିଚି। କଲିକତାର ମେଘନାଦ ସାହା ଷ୍ଟ୍ରୀଟ୍‌ର ଜମିଦାର ଭୋଳାନାଥ ଗାଂଗୁଲି, ଇଂଡାନ ସାଲ୍ଟ କୋଂପାନୀର ମେନେଜିଂ ଡିରେକ୍ଟର ମଧୁମନ୍ତ ବିଶ୍ୱାସ, ସବ୍‌ଜଜ ତାରାପଦ ସେନ ସମସ୍ତେ ଏହା ଦେଖି ତାଟକା ହୋଇଯାଇଛଂତି। ଏ ବିଦ୍ୟା ବ୍ରହ୍ମାଂଡରେ କେହି ପାଇ ନଥିଲେ। ଶୁକ, ପରୀକ୍ଷିତ, ସନକ, ଜାବାଳି, ବଶିଷ୍ଠ ବହୁ ସାଧ୍ୟ ସାଧନା କରି ମଧ୍ୟ ଏହା ପାଇପାରି ନଥିଲେ। ପୁରୀର ଗୋସ୍ୱାମୀ ବିଜୟଚଂଦ୍ରଂକ ଶିଷ୍ୟ ମୁଁ। ସେ ବହୁଦିନରୁ ମରିଗଲେଣି। ଖବରକାଗଜରୁ କଟା ତାଂଙ୍କ ଫଟୋଟି ଗୀତାଭିତରୁ କାଢ଼ି ସେ ଦେଖାଇଲା। ତା'ପରେ ମୁଂଡରେ ଛୁଆଇଁ ପୁଣି ବହି ଭିତରେ ରଖିଦେଲା। କହିଲା, "ମୁଁ ଆଜିଯାଏ ଚୁପଚାପ ଥିଲି। କଲିକତାରୁ ଆସି ଗାଁରେ ରହୁଥିଲି। ଆଳୀ ରିଂଗ୍‌ବଂଧ ପାଖରେ ଆମ ଗାଁ। କିଂତୁ ସ୍ୱପ୍ନରେ ଆଦେଶ ହେଲା, ଆଉ ଲୁଚାନା। ଏ ବିଦ୍ୟା ସାରା ଭାରତରେ, ବିଶ୍ୱରେ ଅପ୍ରାପ୍ୟ। ତୁ ଯାକୁ ପ୍ରକଟ କର। ଅର୍ଦ୍ଦର ହେବାରୁ ଦେଖାଉଚି।"

ପଂଚାନନ ବାବୁ କୌତୁହଳୀ ହୋଇ ପଚାରିଲେ, "କ'ଣ ସେ ବିଦ୍ୟା"? ଲୋକଟି ପକେଟରୁ ଦୁଇଖଂଡ ସାର୍ଟିଫିକେଟ କାଢ଼ି ବଢ଼ାଇ ଦେଲା। ଖଂଡ଼ିଏ ଟାଇପ କରା ହୋଇଚି, ଅନ୍ୟଟି ହାତଲେଖା। ପ୍ରଥମ ପ୍ରମାଣପତ୍ରଟି ଦେଇଛଂତି ପାଖ କଲେଜର ପଦାର୍ଥ ବିଜ୍ଞାନ ଅଧାପକ ସୁନାକର ମିଶ୍ରେ। ସେ ଯାହା ଇଂରାଜୀରେ ଲେଖିଛଂତି ତାର ଭାଷାଂତର ହେଲା- ଆଳୀ କୁରାଳ ଗ୍ରାମର ଶ୍ରୀ ଅଚ୍ୟୁତାନଂଦ ପଂଡା ଜଣେ ସିଦ୍ଧ ସାଧକ- ସେ ସୂର୍ଯଂକୁ ଅପଲକ ଆଖିରେ ବହୁ ସମୟ ଧରି ଅନାଇ ରହିପାଂରତି। ସମଗ୍ର ବିଶ୍ୱକୁ ତାଂକର ସାଧନାତତ୍ତ୍ୱ ଶୁଣାଇବା ଲାଗି ତାଂକୁ ଆଦେଶ ହୋଇଚି ବୋଲି ସେ ମନେ କରଂତି। ଦ୍ୱିତୀୟ ପ୍ରମାଣପତ୍ରଟି ଦେଇଛଂତି ଜଣେ ଅବସରପ୍ରାପ୍ତ ମୁନସିପ୍।

ଲୋକଟି କହିଲା: "ଆଜ୍ଞା, ଏପରି ବହୁ ସାର୍ଟିଫିକେଟ ବହୁ ବଡ଼ ବଡ଼ ଲୋକମାନେ ଦେଇଛଂତି। କାଶିମ ବଜାରର ମହାରାଜା, ବର୍ଧମାନର ଦେବାନ ବାହାଦୁର, ସମସ୍ତେ ମୋତେ ଜାଣଂତି। ତାଂକର ଚିଠି ସବୁ ସୁଟ୍‌କେଶ୍‌ରେ ଅଛି। ସୁଟ୍‌କେଶଟା ଛକମୁଂଡ ଗୁଡ଼ିଆ ଦୋକାନରେ ରଖି ଆସିଚି।"

ତା'ପରେ ହାତ ଯୋଡ଼ି କହିଲା: "ଆଜ୍ଞା, ଆପଣ ନିଜେ ଟିକିଏ ସାଧନା ଦେଖଂତୁ। ସମଗ୍ର ସୂର୍ଯମଂଡଳକୁ ମୁଁ ପ୍ରତ୍ୟକ୍ଷ କରିପାରେଁ। ଗୀତାରେ ଭଗବାନ ଯେଉଁ ଦ୍ୱାଦଶ ଆଦିତ୍ୟ, ସୌର ମଂଡଳ କଥା କହିଛଂତି ସବୁସେଇ ମଂଡଳ ଭିତରେ ଅଛି। ପ୍ରଣବ, ଓଁକାର, ଆଦିମାତା, ସାବିତ୍ରୀ, ହିରଣ୍ୟଗର୍ଭ, ଗାୟତ୍ରୀ ସମସ୍ତେ ତା ଭିତରେ ଅଛଂତି।"

ପଂଚାନନବାବୁ ଅସ୍ୱସ୍ତି ବୋଧ କରୁଥିଲେ। ସାରାଦିନ ତାଂକ ମନଟା ଆଂବିଳା ହୋଇ ରହିଚି। କଂପାଉଂଡର ଚତୁର୍ଭୁଜଟା ଗୋଟାଏ ଧପ୍‌ପାବାଜ। ସେ ଯାହା କହିବେ

Digitized by srujanika@gmail.com

ଠିକ୍ ତାର ଓଲଟା କରିବ। ସକାଳୁ କଲ୍‌ରେ ବାହାରିଯିବ, ଫେରିବ ଯାଇ ଡାକ୍ତରଖାନା ଖୋଲିବାର ଅଧଘଂଟା ପରେ। ଚାରିଆଡ଼େ କହି ବୁଲିବ କଣନା ସେ ଡାକ୍ତର। ଗାଈଗୋରୁ, ଛେଳି ମେଣ୍ଢା, କୁକୁରଂକୁ ବଡ ବଡ଼ ବେମାରିରେ ତାଂକୁ ନ ପଚାରି ଇଂଜେକସନ ଦେଇ ଆସୁଚି। କହୁଚି କଣନା, "ଡାକ୍ତର ବାବୁ କଣ କରିବେ, ମୋ ଠୁ ବଳେଇଗଲେ ସିନା! ପୁଣି କହୁଚି ଡ଼ାକ୍ତର ବାବୁ ସିନା ଖାଲି ପ୍ରେସକ୍ରିପସନ୍ ଲେଖଂତି, ଚିକିତ୍ସା ତ କରେ ମୁଁ। ସେ କଣ ମୋ'ଠୁବେଶୀ ଜାଣଂତି? "କିଂତୁ କିଛି ଖରାପ ହେଲେ ସବୁ ଦୋଷ ଲଦିଦେବ ତାଂକ ଉପରେ। ତା ଚିକିତ୍ସାରେ ପଶୁପକ୍ଷୀ ମରିଗଲେ ଦୋଷ ଢ଼ାଳିଦେବ ଜଂତୁରାଣଂକ ଉପରେ।

ଆଜି ସକାଳେ ଗୋଟାଏ କୁକୁରକୁ ସାଇକେଲ ରିକ୍ସା ମାଡ଼ି ଯାଇଥିଲା। କୁକୁରକୁ ତାର ମାଲିକ ନେଇ ଆସିଥିଲେ। ସେ ସଂଗେ ସଂଗେ ଇଂଜେକ୍‌ସନ ଦେବାକୁ କଂପାଉଂଡ଼ରକୁ କହିଲେ। ମାତ୍ର ସେ ସେଇ କଂସାରୀ ବୁଢ଼ୀର ପେଟଫୁଲା ଛେଳିଟା ପଛରେ ଲାଗିଥାଏ। କ'ଣ ନା ଛେଳିଟାକୁ ଯେ କୌଣସିମତେ ବଂଚାଇବାକୁ ହେବ, କାରଣ ଆଉ ମାସକ ପରେ ଅଷ୍ଟମୀ ଦିନ ସେ ବଳି ପଡ଼ିବ। ବୁଢ଼ୀର ପୁଣି ଖାସିଟା ପାଇଁ ଯେଉଁ କାଂଦ! ସତେ ଯେମିତି ତା' ପୁଅର ପେଟ ଫୁଲି ଯାଇଚି! ଘଂଟାକ ପରେ ଆସି କୁକୁରଟାକୁ ଇଂଜେକସନ ଦେଲା। କୁକୁରଟା ବଂଚିଲା ନାଇ। ବଦନାମ ହେଲା ତାଂକର।

ତା'ପରେ ସେଇ ଗରମ ହୋଇ ଯାଇଥିବା ଗାଈଟା-ହଂବା ହଂବା ରଡି ଛାଡୁଥାଏ। ଡାକ୍ତରବାବୁ ନିଜେ ଇଂଜେକସନ୍ ଦେଇ ତା ଭିତରେ ଆଂଗୁଠିରେ ଠେଲି ଜର୍ସି ଷଂଢ଼ର ଶୁକ୍ର-ଜୀବାଣୁ ଭର୍ତି କରୁଥାଂତି। ତାଂକର ତେପନ ବର୍ଷର ବିପତ୍ନୀକ ଦେହରେ ସେ ସବୁର ଯେ କିଛି ପ୍ରତିକ୍ରିୟା ହେଉ ନଥିଲା ତା' ନୁହେଁ। କିଂତୁ ସେ କାମଟା ଠିକ୍‌ଭାବେ କରିଥିଲେ। ତା'ପରେ ସେ ଯେଉଁ କୁକୁଡ଼ାଟା ଆସିଥିଲା, ଖାଲି ଚବିଶ ଘଂଟା ଢୁଳାଉଚି। ଦି'ଦିନ ହେଲା କିଛି ଖାଉ ନାଇଁ। ଏଇଭଳି କେତେ କେତେ କେସ୍।

ଏଇସବୁ ଜଂଜାଳ ଓ ହଟଗୋଳ ଭିତରେ ଡ଼ାକ୍ତର ବାବୁଂକୁ ସୂର୍ଯ୍ୟମଂଡ଼ଳ ଦେଖିବାକୁ ଆଦୌ ଭଲ ଲାଗୁନଥିଲା। ତଥାପି ଲୋକଟା ନଛୋଡ଼ ବଂଧା। ସେ ଇଥା ଭିତରେ କାମିଜୀ ଓ ଲୁଗା କାଢ଼ି ଗାମୁଛା ପିନ୍ଧି ଛିଡ଼ା ହୋଇଥାଏ, ପଇତାକୁ ସାଉଁଳୁଥାଏ। ଡାକ୍ତର ବାବୁଂକୁ ଗିଲାସେ ପାଣି ଆଣିବା ପାଇଁ କହିଲା। ପୂଜାରୀ ଗିଲାସେ ପାଣି ଆଣିଦେଲା। ସେତକ ଢ଼କଢ଼କ କରି ପିଇଦେଇ ଆଉ ଗିଲାସେ ପାଣି ମାଗିଲା। ଦୁଇଗ୍ଲାସ ପାଣି ପିଇସାରି ସେ ଯାଇ ଖରାରେ ଚକାପାରି ବସିଲା। କ'ଣ ସବୁ ମଂତ୍ର ପଢୁଥାଏ। ସୂର୍ଯ୍ୟଂକୁ ପାଂଚମିନିଟ ଅପଲକ ଦୃଷ୍ଟିରେ ଚାହିଁବା ପରେ କହିଲା- "ହେଇ, ହେଇ ଆଃ! ଆଃ! ହେଁ-ହେଁ। ଆଦିତ୍ୟ! ସାବିତ୍ରୀ! ଗାୟତ୍ରୀ! ହିରଣ୍ୟଗର୍ଭ! ତତ୍ ସବିଂତୁ ବରେଣ୍ୟ..." ଇତ୍ୟାଦି ଇତ୍ୟାଦି।

ଡାକ୍ତରବାବୁ ବାରଂଡାରୁ ତଳକୁ ଓହ୍ଲାଇ ଯାଇ ସୂର୍ଯ୍ୟଂକ ଆଡ଼କୁ ଚାହିଁଲେ। କିଛିକ୍ଷଣ ଚାହିଁବା ପରେ କହିଲେ, "କାଇଁ! ମୁଁ ତ କିଛି ଦେଖି ପାରୁନାଇଁ!"

Digitized by srujanika@gmail.com

ସେ ଲୋକଟି କହିଲା- ''କେମିତି ଦେଖିବେ ? ମୁଁ କହିଲେ ସିନା ଦେଖିବେ।'' ସେ ଉଠିଆସି ବିଡ୍ ବିଡ୍ କରି କଣ ମଂତ୍ର ପଢ଼ି ଡାକ୍ତର ବାବୁଂକ ମୁଂଡକୁ ଚିପିବାକୁ ଲାଗିଲା- ସେଲୁନ୍‌ରେ ବାଳକଟା ସରିଲାପରେ ଭଂଡାରି ଯେମିତି ଚିପେ। ତା'ପରେ କହିଲା, ''ଦେଖଂତୁ।''

ଡାକ୍ତରବାବୁ ଉପରକୁ ମୁହଁ ଟେକି ସୂର୍ଯଂକ ଆଡ଼କୁ ଚାହିଁଲେ। ଦେଖିଲେ କିଛିନାହିଁ। ତା'ପରେ ବିରକ୍ତ ହୋଇ କହିଲେ- ''କାହିଁ, କ'ଣ ? ସବୁ ଧପ୍‌ପାବାଜି।''

ଲୋକଟି କହିଲା, ''ଆଜ୍ଞା ! ଦିନକରେ କଣ ସୂର୍ଯମଂଡଳ ଦେଖିବା ସଂଭବ ? ଲାଗେ ଲାଗେ କିଛିଦିନ ଅଭ୍ୟାସ କଲେ ସିନା ଯାଇ ଦେଖିବେ। ତା'ପରେ ସେ ଗାମୁଛା ଛାଡ଼ି ଲୁଗା ଓ ସାର୍ଟପିଂଧି ଯିବାପାଇଁ ବାହାରିଲା। ଡ଼ାକ୍ତରବାବୁ ତାକୁ ଗୋଟିଏ ଟଂକା ଯାଚିଲେ। ସେ ନେଲାନାହିଁ। କହିଲା-''ଛି-ଛି ! ଟଂକା କ'ଣ ହେବ ?''

ଦୁଇ ତିନିଦିନ ପରେ ଡାକ୍ତରବାବୁ ଡାକ୍ତରଖାନାରୁ ଲେଉଟି ଖାଇସାରି ବାରଂଡାରେ ଟିକିଏ ବସିଛଂତି। ଚାରିଟା ବେଳେ ଦୁଇକୋଶ ଦୂର ନିଜିପୁର ଗାଁକୁ ଏକ କଲ୍‌ରେ ଯିବାକୁ ହେବ। ଆଜି ସକାଳେ ସାମସେର ମିଆଁର କସରା ଘୋଡ଼ୀଟା ଚିକିତ୍ସା ପାଇଁ ଆସିଥିଲା। ଘୋଡ଼ୀଟା ଖାଲି ଗୋବରେଇ ପକାଉଚି। ଡାକ୍ତରବାବୁ ଅପେକ୍ଷା କରିବାକୁ କହି ଭିତରେ କାମ କରିବାକୁ ଗଲେ।

ଘୋଡୀଟା ଡାକ୍ତରଖାନା ହତାରେ ଚରୁଥାଏ। ସାମସେର ଯାଇଥାଏ ଛକକୁ ବିଡ଼ି କିଣିବାକୁ। କିଛି ସମୟପରେ ଡ଼ାକ୍ତରବାବୁ ଘୋଡ଼ୀଟାକୁ ଦେଖିବାକୁ ବାହାରକୁ ଆସଂତି। ଦେଖିଲେ କେଉଁଠୁ ଗୋଟାଏ ଦୁର୍ଦାଂତ ଘୋଡା ଆସି ଘୋଡ଼ୀଟାକୁ ଖଂଡେ ଦୂର ଠେଲି ନେଇ ତା ସଂଗେ ମୈଥୁନ ଆରଂଭ କରି ଦେଇଚି। ଡାକ୍ତରବାବୁ ଘୋଡ଼ୀଟାକୁ ଛଡ଼ାଇ ଆଣିବାକୁ ହୁକୁମ ଦେଲେ; କିଂତୁ ତା କିଛି ସହଜ କାମ ନୁହେଁ। ସମସ୍ତେ ଖାଲି ଘାଣ୍ଟୁ ପାଲଟି ଯାଇ ସେ ଦୃଶ୍ୟ ଦେଖୁଥାଂତି। କିଛି ସମୟପରେ ଘୋଡ଼ାଟି ହ୍ରେସାଧ୍ୱନି କରି ଚାଲିଯିବା ପରେ ଘୋଡ଼ୀଟାକୁ ଆଣି ଇଂଜେକସନ୍ ଦିଆଗଲା।

ଡାକ୍ତରବାବୁ ଘର ଭିତରକୁ ଯାଇ ଟିକିଏ ଶୋଇବାକୁ ମନସ୍ଥ କଲେ। ଠିକ୍ ଏତିକିବେଳେ ସେ ଲୋକଟା ଆସି ପହଂଚିଲା, ଡାକ୍ତରବାବୁ ତାକୁ ଦେଖି ଖେଂକାରି ଉଠିଲେ। ତଥାପି ସେ ନଛୋଡ଼ବଂଦା। କହିଲା- ''ସାର୍ ଆଜି ସୂର୍ଯମଂଡ଼ଳ ଦେଖି ପାରିବେ। କମ୍ ସେ କମ୍ ସୂର୍ଯଂକର ସାତଟା ଘୋଡ଼ା ଦେଖି ପାରିବେ।'' ଡାକ୍ତରବାବୁ ରାଗରେ କବାଟ ବଂଦ କରିଦେଇ ଭିତରକୁ ଯାଇ ଖଟ ଉପରେ ଗଡ଼ି ପଡ଼ିଲେ। ବାହାରେ ଭୀଷଣ ଗରମ। ଝାଂଜି ପବନ ବୋହୁଚି। ଡାକ୍ତର ବାବୁଂକୁ ନିଦ ଲାଗିଗଲା। କିଛି ସମୟ ପରେ ତାଂକର ମନେହେଲା ସେ ଯେପରି ଘୋଡ଼ାର ହ୍ରେସା ଶବ୍ଦ ଶୁଣି ପାରୁଛଂତି। ତାଂକର ମନେହେଲା ତାଂକ ହତା ଭିତରେ ଯେପରି ଘୋଡ଼ାମାନେ ଦୌଡ଼ାଦୌଡ଼ି କରୁଛଂତି। ସେ ଉଠିପଡ଼ି, ବାହାରକୁ ଯାଇ ଦେଖିଲେ ତାଂକ ପାଇଁ ସତକୁ ସତ ଜଣେଲୋକ ଗୋଟିଏ ଭଡ଼ା ଘୋଡ଼ା 'ଗାଡ଼ି' ଧରି ଅପେକ୍ଷା କରୁଚି ଏବଂ ସେଥିରେ ଯୋଚା ହୋଇଚି ସକାଳର ସେଇ ଦୁର୍ଦାଂତ ଘୋଡ଼ାଟା। ଡାକ୍ତର ବାବୁଂକୁ ଦେଖି ଲୋକଟି କହିଲା-''ସାର୍, ନିଜିପୁର କଲ୍‌ରେ ଯିବେପରା !''

Digitized by srujanika@gmail.com

ନିଃସଂଗ ପ୍ରତିମା

ବିମଳକୃଷ୍ଣ ବାବୁ କ୍ଳାଂତ ବୋଧ କରୁଚଂତି । ନାଃ, ଆଉ ପାରିହେବ ନାହିଁ । ସେ ଏକୁଟିଆ କ'ଣ କରିବେ ? ସେ କ'ଣ ଏକେଲା ଏ ସୁଅ ମୁହଁକୁ ବଂଦ କରିପାରିବେ ? ସେ ହୁଏତ ଏ ବଢ଼ି ମୁହଁରେ ଏକ ନିଃସଂଗ ପ୍ରତିମା ପରି କୁଆଡ଼େ ଭାସିଯିବେ କିଂବା କେଉଁ ପାହାଡ଼ ପଥରରେ ବାଡ଼େଇ ହୋଇ ଚୂନ୍‌ଚୂନା ହୋଇଯିବେ- ତାଂକର ଚିହ୍ନବର୍ଣ ରହିବ ନାହିଁ ।

ମଇଳା ପାଣିର ଗୋଟାଏ ପ୍ରଚଂଡ ସୁଅ ଛୁଟି ଆସୁଛି । ବିଲମାଳ, ଗଛବୃକ୍ଷ, ବଣଜଂଗଲ, ପାହାଡ଼ ଟାଂଗି ସବୁ କିଛି ବୁଡ଼ାଇ ସେ ସ୍ରୋତ ମାଡ଼ି ଆସୁଚି । ସମଗ୍ର ଦେଶଟା ସେଥିରେ ବୁଡ଼ିଗଲାଣି । ଆଉ ଉଦ୍ଧାରର ବାଟ ନାହିଁ, ରକ୍ଷା ନାହିଁ ।

ଚାରିଆଡ଼େ ଅସ୍‌ନା, ମଇଳା ପଚା ଦୁର୍ଗଂଧ । କେହି କାହା ମୁହଁକୁ ଅନାଉ ନାହାଂତି । ସମସ୍ତେ ଛୁଟି ଚାଲିଛଂତି ନିଜ ନିଜ ଦିଗରେ ବେଦମ ହୋଇ । ପଛକୁ ଅନାଇବାକୁ ଡର ନାହିଁ ।

ଏଭଳି ଅସ୍ଥିର ଜଂଜାଳମୟ ଜୀବନ ଆଗେ ତ ନଥିଲା । ତାଂକର ମନେ ପଡ଼େ ତିରିଶ ଚାଳିଶ ବର୍ଷର କଥା । କେଡ଼େ ଶାଂତ, ସରଳ,ସାମଂଜସ୍ୟପୂର୍ଣ୍ଣ ନ ଥିଲା ସତେ ଜୀବନ ?

ବିଶ୍ୱବିଦ୍ୟାଳୟରୁ ଡ଼ିଗ୍ରୀ ହାସଲ କରି ସେ ସରକାରୀ ଚାକିରି ପାଇଥିଲେ । ପିଲାଟି ଦିନରୁ ସେ ଥିଲେ ସରଳ, ସଚ୍ଚୋଟ ଓ ଆତ୍ମସଚେତନ । କିଂତୁ ଚାକିରିରେ ତାଂକର ମନ ମାନିଲା ନାହିଁ । ସେ ସରକାରୀ ପାହ୍ୟାରୁ ଇସ୍ତଫା ଦେଇ ସ୍କୁଲ ମାଷ୍ଟର ହେଲେ ଏବଂ ସେଥିରୁ ପୁଣି ଇସ୍ତଫା ଦେଇ ଦେଶର ଗଣଆଂଦୋଳନରେ ଝାଁପଦେଲେ । ପ୍ରଥମରୁ ହିଁ, ପ୍ରାୟ ବିନା ଚେଷ୍ଟାରେ ସେ ହୋଇ ଉଠିଲେ ତାଂକ ଅଂଚଳର ଲକ୍ଷ ଲକ୍ଷ ବୁଭୁକ୍ଷୁ ଜନତାର ଅବିସଂବାଦୀ ନେତା । ନେତାପଣ ଯେପରି ତାଂକୁ ଅପେକ୍ଷା କରି ବସିଥିଲା । ସେ ଥରକୁ ଥର ଜେଲ ଗଲେ । ମାଡ଼ ଖାଇଲେ । ସର୍ବସ୍ୱ ହରାଇଲେ । ଜମିବାଡ଼ି ବାଜ୍ୟାପ୍ତ ହୋଇଗଲା । କିଂତୁ ସେଇଥିରେ ହିଁ ତାଂକର ଆନଂଦ, ପରିପୂର୍ଣତା । ସବୁ ହରାଇ ସେ ଯେମିତି ଏମିତି କିଛି ପାଇଲେ ଯାହା ତାଂକୁ ହଜାର ହଜାର ମଣିଷଂକ ଭିତରେ ଜଣେ କରିଦେଲା । ଅସୁମାରି ମଣିଷଂକ ଭିଡ଼ ଭିତରେ ସେ ଯେପରି ଜଣେ କିଏ ସ୍ୱତଂନ୍ତ୍ର ବୋଲି ସ୍ପଷ୍ଟ ବାରି ହୋଇଗଲେ ।

Digitized by srujanika@gmail.com

ବହୁ ସଜାଗ ଚାହାଣୀ ସବୁବେଳେ ଯେ ତାଂକରି ଉପରେ ନିବିଦ୍ଧ, ଏ ଚେତନାରୁ ସେ ନିଜକୁ ମୁକ୍ତ କରି ପାରିଲେ ନାହିଁ। ସେ ଯେପରି ଏକାକୀ- ବହୁ ଲୋକଂକ ମେଳରେ ସର୍ବଦା ଏକାକୀ। ନିଜର ଏଇ ନିଃସ୍ୱ, ନିଃସଂଗ ଓ କରୁଣ ପ୍ରତିମାକୁ ସେ ଭଲ ପାଉଥିଲେ।

ନିଜର ନାମ ବାଂରବାର ଉଚ୍ଚାରଣ କରିବାକୁ ତାଂକୁ ଭଲ ଲାଗେ। କଥାବାର୍ତାରେ ଆଳାପ ଆଲୋଚନାରେ ସେ ନିଜର ନାମ ବାରଂବାର ଉଚ୍ଚାରଣ କରିଥାଂତି। ଯଥା-"ତମେ ଯାହା କହ ପଛକେ ବିମଳକୃଷ୍ଣ କିଂତୁ ସେଥିରେ ଉଳିବ ନାଇଁ", "ତମେ ବିମଳକୃଷ୍ଣକୁ ଭଡ଼କାଇ ଦେବ ଭାବିଚ?" ଇତ୍ୟାଦି ଇତ୍ୟାଦି।

କଥିତ ଅଛି, ଥରେ ଜଣେ ଆମେରିକାନ ସାଂବାଦିକ ତାଂକ ସହିତ ସାକ୍ଷାତ୍ କରିବାକୁ ଆସଂତି। ସେ ଚୌକିରୁ ଉଠିପଡ଼ି ତାଂକୁ ସଂବର୍ଦ୍ଧନା କରିବା ପାଇଁ ଡାହାଣ ହାତଟି ବଢ଼ାଇ ଦେଇ ନିଜକୁ ପରିଚିତ କରାଇ ଦିଅଂତି, "ମୁଁ ବିମଳକୃଷ୍ଣ ପଟ୍ଟନାୟକ।" ଆଗଂତୁକ ଭଦ୍ରଲୋକ ଏଡ଼େ ବଡ଼ ନାମଟିର ତାତ୍ପର୍ଯ ବୁଝି ନ ପାରି ଟିକିଏ ଜିଜ୍ଞାସୁ ଦୃଷ୍ଟିରେ ଚାହିଁବାରୁ ଅଗତ୍ୟା ତାଂକୁ ନିଜ ନାମର ଇଂରାଜୀ ତର୍ଜମା କରି ବୁଝାଇ ଦେବାକୁ ପଡେ। ବିମଳ ମାନେ ବିଶୁଦ୍ଧ, ପିଓର, କୃଷ୍ଣ- କୃଷ୍ଟି ସଂପନ୍ନ, କଲଚରଡ୍ ପଟ୍ଟ- ସୁପ୍ରିମ, ମହାନ ନାୟକ= ଲିଡର ନେତା, ଅର୍ଥାତ୍ ମୁଁ ହେଉଚି, 'ବିଶୁଦ୍ଧ କୃଷ୍ଟିସଂପନ୍ନ ମହାନ ନେତା।' ଆଇ ଆମ ଦି ପିଓର୍ କଲଚରଡ୍, ସୁପ୍ରିମ ଲିଡର୍। ବିଦେଶୀ ଭଦ୍ରଲୋକ କୁଆଡ଼େ ଏଇ ନାମ- ମାହାତ୍ମ୍ୟ ଶୁଣି ତାଟକା ହୋଇଯାଂତି ଏବଂ ତାଂକ ଦେଶରେ ଏଭଳି ସୁଂଦର ଅର୍ଥପୂର୍ଣ ନାମ ପାଇଁ ବୋଲି ସ୍ୱୀକାର କରିଥିବାର ପରେ ବିମଳକୃଷ୍ଣ ବାବୁଂକଠାରୁ ଜଣାପଡ଼େ।

(କୌଣସି ବୈଦେଶିକ ପରିଦର୍ଶକ ନିଜ ଦେଶର ବୈଜ୍ଞାନିକ କୀର୍ତି ଯଥା ଚଂଦ୍ରଯାନ ପ୍ରଭୃତି ବିଷୟରେ କହିଲାବେଳେ ବିମଳକୃଷ୍ଣ ବାବୁ ଆମ ଦେଶର ଅନଗ୍ରସରତା ବିଷୟ ଭାବି ସାତିଶୟ କ୍ଷୁର୍ଣ ହେବାର ଦେଖାଯାଏ। ତାଂକ ମୁହଁ ପ୍ରାୟ କଳା ପଡ଼ିଯାଏ। ତାଂକ ହୃଦୟ ଭିତରୁ କୋହ ଉଠେ। ସେ କାୟୋମନବାକ୍ୟରେ ଚାହାଂତି ଆମ ଦେଶର ପତିଆରା ପୃଥିବୀର ସବୁ ଦେଶକୁ ବଳିଯାଉ; ଭାରତବର୍ଷ ସବୁ ଦିଗରେ ଉନ୍ନତି କରି ଅନ୍ୟାନ୍ୟ ଦେଶଂକୁ ପଛରେ ପକାଇ ଦେଉ, ମାତ୍ର ସେ ଉନ୍ନତିଟା ତାଂକରି ଦ୍ୱାରା କିଂବା ତାଂକରି ଜରିଆରେ ହେବା ଉଚିତ ବୋଲି ତାଂକର ଗୋଟାଏ ବଦ୍ଧମୂଳ ଧାରଣା ରହିଯାଇଚି। ଶୁଣାଯାଏ, ଥରେ ଜଣେ ମାର୍କିନ୍‌ପରିଦର୍ଶକ ଆପୋଲୋ-୧୨ର ଚଂଦ୍ରଶିଳା ସଂଗ୍ରହ ବିଷୟ କହୁଥିବାବେଳେ ବିମଳକୃଷ୍ଣ ବାବୁ କିଛିକ୍ଷଣ ବିଷର୍ଣ ବଦନରେ ବସିରହି ସେସବୁ ଶୁଣୁଶୁଣୁ ହଠାତ ବଡ଼ ପାଟିରେ କହି ଉଠଂତି- ଆପୋଲୋ-୧୨ କ'ଣ କହୁଚ ହେ? ୟୁ ନୋ ଊ ହାଡ୍ ଆଓ୍ୱାର ନାରଦ ଯେ କି ଢିଂକିରେ ଚଢ଼ି ଖାଲି ଚଂଦ୍ର କ'ଣ ସବୁ ଗ୍ରହ ଉପଗ୍ରହକୁ, ମାନେ ସୂର୍ଯ, ବୁଧ, ଶୁକ୍ର, ଶନି, ମଂଗଳ ଆଦି ଗ୍ରହକୁ ମନଇଚ୍ଛା ଯାଇ ଆସି ପାରୁଥିଲେ। ସେ ସ୍ୱର୍ଗରୁ ପୃଥିବୀକୁ ଆସି ପାରୁଥିଲେ ଏବଂ ପୃଥିବୀରୁ ହି ଓ୍ୱାକ୍ ଗୋଇଂ ଅପ୍‌ଷ୍ଟେୟାର୍ସ ଶେଷ କଥା କହିଲାବେଳେ ସେ ଚଉକିରୁ ଉଠିପଡ଼ି ଉପରଆଡ଼କୁ ଗୋଟାଏ ହାତ

Digitized by srujanika@gmail.com

ଟେକି ନେଇଥିଲେ। ତା'ପରେ ସେ ଯୋଗ କରଂତି, ୟୁନୋ ତ୍ରି ହାତ ଆଡ୍ରାର ବିଶଲ୍ୟ କରଣୀ। ବିଦେଶୀ ଭଦ୍ରଲୋକ ନାରଦ, ଡିଂକି, ବିଶଲ୍ୟକରଣୀ ପ୍ରଭୃତି ଶୁଣି ଅବାକ୍ ହୋଇଯାଇ କଥାର ମୋଡ଼ ଅନ୍ୟ ପ୍ରସଂଗକୁ ଫେରାଇ ନେଇଥିବାର ଶୁଣାଯାଏ।)

ବିମଳବାବୁ ଭାବଂତି କୁଆଡ଼େ ଗଲା ସେ କାଳ? ସେ ତ୍ୟାଗ ଓ ସଂଗ୍ରାମର ସରଳ ନିର୍ମଳ, ଅକପଟ ଜୀବନ!! ଆଜିକାଲି ତ ସମସ୍ତେ ଅର୍ଥ ପିଛା ଭୋଳ।

ସ୍ୱାଧୀନତା ଆସିଲା। ତା ସଂଗେ ଆସିଲା ମଂତ୍ରିତ୍ୱ। କିଂତୁ ବିମଳକୃଷ୍ଣ ବାବୁ ଯେଉଁ ପରି ଥିଲେ ସେଇ ପରି ରହିବାକୁ ସୁଖ ପାଇଲେ। ସେ ବିଶେଷ ବଦଳିବାକୁ ରାଜି ହେଲେ ନାହିଁ। କିଂତୁ କ୍ରମେ କ୍ରମେ କ'ଣ ହେଲା? ମାତ୍ର କୋଡ଼ିଏଟା ବର୍ଷ ଭିତରେ ସମଗ୍ର ଦେଶଟା ଗଲା ବଦଳି। ଲୋକେ ବଦଳିଗଲେ? ଚାଳଘର ଜାଗାରେ ସ୍ୱନାମୀ ବେନାମୀ ବଡ଼ବଡ଼ କୋଠାଘର ସବୁ ଦେଖାଦେଲା। ଧଡଡ଼ା ସାଇକେଲ ଜାଗାରେ ନୂଆ ନୂଆ ମଡେଲର ମୋଟରଗାଡ଼ି ସବୁ ଆସି ଛିଡ଼ାହେଲା। ସେ ଦିନର ସ୍ୱରାଜ୍ୟ ପାଂଠିକୁ କିଂବା କୃଷକ ଫଂଡ୍‌କୁ ଖୁଦଚାଉଳ ମୁଷ୍ଟିଭିକ୍ଷା କରୁଥିବା କର୍ମୀମାନେ ଆଜି ବଡ଼ ବଡ଼ ମଠର ମହଂତଂକ ପରି ଦେଖାଯାଉଛଂତି। କିଏ ନୂଆ ରାଜଧାନୀରେ ଦି'ଦିଟା ଅଟାଳି ଠୋଳାଇ ସାରିଲାଣି ତ କିଏ ନିଜ ଗାଁରେ ଦଶବାଟି ଜମିର ମାଲିକ ହୋଇ ବସିଗଲାଣି। ତାଂକ ଦେଖଂତରେ ଯେଉଁମାନେ କାଲି ଆଶ୍ରମ ମାନଂକରେ 'ରଘୁପତି ରାଘବ ରାଜାରାମ' କରୁଥିଲେ, ଆଜି ସେମାନେ ପରମିଟ୍ ଲାଇସେନ୍‌ସ ମାଲମାଲ କରୁଛଂତି। କିଂତୁ ସେ ନିଜେ କୋଡ଼ିଏ ବର୍ଷତଳେ ଯେଉଁଠି ଥିଲେ ଠିକ ସେଇଠି ନହେଲେ ବି ପ୍ରାୟ ସେଇଠି ଛିଡ଼ା ହୋଇ ରହିଛଂତି, ଟଂକିବାକୁ ନାହିଁ।

ଗାଁର ସେ ପୈତୃକ ଆଟୁଘର ଖଂଡ଼ିକ ବରଂ ଦିନକୁ ଦିନ ଅଧିକ ଖଂଡିଆ ଖାବରା ହୋଇଯାଉଚି। ମଂତ୍ରୀ ହିସାବରେ ସେ ଯାହାପାଆଂତି, ରୋଜ ତାଂକ ଘରକୁ କାରଣ ଅକାରଣରେ ଆସୁଥିବା କର୍ମୀ, ସଂଗୀ, ସାଥୀ ଓ ଅଭ୍ୟାଗତ ମାନଂକର ଖାଇବା ପିଇବାରେ ହିଁ ଖର୍ଚ୍ଚ ହୋଇଯାଏ। ତା ଉପରକୁ ଅଛି ପୁଣି ନାନା ପ୍ରକାର ଚାଂଦା, ଭେଦା ଇତ୍ୟାଦି ଇତ୍ୟାଦି।

ଏଥିପାଇଁ ତାଂକୁ ତାଂକର ସହକର୍ମୀମାନଂକର ଉପହାସର ପାତ୍ର ହେବାକୁ ହୁଏ। ତାଂକର ସଂଗୀମଂତ୍ରୀମାନେ ତାଂକୁ ମରହଟିଆ, ମାନଧାତୀଆ ଆଦି କହି ବିଦ୍ରୂପ କରଂତି। ଏପରିକି ତାଂକ ବିଭାଗୀୟ ଉପମଂତ୍ରୀ ମଧ ତାଂକୁ ପାସଂଗରେ ପକାଂତି ନାହିଁ। ସେକ୍ରେଟାରୀ, ଅମଲା, ଚପରାସୀ ମଧ- ଯଦିଚ ବାହାରେ ଲଂବ ଲଂବ ଦଂଡବତ ପକାଇବାରେ କିଂବା ହଁ ସାର୍, ହଁ ସାର୍ କହିବାରେ କେହି ତ୍ରୁଟି କରଂତି ନାହିଁ।

ବିମଳକୃଷ୍ଣ ବାବୁ ଯେ ଏହା ନ ବୁଝଂତି ବା ଦିହକୁ ନ ନିଅଂତି ତା ନୁହେଁ। ସେ ସବୁ ଦେଖଂତି, ସବୁ ବୁଝଂତି। ମାତ୍ର ତାଂକର ଅଟଳ ପ୍ରତିଜ୍ଞା ଯେ ସେ ନିଜ କେଂଦ୍ରରୁ ଟଳିବେ ନାହିଁ। ସେ ବିଦ୍ରୋହ କରିବେ, ବିପ୍ଳବ କରିବେ, ଠିକ୍

Digitized by srujanika@gmail.com

କୋଡ଼ିଏ ବର୍ଷ ତଳେ ଯେପରି କରୁଥିଲେ ; ମାତ୍ର ଏ ଏକକ ଓ ନିଷ୍କଳ ବିଦ୍ରୋହର କ୍ଷୀଣ ସ୍ୱର କେବଳ ତାଂକର ବଂଗଳାର ହତା ଏବଂ ସେକ୍ରେଟାରୀଏଟ୍ କୋଠରୀର ସୀମାଟପି ବେଶୀ ଦୂର ପ୍ରସାରିତ ହୋଇପାରେ ନାଇଁ।

ବିରାଟ ଜନସଭାମାନଂକରେ ସେ ସଦାଚାର ଓ ଆଦର୍ଶବାଦ ପ୍ରଚାର କରିବାକୁ ହିଁ ମୁଖ୍ୟ କର୍ତବ୍ୟ ବୋଲି ମନେ କରୁଥିଲେ। ସରକାରୀ ନୀତି ବୟାନ କରିବା ଥିଲା ଗୌଣ। କ୍ରମେ ତାଂକ ସଭାରେ ଲୋକେ କ୍ଷୀଣ ହେବାକୁ ଲାଗିଲେ। "ହଁ ବିମଳବାବୁ ମଂତ୍ରୀନା, ସେ କ'ଣ କହିବେ ଆମେ ଜାଣୁ। ସତ୍ୟ, ଅହିଂସା, ସଂଯମ, ସେ କିପରି ଶାଗ ଭାତ ଖାଆଂତି, ସୂତା କାଟଂତି ଏଇ କଥାତ, ଆମେ ସବୁ ଜାଣିଚୁ। ହେଲେ ବଡ଼ ଭଲ ଲୋକଟା। ଖାଂଟି ସୁନା ଖଂଡେ। ସେଭଳି ଆଉ ଜଣେ ଦି'ଜଣ ଲୋକ ଥିଲେ ଦେଶର ଏଭଳି ଦୁର୍ଦ୍ଦଶା ହୋଇନଥାଂତା। ଏ ପାଇଂଟାକ ଭିତରେ ସେଇ ଜଣକ କେବଳ ଭଲଲୋକ। ହୀରାଟାଏ ତ!"

ବିମଳକୃଷ୍ଣ ବାବୁଂକର ବଦ୍ଧ ଧାରଣା ହେଲା ଯେ ଲୋକେ ତାଂକୁ ଠିକ୍ ବୁଝିପାରୁ ନାହାଂତି। ସେଥିପାଇଁ ବେଖାତିର କରୁଛଂତି। ତାଂକର ଏ ଧାରଣା ବେଳେ ବେଳେ ଅଭିମାନ ଏବଂ କଦବା କ୍ୱଚିତ୍ ବଦ୍‌ରାଗରେ ପରିଣତ ହେଉଥିଲା। ମାତ୍ର ତାଂକର ଅଭିମାନ ବା ରାଗ କେବଳ କ୍ଷଣକ ପାଇଁ, ତା'ପରେ ଯେଉଁ କଥାକୁ ସେଇକଥା।

ତାଂକର ଆହତ ବ୍ୟକ୍ତିତ୍ୱ ବେଳେବେଳେ ଯଂତ୍ରଣାରେ ଛଟପଟ କରୁଥିଲା। ସେ ଦୁନିଆ ଉପରେ ବିରକ୍ତ ହୋଇ ଉଠୁଥିଲେ। ଏଇ ଭ୍ରଷ୍ଟାଚାରୀ ସମାଜକୁ ଉଚିତ ଶିକ୍ଷା ଦେବା ଉଚିତ୍। ତେବେ ଯାଇ ଏହାର ମୋଡ଼ ଫେରିବ। ବିଦ୍ରୋହ କରି ଏଡ଼େ ବଡ଼ ବ୍ରିଟିଶ ସରକାରକୁ ତଡ଼ି ଦିଆଯାଇ ପାରିଲା, ବଡ଼ ବଡ଼ ରାଜା ରାଜୁଡ଼ାଏ-ନିଜାମ, ଗାଏକୱାର୍ଡ କିଏ କୁଆଡ଼େ ପାଣି ଫୋଟକା ପରି ଉଭେଇ ଗଲେ। କ'ଣଥିଲା ସେତେବେଳେ, ଅସ୍ତ୍ରଶସ୍ତ୍ର, ଗୁଳିଗୁଳା ଫୌଜ କମାଣ କିଛିତ ନଥିଲା, ଥିଲା କେବଳ ଆତ୍ମବଳ ନିଜକୁ ବଳି ଦେବାର ବାସନା। ଆଉ ଏ ମୂର୍ଖ ଦୁର୍ନୀତିଗ୍ରସ୍ତ ଗୋଷ୍ପଦ ସମାଜ- ଯାକୁ କ'ଣ ସାଏସ୍ତା ଦେଇହେବନାଇଁ? ଅଲବତ କରିହେବ। ତାଂକ ଭିତରର ବିଦ୍ରୋହୀ ପୁଣି ଗଣ ହୁଂକାର କରିଉଠେ। କିଂତୁ ପରମୁହୂର୍ତରେ ସେ ନିଜର ମାନ ମର୍ଯାଦା ଓ ଦଳର ଦାୟିତ୍ୱ କଥା ଭାବି ପୁଣି ଶାଂତ ସଂହତ ହୋଇ ପଡ଼ଂତି, ପୁଣି ନିରୀହ ମେଂଢ଼ା ଛୁଆଟି ପରି ନିଜ ଅଫିସରେ କିଂବା ବଂଗଳାରେ ସମସ୍ତଂକ କଥାରେ ହଁ ନାଇଁ ଭରି, କେଉଁଠି ବା ମୃଦୁ ଉପଦେଶ କିଂବା ଭର୍ତ୍ସନାର ସ୍ୱରତୋଳି ନିତିଦିନିଆ ଅଷ୍ଟପ୍ରହରୀ ଜୀବନ ବିତାଇ ଦିଅଂତି।

ବେଳେ ବେଳେ ସେ ଅନୁଭବ କରଂତି ଭୀଷଣ କ୍ଳାଂତି, ସତେ ଯେମିତି ଦୀର୍ଘକାଳ ବେମାରି ଭୋଗି ଏଇମାତ୍ର ବିଛଣାରୁ ଉଠି ଆସିଂଛତି। ଭାବଂତି ଆଉ ସଂଗ୍ରାମ କରି ଲାଭନାଇଁ। ଏ ସବୁଥିରୁ ବରଂ ଆଡ଼େଇ ହୋଇଯିବା ହିଁ ଭଲ।

ନିୟମିତ ଗୀତାପାଠ କରିବା ତାଂକର ଏକ ଚିରଦିନର ଅଭ୍ୟାସ। ତା ସାଂଗକୁ ବିନୋ ବାଂକ ପ୍ରବଚନ, ଗାଂଧିଜିକ ଗ୍ରଂଥ। ଶେଷରେ ବିନୋବାଜୀଙ୍କ ବାଣୀ ଏବଂ ଅରବିଂଦଂକ ଦିବ୍ୟ ଜୀବନର ସ୍ୱପ୍ନ ଏ ସମସ୍ତ ଭିତରୁ ସେ କେବଳ ଗୋଟା,

Digitized by srujanika@gmail.com

କଥା ବାହାର କରିବାକୁ ଚାହୁଁଥିଲେ। ତା ହେଉଚି ହିଂହୁଏ ମାତ୍ର ସମାଧାନ, ସମନ୍ୱୟର ଇଂଚେ ମାତ୍ର ରାସ୍ତା।

ସେଦିନ ସେ ବିଶେଷ କ୍ଲାଂତ ଓ ଚିଂଚିତ ଦେଖା ଯାଉଥିଲେ। ଏକ ନିର୍ଜନ ଜନ୍ନାଘୁମ ରାତ୍ରିର ଦିଗ୍‌ବଳୟରେ ଶ୍ୱେତବସ୍ତ୍ର ପରିହିତ ଜଣେ ନିଛାଟିଆ ଲୋକର ସିଲହାଉଟ୍ ପରି। ଶୀତ ଦିନରେ ମଧ୍ୟ ତାଂକ କପାଳରୁ ବିଂଦୁ ବିଂଦୁ ଝାଳ ନିଗିଡ଼ି ପଡୁଥିଲା।

ଏଇମାତ୍ର ସେ ଏକ ସଭା ଶେଷକରି ଆସି ଗ୍ରାମର ଇସ୍କୁଲ ଘରେ ବସିଛଂତି, ସଂଗରେ ମତ୍ସ୍ୟ ବିଭାଗର ମଂତ୍ରୀ ବିପ୍ରଚରଣ ବାବୁ। ବିମଳବାବୁ ବକ୍ତୃତାରେ ଦେଶରେ କିପରି ଦୁର୍ନୀତି ବ୍ୟାପି ଯାଉଚି- ମଂତ୍ରୀରୁ ଆରଂଭ କରି ଅମଲା ପର୍ଯ୍ୟଂତ ସମସ୍ତେ କିପରି ଭୋଗ ବିଳାସରେ ବୁଡ଼ି ଗଲେଣି, ଗାଂଧିଜୀଙ୍କ ପରିକଳ୍ପିତ ସ୍ୱରାଜ୍ୟ କିପରି ବିଡ଼ଂବନରେ ପରିଣତ ହେଲାଣି- ସେ ବିଷୟ ସୁଂଦର ଭାବରେ ବୁଝାଇଦେଲେ। ପୁରାଣ ଓ ଇତିହାସରୁ ନାନା ଦୃଷ୍ଟାଂତ ଦେଲେ। ଶେଷରେ ନିଜର କୃଚ୍ଛ୍ର ସାଧନା ଓ ସଂସାର ବିମୁଖତା ବିଷୟରେ ମଧ୍ୟ ପରୋକ୍ଷ ଓ ପ୍ରକାଶ୍ୟ ଭାବରେ କିଛି କହି ବକ୍ତବ୍ୟକୁ ପ୍ରଭାବଶାଳୀ କରିବାକୁ ଚେଷ୍ଟାକଲେ। ମାତ୍ର ସଭାରେ ଉତ୍ସାହ ନାହିଁ। କ୍ରମେ ଲୋକ ଭାଂଗିବାକୁ ଲାଗିଲେ। ମତ୍ସ୍ୟମଂତ୍ରୀ ଦେଖିଲେ ମହାବିପଦ। ସେ କହିବାକୁ ଉଠିଲା ବେଳକୁ ହୁଏତ ସଭାରେ ଖାଲି ଚୌକି, ବେଂଚ କିଂବା ଲାଇଟ ଆଣିଥିବା ଲୋକଟି ଛଡ଼ା କେହି ନଥିବେ। ସେ ବିମଳ ବାବୁଂକୁ ବସିପଡ଼ିବା ପାଇଁ ଇଂଗିତ କଲେ। ଥରେ; ଦି'ଥର ତାଂକ ଛାମିଜର ଝୁଲ ମଧ୍ୟ ଟାଣିଲେ। ମାତ୍ର ସେ ଅଚଳ, ଅଟଳ। ଶେଷରେ ବଜ୍ର କଂଠରେ କହିଦେଲେ- ସଭାରେ ଜଣେ ଲୋକ ଥିବା ପର୍ଯ୍ୟଂତ ମୁଁ କହିବି। ମତ୍ସ୍ୟମଂତ୍ରୀ ଛଟପଟ ହେଉଥାଂତି। ଶେଷରେ ତାଂକର ମୁଂଡ଼ରେ ଗୋଟାଏ ବୁଦ୍ଧି ଯୁଟିଲା। ସେ ଉଠିପଡ଼ି ଡାକବାଜି ଯଂତ୍ରଟାକୁ ଝାଂକିନେଇ କହିଲେ, "ଭାଇ ଓ ଭଉଣୀମାନେ, ବକ୍ତୃତାପରେ ସରକାରଂକ ପ୍ରଚାର ବିଭାଗ ସିନେମା ଦେଖାଇବେ। ଭଲ ବହି ଅଛି। କଟକରୁ ବଛା ବଛା ରେକର୍ଡ଼ ଆଣିଛଂତି, ତାହାମଧ୍ୟ ଶୁଣାଇବେ। ଆପଣ ଧୀର ସ୍ଥିର ହୋଇ ନିଜ ନିଜ ଜାଗାରେ ବସି ରହଂତୁ ନୋହିଲେ ସୁବର୍ଣ୍ଣ ସୁଯୋଗ ହରାଇବେ।" ପୁଣି ସଭାସ୍ଥଳ ସରଗରମ ହୋଇ ଉଠିଲା। ଅନେକେ ନିଜ ନିଜ ଜାଗା ଛାଡ଼ି ଚାଲିଯାଇଥିବା ଯୋଗୁ ଅନୁତାପ କରି ପୁଣି ପୂର୍ବସ୍ଥାନ ଦଖଲ କରିବା ଲାଗି ଧସ୍ତାଧସ୍ତି ଆରଂଭ କରିଦେଲେ।

ଶେଷରେ ମତ୍ସ୍ୟମଂତ୍ରୀ ଦୀର୍ଘ ଭାଷଣ ଦେଲେ। ଲୋକେ ଧୀରସ୍ଥିର ଭାବରେ ବକ୍ତୃତା ଶୁଣୁଥାଂତି। ଛୁଂଚିଟାଏ ପଡ଼ିଗଲେ ମଧ୍ୟ ଶୁଣାଯିବ। କେହି ଉଁ ଚୁଁ ପାଟି ଫିଟାଉ ନଥାଂତି। ଏପରିକି ଧାଡ଼ିରେ ପାଟି ତୁଂଡ କରୁଥିବା ନି:ପ୍ରା, ସ୍କୁଲର ପିଲାମାନେ ମଧ୍ୟ ନୀରବ, ନିସ୍ତଂଦ।

ସଭାପରେ ମନ୍ତ୍ରୀ ଓ ନିମଂତ୍ରିତ ଅତିଥିମାନଂକ ପାଇଁ ସ୍କୁଲ ଘରେ ରାତ୍ରି ଭୋଜନର ବ୍ୟବସ୍ଥା ହୋଇଥାଏ। ବିମଳକୃଷ୍ଣବାବୁ ମୁହଁ ଭାରିକରି ଗୋଟାଏ ଛୋଟ ଟେବୁଲ ପାଖରେ ଦୂରେଇ ହୋଇ ବସିଥାଂତି। ଅନ୍ୟମାନେ ବିଶେଷତଃ ମତ୍ସ୍ୟମଂତ୍ରୀ

Digitized by srujanika@gmail.com

ଗାଁର ମୁଖିଆ ବ୍ୟକ୍ତି ଓ ସରପଂଚଂକ ସହିତ ଘମାଘୋଟ ଆଲୋଚନା ଜମାଇ ଦେଇଥାଂତି। ମାତ୍ର ବିମଳକୃଷ୍ଣ ବାବୁଂକର ସେଥିରେ ଆଗ୍ରହ ନାହିଁ। ସେ ବଡ଼ ନିଛାଟିଆ ମନେ ହେଉଥାଂତି। ଏ ଦୁନିଆରେ ସେ ଯେପରି ଏକା- ଭୀଷଣ ଏକା- ସଂଗୀ ସାଥୀ ନଥିବା ଏକ ନିର୍ଜନ ଦ୍ୱୀପର ବାସିଂଦା ପରି। ଖାଇବା ପରଷା ହେଲା। ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ନାନା ପ୍ରକାର ଖାଦ୍ୟଦ୍ରବ୍ୟ ଭୋଜନ ସ୍ଥାନକୁ ଅଣାଗଲା। ଭାତ, ଡାଲି, ଶାଗ ପରଷା ସରିବା ପରେ ବିମଳକୃଷ୍ଣବାବୁ ହାତ ଦେଖାଇ ଆଉକିଛି ପରଷିବାକୁ ମନା କରିଦେଲେ। କହିଲେ, ମୁଁ ଭାତ ଡାଲମା ହିଁ ଖାଇବି। ଗ୍ରାମର ଯୋଗାଡ଼ିଆମାନେ ଯେଉଁମାନେ କି ଏ ଉତ୍ସବର ଆୟୋଜନ କରିଥିଲେ, ସେମାନଂକର ମୁହଁ କଳା ପଡ଼ିଗଲା। ସେମାନେ ସତରେ ବଡ଼ ଦୟନୀୟ ଦେଖାଗଲେ। ମାତ୍ର ବିମଳ କୃଷ୍ଣବାବୁ କଠୋର ଭାବେ କହିଲେ-

"ମୁଁ ଭାତ ଡାଲମା ହିଁ ଖାଏ, ସେଇଆ ଖାଇବି। ଯେତେବେଳେ ଲକ୍ଷ ଲକ୍ଷ ଲୋକ ଭୋକ ଉପାସରେ, ବଢ଼ି ମରୁଡ଼ିରେ ମରୁଛଂତି, କାନସିରି ଶାଗ କେରାଏ ମଧ୍ୟ ମିଳୁନାହିଁ, ସେତେବେଳେ ଆମେ ଭୋଜି ଭାତରେ ମୌଜ ମଜଲିସ୍ କରିବା ଅନ୍ୟାୟ।"

ସେ ଅଂଚଳର ସରପଂଚ ଓ ବି.ଡ଼ି.ଓ. ସମସ୍ତେ ହାତଯୋଡ଼ି ଛିଡ଼ା ହୋଇଥାଂତି। ସେମାନେ ଅଳିକଲେ- "ଆଜ୍ଞା! ରଂଧାବଢ଼ା ତ ହୋଇ ସାରିଲାଣି, ନଷ୍ଟ ହେବ ସିନା; ଆଗରୁ ଜାଣିଥିଲେ ହୁଏତ କରି ନଥାଂତୁ।"

ବିମଳକୃଷ୍ଣବାବୁ ତତୋଃଧିକ କଠୋର ସ୍ୱରରେ କହିଲେ, "ନଷ୍ଟ ହେବ କାହିଁକି ଗରିବ ଲୋକଂକୁ ଖୁଆଇଦିଅ।"

ବିମଳକୃଷ୍ଣବାବୁ ତତୋଧିକ କଠୋର ସ୍ୱରରେ କହିଲେ, "ନଷ୍ଟ ହେବ କାହିଁକି ଗରିବ ଲୋକଂକୁ ଖୁଆଇଦିଅ।"

ସରପଂଚ ମୁଂଡ ଆଉଁସିବାକୁ ଲାଗିଲେ। ଏତିକିବେଳେ ମତ୍ସ୍ୟମନ୍ତ୍ରୀ ତାଂକୁ ବିପଦରୁ ଉଦ୍ଧାର କଲେ। କହିଲେ, "ଆଣହେ ସରପଂଚେ ଯାହା ହେଇଚି ଆଣ, ଆମେ ସମସ୍ତେ ମିଶି ଖାଇବା। ସେ ବାବାଜୀ ଲୋକ, ତାଂକକଥା ଛାଡ଼। ତାଂକ କଥା ଘେନିବ ନାହିଁ।" ସରପଂଚ ଓ ବି.ଡ଼ି.ଓ ଆଶ୍ୱସ୍ତ ହେଲେ।

ଖାଇ ବସିଲା ବେଳେ ଦେଖାଗଲା ସମସ୍ତଂକ ନଜର ବେଶୀ ମତ୍ସ୍ୟମଂତ୍ରୀ ଓ ଅନ୍ୟ ଭଲ ଖାଇବା ବାଲାଂକ ଉପରେ। ଲୋକଂକ ଭିଡ଼ ସେଇମାନଂକ ପାଖେ ବେଶି। କିଏ ମାଛ ତରକାରି ନେଇ ପହଂଚୁଚି ତ କିଏ ମାଉଁସ ବାଲ୍‌ଟି ଧରି ହାଜର।

-ଆଜ୍ଞା, ଟିକିଏ ମାଛର ବେସର?

-ଆଜ୍ଞା, ମାଂସର କୋର୍‌ମା?

ମତ୍ସ୍ୟମଂତ୍ରୀ ଓ ଉଚ୍ଚ ପାହିଆର ଅତିଥିମାନେ 'ନାଁ, ନାଁ; ହଁ, ହଁ, ହଉ, ହଉ' କହି ସେମାନଂକୁ ଆପ୍ୟାୟିତ କରୁଥାଂତି। ପୁଣି 'ଭଲ ହୋଇଚି', 'ବଢ଼ିଆ

Digitized by srujanika@gmail.com

ହୋଇଚି', କହି ସାର୍ଟିଫିକେଟମାନ ବିତରଣ କରୁଥାଂତି। ଶେଷରେ ବସାଦହି, ସାଲେପୁରୀ ରସଗୋଲା ଓ କେଂଦ୍ରାପଡ଼ା ରସାବଳୀ।

କେହି ସାହସ କରି ବିମଳକୃଷ୍ଣବାବୁଂକ ପାଖରେ ପଶୁନଥାଂତି। ଦୀର୍ଘ ଅଧଘଂଟାଏ ଖାଇବା ସମୟ ଭିତରେ କେବଳ ଥରେ ମାତ୍ର ସରପଂଚେ ଯାଇ ପଚାରି ଥିଲେ- "ଆଜ୍ଞା, ଆଉ ମୁଠାଏ ଅନ୍ନ, ଟିକିଏ ଡାଲମା ?"

ବିମଳକୃଷ୍ଣ ବାବୁଂକର କଠୋର ନାସ୍ତି ବଚନ ଶୁଣି ସେ ଫେରି ଆସଂତି, ଆଉ ପାଖ ମାଡ଼ଂତି ନାହିଁ।

ବିଦାୟ ନେଇ ଗଲାବେଳେ ମଧ୍ୟ ବିମଳକୃଷ୍ଣ ବାବୁଂକ ମୁହଁ ସେଇପରି ଭାରୀ ଭାରୀ ଜଣା ଯାଉଥାଏ। ତଥାପି ସେ ସମସ୍ତଂକଠୁ ହସି ହସି ବିଦାୟ ନେଲେ। କାହା କାଂଧରେ ଟିକିଏ ହାତ ବୁଲାଇ ଦେଲେ। କେଉଁ ଯୁବକସଂଘ କର୍ମୀକୁ ହସି ହସି ପଚାରିଲେ, "ବାପା ଭଲ ଅଛଂତି ତ ?" (ଯଦିଚ ସେ ପିଲାଦିନୁ ବାପ ଛେଉଂଡ ଏବଂ ସେ ଟିକିଏ ଅପ୍ରସ୍ତୁତ ହୋଇ ମୁଂଡ ଟୁଂଗାରିଲା।) ମାତ୍ର ଲୋକେ ତାଂକଠୁ ଟିକିଏ ଆଡ଼ଛଡ଼ା ଦେଲାପରି ମନେ ହେଉଥାଏ। ଭରସି କରି କେହି ପୂର୍ବପରି ତାଂକ ସଂଗେ ମିଶି ପାରୁନଥାଂତି।

କେତେଦିନ ପରେ ନିଶ୍ଚିଂତପୁର ଗ୍ରାମରେ ଆଉ ଏକ ସଭାର ସମାରୋହ। ବିମଳକୃଷ୍ଣ ବାବୁ ତାଂକର ନିର୍ବାଚନ ବେଳର ପୁରୁଣା ଜିପ୍‌ରେ ଦୁଇ ଘଂଟା ଡେରିରେ ସଭାସ୍ଥଳରେ ପହଂଚିଲେ। ସଭାରେ ଗୋଟିଏ ଲୋକଥିବା ପର୍ଯଂତ ସତ୍ୟ ଓ ସଦାଚାର ଉପରେ ଭାଷଣ ଦେଲେ। ତା'ପରେ ଭୋଜନପାଳି। ଖାଇ ବସିଲାବେଳେ ପୁଣି ସେଇ ସଂକଟ ଦେଖାଦେଲା। ବିମଳବାବୁ ଜିଦ୍‌ଧରି ବସିଲେ: ସେ ଭାତ ଡାଲମା ହିଁ ଖାଇବେ। ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ନେହୁରା ହେବାରୁ ସେ ଶାଗ ଟିକିଏ, ପଂଚାୟତ ଅଫିସ ହତାରେ ଫଳିଥିବା ବାଇଗଣ ଭଜା ଦି'ଖଂଡ ପରଷିବାକୁ ଯାହା ଅନୁମତି ଦେଲେ; କିଂତୁ ମାଛ ମାଉଁସ ଛୁଇଁଲେ ନାହିଁ। ଶେଷରେ ସରପଂଚେ ଯାହାଂକର ପ୍ରଖର ବୁଦ୍ଧି, ସେ ଖଂଡ଼ମଂଡ଼ଳରେ ପ୍ରସିଦ୍ଧ, ହାତଯୋଡ଼ି ଜଣାଇଲେ ଯେ, ଇସ୍କୁଲ ପୋଖରୀରୁ ଆଜି ସେ ବନିସଖାଡ଼ି ପକାଇ ଗୋଟିଏ ଛୋଟ ମାଗୁର ଧରିଥିଲେ। ସେଇଟି ସେ ମଂତ୍ରୀ ମହାଶୟଂକ ପାଇଁ ଅଲଗା ଭଜାଇ କରି ରଖିଛଂତି। ତାଂକର ଆଂତରିକତା, ଆନୁଗତ୍ୟ ଓ ସରଳତାରେ ମଂତ୍ରୀ ମୁଗ୍ଧ ହେଲେ। "ଆଉ ଖାଲି ସେତିକି ଦିଅ" ବୋଲି ଅନୁମତି ଦେଲେ। କିଛିଦିନ ପରେ ଅନ୍ୟ ଜିଲ୍ଲାରେ କଂଦଳପୁର ଗ୍ରାମରେ ଆଉ ଏକ ସଭାର ଆୟୋଜନ। ସେତେବେଳକୁ ଚାରିଆଡ଼େ ଲୋକତୁଂଡରେ ପ୍ରଚାର ହୋଇଗଲାଣି ଯେ ବିମଳବାବୁ ମଂତ୍ରୀ ଭାତ ଡାଲମା ଛଡ଼ା ଆଉ କିଛି ଛୁଅଂତି ନାହିଁ। କଥାଟା ତୁଂଡବଇଦ ଭଳି ପ୍ରଦେଶସାରା ଖେଳିଗଲାଣି। ତେଣୁ ସଭାର ଉଦ୍ୟୋକ୍ତାମାନେ ମିତବ୍ୟୟିତା ଓ ଅସୁଲ ହୋଇଥିବା ଚାଂଦାର ସ୍ୱଳ୍ପ ପରିମିତି ଦୃଷ୍ଟିରୁ କେବଳ ଭାତ ଡାଲମାହିଁ ପ୍ରସ୍ତୁତ କରିଥାଂତି। ସଭାରେ ଅଭ୍ୟର୍ଥନା, ମାନପତ୍ର ଓ ଭାଷଣ ଇତ୍ୟାଦି ପରେ ମଂତ୍ରୀ ମହାଶୟ ମଣୋହିକି ବିଜେକଲେ।

Digitized by srujanika@gmail.com

ଠା ପିଢ଼ାରେ ବସିବା ମାତ୍ରକେ ଧୁରଂଧର ବି.ଡ଼ି.ଓ ବିନମ୍ର ଭାବରେ ନିବେଦନ କଲେ- ଆଜ୍ଞା, ସବୁକିଛି ରଂଧା ଯାଇଚି। ମାଛ, ମାଉଁସ, ଅଂଡା, ପାଏସ, ଡାଲମା। "ଡାଂକ ପାଟିରୁ କଥା ନ ସରୁଣୁ ମଂତ୍ରୀ ହାତ ହଲାଇ କେବଳ ଭାତ ଓ ଡାଲମା ପରଷିବାକୁଇ ଆଦେଶ ଦେଲେ।

ବି.ଡ଼ି.ଓ, ଚଟାପଟ ଉତ୍ତର ଦେଲେ- "ଆଜ୍ଞା, ବିଦୁର ଘରେ ଶାଗଭାଜି। ଆମେ ଜାଣୁଁ ଆପଣ ଆଉ କିଛି ଛୁଇଁବେ ନାହିଁ। ହେଁ, ହେଁ।"

ମଂତ୍ରୀ ଖୁସୀ ହୋଇଗଲେ। ଏତେ ଦିନକେ ମନେହେଲା ଲୋକେ ତାଂକର ନୀତିର ମର୍ମ ବୁଝୁଛଂତି। କ୍ରମେ ବୁଝିବେ, ଯିବେ କୁଆଡ଼େ? ସେ ପ୍ରଶଂସା କରି କହିଲେ, ଲୋକେ ଖାଇବାକୁ ନପାଇ ମରୁଥିବାବେଳେ ଆମ ପିଛା ଖିଆପିଆ ଯାକଯମକରେ ଅର୍ଥ ବରବାଦ କରିବା ମହାପାପ। ଯାହାସବୁ ଭୋଜିଭାତ କରିଚ ତା ସବୁ ନିଜେ ଖାଇଦିଅ, ଆଉ ଗରିବଂକୁ ଦେଇଦିଅ। ସେଦିନ ମନ୍ତ୍ରୀଙ୍କ ପାଇଁ ଅଲଗା କରି ଏକ ସ୍ୱତନ୍ତ୍ର କୋଠରୀରେ ଠା ପିଢ଼ା କରାଯାଇଥିଲା।

ଏହାର ମାସକପରେ ଗଂଜାମ ଜିଲ୍ଲା ଶୂନେଇ ଗାଁରେ ଗୋରକ୍ଷଣୀ ସଭାର ବାର୍ଷିକ ଉତ୍ସବ। ସଭାକାର୍ଯ୍ୟ ଶେଷକରି ମଂତ୍ରୀ ଆପଣେ ଖାଇବାକୁ ବିଜେ କଲେ। ଗୋଶାଳାର ସଂପାଦକ ସ୍ଥାନୀୟ ଉ.ପ୍ରା.ସ୍କୁଲ ହେ.ମା. ଓ ବି.ଡି.ଓ ଯେଉଁମାନେ କି ଏ ଉତ୍ସବରେ ଉଦ୍ୟୋକ୍ତା ଥିଲେ, ସମସ୍ତେ ଧର୍ମବିଶ୍ୱାସୀ ଓ ସରଳବ୍ୟକ୍ତି। ସେମାନେ ମଂତ୍ରୀ ମହାଶୟଂକର ଆଂତରିକ ଭକ୍ତି ଓ ନୀତିର ଅନୁଗାମୀ କହିଲେ ଚଳେ। ବି.ଡ଼ି.ଓ. ଅପର୍ତି ବାବୁ ଖାଂଟି ବୈଷ୍ଣବ, ଗଳାରେ ତୁଳସୀମାଳି, କପାଳରେ ତିଳକ, ଆଉ ଛ'ମାସ ପରେ ଚାକିରୀରୁ ଅବସର ନେବେ। ସେ ମଂତ୍ରୀଙ୍କ ଠାପିଢ଼ା ପାଖରେ ବସି ଖାଇବା ଆଣିବା ପାଇଁ ବରାଦ ଦେଉଥାଂତି। ଭାତ, ଡାଲମା ଏବଂ ତା ସାଂଗକୁ ସାରୁ ସଂତୁଳା ଟିକିଏ ଅଣାଗଲା।

ମଂତ୍ରୀ ଆପଣେ ଖୁସିହୋଇ ଉଠିଲେ। ପଚାରିଲେ "ଆଉ କ'ଣ କରିଚ ହେ? ଆଉ ସବୁ ଯାହା କରିଚ ଆପଣମାନେ ଖାଇଦିଅ।" ବି.ଡି.ଓ କହିଲେ, "ଆଜ୍ଞା, ଆଉ କିଛି କରିନାହୁଁ। ଲୋକେ ଯେତେବେଳେ ନଖାଇ ମରୁଛଂତି, ଗୋରୁ ଗାଈସବୁ ଦାନା ଅଭାବରୁ କଂଟାହୋଇ ଗଲେଣି, ସେତେବେଳେ ଆପଣଂକ ଶ୍ରୀ ତୁଂଡକୁ ଭାତ ଡାଲମା ଛଡ଼ା ଆଉ କିଛି ରୁଚିବ କିପରି? ଆପଣ ହେଲେ ଆମର ଆଦର୍ଶ, ଆମ ଯୁଗର ରାଜର୍ଷି ଜନକ ହେଁ.... ହେଁ...।"

ବିମଳକୃଷ୍ଣ ବାବୁଂକ ମୁହଁ ଲାଲ ପଡ଼ିଗଲା। ତାଂକର ମନେହେଲା, ସମସ୍ତେ ତାଂକୁ ବେଖାତିର କରୁଛଂତି। ତା ନହେଲେ ତାଂକ ଭଳି ଜଣେ ଗଣ୍ୟମାନ୍ୟ ଉଚ୍ଚପଦସ୍ଥ ବ୍ୟକ୍ତିଂକୁ ଏଭଳି ଖଡ଼ାସାରୁରେ ଅଭ୍ୟର୍ଥନା କରାଯାଇଥାଂତା! ସେ ମନେ ମନେ ସମସ୍ତଂକ ଉପରେ-ଗୋଟା ସମାଜ ଉପରେ କ୍ରୁଦ୍ଧ ହୋଇ ଉଠିଲେ। ମାତ୍ର ଉପରେ ଈଷତ୍ ସ୍ମିତହାସ୍ୟ ଟାଣି ପ୍ରକାଶ କଲେ-

"ହଁ, ଠିକ୍ ଅଛି! ଜଲଦି ଆଣ। ଡେରି ହୋଇଯାଉଚି। ଆମକୁ ଯାଇ ରାତି ୧୨ଟା ସୁଦ୍ଧା ଭୁବନେଶ୍ୱରରେ ପହଂଚିବାକୁ ହେବ।"

Digitized by srujanika@gmail.com

ଅଳ୍ପ ଦି'ଟା କ'ଣ ମୁହଁରେ ଗୁଂଜି ଦେଇ ପାଣି ଗିଲାସେ ପିଇ ସେ ତମତମ ହୋଇ ଗାଡ଼ିରେ ବସିଲେ। ଯାର ସପ୍ତାହକ ପରେ ଶୁଣାଗଲା, ତାର ଯୋଗେ ବି.ଡ଼ି,ଓ. ଅପର୍ତି ବାବୁଂକର କଂଧମାଳକୁ ସଂଗେ ସଂଗେ ବଦଳି ଆଦେଶ ଆସିଚି; ଯଦିଚ ତାର ଠିକ୍ ଚାରିପାଂଚ ଦିନପରେ ସଂପୂର୍ଣ୍ଣ ଅଯାଚିତ ଭାବରେଇ, ସେ ବଦଳି ଆଦେଶ ରହିତ ହେଲା ବୋଲି ଏକ୍ସପ୍ରେସ ତାର ଯୋଗେ ଆଉ ଏକ ହୁକୁମନାମା ଆସି ପଂହଚିଗଲା।

Digitized by srujanika@gmail.com

ରଂଗଲତା

ବ୍ରହ୍ମପୁର ବସ୍‌ଷ୍ଟାଂଡ୍।

ଦି' ସମୁଦି ବେଗି ବେଗି ଚାଲିଛଂତି ବସ୍ ଧରିବାକୁ। ଭୁବନେଶ୍ୱର ଯିବେ। ବଡ଼ ସମୁଦି ଆଗରୁ ପାଟି କରୁଛଂତି; ''ବେଇକି ବେଇକି ଆସ ହେ। ବାସୁ ଫିଟିଯିବ ହେ!'' ପଛରୁ ସାନ ସମୁଦି ଜବାବ ଦେଉଛଂତି: ''ଯାଉଚି ତ କିସ କରିବି ହେ। ପାଂଡେଇ (ଚପଲ) ଯୋଡ଼ାକ ଛାଡ଼ି ଆଇଲି ହେ।''

ବସ୍‌ଷ୍ଟାଂଡ୍ ନାନା କୋଳାହଳରେ ଉଚ୍ଛୁଳି ଉଠୁଛି। କଦଳୀ, କାକୁଡ଼ି, ଚିନାବାଦାମ, ରାଶିଇତ୍ରୁ, ନୂଆ ପାଂଜି ଓ ଭାଗ୍ୟଫଳ ବିକାଳୀଙ୍କ ଘନଘନ ଡାକରା ସାଂଗକୁ ବସ କଣ୍ଡକ୍ଟର ମାନଂକ କାନଫଟା ଚିତ୍କାର :

ଟିକିଟି
ଟିକିଟି
ମାଂଡାସା
ମାଂଡାସା
କଟକ
କଟକ।

ଦି' ସମୁଦି ରିକ୍‌ସାରୁ ଓଲ୍‌ହାଇ ରାଜଧାନୀ ବସ୍ ଆଡ଼କୁ ମୁହାଁଇଲେ। ଜଣେ ତେଲେଙ୍ଗୁ କୁଲି ଏବଂ ଆଉ ଜଣେ ଟୋକା ଓଡ଼ିଆ କୁଲି ଦୁଇପଟୁ ଧାଇଁ ଆସି ତାଂକ ସୁଟକେସ୍, ଆଟାଚି ଛାଡୁ ନାଇଁ। ବଡ଼ କୁଲିଟା ଟା ମୁହଁକୁ ଘୁସିଟାଏ ଉଚାଇଁ କହୁଚି: ଆଂଟରେ ମୁଥଟାଏ ମାରିବି ଯେ ଥୋମଣି ବାର୍‌ଷ୍ଟୁ ହେଡୁ ଆଡ୍ରେସୁ ରହିବ ନାଇଁ। ଗୁଂଡିଆ ଡାକୁ ବୋଲିବ (ଛାତି ଡାକୁଡାକୁ ହେବ।)''

ଦି'ସମୁଦି ବସ୍‌ରେ ଯାଇ ବସିଲେ। ବସ୍ ଛାଡ଼ିଲା। ଛତ୍ରପୁର କଟିଗି ଛକ ଟପିବା ଉପରେ। ସାନ ସମୁଦି କିଛି ଭଜା ଚଣା ଓ ଚିନାବାଦାମ କିଣି ନିଜେ ଖାଉଥାଂତି ଏବଂ ବଡ଼ ସମୁଦିଂକ ଆଡ଼କୁ ଠୁଂଗାଟେ ବଢ଼ାଇ ଦେଉଥାଂତି। ସାନ ସମୁଦି କହିଲେ: ''ଦଣ୍ଟାଟା ଅଧରେ ପହଂଚି ଯିବାର ଏକା। ଫାଷ୍ଟୁ ଆୱାରରେ ଆଂଡାର ସେକ୍ରେଟାରୀ ସାଂଗେ ମିଶିବାର ଅଛି। ମାତ୍ରକ ଆଗରୁ ଯାଇ ଜଗିବାର ହେ।'' ବଡ଼ ସମୁଦି ପଚାରିଲେ, ''ଆଂଡାର ସେକ୍ରେଟାରୀ କିସ ହେ?'' ଜବାବ ମିଳିଲା: ''ଏତିକି ଜାଣିନା ସମୁଦିଏ, ସେକ୍ରେଟାରୀର ସମାନ ଚକୁଟେ ଏକା।''

Digitized by srujanika@gmail.com

ବାଟରେ ସାନ ସମୁଦି ବୁଝାଉଥାନ୍ତି- "ଆଂଡାର ସେକ୍ରେଟାରୀକୁ ଭେଟି ସାରି ପୁଣି କେତେ ଆଡ଼କୁ ଯିବାର ଅଛି। ଟ୍ରାନସ୍‌ପୋର୍ଟ ଡ଼ିପାର୍ଟ, ଉପମନ୍ତ୍ରୀ, ସେକ୍ରେଟାରୀ, ଶେଷକୁ ଯାଇ ମନ୍ତ୍ରୀ। ସମାନ ପଦର ହଜାର ଟଂକା ପଳାଇବ ହେ। ଶେଷରେ ସେକ୍ରେଟାରୀରେ ଯାଇ ଟଙ୍କା ବାନ୍ଧିବାର। ତେବେ ଯାଇ ପାରମିଟ୍ ନା !!"

କଥାଟା ହେଉଚି, ବଡ଼ ସମୁଦି ବ୍ରହ୍ମପୁରରୁ କଟକ ଖଂଡେ ବାସ୍ର ପାଳାଇବେ। ସାନ ସମୁଦି ପରମିଟ୍‌ଠାରୁ ଆରମ୍ଭ କରି ବା ଚଳାଇବାର ସବୁ ଦାୟିତ୍ୱ ମୁଂଡାଇଛନ୍ତି। ସକାଳ ନଅଟାରେ କି ଅସହ୍ୟ ଗରମ! ବସ୍ ଭିତରେ ବସି ହେଉନାହିଁ। ପାସେଞ୍ଜରମାନେ ଝାଳ ଗମଗମ ହୋଇଗଲେଣି। ତା'ପରେ ବସ୍ ଉପରେ ଲଦା ହୋଇଛି ମାଛଟୋକେଇ। ତଟକା ସବୁଦ୍ର ମାଛ। ଟୋକେଇରୁ ପାଣି ନିଗିଡ଼ି ପଡ଼ି ପବନରେ ଛିଟା ଆସି ବାଜୁଚି ଯାତ୍ରୀମାନଙ୍କ ଦିହରେ। ଆଇଁସିଣିଆ ଗଂଧରେ ନାକ ଫାଟି ପଡୁଚି। ଗୋଟାଏ ପଟ ପ୍ୟାସେଂଜର ମାନେ ଠିଆ ହୋଇପଡ଼ି ପାଟିତୁଡ କଲେ। କ୍ଲିନର ବସ୍ ରଖାଇ ଟୋକେଇ ଗୁଡ଼ାକୁ ଛାତର ଆରପଟକୁ ଠେଲି ଦେଉଚି। ପୁଣି ସେପଟ ପ୍ୟାସେଂଜର ହୋ-ହୋ କଲେ ଏପଟକୁ ଠେଲି ଦେଉଚି।

ପ୍ୟାସେଂଜରମାନଙ୍କୁ ଥଂଡା କରିବା ଉଦ୍ଦେଶ୍ୟରେ ଡ୍ରାଇଭର ରେଡ଼ିଓ ଲଗାଇ ଦେଇଚି। ରେଡ଼ିଓ ପ୍ରୋଗ୍ରାମ ସରିଗଲେ ରେକର୍ଡ଼।

ଚାଲିଚି ଗୀତ :

"(ସେ ତ) ପୁରୁଣା ମଡ଼େଲ ଗାଡ଼ି।
ବ୍ରେକ୍ ନାହିଁ ତାର, ହର୍ଣ ନାହିଁ ତାର
ଯାଉଥାଏ ଗଡ଼ି ଗଡ଼ି
ହାୟ ମୋ ପୁରୁଣା ମଡ଼େଲ ଗାଡ଼ି !"

ତା'ପରେ ସ୍ୱାମୀ-ସ୍ତ୍ରୀଙ୍କ ଦ୍ୱୈତ କଂଠରେ ମଧୁର ଉପସଂହାର :

"ପୁରୁଣା ଘରଣୀ କିଏ ତାହା ସରି
ନୂଆଠୁ ସେ ବଢ଼ି... ବଢ଼ି ... !"

ଓଡ଼ିଆ ଗୀତର ଷ୍ଟାଂଡାର୍ଡ କୁଆଡ଼େ ତଳକୁ ଖସି ଯାଉଚି ବୋଲି ଜଣେ ଦି'ଜଣ ଶିକ୍ଷିତ ପ୍ୟାସେଂଜର ଟିପଣି କଲେ। ଦି'ଜଣ ଓକିଲ ଡ୍ରାଇଭରକୁ ଲାଗି ସାମ୍ନା ସିଟ୍‌ରେ ବସିଥିଲେ। ସେମାନଙ୍କ ଭିତରୁ ଜଣେ କହିଲେ: "ଆଉ କ'ଣ ଅଛନ୍ତି ଭଂଜେ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳି? ଏବେ ତ ଲାରେ-ଲାପାର ଯୁଗ ଚାଲିଛି। ଏହା ଯେ ଦିନେ ଜାତୀୟ ସଂଗୀତ ହୋଇ ଯିବ କିଏ କହିବ?" ଆର ଜଣକ କହିଲେ: "ଆଧୁନିକ ବଂଗଳା ସଂଗୀତର ଷ୍ଟାଂଡାର୍ଡ କିନ୍ତୁ ଢ଼େର ଉଚ୍ଚରେ। ଗତ ସାଲେ କଲିକତା ଯାଇଥିଲି। ଯେଉଁ ସବୁ ବଢ଼ିଆ ଗୀତ ଶୁଣି ଆଇଲି ଆଉ କଣ କହିବି !"

ଡ୍ରାଇଭର୍ ଏଇ ସବୁ କଥାବାର୍ତ୍ତାରୁ ଇଂଗିତ ପାଇ ଗୋଟାଏ ବଂଗଳା ରେକର୍ଡ଼ ଲଗାଇଦେଲା। ଓଡ଼ିଆ, ତେଲେଗୁ, ହିଂଦୀ, ବଂଗଳା ସବୁ ପ୍ରକାର ରେକର୍ଡ଼ ରହିଛି, କିଛି ଅଭାବ ନାହିଁ। ଚାଲିଲା ରେକର୍ଡ଼ :

Digitized by srujanika@gmail.com

"ଆମାର ଖୋକାର ମାସୀ
(ସେ ଯେ) ଅମ୍ରିତ ବାଲା ଦାସୀ।
ଆମାୟ ଦେଖେ ମୁଚକି ହାସି
ହାସିତେ ଥାକେ ସର୍ବନାଶୀ
ଆମି ତାର ଜନ୍ୟେ ଯାବୋ ଜେଲେ,
ପରବୋ ଗଲାୟ ଫାଁସି।"

ଗୀତର ମର୍ମ ସମସଙ୍କ ହୃଦୟସ୍ପର୍ଶ କରିଚି। ଶ୍ରୋତାମଂଡଳୀ କିଛିକ୍ଷଣ ପାଇଁ ସ୍ତବ୍ଧ, ଚକିତ। କିଛି ସମୟ ଗଲାରୁ ଜଣେ କିଏ ପଚାରିଲା: "ବାପଧନ ଜେଲ୍ କାହିଁକି ଯିବ, ଫାଶିରେ ବା ଲଟକିବ କାହିଁକି କଣ? କାହାକୁ ଖୁନ୍ କରିବ କି?" ହୁମ୍ପାଠାରେ ଚଢ଼ିଥିବା ଜଣେ ଯାତ୍ରୀ କହିଲା: "ହେଁ ହେଁ, ଖୁନ୍ କରିବାକୁ ଲୋକ ମିଳୁ ନାହାଂତି?" ତା'ପରେ କହିଲା : "କାହିଁକି ନିଜର ସ୍ତ୍ରୀ, ଶାଶୁ, ଶଶୁର, ଶଳା ଯିଏ ବାଧା ଦେବ।"

ବସ୍ ଆସି ରାଜଧାନୀରେ ଅଧଘଂଟାଏ ଲେଟ୍‌ରେ ପହଂଚିଲା। ବଢ଼ିଆ ବଢ଼ିଆ କୋଠାବାଡ଼ି। ଚୌଡ଼ା ଚୌଡ଼ା ରାସ୍ତା। ସକାଳ ଦଶଟାରେ ବି ଠାଏ ଠାଏ ସୁବର୍ଣ୍ଣ ଆଲୁଅ ଲିଭି ନାଇଁ। ବିଜୁଳି ବିଭାଗର କରାମତି। ରାତିରେ ପଛକେ ହଜାର ହଜାର ବତୀ ନ ଜଳିଥାଉ ବିଭିନ୍ନ ଗଳିକଂଦିରେ।

ପାରମିଟ୍ ମିଳିଗଲା। ଏସ୍.ଏଫ୍.ସି.ରୁ ଋଣ ମଧ୍ୟ ମିଳିଗଲା। ଶେଷରେ ବାସ ବି ଆସିଗଲା। ବର୍ତ୍ତମାନ ବଡ଼ ସମୁଦି ଜି. ନାରାୟଣ ପଲାଇ, ସା. ଢେମାଦେଈପେଂଠ ଏବଂ ସାନ ସମୁଦି କେ.ଭି. ରଘୁନାଥ ପାତ୍ର, ଗ୍ରାମ: ଚେଲାପଲ୍ଲୀ, ଦିହିଂକର ଭାଳେଣି ପଡ଼ିଲା ବାସ୍ର ନାଁ କ'ଣ ଦେବେ? ସୌଦାମିନୀ, ସୌହାଗିନୀ, ତାରକେଶ୍ୱରୀ, ବନଦୁର୍ଗା ନା ଆଉ କ'ଣ? ଶେଷରେ ସ୍ଥିରହେଲା ବାସ୍ର ନା ଦିଆଯିବ "ରଂଗଲତା"। ତାହା ମଧ୍ୟ ବଡ଼ ସମୁଦିଂକ ପ୍ରଥମା ସ୍ତ୍ରୀ ନାମ। ସେ ଏବେ ମରିବାର ଛଅ ବର୍ଷ ହୋଇଗଲାଣି। ଏବଂ ସମୁଦିଏ ତୃତୀୟ ପକ୍ଷ କଲେଣି। ସାନ ସମୁଦି ରହିଲେ ବାସ୍ର ପୂରା ତତ୍ତ୍ୱାବଧାରକ ରୂପେ। ସବୁ ହାନିଲାଭ ତାଙ୍କରି ମୁଂଡରେ।

ବାସ୍ ପଡ଼ିବାର ସମାନ ଦି'ବର୍ଷ ହେଲାଣି। ଟିକଟ କଟା ହେଉଛି, ମାଲପତ୍ର ବୁହା ହେଉଚି। ମାତ୍ରକ ପଇସା ବେଶି ଆସୁ ନାଇଁ। ବେଳେବେଳେ ଡ୍ରାଇଭର କ୍ଲିନର୍‌ଙ୍କ ଦରମା ପାଇଁ ବି ଟଂକା ଅଂଟୁ ନାଇଁ। ଋଣର ସୁଧତ ବଢ଼ି ବଢ଼ି ଚାଲିଚି। ଶେଷରେ ବଡ଼ ସବୁଦିଏ ଜଗିଲେ। ସେ ଅନ୍ୟ ବସ୍‌ରେ ଯାଇ ଗଂଜା, ହୁମ୍ପା, କିଂବା ରଂଭାଠାରେ ଛକିଥିବେ। ହଠାତ୍ ରଂଗଲତାରେ ଉଠିପଡ଼ି ଟିକଟପତ୍ର, ଯାତ୍ରୀ ଇତ୍ୟାଦି ଯାଂଚ କରିବେ। ବହୁତ ଫାଂକି ଧରାପଡ଼ିଲା। କେତେ ଥର ବସ୍‌ରେ ସାନ ସମୁଦିଂକ ସଂଗେ ମୁହାଁମୁହିଁ ବି ହୋଇଗଲାଣି। ସାନ ସମୁଦି କ'ଣ ଛାଡ଼ିବା ଲୋକ? ସେ ବି ମୁହେଁ ମୁହେଁ ବାଡ଼େଇ ଦେଲେଣି," ଏଣିକି ତମ କଥା ତମେ ବୁଝହେ। ମୋର ଏତେ ପାଇଟିକୁ ଯାଏ କିଏ? ମୁଁ ଚାଲିଲି ହେ।"

ଦିନେ ଖଲ୍ଲିକୋଟ୍ ଘାଟ ରାସ୍ତାରେ ଦି' ସମୁଦିଂକ ଭିତରେ ବଚସା ହୋଇଗଲା। ବଡ଼ ସମୁଦି ବାଟରେ ବସ୍‌ରେ ଉଠି ଦେଖଂତିତ ବହୁ ଯାତ୍ରୀ ମାଲପତ୍ର ଧରି

Digitized by srujanika@gmail.com

ଓହ୍ଲାଇଗଲେ। ମାତ୍ରକ ଟିକଟ କଟା ହୋଇଛି ମାତ୍ର ଅଛ କେତୁଟା। ସେ ରାଗରେ ଗରଗର ହୋଇ ପଚାରିଲେ: "ଟଙ୍କା କିସ ହେଲା ହେ ?" ସାନ ସମୁଦି କହିଲେ, "ତମର ଯେବେ ଏତେ ଅବିଶ୍ୱାସ ତେବେ ତମର ଆମର ସବୁ ପାଇଟି ଆଜିଠୁ ଛିଡ଼ି ଗଲା ହେ। ଆଉ ଜୀବନରେ ତମ ମୁହଁ ନ ଚାହିଁବାର ହେ।"

ସେଇ ଦିନଠୁ ଦି' ସମୁଦିଙ୍କ ଭିତରେ ପ୍ରାୟ ଦେଖା ସାକ୍ଷାତ ହୁଏ ନାଇଁ। କିଛି ଦିନ ଗଲା ଉତ୍ତାରୁ ସାନ ସମୁଦି ନିଜର ଖଂଡେ ବାସୁ ପକାଇଲେ। ତାଂକୁ ତ ସବୁ ଇଲମ ଆଗରୁ ମାଲୁମ୍ ଥିଲା। କିଛି ଅସୁବିଧା ହେଲା ନାହିଁ। ବାସୁରେ "ଫାରେନ୍ ରେଡ଼ିଓ " ଖଂଜିଲେ। ବଢ଼ିଆ ବଢ଼ିଆ ସିନେମା ଷ୍ଟାରଙ୍କ ଛବି ବଂଧେଇ କରି ଲଗାଇଲେ। ଦାମୀ ଦାମୀ ରେକ୍ସିନ୍ କନାରେ ଗଦୀ ବନାଇ ପକାଇଲେ। ବାସୁର ନାମ ରଖିଲେ "ସୁପର୍ ରଂଗଲତା।"

ବ୍ରହ୍ମପୁରରୁ କଟକ ଏବଂ କଟକରୁ ବ୍ରହ୍ମପୁର ରାସ୍ତାରେ ଦୁଇ ସମୁଦିଙ୍କର ଦୁଇ ରଂଗଲତା ପଇଁତରା ମାରି ଥାଟରେ ଯାଉଥିବାବେଳେ ଦେଖଣାହାରୀକ ଆଖି ଖୋସି ହୋଇଯାଏ। ଲୋକମାନେ ହାଟ ବଜାର ଛାଡ଼ି ରାସ୍ତା କଡ଼ରେ ଛିଡାହୋଇ ଦୁଇ ବସ୍‌ର ଘୋଡ଼ାଦୌଡ଼ ଖେଳ ଲକ୍ଷ୍ୟ କରନ୍ତି।

କିଏ କାହାକୁ ଟପି ଆଗକୁ ମାଡ଼ିଯିବ ଏବଂ ପଛ ବସ୍‌ର କ୍ଲିନର ଟୋକା ହାତ ବଢ଼ାଇ 'ଭୋକାଟା" ପାଟିକରି ଚାଲିଯିବ, ଯେମିତି କି ଗୋଟାଏ ଘୁଡ଼ି ଆଉ ଗୋଟାଏ ଘୁଡ଼ିକି କାଟିଦେଲେ ବିଜେତା ପିଲାଟି ଚିତ୍କାର କରିଉଠେ, ଏହା ଦେଖଣାହାରୀଙ୍କ ମନରେ ବେଶ୍ କୌତୁହଳ ସୃଷ୍ଟିକରେ।

ସାନ ସମୁଦି ବସ୍ ପକାଇବା ଦିନୁ ବଡ଼ ସମୁଦିଙ୍କ ସଂଗେ ଯାହା ଟିକିଏ ବା କ୍ଷୀଣ ସଂପର୍କ ଥିଲା, ତାହା ମଧ ତୁଟି ଗଲାଣି। ଏବେ ବ୍ରହ୍ମପୁର କି ଛତ୍ରପୁର ରାସ୍ତାରେ ଉଭୟେ ଉଭୟଂକୁ ଦେଖିଲେ ମୁଂଡରେ ଗାମୁଛାଟା ଡାଂକିଦେଇ ବାଟକଟାଇ ଚାଲଂତି।

ଦୁଇ ବସ୍ ପ୍ରାୟ ଦଶ ପଂଦର ମିନିଟ୍ ଫରକରେ ବସ୍‌ଷ୍ଟାଂଡରୁ ଛାଡ଼େ। ବାଟରେ ହାବୁଡ଼ିଗଲେ ଏକ ଆରେକକୁ ଟପିଯିବାକୁ ଚେଷ୍ଟା କରେ। ଦୁଇ ବସ୍ ମଧରେ ଲାଗିଯାଏ ବାଦୀପାଲା। କେଉଁ ବସ୍ ଯଦି ବାଟରେ ଯାତ୍ରୀ କିମ୍ବା ମାଲପତର ଉତାରିବାରେ ଡ଼େରି କରିଦିଏ କିମ୍ବା ହଲଟ୍ ନଥିଲେ ମଧ ଯାତ୍ରୀ ଉଠାଇବାରେ ଲାଗିଯାଏ, ତେବେ ଆର ବସ୍‌ଟା ତା' ପାଖ କଟାଇ ତାଳି ମାରିଦେଇ ଆଗକୁ ବଢ଼ିଯାଏ। ତା'ପରେ ପଛରେ ପଡ଼ିଥିବା ବସ୍‌ଟା ଆଉ ତାର ପତ୍ତା ପାଏ ନାହିଁ।

ସବୁ ଦିନ ପରି ସେଦିନ ମଧ ଦୁଇ ରଂଗଲତା ସଖାଳୁ କଟକ ବସ୍‌ଷ୍ଟାଣ୍ଡ ଛାଡ଼ିଲେ। ସୁପର ରଂଗଲତାରେ କେତେକ ପୁରୀ ଯାତ୍ରୀ ଉଠିଥାନ୍ତି। ସେମାନେ ଭୁବନେଶ୍ୱରଠାରେ ଓହ୍ଲାଇ ପୁରୀ ବସ୍ ଧରିବେ। ଆଉ ଉଠିଥାନ୍ତି କେତେ ଜଣ ଅଧାପକ, କଲେଜ ଛାତ୍ର, ନିତିଦିନିଆ ଡ଼େଲି ପ୍ୟାସେଂଜର, ହାଇସ୍କୁଲର କେତେଜଣ ଶିକ୍ଷୟତ୍ରୀ (ଯେଉଁମାନେ ଅଛ ବାଟ ଯାଇ ନିଜ ନିଜ ସ୍ଥାନରେ ଓହ୍ଲାଇ ଯିବେ।) ଏବଂ ଏକ ଅପେରା ପାର୍ଟିର ବାବୁରିବାଳ ରଖିଥିବା କେତେକ ଲୋକ।

Digitized by srujanika@gmail.com

ପୁରୀ ଯାତ୍ରୀ ଦୁଇଜଣ ନିଜ ନିଜ ଭିତରେ ଗପ ଲଗାଇ ଦେଇଥା'ନ୍ତି। ଜଣେ କହିଲା : "ବୁଝିଲେ ନା ଆଜ୍ଞା! ଶ୍ରୀକ୍ଷେତ୍ରରେ ମୌନାବତାର ବିରାଜୁଛନ୍ତି। ତାଙ୍କ ମହିମା ମଣିଷକୁ କ'ଣ ବା ଗୋଚର। ବ୍ରହ୍ମା, ଇନ୍ଦ୍ର, ବରୁଣ, ନାରଦ, ସନକ ତ ଯୁଗ ଯୁଗ ତପସ୍ୟା କରି କିଛି କୂଳ କିନାରା ପାଇଲେ ନାହିଁ।"

ଅନ୍ୟ ଜଣକ କହିଲେ : "ମୌନାବତାର କିସ ହେ ? ଶାସ୍ତ୍ର ପୁରାଣରେ ତ ସେ କଥା ନାଇଁ। ମତ୍ସ୍ୟ, କଚ୍ଛପ, ବରାହ...।" ପ୍ରଥମ ଜଣକ କହିଲେ, "ନାହିଁ ହେ ଅଛି। ମୌନାବତାର। ଯେତେବେଳେ କଳିଯୁଗ ପଡ଼ିଲା, ସେତେବେଳେ ଭଗବାନ କଳିକି ଡାକି କହିଲେ- ଯା, ତୁ ପଡ଼। କଳି ହାତଯୋଡ଼ି କହିଲା- ମହାପ୍ରଭୁ, ମୁଁ ପଡ଼ିବି ନାଇଁ। ଆପଣ ଯାହା କରିବାର କରନ୍ତୁ।

ଭଗବାନ ମହା ସମସ୍ୟାରେ ପଡ଼ିଲେ। ଦ୍ୱାପର ପରେ ଯଦି କଳି ନ ପଡ଼େ ତେବେ ସୃଷ୍ଟିନାଶ ହେବ। ଭଗବାନ କଳିକି ପ୍ରବୋଧ ଦେଇ ତା' ପିଠି ଥାପୁଡ଼ାଇ କହିଲେ, କାହିଁକି ପଡ଼ିବୁ ନାଇଁ? ସୃଷ୍ଟି ଚଳିବ କିପରି। କଳି କହିଲା, ମୁଁ ପଡ଼ିଲେ ଯାହା ଯାହା ହେବ ତା ତ ଆପଣ ଜାଣନ୍ତି। ଚାରିଆଡ଼େ ଘୋର ଭ୍ରଷ୍ଟାଚାର ଘୋଟିଯିବ। ପୁଅ ବାପକୁ ମାନିବ ନାଇଁ। ଶିଷ୍ୟ ଗୁରୁଙ୍କୁ ବାଡ଼େଇବେ। ବୋହୂ ଶାଶୁକୁ ମାରିବ। ଘିଅରେ ଗୋରୁଚର୍ବି ଏବଂ ଖାଇବା ତେଲରେ ପୋଡ଼ା ମୋବିଲ୍ ମିଶାଇ ବିକିବେ। ଦୋକାନିଏ ଭେଜାଲ ଜିନିଷକୁ ଖାଣ୍ଟି ବୋଲି ଚଳାଇବେ। ଲାଂଚମିଛରେ ପୃଥିବୀ ଭରିଯିବ। ମନ୍ତ୍ରୀ, ଏମ୍.ଏଲ୍.ଏ. ସମସ୍ତେ କିଳାପୋତେଇ କରିବେ। କଳାଧନରେ ଦେଶ ଭରିଯିବ। ବଟୀପେଲାଙ୍କର କଦର ବଢ଼ିବ। ଦିନ ଦି'ପହରେ ଖୁଣ୍ଟ, ଲୁଟ୍‌ତରାଜ ନାରୀଧର୍ଷଣ ହେବ। ଆପଣ ତ ଏସବୁ କିଛି ସହି ପାରିବେ ନାଇଁ। ଟିକକ କଥାରେ ଦୌଡ଼ିଆସି ମୋତେ ଆଟକ କରିବେ, ମାରଧର୍ କରିବେ। ମୁଁ ଏତେ ଅଡୁଆରେ ପଶିବି ନାଇଁ।

ଭଗବାନ ବିଷ୍ଣୁ ବାଧାଦେଇ କହିଲେ ଥାଉ, ଥାଉ। ମୁଁ ସବୁ ଜାଣେ। ଏ ସବୁ ହେବ। କିନ୍ତୁ ଯାରି ଭିତରେ ଆମ୍ଭର ମହିମା ପ୍ରକଟ ହେବ। ତୋତେ ଅଳବତ୍ ପଡ଼ିବାକୁ ହେବ। ମୁଁ ତତେ କଥା ଦେଉଛି, ମୁଁ ତୋର କୌଣସି କଥାରେ ପାଟି ଫିଟାଇବି ନାଇଁ। ମୁଁ ମୌନାବତାର ହୋଇ ବସିବି। ସେହିଦିନୁ ଭଗବାନ ମୌନାବତାର ହୋଇ ଶଂଖ କଟକରେ ବିରାଜମାନ କରୁଛନ୍ତି।...

ଏଣେ ଦି'ଜଣ ବିଜ୍ଞାନର ଅଧ୍ୟାପକ ନିଜ ନିଜ ଭିତରେ ତର୍କ ଲଗାଇ ଦେଇଛନ୍ତି। ସେମାନଙ୍କର ଆଲୋଚନା ପ୍ରାୟ ଚରମକୁ ଉଠିଲାଣି। ସେମାନଙ୍କର ଆଲୋଚ୍ୟ ବିଷୟ ହେଉଛି- ଗତିତତ୍ତ୍ୱ। ଆଲୋକର ଗତି ସମୟକୁ ଡେଇଁ ଚାଲିଯିବ। କୌଣସି ବସ୍ତୁ ଆଲୋକର ଗତି ପ୍ରାପ୍ତ ହେଲେ ସମୟ ଆଉ କାମ କରିବ ନାଇଁ।

ଠିକ୍ ଏତିକିବେଳେ ଦେଖାଗଲା, ରଂଗଲତା ପଛରୁ ହର୍ଣମାରି ଖୁବ୍ ଜୋରରେ ଆଗକୁ ମାଡ଼ି ଆସୁଛି। ରାସ୍ତା ଦେବା ପାଇଁ ସଂକେତ କରୁଛି। ଯୋଗକୁ ସେଦିନ ସାନ ସମୁଦି ନିଜେ ବସ୍‌ରେ ଥାଆନ୍ତି, ଡ୍ରାଇଭର ପାଖକୁ ଲାଗି ବସିଥା'ନ୍ତି। ସେ ଡ୍ରାଇଭରକୁ ହୁକୁମ ଦେଲେ : "ଧାଇଁ ପଳାହେ। ରାସ୍ତା ଦେବା ନାଇଁ।" ପଛ

Digitized by srujanika@gmail.com

ବସ୍‌ରେ ବଡ଼ ସମୁଦି ଥାଆଂତି। ସେ ହୁକୁମ ଦେଲେ, ''ଯେ କୌଣସି ମତେ ଆଗ ଗାଡ଼ିଟି ଟପିଯିବାକୁ ହେବ। ଉଭୟ ବସ୍ ପ୍ରାଣମୂର୍ଚ୍ଛା ବେଗରେ ଛୁଟି ଚାଲିଥାଂତି।''

କେତେବେଳେ ରଂଗଲତା ଆଗ ବସ୍‌ର କଡରେ ମାଡ଼ିଯାଇ ବାଟକୋଟି ପକାଇବାକୁ ଚେଷ୍ଟା କରୁଚି ତ, ସୁପର୍ ରଂଗଲତା ବାଟଆଗୁଳି ଆଗକୁ ଧାଇଁ ଯାଉଚି। କେହି କାହାକୁ ବାଟ ଛାଡୁ ନାହାଂତି।

ଅଧ୍ୟାପକଙ୍କ ଭିତରେ ତର୍କ ସରଗରମ ହେଲାଣି। ଜଣେ କହୁଛଂତି; ''ଚାଳିଶ ବର୍ଷ ପୂର୍ବେ ଆମ ଗତିବେଗ ଥିଲା ଶଗଡ଼ଗାଡ଼ିରେ ଘଂଟାକୁ ୪ ମାଇଲ ବା ଅଶ୍ୱପୃଷ୍ଠରେ ଘଂଟାକୁ ୨୦ ମାଇଲ। ବର୍ତ୍ତମାନ ଆମେ ପ୍ରାୟ ଶବ୍ଦର ଗତିବେଗ ହାସଲ କରି ସାରିଲୁଣି ରକେଟ ଯାନରେ। ମଣିଷର ଲକ୍ଷ୍ୟ ଆଲୋକର ଗତିବେଗ ହାସଲ କରିବା। ସେତେବେଳେ ସେ ସମୟକୁ ଜୟ କରି ପାରିବ। ଚନ୍ଦ୍ର ପୃଷ୍ଠରୁ ଆଲୋକ ଆସି ଆମ ପାଖରେ ପହଂଚିବାକୁ ଏକ ସେକେଂଡରୁ ସାମାନ୍ୟ ବେଶୀ ସମୟ ଲାଗେ। ମଣିଷ ଯଦି ମହାକାଶରେ ତିନୋଟି ଆଲୋକ ବର୍ଷ କଟାଇ ଆସିବ, ଦେଖିବ ଏଠି ଆମ ପୃଥିବୀରେ ୩୦୦ ବର୍ଷ ବିତିଯାଇଛି। କି ବିଚିତ୍ର ସତେ ଏଇ ଗତି!''

ରଂଗଲତା ମାଡ଼ି ଆସୁଛି। ଏଇ ପାଖ କାଟି ଚାଲିଯିବ ପରା। କିଂତୁ ସୁପର୍ ରଂଗଲତା ଆହୁରି ଜୋରରେ ଧାଇଁଚି। ଡାହାଣ ପାଖରେ ମେଟାଲ ଓ ମୋରମ ସ୍ତୂପ। ରାସ୍ତା କାଟି ଆଗକୁ ପକାଇବାର ଭୟ ନାଇଁ। ସାନ ସମୁଦି ଆଂଠେଇ ପଡ଼ି କହୁଛଂତି: ''ଚଲା, ଆହୁରି ଜୋରରେ ଚଲା। ଧାଇଁ ପଳା। ଦେଖିବା କିମିତି ସେ ଆଗକୁ ଟପିଯିବ।'' ବଡ଼ ସମୁଦି ପଛରେ ରଂଗଲତା ଡ୍ରାଇଭରକୁ କହୁଛଂତି; ''ଚଲା ହେ, ଆହୁରି ଜୋରରେ ଚଲା ହେ। ଯାହା ହବ ମୁଁ ଅଛି, ମୁଁ ବୁଝିବି ହେ।'' ଦୁଇ ଡ୍ରାଇଭର ଷ୍ଟିଅରିଂ ଉପରେ ଝୁଂକିପଡ଼ି ଝାଳନାଳ ହୋଇ ଗାଡ଼ି ଛାଡ଼ିଛଂତି। ପ୍ୟାସେଂଜରମାନେ ମଧ୍ୟ ନିଜ ନିଜ ସିଟ୍‌ରୁ ଉଠିପଡ଼ି ''ଚଲା ଚଲା'' ପାଟି କରୁଛଂତି। କେହି ଚାହାଂତି ନାଇଁ ଯେ ପଛ ବସ୍‌ଟା ତାଂକ ବସ୍‌କୁ ଟପିଯାଉ। ପଛ ବସ୍‌ର ଆରୋହୀମାନେ ମଧ୍ୟ ସେଇପରି ପାଟି କରୁଛଂତି, ଚଲା, ଚଲା ଆହୁରି ଜୋରରେ ଚଲା। ଆଗ ବସ୍‌କୁ କୌଣସି ମତେ ଟପିଯାଇ ବାଜିମାତ୍ କରିବାକୁ ହେବ। ଗୋଟାଏ ଅଦଭୁତ ନିଶା ସମସ୍ତଂକୁ ଘାରିଛି। ସମସ୍ତେ ଯେପରି ମତୁଆଲା। ଦୁଇ ବସ୍‌ର ଯାତ୍ରୀଙ୍କ ମୁହଁରେ କେବଳ ଶୁଣାଯାଉଛି-ଚଲା,-ଚଲା-ଆହୁରି ଜୋର୍‌ରେ ଚଲା। କେହି ଚାହାଂତି ନାଇଁ ହାରିଯିବାକୁ। ଏ ବିଜୟ ଯେପରି ସମସ୍ତଂକର ବିଜୟ।

ଅଧ୍ୟାପକ ଦୁହେଁ ଏତେବେଳ ଯାଏ ନିଜ ନିଜ ସିଟ୍‌ରେ ବସି ଏ ଚାଂଚଲ୍ୟ ଉପଭୋଗ କରୁଥିଲେ। ବର୍ତ୍ତମାନ ସେମାନେ ଉଠିପଡ଼ି ରୁମାଲ ହଲାଇ, ସମସ୍ତଂକ ସଂଗେ ସ୍ୱରମିଳାଇ ଡ୍ରାଇଭରକୁ ଉସାହିତ କରୁଛଂତି।

ରାସ୍ତା କଡ଼ରେ ଯାନ ବାହନର ଗତି ନିୟଂତ୍ରଣ କରିବା ପାଇଁ ପୋତା ଯାଇଥିବା ସତର୍କ-ଖୁଂଟି ଗୁଡାକ ଗୋଟିକ ପରେ ଗୋଟିଏ ତୀର ବେଗରେ ପଛକୁ ଛୁଟି ଚାଲିଛଂତି। ''ଦି ମିନିଟ୍ ୟୁ ସେଭ ବାଇ ସ୍ପିଡିଂ ମେ ବି ଇୟୋର୍ ଲାଷ୍ଟ୍''

Digitized by srujanika@gmail.com

''ସ୍ପିଡ୍ ଇଜ ଥ୍ରୀଲିଂ ବଟ୍ କିଲିଂ''

ମାତ୍ର କାହାର ସେଥିପ୍ରତି ନଜର ନାହିଁ। ଦାଂତିମାଳ ଲୁଣ ଶଗଡ଼ ଆସୁଚି। ଟିକିଏ ଗିଅର୍ ବଦଳାଇ ପୁଣି ପୂର୍ବ ଗିଅରକୁ ଫେରିଯିବା ପାଇଁ ବ୍ୟାକୁଳତା। ଏକ୍ସିଲେଟରେ ଉପରୁ ପାଦ ହୁଗୁଳା ହେବାକୁ ଚାହେଁ ନାହିଁ।

ଆଗରେ ଋଷିକୂଲ୍ୟା ପୋଲ। ଏଇଠି ପାଖ କଟାଇ ନଗଲେ ଆଉ ଯାଇ ହେବ ନାହିଁ। ରଂଗଲତା ହର୍ଣମାରି କଡ଼କୁ ମାଡ଼ିଗଲା। ସୁପର୍ ରଂଗଲତା ବାଟ ଆଗୋଳିବାକୁ ଯାଇ ତା ଦିହରେ ଖୁବ୍‌ଜୋର୍‌ରେ ବାଡ଼େଇ ହୋଇଗଲା। ଗୋଟାଏ ପ୍ରଚଂଡ ଶବ୍ଦ ହେଲା। ଆଖପାଖ ଲୋକେ ଚମକି ପଡ଼ିଲେ।

ଆଗରେ ଗୋଟାଏ ଗଛ।

* * * *

ତା'ପରେ ସବୁ ଶେଷ।

ତା'ପରଦିନ ଖବର କାଗଜରେ ବାହାରିଲା : ଋଷିକୁଲ୍ୟା ପୋଲ ନିକଟରେ ଦୁଇଟା ଯାତ୍ରୀବାହୀ ବସ୍ ମଧ୍ୟରେ ପ୍ରଚଂଡ ସଂଘର୍ଷ ହେବା ଫଳରେ ବସ୍ ଦୁଇଟା ଓଲଟି ପଡି ଭାଂଗି ଚୂରମାର ହୋଇ ଯାଇଛି। ଘଟନା ସ୍ଥଳରେ ଦୁଇ ବସ୍‌ର ମାଲିକ, ଡ୍ରାଇଭର ଓ କ୍ଲିନାର ଏବଂ ପ୍ରାୟ ଦଶ ଜଣ ଯାତ୍ରୀ ନିହତ ହୋଇଛଂତି ଏବଂ ବହୁଯାତ୍ରୀ ଗୁରୁତରଭାବେ ଆହତ ହୋଇଛଂତି। ଆହତ ବ୍ୟକ୍ତିମାନଂକୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ କଲେଜ ହାସ୍‌ପାତାଲରେ ଭର୍ତି କରାଯାଇଛି। ଆହତ ବ୍ୟକ୍ତିମାନଂକ ମଧ୍ୟରେ ଦୁଇଜଣ ଅଧ୍ୟାପକ ଅଛଂତି ବୋଲି ଜଣାଯାଇଛି। ସେମାନଂକ ଅବସ୍ଥା ସଂକଟାପନ୍ନ ବୋଲି ସଂବାଦରୁ ପ୍ରକାଶ।

Digitized by srujanika@gmail.com

ଜଂଗଲ

ଏ ଜଂଗଲର କୌଣସି ଖାସ୍ ନାମ ନାହିଁ। ପୂରା ଅଂଚଳଟାକୁ ହିଁ କରମଳ ବୋଲି କୁହାଯାଏ। ତଥାପି ସ୍ଥାନୀୟ ଲୋକେ ପାଖ ଅଂଶଟାକୁ ବେରେଣା ନଟା ବୋଲି କହଂତି। ନଟବର ଫରେଷ୍ଟ ଗାର୍ଡ଼ ହୋଇ ଏଠିକି ଆସିଛି। ମାତ୍ର ଦୁଇଟା ବର୍ଷରେ ସେ ଏଠି ବେଶ୍ ଆସ୍ଥାନ ଜମାଇ ନେଲାଣି। ଜଂଗଲ ଠିକାଦାରମାନଂକ ସଂଗେ ତାର ସଟଲ। ସେମାନେ କୋଚିଲା ଫଳର ଠିକା ନେଇ ବଡ଼ ବଡ଼ ଶାଳ ପିଆଶାଳ କାଟି ଟ୍ରକରେ ବୋହିନେଇ ଚାଲି ଯାଉଛଂତି। ଶୁଣାଯାଏ ନଟିଆ କୁଆଡ଼େ ମୋଟା ଅଂଟାଖୋସା ନେଇ ସେମାନଂକୁ ଛାଡ଼ିଦିଏ, ଜାଳ ଚାଲାନ୍ ଦେଇଦିଏ। ଏକଥା ରେଂଜର ବାବୁଂକୁ ବହୁତ ଥର କୁହା ଗଲାଣି। ବହୁତ ରିପୋର୍ଟ ମଧ୍ୟ ଉପରକୁ ଗଲାଣି। ମାତ୍ର କିଛି ହେବାକୁ ନାହିଁ। ଲୋକେ କହଂତି ନଟିଆ ଉପରବାଲାଂକୁ ହାତରେ ରଖିଛି। ଜଂଗଲ କିଂତୁ ଇଆଡ଼େ ପଦା ହୋଇଯାଉଛି। କିଂତୁ ତାର କେହି ରୁମ ବଂକା କରି ପାରିବ ନାହିଁ। ନଟିଆ ଗୃପାସ ଗାଁରେ ଚାହାଦୋକାନ ସାମନା ବେଂଚରେ ବସି ଚାହା ଖାଉ ଖାଉ ନିଶରେ ହାତମାରି କହେ, "ଦେଖିବା ଭଲା କେଉଁ ଶଳା ମୋର କ'ଣ କରିବ ? ଏଇ ଠେଂଗାରେ ମୁଂଡ ଛତୁ କରିଦେବି।"

ସେ ଗାଆଁର ଡାକ ପିଅନ ଭ୍ରମର ଉପରେ ନଟିଆର ସବୁଠୁ ବେଶି ରାଗ। ଦିନେ ଦିନେ ଭାବେ ତାକୁ ପିଟି ମାରିଦେବ ଏବଂ ଲାସ୍‌ଟାକୁ ନେଇ ଜଂଗଲରେ ଫୋପାଡ଼ି ଦେଇ ଆସିବ। କିଏ ପରୁ। ପାଇବ ? ଥାନାବାବୁ ବି ତାକୁ ଥରେ ଦି'ଥର ଡକାଇ କାଠଚୋରି ବିଷୟରେ ପଚାରିଲେଣି। ମାତ୍ର ନଟର କୈଫିୟତରେ ସେ ସଂତୁଷ୍ଟ ବୋଲି ନଟର ଗୋଟାଏ ଧାରଣା।

ଭ୍ରମର ନଟିଆର ଦୂର ସଂପର୍କୀୟା ମାଉସୀ ଝିଅ ଭଉଣୀ ସୁଲୋଚନାକୁ ବାହା ହୋଇଛି। ସେତେବେଳେ ନଟ ଯାଜପୁର ରୋଡ୍ ଡ଼ିପୋରେ ଥାଏ। ନଟର ବଡ଼ ଇଚ୍ଛା ଥିଲା ସେ ସୁଲୋଚନାକୁ ଘରକୁ ଆଣିବ। ଏଥିପାଇଁ ସେ ଚେଷ୍ଟା ଚରିତ୍ରରେ ଅଂତ ରଖି ନଥିଲା। ଶରଧା ନାନୀ, କେଲୁ ମଉସା ପ୍ରଭୃତିଂକୁ ମଧ୍ୟସ୍ଥି କରି ମଉସା ଦାମ ପ୍ରହାଣଂକୁ ବହୁତ କୁହାବୋଲା କରିଥିଲା। ମାତ୍ର ତାର ଲଫଂଗା ପ୍ରକୃତି ଓ ବାହାପିଆ ଢଂଗ ଦେଖି ବାପମାଆ କି ସୁଲୋଚନା କେହି ରାଜି ହେଲେ ନାହିଁ। ତା'ପରେ ସେ ସେତେବେଳେ ଠିକା କିଂବା ବଦଳି କାମ କରୁଥାଏ। କୌଣସି

Digitized by srujanika@gmail.com

ଫରେଷ୍ଟ ଗାର୍ଡ଼ ଛୁଟିରେ ଗଲେ ମାସେ ଦି'ମାସ ପାଇଁ ତା' ଜାଗାରେ କାମ କରେ, ତା'ପରେ ଯେଉଁ ବେକାରକୁ ସେଇ ବେକାର।

ନଟ ଦିନେ ସୁଲୋଚନାକୁ ପୋଖରୀ କୂଳରେ ଧମକାଇଲା-''ଦେଖିବି ତତେ କିଏ ବାହା ହବ। ମୁଁ ତାକୁ ସାବାଡ଼ କରିଦେବି।'' ସୁଲୋଚନା ଆଜି ପର୍ଯ୍ୟଂତ ମଧ ସେ କଥାଟା ଭୁଲି ନାଇଁ। ନଟର ମୁଖଭଂଗୀ ଏବଂ କଂଠସ୍ୱର ତାର ଏବେ ମଧ ବେଳେବେଳେ ମନେ ପଡ଼ିଯାଏ। ସେ ସତରେ ବଡ଼ ଭୟଭୀତ ହୋଇପଡ଼େ।

ନଟିଆ-ବନାମ-ନଟ-ବନାମ ନଟବରର କଅଁରା କଅଁରା ବାଘୁଆ ନିଶ ଦି'ପଟା ଉପରେ ତାର ଚେପ୍‌ଟା ନାକ ଆଉ ହାଡ଼ୁଆ ଗାଲ ଦେଖିଲେ ଯାହାକୁ ତାହାକୁ ହେଲେ ବି ଡର ମାଡ଼ିବ। ପିଲାଦିନୁ ହିଁ ସୁଲୋଚନା ତା' ଉପରେ ଛିଡ଼ା। ତା ଉପରେ ପୁଣି ଉହରା ପ୍ରକୃତି-କଡ଼ା ମିଂଜାସ ଆଉ ଉପରେ ପଡ଼ି ମାମଲତକାର ସାଜିବାର ଅଭ୍ୟାସ ପ୍ରଥମରୁହିଁ ଘୃଣା ଉଦ୍ରେକ କରିବ। ଏବେ ପୁଣି ସେ ଲଂବା ବାଳ ଆଉ କଲୀ ରଖି ଆହୁରି ବିଚ୍‌କୁଟିଆ ଦିଶୁଚି।

ସେଦିନ ଗାଆଁରେ ଯାତ୍ରା ହେଉଥାଏ। ଜଖରା ଅପେରା ପାର୍ଟି 'କଂସାସୁର ବଧ' ସୁଆଂଗ କରୁଥାଂତି। ଭ୍ରମର ଓ ସୁଲୋଚନା ଗାଆଁର ସ୍ୱପ୍ନେଶ୍ୱର ମହାଦେବଂକ ଦେଉଳ ବେଢା ଆଗରେ ଯାତ୍ରା ଦେଖୁଥାଂତି। ନଟ ମଧ ଗୋଟାଏ ପିଂକା ଟାଣି ଯାତ୍ରା ଦେଖୁଥାଏ ଏବଂ ମଝିରେ ମଝିରେ ସଖୀପିଲାମାନେ ନାଚଗୀତ କଲାବେଳେ ଅଶ୍ଳୀଳ ଟିପ୍‌ପଣୀମାନ ଝାଡ଼ୁଥାଏ। ଯାତ୍ରା ଭାଂଗିବାପରେ ସମସ୍ତେ ଲୋକ ଗହଳି ଭିତରେ ଖୁଂଦାଖୁଂଦି ହୋଇ ଫେରୁଥିବାବେଳେ ସୁଲୋଚନାର ମନେହେଲା କିଏ ଯେପରି ତା କଡ଼ରୁ ହାତ ବଢ଼ାଇ ତା ବାଆଁ ଛାତିକୁ ଜୋରରେ ଚିପି ଦେଇ ଲୋକମେଳରେ କୁଆଡ଼େ ହଜିଗଲା। ସେ ପାଟି କରି ଭ୍ରମରକୁ ଡାକିଲା। ଭ୍ରମର ଲୋକଭିଡ଼ରେ ଚାରି ପାଂଚ ହାତ ପଛରେ ପଡ଼ି ଯାଇଥାଏ। ସେ ଦୌଡ଼ି ଆସି କଥା କଣ ବୋଲି ପଚାରିବାରେ ସୁଲୋଚନା ଆଗରେ ଚାଲିଯାଉଥିବା ନଟିଆ ଆଡ଼କୁ ଆଂଗୁଠି ଦେଖାଇଦେଲା। ଭ୍ରମରା ଯାଇ ନଟିଆକୁ ଧରି ପକାଇଲା। ନଟିଆ କିଛି ଜାଣେ ନାଇଁ, ଆଉ କିଏ ହୋଇଥିବ ବୋଲି ଭୁରୁଡ଼ି ମାଇଲା। ଦୁହିଁଙ୍କ ଭିତରେ କଥା କଟାକଟି ହେଉଥିବାବେଳେ କେତେ ଜଣ ସାହୀଲୋକ ମଧ ସେଠି ଜମିଯାଇ କଥା କ'ଣ ପଚାରିଲେ। ନଟିଆ ଓ ଭ୍ରମରା ଦିହେଁ ଦିହିଁଙ୍କୁ ଦେଖିନେବେ ବୋଲି ଚନ୍ଦାଚନ୍ଦି ହେଲେ।

ସେହିଦିନୁ ଗାଁରେ ହାଟ ହୋଇଗଲା ଯେ ନଟ ଆଉ ଭ୍ରମରା ଚନ୍ଦାଚନ୍ଦି ହୋଇଛଂତି। ଶୀଘ୍ର କ'ଣ ଗୋଟାଏ ଘଟିବ। ଦି'ଦିନପରେ ହାଟପାଳି ଦିନ ମଦନି ସାହୁ ଦୋକାନ ଆଗରେ ନଟ ସମସ୍ତଂକୁ ଶୁଣାଇ ଶୁଣାଇ କହିଲା : ''ମୁଁ ତା ଖୁଣ୍ ପିଇଯିବି।'' ଭ୍ରମରା ମଧ ଖଂଡେ ଦୂରରେ କଂସାପିତଳ ଦୋକାନୀ ସନା ବେହେରା ଆଗରେ କହିବାର ଶୁଣାଗଲା, ''ମୁଁ ଯଦି ତାକୁ ଖତମ୍ ନ କରିଛି ମୋ ନାଆଁ ଭ୍ରମର ସାହୁ ନୁହେଁ।''

Digitized by srujanika@gmail.com

କ୍ରମେ ଦିନ ବିତିଗଲା। ଲୋକେ ମଧ୍ୟ ଧୀରେ ଧୀରେ ନଟ-ଭମରା ଲଢ଼ି ଟକରାଳ କଥା ଭୁଲିଗଲେଣି। ଛ' ସାତ ମାସ ପରେ ଦିନେ ମୁହଁ ସଂଜବେଳେ ସୁଲୋଚନା ଜଂଗଲ ଆଡୁ ଧଇଁ ସଇଁ ହୋଇ ଧାଇଁ ଧାଇଁ ଆସି ନିଜ ଘରେ ପଶି ପ୍ରାୟ ଅଚେତ ହୋଇ ପଡ଼ିଗଲା। ଭମରା ଓ ଆଉ କେତେ ଜଣ ଯୁବକ ଖଂଡେ ଦୂରରେ ଛିଡ଼ା ହୋଇ ଗପସପ ହେଉଥିଲେ। ସେମାନେ ଦୌଡ଼ି ଆସି ସୁଲୋଚନାକୁ ଚେତା କରାଇଲେ। କଥା କଣ ପଚାରିଲେ। ସୁଲୋଚନା ଯାହା କହିଲା ସେଥିରୁ ଜଣା ଗଲା ଯେ ସଂଜ ହେଲାରୁ ବାଛୁରୀଟା ନ ଆସିବାରୁ ସେ ସେଟାକୁ ଖୋଜିବା ପାଇଁ ଟିକିଏ ଜଂଗଲ ଭିତରକୁ ଯାଇଥିଲା। କିଏ ଗୋଟାଏ ବୁଦା ଭିତରୁ ବାହାରି ଆସି ତାକୁ ଟଣା ଓଟରା କରିବାକୁ ଲାଗିଲା। ଆଂବଗଛ ତଳକୁ ଝିଂକିନେଲା। ସେ ପ୍ରାଣବିକଳରେ ପାଟି କରି ଛାଟିପିଟି ହୋଇ ପଳାଇ ଆସିଲା। ବାଉରାଣୀମାନେ ବଣରୁ କଂଟାଝାଟି ମୁଂଡେଇ ଫେରୁଥିଲେ। ସେମାନେ ମଧ୍ୟ ପାଟିତୁଂଡ କଲେ। ଲୋକଟା ପଳାଇଗଲା। ସେ ଲୋକଟା କିଏ ବୋଲି ସମସ୍ତେ ଏକ ସ୍ୱରରେ ପଚାରିବାରେ ସୁଲୋଚନା କହିଲା- ''ନଟଭାଇ।''

ଏହାପରେ ଭମରା ଗୋଟାଏ ଫାର୍ସା ନେଇ ନଟ ଘରଆଡ଼େ ଦୌଡ଼ିଲା। ତା ସାଂଗରେ ଚାରି ପାଂଚ ଜଣ ଟୋକା ମଧ୍ୟ ଠେଂଗାବାଡ଼ି ନେଇ ଛୁଟିଲେ। ନଟ ବାଡ଼ିପଟ ଦେଇ କୁଆଡ଼େ ଜଂଗଲ ଭିତରକୁ ପଳାଇଗଲା। ଆଠ ଦଶ ଦିନ ଯାଏ ସେ ଆଉ ଗାଆଁ ମାଡ଼ିଲା ନାହିଁ। ତା'ପରେ ସେ ଗାଆଁକୁ ଫେରିବା ପରେ ଭମରା ତାକୁ ଛକିଲା।

ଗାଆଁଲୋକେ କୁହାକୁହି ହେଲେ ଏଥର କିଏ ହେଲେ ଜଣେ ଯିବ। ଗାଆଁର ନାଳ ପୋଲ ଉପରେ ବସି ଗୋଡ଼ ହଲାଇ ହଲାଇ ନଟ ସମସ୍ତଂକୁ ଶୁଣେଇ ଶୁଣେଇ କହେ, ''ଏଇଥର ମୁଁ ତାକୁ ଦେଖିନେବି।'' ଭମରା ବି ମହାଦେବ ଦେଉଳ ସାମନାରେ ସମସ୍ତଂକୁ ଶୁଣାଇଦେଲା, ''ତା ରକ୍ତ ଚିତା ନ ଘେନିଲାଯାଏ ମୋର ଶାଂତି ନାହିଁ।''

ଗାଁର କେତେ ଜଣ ଯୁବକ କୁହାକୁହି ହେଲେ, ଏଥର କିଏ କାହାକୁ ଆଗ ଖତମ କରିବ ତାହା କେବଳ ଭଗବାନଂକୁହିଁ ଜଣା।

ବର୍ଷାଋତୁ ଆରଂଭ ହୋଇଗଲା। ବର୍ଷା-ବିଜୁଳି-ଘଡ଼ଘଡ଼ି ନାଦରେ ସାରା ଜଂଗଲଟା କଂପି ଉଠୁଛି। ମଳାଶୁଣି ନଈ ଆଉ ଗାଆଁ ମଝିରେ ଯାଇଥିବା ଯୋଡ଼ରେ ପାଣି ଉଛୁଳି ଉଠି ଗାଆଁ ଭିତରକୁ ପଶି ଆସୁଚି। ସକାଳ ହେଲା ବେଳକୁ ପ୍ରାୟ ଆଂଠୁଏ ପାଣି ଗାଆଁ ଭିତରେ ଜମି ଗଲାଣି। ସିଆଡ଼େ ଜଟିଆ ମୁଂଡ଼ିଆ ଉପରୁ ମଧ୍ୟ ପାଣିଧାର ଅନର୍ଗଳ ବହି ଆସି ସବୁଆଡ଼ ବୁଡ଼ାଇ ଦେଲାଣି। ବାଉଁଶ ଭେଳା କରି ଲୋକମାନେ ଏଣେ ତେଣେ ଚଳପ୍ରଚଳ ହେଉଛଂତି। ଗାଁ ମଝିକୁଦ ଉପରେ ଥିବା ଡାଲି, ଚାଉଳ ଓ ପରିବା ଦୋକାନରୁ ସୌଦାପତ୍ର ଆଣି ରୋଷେଇବାସ କରୁଛଂତି। କେତେକଂକ ଘର ଭିତରେ ମଧ୍ୟ ପାଣି ପଶିଗଲାଣି। ପ୍ରତିବର୍ଷ ପ୍ରାୟ ବର୍ଷାଦିନେ

Digitized by srujanika@gmail.com

ଗାଆଁ ବାଲାଂକୁ ଏପରି ଦଶା ଭୋଗିବାକୁ ପଡ଼େ। ସମସ୍ତଂକ ଘରେ ଖଂଡିଏ ଖଂଡିଏ ହୁଲି ଡଂଗା ପିଂଡା ଚାଳରେ ବଂଧା ହୋଇଥାଏ। ଗାଁରେ ବଢ଼ିପାଣି ପଶିଲେ ଲାଗ୍‌ଲାଗ୍ ପ୍ରାୟ ଛଅ ସାତ ଦିନ ଡଂଗାରେ ଇଆ ଘରକୁ ସିଏ ଯାଆ ଆସ କରଂତି, ଏପରିକି ନିକଟତମ ପଡ଼ିଶା ଘରକୁ ମଧ୍ୟ । ବଢ଼ି ସାଂଗରେ ଆସେ ନାନା ପ୍ରକାର ରୋଗ, ବ୍ୟାଧି-ଜର, ଖାସ, ଝାଡ଼ା ବାଂତି ଇତ୍ୟାଦି। କୁଦରେ ଗୋଟିଏ ଛୋଟିଆ ସ୍ୱାସ୍ଥ୍ୟକେଂଦ୍ର ଅଛି। କେହି କେହି ହୁଲି ଡଂଗାରେ ଯାଇ ଔଷଧି ମୌସୁଧି ଆଣଂତି। କିଏ ମରିଗଲେ ପାଣିରେ ଭସାଇ ଦିଅଂତି। ବର୍ଷାଋତୁ ପରେ ପ୍ରଚୁର ପୋଟଳ, କୋବି, ବିଲାତି ବାଇଗଣ ଫଳେ। ପୋଟଳ କିଲୋ ପଚିଶ ପଇସା। ଗାଆଁ ଲୋକେ ପନି ପରିବା ଆଣି କଟକରେ ଦେଢ଼ଟଂକା କିଲୋ ଦାମରେ ବିକ୍ରି କରଂତି। ଫଗୁଣ-ଚଇତରେ ଫୁଲ ବାସ୍ନା, ଆଂବ ବଉଳ ବାସ୍ନାରେ ଜଂଗଲଟା ମହକି ଉଠେ।

ସାରା ଜଂଗଲଟା ଯେମିତି ବର୍ଷା ପବନରେ ଦୋହଲୁଚି। ରାତି ହେଲେ ଅଂଧକାର ଭିତରେ ଆଉ ଗାଆଁ ଗଂଡା ଗଛବୃକ୍ଷ କିଛି ଦିଶୁ ନାଇଁ। ସବୁ ମିଶି ଯେମିତି ଏକ ଜମାଟ ଅଂଧକାର। ତା' ଭିତରେ ଜୀବନର ଚିହ୍ନବର୍ଣ୍ଣ ନାଇଁ କି କ୍ଷୀଣ ସଂକେତ ପର୍ଯଂତ ନାଇଁ।

ଜଂଗଲରେ ମଧ୍ୟ ବଢ଼ିପାଣି ପଶି ଯାଇଛି। ସାପ, ବିଲୁଆ, କୋକିଶିଆଳ ଏବଂ ଗୋଟେ ଅଧେ ହରିଣ ମଧ୍ୟ ପାଣି ସୁଅରେ ଭାସି ଆସି ଗାଁରେ ଲାଗଂତି କି କେଉଁ ଅଥଳ କୂଳ ପାଣିରେ ଭାସିଯାଂତି।

ବର୍ଷା ଟିକିଏ ଛାଡ଼ି ଆସିଲାଣି। ନଟ ଗୋଟାଏ ହୁଲି ଡଂଗାରେ ବସି ଜଂଗଲକୁ ଗଲା। ସାଂଗରେ ଛତା ଓ ଗୋଟାଏ ଲଣଟଣ। ଆଜି ତାର ଚେକ୍ ଗେଟ୍‌ରେ ଡିଉଟି ଅଛି। ସେ ଗେଟ୍ ପାଖ ଗୁମୁଟିରେ ଝରକା କବାଟ କିଳି ବସି ରହିଛି। ଝଡ଼ି ବର୍ଷାର ସୁଯୋଗ ନେଇ କଂଟ୍ରାକ୍ଟରର ଟ୍ରକ୍ ମଧ୍ୟ ଜଂଗଲରେ ପଶିଚି। ସେମାନେ ବଡବଡ଼ ଶାଳଗଛମାନ କାଟି ନେଇ ଟ୍ରକ୍ ବୋଝେଇ କରି ଫେରିବେ। ନଟ ଗଛକଟାର ଶବ୍ଦ ଶୁଣିପାରୁଥାଏ। ମାତ୍ର ତାର କିଛି କରିବାର ଉପାୟ ନାହିଁ। କ୍ରମେ ଟ୍ରକ୍‌ଟା ଚେକ୍ ଗେଟ୍ କତିରେ ଆସି ପହଂଚିଲା। ଉପରୁ ବାଉଁଶ ଆଗୁଆଳି ଉଠାଇବାକୁ ହର୍ଣ୍ଣ ମାରିଲା। ମାତ୍ର ନଟ ଶୁଣିଲା ନାଇଁ। ହଠାତ୍ ଦୁଇ ତିନି ଜଣ ଟ୍ରକ୍ କୁଲୀ ଆସି ନଟକୁ ଘୋଷାରି ଗେଟ ଚାବି ମାଗିଲେ। ମାତ୍ର ନଟ ଚାବି ଦେଲା ନାଇଁ। କହିଲା ରାତିରେ ଖୋଲିବାକୁ ରେଂଜର ବାବୁ ମନା କରିଛଂତି। ସେ ସକାଳେ ଜିପ୍‌ରେ ଆସି ଟ୍ରକଚକ ଚିହ୍ନ ଦେଖିଲେ ତା' ଚାକିରୀ ଯିବ। ବିନା ପାସ୍‌ରେ ଗେଟ୍ ଖୋଲି ପାରିବି ନାଇଁ ବୋଲି ସେ ଜବାବ ଦେଲା।

ସେମାନେ ନଟକୁ ନିର୍ଘୂମ ମାଡ଼ ଚଢ଼ାଇ ବେହୋସ କରି ଦେଇ ଗେଟ୍ ଭାଂଗି ଟ୍ରକ୍ ନେଇ ପଳାଇଗଲେ। ସେତେବେଳକୁ ରାତି ପ୍ରାୟ ଦୁଇଟା ହେବ। ଆଖପାଖରେ ଜନମାନବର ଶୋର ଶବ୍ଦ ନାଇଁ। ଜଂଗଲରୁ ସାଇଁ ସାଇ ଶବ୍ଦ ଆସୁଛି।

ସକାଳୁ ହୁଲୀ ଡଂଗାରେ ଚଢ଼ି ଭ୍ରମର ବାହାରିଲା ଗାଆଁ ଭିତରେ ଡାକ ବିଲି କରିବାକୁ। ଫରେଷ୍ଟ ରେଂଜର ଅଫିସ୍‌ରହିଁ ବେଶୀ ଚିଠି ଥାଏ। ସେ ଯାଇ

Digitized by srujanika@gmail.com

ଚେକ୍ ଗେଟ୍ ଗୁମୁଟି ଘର ଝରକା ଫାଂକରେ ଉଂକିମାରି ଦେଖେ ଯେ ନଟ ବେହୋସ ହୋଇ ତଳେ ପଡ଼ିଚି। ସେ ଗଅଁ ଗଅଁ ଶବ୍ଦ କରୁଚି। ତାର ଦୁଇ କନରୁ ରକ୍ତ ଧାର ବୋହି ଆସି ମୁହଁଟାକୁ ଲାଲ କରି ଦେଇଛି। ମାଛି ଭଣଭଣ ହେଉଛଂତି।

ସେ କବାଟକୁ ଧକ୍କା ଉପରେ ଧକ୍କା ମାରିଲା। ମାତ୍ର ନଟ ଉଠିଲା ନାଇଁକି ଉଁଚୁଁ କଲା ନାଇଁ। ସେ ନଟକୁ ଅଧେ ଟେକାଟେକି କରି ଏବଂ ଅଧେ ଘୋଷାରି ଘୋଷାରି ନେଇ ହୁଲୀ ଡଂଗାରେ ଶୁଆଇଦେଲା। ତା'ପରେ ଚାଲିଲା ସ୍ୱାସ୍ଥ୍ୟକେଂନ୍ଦ୍ରକୁ ଗାଁମଝି ଡିପକୁ। ତାକୁ ଡାକ୍ତର ବାବୁଂକ ଜିମ୍ମା କରିଦେଇ ସେ ଚିଠି ବିଲି କରିବାକୁ ବାହାରିଗଲା।

କେତେ ଘଂଟାପରେ ନଟର ଚେତା ଫେରିବା ପରେ ସେ ଡାକ୍ତରବାବୁଂକଠାରୁ ସବୁ କଥା ଶୁଣି ନିଜ କାନକୁ ବିଶ୍ୱାସ କରି ପାରିଲା ନାଇଁ। ସେ ଭମରାର ଋଣ କିମିତି ଶୁଝି। କେବଳ ସେଇକଥାହିଁ ଭାବୁଥାଏ। ସବୁ ପଛକଥା, ରାଗ ଚକରାଳ ସେ ଭୁଲିଗଲାଣି।

କିଛିଦିନ ପରେ ମହନୀ ସାହୁ ଦୋକାନୀ ଭମରାକୁ କହିଲା- ''କାଲି ନଟ ଆସିଥିଲା। ସେ ତ ଖାଲି ତୋ'ରି ଗୁଣ ଗାଉଥିଲା। କହୁଥିଲା, ଭମରା ଭାଇ ତା ଜୀବନ ରଖିଲା। ସେ ତୋ ଋଣ ଜୀବନରେ ଶୁଝି ପାରିବ ନାଇଁ ବୋଲି ପସ୍ତାଉଥିଲା।''

ଭମରାର ମନ ବହୁତ ନରମ ହୋଇଗଲା। କିଂତୁ ତଥାପି କେଉଁଠି ଦେଖାହେଲେ ସେ ନଟ ସଂଗେ କଥାବାର୍ତ୍ତା କରିବାକୁ ସଂକୋଚ ବୋଧ କରୁଥାଏ। ନଟ ମଧ ଭରସି କରି ତା ସଂଗେ କଥାବାର୍ତ୍ତା କରୁ ନଥାଏ। ଦିହେଁ ଦିହିଁକି ଖାଲି କିଛି ସମୟ ଚାହିଁ ରହି ଯେଝା ବାଟରେ ଯାଉଥିଲେ।

ମାସେ ଦି'ମାସ ପରେ ନଟ ଶୁଣିଲା ସାଇକେଲ ଦୋକାନୀ ସାମସେର ପାଖରୁ, ଭମରା ତା ପାଇଁ ଦୁଃଖ କରୁଥିଲା। ତାକୁ ଯେ ଭଗବାନ ଏଡ଼େ ବଡ଼ ବିପଦରୁ ରକ୍ଷା କଲେ ସେଥିପାଇଁ ସେ ଠାକୁରଂକୁ କୃତଜ୍ଞତା ଜଣାଉଥିଲା। କହୁଥିଲା- ''ଯାହାକୁ ରଖିବେ ଅନଂତ, କି କରି ପାରେ ବଳବଂତ।''

ନଟ ସବୁ ଶୁଣେ ମାତ୍ର ଭମରକୁ ଡାକି କଥା କହିପାରେ ନାଇଁ ଭମର ସବୁ ଶୁଣେ ମାତ୍ର ନଟକୁ କିଛି କହିପାରେ ନାଇଁ। କେବଳ ଦେଖା ହେଲା। ଦୁହିଁକ ମୁହଁରେ ଟିକିଏ ମୁରୁକି ହସ ଯାହା ଫୁଟିଉଠି ମିଳାଇଯାଏ।

ଏପରି କେତେ ମାସ ଚାଲିଗଲା। ଦିନେ ନଟ ସାହୀ ପଡ଼ିଶାରୁ ଗୁଣିଲା, ସୁଲୋଚନା ଅଂତଃସତ୍ତ୍ୱା। ଆଉ ଦି'ମାସ ପରେ ସେ ପିଲାର ମାଆ ହେବ।

ସେଦିନ ରେଂଜର ବାବୁ ଗୋଟାଏ ହରିଣ ମାରିଥାଂତି। ନଟକୁ ଡାକି ଦି କେ.ଜି ଖଂଡେ ମାଉଁସ ଦେଲେ। ନଟ ମୁଂଡକୁ କଣ ପାଇଲା କେଜାଣି, ସେ ଯାଇ ଭ୍ରମର ଦୁଆରେ ପହଂଚିଲା। ସୁଲୋଚନା ଆଉ ଭ୍ରମର ପିଂଡାରେ ବସି ଗପସପ ହେଉଥିଲେ। ନଟ କହିଲା,''ଭମର ଭାଇ, ସୁଲୁ ଭଉଣୀ! ଏ ମିରିଗ ମାଉଁସ ତମେ ନିଅ। ତରକାରୀ କରିବ। ମୋତେ ରେଂଜର ବାବୁ ଦେଇଥିଲେ।''

Digitized by srujanika@gmail.com

ଭମର ଓ ସୁଲୋଚନା ମୁରୁକି ହସି କହିଲେ, "ସବୁ ମାଉଁସ କାହିଁକି ଦେଉଛ? ତମେ ଅଧେ ରଖ।"

ନଟ କହିଲା, "ମୁଁ ମିରିଗ ମାଂସ କଣ କରିବି? ମୁଁ ତ ମୁରାରି ନନା ହୋଟେଲରେ ଖାଏ। ମୋର ଏବେ ରୋଷେଇ ବାସ କରିବ କିଏ।"

ଭମରା କହିଲା, "ନଟ ଭାଇ, ତମେ ଆଜି ରାତିରେ ଆମ ଘରେ ଖାଇବ। ଆମର ନିମିତା ରହିଲା।"

ସୁଲୋଚନା ଲାଜରେ ସଢ଼ିଗଲା। ସେ ଥରେ ନଟ ମୁହଁକୁ ଅନାଇ ପୁଣି ମୁହଁ ତଳକୁ କରିଦେଲା।

ନଟ କହିଲା, "ହଉ, ଭଉଣୀ ଘରୁ ନିମିତା ଆସିଲାଣି ଯେତେବେଳେ, ମୁଁ ନାହିଁ କରିବି କିମିତି? କିଂତୁ କାଇଁ ମୋ ଭଉଣୀ ତ କିଛି କହୁ ନାଇଁ।"

ସୁଲୋଚନା ଲାଜରେ ବତୁରି ଯାଇ ତା'ପରେ ଟିକିଏ ହସି କହିଲା, "ହଁ, ହଁ, ତମେ ଆଜି ଆମ ଘରେ ଖାଇବ ନଟଭାଇ।"

Digitized by srujanika@gmail.com

ଚାଗିରି

ଗୁଣପୁର କରଦ ରାଜ୍ୟଟି ଗଡ଼ଜାତ ମିଶ୍ରଣପରେ ମୋଗଲ ିଦିରେ ମିଶିଗଲା। ପ୍ରଜା ମଂଡଳର ଲୋକମାନଂକ ମନରେ ଆନଂଦ ନ ସରେ! ରାଜ୍ୟଟୀ ପାର୍ଶ୍ୱବର୍ତୀ ଜିଲ୍ଲାରେ ସାମିଲ ହୋଇଗଲା। ଏହାର ମାନଚିତ୍ର ବଦଳିଗଲା। ବଦଳିଗଲା ସବୁ ପ୍ରଜାଂକର ମନ ଓ ଭାବନାର ରୂପରେଖ। ସେମାନଂକର ସ୍ୱପ୍ନ ସାର୍ଥକ ହୋଇଛି। ଏଣିକି ଆଉ ରାଜା ବଂଚିଥିଲେ ବି, ତାଂକ ହାତରେ କିଛି କ୍ଷମତା ରହିବ ନାହିଁ। ଆଉ ବେଠି, ଭେଟି, ବେଗାରି, ମାଗଣ, କିଂବା ହାତୀଖେଦାରେ ଶହ ଶହ ଲୋକଂକୁ ପ୍ରାଣବଳି ଦେବାକୁ ହେବ ନାହିଁ। ସମସ୍ତେ ହେବେ ସ୍ୱାଧୀନ ଭାରତର ବାସିଂଦା। ଅନ୍ୟାୟ, ଅନାଚାର ଆଉ ହୁଂକାପିଟା ଶାସନ ଚଳିବ ନାହିଁ। କେତେ ଲୋକ ପ୍ରଜା ଆଂଦୋଳନରେ ଜେଲ, ଗୁଳି ଆଉ ଫାଶିକାଠରେ ନ ମଲେ! ଇଂରାଜୀ ସରକାର ଥରକୁ ଥର ଫଉଜ ପଠାଇ ଲୋକଂକ ଉପରେ ନାହିଁ ନଥିବା ଅତ୍ୟାଚାର ଚଳାଇଲା। ଘରଦ୍ୱାର ଲୁଟ୍ କଲା। ସ୍ତ୍ରୀ ପିଲାଂକ ଉପରେ ସୈନ୍ୟମାନେ ବଳତ୍କାର କଲେ, ଇଜ୍ଜତ ମହତ ନେଲେ।

ତଥାପି ଆଂଦୋଳନ ଦବିଲା ନାହିଁ। ବରଂ ଦିନକୁ ଦିନ ବେଶୀ ବେଶୀ କୁହୁଳିଲା। ଏ ଶୁଖିଲା ଧଡ଼ଗୁଡ଼ାକ ଭିତରେ ଏତେ ହିମ୍ମତ, ଏତେ ଟାଣପଣ କେଉଁଠି ଆଜିଯାଏ ଲୁଚିଥିଲା ?

ଶେଷରେ ଇଂରାଜୀ ସରକାର ଗଲା। ତା' ପରେ ପରେ ଦିନ କେଇଟା ଭିତରେ ରାଜାରାଜୁଡ଼ାଏ ମଧ୍ୟ ଗଲେ।

ପୂର୍ବେ ରାଜରାଜୁଡ଼ା ଅମଳରେ ବହୁତ ଲୋକ- ଯେଉଁମାନେ କି ରାଜାଂକର ପାଖଲୋକ, ବହୁତ ପ୍ରକାର ନିଷ୍କର ଚାଗିରି ପାଉଥିଲେ। ପୂଜାପଂଡାଂକଠାରୁ ଆରଂଭ କରି ଭିତର ପରିଛା ପର୍ଯ୍ୟଂତ (ଯେଉଁମାନଂକ କାମ ଥିଲା ରାଣୀ ମହଲରେ ପହରା ଦେବା- ରାଣୀବର୍ଗ ଓ ପୋଇଲୀ ପରିବାରୀଙ୍କୁ ଜଗିବା, ଯେପରି ବାହାର ଲୋକ କେହି ନ ଆସଂତି କି ଏମାନେ ବାହାରକୁ ଯାଇ କାହା ସଂଗେ ମିଳାମିଶା ନ କରଂତି। ସାଧାରଣତଃ ହିଂଜଡ଼ାମାନଂକୁ ହିଁ ଏ କାମରେ ନିଯୁକ୍ତ କରାଯାଉଥିଲା।) ଏବଂ ବାହାର ପରିଛା, କୀର୍ତନିଆ- ଯେଉଁମାନଂକର କାମ ଥିଲା, ଉଆସରେ ପ୍ରଜାମାନଂକୁ ଧରି ନେଇ ଏକ ନିର୍ଦ୍ଦିଷ୍ଟ କୋଠରୀରେ ବଂଦକରି ନାନାପ୍ରକାର ଅତ୍ୟାଚାର କଲାବେଳେ

Digitized by srujanika@gmail.com

ସେମାନଙ୍କ ଆର୍ତଚିତ୍କାର ଯେପରି ବାହାରକୁ ନ ଶୁଭିବ, ସେଥିପାଇଁ କୋଠରୀ ବାହାରେ ଖୁବ୍ ଜୋରରେ ଖୋଳ କରତାଳ ବଜାଇ ହରିନାମ କୀର୍ତନ କରିବା-ସମସ୍ତେ ବାଟି ବାଟି ଜମି ନିଷ୍କର ଜାଗିରି ଭୋଗ କରୁଥିଲେ।

ଗଡ଼ଜାତ ମିଶ୍ରଣ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ମିଲାନ୍ ଖସଡ଼ା, ପୁଣି ବଂଦୋବସ୍ତ ହେବ। ନୂଆ ଖତିଆନା ହେବ। କିଏ କେତେ ଜାଗିରି ପାଉଛି, କର ଦେଉଛି ନା ନିଷ୍କର, ଏ ସବୁର ଯାଂଚ ବିଚାର ହେବ। ତେବେ ସରକାରଙ୍କର ନୀତିଥିଲା ପୁରୁଣା ପ୍ରଥାରେ ବେଶୀ ବଦଳାବଦଳି ନ କରିବା। ନୋହିଲେ ଲୋକଙ୍କ ଭିତରେ ଅସନ୍ତୋଷ ଦେଖାଦେବ।

ଏଥିପାଇଁ ନିଯୁକ୍ତ ହୋଇଥିବା ସ୍ୱତଂତ୍ର ତହସିଲ୍‌ଦାର ଏବଂ ସ୍ଥାନୀୟ ତହସିଲଦାରଂକ ଇଜଲାସରେ ରୋଜ କାଗଜପତ୍ର, ଦଲିଲ, ଦସ୍ତାବିଜ୍ ପାଉତି ଇତ୍ୟାଦିର ଯାଂଚ ତନଖି ଚାଲିଥାଏ। ଶହ ଶହ ଜାଗିରିଭୋଗୀ କାଗଜପତ୍ର ଘେନି କଚେରିରେ ଜମା ହେଉଥାଂତି। ନିଜ ନିଜ ଦାବୀ ପେଶ୍ କରୁଥାଂତି ଏବଂ ତାହା ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଥାଂତି। କଚେରି ହତା ଲୋକାରଣ୍ୟ ହୋଇ ଉଠୁଥାଏ।

ଦିନେ ହଠାତ୍ ଦିନ ଏଗାରଟାବେଳେ ଜଣେ ମଝିଲା ବୟସର କଂଧ ବାର କୋଶ ଦୂରରୁ ଚାଲି ଚାଲି ଆସି ଅଫିସରଙ୍କ ଆଗରେ ହାଜର ହେଲା। ତା ଦେହ ତ୍ରିପଂଡ଼ କଳା। ଲଂବା ଚୌଡ଼ା ମଣିଷଟାଏ। କପାଳରେ ନାଇଚି ଦେବୀଙ୍କର ଗୋଟାଏ ଟଂକା ଆକାରର ସିଂଦୂର ଟୋପା। ବେକରେ ପକାଇଚି ଧଂଡ଼ାମଳା। ମୁଂଡ଼ରେ ବଡ଼ ବଡ଼ ବାଳ, ପଛରେ ଗୋଟାଏ ଗଂଠି ପକାଇ ଦେଇଛି। ନିଶ ଦି'ପଟା ବାଘ ନିଶ ପରି ଫୁଲି ଫୁଲି ଉଠୁଛି। ଲୋକଟାର ହାତରେ ଗୋଟାଏ ମସ୍ତବଡ଼ କଟୁରି, ତାହା ମଧ ମାଆଂକ ସିଂଦୂରରେ ଦାଉ ଦାଉ କରୁଚି। ଲୋକଟାକୁ ଦେଖିଲେ ଭେଂଡିଆ ଜବାନଂକୁ ବି ଡ଼ର ମାଡ଼ିବ। କଚେରୀ ଦୁଆରେ ଜଗିଥିବା ସିପାହୀ ବରକଂଦାଜ ଲୋକଟାକୁ ଅଟକାଇବାକୁ ଯାଉଥିଲେ। ମାତ୍ର ସେ ସେମାନଙ୍କୁ ଠେଲି ଦେଇ ହାକିମଂକ କମରା ଭିତରକୁ ସିଧା ପଶିଗଲା। ତାକୁ ଦେଖି ହାକିମ, ପେସ୍କାର,ଅମିନ, ଅମଲା ସମସ୍ତେ ଛାନିଆ ହୋଇଗଲେ।

ଲୋକଟା ହାକିମଂକୁ ଜୁହାର ହୋଇ ତାର ସିଂଦୂରବୋଳା କଟୁରିଟାକୁ ତାଙ୍କ ପାଦତଳେ ରଖିଦେଲା। ହାକିମ ତା' ମୁହଁକୁ ହତ୍‌ବାକ୍ ହୋଇ ଅନାଇଥାଂତି ଲୋକଟା କହିଲା - ''ହଜରୁ ମୋ' ନାଁ ପାଣୁ କଂଧ। କରମୋଳ ପ୍ରଗଣା ଦିଷାରି ମୌଜାରେ ମୋର ଘର, ସେହି ଯେଉଁ ପାହାଡ଼ତଳିଆ ବିଂବଳେଇ ଠାକୁରାଣୀଙ୍କ ମଂଦିର, ତା'ରି ପାଖରେ।''

ହାକିମ ପଚାରିଲେ:''କୁଆଡ଼େ ଆସିଛୁ? ଏଠି କ'ଣ କାମ??

ପାଣୁ କଂଧ କଟୁରିଟାକୁ ଦେଖାଇ ଦେଇ କହିଲା: ହଜୁର, ତତେ ଗୋଟେ କଥା କହିବାକୁ ଆସିଛି। ମୁଁ ଦଶମାଣ ଜମି ନିଷ୍କର ଜାଗିରି ଭୋଗ କରୁଥିଲି।

ହାକିମ ପଚାରିଲେ: ''କି ଜାଗିରି?''

Digitized by srujanika@gmail.com

ପାଣୁ କଂଧ ଗଳା ଖଂକାର ମାରି ହାତଯୋଡ଼ି କହିଲା, ଆଜ୍ଞା, ଚଂଟିକଟା ଚାଗିରି।''

ହାକିମ ମୋଗଲବଂନ୍ଦିର ଲୋକ। ସେ କିଛି ବୁଝି ନ ପାରିବାରୁ ପାଣୁ କହିଲା :- ''ହଜୁର୍, ମୋ କାମ ଥିଲା ପ୍ରତିବର୍ଷ ଦଶହରାବେଳେ ବିଂବଲେଇ ଠାକୁରାଣୀଙ୍କଠାରେ ଜଣେ ଲୋକକୁ ବଳି ଦେବା।''

ହାକିମ ଆଶ୍ଚର୍ଯ ହୋଇ ଯା ତା ମୁହଁକୁ ଖାଲି ଅନାଉଥାଂତି। ପାଣୁ କହିଲା : ''ଆମେ ଦଶ ପୁରୁଷରୁ ଏହି କାମ କରି ଆସୁଛୁଁ। ଏ ରଜାଂକ ବାପେ, ବୁଢ଼ାରଜା, ତାଙ୍କ ବାପେ ଠାକୁରରାଜା ସମସ୍ତେ ଆମକୁ ପୁରସ୍କାର ଦେଇଛଂତି। ଏ ଠାକୁରାଣୀକୁ ଚାରିଶହ ବର୍ଷ ତଳେ କିଏ ଜଣେ ରାଜା ଥାପନା କରିଥିଲେ।''

ହାକିମ ପଚାରିଲେ :

''କି ପୁରସ୍କାର? କାହିଁକି?''

ପାଣୁ ହାତଯୋଡ଼ି କହିଲା : ''ହଜୁର ଲୋକଟାକୁ ବଳିଦେଇ ସାରି ତା ଜିଭଟାକୁ ଟଂଟିଠାରୁ କାଟି ନେଇ ରଜା ମଣିମାଂକୁ ଦେଖାଇଲେ ସେ ଧୋତିଯୋଡ଼, ଗାମୁଛା, କିଛି ଟଙ୍କା ବକ୍ସିସ୍ ଦେଉଥିଲେ।''

ତା'ପରେ କହିଲା :

''ମୁଁ ଏ କାମ ଛାଡ଼ି ଦେବି ହଜୁର। ତତେ ନିୟମ କରି କହୁଚି। ନୂଆ ସରକାର ତ ବଳି ଫଳି ସବୁ ବଂଦ କରି ଦେଇଛଂତି। ମୁଁ ଏ ବୃତ୍ତି ନିଜ ଇଛାରେ ଛାଡ଼ି ଦଉଚି। ମୁଁ ମାଆକୁ ମଧ ଆଜି ତା ଗୋଡ଼ତଳେ କଟୁରିଟାକୁ ରଖି ଦେଇ ସାଷ୍ଟାଂଗ ପରିଣାମ କରି କହି ଆସିଛି: 'ମା ଆଜିଯାଏ ପୁରୁଷ ପୁରୁଷ ଧରି ଚାରି ଶହ ପାଂଚ ଶହ ବର୍ଷ ଧରି ତୋ କାମ କରି ଆସିଲୁଁ। ଏବେ ମୋତେ ଛୁଟି ଦେ। କାଳ ତ ବଦଳିଗଲା। ମୁଁ କଣ କରିବି? ମୋର କିଛି ଦୋଷ ନାହିଁ।' ସେ କଟୁରିଟାକୁ ତୋ ଗୋଡ଼ତଳେ ରଖି ଯାଉଛି ସାଇବ ଏଇ କଟୁରିରେ ମୋ ଗୋସେଇଁ ବାପ ଅମଳରୁ କେତେ ଲୋକଂକ ମୁଂଡ କାଟି ମା ପାଖରେ ବଳି ଦେଇଛୁଁ। ଆଜି ସେ କଟୁରିଟାକୁ ତତେ ଦେଇ ଯାଉଛି ସାଇବ।''

ହାକିମ ପଚାରିଲେ : ''ତୁ କେତୁଟା ନରବଳି ଦେଇଛୁ?''

ପାଣୁଆ କିଛିକ୍ଷଣ ମୌନ ହୋଇଗଲା। ତା'ପରେ କଣ ଭାବିଲା। ହାକିମ ପୁଣି ପ୍ରଶ୍ନଟାକୁ ଦୋହରାଇ ପଚାରିଲେ।

ପାଣୁଆ ହାତଯୋଡ଼ି କହିଲା : ''ମୁଁ ତତେ ସତ କଥା କହିବି। ତୁ ଧର୍ମାବତାର। ମୁଁ କିଛି ଲୁଚାଇବି ନାଇଁ। ମୁଁ ତିନି ଜଣଂକୁ ବଳି ଦେଇଚି। ଆଗରୁ ମୋ ବାପା ଏ କାମ କରୁଥିଲା। ସେ ଗତ ତିନିସାଲ ହେଲା ବାଘ ଖାଇ ମରିଯିବା ପରେ ମୁଁ ଏ କାମ କରୁଛି।'' ତା'ପରେ କହିଲା : ''ମୁଁ ଭେଂଡା ଭେଂଡା ଟୋକାଂକୁ ନାନା ପ୍ରକାର ଲୋଭ ଦେଖାଇ, ହରିଣ ଖୁରୁଂଗ ମାଉଁସ କି ଚଢ଼େଇ ମାରି ଦେବି ବୋଲି କହି ଜଂଗଲକୁ ନେଇଯାଏ। ତା'ପରେ ରାତି ହେଲେ ମା ପାଖକୁ

Digitized by srujanika@gmail.com

ନେଇ ମୁଣ୍ଡଟା କାଟିଦିଏ। ମରିଗଲା ପରେ ଜିଭଟାକୁ ତଂଟି ପାଖରୁ କାଟି ନେଇ ମଡାଟାକୁ ନିଘଂଚ ଜଂଗଲରେ ଫିଂଗିଦିଏ।''

ହାକିମ ଓ ସମସ୍ତ କଚେରୀ ଅବାକ୍। କାହାରି ମୁହଁରେ କିଛି କଥା ନାହିଁ। ବହୁ କ୍ଷଣ ପରେ ହାକିମ ଅନ୍ୟ ଅଫିସରମାନଂକ ସଂଗେ କଣ ପରାମର୍ଶ କରି ପାଣୁଆକୁ ପଚାରିଲେ : ''ଏବେ ତୁ କ'ଣ ଚାହୁଁଛୁ ?''

ପାଣୁଆ କହିଲା, ''ମୁଁ ଏ ନିଷର ଜାଗିରି ଭୋଗ କରିବାକୁ ଆଉ ହକ୍‌ଦାର ନୁହେଁ। ମୁଁ ତ ମାଆ କାମ ଛାଡ଼ିଦେଲି। ମା'ର ଜମି ଭୋଗ କରିବି କିଆଁ ? ମୋର ଆଉ କ'ଣ ହକ୍ ଅଛି।? ମୁଁ ଏଣିକି ଖଜଣା ଦେବି। ନିଷର ଜାଗିରି ମୋଠୁ କାଢ଼ି ନେଇ ତୁ ଖଜଣା ବସାଇ ଦେ। ମୁଁ ଖଜଣା ଦେଇ ଜମି ଚାଷ କରିବି।''

ହାକିମ ହୁକୁମା ସମସ୍ତେ ଚୁପ୍ ହୋଇ ପଥର ପିତୁଳା ପରି ବସି ରହିଥିଲେ। କାହା ମୁହଁକୁ କିଛି କଥା ପଡୁନ୍ଥିଲା।

Digitized by srujanika@gmail.com

ସମାଧି

୧୮୧୭ ସାଲ କଥା। ଦେଢ଼ ଶତାବ୍ଦୀରୁ ଅଧିକ କାଳ ବିତିଗଲାଣି।

ଖୋରଧାରେ ସେତେବେଳେ ପାଇକ ବିଦ୍ରୋହ ଆରଂଭ ହୋଇଯାଇଥାଏ। ବିଦ୍ରୋହ କରି ଘୁମୁସରରୁ ପ୍ରାୟ ୪୦୦ କଂଧ ଧନୁଶର, ଖଂଡା ତରବାରୀ ନେଇ ଖୋର୍ଧାରେ ପହଂଚିଥାଂତି। ଖୋରଧାର ପାଇକସେନା ସେମାନଙ୍କ ସଂଗରେ ଯୋଗଦେଇଥାଏ। ଚାରିଆଡ଼େ ବିଦ୍ରୋହର ନିଆଁ ଜଳିଉଠୁଥାଏ। ପାଇକ ଦଳପତିମାନେ ଡ଼ାକରା ଦେଉଥାଂତି : -- ''ଛେ ପାଇକ। ଛେ ପାଇକ।' ଫିରିଂଗିକୁ ହଟାଇବାକୁ ହେବ। ବିଦ୍ରୋହୀମାନେ ଖୋର୍ଧାଠୁ ଅଳ୍ପ ଦୂରେ ଗଂଗପଡ଼ାଠାରେ ଘାଟି କରି ରହିଥାଂତି। ଦଳେ ବିଦ୍ରୋହୀ ବାଣପୁର ଆକ୍ରମଣ କରି ବହୁ ସରକାରୀ କୋଠାବାଡ଼ି ଓ କର୍ମଚାରୀଙ୍କୁ ଧ୍ୱଂସ କରିଦେଇଥାଂତି। ବିଦ୍ରୋହ ଦମନ ପରେ ଖୋର୍ଧାଠାରେ ଦୁଇଜଣ ଇଂରାଜୀ ଜଜ୍ ବସି ଅପରାଧିମାନଂକର ବିଚାର କରି ଶହ ଶହ ବ୍ୟକ୍ତିଂକୁ ଫାଶିଦଂଡ ଦେଉଥାଂତି। ଆଖପାଖ ବଡ଼ ବଡ଼ ଗଛ ମାନଂକରେ ବିଦ୍ରୋହୀମାନଂକୁ ଲଟକାଇ ଦେଇ ଫାଶି ଦିଆଯାଉଥାଏ। ଅନ୍ୟଆଡୁ ଇଂରାଜୀ ପଲଟଣ ଖୋର୍ଧା ଛୁଟିଥାଂତି।

ଏଣେ ବରୁଣାଇ ଘାଟି ରକ୍ତରଂଜିତ। ଫିରିଂଗି ଓ ପାଇକସେନା ଏବଂ କଂଧ କୋହ୍ଲ ଶବର ସମସ୍ତଂକର ରକ୍ତଧାର ମିଶି ଏକ ରକ୍ତ-ଗଂଗା ସୃଷ୍ଟି କରିଥାଏ। ଖୋର୍ଧାର ରାଜା- ଯେ କି ଓଡ଼ିଶାର ଗଜପତି ମହାରାଜା- ବିଦ୍ରୋହରେ ଯୋଗ ଦେଇଥାଂତି। ଖୋର୍ଧା ଗଡ଼ ଉପରେ ବିଦେଶୀଏ ତୋପରୁ ଗୁଳୀ ମାଡ଼ କରୁଥାଂତି। ଗଡ଼ ପାଚିରିର ବହୁ ଜାଗା କମାଣ ଗୁଳାରେ ଭାଂଗି ପଡ଼ିବାର ଉପକ୍ରମ ହେଲାଣି।

ସେଦିନ ଇଂରାଜୀ ଓ ପାଇକସେନା ମଧ୍ୟରେ ଚାଲିଥାଏ ପ୍ରବଳ ଲଢ଼େଇ। ଇଂରାଜୀ ବାହିନୀର ସେନାପତି ମେଜର ରିଚାର୍ଡ଼ସନ୍ ଏବଂ ବିଦ୍ରୋହୀ ବାହିନୀର ସେନାପତି ଛୁଆଳସିଂହ ଯୁଦ୍ଧ ପରିଚାଳନା କରୁଥାଂତି। ଦୁଇ ପକ୍ଷର ବହୁ ସୈନ୍ୟ ମୃତାହତ ହେଲାପରେ ରିଚାର୍ଡ଼ସନ୍ ଓ ଛୁଆଳସିଂ ପରସ୍ପର ମୁହାମୁହିଁ ହୋଇ ଲଢ଼େଇ କରି ଚାଲିଛଂତି।

ଛୁଆଳ ସିଂହଂକ ଉନ୍ମୁକ୍ତ ତରବାରୀ ରିଚାର୍ଡ଼ସନଂକ ବକ୍ଷ ବିଦ୍ଧ କରିଛି। ସେ ଘୋଡ଼ାରୁ ଖସି ପଡ଼ିବା ଆଗରୁ ଛୁଆଳସିଂହଂକୁ ମରଣ ଆଘାତ ଦେବାକୁ ଭୁଲି ନାହାଂତି। ଉଭୟେ ତଳେ ପଡ଼ି ପରସ୍ପରକୁ ଏକ ଲୟରେ ଚାହିଁ ରହିଛଂତି।

Digitized by srujanika@gmail.com

ପ୍ରଥମେ ରିଚାର୍ଡ୍‌ସନ କ୍ଷୀଣ ସ୍ୱରରେ କହିଲେ : "ମରିବା ଆଗରୁ ମୁଁ ଓଡ଼ିଆ ପାଇକର ବିରତ୍ୱ ଦେଖିଗଲି, ଏହା ମୋର ପରମ ସୌଭାଗ୍ୟ। ମୁଁ ତୁମକୁ ସାଲ୍ୟୁଟ୍ କରୁଚି ପାଇକ।"

ଛୁଆଳସିଂହଂକର ଜୀବନଦୀପ ଲିଭି ଆସୁଛି। ସେ ମଧ୍ୟ ତତୋଽଧିକ କ୍ଷୀଣ କଂଠରେ କହିଲେ : "ମୁଁ ମଧ୍ୟ ତମକୁ ନମସ୍କାର କରୁଛି, ବୀର ଇଂରେଜ। ତମେ ତମ ଦେଶ ପାଇଁ ଲଢୁଛ। ତମ ରାଜାଂକ ଆଦେଶ ପାଳନ କରିଛ। ତମର କିଛି ଦୋଷ ନାହିଁ।"

ରିଚାର୍ଡ୍‌ସନ୍ କହିଲେ : "ତମେ ଯୁଦ୍ଧଭୂଇଁରେ ପ୍ରାଣବଳି ଦେଇଛ ତମ ଦେଶର ସ୍ୱାଧିନତା ରକ୍ଷା ପାଇଁ। ଏହାଠାରୁ ବଳି ମହାନ ମୃତ୍ୟୁ ଜଣେ ସୈନିକ ପକ୍ଷରେ ଆଉ କଣ ହୋଇପାରେ !"

ଉଭୟେ ଉଭୟଂକ କର ମର୍ଦନ ପାଇଁ ନିଜ ନିଜର ଡାହାଣ ହାତ ବଢ଼ାଇଦେଲେ। ମାତ୍ର ରକ୍ତସ୍ରାବ ଏବଂ ଅତ୍ୟଧିକ ଦୁର୍ବଳତା ଯୋଗୁ ଦୁହିଂକ ହାତ ଅବଶ, ଅଚଳ। କାହାରି ହାତ କାହା ହାତକୁ ସ୍ପର୍ଶକରି ପାରିଲା ନାହିଁ।

• • •

ଉଭୟଂକୁ ସେଇ ଯୁଦ୍ଧ ପଡ଼ିଆର ଟିକିଏ ଦୂରରେ ସମାଧି ଦିଆଗଲା। ରିଚାର୍ଡ୍‌ସନଂକୁ ମହା ସମାରୋହରେ ୟୁନିଅନ୍ ଜ୍ୟାକ୍‌ରେ ଘୋଡ଼ାଇ ସମାଧି ଦିଆଗଲା। କିଛି ଦିନ ଉତ୍ତାରୁ ତା ଉପରେ ଗଢ଼ି ଉଠିଲା ଏକ ସମୁଚ୍ଚ ସ୍ମୃତିସ୍ତଂଭ- ଯାହା ବହୁଦୂରରୁ ମଧ୍ୟ ଦେଖାଯିବ।

ଛୁଆଳସିଂହଂକ ସମାଧି ରଚିତ ହେଲା ସେଠୁ ଅଳ୍ପ ଦୂରରେ ତାଂକ ଚିତାଭସ୍ମ ଉପରେ। ସମାଧିଟି ଛୋଟିଆ। ରିଚାର୍ଡ୍‌ସନଂକ ସମାଧିର ଅଧେ ଉଚ୍ଚ ହେବ।

ଶୁଭ୍ର ଚଂଦ୍ରାଲୋକରେ ଦୁଇଟି ଯାକ ଶ୍ୱେତ ସ୍ତଂଭ ଯେମିତି ପରସ୍ପରକୁ ଦେଖି ହସି ଉଠଂତି ଏବଂ କରମର୍ଦନ କରିବା ପାଇଁ ହସ୍ତ ପ୍ରସାରଣ କରଂତି। କିଂତୁ କେହି କାହା ନିକଟରେ ପହଂଚି ପାରଂତି ନାହିଁ। ଗୋଟିଏ ହାତ ରହିଯାଏ ଅନେକ ତଳେ ଅନ୍ୟଟି ଖୁବ୍ ଉପରେ।

ଏହାପରେ ଦେଢ଼ ଶତାବ୍ଦୀ ବିତି ଯାଇଚି।

ସମୟ !

ସମାଧି ଦେଲାବେଳେ ରିଚାର୍ଡ୍‌ସନଂକୁ ସାମରିକ ପୋଷାକରେହିଁ ସମାଧି ଦିଆଯାଇଥିଲା। ଘନ ଘନ ତୋପଧ୍ୱନି ମଧ୍ୟରେ ତାଙ୍କ କଫିନ୍‌କୁ ମାଟି ତଳେ ରଖି ଦିଆଯାଇଥିଲା। ତାଂକର ପକେଟ ଘଡ଼ିଟି ମଧ୍ୟ ତାଙ୍କ ଛାତି ପକେଟରେ ସେଇପରି ଥିଲା। ସମସ୍ତେ ଦେଖିଲେ, ସେଥିରେ ବାଜିଥିଲା ଦିନ ବାରଟା ପଂଦର।

ପାଇକ ବିଦ୍ରୋହ ଦମନ କରାଯିବା ପରେ କିଏ କୁଆଡ଼େ ଛତ୍ରଭଂଗ ହୋଇ ପଳାଇ ଗଲେ। ରୋଡଂଗ ବକ୍ସି ଜଗବଂଧୁ ବିଦ୍ୟାଧର ଯେ କି ଏ ବିଦ୍ରୋହର

Digitized by srujanika@gmail.com

ଜଣେ ନାୟକ ଥିଲେ ଇଂରାଜୀ ସରକାର ସଂଗେ ହାତ ମିଳାଇ ପେନସନ୍ ପାଇଲେ। ତାଂକ ଜମିଦାରୀ ଇଷ୍ଟ ଇଂଡିଆ କୋଂପାନୀର ଜଣେ ବଂଗାଳୀ କର୍ମଚାରୀ କଲିକତାରେ ନିଲାମରେ ନେଇ ଯିବାରୁ ସେ ବିଦ୍ରୋହରେ ଯୋଗ ଦେଇଥିଲେ ବୋଲି ଲୋକେ କୁହାକୁହି ହୁଅଂତି। ଜଇ ରାଜଗୁରୁ ଯେ ଥିଲେ ଏ ବିଦ୍ରୋହର ପ୍ରାଣ, ମେଦିନାପୁରଠାରେ ଫାଶିଖୁଂଟରେ ଓହଳି ପ୍ରାଣବଳି ଦେଲେଣି। ପିଂଡିକି ବାହୁବଳିଂଦ୍ର-ଯାହାକୁ ତାଂକ ସଂଗାତେ ଭାଂଗ ଖୁଆଇ ଇଂରାଜୀ ହାତରେ ଧରାଇ ଦେଇଥିଲେ- ଏକ ମସ୍ତ ବରଗଛରେ ଟଂଗା ହୋଇ ଫାଶୀ ପାଇଲେଣି। ଦେଢ଼ ଶହ ବର୍ଷ ବିତିଗଲାଣି।

ସମୟ।

ଭାରତବର୍ଷ ଆଜି ସ୍ୱାଧୀନ। ଭାରତବର୍ଷ ଆଜି ପ୍ରଜାତାଂତ୍ରିକ ରାଷ୍ଟ୍ର। ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ତାରିଖରେ ଲୋକେ ସ୍ୱାଧୀନତା ଉତ୍ସବ ପାଳନ କଲାବେଳେ ଜଇ ରାଜଗୁରୁ, ଛୁଆଳସିଂହଂକ କଥା ସ୍ମରଣ କରଂତି।

ସ୍ୱାଧୀନତା ପାଇବାର ପଚିଶ ବର୍ଷପରେ ସରକାର ଘୋଷଣା କଲେ, ଖୋର୍ଧାଠାରେ ଏକ ଘଡ଼ି କାରଖାନା କେଂଦ୍ର ସରକାରଂକ ସାହାଯ୍ୟରେ ସ୍ଥାପନ କରାଯିବ। ଏଥିରୁ ଆଧୁନିକ ହାତଘଡ଼ି ଉତ୍ପାଦନ ହେବ।

ସ୍ଥାନ ସ୍ଥିର କରିବା ପାଇଁ ବିଶେଷଜ୍ଞମାନେ ଆସି ସବୁଆଡେ ବୁଲି ଦେଖିଗଲେ। ଶେଷରେ ରିପୋର୍ଟ ଦେଲେ, କାରଖାନା ତିଆରି ହେବ ବରୁଣେଇ ପାହାଡ଼ତଳ ପଡ଼ିଆରେ ଯେଉଁଠି ରିଚାର୍ଡ଼ସନ୍ ଏବଂ ଛୁଆଳସିଂହଂକ ସମାଧି ରହିଛି। କାରଣ ସେଠି ପାଣି ପାହାଡ଼ିଆ ଝରଣାରୁ ସୁବିଧାରେ ମିଳିବ। ମେନ୍ ଟ୍ରଂକ୍ ରୋଡ଼୍‌କୁ ମଧ ସୁବିଧାରେ ସଂଯୋଗ-ପଥ କରାଯାଇ ପାରିବ। ଏହା ଦ୍ୱାରା କାରଖାନାର ଉତ୍ପାଦନ ସହଜରେ ରେଲଷ୍ଟେସନକୁ ପଠାଯାଇପାରିବ ଏବଂ ଉପକରଣମାନ ମଧ ରେଲପଥରେ ଅଣାଯାଇ ପାରିବ। ବିଶେଷଜ୍ଞମାନଂକର ଏ ଅକାଟ୍ୟ ଯୁକ୍ତି ସରକାର ମାନିନେଲେ।

ଛୁଆଳସିଂହଂକ ଦାୟାଦମାନେ ଆପତ୍ତି ଉଠାଇଲେ : ଏଠାରେ ତାଙ୍କ ପୂର୍ବପୁରୁଷଙ୍କ ପବିତ୍ର ସମାଧିପୀଠ ରହିଛି। ସେ ମଧ ଓଡ଼ିଶାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଜଣେ ବୀର ଶହୀଦ। ତାଙ୍କ ସମାଧିକୁ ସେଠାରୁ ଉଠାଯାଇ ନପାରେ। ଏ ବିଷୟରେ ଗୋଟାଏ ଦି'ଟା ସାଧାରଣ ସଭା ମଧ କରି ପ୍ରସ୍ତାବ ପାସ୍ କରାଇ କର୍ତ୍ତୃପକ୍ଷଂକୁ ପଠାଗଲା।

ମାତ୍ର ବିଶେଷ କିଛି ଫଳ ହେଲା ନାହିଁ। ଛୁଆଳସିଂହଂକ ବଂଶଧରମାନଂକୁ ସମାଧି ସ୍ଥାନ ବିନିମୟରେ ଏକ ଶହ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ସରକାର ଘୋଷଣା କଲେ। ତା'ପରେ ସବୁ ଆଂଦୋଳନ ଚୁପ୍ ହୋଇଗଲା। ବଂଶଧରମାନେ ଏକରାରନାମାରେ ଦସ୍ତଖତ କରିଦେଲେ।

ସମାଧି ଦୁଇଟିକୁ ନଷ୍ଟ ନ କରି କାରଖାନା ପରିସର ବାହାରକୁ, ଅଧ ମାଇଲ ଘୁଂଚାଇ ନେବାକୁ ସ୍ଥିର ହେଲା। ରିଚାର୍ଡ଼ସନଂକ କଫିନକୁ ଏବଂ ଛୁଆଳସିଂହଂକ ଭସ୍ମାଧାର ତଂବାପାତ୍ରକୁ ସେଠାରୁ ଉଠାଇ ନେଇ ଅନ୍ୟତ୍ର ପୋତି ତା'ଉପରେ ସ୍ମୃତିସ୍ତଂଭମାନ

Digitized by srujanika@gmail.com

ନିର୍ମାଣ କରାଯିବ ବୋଲି ସ୍ଥିର ହେଲା । ଆହୁରି ମଧ୍ୟ ସ୍ଥିର ହେଲା ଯେ ଉଭୟ ସ୍ତଂଭର ଉଚ୍ଚତା ହେବ ସମାନ ।

ସେଦିନ ଘଂଟା କାରଖାନାର ଭିତ୍ତି ପ୍ରସ୍ତର ବା ଶିଳାନ୍ୟାସ କରାଯିବ ବୋଲି ଏକ ଉତ୍ସବର ଆୟୋଜନ କରା ହୋଇଥାଏ ।

ନିଜେ ମୁଖ୍ୟମଂତ୍ରୀ ଶିଳାନ୍ୟାସ କରିବେ ।

ମୁଖ୍ୟମଂତ୍ରୀ ଆସିଲେ । ଶିଳାନ୍ୟାସ କଲେ । ବେଦମଂତ୍ର ପାଠ ଘରେ ଘଡ଼ି କାରଖାନାର ଶୁଭ ଦିଆଗଲା । ଏମ. ଏଲ. ଏ ଓ ସ୍ଥାନୀୟ ଭଦ୍ରଲୋକ ସଭାରେ ଭାଷଣ ଦେଲେ । ଏହା ଦ୍ୱାରା ସ୍ଥାନୀୟ ବେକାର ସମସ୍ୟା ଦୂର ହୋଇପାରିବ ବୋଲି ଆଶାବାଣୀ ଶୁଣାଇଲେ । ମୁଖ୍ୟମଂତ୍ରୀ ଖୋରଧାର ଗୌରବମୟ ଇତିହାସ ଏବଂ ପାଇକ ବିଦ୍ରୋହର ମହତ୍ତ୍ୱ ବୁଝାଇ ଓଜସ୍ୱିନୀ ଭାଷାରେ ବକ୍ତୃତା ଦେଲେ ।

ଏହାର ଦୁଇବର୍ଷ ପରେ କାରଖାନା ଚାଲୁ ହେଲା । ହାତଘଡ଼ି ଉତ୍ପାଦନ ଆରଂଭ ହେଲା । ଘଡ଼ି ଉତ୍ପାଦନର ଉଦ୍‌ଘାଟନ ଉତ୍ସବ ମହାସମାରୋହର ସହିତ ପାଳିତ ହେଲା । ଏଇ ଉଦ୍‌ଘାଟନ ଉତ୍ସବରେ ପୁରୋଧା ରୂପେ ଯୋଗ ଦେଇଥାଂତି କେଂନ୍ଦ୍ର ବାଣିଜ୍ୟ ମଂତ୍ରୀ ସର୍ଦ୍ଦାର ଗୁରୁଦୟାଲ ସିଂ । ମୁଖ୍ୟମଂତ୍ରୀ ଓ ରାଜ୍ୟର ଶିକ୍ଷମଂତ୍ରୀ ମଧ୍ୟ ବରେଣ୍ୟ ଅତିଥିରୂପେ ଯୋଗ ଦେଇଥାଂତି । ବାଳିକା ସ୍କୁଲର ଛାତ୍ରୀମାନେ "ବଂଦେ ଉତ୍କଳ ଜନନୀ" ପ୍ରାରଂଭିକ ସଂଗୀତ ଗାନ କଲାପରେ ମୁଖ୍ୟମଂତ୍ରୀଙ୍କ ଅନୁରୋଧକ୍ରମେ କେଂନ୍ଦ୍ର ମଂତ୍ରୀ ପ୍ରଥମ ହାତଘଡ଼ିଟିକୁ, ଘନ ଘନ କରତାଳି ମଧ୍ୟରେ, ଉଦ୍‌ଘାଟନ କରିବେ ବୋଲି ଠିଆ ହେଲେ । ମୁଖ୍ୟମଂତ୍ରୀ ସେ ଘଡ଼ିଟିକୁ ଉପହାର ସ୍ୱରୂପ ତାଂକ ହାତରେ ପିଂଧାଇ ଦେବେ । ମାତ୍ର ତା' ପୂର୍ବରୁ କାରଖାନାର ଜେନେରାଲ ମ୍ୟାନେଜର ମିଃ ରମଣମୂର୍ତ୍ତି ନୂଆ ଘଡ଼ିଟିର ସମୟ ମିଳାଇ ଦେବାକୁ ଚାହିଁଲେ । ସେ ନିଜ ହାତରେ ଘଡ଼ି ସହିତ ନୂଆ ଘଡ଼ିଟିର ସମୟ ମିଳାଇ ଦେଲେ । ବାରଟା ବାଜି ପଂଦର ମିନିଟ ହୋଇଥିଲା ।

ଶହେ ପଂଚାବନ ବର୍ଷତଳେ ଠିକ୍ ଏଇ ଦିନ ରିଚାର୍ଡ୍‌ସନ ଏଇଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଂକ ପକେଟ ଘଡ଼ିଟିରେ ସମୟ ଉଠିଥିଲା ବାରଟା ପଂଦର । ଛୁଆଳ ସିଂ ମଧ୍ୟ ପ୍ରାୟ ସେତିକିବେଳେ ମରଶରୀର ଛାଡ଼ି ଅମର ଧାମକୁ ଯାତ୍ରା କରିଥିଲେ ।

Digitized by srujanika@gmail.com

ଭିନ୍‌ଦେଶୀ

ସଂଧ୍ୟାର ଆଲୋକ ଜଳି ଉଠିଲାଣି। ଚାରିଆଡ଼େ ଆଲୁଅର ଭୟାବହ ପ୍ରସ୍ରବଣ। ପ୍ରାଗ୍ ନଗରୀର ସେଇ ସୁବୃହତ୍ ହୋଟେଲ ପ୍ରାଂଗଣରେ ଏକୁଟିଆ ବସି ରହିବାକୁ ଭଲ ଲାଗୁ ନ ଥାଏ। ପ୍ରଫେସର କଲ୍ୟାଣ କୁମାର ଚୌଧୁରୀ ସିଗ୍ରେଟ୍ ଧରାଇଲେ। ଆଜି ସଂଧ୍ୟାରେ ଏଇଠି ମେରିଆ ସଂଗେ ଦେଖା ହେବାର କଥା ଥିଲା। ସେ ଲାଉଂଜରେ ବସି ଅପେକ୍ଷା କରୁଛଂତି। ନିକଟରେ ଡାନ୍ୟୁବ୍ ନଦୀର ସ୍ୱଚ୍ଛ ଜଳଧାର ବୋହି ଯାଉଚି। ଡାନ୍ୟୁବ୍‌ର୍ ସେଇ ସେତୁଟାର ଛାୟାଚିତ୍ର ଦୂରରୁ କେଡ଼େ ସୁଂଦର ଦେଖା ଯାଉଚି। ଏହି ଡାନ୍ୟୁବ୍ ନଦୀର କଥା ସେ କେତେ ଗଳ୍ପ ଉପନ୍ୟାସରେ ପଢ଼ିଛଂତି। ନାଜୀ ଆକ୍ରମଣରେ ସେତୁଟା ଖଂଡିଆ ଖାବଡ଼ା ହୋଇ ଯାଇଥିଲା। ବର୍ତ୍ତମାନ କମ୍ୟୁନିଷ୍ଟ ରାଷ୍ଟ୍ରରେ ତାକୁ ଆହୁରି ସୁଂଦର, ମଜବୁତ୍‌କରି ଗଢ଼ାଯାଇଛି। ସେତୁ ଉପରେ ଧାଡ଼ି ଧାଡ଼ି ଆଲୋକ ମାଳା। ସୁବର୍ଣ୍ଣ ରଂଗର ଟିଉବ୍ ଗୁଡ଼ାକ ମଝିରେ ଠାଏ ଠାଏ ନେଳିଆ ଟିଉବ୍ ଲାଇଟ୍ ଦୂରରୁ ବର୍ଣ୍ଣିଳ ତ୍ରିଭୁଜମାନ ସୃଷ୍ଟି କରିଚି।

କଲ୍ୟାଣକୁମାର ଏକ ମାସ ସକାଶେ ପ୍ରାଗ୍ ବିଶ୍ୱବିଦ୍ୟାଳୟର ନିମଂତ୍ରଣକ୍ରମେ ଚେକୋସ୍ଲୋଭାକିଆ ଆସିଛଂତି। ସେ ମଧ୍ୟବୟସ୍କ, ବେଶ ବୁଦ୍ଧିଦୀପ୍ତ ଚେହେରା। ଏଠାରେ ତାଂକର ଦଶ ଦିନ ବିତିଗଲାଣି। ତାଂକ ଗାଇଡ୍ ମେରିଆ। ସୁଂଦର ପାତଳା ଛିପ୍ ଛିପ୍ ଝିଅଟିଏ। ସେ ତାଂକୁ ବହୁ ଦର୍ଶନୀୟ ସ୍ଥାନ, ଆର୍ଟ ଗ୍ୟାଲେରୀ, ଥିଏଟର, ସଂସଦ, ପ୍ରାସାଦ, ପୁରାତନ ରାଜବାଟି, ଉଦ୍ୟାନ, ମ୍ୟୁଜିୟମ ବୁଲାଇ ଦେଖାଇଚି। ଆହୁରି ଦେଖାଇଚି ଏବଂ ସୁଂଦର ଭାବରେ ବୁଝାଇ ଦେଇଚି ଚେକ ଲୋକନୃତ୍ୟର ଗୋଟିଏ ଦିଓଟି ସମାରୋହ। କେତେ ପ୍ରକାରର ପୋଷାକ ଓ କସଟ୍ୟୁମ ଚେକ୍ ଗାଆଁ ଗଂଡା, ସହରରେ ପ୍ରଚଳିତ ସତେ! ବିଭିନ୍ନ ଅଂଚଳରେ, ବିଭିନ୍ନ ଶ୍ରେଣୀର ଲୋକଂକ ଭିତରେ କସଟ୍ୟୁମ (costume) ସ୍ୱାତଂତ୍ର୍ୟ ଓ ବୈଚିତ୍ର୍ୟରେ ଅନନ୍ୟ। କୃଷକରମଣୀ, ପଲ୍ଲିଝିଅ ଏବଂ ସେମାନଂକ ବିଭାଘରର ସାଜସଜ୍ଜା ସବୁ କି ବିଚିତ୍ର! ବିଭାଘର ଦୃଶ୍ୟ ଦେଖାଇବା ସରିଗଲା ପରେ ବରପକ୍ଷ ଓ ସ୍ତ୍ରୀଲୋକମାନେ ସଂଗରେ କାରୁକାର୍ଯପୂର୍ଣ୍ଣ ଟୋକେଇରେ ଆଣିଥିବା ବିଭିନ୍ନ ପ୍ରକାର ମିଠା ଓ ମିଠାଇ ମଂଚ ଉପରୁ ଦର୍ଶକମାନଂକ ଉପରକୁ ଫୋପାଡଂତି। ଦର୍ଶକମାନେ କୋଳାହଳ କରି ନିଜ

Digitized by srujanika@gmail.com

ନିଜ ଅସନରୁ ଉଠିଯାଇ କେକ୍ ଓ ମିଠାଇ ଗୋଟାଇ ଆଣି ଆନଂଦରେ ଖାଆଂତି- ସଂଗରେ ଥିବା ପିଟିଛୁଆଂକୁ ଦିଅଂତି- ଯଦି ସେମାନେ କିଛି କେକ୍ ସଂଗ୍ରହ କରି ପାରି ନଥାଂତି। ସମଗ୍ର ଚେକୋସ୍ଲୋଭାକିଆରେ କେତେ ରକମର ବେଶଭୂଷା ପ୍ରାଚୀନ କାଳରୁ ଆଜି ପର୍ଯଂତ ଚଳୁଛି, ଏବଂ କେତେ ରକମର କେକ୍ ଓ ପାଷ୍ଟ୍ରି ପ୍ରଭୃତି ଭିନ୍ନ ଭିନ୍ନ ଅଂଚଳରେ ଚଳେ, ସେ ସବୁର ପ୍ରତ୍ୟକ୍ଷ ପରିଚୟ ମିଳିବ ଗୋଟିଏ ଲୋକନୃତ୍ୟ ଅନୁଷ୍ଠାନ ଥରେ ମାତ୍ର ଦେଖି ଆସିଲେ। ମେରିଆ ତାଂକୁ ଇଂରାଜୀରେ ବୁଝାଇ ଦିଏ ବିଭିନ୍ନ ଅଂଚଳ ଓ ବିଭିନ୍ନ ସଂସ୍କୃତିର ବୈଶିଷ୍ଟ୍ୟ ଓ ତାତ୍ପର୍ଯ। ଅଂତରଂଗ ଭାଷାରେ ସେ ଯେପରି ତାଂକୁ ପରିଚିତ କରାଇଦେବାକୁ ଚାହେଁ ତା' ଦେଶ ସହିତ। କେତେ ଗର୍ବ ତାର ତା' ଦେଶ ପାଇଁ। କେଡ଼େ ସୁଂଦର ଓ ପ୍ରତୀକୀ ଚେହେରା ନେଇ ଚେକୋସ୍ଲୋଭାକିଆ ଛିଡ଼ା ହୁଏ ତା ଆଖି ଆଗରେ। ସେ ବିହ୍ୱଳ ହୋଇଯାଏ ତା ଦେଶର ପ୍ରତିଟି ଐତିହ୍ୟମୟ କାଳକୃତିର ବର୍ଣନା କଲାବେଳେ। ପୁରୁଣା ରାଜବାଟିଗୋ ସଂବଂଧରେ ତାର ଗୌରବ ମଂଡିତ ମନୋଭଂଗୀ ଫୁଟିଉଠେ ସେ ଯେତେବେଳେ ତାର ପ୍ରତିଟି ଭିତ୍ତିଚିତ୍ର, ସ୍ଥାପତ୍ୟ, କାଠର ସରୁସରୁ କାମ, ମାର୍ବେଲ ମୂର୍ତି ଓ ସୁରାପାତ୍ର ଏବଂ କାର୍ପେଟ, ଗାଲିଚା ଓ ସୂକ୍ଷ୍ମ କାରୁକାର୍ଯର ପରଦା ଓ ଶୟନ କକ୍ଷର ତକିଆ, ଚାଦର ପ୍ରଭୃତି ଦେଖାଇ ଚାଲିଥାଏ।

ମେରିଆ ଆସି ପହଂଚିଲା। ହସି ହସି ଅଭିବାଦନ ଜଣାଇଲା ତାର ଅତିଥିଂକି। ମୁହଁରୁ ସିଗ୍ରେଟଟା କାଢ଼ିନେଇ ପାଉଁଶଦାନୀ ଭିତରେ ଫିଂଗି ଦେଇ ପଚାରିଲା, କେମିତି ଅଛଂତି ?

କଲ୍ୟାଣକୁମାର କହିଲେ, "ଫାଇନ୍। ମୁଁ ତ ତମକୁ ଅପେକ୍ଷା କରୁଥିଲି।"

ମେରିଆ କହିଲା, "ମୁଁ ଜାଣେ। ମୁଁ ଦୁଃଖିତ ଯେ ମୋର ଟିକିଏ ଡେରି ହୋଇଗଲା। ଆଜି ମା ଓ ଭଉଣୀ ଦିହେଁ ଫିଲମ୍ ଦେଖିବାକୁ ଯାଇଛଂତି। ସେଥିପାଇଁ ସେମାନଂକ ପାଇଁ ରାତିରେ ଖାଇବାଟା ତିଆରି କରିବାକୁ ପଡ଼ିଲା। ଟିକିଏ ଡେରି ହୋଇଗଲା- ନୁହେଁ ?" ପ୍ରଫେସର ଚୌଧୁରୀ କହିଲେ, "ନା, ସେମିତି କିଛି ନୁହେଁ। ତମେ ବସ। ତମ ପାଇଁ କଣ ବରାଦ ଦେବି ? ହୁଇସ୍କି ?"

"ନା, ଧନ୍ୟବାଦ। ଶେରୀ-"

ପ୍ରଫେସର ଚୌଧୁରୀ ନିଜ ପାଇଁ ଭଡ୍‌କା ଏବଂ ମେରିଆ ପାଇଁ ଶେରୀ ବରାଦ ଦେଲେ ଏବଂ ପରେ ଡ଼ିନାର ଦେବାକୁ କହିଲେ। ରାଇସ୍ (ଭାତ) ଓ ଚିକେନ୍ ପ୍ରସ୍ତୁତ କରିବାକୁ କହିଲେ। ମେରିଆ ରାଇସ୍ ଭଲପାଏ, ସେ ଜାଣଂତି। ଗତକାଲି ଏକ 'ଫିଶ୍ ରେଷ୍ଟୋରାଁ'ରେ ସେମାନେ ଏକତ୍ର ମଧ୍ୟାହ୍ନ ଭୋଜନ କରିଥିଲେ।

କଥା ପ୍ରସଂଗରେ ପ୍ର. ଚୌଧୁରୀ ମେରିଆକୁ ସେ ଗୀତ ଗାଇପାରେ କି ନାଇଁ ପଚାରିଲେ। ପଚାରିବାର ଗୋଟାଏ କାରଣ ଥିଲା। ମେରିଆର କଂଠସ୍ୱର ଅସଂଭବ ମିଠା। ତା କଥାବାର୍ତାରୁ ଯେମିତି ସଂଗୀତ ଝରିପଡ଼େ। ତାର ସୋଜା ଗଢ଼ୁ ଦେହଟି ମଧ୍ୟ ସେଇପରି ଛଂଦୋମୟ।

ମେରିଆ ସିଗାରେଟ୍‌ଟା ମୁହଁରୁ କାଢ଼ି କହିଲା : "ହଁ, ନିଶ୍ଚୟ। କାହିଁକି ?"

Digitized by srujanika@gmail.com

ମିଃ ଚୌଧୁରୀ କହିଲେ,- "ଏମିତି ପଚାରିଲି। କିଛି ଖାସ୍ କାରଣ ନାହିଁ। ତମ ଗଳାର ସ୍ୱର ଖୁବ୍ ମିଠା କି ନା।"

ମେରିଆ ଟିକିଏ ହସି କହିଲା : "ଅନେକ ଧନ୍ୟବାଦ।"

ତା'ପରେ କିଛି ସମୟ ନୀରବତା। ଦୂରରେ ଡାନ୍ୟୁବ୍ ନଦୀ ଚୀର୍ଯକ ଆଲୁଅମାନଙ୍କରେ ଝଲମଲ କରୁଚି।

ମେରିଆ କହିଲା : "ମୁଁ ଏକ ଅପେରା ପାର୍ଟିରେ ଥିଲି। ଗୀତ ଓ ନୃତ୍ୟ ହିଁ ଥିଲା ମୋର ପ୍ରଥମ ବୟସର ନିଶା ଏବଂ ପରେ ପେଶା।"

ପ୍ରଫେସର ଚୌଧୁରୀ କହିଲେ : "ମୁଁ ମଧ୍ୟ ସେମିତି କିଛି ଠଉରାଇଥିଲି।"

ମେରିଆ କହିଲା : "ମୁଁ ସେ ଅପେରା ପାର୍ଟିରେ ଆମେରିକା ଯୁକ୍ତରାଷ୍ଟ୍ର ଯାଇଥିଲି ଦୁଇବର୍ଷ ତଳେ।"

ପ୍ରଫେସର ଚୌଧୂରୀ ପଚାରିଲେ : "ଆମେରିକା କିମିତି ଲାଗିଲା ?"

ମେରିଆ କହିଲା :"ମନ୍ଦ ନୁହେଁ। ସେଠାର ଲୋକମାନେ ଖୁବ୍ ଭଦ୍ର, ମେଳାପୀ ଆଉ ବନ୍ଧୁଭାବାପନ୍ନ।"

କିଛିକ୍ଷଣ ନୀରବ ରହି ପ୍ରଫେସର ଚୌଧୁରୀ କହିଲେ : "ତମେ ଯଦି କିଛି ମନେ ନ କର ଗୋଟିଏ କଥା ପଚାରିବି। ତମେ କାହାକୁ ଭଲ ପାଇଚ ମେରିଆ ? ବିବାହ କରିନା କାହିଁକି ?"

ମେରିଆର ଆଖି ଛଳଛଳ ହୋଇ ଆସିଲା। ସେ ଟିକିଏ ଗୁମ୍ ମାରିଯାଇ କହିଲା : "ମୁଁ ନ୍ୟୁୟର୍କରେ ଗୋଟିଏ ପିଲାକୁ ଭଲ ପାଉଥିଲି। ସେ ରୋଜ୍ ଆମ ପରଫରମାନ୍‌ସ ଦେଖିବାକୁ ଆସୁଥିଲା। ମୋତେ ମଂଚ ଉପରେ ଫୁଲତୋଡ଼ା ଉପହାର ଦେଇ ଯାଉଥିଲା। ଯେଉଁଦିନ ଶୋ' ନଥାଏ, ଆମେ ପ୍ରାୟ ସମସ୍ତ ଦିନ ଓ ସଂଧ୍ୟାଟା କଟାଇ ଦେଉଁ ବାହାରେ। ସାରା ନ୍ୟୁୟର୍କଟା ଆମେ ପାଦରେ ଚାଲି ଚାଲି ଘୁରିବୁଲୁଁ। ଥକିଗଲେ ପାର୍କରେ ବା ଇଷ୍ଟ ନଦୀ କୂଳରେ ବସି ସ୍ୟାଂଡ୍‌ଉଇଚ ଓ ବିଅର ଖାଉଁ। କେତେଥର ଜାତିସଂଘ ପରିସର ଭିତରେ ଘାସ ଲନ୍‌ରେ ବସି ନିଜର ରଂଗୀନ ଭବିଷ୍ୟତର କଳ୍ପନା କରିଛୁଁ।"

ପ୍ରଫେସର ଚୌଧୁରୀ ପଚାରିଲେ- "ତାକୁ ବିବାହ କଲ ନାହିଁ କାହିଁକି ?"

ମେରିଆ କହିଲା : "ଆମ ଦେଶରେ ଜଣେ ବୈଦେଶିକ ବିବାହ କରିବା ସେତେ ସହଜ ନୁହେଁ। ତା'ଛଡ଼ା ଆମେ ନ୍ୟୁୟର୍କରୁ ବଷ୍ଟନ ଗଲୁଁ। ଏବଂ ସେଠାରେ ଏକମାସ ଅଭିନୟ କରି ଦେଶକୁ ଫେରି ଆସିଲୁଁ। ରୋନାଲଡ ଭିଏଟନାମ ଗଲା। ସେଠାରେ ବରାବର୍ ଚିଠିପତ୍ର ଦେଉଥାଏ। ପ୍ରତି ଚିଠିରେ ତାର ହୃଦୟର ଉଲ୍ଲାସ ଉଛୁଳି ଉଠୁଥାଏ। ମୁଁ ମଧ୍ୟ ନିୟମିତ ଚିଠି ଦେଉଥାଏ। ମାତ୍ର ସେ ଅଧିକାଂଶ ଚିଠି ପାଉନଥାଏ ବୋଲି ତା ଚିଠିପତ୍ରରୁ ଜଣାଯାଉଥିଲା। ତା'ପରେ କଣ ହେଲା କେଜାଣି ସେ ହଠାତ୍ ନୀରବ ହୋଇଗଲା। ଆଉ କୌଣସି ଚିଠିପତ୍ର ଆସିଲା ନାଇଁ। କ'ଣ ଯେ ତାର ହେଲା ମୁଁ କିଛି ବୁଝି ପାରେ ନାଇଁ।"

Digitized by srujanika@gmail.com

ଡିନର୍ ପରେ ବୟ କଫି ଦେଇଗଲା। ଚେକୋସ୍ଲୋଭାକିଆ ସ୍ଲାଭାକ୍ ଅପେକ୍ଷା ବେଶୀ କଂଟିନେଂଟାଲ। ଏଠି ଅଧିକାଂଶ ଲୋକେ ଇଂରାଜୀ ବୁଝଂତି ଓ କହି ପାରଂତି- ଋଷିଆ ଭଳି ନୁହେଁ। ସେଠି ତ ଗାଇଡ୍ ନଥିଲେ ପଦେ ବି କାହା ସଂଗେ କଥାବାର୍ତ୍ତା କରି ପାରିବ ନାହିଁ। ଏଠାରେ ହୋଟେଲର ସ୍ୱାଗତକାରିଣୀଠାରୁ ବୟ ପର୍ଯ୍ୟଂତ ସମସ୍ତେ ଇଂରାଜୀ ବୁଝଂତି ଓ କହଂତି। କିଛି ଅସୁବିଧା ନାହିଁ। ବୟ ଟ୍ରେରେ କଫି ରଖି ଦେଇଗଲା। ପଚାରିଲା : ''ଏନିଥିଂ ମୋର୍ ସାର୍ ?''

ସେମାନେ ମୁଂଡ ହଲାଇ ନାହିଁ କଲେ। ମେରିଆ ଦୁଇଟି କପ୍‌ରେ କଫି ଓ କ୍ଷୀର ଢାଳିଦେଲା କଲ୍ୟାଣକୁମାର। ଚିନି ଦେବାକୁ ଗଲେ। ପଚାରିଲେ : ''ଗୋଟିଏ ଟାମୁଚ ?''

ସେ ହସି ହସି କହିଲା :''ନା, ଥାଉ। ଧନ୍ୟବାଦ। ଆଇଆମ୍ ସ୍ୱିଟ୍ ଏନଫ୍। ('ମୁଁ ନିଜେଇ ବେଶ୍ ମିଠା')'' ଦୁହେଁ ହସିଉଠିଲେ।

କଫି ପରେ ପ୍ରଫେସର ଚୌଧୁରୀ ଓ ମେରିଆ ହାତ ଛଂଦାଛଂଦି ହୋଇ କିଛି ସମୟ ଲନ୍‌ରେ ବୁଲିଲେ। ଡାନ୍ୟୁବ ନଦୀ ତୀର୍ଯକ ଆଲୋକମାଳାରେ ଝଲମଲ କରୁଥାଏ। କିଛି କ୍ଷଣପରେ ମେରିଆ ବିଦାୟ ମାଗିଲା। ଆସଂତାକାଲି ସକାଳ ୯ଟାରୁ ନ୍ୟାସନାଲ ଆର୍ଟ ଗ୍ୟାଲେରୀ ଦେଖିବାର ପ୍ରୋଗ୍ରାମ ଥାଏ। ମେରିଆ ଆସଂତକାଲିର କାର୍ଯ୍ୟକ୍ରମ ତାଂକୁ ମନେ ପକାଇଦେଲା। ପ୍ରଫେସର ଚୌଧୁରୀ ଟିକିଏ ଭାବପ୍ରବଣ ହୋଇପଡ଼ିଥିଲେ ଯେ। ସେ ଯେପରି ମେରିଆକୁ ଏତେ ଶୀଘ୍ର ବିଦାୟ ଦେବାକୁ ଚାହୁଁ ନଥିଲେ। ସେ ମେରିଆର ହାତ ପାପୁଲିକୁ କିଛି ସମୟ ନିଜ ହାତମୁଠାରେ ଚାପିରଖିଲେ।

ମେରିଆ କହିଲା 'ବାଇ'। ତା'ପରେ ବିସ୍ତୀର୍ଣ୍ଣ ରାଜପଥରେ କୁଆଡ଼େ ହଜିଗଲା। ଚାରିଆଡ଼େ ଏକ ଫାଂକା ଶୂନ୍ୟତା।

ତା'ପର ଦିନ ନ୍ୟାସନାଲ ଆର୍ଟ ଗ୍ୟାଲେରୀରେ ଦୁହେଁ ବୁଲି ବୁଲି ଯୁଗ ଯୁଗର ଚିତ୍ର ସଂପଦ ଦେଖୁଥାଂତି। ଦୁହିଂକ ମନରେ ଆନଂଦ ଓ ବିସ୍ମୟ। ପ୍ରାକ୍-ରାଫେଲ ଯୁଗରୁ ପିକାଶୋଂକ ପର୍ଯ୍ୟଂତ କେତେ ଶିଳ୍ପୀଙ୍କର କେତେ ନିପୁଣ ହସ୍ତାକ୍ଷର ! ବାଇଜାଏନ୍‌ଟିନ୍ ଓ ରେନେସାଁଠାରୁ ପରାବାସ୍ତବ (ସରରିୟଲିଷ୍ଟ)- ଏବଂ ନୈରୂପ୍ୟବାଦ (ଆବ୍‌ଷ୍ଟ୍ରାକ୍ଟ) ପର୍ଯ୍ୟଂତ କେତେ ସୃଜନଶୀଳ ନିପୁଣ ହାତର ଅମର କୃତି।

ବାଇଜେନଟାଇନ୍ ଠାରୁ ରେନସାଁ- ତା'ପରେ ପ୍ରାକୃତିକବାଦ, ଔତ୍ସୁକ୍ୟବାଦ, ଆଭାସବାଦ (ଇଂପ୍ରେସେନିଜିମ୍) ଡାଡାବାଦ, ଆବର୍ତ୍ତବାଦ (ଭାର୍ଟିସିଜମ୍) କେଡ଼େ ବିସ୍ତୀର୍ଣ୍ଣ ଚିତ୍ରପଟ। ଦୁଇ ପରିଦର୍ଶକଂକର ମନେ ହେଉଥିଲା ସମୟ ଯେପରି ଏଠାରେ ବଂଦୀ। ଶତାବ୍ଦୀ ପରେ ଶତାବ୍ଦୀ ଯେପରି ଏଇ ବିଚିତ୍ର ଚିତ୍ରମାଳାମଧ୍ୟରେ ଆପେ ଆପେ ବିଧୃତ ହୋଇ ରହିଛଂତି।

ରାଫେଲଂକର କେତୋଟି ଚିତ୍ର ସତରେ ବଡ଼ ପ୍ରାଣବଂତ। ତା'ପରେ ଔତ୍ସୁକ୍ୟବାଦୀ (ରୋମାଂଟିକ୍) ଓ ଇଂପ୍ରେସନିଷ୍ଟ- ସେଁଜେ, ଗୋଁଗା, ପରାସୀ ଚିତ୍ରୀ ମ୍ୟାନେଟ୍;

Digitized by srujanika@gmail.com

ମୋଦିଗ୍ଲିଆନୀ, ଚାଗ୍ୟାଲ, ପିକାଶୋ, ଡ୍ୟାଲି କେତେ କାଳୋତ୍ତୀର୍ଣ୍ଣ ପ୍ରତିଭାର ସମାହାର। କେଉଁଟାକୁ ଛାଡ଼ି କେଉଁଟାକୁ ଦେଖିବେ। କ୍ରୁଶବିଦ୍ଧ ଯୀଶୁଙ୍କର ସେଇ ଯଂତ୍ରଣାକାତର, କ୍ଷମାଶୀଳ ମୁଖମଂଡଳ ମେରିଆକୁ ଗତିହୀନ, ପଲକହୀନ କରି ଦେଇଚି। ତା ଆଖି ସେଥିରୁ ମୁକ୍ତ ହେବାକୁ ଚାହେଁ ନାଇଁ। ପିକାଶୋଂକର୍ ସେଇ ବିଶ୍ୱପ୍ରସିଦ୍ଧ ଅଂକନ 'ଗ୍ରେରେନିକା' ଫ୍ୟାସିବାଦ ବିରୁଦ୍ଧରେ ଆର୍ତ ମାନବିକତାର ଭୟାତୁର କରୁଣ ଚିତ୍କାର, ତା'ପରେ ଦୋଳାୟମାନ ଚୌକୀରେ ବସିଥିବା ଭଦ୍ରମହିଳା, ଏବଂ ଚ୍ୟାଗାଲ୍‌ଙ୍କର ସେଇ ଅସ୍ତସୂର୍ଯ୍ୟ ରଂଗର ଘୋଡ଼ାଟା ଦୁହିଁଙ୍କି ଆକୃଷ୍ଟ ଓ ଆବିଷ୍ଟ କରିଚି। ଇଂରାଜୀ ଶିଳ୍ପୀ କନ୍‌ଷ୍ଟେବଲ୍‌ଙ୍କର ଅଂକନ- 'ଶସ୍ୟକ୍ଷେତ୍ର' (ଦି କର୍ଣ୍ଣଫିଲଡ୍) ନିକଟରେ ଦୁହେଁ ଟିକିଏ ଅଟକିଗଲେ। ଫରାସୀ ଚିତ୍ରୀ ଡେଗାସଂକ 'ନୃତ୍ୟଶିକ୍ଷା' (ଡ୍ୟାନ୍‌ସିଂ ଲେସନ) ଚିତ୍ରଟି ଦୁହିଁଙ୍କ ପ୍ରାଣରେ ସମାନ ରେଖାପାତ କରିଚି। ଗୌଁଗାଂକର ପୁଷ୍ପବିଭୂଷିତା ହାୱାଇ ଝିଅମାନଙ୍କର ସେଇ ଅପୂର୍ବ ଚିତ୍ରଟି ଉପରୁ କେହି ଆଖି ଫେରାଇ ପାରୁନାହାଂତି। ଦୁହେଁ ଦିହିଁଂକର ପ୍ରାୟ ଲଗାଲଗି ହୋଇ, କେତେବେଳେ ଜଣକ ଦେହରେ ଆଉ ଜଣେ ଜଡ଼ିଯାଇ ପୃଥିବୀରେ ଶ୍ରେଷ୍ଠ ଶିଳ୍ପୀମାନଙ୍କର ସୃଜନକର୍ମ ନିରୀକ୍ଷଣ କରୁଛଂତି। ଗ୍ୟାଲେରୀ ଗୁଡ଼ାକ ପ୍ରାୟ ଫାଂକା। କେତେବେଳେ କିମିତି ଜଣେ ଅଧେ କିଏ ଦର୍ଶକ ପଶିଆସୁଛଂତି। ତା ନହେଲେ ସେଇ ବିରାଟ କକ୍ଷଗୁଡ଼ାକ ଭିତରେ ସେମାନେ ପ୍ରାୟ ଏକା।

ହଠାତ୍ ପ୍ରଫେସର ଚୌଧୁରୀ ଏବଂ ମେରିଆ ଗୌଁଗାଂକର ଗୋଟିଏ ଚିତ୍ର ନିକଟରେ ଝରକା ପାଖରେ ଟିକେ ଛିଡ଼ାହେଲେ। ଦୂରରୁ ଦିଶୁଚି ଡାନ୍ୟୁବ୍ ନଦୀ ଏବଂ ନଦୀରେ ଭାସି ଯାଉଥିବା କେତୋଟି ଜାଲିବୋଟ୍। କେତୋଟି ପାଣିକୁଆ ମୁକ୍ତ ଆକାଶ ତଳେ ନଦୀ ଉପରେ ପଇଁତରା ମାରୁଛଂତି। ପ୍ରଫେସର ଚୌଧୁରୀ ମେରିଆକୁ ପାଖକୁ ଟାଣିନେଇ ତା ଗାଲରେ ଆଂକିଦେଲେ ଚୁଂବନ ଉପରେ ଚୁଂବନ। ମେରିଆ ଆବିଷ୍ଟ ମନରେ ଝୁଲିପଡ଼ିଥିଲା ତାଂକ କାଂଧ ଉପରେ। କାହାର ଯେପରି କିଛି ସମୟ ପାଇଁ ହୋସ୍ ନଥିଲା।

ତା'ପରେ କିଛି ସମୟ ମେରିଆ ହାତକୁ ଚାପି ଧରି ପ୍ରଫେସର ଚୌଧୁରୀ କହିଲେ: "ମେରିଆ, ଗୋଟାଏ କଥା ପଚାରିବି? କେତେଦିନ ହେଲା ପଚାରିବି ପଚାରିବି ହୋଇ ସୁବିଧା ପାଇ ନାଇଁ।"

ମେରିଆ ଅଳ୍ପ ହସି କହିଲା: "କାହିଁକି, ପଚାରୁ ନାହାଂତି।"

ପ୍ରଫେସର ଚୌଧୁରୀ ଟିକିଏ ରହିଗଲେ। ମେରିଆ କହିଲା, "କ'ଣ ହେଲା?"

ପ୍ରଫେସର ଚୌଧୁରୀ ତଥାପି ଚୁପ। ତା'ପରେ କିଛିକ୍ଷଣ ପରେ ପଚାରିଲେ:- "ମେରିଆ, ତମେ ଭଗବାନ ମାନ?"

ମେରିଆ ସଂଗେ ସଂଗେ ଜବାବ ଦେଲା: "ଓ, ନୋ, ନୋ। (ନା। ନା)"

ପ୍ରଫେସର ଚୌଧୁରୀ ଅପ୍ରସ୍ତୁତ ହୋଇଗଲେ। ସେ ଏଭଳି ରୋକଠୋକ ଜବାବ ଆଶା କରି ନଥିଲେ।

Digitized by srujanika@gmail.com

ସେ ଟିକିଏ ଆହତ କଂଠରେ ସ୍ପଷ୍ଟୀକରଣ ଲୋଡ଼ିଲେ। ତାଂକ ସ୍ୱରରେ ଆଉ ସେ ପୂର୍ବ ସଜୀବତା ନାହିଁ।

"ବିପଦ ଆପଦରେ ପଡ଼ିଲେ, ଗଭୀର ମାନସିକ ସଂକଟରେ ପଡ଼ିଲେ, ତମର କ'ଣ ସତରେ ମନେହୁଏନା ମେରିଆ ଯେ ଗୋଟାଏ ନୈସର୍ଗିକ ଶକ୍ତି- ଗୋଟାଏ ନୈର୍ବ୍ୟକ୍ତିକ ସତ୍ତା କିଛି ଅଛି ଯାହା ମଣିଷକୁ ସାହାଯ୍ୟ କରିପାରେ- ଅଦୃଶ୍ୟ ଶକ୍ତି ବା ପ୍ରେରଣା ଦେଇପାରେ। ଆମେ ବାସ୍ତବଜ୍ଞାନ ଦେଇ ଯାହା ଦେଖୁଁ, ଯେତିକି ଦେଖୁଁ, ସେତିକି କ'ଣ ସବୁ? ନା ତା' ପଛରେ ଗୋଟାଏ ଅଦୃଶ୍ୟ ଶକ୍ତି କାମ କରୁଚି। ଏକ ଅଦୃଶ୍ୟ କ୍ରିୟା ଚାଲିଛି ଆମ ଜ୍ଞାନ ଓ ବୁଦ୍ଧିର ବାହାରେ।"

ମେରିଆ ସହଜ କଂଠରେ କହିଲା:

"ନା, ସେପରି କିଛି ତ ଆମେ ଅନୁଭବ କରୁନା। ଜୀବନର ସବୁଠାରୁ ସଂକଟମୟ ମୁହୂର୍ତ୍ତରେ ମଧ ମୁଁ କେବେ ଭଗବାନଂକ କଥା ଭାବି ନାଇଁ ବା ତାଂକୁ ଡାକି ନାଇଁ। ଆମେ ପିଲାଦିନୁ ଏହିପରି ଭାବରେ ହିଁ ବଢ଼ିଛୁଁ। ସ୍କୁଲରେ ଆମକୁ କେହି ଭଗବାନଂକ ସଂବଂଧରେ କିଛି ଶିକ୍ଷା ଦେଇ ନାହାଂତି। ଘରେ ବାପା ମା ମଧ। ତେବେ ମୋର ଜେଜେମା ଓ ଜେଜେବାପା ବଂଚିଥିଲାବେଳେ ରବିବାର ଦିନ ଚର୍ଚ୍ଚକୁ ଯାଉଥିଲେ। ମୋର ମନେ ଅଛି ସେମାନେ ଆଂଠୁମାଡ଼ି ବସି ଈଶ୍ୱରଂକୁ ପ୍ରାର୍ଥନା କରଂତି। ମୋତେ ମଧ ସେମାନେ କେତେଥର ଚର୍ଚ୍ଚକୁ ନେଇ ଯାଉଥିଲେ। ମୋତେ ଖୁବ୍ ଭଲ ଲାଗୁଥିଲା ଚର୍ଚ୍ଚ, ସେଠାକୁ ଯାଉଥିବା ଲୋକଂକୁ, ସେଠାର ପରିବେଶ। ମୁଁ କେତେଥର ଈଶ୍ୱରଂକ ବିଷୟରେ ଜେଜେବାପାଂକୁ ପଚାରିଚି। ମାତ୍ର ସେ କିଛି ବୁଝାଇ ପାରିନାହାଂତି।"

ପ୍ରଫେସର ଚୌଧୁରୀ କିଛି କହିଲେ ନାଇଁ। ଚୁପ୍ ହୋଇ ସବୁ ଶୁଣୁଥିଲେ।

ତା'ପରେ କହିଲେ, "ଚାଲ ଯିବା। ବଡ଼ କ୍ଳାଂତ ବୋଧ କରୁଛି।"

Digitized by srujanika@gmail.com

ସାକ୍ଷୀ

"ମୁଁ ଜିନତାନ ସାହୁ, ପିତା ସ୍ୱର୍ଗୀୟ ଶାଳଗ୍ରାମ ସାହୁ ବୟସ ୫୩ ବର୍ଷ, ସାକିନ ଅଲିସା ବଜାର, କଟକ-୨, ଥାନା ଲାଲବାଗ, ନିୟମ କରି କହୁଛି ଯେ ଯାହା କହିବି ସତ କହିବି, ସତ ଛଡ଼ା ଅନ୍ୟ କିଛି କହିବି ନାହିଁ।"

ମୁଦାଲା ପକ୍ଷ ଓକିଲ ଆକୁଳି ବାବୁ ଜେରା କଲେ :

"ତମେ କର କ'ଣ ?"

"ଆଜ୍ଞା ମୋର ଖଂଡ଼େ ପାନ ଦୋକାନ ଅଛି।"

"ତମେ ଦୋକାନରେ କ'ଣ ବିକ ?"

"ଖିଲିପାନ, ବିଡ଼ି, ସିଗାରେଟ, ଧୂଆଁପିଂକା, ଡିଆସିଲି, ସୁବଳ ଜର୍ଦା, କେଶବ ପତି,..."

"ଆଉ କ'ଣ ବିକ ?"

"ଆଜ୍ଞା, ନେହୁରୁ ଗୁଂଡ଼ି, ଗାଂଧିମାର୍କା ସୁପାରି, ପାନ ମସଲା, ବିସ୍‌କୁଟ, ଚକୋଲେଟ, ଲକ୍‌ସ ସାବୁନ ଲୁଗାଧୁଆ ସାବୁନ ଇତ୍ୟାଦି।"

ଏତିକିବେଳେ ମାଜିଷ୍ଟ୍ରେଟ ସାହେବ କୌତୁହଳୀ ହୋଇ ପଚାରିଲେ :

"ଜିନତାନର ଅର୍ଥ କଣ ?"

"ହଜୁର, ମୋ ବାପା ବି ପାନ ଦୋକାନୀ ଥିଲେ। ସେତେବେଳେ 'ଜିନତାନ୍' ନାମରେ ଏକ ଲାଲଲାଲ ପାନ ମସଲା ଗୋଲି ବିଲାତରୁ ଜାହାଜରେ ଆସୁଥିଲା। ଗୋଟିଏ ଛୋଟ ଚୌକଣିଆ ଟିଣ ଡବାରେ ପଚାଶଟି ଗୋଲି। ସେ ଡବାଟି କି ସୁଂଦର ଚିତ୍ର ବିଚିତ୍ର ହୋଇଥାଏ। ଦେଖିଲେ ମନ ପୂରି ଯିବ। ଦାମ ମୋଟେ ତିନି ଅଣା। ଭାରି ବାସ୍ନା ହଜୁର। ଗୋଟାଏ ଗୋଲି ପାଟିରେ ପକାଇଲେ ଦିନସାରା ମହକୁଥିବ। ଗୋରା ସାହେବମାନେ ଘୋଡ଼ାରେ ଚଢ଼ି ଆମ ଦୋକାନକୁ ଖିଲିପାନ ଖାଇବାକୁ ଆସୁଥିଲେ। ଖୋଦ୍ କମିଶନର ଜେଫରସନ ସାହେବ..."

ମାଜିଷ୍ଟ୍ରେଟ ହାତ ହଲାଇ କହିଲେ, "ବେଶ ଥାଉ, ଥାଉ...।" ଆକୁଳି ବାବୁ ଜେରା କଲେ-

"ଆଚ୍ଛା, ତମେ କେତେ ବର୍ଷ ହେଲା ଧଂଦା କରୁଛ ?"

"ଆଜ୍ଞା, ପଂଚମ ଶ୍ରେଣୀରେ ପଢ଼ିବା ଦିନୁ। ଆଜିକି ପ୍ରାୟ ୪୫ ବର୍ଷ ହୋଇଯିବ। ଡାହାଣ ହାତ ଆଂଗୁଠି ଦି'ଟା ଚୁନ ଲାଗି ଲାଗି ସଢ଼ି ଯାଇଛି।"

Digitized by srujanika@gmail.com

ସେ ମାଜିଷ୍ଟ୍ରେଟଙ୍କୁ ଆଂଗୁଠି ଦେଖାଇଲା।

''ହଜୁର ପ୍ରଥମେ ଘଂଟାଏ ଦି'ଘଂଟା ଦୋକାନରେ ବସୁଥିଲି। ବାପା ପାଠ ଛଡ଼େଇ ଦେଇ କହିଲେ, ଏଣିକି ଦି'ଓଳା ବସ। ସେଇଦିନୁ ତ ହଜୁର ପାନ ଭାଂଗୁଛି।''

''ତମେ ଏ ମୋକଦମାର ଆସାମୀ ବଇଜୁ ସାମଲଙ୍କୁ ଜାଣ ?''

''ଆଜ୍ଞା ହଁ।''

''କେତେ ଦିନରୁ ଜାଣ ?''

''ଆଜ୍ଞା ଦୁଇ ବର୍ଷ ହୋଇଯିବ।''

''କିପରି ଜାଣିଲ ?''

''ସେ ମଝିରେ ମଝିରେ ସାଇକେଲରେ ଆସି ମୋ ଦୋକାନରେ ଟିକିଏ ବସେ। ପାନ ଖାଏ, ବିଡ଼ି ସିଗାରେଟ ଟାଣେ। କେବେ କେବେ ଖଂଡ଼େ ଦି'ଖଂଡ଼ ବିସ୍କୁଟ୍ ଚୋବାଏ। ଘଂଟାଏ ଦି'ଘଂଟା ରହି ଚାଲିଯାଏ ?''

''ଘଂଟାଏ ଦି'ଘଂଟା କ'ଣ କରେ ?''

''ଆଜ୍ଞା, ପେଂଟ୍ ପକେଟରେ ହାତ ରଖି ରାସ୍ତା କଡ଼ରେ ଛିଡ଼ା ହୋଇ ରହେ। ଶୁଷୁରି ବଜାଏ। କଲେଜ ଝିଅମାନେ ରିକ୍ସାରେ ଯିବା ଆସିବା କଲାବେଳେ ଚାହିଁ ରହେ।''

ମୁଦେଇ ପକ୍ଷ ସରକାରୀ ଓକିଲ ହାକିମଂକୁ ସାକ୍ଷୀର ଜମାନ ବଂଦି ଲେଖିବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କହିଲେ :

''ହି କିପ୍‌ସ ଅନ୍ ଲୁକିଂ ଆଟ୍ ଦି କଲେଜ୍ ଗାର୍ଲ୍ସ ହ୍ୱାଇଲ୍ ଦେ ପାସ୍ ବାଇ ରିକ୍ସାଜ୍।''

ମୁଦେଇ ପକ୍ଷ ଓକିଲ ଆକୁଳି ବାବୁ ଆପତ୍ତି କଲେ :

''ଇୟୋର୍ ଅନ୍‌ର, ଇଟ୍ ଇଜ୍ ଇରେଲିଭାଣ୍ଟ୍।''

(ହଜୁର, ମୂଳ ମୋକଦମା ସଂଗେ ଏହାର କିଛି ସଂବଂଧ ନାହିଁ। ଏହା ଅବାଂତର।)

ସରକାରୀ ଓକିଲ କହଲେ : ''ହଜୁର ସଂବଂଧ ଅଛି। ଏହା ଆସାମୀର ଚାରିତ୍ରିକ ଦୁର୍ବଳତା ପ୍ରକାଶ କରେ।''

ଆକୁଳି ବାବୁ : ''କଦାପି ନୁହେଁ। ଏହ ବରଂ ତା'ର ସୂକ୍ଷ୍ମ ସୌଂଦର୍ଯବୋଧର ପ୍ରମାଣ ଦିଏ। ପ୍ରତ୍ୟେକ ଉତ୍କଳୀୟ ହିଁ ସୌଂଦର୍ଯପ୍ରିୟ। ଏହା ଦୂଷଣୀୟ ନୁହେଁ।''

ହାକିମ ମୁରୁକିହସା ଦେଇ କହିଲେ : ''ଆପଣମାନେ ସୌଂଦର୍ଯତତ୍ତ୍ୱ ଆଡ଼କୁ ମାଡ଼ି ଯାଇଛଂତି କାହିଁକି ? ମୂଳ ସାଇକେଲ ଚୋରି କେସ୍ ଉପରକୁ ଆସଂତୁ।''

ଚିନତାନକୁ ଖୁବ୍ ମଜା ଲାଗୁଥାଏ। ତା' ଜମାନବଂଦିର ପଦେ ପଦେ କଥାରେ ଯେ ଏଭଳି ତୁମୁଳ ତର୍କ-ଯୁଦ୍ଧ ଲାଗିଯାଇପାରେ ଏହା ସେ ପୂର୍ବରୁ ଧାରଣା କରି ନଥିଲା। ପ୍ରଥମେ କାଠଗଡ଼ାରେ ଚଢ଼ିଲାବେଳେ ତା'ର ଯେଉଁ ହୃଦୟ ଦୌର୍ବଲ୍ୟ ଥିଲା ତାହା ଧୀରେ ଧୀରେ କଟିଯାଇ ଆତ୍ମବିଶ୍ୱାସ ଫେରି ଆସୁଥିଲା।

ଆକୁଳି ବାବୁ ଜେରାକଲେ :

Digitized by srujanika@gmail.com

"ଆଚ୍ଛା, ବାଜେ କଥା ରଖି ମୋ' ପ୍ରଶ୍ନର ଠିକ୍ ଠିକ୍ ଜବାବ ଦିଅ। ତମେ ବଇଜୁ ଘର ଦେଖିଛ ?"

"ନା ସାର୍। ତେବେ ତା'ଠୁ ଶୁଣିଛି ତା'ଘର ଖାନନଗର ପାଖରେ କେଉଁଠି।"

"ତା' ହେଲେ ତା' ସାଇକେଲକୁ ଦେଖିଲ କିମିତି ?"

"ସେ ଚଢ଼ିକରି ଆସେ। ଦୋକାନ ପାଖରେ ବତୀଖୁଂଟରେ ଆଉଜାଇ ଦେଇ ପାନ ବିଡ଼ି ଖାଏ।"

"ସେଇଟା ତା' ସାଇକେଲ ବୋଲି ତୁମେ ଜାଣିଲ କିମିତି ?"

"ଆଜ୍ଞା, ଦୁଇ ବର୍ଷ ହେଲା ସେ ସେଇ ସାଇକେଲ ଚଢ଼ି ଆସୁଛି। ଥରେ ପଚାରିବାରେ କହିଥିଲା, ସେ ମାହାଂଗାରୁ କାହା ପାଖରୁ କିଣିଥିଲା ବୋଲି।"

"ସେ ସାଇକେଲ କାହାଠୁ ଖରିଦ କଲା କିଛି କହି ପାରିବ ?"

"ନାଇଁ ସାର୍। ମୁଁ ଏତେ କଥା ଜାଣିବି କିମିତି। ସେ ଜଣେ ଗ୍ରାହକ, ମୁଁ ତା'ର ଭିତରି କଥାରେ ପଶିବି କାହିଁକି ?"

ଆକୁଳି ବାବୁ ପଚାରିଲେ :

"ଆଃ ସେ ସବୁ କଥା କାହିଁକି। ମୁଁ ଯାହା ପଚାରୁଛି ତାର ଜବାବ ଦିଅ। ଆଚ୍ଛା, ବଇଜୁ କ'ଣ କରେ କହିପାରିବ ?"

ଜିନତାନ ମୁଂଡ଼ ହଲାଇ କହିଲା- "ନାଇଁ ସାର୍। ତେବେ ଥରେ କହୁଥିଲା, ଷ୍ଟାଡ଼ିଅମ ପାଖରେ ସାଇକେଲ ଷ୍ଟାଂଡ୍ ଠିକା ନବ ବୋଲି। ମିଳିଲା କି ନାହିଁ ପଚାରି ନାହିଁ। ମୋର ଏତେ କଥା ଜାଣିବା ଦରକାର କ'ଣ ? ମୁଁ ଭଲ ନା ମୋ' ଗ୍ରାହକ ଭଲ। ମୁଁ କାହା କଥାରେ ନଥାଏ....."

ଆକୁଳି ବାବୁ ଜେରା ଶେଷକଲେ। ଏଥର ସରକାରୀ ଓକିଲଂକ ପାଳି। ସେ ତୀବ୍ର ସ୍ୱରରେ ଜବାବସୁଆଲ କଲେ :

"ବଇଜୁ ସାମଲ ତମ ଦୋକାନକୁ ପାନ ଖାଇବାକୁ ଆସେ ?"

"ଆଜ୍ଞା, ହଁ।"

"କେବେ କିଛି ଚୋରି ଜିନିଷ ଆଣିବାର ଦେଖିଛ ?"

"ନା।"

"ଘଂଟା କି ସାଇକେଲ କି ଫାଉଂଟେନପେନ୍ ?"

"ନା।"

"ସେ କିମିତି ଆସେ ?"

"ଗୋଡ଼ରେ ସାର୍।"

ସରକାରୀ ଓକିଲ ବିରକ୍ତ ହୋଇ କହିଲେ : "ଆଃ ମୁଁ କ'ଣ ସେକଥା ପଚାରୁଛି ? ଗୋଡ଼ରେ ଆସଂତା ନାହିଁ ଆଉ କ'ଣ ହାତରେ ଆସଂତା ? ମୁଁ ପଚାରୁଛି ସେ କ'ଣ ଚଢ଼ି ଆସେ ? ରିକ୍ସା ନା ସାଇକେଲ ନା ମୋଟର ?"

"ସାଇକେଲ ସାର୍।"

"ସେ ସାଇକେଲଟା ଚିହ୍ନିପାରିବ ?"

Digitized by srujanika@gmail.com

(ସେ ଦୂରରେ କବାଟ ପାଖରେ ଅଂଧାରିଆ କଣରେ ଆଉଜା ହୋଇଥିବା ଏକ ସାଇକେଲ ଦେଖାଇ ଦେଲେ।)

''ଏ ସାଇକେଲଟା କାହାର ?''

ଚିନତାନ ଟିକିଏ ଅଡୁଆରେ ପଡ଼ିଗଲା। ସେ ତ ସାଇକେଲ କି ବଇଜୁ କାହାକୁ କେବେ ଦେଖିନାହିଁ। ସେ ଅସହାୟ ଭାବରେ ଆକୁଳି ବାବୁଂକ ଆଡ଼କୁ ଅନାଇଲା। ଆକୁଳି ବାବୁ ଆଖିମିଟିକା ମାରିଦେଲେ।

ଚିନତାନ ନିର୍ଭୟରେ କହିଲା : ''ଏଇଟା ବଇଜୁର ସାଇକେଲ।''

ସରକାରୀ ଓକିଲ : ''ତମେ ସତ କହୁଛ ?''

''ହଁ ସାର୍।''

''ତମେ ପୁରା ମିଛ କହୁଛ।''

''ନାଇଁ ସାର।''

ସରକାରୀ ଓକିଲ ବିନୋଦ ବାବୁ ବଡ଼ କ୍ଳାଂତ ଦେଖାଯାଉଥିଲେ। ସେ କିଛିକ୍ଷଣ ଦମ ନେଇ ଆରଂଭ କଲେ :

''ଆଚ୍ଛା, ବଇଜୁ କ'ଣ କରେ, କୁଆଡ଼େ ଯାଏ ?''

''ମୁଁ କହି ପାରିବି ନାହିଁ ସାର। ତେବେ ବେଳେବେଳେ କହେ ସେ ବାରବାଟି ଦୁର୍ଗକୁ ଯାଉଛି।''

''କାହିଁକି କିଛି କହେ ?''

''ସେଠି ଗଡ଼ଖାଇ ପାଖେ ବସିଲେ ତା' ମନଟା ଟିକିଏ ଫୂର୍ତ୍ତି ଲାଗେ ବୋଲି କହେ।''

ଆକୁଳି ବାବୁ ଆପତି କଲେ : ''ଏହା ସଂଗେ ମୂଳ ମୋକଦମାର କିଛି ସଂପର୍କ ନାହିଁ। ଏହା ସଂପୂର୍ଣ ଅପ୍ରାସଂଗିକ।''

ବିନୋଦ ବାବୁ : ''ନାଇଁ ସାର୍ ସଂପର୍କ ଅଛି। ଏଥିରୁ ଜଣାଯିବ ଯେ ଆସାମୀ ଜଣେ ଭାଗାବଂଡ୍, ଲଫଂଗା। ଉଦ୍ଧେଶ୍ୟହୀନ ଭାବରେ ଏଣେତେଣେ ଘୁରିବୁଲେ। ଏଇଭଳି ଲୋକେ ହିଁ ଚୋରି ଚମାରି କରିଥାଂତି।''

ଆକୁଳି ବାବୁ : ''ନାଇଁ ସାର୍, ଏଥିରୁ ବରଂ ଜଣାପଡ଼େ ଯେ ଆସାମୀ ଶାଂତିପ୍ରିୟ। ସେ ପ୍ରାକୃତିକ ଦୃଶ୍ୟ ଦେଖିବାକୁ ଭଲପାଏ। ଏହା ତାକୁ ଆନଂଦ ଦିଏ। ବାରବାଟି ଦୁର୍ଗକୁ ଯିବା ଦ୍ୱାରା ମନେହୁଏ ଯେ ଆସାମୀ କଳିଂଗର ମହାନ୍ ଐତିହ୍ୟକୁ ସମ୍ମାନ କରେ। ଐତିହ୍ୟ ପ୍ରୀତି ପ୍ରତ୍ୟେକ ଖାଂଟି ଉତ୍କଳୀର ମୌଳିକ ଚାରିତ୍ରିକ ଲକ୍ଷଣ।''

ଶୁଣାଣି ସେତିକିରେ ମୁଲତୁବୀ ରଖି ହାକିମ ଖାସ୍ କାମରାକୁ ଉଠିଗଲେ। ପୁଣି ତିନିଟାରେ ଆରଂଭ ହେବ।

ପୂର୍ବରୁ ମୁଦେଇ ପକ୍ଷ ଅର୍ଥାତ୍ ପୁଲିଶ ପକ୍ଷର ସାକ୍ଷୀଙ୍କର ଜବାନବଂଦୀ ଓ ଜେରା ସରିଥିଲା। ଯେଉଁ ଦୁଇ ଜଣ ପୁଲିଶ କନେଷ୍ଟବଲ ସାକ୍ଷ୍ୟ ଦେଇଥିଲେ ସେମାନେ କେବଳ ସାଇକେଲଟାକୁ ବଇଜୁଠାରୁ ଜବତ କରିଥିବା କଥା ହିଁ ପ୍ରକାଶ

Digitized by srujanika@gmail.com

କରିଥିଲେ। ସେ ସେଟାକୁ ଚୋରି କରିଛି ବୋଲି କୌଣସି ସାକ୍ଷ୍ୟ ପ୍ରମାଣ ଦେଇ ପାରିନଥିଲେ। ତା'ର କାରଣ ବଇକୁ ବିରୋଧରେ କୋର୍ଟରେ ସାକ୍ଷୀ ଦେବାକୁ ସାହି ଲୋକେ ଡରୁଥିଲେ। ଯଦିଚ ବହୁ ଲୋକ ଭିତିରି ଖବର ପ୍ରକାଶ କରିଥିଲେ ଯେ ସେ ସାଇକେଲଟା ଦୁଇମାସ ହେବ କେଉଁଠୁ ଚୋରିକରି ଆଣି ଚଢୁଛି। ପୂର୍ବରୁ ମଧ୍ୟ ସେ ସାଇକେଲ ଚୋରିକରି ଧରାପଡ଼ିଥିଲା।

ତିନିଟାରେ ହାକିମ ଇଜଲାସ୍‌କୁ ଆସିଲେ। ପୁଣି ଜେରା ଆରଂଭ ହେଲା। ସରକାରୀ ଓକିଲ ସାକ୍ଷୀକୁ ପଚାରିଲେ :

''ଆଚ୍ଛା କହିପାରିବ ବଇକୁ ସିନେମା ଯାଏ ?''

''ହଁ ସାର୍ ଯାଏ। ଭଲ ଭଲ ବହି ଆସିଲେ ଯାଏ।''

ତାପରେ ଟିକିଏ ରହି କହିଲା : ''କିଂତୁ ସାର୍ ସିନେମା ଟିକେଟ୍ ବ୍ଲାକ୍ କରେ ନାହିଁ।'' (କୋର୍ଟ ସାରା ହସି ଉଠିଲେ।)

''ତମେ କିମିତି ଜାଣିଲ ସେ ସିନେମା ଯାଏ ବୋଲି ?''

''ବେଳେ ବେଳେ ସିନେମା କଥା କହେ କି ନା।''

''ସେ କିଭଳି ଦୃଶ୍ୟ ପସଂଦ କରେ ? ଚୋରି, ଡକାୟତି, ମାରପିଟ ?''

''ନା, ସାର।''

''ତେବେ ?''

''ମୋହବ୍‌ବତ୍, ମୋହବ୍‌ବତ୍ ସାର।''

''କେଉଁ ହିରୋକୁ ତା'ର ବେଶୀ ପସଂଦ ?''

''ଧର୍ମେଂଦ୍ର, ଧର୍ମେଂଦ୍ରକୁ ସାର୍''...

''କାହିଁକି, କିଛି କହେ ?''

''କହେ, ଧର୍ମେଂଦ୍ର ହିଁ ମୋହବ୍‌ବତ୍ କରି ଜାଣେ। ସେଇ ଏକା ସୁପର 'ହିରୋ'।''

ଆକୁଳି ବାବୁ ଆପତ୍ତି କଲେ : ''ଇଓର ଅନର, ଏ ସବୁ ପ୍ରଶ୍ନର ମୂଳ କେସ୍ ସଂଗେ କିଛି ସଂବଂଧ ନାହିଁ।''

ବିନୋଦ ବାବୁ : ''ସଂବଂଧ ନିଶ୍ଚୟ ଅଛି ଇଓର ଅନର। ଏଥିରୁ ଆସାମୀର ସ୍ବାୟବିକ ଭାରସାମ୍ୟ ଓ ମୂଲ୍ୟବୋଧର ଅଭାବ ସଂବଂଧରେ ସ୍ପଷ୍ଟ ଧାରଣା ମିଳେ।''

ଆକୁଳି ବାବୁ : ''ନାଇଁ ଇଓର ଅନର, ଏଥିରୁ ଆସାମୀର ହିରୋ-ୱରସିପ୍ ହିଁ ପ୍ରମାଣିତ ହୁଏ। ବଇକୁ ଜଣେ ଉଚ୍ଚକୋଟିର ହିରୋ ୱରସିପର।''

ଏ ସବୁ ଜବାବ ସୁଆଲ ଜିନ୍‌ତାନକୁ ଖୁବ୍ ଭଲ ଲାଗୁଥାଏ। ତା'ର ପଦେ ପଦେ କଥାରୁ ଏଭଳି ଗୁଢ଼ ଅର୍ଥ ବାହାରିବାରେ ତା'ର ଛାତି କୁଣ୍ଢେ ମୋଟ ହୋଇଯାଉଥାଏ। ସେ ଯେ ଭବିଷ୍ୟତରେ ଜଣେ ଭଲ ସାକ୍ଷୀ ହୋଇପାରିବ ଏହା ତା'ର ହୃଦ୍‌ବୋଧ ହୋଇ ସାରିଲାଣି।

ହାକିମ ମୁରୁକିହସି କହିଲେ : ''ତେବେ ଲେଖିଲି।''

ଦୁଇ ଓକିଲ ଏକସ୍ବରରେ କହି ଉଠିଲେ, ''ଇଏସ୍, ଇଓର ଅନର।''

Digitized by srujanika@gmail.com

ସେଦିନର ଶୁଣାଣି ସେତିକିରେ ଶେଷ ହେଲା।

ସାକ୍ଷୀଦେବା ବ୍ୟାପାରଟା ଜିନ୍ନତାନଙ୍କୁ ମନ୍ଦ ଲାଗିଲା ନାହିଁ। ଏଥିରେ କିଛି ଝାମେଲା ନାହିଁ। ବେଶ୍ ଆସିଲ, କାଠଗଡ଼ାରେ ଉଠିଲ, ସତ୍ୟପାଠ କରି ଆଗରୁ ଓକିଲ ବତେଇ ଦେଇଥିବା ଦି'ଚାରିଟା କଥା କହିଲ, ବେଶ୍ କାମ ଫତେ! ଜିନିଷଟାରେ ମଜା ଅଛି।

ଏହା ପୂର୍ବରୁ ସେ ନକୁଳି ବାବୁ ଓକିଲଙ୍କ କଥାରେ ପଡ଼ି ଜାମିନ୍ ପଡୁଥିଲା। ତା'ର କଟକ ସହର ଅଲିସା ବଜାରରେ ଖଣ୍ଡେ ପୈତୃକ ଚାଳଘର ଅଛି। ତାହା ହିଁ ଜାମିନ୍‌ଦାର ହେବା ପାଇଁ ତା'ର ସବୁଠାରୁ ବଡ଼ ଯୋଗ୍ୟତା। କେତେ ଜଣ ଲୋକଙ୍କର କଟକ ସହରରେ ନିଜର ଘରବାଡ଼ି ଅଛି? ସେ କଟକର ବାସିନ୍ଦା ଭାବେ ଗର୍ବ ଅନୁଭବ କରେ। ଏବେ କଟକ ସହରରେ ଯେଉଁ ସବୁ କୋଠାବାଡ଼ି, ଘରଦ୍ୱାର ମୁଣ୍ଡଟେକି ଉଠିଛି, ତା'ର ଅଧିକାଂଶ ମାଲିକ ହେଲେ ବାହାରର ଲୋକ। କେହି ତା' ଭଳି ଖାଣ୍ଟି କଟକୀ ନୁହଁନ୍ତି। ତା'ର ପୂର୍ବପୁରୁଷମାନେ ମୋଗଲ-ମରହଟ୍ଟା ଅମଳରୁ କଟକର ସ୍ଥାୟୀ ବାସିନ୍ଦା। ଏମାନଙ୍କ ଭଳି କୁଆଡୁ ଉଡ଼ିଆସି ପତିଆରା ଜମାଇ ନାହାଁନ୍ତି। ହେଁ, ତା' ମାମୁଁଘରଟା ବି ଏଇ କଟକ ସହରରେ, ଭୁଲାମିଆଁ ବଜାରରେ। ସାହିକି ସାହି ଲାଗିଛି। କିଛି ଦୂରବାଟ ନୁହଁ। ଜିନ୍ନତାନର ବାପା କହୁଥିଲେ, ଖୋଦ୍ କମିଶନର ଜେଫରସନ ସାହେବ ଦିନେ ତା' ଦୋକାନ ଆଗରେ ଘୋଡ଼ାଗାଡ଼ି ରଖି କୋଚ୍‌ୱାନ ହାତରେ ଖିଲିପାନ ମଗାଇ ନେଇ ଖାଇଥିଲେ। ପାନ ଚୋବେଇ ଚୋବେଇ ସାହେବ କହିଥିଲେ: 'ଫେଣ୍ଟାଷ୍ଟିକ୍'। ସେତେବେଳେ ତାଙ୍କ ଦୋକାନଟା ଥିଲା ଚାନ୍ଦିନୀଚୌକରେ- କମିଶନର କୋଠି ପାଖରେ। ମାତ୍ର ସେଠୁ କେତେବର୍ଷ ତଳେ ପୁରୁଣା ବସ୍‌ଷ୍ଟାଣ୍ଡ୍ ଉଠିଯିବା ପରେ କେବିନ ଭଙ୍ଗା ଚାଲିଲା। ସେ ତା' କେବିନ୍‌ଟାକୁ ଶଗଡ଼ରେ ଲଦି, ମାଲମତା ସମେତ ସେଠୁ ଉଠାଇଆଣି ଏବେ କଟକଚଣ୍ଡୀ ଛକ ପାଖରେ ପକାଇଛି। ପ୍ରଥମେ ପ୍ରଥମେ ଏଠି ଖୁବ୍ ଭଲ ବିକ୍ରି ହେଉଥିଲା। ମହିଳା କଲେଜ ଥିବାରୁ ବହୁ ଟୋକା ଟାକଳିଆ, ଭେଣ୍ଡା ଦିନ ସାରା ଭିଡ଼ ଲଗାଉଥିଲେ, ବିଡ଼ି, ସିଗାରେଟ, ପାନ ଖାଉଥିଲେ। ଘଣ୍ଟା ଘଣ୍ଟା ଧରି ଗୋଡ଼ଭାଙ୍ଗି ଠିଆହୋଇ ରହୁଥିଲେ। ମାତ୍ର ଏବେ ପୁଲିଶ ଜଗିଲେଣି। କାହାକୁ ବେଶୀ ସମୟ ଛିଡ଼ା କରାଇ ଦେଉ ନାହାଁନ୍ତି। ତା' ଛଡ଼ା ବର୍ଷେ ଛ ମାସ ଭିତରେ ନୂଆ ନୂଆ କେବିନ ମଧ୍ୟ ଦି'ଚାରିଟା ବସିଗଲାଣି। ବ୍ୟବସାୟଟା ପୂରା ମାନ୍ଦା। ତା' ଉପରେ ପୁଣି ଲମ୍ବା ଲମ୍ବା ଛୁଟି। ଖରା ଛୁଟି, ପୂଜା ଛୁଟି, ଶୀତ ଛୁଟି। ଏଥିରେ ମଣିଷ କରିବ କ'ଣ? ଏତେ ଛୁଟିରେ ପାଠପଢ଼ା କ'ଣ ହେବ?

ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ ଖାଇବାକୁ। ଝିଅ ମାଳତୀ ଷଷ୍ଠ ଶ୍ରେଣୀକି ଗଲା। ତା'ର ବହି ଦରକାର, ଫ୍ରକ୍ ଦରକାର। ଛୋଟ ପୁଅଟାର ଚପଲ ନାହିଁ। ପିଲାଙ୍କ ବହି ଗୋଟାକର ଦାମ ଆସି ସାତ ଆଠ ଟଙ୍କା ହେଲାଣି। ସ୍ତ୍ରୀର ଧଇଁ ବେମାରିଟା ବି ବଢ଼ିଛି। ସେ ନିଜେ ମଧ୍ୟ ବର୍ଷକେ ବାରମାସ ବେମାର। ମଧୁମେହ ରୋଗରେ ଭୋଗୁଛି। ଏଥିରେ ମଣିଷ ଚଳିବ କିମିତି? ନକୁଳିବାବୁ ଓକିଲଙ୍କ କଥା

Digitized by srujanika@gmail.com

ମାନି ସେ ଦଶଟାରୁ ପାଂଚଟା କଚେରିକୁ ଗଲା । ବହୁ ଜଣା ଅଜଣା ଲୋକଙ୍କର ଜାମିନ ପଡ଼ିଲା । ଚୋର, ପକେଟମାରୁ, ନକଲି ଡାକ୍ତର, ଠକ, ସାଧୁ ବହୁ ଲୋକଙ୍କୁ ଜାମିନରେ ଆଣିଲା । ନକୁଳିବାବୁ କହି ଦିଅଂତି, ଯା ପଡ଼ିଯା । କିଛି ପରବାୟ ନାହିଁ । ମୁଁ ଅଛି । ସେଥିରେ ବେଶ୍ ଚଳି ଯାଉଥିଲା । ଜଣକୁ ଜାମିନରେ ଆଣିଲେ ଚାଳିଶ ପଚାଶ ଟଂକା ମିଳି ଯାଉଥିଲା । ସେଥିରୁ ନକୁଳି ବାବୁ ଦଶ ବାର ଟଂକା ନେଇ ଯାଉଥିଲେ । ଥରେ ୟେରାଇଆ ନାଁରେ ଜଣେ ରିକ୍ସାବାଲାକୁ ଜାମିନରେ ମୁକୁଳାଇଲା । ସେ ଦୁଇ ମାସ ହେଲା ଜେଲରେ ଥିଲା, କେହି ଜାମିନ୍ ମିଳୁ ନଥିଲେ । ସେ ଆଉ ଜଣେ ରିକ୍ସାବାଲାର ରିକ୍ସାରୁ ଟାୟାର ଚୋରି କରି ନେଇ ନିଜ ରିକ୍ସାରେ ଲଗାଉ ଥିବା ବେଳେ ଧରା ପଡ଼ିଥିଲା । ନକୁଳିବାବୁ କହିଲେ, "ତୁ ଯା ଜାମିନ ପଡ଼ିଯା । ଷାଠିଏ ଟଂକା ପାଇଯିବୁ ।" ୟେରାଇୟା ଷାଠିଏ ଟଂକା ଦେଇ ଜାମିନରେ ମୁକୁଳିଲା ସତ କିଂତୁ ତା' ପରେ ଆଉ ତା'ର ଦେଖା ଦର୍ଶନ ମିଳିଲା ନାହିଁ । ତା' ମୂଲକ ଶ୍ରୀକାକୁଲମ ପଳାଇଲା । ଦି' ଦି'ଟା ତାରିଖ ଗଡ଼ିଲା । ଆସାମୀ ଫେରାର ଶେଷରେ ଜିନ୍ତାନର ଘର ଦ୍ୱାର ନିଲାମ ହୋଇ ଜାମିନ୍ ଟଂକା ଅସୁଲ ହୋଇଥାଂତା । ମାତ୍ର ନକୁଳିବାବୁ ଥାନାରେ ହୁଲିଆ ଦେଇଥିଲେ । ଶ୍ରୀକାକୁଲମ ପୋଲିଶ ଡେଡ଼ାପଲ୍ଲି ଗୁଡ଼ମ ଯାଇ ସେଠୁ ୟେରାଇଆକୁ ଧରି କରି ଆଣି କଟକରେ ହାଜର କରାଇଲେ । ଜିନ୍ତାନ ବଂଚିଗଲା । ସେଇ ଦିନୁ ସେ ଜାମିନ୍ ଧଂଦା ଛାଡ଼ି ଦେଇଥିଲା । ଏବେ ଦିନେ ଆକୁଳିବାବୁ ଡାକି କହିଲେ,- "କ'ଣ ଜିନ୍ତାନ, କେମିତି ଅଛ ? ସାକ୍ଷୀ ପଡ଼ିବ ? ତାରିଖକୁ କୋଡ଼ିଏ ପଚିଶ ଟଂକା ମିଳିଯିବ ।" ଘରଛପର ପାଇଁ ଜିନ୍ତାନର ଖୁବ୍ କମ୍‌ରେ ଶହେ ଟଂକା ଦରକାର ଥିଲା । ସେ ଆକୁଳିବାବୁଙ୍କ କଥାରେ ହଁ ଭରି କୋର୍ଟକୁ ଆସିଛି । ସେ ଜାମିନ୍ ଧଂଦା ଛାଡ଼ିଦେବା ପରେ ଅନେକ ଦିନ ଧରି କଚେରି ଆଡ଼େ ଆସିନଥିଲା । ତାକୁ କେତେକ କଥା ନୂଆନୂଆ ଲାଗିଲା । ଏ କୋର୍ଟରେ ପୁରୁଣା ମାଜିଷ୍ଟ୍ରେଟ୍ ସାହେବ ବଦଳି ହୋଇ ଗଲେଣି । ବରଗଛ ମୂଳେ ଦି'ଟା ନୂଆ ସରବତ ଦୋକାନ ଆଖିରେ ପଡ଼ିଲା । ଦୂରରେ କାଠଯୋଡ଼ି ନଈ ଝିକିଝିକି ଦିଶୁଛି । ପଥରବଂଧ ତଳେ ଝଂକା ମାହାଳ ଗଛରେ ନୂଆପତ୍ର ନେଂଥି ନେଂଥି ହୋଇଛି । ଚଢ଼େଇମାନେ କିଚିରି ମିଚିରି କରୁଛଂତି । ଗୋଟାଏ ଦି'ଟା ଗାଈ ବୁଲୁଛଂତି ଚା' ଦୋକାନ ପାଖରେ । ସେ ଉଦାସ ଆଖିରେ ଚାରିଆଡ଼କୁ ଟିକିଏ ଅନାଇନେଲା ।

ରୋଜ୍ ଦଶଟାରୁ ପାଂଚଟା କଚେରି କରିବା କିଛି କମ୍ ଝଂଝଟ ନୁହେଁ । ସାଇକେଲଟା ଥିଲା ଯେ ଗୋଟାଏ ପ୍ରକାର ଥିଲା । ଦୁଇ ମାସ ତଳେ ତା' ସାଇକେଲଟା ବି ଚୋରି ହୋଇଗଲା । ବଡ଼ ପୋଷ୍ଟ ଅଫିସ ଆଗରେ ସାଇକେଲଟା ରଖିଦେଇ ପୋଷ୍ଟକାର୍ଡ କିଣିବାକୁ ଯାଇଥିଲା । କିଏ ନେଇ ଚଂପଟ । ଥାନାରେ ଏତଲା ଦେଇଥିଲା । ଥାନାବାବୁ ସାଇକେଲ ନଂବର ମାଗିଲେ । ମାତ୍ର ସେ ନଂବର ଫଂବର କିଛି ଟିପି ରଖି ନଥିଲା । ଖାଲି ତା'ର ପୁରୁଣା 'ହିରୋ' ସାଇକେଲଟା ଜି.ପି.ଓ. ସାମନାରୁ ଚୋରି ଯାଇଛି ବୋଲି ଡାଏରୀ ଦେଇ ଆସିଥିଲା । ମାତ୍ର ସେଥିରେ କିଛି ଫଳ

Digitized by srujanika@gmail.com

ହେଲା ନାହିଁ। ହୁଅଂତା ବା କେମିତି ? କଟକ ସହର ଓ ଆଖପାଖ ଅଂଚଳରେ ରୋଜ୍ କେତେ ଶହ ସାଇକେଲ ଚୋରି ଯାଉଛି, କିଏ ତା'ର ଖବର ବୁଝୁଛି ? ଥାନାରେ ଡାଏରୀ ଦେଲେ ତାହା ଟେବୁଲ ଚାପା ହୋଇ ରହୁଛି। ପରେ ଅଳିଆ ଟୋକେଇକି ଯାଉଛି। ଏବେ ଖବରକାଗଜମାନଂକରେ କେତେ ଥର ପୁଲିଶ ବିରୋଧରେ କଡ଼ା ମଂତବ୍ୟମାନ ପ୍ରକାଶ ପାଇବାରୁ ପୁଲିଶ ହଠାତ୍ ଖୁବ୍ ତତ୍ପର ହୋଇ ଉଠିଛି। ଚାରିଆଡ଼େ ଧରପଗଡ଼ ଚଳାଇଛି। କିଛି ଦିନ ଗଲେ ଫେର୍ ଥଂଡା ପଡ଼ିଯିବ।

ଆଜି ଶେଷ ତାରିଖ। ବାଦୀ ଓ ପ୍ରତିବାଦୀ ପକ୍ଷର ଓକିଲମାନେ ସୁଆଲ କଲେ। ସରକାରୀ ଓକିଲ ବିନୋଦ ବାବୁ ବଡ଼ ବଡ଼ ବହି ଦେଖାଇ କହିଲେ, ''ଇଓର ଅନର, ଆସାମୀ ଦୁଶ୍ଚରିତ୍ର, ଲଫଂଗା। ଆଗରୁ ମଧ୍ୟ ସେ ସାଇକେଲ ଚୋରିରେ ଥରେ ଦି'ଥର ଗିରଫ ହୋଇ ଜେଲ ହାଜତରେ ଥିଲା। ମାତ୍ର ସାକ୍ଷ୍ୟ ପ୍ରମାଣ ଅଭାବରୁ ଖସିଗଲା। ଏଥର ତାକୁ କଡ଼ା ସଜା ଦିଆଯାଉ। ଭାରତୀୟ ପେନାଲ କୋଡ୍‌ର ୩୭୯ ଧାରାକୁ ଆକ୍ଷରିକ ଅର୍ଥରେ ନ ବୁଝି ତା'ର ମୂଳ ଉଦ୍ଦେଶ୍ୟ ବା 'ସିରିଟି' ଅନୁସାରେ ବୁଝାଯାଉ। ଏହାର ମୂଳ ଉଦ୍ଦେଶ୍ୟ ହେଲା, ଦେଶରୁ ଚୌର୍ଯବୃତ୍ତିର ମୂଳ କାରଣ ଗୁଡ଼ିକୁ ଅର୍ଥାତ୍ ଲଫଂଗାଗିରି, ଅପହରଣ ପ୍ରବୃତ୍ତି ପ୍ରଭୃତିର ମୂଳଚ୍ଛେଦ କରିବା.....।

ମୁଦାଲା ପକ୍ଷ ଓକିଲ ଆକୁଳିବାବୁ ଆହୁରି ବଡ଼ ବଡ଼ ବହି ବାହାର କରି ଟେବୁଲ ବାଡ଼େଇ କହିଲେ, ''ଇଓର ଅନର, ଆସାମୀ ନିର୍ଦୋଷ, ସେ ଜଣେ ସୌଂଦର୍ଯ ପ୍ରିୟ, ବିଦଗ୍ଧ ଯୁବକ। ଦେଶର ଐତିହ୍ୟ ପ୍ରତି ତା'ର ଯଥେଷ୍ଟ ଖାତିରି ଅଛି। ସେ ମଧ୍ୟ ଜଣେ ଉଚକୋଟିର ହିରୋଓ୍ବରସିପ୍‌ର। ପୁଲିଶ ପ୍ରକୃତ ଦୋଷୀକୁ ଧରି ନ ପାରି ଜଣେ ନିର୍ଦୋଷ ବ୍ୟକ୍ତିକୁ ଅଯଥା ହଇରାଣ କରିବା ଘୋର ଲଜ୍ଜାର କଥା। କୌଣସି ସଭ୍ୟ ସମାଜ ଏହା ବରଦାସ୍ତ କରି ନପାରେ। ନିଜର ତୃଟି ଢ଼ାଂକିବା ପାଇଁ ପୁଲିଶ୍ ଏ ନିରୀହ ଯୁବକଟି ପଛରେ ପଡ଼ିଛି। ଗତ ଦୁଇବର୍ଷ ହେଲା ସେ ବ୍ୟବହାର କରୁଥିବା ସାଇକେଲକୁ ଅଳ୍ପ କେତେ ଦିନ ତଳେ ଚୋରି ହୋଇଥିବା ଏକ ସାଇକେଲ ବୋଲି ପୁଲିଶ ପକ୍ଷରୁ କୁହାଯାଉଛି। ଏହା ସଂପୂର୍ଣ ଅସଂଗତ ଓ ଭିତ୍ତିହୀନ ଅଭିଯୋଗ। ପୁଲିଶ ପକ୍ଷରୁ ଅଣାଯାଇଥିବା କୌଣସି ଗୋଟିଏ ହେଲେ ଚାର୍ଜ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଦ୍ୱାରା ସତ୍ୟ ପ୍ରମାଣିତ ହୋଇନାହିଁ। ପୁଲିଶର ଜଣେ ହେଲେ ସାକ୍ଷୀ ବଇଜୁ ସାମଲ ଏ ସାଇକେଲ ଚୋରି କରିଛି ବୋଲି କହି ନାହାଂତି। ଅପର ପକ୍ଷରେ ମୁଦାଲା ପକ୍ଷର ସାକ୍ଷୀ ବୟାନ ଦେଇଛଂତି ଯେ ଏ ସାଇକେଲ ବଇଜୁର ଏବଂ ଏକମାତ୍ର ବଇଜୁରଇ। ସେ ଗତ ଦୁଇ ବର୍ଷ ହେଲା ଏ ସାଇକେଲ ଚଳାଇ ଆସୁଛି। ତେଣୁ ବଇଜୁକୁ ନିର୍ଦୋଷ ସାବ୍ୟସ୍ତ କରାଯାଉ ଏବଂ ୩୭୯ ଦଫାରେ ଚାଲିଥିବା ଏ ମୋକଦମାକୁ ଖାରଜ କରାଯାଉ ଏବଂ ବଇଜୁର ସାଇକେଲ ତାକୁ ଓ୍ବାପସ ଦିଆଯାଉ।''

ହାକିମ ଦୁଇପକ୍ଷ ଓକିଲଂକ ପ୍ରବଳ ସୁଆଲ ଶୁଣି ଶେଷରେ ରାୟ ଦେଲେ :

Digitized by srujanika@gmail.com

''ବଇଜୁ ସାମଲ ନିର୍ଦୋଷ। ପୁଲିଶ ତାଂକ ଅଭିଯୋଗ ପ୍ରମାଣ କରିବା ପାଇଁ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଦେଇପାରି ନାହାଂତି। ତେଣୁ ବଇଜୁକୁ ଖଲାସ କରାଗଲା ଏବଂ ମୋକଦମା ଖାରଜ୍ କରାଗଲା। ବଇଜୁକୁ ତା' ସାଇକେଲ ଫେରସ୍ତ ଦିଆଯାଉ।''

ରାୟ ଶୁଣି ବଇଜୁ, ଆକୁଳିବାବୁ ଓ ଜିନ୍‌ତାନ ଖୁବ୍ ଖୁସି ହୋଇ ବାହାରକୁ ଆସିଲେ। ଆକୁଳି ବାବୁ ଓ ଜିନ୍‌ତାନକୁ ବରଗଛ ମୂଳେ ଅପେକ୍ଷା କରିବାକୁ କହି ବଇଜୁ କୋର୍ଟରୁ ସାଇକେଲ ଆଣିବାକୁ ଗଲା। କୋଡ଼ିଏ ପଚିଶ ମିନିଟ୍ ପରେ ସାଇକେଲ୍ ଧରି ଆସି ଆକୁଳିବାବୁଂକ ହାତକୁ ପଚାଶ ଟଂକା ଓ ଜିନ୍‌ତାନ ହାତକୁ ତିରିଶ ଟଂକା ବଢ଼ାଇ ଦେଲା। ଦୁହିଁକି ଧନ୍ୟବାଦ ଦେଇ ନିଜ ସାଇକେଲ୍‌ରେ ଯିବାକୁ ବାହାରିଲା।

ଜିନ୍‌ତାନ ସାଇକେଲଟାକୁ ଓ ବଇଜୁକୁ ଖୁବ୍ ପାଖରୁ ଦେଖିଲା। ଏ ପର୍ଯ୍ୟଂତ କେବଳ ଦୂରରୁ ଯାହା ଥରେ ଦେଖିଥିଲା। ତାକୁ ଚିହ୍ନିବାକୁ ମୁହୂର୍ତେ ବିଳଂବ ହେଲା ନାହିଁ ଯେ ବଇଜୁ ଯେଉଁ 'ହିରୋ' ସାଇକେଲ୍‌ଟା ଧରି ତା ଆଗରେ ଛିଡ଼ା ହୋଇଛି, ସେଟା ତା' ନିଜ ସାଇକେଲ। ଦୁଇମାସ ତଳେ ଜି.ପି.ଓ. ସାମନାରୁ ଦିନ ଦି'ପହରେ ଚୋରି ଯାଇଥିଲା। ଏଇ ବଇଜୁ ହିଁ ତା' ହେଲେ ତା' ସାଇକେଲ ଚୋରି କରିଥିଲା...!

ସେ ସାଇକେଲ ସିଟ୍ ଉପରେ ହାତ ରଖି ପାଟିକରି କହିଲା : ''ଆରେ, ଏଇଟା ତ ମୋ' ସାଇକେଲ।''

ବଇଜୁ ତା' ହାତ ଛଡ଼ାଇଦେଇ ସାଇକେଲରେ ବସି ବିଜୟ ଗର୍ବରେ ରୁମାଲ ଉଡ଼ାଇ ଦୂରକୁ ଦୂରକୁ ଚାଲି ଯାଉଥିଲା।

ଆକୁଳି ବାବୁ ସେଇ ବରଗଛ ମୂଳେ ଛିଡ଼ା ହୋଇ ମୁରୁକି ମୁରୁକି ହସୁଥିଲେ।

Digitized by srujanika@gmail.com

ପାପୀ

ବିରାଟ ଶିଳ୍ପନଗରୀ ଗଢ଼ି ଉଠଛି। ତିରିଷ ବର୍ଷ ତଳେ କିଏ କଳ୍ପନା କରିଥିଲା, ଘଂଚ ଜଂଗଲ, କଟା ହୋଇ ତା ସ୍ଥାନରେ ମୁଂଡ଼ଟେକି ଛିଡ଼ା ହେବ ଇଟା, ପଥର, ଲୁହା, ସିମେଂଟର ଏହି ବିରାଟ ମହାନଗରୀ- ଦେଶ ବିଦେଶର କେତେକ ଲୋକଂକ କୋଳାହଳରେ ଫାଟିପଡ଼ିବ ରାସ୍ତାଘାଟ ଏବଂ ରଂଗ ବେରଂଗର କେତେ ନେଳି, ନାଳି, ସବୁଜ ଓ ସୁବର୍ଣ ଆଲୁଅରେ ଝଲସି ଉଠିବ ନିକାଂଚନ ପାହାଡ଼ତଳି।

ହେଇ, ସେଇ ଯେଉଁ ତ୍ରିଶୂଳା ପାହାଡ଼ ଶିଖରେ ନେଳି, ନାଳି, ବାଇଗଣୀ ନିୟନ ଆଲୁଅର ମାଳା ଝୁଲୁଛି-ଯେଉଁଠୁ ବଡ଼ବଡ଼ିଆ ଅଫିସରଂକ କ୍ଲବ୍‌ରୁ ମଦ ମାଂସର ଗଂଧ ଭାସି ଆସୁଛି-ତା'ରି ତଳେ ଆଉ ଆଖପାଖ ଅଂଚଳରେ ଥିଲା କେତେ ଜାତି ଉପଜାତି ଆଦିବାସୀଙ୍କ ଗାଆଁ ଗଂଡ଼ା, ବସତି। ଗାଆଁରେ ଗାଆଁରେ ଚାଲିଥିଲା ବାରମାସରେ ତେର ପର୍ବ ପର୍ବାଣି, ଉଛବ, ନାଚ ଗୀତ, ମଜଲିସ୍ ଏବଂ କେବେ କେବେ ପୁଣି କଳି ଟକରାଳ।

-ଖଂଡା, ଫାର୍ଶା, ହଣାକଟାର ତାଂଡ଼ବ ଲୀଳା। ବାସେଳୀ ପୂଜା, ଚଢ଼କ ପୂଜା, ଝାମୁଯାତ୍ରା ଏବଂ ଠେକୁଆ ହରିଣ ଶିକାର ମିଳିବା ଆଶାରେ ବଣମାନଂକରେ ଭୂୟାଁ ପୂଜା। ବଳି ପଡୁଥିଲେ ଗୋଟାକୁ ଗୋଟା କୁକୁଡ଼ା, ଛେଳି, ମେଂଢ଼ା ପୁଣି ମଇଁଷି। ବାଜା ବଡ଼କାଠ ଶବଦ୍‌ରେ ଫାଟି ପଡୁଥିଲା ବଣ ଜଂଗଲ, ପାହାଡ଼। ମହୁଆ ଆଉ କାଠଚଂପା ଗଛତଳେ ତାଳଖାଇ ନାଚ ନାଚୁଥିଲେ ଅଂଟାରେ ହାତ ଦେଇ ଝିଅମାନେ। ପୁଅମାନେ ବି ସେମାନଂକ ସଂଗେ ନାଚୁଥିଲେ, ବଇଁଶି ବଜାଇ...।

ରାତିରେ ମହାବଳ ବାଘର ରଡ଼ି ସାଂଗକୁ ଅହିରାଜ ସାପ ମୁହଁରେ ହରିଣ ଶିଶୁର କାନଫଟା ବୋବାଳି ସମସ୍ତଂକୁ ଛାନିଆ କରି ଦେଉଥିଲା।

ବର୍ଷକେ ଥରେ ମେଳା ବସୁଥିଲା, ପୁଷ୍ପ ମାସ ଶେଷରେ ଧାନ ଅମଳ ପରେ। ଝିଅମାନେ ଆସୁଥିଲେ ପେଡ଼ି ଲୁଗା ପିଂଧି ଟିକେଲି, ରିବନ, ପାନିଆ କିଣିବା ପାଇଁ। ପୁଅମାନେ ଇସାରା କରୁଥିବେ ଗଛ ବୁଦା ଉଢ଼ାଳରେ ସୁସୁରି ବଜାଇ। ତାପରେ ଦୃଶ୍ୟ ବଦଳିଗଲା।

ଥରେ ବାଘ ମାତିଲା। ବହୁତ ମଣିଷ ଆଉ ଗୋରୁ ମଇଁଷି ଖାଇଗଲା। ବାଘ ଡୁମା ପଡ଼ିଛି ବୋଲି ଲୋକେ ଭୟରେ ଗାଁଗଂଡ଼ା ଛାଡ଼ି ପଳାଇଲେ। ଅନ୍ୟ

Digitized by srujanika@gmail.com

ଜାଗାରେ ଯାଇ ଘର ଦୁଆର କଲେ। ପୋଡୁ ଚାଷ କରି ଜଂଗଲ ସାଫ୍ କରିଦେଲେ। ସେଠି ପୁଣି ନୂଆ ନୂଆ ଗାଁ ବସ୍ତି ଗଢ଼ି ଉଠିଲା।

ପ୍ରଥମେ ସରକାରୀ ସାର କାରଖାନା, ତା'ପରେ ଆଖ ପାଖରେ ଆହୁରି ଅନେକ ଛୋଟବଡ଼ କଳ କାରଖାନାମାନ ଗଢ଼ି ଉଠିଲା- କରତ କଳ, ଲୁହା ଫାଉଂଡ୍ରେରୀ, ମଦ ତିଆରି କାରଖାନା, ସୂତାକଳ ଇତ୍ୟାଦି ଇତ୍ୟାଦି। ସିଟି ବାଜିଲେ ଲୋକେ ଯାଆଂତି କାମକୁ। ଫେରି ଆସଂତି ସିଫଟ୍ ସରିଲେ। ଧୀରେ ଧୀରେ ଗଢ଼ି ଉଠିଲା କେତେ କଣ- ଦୋକାନ, ବଜାର, ହାଟ, ସିନେମା, ଥାନା, କଚେରି, ଡାକଘର, ସ୍କୁଲ କଲେଜ, ଛାପାଖାନା ଏବଂ ଦେଶୀ ମଦ ଭାଟି। ଆଦିବାସୀମାନଂକୁ କ୍ଷତିପୂରଣ ଏବଂ ଜମି ଜାଗା ଯୋଗାଇ ଦିଆଗଲା ଅନ୍ୟ ଇଲାକାକୁ ଉଠିଯିବା ପାଇଁ। ସେମାନଂକ ଘରଡିଅରେ ଏବେ ଛିଡ଼ା ହୋଇଛି କେଡ଼େ ସୁଂଦର ସୁଂଦର କଲୋନୀ, ବଡ଼ ବଡ଼ ବ୍ୟାଂକ ଆଉ ବୀମା କୋଂପାନୀର ଅଟ୍ଟାଳିମାନ। ଚିତ୍ର ବଦଳି ଯାଇଛି। ତା' ସଂଗରେ ମଣିଷ ବି। କିଂତୁ ମଣିଷ କଣ ସତରେ ବଦଳେ ନା ବଦଳି ଯାଇଛି।

ପୂର୍ବର ସେଇ ଆଦିମ ଗାଁ କଳି ଜାଗାରେ ଦେଖା ଦେଇଛି କେତେ ଗୋଷ୍ଠୀ ବିବାଦ, ହିଂଦୁ ମୁସଲମାନ ଦଂଗା ଏବଂ ଓଡ଼ିଆ ଅଣଓଡ଼ିଆ ଖଂଡ଼ ଯୁଦ୍ଧ, ଫୌଜଦାରୀ ପୁଣି ଧର୍ମଘଟ, କିଳାପୋତେଇ, ଖୁଣ୍ଖରାପି, ୟୁନିୟନ, ୟୁନିୟନ ମଧ୍ୟରେ ଝଗଡ଼ା, ମାରପିଟ, ପୁଣି ଶ୍ରମିକ ମାଲିକ ବିବାଦ। ବୁଢ଼ା ବୁଢ଼ା ଲୋକମାନେ କହଂତି, ଆଗେ ମଣିଷ କେଡ଼େ ଭଲ ଥିଲା ସତେ...କିଂତୁ ମଣିଷ କେବେ ଭଲ ଥିଲା ଯେ ଆଜି ବିଗିଡ଼ିଗଲା ? ସେ କରିଆ ଗାମୁଛା ଛାଡ଼ି ପେଂଟ୍ ସାର୍ଟ ପିଂଧୁଛି- ମହୁଆ ଛାଡ଼ି ଦେଶୀମଦ କି ବିଲାତି ପକାଉଛି। କେବେ ସେ ଗୋଟିପଣେ ତୁଳସୀ ପତ୍ରଟିଏ ଥିଲା ?

...କିଂତୁ ଏବେ ବି ବଦଳି ନାହିଁ ସେଇ ଆଦିମ ଜଂଗଲର ଭୂତ୍ତାବିଶିଷ୍ଟ ଯାହା କ୍ରମେ ଘୁଂଚି ଘୁଂଚି ଯାଇ କେତେ କୋଶ ଦୂରରେ ରହିଲାଣି- ଯାହା କାଠ ଠିକାଦାରର ହଜାର ଟ୍ରକ୍ ହର୍ଣ ସତ୍ତ୍ୱେ ଏବେ ବି ଦୂରରେ ଠିଆ ହୋଇ ରହିଛି। ଅଳସ ହାଇମାରି- ନିଜ ଲିଭିଲା ଅତୀତକୁ ସୁମରି ସୁମରି...।

ସତରେ କଣ ଚିତ୍ର ବଦଳି ଯାଇଛି ?

ଆଜି ରଥଯାତ୍ରା। ...ରଜ ପରେ ରଥ ଆସିଛି। ସକାଳୁ ଝିପିଝିପି ମେଘ ପକାଉଛି। ପୁଣି ବେଳେବେଳେ ଖରା ହୋଇ; ଦିହରେ ଚାଇଁ ଚାଇଁ ଗଳି ଯାଉଛି। ଲୋକମାନେ ଝାଳ ନାଳ ହୋଇ ଯାଉଛଂତି। ହଜାର ହଜାର ଲୋକ ବିଭିନ୍ନ ଜାଗାରୁ ଆସି ଶିଳ୍ପ ନଗରୀରେ ଜମା ହୋଇଛଂତି ରଥ ଟାଣିବା ପାଇଁ। ରଥ ଉପରେ ତିନି ଠାକୁର ପହଂଡ଼ି ସାରି ଆସି ନିଜ ନିଜ ଆସନରେ ବିଜେ କଲେଣି। ଲୋକମାନେ ରଥ ଦଉଡ଼ାକୁ ଧରି ଛିଡ଼ା ହୋଇଛଂତି। ଆଗ ଧାଡ଼ି ମାନଂକରେ ଥିବା ଲୋକେ ଆହୁରି ଆଗକୁ ବଢ଼ିବା ପାଇଁ ଠେଲାପେଲା ଲଗାଇଛଂତି। ପୁଲିସ ଲାଠିରେ ଲାଠି ଲଗାଇ ବୃତ୍ତାକାରରେ ରଥ ଉପରେ ଜଗି ରହିଛଂତି- ଯେପରି ରଥଟଣାବେଳେ

Digitized by srujanika@gmail.com

କୌଣସି ଦୁର୍ଘଟନା ନଘଟେ। ବହୁ ବାବାଜୀ ଓ ମାତାମାନେ ରଥ ସାମନାରେ ଚାମର ହଲାଉଛଂତି। କିଛି ବିଦେଶୀ ଶ୍ୱେତାଂଗ ସନ୍ନ୍ୟାସୀ ସନ୍ନ୍ୟାସୀନିମାନେ ଆସି 'ହରେ କୃଷ୍ଣ' ଶବ୍ଦରେ ଖୋଳ କରତାଳ ବଜାଇ ରଥ ଆଗରେ ନୃତ୍ୟ କରୁଛଂତି। ଭକ୍ତମାନେ ହାତଯୋଡ଼ି ଶ୍ରୀ ଜୀଉଂକ ମୁହଁକୁ ଚାହିଁ ଭଜନ ଗାଉଛଂତି। ସମସ୍ତଂକ ଆଖି ଚକାଡ଼ୋଳା ଉପରେ। ପଂଡ଼ିତମାନେ ଶାସ୍ତ୍ର ପୁରାଣରୁ ଶ୍ଳୋକ ବୋଲୁଛଂତି। ଜଣେ ଶ୍ଳୋକ ବୋଲିଲେ, "ରଥେନୁ ବାମନ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।" ରଥରେ ବାମନମୂର୍ତ୍ତି ଜଗନ୍ନାଥଂକୁ ଦେଖିଲେ ମଣିଷ ମୁକ୍ତି ପାଇଯିବ। ଆଉ ପୁନର୍ଜନ୍ମ ହେବ ନାହିଁ। ଏ ସୁଲଭ ମୁକ୍ତିଫଳ ଛାଡ଼େ କିଏ! ଲୋକଂକ ଭିତରେ ଟଣାଓଟରା ଲାଗିଛି ରଥ ଦଉଡ଼ି ଧରିବାପାଇଁ। ତାରି ଭିତରେ ଶୁଣାଯାଉଛି ଭଜନ, ଗୀତ, ଶଙ୍କରାଚାର୍ଯ୍ୟଂକ "ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ' ଏବଂ ସାଲବେଗଂକ "ଜଗବଂଧୁପରି ଜଣେ ସାମଂତ ନାହିଁ ନାହିଁତ।"

ସମସ୍ତଂକର ଅପେକ୍ଷା କେତେବେଳେ ରଥ ଟଣାହେବ। ଶ୍ରୀ ଜଗନ୍ନାଥ ମଂଦିରଠାରୁ ମାଉସୀ ମା ଛୋଟ ମଂଦିରଟି ପ୍ରାୟ ଏକ ଫରଲଂଗ ଦୂର। ବେଶ୍ ସେଇଠି ପହଂଚାଇ ଦେଲେ ସମସ୍ତଂକର ଛୁଟି। ଯିଏ ଯୁଆଡ଼େ ଘରକୁ ବାହୁଡ଼ି ଯିବେ। ଖାଇ ପିଇ ଦିନଯାକର ଥକା ମାରିବେ।

କିଂତୁ ହେଲା କଣ? ଏପର୍ଯ୍ୟଂତ ଛେରାପହରା ହେବାକୁ ନାହିଁ। ରଥ ଚାଲିବ କେତେବେଳେ? ଏଠି ଗୋଟିଏ ରଥରେ ହିଁ ତିନି ଠାକୁର ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଗୁଂଡ଼ିଚା ଘରକୁ ଯାଆଂତି। ନଂଦିଘୋଷ, ତାଳଧ୍ୱଜ, ଦର୍ପଦଳନ ଭଳି ତିନିରଥ ନାହିଁ। ରଥ ଉପରେ ନୀଳପତାକା ଫରଫର ଉଡୁଛି। ମଝିରେ ମଝିରେ ମେଘ କୁଂଡ଼ା ଝାଡୁଛି। ପୁଣି ଯେଉଁ ଖରାକୁ ସେଇ ଖରା। ଲୋକମାନେ ବଡ଼ କ୍ଳାଂତିବୋଧ କରୁଛଂତି।

ଏତିକିବେଳେ ଏଠାରେ ଶ୍ରୀଜଗନ୍ନାଥ ମଂଦିରର ପ୍ରତିଷ୍ଠାତା ଓ ଏ ରଥଯାତ୍ରାର ପୃଷ୍ଠପୋଷକ ନାମଜାଦା କଂଟ୍ରାକ୍ଟର ଓ ଖଣି ପଟାଦାର ବାଂଛାନିଧି ପରିଡ଼ା, ଏକ ଖୋଲା ଜିପ୍‌ରେ ପଟୁଆର କରି ଆସି ପହଂଚିଲେ। ପୁରୋହିତମାନେ ତାକୁ ଅଭ୍ୟର୍ଥନା କରି ଫୁଲ ଚଂଦନ ପାଣି ଛିଂଚି ରଥ ଉପରକୁ ନେଇଗଲେ। ପରିଡ଼ାଏ କୁଂଭପକା ଧଳା ପାଟ ଲୁଗା ପିଂଧି ଧଳା ରେଶମୀ ପଂଜାବୀ ଉପରେ ବ୍ରହ୍ମପୁରୀ ସିଲ୍‌କ ଚାଦର ପକାଇ ରଥ ଉପରେ ଛିଡ଼ା ହୋଇ ସମସ୍ତଂକୁ ଦୁଇ ହାତ ଯୋଡ଼ି ନମସ୍କାର କଲେ। ତାଂକ କପାଳରେ ତିନିଗାର ଚଂଦନପାଟି ଦୂରକୁ ଝଟକୁଚି। ଚିକ୍‌କଣକଳା ମୁଖମଂଡଳରେ ବିଂଦୁ ବିଂଦୁ ଝାଳ ଦୂରକୁ ଦେଖାଯାଉଛି।

ପୁରୋହିତେ ତାଂକ ଉପରେ ଆଉ ରଥ ଉପରେ ଗଂଗା ଜଳ ସିଂଚିଦେଲେ। ତା'ପରେ ତାଂକ ହାତକୁ ବଢ଼ାଇଦେଲେ ଗୋଟିଏ ସୁନା ପାଣିଦିଆ ପିତଳ ଖଡ଼ିକା ଖଂଜା ହୋଇଥିବା ପହଁରା। ପରିଡ଼ାଏ ଛେରାପହଁରା କରିବାକୁ ଯାଉଛଂତି ଠିକ୍ ଏତିକିବେଳେ ସମଗ୍ର ଜନତା ପାଟି କରି ଉଠିଲେ।

Digitized by srujanika@gmail.com

''ନା, ସେ ଝାଡୁ ଦେବେ ନାହିଁ। ସେ ଝାଡୁ ଦେଲେ ଆମେ ରଥ ଟାଣିବୁ ନାହିଁ।''

''ଛେରାପହଁରା ନ ହେଲେ ରଥ ଚାଲିବ କିମିତି? ବେଳ ଆସି ଉଣ୍ଣୁର ହେଲାଣି। ଏଠି ରଥଯାତ୍ରା ଆରଂଭ ହେବା ଦିନୁ ତ ପରିଡ଼ାଏ ଛେରାପହଁରା ଦେଉଛଂତି। ଏତ ଏଠାରେ ପ୍ରଚଳିତ ପ୍ରଥା। ଆଜି କିଛି ନୂଆ ନୁହେଁ।''

କିଂତୁ ଜନସମୁଦ୍ର ଅଚଳ ଅଟଳ।

''ନା, ସେ ଝାଡୁ ଦେବେ ନାହିଁ।''

ପରିଡ଼ାଏ ଝାଡୁଟାକୁ ରଥ ବାଡ଼ରେ ଆଉଜାଇ ଦେଇ ନୀରବ ନିସ୍ପଂଦ ହୋଇ ଠିଆ ହୋଇଥାଂତି। ଝାଡୁ ମୁଠା ଉପରେ ସୂର୍ଯକିରଣ ପଡ଼ି ସୁନାପରି ଝଟକୁ ଥାଏ।

ପୁରୋହିତେ ହାତଯୋଡ଼ି କହିଲେ-

''କାହିଁକି? କଣ ହେଲା?''

ସମବେତ କଂଠରୁ ଆବାଜ ଉଠିଲା-

''ନା, ସେ ପାପୀ। ସେ ଝାଡୁ ଦେବେ ନାହିଁ।''

ପୁରୋହିତ ବଡ଼ ଅଡୁଆରେ ପଡ଼ିଲେ। ସେ ବୁଝିପାରୁ ନଥିଲେ ହଠାତ୍ ଏମିତି କଣ ହେଲା।

ପୁରୋହିତେ ପୁଣି ହାତଯୋଡ଼ି ପଚାରିଲେ-

''କଣ ପାପ କରିଛଂତି ସିଏ ଆପଣମାନେ କହି ଦିଅଂତୁ।''

ସମବେତ ଜନତା କଂଠରୁ ଶୁଣାଗଲା-

''ଆମେ ସେସବୁ କିଛି ଜାଣୁନା। କିଂତୁ, ସେ ପାପୀ। ସେ ପାପୀ। ମହାପାପୀ।''

ପରିଡ଼ାଂକ ଛଅ ଭାଇ ଏତେବେଳେ ଯାଏ ତଳେ ଛିଡ଼ା ହୋଇ ସବୁକଥା ଶୁଣୁଥିଲେ। ସେମାନେ ଜଣ ଜଣ କରି ସିଡ଼ି ଦେଇ ରଥ ଉପରକୁ ଉଠିଗଲେ। ମଝିଆଁ ଭାଇ ସମସ୍ତଂକୁ ହାତ ହଲାଇ ଧୀର ସ୍ଥିର ହେବାକୁ ଇଂଗିତ କଲେ। ବଡ଼ ପାଟିରେ କହିଲେ-

''ଭାଇ କଣ ପାପ କରିଛଂତି ଆପଣମାନେ ଖୋଲାଖୋଲି କହୁ ନାହାଂତି କାହିଁକି? ସେ ଯଦି ଦୋଷୀ ସାବ୍ୟସ୍ତ ହୁଅଂତି ଆମେ ସମସ୍ତେ ଏ ମଂଦିର ଏ ରଥ ଛାଡ଼ି ଚାଲିଯିବୁ। ତା ନକରି ଜଣେ ଭଦ୍ରଲୋକଂକୁ ବୃଥାରେ କାହିଁକି ଅପବାଦ ଦେଉଛଂତି? ଏହା କଣ ଉଚିତ? ସେ କଣ କରିଛଂତି? ଚୋରି-ନାରୀ=ଦାରୀ?''

''ନା, ନା ସେସବୁ କିଛି ନୁହେଁ। ଆମେ ସେମିତି କିଛି ଜାଣି ନାହୁଁ କି ଶୁଣି ନାହୁଁ। କିଂତୁ ସେ ପାପୀ। ଅଲବତ ପାପୀ।''

''ସେ କଣ ମଦ ଖାଆଂତି ନା ଅନ୍ୟ କିଛି ନିଶା କରଂତି? ନା କିଛି ରେପ୍, ମର୍ଡର, ଜାଲିଆତି, ଚାରିଶବିଶ୍? ଗୋହତ୍ୟା ବ୍ରହ୍ମହତ୍ୟା, ଭ୍ରୁଣହତ୍ୟା?''

ମଝିଆ ଭାଇ ଅର୍ଜିତ ପରିଡ଼ା ପଚାରିଲେ।

''ନା ସେ କଥା ଆମେ କହୁନାହୁଁ। କିଂତୁ ସେ ପାପୀ। ଆମ ମନ କହୁଚି ସେ ପାପୀ। ଏତେ ଲୋକଂକର ଏପରି ଧାରଣା କିପରି ହେଲା। ସେ ପାପୀ। ନିଶ୍ଚୟ ପାପୀ।''

Digitized by srujanika@gmail.com

ଜନତା ଉତ୍ତର ଦେଲା।

ସାନ ମଝିଆ ଭାଇ କହିଲେ :

"କଥା ନାହିଁ ବାର୍ତ୍ତା ନାହିଁ, କଣ ନା ପାପୀ। କି ପାପ କରିଛଂତି ସିଏ, ପ୍ରମାଣ ଦିଅଂତୁ। ସେ ଲୋକଂକ ପାଇଁ ସର୍ବସ୍ୱ ଦେଇ ଦେଇଚଂତି। ପାଂଚ ଲକ୍ଷ ଟଂକା ଖରଚ କରି ଏଠି ଏକ ଜଗନ୍ନାଥ ମଂଦିର ତୋଳାଇଲେ। ଏଡ଼େ ବଡ଼ ସହରରେ ମଂଦିରଟିଏ ନଥିଲା। ଶିଖଂକର ଗୁରୁଦ୍ୱାର, ଖ୍ରୀଷ୍ଟିଆନମାନଂକର ଗିର୍ଜା ଏବଂ ମୁସଲମାନଂକର ମସ୍‌ଜିଦ୍ ଥିଲା। କିଂତୁ ଆମର କିଛି ବୋଲି କିଛି ନଥିଲା। ମଂଦିର ତୋଳା ହେବାପରେ ନିଂବଗଛ ଅଣାଇ ଶାସ୍ତ୍ର ବିଧାନ ମୁତାବକ ତିନି ଜୀଉଂକ ବିଗ୍ରହ ଗଢ଼ାଇ ହୃଷୀକେଶରୁ ତିନି ମୂର୍ତ୍ତି ସାଧୁବାବାଂକୁ ଆଣି ତାହାର ପ୍ରତିଷ୍ଠା କଲେ। ଖାଲି ଏତିକି ନୁହେଁ ଏ ରଥଯାତ୍ରା ପାଇଁ ସେ ପ୍ରତିବର୍ଷ ତିରିଶ ଚାଳିଶ ହଜାର ଟଂକା ଖରଚ କରି ଚାଲିଛଂତି। ତାଂକୁ ଆପଣମାନେ ପାପୀ କହୁଛଂତି। ତିନି ବିଗ୍ରହଂକ ପାଇଁ ସେ ଏ ବର୍ଷ ଲକ୍ଷେ ଟଂକାର ଅଳଂକାର ଗଢ଼ାଇଛଂତି। ବାହୁଡ଼ା ବେଳେ ରଥ ଉପରେ ତିନି ଠାକୁରେ ସୁନାବେଶ ହେଲାବେଳେ ତାହା ଆପଣମାନେ ଦେଖିପାରିବେ। ସେ ହେଲେ ପାପୀ। ତାହେଲେ ଧର୍ମବଂତ କିଏ ?"

କିଂତୁ ଜନତା ନଛୋଡ଼ବଂଧା। ସେଇ ଏକା କଥା- ସେ ପାପୀ। ଗହଳି ଭିତରୁ ଜଣେ କିଏ ପାଟିକରି କହିଲା, "ତାଂକୁ ଦେଖିଲେ ହିଁ ବୁଝାଯାଏ ସେ ପାପୀ। ତାଂକର ସବୁ ଭାଇ, ଆପଣମାନେ ସମସ୍ତେ ପାପୀ।"

ଏତିକିବେଳେ ଜନତା ଭିତରୁ ଜଣେ କିଏ ଅନୁଚ୍ଚ କଂଠରେ କହିବାର ଶୁଣାଗଲା :

"ଦେଖୁନ କିମିତି ସାତଭାୟା ହନୁପଲପରି ଉଉଲ ଡାଉଲ, ଚହଟ ଚିକଣ ଦିଶୁଛଂତି। ମୁଛ, କଲୀ ଦେଖିବ କ'ଣ ? ଏମାନେ ସମସ୍ତେ ପାପୀ।"

ସାନଭାଇ ଦୀନକୃଷ୍ଣ ପରିଡ଼ା କହିଲେ :

"ଭାଇ କ'ଣ ନ କରିଛଂତି ଆପଣମାନଂକ ପାଇଁ। ଆମ ଗାଁରେ ଆଉ ଏ ସହରରେ ସେ ଦି'ଦିଟା ସ୍କୁଲ ବସାଇଛଂତି। କଲେଜରେ ଛାତ୍ରୀନିବାସ ନଥିଲା। ଭାଇ ବହୁ ଟଂକା ଦେଇ ତାହା କରି ଦେଇଛଂତି। ସହରରେ ଦି'ଟା ହାସପାତାଳ କରି ଦେଇଛଂତି। କେତେ ଗରିବ ପିଲାଂକୁ ପାଠ ପଢ଼ିବା ପାଇଁ ପ୍ରତିମାସରେ ଟଂକା ଦେଉଛଂତି। ଯିଏ ଗଲା ସମସ୍ତଂକୁ କିଛି ନା କିଛି ସାହାଯ୍ୟ କରୁଛଂତି। ତାଂକୁ ପାପୀ କହିବାକୁ ଆପଣଂକ ଜିଭ ଲେଉଟୁଛି କିମିତି ?"

କିଂତୁ ଲୋକେ ସେହିପରି ଜିଦ୍‌ଧରି ବସି ରହିଛଂତି- "ନା ସେ ପାପୀ। ସେ ଝାଡୁଦେଲେ ଆମେ ରଥ ଟାଣିବୁ ନାହିଁ।"

ଝିଲିପାଣି ମୌଜାର ମୁଖିଆ ଅଇଁଠୁ ସାହୁ ଉଠି କହିଲେ : "ରହ ମୁଁ କହୁଛି। ଆଂଗ୍ୟା ସେ ପାପୀ ନୁହଂତି ତ ଆଉ କଣ ଭଲ ଲୋକ ? ଭଲ ଲୋକ ହୋଇଥିଲେ କୋଟି କୋଟି ଟଂକାର ମାଲିକ ହୋଇ ପାରିଥାଂତେ କି ? ଏଇ ଗୋଟିଏ କଥାରୁ ହିଁ ସବୁ ବୁଝା ପଡ଼ିବ। କହଂତୁ ଆପଣ ଏ ଯୁଗରେ କିଏ ସତ୍ ଉପାୟରେ ଏତେ ଧନ କମେଇପାରେ ? ଏହି ଆମ କଲୋନୀର ହେଡ୍‌ମାଷ୍ଟର ବ୍ରଜବାବୁଂକୁ ଦେଖୁନା। କେତେ ପାଠ ପଢ଼ି ନାହାଂତି ସିଏ ! ତିନି ତିନିଟା ବିଷୟରେ ଏମ୍.

Digitized by srujanika@gmail.com

ଏ. ପାସ। ହେଲେ କଣ ହେବ, ଟାଇଲ ଘର ଖଂଡ଼କ ମରାମତି କରି ପାରୁନାହାଂତି। ଗଳଗଳ ପାଣି ଗଡ଼ୁଛି। ହେଁ, କୋଟିପତି ବନିଯିବା ସହଜ କଥା।''

ବୟଲର ମିସ୍ତ୍ରୀ ଅପ୍ପା ରାଓ କହିଲେ :

''ଆଂଗ୍ୟା ସମସ୍ତେ ଦେଖିଛଂତି ପଂଦର ବର୍ଷତଳେ ସେ ଓଁକାରମଲ ଗୋଦାମରେ ମାସକୁ ପଚିଶ ଟଂକା ଦରମାରେ ଚାକିରୀ କରୁଥିଲେ। ମାତ୍ର ପଂଦର ବର୍ଷରେ ଏତେ ଘରବାଡ଼ି ମୋଟର, କୋଠା, ମଂଦିର, ସ୍କୁଲ, ହାସପାତାଳ କଲେ, କିମିତି! କ'ଣ ଯାଦୁ ନା କିମିଆ-''

କିଂତୁ ସମସ୍ତେ ଆପ୍ପା ରାଓଂକୁ ସମର୍ଥନ କଲେ। ''ହଁ, ହଁ, ଠିକ୍ କହିଛଂତି ମିସ୍ତ୍ରୀଏ। ଖାରା କଥାଟା କହିଲେ। ସେଇଟା ତ ମଂଚ୍ଚି।''

ମଝିଆ ଭାଇ ହାତ ହଲାଇ କହିଲେ :

''ଅକଲ ଆଉ ହିମ୍ମତ ବଳରେ ହିଁ ଭାଇ ଧନ ଅର୍ଜନ କରିଛଂତି। ଚାଲ ଜୁଆଚୋରି କରି ନୁହେଁ। ଧନୀ ହେବା କଣ ପାପ? ଏ ସହରରେ ଆମଠୁ ବଳି ଧନୀ ଲୋକମାନେ ଅଛଂତି। ଚିରଂଜିଲାଲ ମାରୁଆଡ଼ି, ସର୍ଦାର ସୁରଜିତ ସିଂ, କଂଟ୍ରାକ୍ଟର ଏ.କେ.ବୋଷଂକୁ ଦେଖ। କେହି ଲୋକଂକ ପାଇଁ ପଇସାଟିଏ ବି ଦିଅଂତି ନାହିଁ। ଆମେ ଅର୍ଜିତ ଧନ ଲୋକଂକ ପାଇଁ ଖରଚ କରି ହେଲୁ ଦୋଷୀ। ଜଣେ ଓଡ଼ିଆ ଭାଇ କିଛି ପଇସା କଲା ବୋଲି ହେଲା ପାପୀ। କାହିଁ, ବଙ୍ଗଲା, ମାରୁଆଡ଼ି, ମୁସଲମାନମାନଂକୁ ତ କହୁନାହଁ।''

ସ୍ଲେଲଟିଂ ମିସ୍ତ୍ରୀ ନରି ପାଟଯୋଷୀ କହିଲେ :- ''ରଖ, ରଖ, ଭଗବାନିଆକୁ ଆଉ ଲୋକ ମିଳିଲେ ନାହିଁ ଯେ ୟାଂକରି ମୁଂଡ଼ରେ ଖାଲି ସବୁ ଅକଲ୍‌ଗୁଡ଼ାକ ଭରି ଦେଲେ!''

ଲୁହାକିଲା ଗାଆଁର ବାବୁଲା କଂଧ କହିଲା :

''ନାଇଁ ସେ କଥା ପଡ଼ିନାଇଁ ଯେ....ତେବେ ଇଲାଗେ ଝାଡ଼ୁ ମାରିବ କିଏ? ଝାଡ଼ୁ ନଦେଲେ ରଥ ଚାଲିବ କିମିତି? ଭୋକରେ ସମସ୍ତଂକର ହଂସା ଉଡ଼ିଲାଣି।''

ସାନଭାଇ କହିଲେ :''କାହିଁକି, ଭାଇ ଛେରାପହଁରା କରିବେ। ଆଉ କିଏ କରିବ? ଗତ ପାଂଚ ବର୍ଷ ହେଲା ଯାହା ହୋଇ ଆସୁଛି ଆଜି ତାହା ହିଁ ହେବ।'' କିଂତୁ ସମସ୍ତେ 'ନା, ନା' ପାଟି କରି ଉଠିଲେ।

''ତେବେ ଆଉ କିଏ ଝାଡ଼ୁ ଦେବ।''

ଜଣେ କିଏ କହିଲା-

''ଜିଲ୍ଲାପାଳଂକୁ ଡ଼କାଯାଉ। ବେଶ ବଦଳାଇ ଦେଲେ ଠିକ୍ ଦେଖାଯିବେ।''

ଅନ୍ୟ ଜଣେ ସ୍ଥାନୀୟ ଏମ୍.ଏଲ.ଏଂକ ନାମ ପ୍ରସ୍ତାବ କଲା। ମାତ୍ର ଲୋକମାନେ ଅପସଂଦ କରିଦେଲେ।

''ଆଜି ସିନା ଇଏ ଅଛଂତି, କାଲିକି କିଏ ଆସିବେ କିଏ କହିବ। ମୁସଲମାନ କି ଖୀରସ୍ତାନ କଣ ଠିକ୍ ଠିକଣା ଅଛି?''

ରୁକ୍ମିଣୀ କଲୋନୀର ଜଣେ ଶିକ୍ଷକ କହିଲେ : ''ଆମ ପୁରୁଣା ରାଜାଂକୁ ଡାକିଲେ କିପରି ହୁଅଂତା? ସେ ପାଗବାଂଧି ପୋଷାକପତ୍ର ପିଂଧି ଆସିଲେ ବେଶ୍ ଦେଖାଯାଂତେ।

Digitized by srujanika@gmail.com

ତାଙ୍କର କିସ୍ମତ କିଛି କମ ବୋଲି ଭାବିବେ ନାହିଁ ଆପଣମାନେ। ଏବେ ସିନା ସିଏ ମଦ ଖାଇ ଚବିଶ ଘଂଟା ବୈଠକଖାନାରେ ପଡ଼ିଛଂତି, କିଂତୁ ଦିନେ ସେ ଏ ଅଂଚଳର ରାଜା ଥିଲେ। ତାଙ୍କର କରାମତି କିଛି କମ ନଥିଲା। ସିପାହୀ, ବରକଂଦାଜ, ପଲଟଣ, ପଲପଲ ହାତୀ ଘୋଡା, ରୋଲସ ରୟସ୍ ଗାଡ଼ି ସବୁକିଛି ଥିଲା। ଏବେ ସିନା ହାତୀଶାଳ, ଘୋଡ଼ାଶାଳ, କଚେରି ଘର ସବୁର ଛପର ଉଡ଼ିଗଲାଣି। ଉଆସର ପଛପଟରୁ ପାଚେରି ମଧ୍ୟ ଭାଂଗିଗଲାଣି। ତଥାପି ରଜାର ପିଲା ରଜା ନହୋଇ ଆଉ କଣ ହେବ। ବିହାର ଓଡ଼ିଶା ଜଂଗୀଲାଟ ତାଂକୁ ରାଂଚି ଦରବାରକୁ ଡାକିଥିଲେ। ତାଂକୁ କେ-ଟି ନାଇଟ୍ ଉପାଧି ମିଳିଥିଲା। ତାଂକ ବାପେ ବୁଢ଼ାରଜା ମଧ୍ୟ ସି.ଆଇ.ଇ. (ମାନେ କଂପାନିଅନ୍ ଅଫ୍ ଇଂଡ଼ିଆନ୍ ଏଂପାୟାର) ଉପାଧି ପାଇଥିଲେ। ସେ କିଛି କମ ଲୋକ ନୁହଂତି।''

କରତକଳର ଟାଇମ୍ କିପରବାବୁ ସବୁକଥା ଶୁଣୁଥିଲେ। ସେ କହିଲେ : ''ରାଜାଂକର ଗୋଟାଏ ଗୁଂଠୁଣି ହାତୀ ଅଛି। ଖାଇବାକୁ ନପାଇ କଂକାଳସାର ହୋଇ ବୁଲୁଛି। ସେଟାକୁ ଟ୍ରକ୍‌ରେ ବୋଝେଇ କରି ଅଣାଯାଇ ପାରିବ। ତା'ହେଲେ ରଜା ସାହେବ ହାତୀରେ ଚଢ଼ି ସଇଟଣରେ ରଥ ପାଖକୁ ଆସି ପାରିବେ। ଟ୍ରକ୍‌ରେ ନ ଆଣିଲେ ହାତୀଟା ଚାଲି ଚାଲି ପାଂଚକୋଶ ବାଟ ଆସି ପାରିବ ନାହିଁ।''

ସମସ୍ତେ ସେମାନଂକ କଥାକୁ ହସି ବାଏଁ ବାଏଁ ଉଡ଼ାଇ ଦେଲେ। ଜଣେ କିଏ କହିଲେ :

''ହେଁ ରଜା। କି ରଜା ହୋ। କାହିଁ ସ୍ୱାଧୀନ କଳିଂଗ ସାମ୍ରାଜ୍ୟର ବିରାଧି ବୀରବର ନବକୋଟି କର୍ଣାଟ କଳବର୍ଗେଶ୍ୱର ଗଜପତି ମହାରାଜା ଆଉ କାହିଁ ଆମ ଶେରଗଡ ମୁଲକର ମଦୁଆ ରଜା, ଯିଏ ଦିନରେ ବି ଆକାଶର ତାରା ଗଣୁଛଂତି-କେ. ଟି. ସି. ଆଇ.! ସେସବୁ କଥା ଛାଡ଼। ବର୍ତମାନ କିପରି ରଥଟଣା ହେବ ସେକଥା ପତୁ। ଲୋକମାନେ ସବୁ ଆତୁର ହେଲେଣି। ଦିନ ଆସି ଗୋଟାଏ ବାଜିଲାଣି।''

ପରିଡ଼ାଏ ଟମ ଟମ ହୋଇ ରଥ ଉପରୁ ତଳକୁ ଓହ୍ଲାଇ ଆସିଲେ। କହିଲେ :

''ମୋର ଦରକାର ନାହିଁ। ମୁଁ ଝାଡୁ ମାରିବି ନାହିଁ। ରଥ ଚାଲୁ କି ନଚାଲୁ ମୋର କଣ ଅଛି ? ମୁଁ ଘରକୁ ଚାଲିଲି।''

ତାଂକ ଛଅ ଭାଇ ମଧ୍ୟ ତାଂକ ପଛେ ପଛେ ଉଠି ପଡ଼ିଲେ। ଯିବାକୁ ବାହାରିଲେ।

ଲୋକମାନେ ସେମିତି ରଥ ଦୌଡ଼ିକି ଧରି ଛିଡ଼ା ହୋଇଛଂତି। ସେମାନେ ଦେଖିଲେ ମହା ବିପଦ। ରଥ ନଟାଣି ସେମାନେ ଘରକୁ ଫେରିବେ କେଉଁ ମୁହଁରେ ପୁନର୍ଜନ୍ମର ଆବର୍ତ ମଧ୍ୟରୁ ଉଦ୍ଧାର ବା ହେବେ କେମିତି ? ସେମାନେ ନିଜ ଭିତରେ ମୁହଁ ଚାହାଁଚାହିଁ ହୋଇ ଫୁସଫୁସ ହେବାକୁ ଲାଗିଲେ। ଇଆଡ଼େ ଭୋକ ଓ ଖରାରେ ଅକଲ ଗୁଡୁମ୍।

ଶେଷରେ ସ୍ଥିର ହେଲା ଏବର୍ଷ ପରିଡାଏ ଝାଡୁ ମାରଂତୁ। ଆସଂତା ବର୍ଷ କଥା ଆସଂତା ବର୍ଷ ଦେଖାଯିବ। ଆନଂଦ ଏକ୍କାବାର ହରିବୋଲ ଶବ୍ଦରେ ସହର କଂପିଗଲା। ଘୁଘୁନାଦରେ ରଥ ଆଗକୁ ମାଡ଼ି ଚାଲିଲା।

Digitized by srujanika@gmail.com

ପଦ୍ମବୀଜ

ସେଦିନ ଆମ ପଡ଼ୋଶିନୀ ଟୋକେଇଏ ପଦ୍ମ ମଂଜି ପଠାଇଦେଲେ। ଟୋକେଇ ସହ। ସେ ମଧ୍ୟ ତାହା ନିଜେ ମଗାଇ ନଥିଲେ। ତାଂକୁ ଆଉ ଜଣେ କିଏ ଗାଁରୁ ଆଣି ଦେଇଥିଲେ। ସ୍ତ୍ରୀ ପଦ୍ମ ମଂଜି ଦେଖି ମୁହଁ ବୁଲାଇ ଦେଲେ। କହିଲେ-

''ତରକାରୀ ଅବଶ୍ୟ ଖୁବ୍ ଭଲଲାଗେ। ମୁଁ ବାପ୍ପଘର ବେଳେ କେତେ ଥର ଖାଇଛି। କିଂତୁ କିମିତି ବନାଇବାକୁ ହେବ ମୁଁ ଜାଣେନା।''

ଅଗତ୍ୟା ପୂଜାରୀକୁ ମୋ' ଅପାଂକ ଘରକୁ ପଠାଇବାକୁ ହେଲା। ସେ ମୋ'ଠୁ ଦଶ ବର୍ଷ ବଡ଼, ବୟସ ଆସି ପ୍ରାୟ ସତୁରି ହେଲାଣି। ରୋଷେଇ ବାସରେ ବେଶ୍ ନାମ ଯଶ ଅଛି। ସେ କିଂତୁ ପଦ୍ମ ମଂଜି ରାଂଧଣା ଭୂଲି ଯାଇଥିଲେ। ସେ ପଠାଇଲେ ଆଉ ଜଣଂକ ଘରକୁ। ତାଂକ ବଡ଼ ଯା ସାବିତ୍ରୀ ଦେବୀଙ୍କ ଘରକୁ। ସେଠୁ ପୂଜାରୀ ଯାହା ବୁଝି ଆସିଲା ତଦନୁଯାୟୀ ମସଲାବଟା ହେଲା, ତରକାରୀ ରଂଧାହେଲା। ତାହା କିଂତୁ ବେଶ୍ ସ୍ମରଣୀୟ ଖାଦ୍ୟ ହେଲା। ସହଜରେ ଭୂଲି ହେବନାହିଁ।

ରାତିରେ ଖାଇସାରି ପଲଂକ ଉପରେ ଶୋଇ ପେଟରେ ହାତ ବୁଲାଉଛି ହଠାତ୍ କେତେ କଥା ମନେ ପଡ଼ିଗଲା। ଗାଁର ସେଇ ପଦ୍ମପୋଖରୀ। ତିନିଟାଯାକ କୂଳରେ ଘନ ପଦ୍ମଫୁଲ ଓ କଇଁଫୁଲର ଲଟା ଦଳ ଭର୍ତି। କେବଳ ପୂର୍ବ ପାଖ କୂଳରୁ ପୋଖରୀ ମଝି ପର୍ଯ୍ୟଂତ ଯାହା ସାଫ୍। ସେଇଠି ଲୋକେ ଗାଧୁଆ ପାଧୁଆ, ତିଳ ତର୍ପଣ ଆଦି କରଂତି। ଦି' ପହରେ ଗୋରୁ, ମହିଂଷି, ଛେଳିଂକୁ ଆଣି ପାଣିରେ ପୂରାଇ ଦିଅଂତି। ଲୁଗାକଚା ତ ଅନବରତ ଚାଲିଥାଏ, ତୁଠଠୁ ଟିକିଏ ଦୂରରେ।

ପୋଖରୀରେ ମାଛ ଅପେକ୍ଷା ଜୋକ ବେଶୀ। ଥରେ ଖୁଦୁରୁକୁଣୀ ଓଷାରେ ବଡ଼ ଅପା କହିଲା ପଦ୍ମଫୁଲ ଆଣି ଦେବାକୁ ହେବ। ମୋର ମନେ ପଡ଼ିଲା ସାପୁଆ କେଳାର ଗୀତ :

''ପଦ୍ମାବତୀ ରାଣୀ   କଂସର ଘରଣୀ
କରିଛି ଧନତ୍ରୀ ଓଷା
ଲକ୍ଷ ଭାର ପଦ୍ମ   ଦେବୁରେ କହ୍ନାଇ
ପାଖୁଡ଼ା ନଥିବ ମିଶା।''

Digitized by srujanika@gmail.com

ସବୁ ବାହାଦୁରୀ ନିଜେ ନେବା ପାଇଁ ମୁଁ କାହାକୁ କିଛି ନକହି ଭୁଷ୍‌କିନା ପାଣିରେ ପଶିଗଲି। ଦଳରେ ଗୋଡ଼ ଛନ୍ଦି ହୋଇ ଗଲାଣି, ମୋର ହୋସ ନାହିଁ। କିଛି ପଦ୍ମଫୁଲ ତୋଳି ବେକରେ ପକାଇଛି ହଠାତ୍ ମୋ ଦିହ ସାରା ଜଳି ଉଠିଲା। କିଏ ଯେମିତି ନିଆଁ ଚେଂଗି ଦେଲାପରି ଲାଗିଲା। ମନେହେଲା ଦିହ ସାରା କିଏ ଯେମିତି କାମୁଡ଼ି ଧରିଛି। ମୁଁ ଅସହ୍ୟ ଯଂତ୍ରଣାରେ ପାଟିକଲି। ହାଉ-ହାଉ କରି ଉପରକୁ ଉଠିଆସି ଦେଖେ ତ ଗୋଡ଼ ହାତ, ବେକ ଛାତି, ପିଠି ଗାଲ ସବୁଠି ପଂଦରଟା କି କୋଡ଼ିଏଟା ଜୋକ ଲାଖି ରହିଛଂତି। ମୋ ରକ୍ତ ଝୁଣିବାରେ ଲାଗିଛଂତି। ମୁଁ ଯେତେ ଟାଣିଲେ ମଧ୍ୟ ସେମାନେ ଛାଡୁ ନାହାଂତି। ଚମଡ଼ା ଛିଂଡ଼ି ଯାଉଛି। ମୁଁ ଅଚେତ ହୋଇ ପୋଖରୀ କୂଳରେ ପଡ଼ିଗଲି। ହୁଡ଼ାରେ ଗାଈ ଚରାଉଥିବା ପିଲାମାନେ ଦଉଡ଼ି ଆସି ବୋବାଳି ଚାଡ଼ିଲେ। ଗାଁ ଲୋକ ଆସି ଜମାହେଲେ। ସେମାନେ ମଧ୍ୟ ଜୋକଂକୁ ଭିଡୁଛଂତି। ମାତ୍ର ଚମଡ଼ା ଉଠି ଆସୁଛି ପଛକେ ଜୋକ ଛାଡୁ ନାହାଂତି। ଶେଷରେ ଜଣେ କିଏ କହିଲା- "ଯା ପୋଷେ ଲୁଣ ନେଇଆସ।" ସେତେବେଳକୁ ବାପା, ବୋଉ ଖବର ପାଇ ପୋଖରୀ କୂଳରେ ଆସି ପହଂଚି ଗଲେଣି। ସେମାନେ କଂଦାକଟା କରୁଛଂତି। ବୋଉ 'କଣ ହେଲାରେ କଣ ହେଲାରେ' କହି ମୁଂଡ଼ରେ ହାତ କଚାଡୁଚି। ଲୁଣ ଆସିଲା। ଜୋକ ମୁହଁରେ ଆଉ ଦିହରେ ଲୁଣ ସିଂଚି ଦିଆଗଲା। ସେମାନେ ଚମଡ଼ା ଛାଡ଼ିଦେଇ ମୋ ଦିହ ଉପରେ କଳବଳ ହେବାକୁ ଲାଗିଲେ। ମୋ ଦେହରୁ ପ୍ରାୟ ଅଧେ ରକ୍ତ ସେମାନେ ଶୋଷି ନେଇଥିଲେ। ମୋ' ଦିହ କିମିତି ଶେତା ନେଳିଆ ପଡ଼ି ଆସିଥିଲା। ମୁଁ ବି ହୋସ୍‌ରେ ନଥିଲି। ମୋତେ ଗୋଟାଏ ଶଗଡ଼ରେ ପକାଇ ବାପା ସହରରେ ଡାକ୍ତରଖାନାକୁ ନେଇଗଲେ। ସେଠାରେ ସାଲାଇନ୍ ଓ କେତେ କଣ ଇଂଜେକସନ ନେବାକୁ ପଡ଼ିଲା। ଦଶ ଦିନପରେ ଟିକିଏ ଭଲ ହୋଇ ଯିବାରୁ ଯାଇ ଘରକୁ ଆଣିଲେ।

ଆଉ ଥରେ ମାମୁଁ ଘରକୁ ଯାଇଥିଲୁଁ। ମୁଁ ବୋଉ ଓ ଦୁଇ ଭାଇ। ସେଠି ମଧ୍ୟ ଗୋଟାଏ ମସ୍ତ ବଡ଼ ପାଟ ପୋଖରୀ ଅଛି। ପଦ୍ମ ଓ କଇଁ ଲଟିରେ ଭରା। [illegible]ବ କଣ ପୂଜାଥାଏ। ମାମୁଁଝିଅ ଦୁଇ ଭଉଣୀ ଜିଦ୍ ଧରିଲେ କଇଁ ଫୁଲ ଆ[illegible]ବାକୁ ହେବ। ମୋର ଅନ୍ୟ ଦୁଇ ଭାଇ ଘରେ ନଥିଲେ। ମୁଁ ନାହିଁ କରି ଦେଇଥିଲେ ଭୀରୁତା ହୋଇଥାଂତା। ମାତ୍ର ପୂର୍ବ ଅଭିଜ୍ଞତାରୁ ଶିକ୍ଷା ମନରେ ଲାଗି ରହିଥିଲା।

ସାନଟା, ମାନେ ପରିମଳା ହିଁ ବେଶୀ ଲଗାଇଲା। ସେ ନବମରେ ପଢୁଥିଲା। ଥରେ ଦି'ଥର ତା କାମ ନକରିବାରୁ ସେ ମୋ ଗାଲ ଚିମୁଟି ଦେଇଥିଲା। ମୁଁ ବି ତା ଶାଢ଼ୀରୁ ଫାଳେ ଦାଂତରେ ଚିରି ଦେଇଥିଲି। ବୋଉ ଆସି ଛଡ଼ାଇ ଦେଲା। ମୁଁ ଥରେ ତା' ଲଂବା ବେଣୀକି କଇଁଚିରେ କାଟି ଦେଇଥାଂତି। ସେ ନିଦରେ ଶୋଇଥିଲା। କିଂତୁ ଧରା ପଡ଼ିଗଲି। ମାଇଁ ଯାଇ ବୋଉକୁ କହିଲେ। ବୋଉ ଆସି ନିର୍ଘୁମ ପିଟିଲା।

Digitized by srujanika@gmail.com

ହଁ, ଏଥର ମୁଁ ପାଣିରେ ପଶିଲି ନାହିଁ। ପୋଖରୀର ବାଆଁପଟ କୂଳରେ ଗୋଟାଏ ଆଂବଗଛ ଥିଲା। ତାର ଯେଉଁ ଲଂବା ଡାଳଟା ପୋଖରୀ ଉପରକୁ ଝୁକି ପଡ଼ିଥିଲା ମୁଁ ତା' ଉପରେ ଚଢ଼ି ଆରାମରେ ବସି ଗୋଟାଏ ଆଂକୁଡ଼ିରେ କଇଁ ଫୁଲ ଟାଣିବାକୁ ଲାଗିଲି। ଆଠ ଦଶଟା କଇଁଫୁଲ ଝିଂକିବା ପରେ ହଠାତ୍ ମୋ' ଡାହାଣ ବାହୁରେ କ'ଣ ଗୋଟାଏ କାମୁଡ଼ି ଦେଲା ପରି ଅନୁଭବ କଲି। ପାଣିରେ କ'ଣ ଗୋଟାଏ ଧପ୍‌କିନା ଖସି ପଡ଼ିବାର ଶବ୍ଦ ମଧ୍ୟ ଶୁଣିଲି। ମାତ୍ର ମୁଁ ସିଆଡ଼କୁ ନଜର ନଦେଇ କଇଁଫୁଲ ଟାଣୁଥିଲି।

କ୍ରମେ ବଡ କ୍ଲାଂତି ଅନୁଭବ କଲି। କିମିତି ଟିକିଏ ନିଦ ନିଦ ଲାଗିଲା। ମୁଁ ତରବରରେ ତଳକୁ ଓହ୍ଲାଇ ଆସୁଛି ବଡ଼ ମାମୁଁ କେଉଁଠୁ ଆସି ଗାଧୁଆ ତୁଠରେ ପହଂଚିଗଲେ। ମୋତେ ଗଛରେ ଚଢ଼ିଥିବାର ଦେଖି ପାଟିକଲେ- "ଯାଆ ଯାଆ ଘରକୁ ଯା", ତୋତେ ସେଠି ଗଛରେ ଚଢ଼ିବାକୁ କିଏ କହିଲା ? ଦୁଷ୍ଟ ଟୋକା ରହ, ଚାଲ ତୋ ବୋଉକୁ କହୁଛି। ତୋତେ ନିଶ୍ଚୁକ ଟାଂକେ ଛେଚିବା ଦରକାର।"

ମୁଁ ଶୁଣିଥିଲି ସେ ପୋଖରୀରେ ଦି'ଜଣ ଲୋକ ବୁଡ଼ି ମରିଥିଲେ। ଲୋକେ କହଂତି ତାଂକ ଭୂତ କୁଆଡ଼େ ଏଇ ଆଂବଗଛରେ ରହିଛି। ଉଦୁଉଦିଆ ଖରାବେଳେ କିଂବା ନିଛାଟିଆ ସଂଜବେଳେ କେହି ସେ ପୋଖରୀ ପାଖକୁ ଯାଆଂତି ନାହିଁ। ଆଂବଗଛ ତ ଦୂରର କଥା।

ମୁଁ ଗଛରୁ ଓହ୍ଲାଇ ଦେଖିଲି ମୋ' ବାଆଁପଟ ବାହୁର ଠାଏ ଟିକିଏ ଟିକିଏ ରକ୍ତ ବାହାରୁଛି। ମୁଁ ହାତରେ ରକ୍ତ ପୋଛି ଦେଇ ସିଧା ଘରକୁ ଗଲି। ପରିମଳାକୁ କଇଁଫୁଲ ବଢ଼ାଇ ଦେଇ ଗୋଡ଼ ହାତ ଧୋଇ ଖଟ ଉପରେ ବସିଲି। ମାଇଁ ଭାତ ବାଢ଼ି ଡାକିବାକୁ ଆସି ଦେଖଂତିତ ମୁଁ ଶୋଇ ପଡ଼ିଛି। ସେ ମୋତେ ଏପଟ ସେପଟ ହଲାଇ ଉଠାଇଲେ। କିଂତୁ ମୁଁ ଖାଲି ଗଥଁ ଗଥଁ କରୁଥାଏ। ମାଇଁ ମୋତେ ଓଲଟାଇ ଟାଣିଲେ। ହଠାତ୍ ମୋ' ବାହୁରେ ରକ୍ତ ବାହାରୁଥିବା ଦେଖି ବୋଉକୁ ଡାକ ପକାଇଲେ। ବୋଉ ଓ ମୋର ଦୁଇ ଭାଇ ମଧ୍ୟ ମାମୁଁ ଘରକୁ ଆସିଥିଲେ। ଦୋଳପୁନେଇ ଯୋଗୁଁ ବାପା ଓ ବନୁ ଅପା କଟକରେ ଥାଆଂତି। ବୋଉ ଦଉଡ଼ି ଆସି ମୋତେ ଦେଖି ପାଟିକରି କାଂଦିଲା। କ'ଣ ହେବ କ'ଣ ହେବ ବୋଲି ଚିତ୍କାର କଲା। ମଝିଆ ମାମୁଁ ଦୌଡ଼ିଯାଇ ମାଳୀ ସାହୀରୁ କେଳା ଶେଠୀକୁ ଡାକି ଆଣିଲେ। ସେ ଏ ଅଂଚଳରେ ନାମଚାଦା ଗୁଣିଆ। ସେ ଆସି ମଂତ୍ର ଫୁଙ୍କି ମୋ ଉପରେ ବାରଂବାର ପାଣି ସିଂଚି ମୋତେ ଝାଡ଼ିଲା। ତା' ପରେ କହିଲା- "କ'ଣ ଗୋଟାଏ ଜଂତୁ କାମୁଡ଼ି ଦେଇଛି ଗଛ ଉପରେ। ସେଟା ଆଉ ବଂଚିନାଇଁ। ପୋହଳା ଏଂତୁଅ ହେବ ନା କଣ !"

ସେ ସେଇ କ୍ଷତ ଜାଗାଟାରେ ଗୋଟାଏ ପିତଳ ଥାଳିଆ ଲଗାଇଦେଲା। ଏଡ଼େ ବଡ଼ ଭାରୀ ଥାଳିଆଟା ତଳେ ପଡ଼ି ନଯାଇ ମୋ ବାହାକୁ ଜାବୁଡ଼ି ଲାଖି ରହିଲା। ବହୁତ ଝଡ଼ାଫୁଙ୍କା ପରେ ମୋର ଟିକିଏ ଚେତା ଆସିଲା। ଗୁଣିଆ କହିଗଲା-

Digitized by srujanika@gmail.com

''ଯାକୁ ଶୋଇବାକୁ ଦେବନାହିଁ। କାଲି ଦିନ ଏତିକି ବେଳକୁ ବିଷ ଝଡ଼ିବ। ଯା ଭିତରେ ଯଦି ଶୋଇପଡ଼େ ତେବେ ଆଉ କେହି ରକ୍ଷାକରି ପାରିବ ନାହିଁ। ବୁଝି ଖବରଦାର।''

ମୋର ଦୁଇ ଭାଇ ଓ ପରିମଳା ମୋତେ ପାଳିକରି ଜଗି ରହିଲେ। ମୁଁ ଯେପରି ଶୋଇ ନପଡ଼େ। ବୋଉ କହୁଥିଲା- ସାରା ଦିନ ଓ ରାତି ପରିମଳାର ପଲକ ପଡ଼ି ନାହିଁ। ସେ ଚିତ୍ର ପ୍ରତିମାଟିଏ ପରି ମୋ' ଶେଯ ପାଖରେ କାଠ ହୋଇ ବସି ରହିଥାଏ। ତା ପରଦିନ ବାପା ଓ ବନ୍ଦୁ ଅପା ଆସି ପହଂଚିଲେ।

ପଲଂକ ଉପରେ ଶୋଇ ମୋର କେତେ କଥା ଛାୟାଛବି ପରି ମନେ ପଡ଼ିଯାଉଥିଲା। ବହୁତ ଦିନରୁ ଗାଁକୁ ଯାଏନାହିଁ। ମାମୁଁ ଘରତ ଆହୁରି ଦୂର। ବାପା ଚାଲିଗଲେ। ଗାଁରେ ବୋଉ ଅଛି। ବନ୍ଦୁ ଅପା ବି ବିଧବା ହୋଇ ଗାଁରେ ରହେ ବୋଉ ପାଖରେ। କିଛି ଦିନ ଶାଶୁଘରେ ରହେ ବିଲବାଡ଼ି କାମ ବୁଝିବାକୁ। ପରିମଳା ତିନୋଟି ପିଲାଂକୁ ଜନ୍ମ ଦେବାପରେ ଆମ ସମସ୍ତଂକୁ ଛାଡ଼ି ଚାଲି ଯାଇଛି। ବଡ଼ ମାମୁଁ ମାଇଁ ଆଠ ବର୍ଷ ହେଲା ଆଉ ସଂସାରରେ ନାହାଂତି।

ସକାଳେ ଉଠି ଦେଖେଁ ସ୍ତ୍ରୀ ଆଗ୍ରହରେ ପଦ୍ମ ମଂଜିରୁ ଚୋପା ଛଡ଼ାଇ ଗୋଟିଏ ଥାଳୀରେ ରଖୁଛଂତି। ମୋତେ ଦେଖି କହିଲେ-

''କାଲିକି ସଢ଼ିଯିବ ନା। ଆଜିସବୁ ତରକାରୀ କରିଦେବା। କ'ଣ କହୁଛ ?''

Digitized by srujanika@gmail.com

ବାଗର୍ଥ

ମହାକବି କାଳିଦାସ ଲେଖିଥିଲେ- ବାଗର୍ଥ ପରସ୍ପର ସଂଗେ ଜଡ଼ିତ। ବାକ୍ ବା ଶବ୍ଦ ସହିତ ଅର୍ଥର ଅଂଗାଂଗୀ ସଂବଂଧ ରହିଛି। ସେହିପରି ଶିବ ଓ ପାର୍ବତୀଙ୍କ ସଂବଧ। ଆମେ ଏବେ 'ଅର୍ଥକୁ' 'ମାନେ' ନବୁଝି ଟଂକା ପଇସା ବୋଲି ବୁଝୁଛୁଁ। ଫଳରେ ବାକ୍ ସଂଗେ ଅର୍ଥର ବ୍ୟବଧାନ କ୍ରମେ ବଢ଼ି ଚାଲିଛି। ଯିଏ ବାଗଦେବୀ ଓ ସରସ୍ୱତୀଙ୍କ ଭକ୍ତ ସେ ଲକ୍ଷ୍ମୀ ଠାକୁରାଣୀଙ୍କ ଦ୍ୱାରା ପରିତ୍ୟକ୍ତ, ବର୍ଜିତ। ଏବେ କିଂତୁ ଅବସ୍ଥା ଆହୁରି ବଦଳି ଗଲାଣି। ଲକ୍ଷ୍ମୀ ଆଉ ସରସ୍ୱତୀଙ୍କର ସଉତୁଣୀ ହୋଇ ନାହାଂତି- ସେ ତାଂକର ପରିଚାରିକାରେ ପରିଣତ ହୋଇ ସାରିଲେଣି।

ଗଦାଧର ବାବୁ ଆଜି ସକାଳେ କାଳିଦାସଂକ କଥା କାହିଁକି ଭାବୁଥିଲେ ତାହା ସଠିକ କହିହେବ ନାହିଁ। ହଠାତ୍ ସେତିକିବେଳେ ପ୍ରବେଶ କଲେ ପ୍ରକାଶକ ଖଗପତି ବାବୁ। ଗଦାଧର ବାବୁ ଜଣେ ନାମଜାଦା ଲେଖକ ଏବଂ ସମାଜ ସୁଧାରକ। ସେ କଳିଂଗ ସାହିତ୍ୟ ସଂସଦର ସଭାପତି ମଧ୍ୟ। ସେ ଲେଖକ, କଳାକାରମାନଂକ ପାଇଁ ବହୁ ଆଂଦୋଳନ କରିଛଂତି। ବହୁ ସଭା ସମିତି କରି ସେମାନଂକ ଭତ୍ତା ଓ ରୟାଲଟି ପାଇଁ ଦୃଢ଼ ଦାବୀ କରିଛଂତି, ଖବର କାଗଜରେ ବହୁ ବିବୃତି ଦେଇଛଂତି।

ଖଗପତି ବାବୁ ଆସି ନମସ୍କାର କଲେ। ଗଦାଧର ବାବୁ କିଛି କହିବା ଆଗରୁ ଧପ୍ କିନା ଗୋଟାଏ ଚୌକିରେ ବସି ପଡ଼ିଲେ। ତା'ପରେ ମୁହଁରୁ ଝାଳ ପୋଛି କହିଲେ :-

''ଆପଣ ଆମ ପ୍ରକାଶକମାନଂକ ବିରୋଧରେ କାହିଁକି ଏତେ ଲାଗିଛଂତି, କାହିଁକି ଏତେ ଆଂଦୋଳନ କରୁଛଂତି ?''

''ପ୍ରକାଶକ ? ମୁଁ ତ ସେମାନଙ୍କ ବିରୁଦ୍ଧରେ କେବେ ପାଟି ଫିଟାଇ ନାହିଁ। ମୁଁ କହୁଛି ଲେଖକମାନଂକ ସ୍ୱାର୍ଥ ପ୍ରତି ଟିକିଏ ଦୃଷ୍ଟି ଦିଆଯାଉ।''

ଖଗପତି ବାବୁ କହିଲେ :

''ସେ ଏକା କଥା। ଏକା କଥା।''

ଟିକିଏ ଆଶ୍ଚର୍ଯ ହୋଇ ଗଦାଧର ବାବୁ କହିଲେ :

''ଏକା କଥା ! ଏକା କଥା କିମିତି ? ଲେଖକମାନଂକର କିଛି ଭଲ ହେଲେ କ'ଣ ପ୍ରକାଶକମାନଂକର କ୍ଷତି ହେବ ?''

Digitized by srujanika@gmail.com

"ହଁ ହେବ ନାହିଁ କଣ ପ୍ରକାରାଂତରେ।" ଖଗପତି ବାବୁ ଜବାବ ଦେଲେ।

"କାହିଁକି କ୍ଷତି ହେବ", ଗଦାଧର ବାବୁ ପଚାରିଲେ। "ମୁଁ ତ ସେପରି କିଛି ଭାବୁ ନାହିଁ। ଲେଖକ ଓ ପ୍ରକାଶକ ଉଭୟେ ଉଭୟର ପରିପୂରକ, ସହାୟକ। ଆପଣ କାହିଁକି ଭାବୁଛନ୍ତି ଯେ ସେମାନେ ପରସ୍ପରର ବିରୋଧୀ? ପ୍ରକାଶକ ମାନେ ନ ଥିଲେ ଆଜି ଓଡ଼ିଆ ସାହିତ୍ୟ ଯେଉଁଠି ପହଂଚିଛି ସେଠି ପହଂଚି ପାରିଥାଂତା କି? ସାହିତ୍ୟକୁ ପ୍ରକାଶକମାନଂକର ଅବଦାନ କିଛି କମ୍ ନୁହେଁ।"

ଖଗପତି ବାବୁ ମୁଂଡ଼ରେ ହାତ ବୁଲାଇ କହିଲେ :

"ହଁ ତା ସତ ଯେ, ହେଲେ ପ୍ରକାଶକମାନଂକୁ ପଚାରୁଚି କିଏ? ସବୁ ପୁରସ୍କାର ଓ ଫୁଲମାଳ ତ ଲେଖକ ପାଇଲେ। ପ୍ରକାଶକଂକ ଭାଗରେ ପଡ଼ିଲା ଖାଲି ଗାଳି, ବଦନାମ-"

"ନା ନା, ସେପରି କହଂତୁ ନାହିଁ ଖଗପତି ବାବୁ। ପ୍ରକାଶକର ପ୍ରକାଶିତ କୌଣସି ବହିର ଲେଖକ ସମ୍ମାନ ବା ପୁରସ୍କାର ପାଇଲେ ସେ ଗୌରବ କଣ ପ୍ରକାଶକର ନୁହେଁ?" ଗଦାଧର ବାବୁ କହିଲେ।

"ହଁ, ହଁ, ତା ନୁହେଁ କଣ?" ଏତିକି କହି ଖଗପତି ବାବୁ ଟିକିଏ ପାଖକୁ ଚୌକି ଟାଣି ଆଣି ଅନୁଚ୍ଚ ସ୍ୱରରେ କହିଲେ :

"ଆଗ୍ୟାଂ, ଶୁଣଂତୁ, କଥାଟା ଅବଶ୍ୟ ଗୋପନୀୟ। ଅଧିକାଂଶ ପ୍ରକାଶକ ଲେଖକଂକୁ ରୟାଲଟି ଦିଅଂତି ନାହିଁ। ଟଂକା ପାଇଲୁଁ ବୋଲି ଖଂଡେ କାଗଜରେ ଲେଖାଇ ନେଇ ଅଳ୍ପ କିଛି ଟଂକା ଦେଇ ଚାଲିଯାଂତି। ସେମାନେ ସମସ୍ତେ ଠକ। କିଂତୁ ଆମ କଥା ସ୍ୱତଂତ୍ର। ଆମ ଶୁଦ୍ଧ ସାହିତ୍ୟ ମଂଦିର କେଉଁ ଲେଖକର ଗୋଟିଏ ପଇସା ମଧ ବାକୀ ରଖେ ନାହିଁ। ଆମେ ପ୍ରତି ବର୍ଷ କଡ଼ା ପାହୀ ସବୁ ତୁଟାଇ ଦେଉଁ। ଆପଣ ପଚାରି ବୁଝଂତୁ। ଅନ୍ୟମାନେ ଯେତେ ସବୁ ଦେଖୁଛଂତି ସମସ୍ତେ ଗୋଟିଏ ଗୋଟିଏ ଧର୍ମବକ। କେହି ଗୋଟିଏ ଭଲ ଲୋକ ନୁହେଁ। ତେଣୁ ଆପଣ ଯାହା କରୁଛଂତି ତା ଠିକ୍ କଥା ହିଁ କରୁଛଂତି। ମୁଁ ଖାଲି ଆପଣଂକ ମୁହଁ ଉପରେ ଏହା କହୁ ନାହିଁ, ପଛରେ ବି ସମସ୍ତଂକୁ କହେ। ଆପଣ ପଚାରି ବୁଝଂତୁ। ମୁଁ ମିଛ କହିଲେ କହିବେ ଖଗପତି ମିଛୁଆ।"

ତା'ପରେ ଟିକିଏ ସୋଜା ହୋଇ ବସି ଗଳା ଝାଡ଼ି କହିଲେ, "ବାପା ମନା କରି ଯାଇଛଂତି ଲେଖକମାନଂକ ହକ୍ ପାଉଣା ବାକୀ ରଖିବ ନାହିଁ। ସବୁ ତୁଟାଇ ଦେବ।"

ଗଦାଧର ବାବୁ ପଚାରିଲେ : "ଆପଣଂକ ବାପା ସତରେ କହିଛଂତି?"

ଖଗପତି ବାବୁ କହିଲେ : "ଆଗ୍ୟାଂ, ହଁ ଆଗ୍ୟାଂ। ବାପା' ଦିନେ ଆମ ତିନି ଭାଇଂକୁ ଡାକି କହିଲେ- ପ୍ରକାଶକ ଧଂଦା କରୁଛ, କର। କିଂତୁ ଗୋଟିଏ କଥା ମନେ ରଖିବ, ଲେଖକଂକୁ କଦାପି ଠକିବ ନାହିଁ। ତାଂକ ପାଉଣାପତ୍ର ଠିକ୍ ଠିକ୍ ଦେଇଦେବ।"

Digitized by srujanika@gmail.com

ତାପରେ ବାପା କହିଥିଲେ- "ପ୍ରେସ୍ କର୍ମଚାରୀଙ୍କୁ ଠକିବ ନାହିଁ। ଲେଖକ ଓ ପ୍ରେସ୍ କର୍ମଚାରୀ ହେଲେ ଆମର ହାତ ଗୋଡ଼।" ମୁଁ ବାପାଂକୁ ପଚାରିଲି- "ବାପା, ତେବେ ଆଉ କାହାକୁ ଠକିବୁଁ? ବିଜିନେସ ଚାଲିବ କିମିତି?" ବାପା କହିଥିଲେ: "ରହ, ଇମିତି ଉଚ୍ଛନ୍ନ କାହିଁକି ହେଉଛୁ, ମୁଁ ବାଟ ବତାଇ ଦେଉଛି। ସରକାରକୁ ଯେତେ ପାର ଠକିବ। ଟିକସ, ଆୟ କର, ସବୁ ଫାଂକି ଦେବ। ସେଲସ୍ ଟ୍ୟାକସ ଫାଂକି ଦେଇ ପାରିବ। ଡ଼ି.ପି.ଆଇ, ମ୍ୟୁନିସିପାଲଟି, ବିଜୁଳି ବିଭାଗ ଏ ସମସ୍ତଂକୁ ଠକି କିଛି ଦୋଷ ନାହିଁ।" "ଆଗ୍ୟାଂ, ଆମ ବାପା ପାଂଚ ବର୍ଷ ହେଲା ଚାଲି ଗଲେଣି। ମାତ୍ର ତାଂକ କଥା ଅକ୍ଷରେ ଅକ୍ଷରେ ମାନି ଚଳୁଛୁଁ। ବାପାଂକ ନୀତିରେ ହିଁ ସବୁ ବିଜିନେସ୍ ଚାଲିଛି। ଏକଥା ଆପଣ ପଚାରି ବୁଝଂତୁ। ମିଛ ହେଲେ ମୋତେ କହିବେ।"

ଗଦାଧର ବାବୁ ଭାବୁଥାଂତି, କଣ ସତ କହିଲେ ଖଗପତି ବାବୁ? ନା ତାଂକୁ ସିଧା ସରଳ ଲୋକ ପାଇ ଓଲୁ ବନେଇ ଚାଲିଗଲେ! ସିଏତ ଏ ସହରରେ ଜଣେ ଖୁବ୍ ଧନୀଲୋକ ବୋଲି ସମସ୍ତେ କହଂତି। ବହୁତ ଘରବାଡ଼ି, ଜମି, ଜାଗା, ବଗିଚା ଖାଲି ଏଇଠି ନୁହେଁ, ଓଡ଼ିଶାର ବିଭିନ୍ନ ଜାଗାରେ ସେ କରିଛଂତି ବୋଲି ସମସ୍ତେ ଜାଣଂତି। ସ୍ଥଳ ଭାଗ ଯଥେଷ୍ଟ ନ ହେବାରୁ ଜଳଭାଗ- ଅର୍ଥାତ୍ ମହାନଦୀ ପଠାରେ ଜମି ଲିଜ୍ ନେଇ କାକୁଡ଼ି, ବାଇଗଣ, ଟମାଟୋ, ଜହ୍ନି, ଭେଂଡି ପ୍ରଭୃତି ଚାଷ କରୁଛଂତି। ଗୋଟାଏ ଟ୍ରଲର୍ ପାରାଦ୍ୱୀପରେ ପକାଇ ମତ୍ସ୍ୟାଭାବ ଦୂର କରୁଛଂତି। ଏତେ କୋଠା ବାଡ଼ି ସଂପତ୍ତି ସେ କଲେ କିମିତି? ସତ୍ ଉପାୟରେ ନା ଅସତ୍ ଉପାୟରେ ନା ଯାଦୁ ନା କିମିଆ? ନା କିଛି ଭେଲିକି! ଭାବୁ ଭାବୁ ତାଂକ ମୁଂଡ ଚକ୍କର ଖାଇଗଲା। ସେ କିଛି ଥଳ କୂଳ ପାଇଲେ ନାହିଁ। ଗଦାଧର ବାବୁ ଦେଖିଲେ ପ୍ରକୃତ ସାହିତ୍ୟ (ବା ବାକ) ଏବଂ, ଅର୍ଥ (ଟଂକା) ମଧ୍ୟରେ ବ୍ୟବଧାନ ଯେତିକି ବଢ଼ି ଚାଲିଛି ତେଣେ ବାକ୍ ଓ ଅର୍ଥ (ଅର୍ଥାତ୍ ମାନେ) ମଧ୍ୟରେ ବ୍ୟବଧାନ ସେତିକି ସୁଦୂରପ୍ରସାରୀ ହେଉଛି, ତେଣେ ସାହିତ୍ୟ କ୍ରମେ ଅର୍ଥହୀନ ଓ ଦୁର୍ବୋଧ ହୋଇଯାଉଛି। ଆଉ କିଛି ଦିନ ଗଲେ ହୁଏତ ଅବୋଧ ହୋଇଯିବ।

ସେ ଯାହାହେଉ, ଖଗପତି ବାବୁଂକ ସ୍ୱର୍ଗୀୟ ପିତା ଜଣେ ସଚ୍ଚୋଟ, ସୁଲେଖକ ଓ ପଂଡ଼ିତ ଲୋକ ଥିଲେ। ସେ ଅ ଅନୁପ୍ରାସରେ ଏକ ଦୁଇ ଶହ ପୃଷ୍ଠାର ପ୍ରକାଂଡ଼ କାବ୍ୟ ଲେଖି ଛପାଇଥିଲେ। ଖଗପତି ବାବୁ କିଂତୁ ବଡ଼ ଧୂର୍ତ୍ତ ଓ ମାମଲତକାରିଆ ମନେ ହୁଅଂତି। ତାଂକ ପୃଥୁଳବପୁ ହୁଏତ ସେଥିପାଇଁ କିଛିଟା ଦାୟୀ।

ସେ ନିଜ ନାମରେ ଏବଂ ନିଜ ଆତ୍ମୀୟ ସ୍ୱଜନଂକ ନାମରେ ବହୁ ବହି ପ୍ରକାଶ କରିଛଂତି। ତାଂକ ଶୁଦ୍ଧ ସାହିତ୍ୟ ମଂଦିରରେ ସେ ଏକାଧାରରେ ଲେଖକ ଓ ପ୍ରକାଶକ। ତେଣୁ ବେଶୀ କାହାକୁ ରୟାଲିଟି ଦେବା ପ୍ରଶ୍ନ ନାହିଁ। ସେ ଦିଗରୁ ସେ ଦାୟିମୁକ୍ତ। ବାକୀ ୧୦ରୁ ୧୫% ସେ ବଡ଼ ବଡ଼ ସରକାରୀ ଚାକିରିଆ ଓ ଭୂତପୂର୍ବ ତଥା ବର୍ତ୍ତମାନ ଅଧ୍ୟାପକ, ଶିକ୍ଷକମାନଂକ ବହି ଛାପିଛଂତି। ସେଇମାନେ

Digitized by srujanika@gmail.com

ତ ସବୁ ବହି ବଛାବଛି କମିଟିର ମେଂବର, ଚେଆରମ୍ୟାନ୍, ଓ ଆବାହକ, ସଂପାଦକ ଇତ୍ୟାଦି ଇତ୍ୟାଦି। ଜଣେ ଜଣେ ତ ଦେଶରେ ଭୁବନେଶ୍ବରରୁ ଦିଲ୍ଲୀ ଯେତେ କମିଟି ଯେଉଁଠି ଅଛି ସବୁଥିରେ ମେଂବର ବନି ରହିଛନ୍ତି। ତେଣୁ ସେମାନଂକ ନିଜ ଓ ତାଂକ ପ୍ରିୟ ପ୍ରକାଶକଂକ ବହି ପାସ୍ ନ ହେବ ତ ଆଉ କାହା ବହି ପାସ୍ ହେବ! ତେଣୁ ତାଂକର ଚିଂତା କଣ? ସେ ନିଧୋକା ହୋଇ ବସିଛନ୍ତି। ହେଲେ ତ ତାଂକ ପ୍ରକାଶିତ ଲକ୍ଷ ଲକ୍ଷ ଟଂକାର ବହି ବନ୍ୟାଂଚଳକୁ ଚାଲିଯାଇଛି। ତାଂକ ଗୋଦାମ ଖାଲି। କେହି ଅଟକାଇ ପାରିଲେ ନାହିଁ। ସମସ୍ତେ ତାଂକର ଲୋକ। ଯିଏ ଲେଖକ, ସେଇ ବିଚାରକ, ସେଇ ପୁଣି କ୍ରେତା। ତାଂକର ଭୟ କ'ଣ?

ପୂର୍ବେ ଅବଶ୍ୟ ସେ ବଡ଼ ବଡ଼ ଲେଖକମାନଂକର କେତେ ଖଂଡ ବହି ଛାପିଥିଲେ। ମାତ୍ର ତାହା ପୁରୁଣା କଥା। ତାଂକ ବାପାଂକ ଅମଳର। ତାଂକ ବାପା କେତେ ଜଣ ବଡ଼ ବଡ଼ ଲେଖକଠୁ ବହି ଆଣି ପ୍ରକାଶ କରିଥିଲେ। ସେ ସବୁ ଆଜିଯାଏ ବି ଚାଲୁଛି। ସେତେବେଳେ ତ ଏତେ କମିଟି, ବୋର୍ଡ, ପାଠାଗାର ପ୍ରଭୃତି ନଥିଲା। ଖୁବ୍ କମ ବହି ବାହାରୁଥିଲା ଏବଂ ଭଲ ବହି ହିଁ ବାହାରୁଥିଲା। ଏତେ ମାରପେଂଚ, ଚାଲବାଜି ନଥିଲା। ବହି ନା ବହି। ସେଥିରେ ଇମିତି ଇଂଦ୍ରସଂପତ୍ତି ମିଳିଯିବ ବୋଲି କାହାରି ଧାରଣା ବି ନଥିଲା। ମାତ୍ର କାଳ ବଦଳିଗଲା। ଗଦାଧର ବାବୁ ଦେଖିଲେ, ନାଃ, ଏ ଯୁଗରେ ଆଉ ସାହିତ୍ୟ ଫାଇଦ୍ୟ କିଛି ହେବ ନାହିଁ। କ୍ଷମତା ଯାର ସାହିତ୍ୟ ତାର।

• • • •

ପୂଜା-ଦିଆଲୀ ସରିଲା। ବହି ଦୋକାନୀମାନଂକର ଗୋଟାଏ ସିଜନ୍ ଖତମ ହେଲା। ଦିନେ ସକାଳେ ୯ଟା ବେଳେ ଗଦାଧର ବାବୁ ଏକ ସଦ୍ୟପ୍ରକାଶିତ ପତ୍ରିକା ଉପରେ ଆଖି ବୁଲାଉଥାଂତି। ବୟୋବୃଦ୍ଧ ପ୍ରଖ୍ୟାତ ସାହିତ୍ୟିକ ବଟକୃଷ୍ଣ ମହାଂତି ବାଡ଼ି ଠୁକୁଠୁକୁ କରି ଆସି ପହଂଚିଲେ। ଗଦାଧର ବାବୁ ଠିଆ ହୋଇ ପଡ଼ି ତାଂକୁ ମୁଂଡ ନୁଆଇଁ ନମସ୍କାର କଲେ। ହାତ ଧରି ନେଇ ପାଖ ଚୌକୀରେ ବସାଇ ଦେଲେ। ତାପରେ ବିନୟ ହୋଇ ପଚାରିଲେ- "ଆଗ୍ୟାଂ, କଥା କଣ? ଭଲ ଅଛଂତି ତ?"

ବଟକୃଷ୍ଣ ବାବୁ ନୈରାଶ୍ୟପୂର୍ଣ୍ଣ କଂଠରେ କହିଲେ:- "ଆଉ ଭଲ କଣ ପଚାରୁଛଂତି ଆପଣ। ବୟସ ଅଶୀ ବର୍ଷ ହେଲା। ପଇସାଟିଏ ବି ରୋଜଗାର ନାହିଁ। ଏଥିରେ ଚଳିବ କିମିତି? ସେଥିରେ ପୁଣି ଅଜମା। ଏଥିରୁ ବେଶୀ ବେଶୀ ବାହାରୁଛି।" ସେ ଖଁ ଖଁ କରି କାଶି କିଛି ସମୟ ଧଇଁ ପେଲିବାକୁ ଲାଗିଲେ।

"ଏଇ ତ ଦିଆଲୀ ଗଲା। ରୟାଲିଟି ଟଂକା ତ ମଧବାଳୀନ ପାଇଥିବେ।"

ବଟକୃଷ୍ଣ ବାବୁ କରୁଣ ଆଖିରେ ତାଂକୁ କିଛିକ୍ଷଣ ପାଇ କୁଂଥୁ କୁଂଥୁ ହୋଇ କହିଲେ :

Digitized by srujanika@gmail.com

"ମାତ୍ର ପଇଁତିରିଶଟି ଟଙ୍କା ଦେଇଥିଲେ।"

"କାହିଁକି, ଆପଣଂକ ବହି ତ ବି.ଏ., ଏମ.ଏରେ ବିକ୍ରି ହେଉଛି। ସେ ସବୁତ ମୂଲ୍ୟବାନ ବହି। ପଇଁତିରିଶ ଟଙ୍କା କଣ? ହିସାବ ମାଗିଥିଲେ?" ବଟକୃଷ୍ଣ ବାବୁ କହିଲେ :

"ହଁ, ହିସାବ ମାଗିଥିଲି। ମାତ୍ର ପ୍ରକାଶକ କହିଲେ :

ଅପଣ ତ ସବୁ ଟଙ୍କା ଆଗରୁ ପାଂଚ ଦଶ ଟଙ୍କା କରି ନେଇ ଯାଇଛଂତି, ଆଉ ଟଙ୍କା ଆସିବ କେଉଁଠୁ? ଆପଣଂକ ଏକାଉଂଟରେ ମାତ୍ର ପଇଁତିରିଶ ଟଙ୍କା ବାହାରୁଛି।"

ଗଦାଧର ବାବୁ ପଚାରିଲେ-

"ଆପଣ କଣ ସବୁ ଟଙ୍କା ଆଗରୁ ନେଇ ଯାଇଥିଲେ?"

ବଟକୃଷ୍ଣ ବାବୁ ଅପରାଧୀଙ୍କ ଭଳି କହିଲେ :

"ପ୍ରତି ମାସରେ ନିହାତି ଅଭାବ ପଡ଼ିଲେ କେବେ କିମିତି ଯାଇ ଟଙ୍କା ମାଗେ। ଦୁଇ ଦିନିଘଂଟା ବସିଲେ ସେ ମୁହଁ ଛିଂଛାଡ଼ି ପାଂଚ ଦଶ ଟଙ୍କା ବଢ଼ାଇ ଦିଅଂତି। କହଂତି, ଯାଆଂତୁ। ସେ ଦେଇ ନାହାଂତି ବୋଲି କହିବି କିମିତି?

ତାପରେ ସେ ଉଠିପଡ଼ି କହିଲେ, "ମୁଁ ଯାଉଛି। ଆପଣ ଆମ ଲେଖକ, କଳାକାରଂକ ପାଇଁ ଲଢୁଛଂତି। ଭଗବାନ ଆପଣଂକୁ ଦୀର୍ଘାୟୁ କରଂତୁ। ମୁଁ କିପରି ଭତ୍ତା ପାଇବି ସେଥି ସକାଶେ ଟିକିଏ ଚେଷ୍ଟା କରିବେ। ଏଇ କଥା କହିବାକୁ ଆସିଥିଲି। ମୋର ଆଉ କ'ଣ ଅଛି? କିଏ ବା ଅଛି ଯେ ମୋ ପାଇଁ ଭାବିବ? ଆପଣ ମୋ ପାଇଁ ଲେଖିଲେ ସରକାର ନିଶ୍ଚୟ କିଛି କରିବେ।"

ତାଂକ କଥା ଯେ ସରକାର ରଖିବେ ସେ ବିଷୟରେ ଗଦାଧର ବାବୁ ନିଜେ ନିଶ୍ଚିତ ନଥିଲେ। ତଥାପି ଆଶ୍ୱାସନା ଦେଇ କହିଲେ :

"ମୁଁ ନିଶ୍ଚୟ ଲେଖିବି। ଆଜି ହିଁ ଲେଖିବି। ଦେଖା ଯାଉ କଣ ହେଉଛି।"

ବଟକୃଷ୍ଣବାବୁ ତାଂକୁ ଆଶୀର୍ବାଦ କରି ଧୀରେ ଧୀରେ ବାଡ଼ି ଠୁକୁ ଠୁକୁ କରି ଚାଲିଗଲେ। ଗଲାବେଳେ କହିଲେ "ଭଗବାନ ତମର ମଂଗଳ କରିବେ।"

ଖଗପତି ବାବୁଂକ ଉପରେ ଗଦାଧର ବାବୁଂକର ଭୀଷଣ ରାଗ ହେଲା। ଲୋକଟା କଣ ଧପ୍ପାବାଜ! ସେଦିନ ସତ୍ୟପାଠ କଲାପରି କହିଗଲା, "ମୁଁ ହଲଫ କରି କହୁଛି ଆମ ଶୁଦ୍ଧ ସାହିତ୍ୟ ମଂଦିର କୌଣସି ଲେଖକର ନୂଆ ପଇସାଟିଏ ସୁଦ୍ଧା ରୟାଲିଟି ବାକୀ ରଖେ ନାହିଁ। ସବୁ କଡ଼ାପାହି ତୁଟାଇ ଦିଏ। ପୁଣି କହିଲା କଣ ନା ଲେଖକଂକୁ ଫାଂକି ଦେବାକୁ ବାପା ମନା କରି ଯାଇଛଂତି। ଇଆଡ଼େ ଦେଖିଲା ବେଳକୁ କଣ ନା ବଟକୃଷ୍ଣ ବାବୁଂକ ଭଳି ଜଣେ କୁଳବୃଦ୍ଧ ଉଚ୍ଚ କୋଟିର ଲେଖକଂକ ସଙ୍ଗେ ଦଗାବାଜି, କଣ ନ କରିଛଂତି ସେ ସାହିତ୍ୟ ପାଇଁ। ଆଜୀବନ କୁମାର ରହି, ପିଲାଛୁଆଂକ ମୁହଁ ନ ଦେଖି, ଏକାକୀ ନିଃସଂଗ ଭାବରେ ସେ ସାହିତ୍ୟ ସାଧନା କରି ଚାଲିଛଂତି। ତାଂକ ବହି କ୍ଳାସିକ୍ ବୋଲି ଗଣାଯାଉଛି। ତାଂକ ପ୍ରତି ଏପରି ବ୍ୟବହାର! ଏ ତ ରୀତିମତ ଡକାଇତି।"

Digitized by srujanika@gmail.com

ଗଦାଧର ବାବୁ ରାଗରେ ତାତି ଉଠିଲେ। ସେ ଫୋନ୍ ଉଠାଇ ଖଗପତି ବାବୁଙ୍କ ଘରକୁ ଟେଲିଫୋନ୍ କଲେ। ଗୋଟିଏ ଆଠ ନଅ ବର୍ଷର ଝିଅ (କଥାବାର୍ତ୍ତା ଓ କଂଠସ୍ୱରରୁ ଜଣାଯାଉଥିଲା ଷଷ୍ଠ ବା ପଂଚମ ଶ୍ରେଣୀର ଛାତ୍ରୀ ହୋଇଥିବ) ଟେଲିଫୋନ୍ ଉଠାଇଲା। କିଏ ଡାକୁଛଂତି ବୋଲି ପଚାରିଲା। ଗଦାଧର ବାବୁ ନିଜ ନାମ ବତାଇଲେ। ଫୋନ୍ ରଖି ଦେଇ 'ଦେଖୁଛି' ବୋଲି କହି ଝିଅଟି କୁଆଡ଼େ ଗଲା। ତାପରେ ଆସି କହିଲା : ''ବାପା ଶୋଇଛଂତି।''

''ଶୋଇଛଂତି ? ଦିନ ଦଶଟା ବେଳେ ଶୋଇଛଂତି। ସେ ପୁଣି ଏଗାରଟାରେ ଟେଲିଫୋନ କଲେ। ସେଇ ଝିଅଟି ଧରିଲା। ଏଥର ଆଉ ନାମ ଧାମ ଦେବା ଦରକାର ହେଲା ନାହିଁ। ଗଳା ସ୍ୱରରୁ ହିଁ ଜଣାଗଲା କିଏ ଡାକୁଛଂତି। ଝିଅଟି ପୂର୍ବପରି କହିଲା :

''ବାପା ଫେର ଶୋଇଛଂତି।''

ସେ ସାଢ଼େ ପାଂଚଟା ଓ ରାତି ଆଠଟାରେ ଫୋନ୍ କଲେ। ମାତ୍ର ସେଇ ଏକଇ ଉତ୍ତର :

''ବାପା, ଶୋଇଛଂତି।''

ଗଦାଧର ବାବୁ ରାଗରେ ଅଗ୍ନିଶର୍ମା ହୋଇ ତହିଁ ଆରଦିନ 'ସଂଭାର' ଖବର କାଗଜରେ ଏକ କଡ଼ା ବିବୃତି ଦେଲେ। ବିବୃତିର ଶୀର୍ଷକ ଥିଲା : କୁଳବୃଦ୍ଧ ବିଖ୍ୟାତ ସାହିତ୍ୟିକଂକ ଦୁରାବସ୍ଥା। ସେଥିରେ କୌଣସି ଜଣେ ପୁସ୍ତକ ପ୍ରକାଶକ ବୟୋବୃଦ୍ଧ ସୁନାମଧନ୍ୟ ସାହିତ୍ୟରଥୀ ଶ୍ରୀ ବଟକୃଷ୍ଣ ମହାଂତିଂକୁ କିପରି ଘଂଟା ଘଂଟା ଧରି ନେହୁରା ହେଲା ପରେ ପାଂଚ ଦଶ ଟଂକା ଦେଇ ବିଦା କରି ଦିଅଂତି, ଏବଂ ଏ ବର୍ଷ ତାଂକୁ କିପରି ମାତ୍ର ପଇଁତିରିଶ ଟଂକା ରୟାଲିଟି ମିଳିଛି ଏ ସବୁ ବିଷୟ ସେ ମର୍ମସ୍ପର୍ଶୀ ଭାଷାରେ ବର୍ଣ୍ଣନା କରିଥିଲେ। ଏ ଦିଗରେ ସରକାରୀ ଉଦାସୀନତାର ମଧ ସେ କଟୁ ସମାଲୋଚନା କରିଥିଲେ। ଶେଷରେ ଅଳମତି ବିସ୍ତରେଣ ଲେଖି ବକ୍ତବ୍ୟ ସାଂଗ କରିଥିଲେ।

ସେ ଅବଶ୍ୟ କୌଣସି ବ୍ୟକ୍ତି ବିଶେଷ କିଂବା ଫାର୍ମର ନାମ ପ୍ରକାଶ କରି ନଥିଲେ। ମାତ୍ର ସମସ୍ତେ ଜାଣଂତି ବରେଣ୍ୟ ଲେଖକ ବଟକୃଷ୍ଣ ବାବୁଙ୍କ ବହିର ପ୍ରକାଶକ କିଏ ? ଲୋକେ ନିଜ ନିଜ ଭିତରେ ଫୁସଫାସ ହେବାକୁ ଲାଗିଲେ।

ଏହାର ଆଠ ଦଶ ଦିନ ପରେ ହଠାତ୍ ଦେଖାଗଲା ଅଶୀତିପର ବୃଦ୍ଧ ଲେଖକ ବଟକୃଷ୍ଣ ବାବୁଙ୍କ ଜୀର୍ଣ୍ଣ କୁଟୀର ଆଗରେ ଖଗପତି ବାବୁଂକର ଧଳା ଆଂବାସାଡ଼ାର ଗାଡ଼ିଟା ଛିଡ଼ା ହୋଇଛି। ଖଗପତି ବାବୁ ନସର ପସର ହୋଇ ତାଂକ ଘରେ ପଦାର୍ପଣ କଲେ। ତାଂକ ପଛେ ପଛେ ତାଂକ ଡ୍ରାଇଭର ଟୋକେଇରେ କିଛି ଜିନିଷ ପତ୍ର ଧରି ଯାଉଥିଲେ।

ସାହୀ ଲୋକେ କୁହାକୁହି ହେଲେ :

''ଏଥର ବଟକୃଷ୍ଣ ବାବୁଂକ ଭାଗ୍ୟ ଖୋଲିଯିବ। ଜଣେ କିଏ ବଡ଼ ଲୋକ ତାଂକ ଘରକୁ ରୋଜ ୪/୫ ଦିନ ହେଲା ଆସୁଛଂତି।''

Digitized by srujanika@gmail.com

ଅନ୍ୟ ଜଣେ କହିଲା : "ବଟକୃଷ୍ଣ ବାବୁ ସାଧାରଣ ଲୋକ ନୁହଁନ୍ତି । ସେ ଜଣେ ବରେଣ୍ୟ ବ୍ୟକ୍ତି । ସେ ମରିଗଲେ ଦେଖିବ, କେତେ ମଂତ୍ରୀ, ଜିଲ୍ଲାପାଳ, ଆଇ.ଜି, ଏସ.ପି, 'ସଂଭାର' କାଗଜର ସଂପାଦକ ତାଂକ ଶବାଧାର ଉପରେ ଫୁଲମାଳ ଦେବେ । ତାଂକ ଫଟୋ ଓ ଜୀବନୀ ଖବରକାଗଜର ପ୍ରଥମ ପୃଷ୍ଠାରେ ବାହାରିବ । ଅମର ଓ ଅଜର ହୋଇଯିବେ ।"

ସପ୍ତାହକ ପରେ ସେଇ 'ସଂଭାର' ପତ୍ରିକାରେ ବଟକୃଷ୍ଣ ବାବୁଂକ ପ୍ରତିବାଦ ବାହାରିଲା । ତାର ଶୀର୍ଷକ ଥିଲା : କୁଳବୃଦ୍ଧ ବରେଣ୍ୟ ସାହିତ୍ୟିକଂକ ପ୍ରତିବାଦ

ଲେଖାରେ ବଟକୃଷ୍ଣ ବାବୁ ନିର୍ମଳ ଚିତ୍ତରେ ଘୋଷଣା କରିଥିଲେ ଯେ ଅମୁକ ତାରିଖ ସଂଭାରରେ ତାଂକୁ କେଂଦ୍ର କରି ଯେଉଁ ଦୁର୍ଭାଗ୍ୟଜନକ ଲେଖାଟି ଶ୍ରୀ ଗଦାଧର ନାୟକ ପ୍ରକାଶ କରିଛଂତି ତାହା ସତ୍ୟ ନୁହେଁ । ତାଂକ ବହିର ପ୍ରକାଶକ ଶ୍ରୀ ଖଗପତି ଦାସ ତାଂକର ଜଣେ ପୁରୁଣା ବଂଧୁ ଏବଂ ସୋଦର ପ୍ରତିମ ବ୍ୟକ୍ତି, ସେ ତାଂକର ସମସ୍ତ ପ୍ରାପ୍ୟ ମାଗିଲା ମାତ୍ରକେ ଦେଇ ଦିଅଂତି । କେବେ କେବେ ଆଗତୁରା ମଧ୍ୟ ଦେଇଥାଂତି । ସେ ତାଂକରି ଭଲମଂଦ ଯେପରି ବୁଝଂତି ନିଜ ଭାଇ ମଧ୍ୟ ସେପରି ବୁଝଂତି ନାହିଁ । ଏଭଳି ଏକ ଉଦ୍ଦେଶ୍ୟ ମୂଳକ ଲେଖା ତାଂକୁ ନେଇ ବାହାରିଥିବାରୁ ସେ ମର୍ମାହତ । ସେ ଏହାର ପ୍ରତିବାଦ କରୁଛଂତି, ଇତ୍ୟାଦି ଇତ୍ୟାଦି ।

ଲେଖାଟି ପଢ଼ି ଗଦାଧର ବାବୁ ଗୁମ୍ ମାରି, ମୁଂଡ଼ରେ ହାତ ଦେଇ ବସିଗଲେ । ତାଂକ ପାଟିକୁ କଥା ପଇଟିଲା ନାହିଁ । ସେ ଭାବୁଥାଂତି ଶେଷରେ ଲୋକେ କହିବେ କଣ ନା ସେ ବ୍ଲାକ୍‌ମେଲିଂ କରୁଛଂତି । ମିଛୁଟାରେ ଜଣେ ଭଦ୍ରଲୋକଂକ ନାଆଁରେ କୁତ୍ସାରଟନା କରୁଛଂତି । ସାରା ରାତି ତାଂକୁ ନିଦ ହେଲା ନାହିଁ ।

ସକାଳେ ସାତଟା ନ ବାଜୁଣୁ ଟେଲିଫୋନ୍ କ୍ରିଂ କ୍ରିଂ ଡାକି ଉଠିଲା । ଏଥର ଗଦାଧର ବାବୁଂକୁ ଖଗପତି ବାବୁ ଡାକୁଛଂତି :

"ଆଗ୍ୟାଂ କାଲି ରାତିରେ 'ସଂଭାର' କାଗଜଟା ଦେଖିଲେ ?"

ଗଦାଧର ବାବୁ ନୀରବ, ନିସ୍ପଂଦ । ତାଂକ ପାଟିକୁ କଥା ଆସୁ ନାହିଁ । ସେପଟୁ ପ୍ରଶ୍ନ ଦେଲା :

"ଆଗ୍ୟାଂ, କିଏ ଆପଣ ? ଗଦାଧର ବାବୁ ନା ? ମୁଁ ଖଗପତି କହୁଛି । ଆଗ୍ୟାଂ, ଗଦାଧର ବାବୁ- ?"

ଗଦାଧର ବାବୁ ରାଗରେ ଅସ୍ଥିର ହୋଇ ପଡ଼ିଥିଲେ । ତାଂକର ସର୍ବାଂଗରେ ଦୁଃଖର, ପରାଜୟର ଗ୍ଲାନି । ସେ ବଡ଼ ପାଟିରେ କହିଲେ :

"ନା, ମୁଁ ନୁହେଁ, ମୁଁ ନୁହେଁ । ମୁଁ ନାହିଁ । ଏ ଦେଶରେ କେବଳ ଆପଣ ଓ ଆପଣଂକ ପରି ଲୋକେ ହିଁ ରହିଛଂତି ଓ ରହିବେ ।"

ସେ ଧଡ଼୍ କରି ଟେଲିଫୋନ୍ ତଳେ ରଖି ଦେଲେ ।

Digitized by srujanika@gmail.com

ବିସର୍ଜନ

କଟକରେ ଦଶହରା । ବିଜୟା ଦଶମୀ ଆଉ ମୋଟେ ଦୁଇଟା ଦିନ ବାକି । ଚାରିଆଡ଼େ ଦେବୀପୂଜା ପାଇଁ ଘନ ଘନ ଆୟୋଜନ ଲାଗିଛି ।

ସମସ୍ତେ ନିଜ ନିଜ ଦେବୀଙ୍କୁ ଶ୍ରେଷ୍ଠ ଆସନ ଦେବା ଲାଗି ପ୍ରାଣପଣ ଚେଷ୍ଟା କରୁଛଂତି । ଟଂକାପଇସାକୁ କାହାରି ଖାତିର ନାହିଁ; ପାଣିସୁଅ ପରି ଟଂକା ଖର୍ଚ୍ଚ ଚାଲିଛି ।

ଆର ବର୍ଷ ଚଉଧୁରୀବଜାର ଆଉ ବାଲୁବଜାର ଭିତରେ ଭାରି କଜିଆ ଲାଗିଥିଲା । ସେଥିପାଇଁ ଏବର୍ଷ ସେ ରାଗଟାକୁ ଶୁଝାଇବାଲାଗି ଦୁଇ ଦଳ ବିରୁଦ୍ଧରେ ଦୁଇ ଦଳର ଭିତରେ ଭିତରେ ପରାମର୍ଶ ଚାଲିଛି । ଭିତରେ ଗୁଂଡା, ଠେଂଗାର ବଂଦୋବସ୍ତ ମଧ ପକକା ହୋଇଗଲାଣି । ଖାଲି ସମସ୍ତେ ସୁଯୋଗକୁ ଅପେକ୍ଷା କରି ଚୁପ୍ ହୋଇ ରହିଛଂତି । ଦୁଇ ଦଳ ଭିତରେ ପ୍ରତିଦ୍ୱଂଦିତାରେ ଆଉ ସୀମା ନାହିଁ । ହଜାର ହଜାର ଟଂକା ଖର୍ଚ କରି କଲିକତାରୁ କାରିଗର ଅଣାଇ ସମସ୍ତେ ଦେବୀଙ୍କ ଶ୍ରୀଅଂଗ ସଜାଇବାରେ ଲାଗିପଡ଼ିଛଂତି ।

ଆଜି ବିଜୟା ଦଶମୀ । ବିସର୍ଜନର କରୁଣ ବଂଶୀ ସହରର ନିଦ୍ରିତ ବକ୍ଷକୁ କଂପିତ କରି ବାଜିଉଠିଲା । ସମସ୍ତଂକ ମନରେ କେଜାଣି କାହିଁକି ଗୋଟାଏ ଅଜଣା ଅମଂଗଳର ଆଶଂକା ଜାଗିଉଠିଲା । ସମସ୍ତେ ଭାବିଲେ, ଆଜି ବୋଧହୁଏ କିଛି ଗୋଟାଏ ସହରରେ ଘଟିଯିବ ।

ସମସ୍ତେ ଆଜି ବାଲୁବଜାର ଏବଂ ଚୌଧୁରୀବଜାର ଦେବୀ ପାଖରେ ଗୁଂଡ । ଏପରି ଦେବୀ କେହି କେବେ ଦେଖି ନଥିଲା । ଏପରି ସୁଂଦର ରୂପ, ମୂଲ୍ୟବାନ୍ ସାଜସଜା କଟକ ସହର ହେବା ଦିନଠଉଁ କୁଆଡ଼େ ହୋଇ ନ ଥିଲା । ହଜାର ହଜାର ଟଂକା ଖର୍ଚ୍ଚ ହୋଇ ଏ ଦେବୀମୂର୍ତ୍ତି ଗଢ଼ା ହୋଇଥିଲା ।

ଚୌଧୁରୀବଜାର ଥାଟ ଆଗରେ ଚାଲିଛି । ବାଲୁବଜାର ତାକୁ ଟପିବାକୁ ଚେଷ୍ଟା କରୁଚି; ମାତ୍ର ପାରୁ ନାହିଁ । ସମସ୍ତେ ନିର୍ଭୀକ ହୋଇ ଭିଡ଼ ଠେଲି ପଟୁଆର ସଂଗେ ଚାଲିଛଂତି । ଦର୍ଶକମାନେ ଖୁବ୍ ଅଳ୍ପ ସମୟ ଭିତରେ କଣ ଗୋଟାଏ ଘଟିବ ବୋଲି ମନେ ମନେ ଆଶଂକା କରି ନେଲେଣି । ଥୋକେ କଣ ଗୋଟାଏ ମଜା ଦେଖିବେ ବୋଲି ଦୁଇ ଦଳକୁ ଚିଡ଼ାଇ ଆଶୁ ସମର ସୃଷ୍ଟି କରିବାରେ ଲାଗିପଡ଼ିଛଂତି ।

Digitized by srujanika@gmail.com

ସମ୍ମୁଖରେ ଚୌଧୁରୀବଜାର ଛକ। ଏଇଠି ବାଲୁବଜାର ଆଗକୁ ଟପି ନ ପାରିଲେ ବରାବର ପଛରେ ପଡ଼ିଯିବ। ବାଲୁବଜାର ଦଳ ଖୁବ୍ ଜୋରରେ ଚାଲିବାକୁ ଆରମ୍ଭ କଲେ। ଏହି ଛକ ପାରିହେବା ପୂର୍ବରୁ ସେମାନଙ୍କୁ ଆଗକୁ ବଳିଯିବାକୁ ହେବ।

"ଧତଡ଼" "ଧତଡ଼" ହୋଇ ଡ୍ରମ୍ ବାଜିଉଠିଲା। ଧଡ଼ ଧଡ଼ ହୋଇ ସମସ୍ତଙ୍କ ଛାତି କଂପିବାକୁ ଲାଗିଲା। ଯୁଆନମାନେ ଲାଠି ଧରି ଆଗକୁ ବୁଢି ପଡ଼ିଲେ। ବୁଢ଼ା ବୁଢ଼ୀମାନେ "ସବୁ ମାଆର ଇଚ୍ଛା" ବୋଲି କହି ମା'କୁ ମନେ ମନେ ସ୍ତୁତି କରିବାକୁ ଲାଗିଲେ।

ଚୌଧୁରୀବଜାର ଦଳ ଖୁବ୍ ଭିଡ କରି ରାସ୍ତା ଢାକିଦେଲେଣି। ସବୁବେଳେ ଆଗରେ ଚାଲିବାକୁ ସେମାନେ ଚାହାଂତି। ଏପରି ସମୟରେ ପଛରୁ ଖଂଡେ ଲାଠି ଯାଇ ଚଉଧୁରୀବଜାର ପଟୁଆର ମଝିରେ ପଡ଼ିଲା। ଗୋଟାଏ ମସ୍ତବଡ଼ ପଂଚ୍ ଲାଇଟ୍ ଭାଂଗି ଚୂନଚାନ ହୋଇଗଲା। ଲାଠିଟା ଜୋର ସଂଭାଳି ନ ପାରି ଚୌଧୁରୀବଜାର ଦେବୀଙ୍କ ବିମାନ ଉପରେ ପଡ଼ିଲା। ବିମାନଟା ଖଂଡ଼ିଆ ହୋଇଗଲା। ସମସ୍ତେ ମାର୍ ମାର୍ ଧର୍ ଧର୍ ବୋଲି ଚିତ୍କାର କରି ଉଠିଲେ। ସମସ୍ତଂକ ଦେହରେ ଉଷ୍ଣ ରକ୍ତ ଖେଳିଗଲା। ଖୁବ୍ ଜୋରରେ ଡ୍ରମ୍ ବାଜିଉଠିଲା।

ଆଉ ଦୁଇ ପାହୁଂଡ଼ ଆଗେଇଗଲେ ଦୁଇ ଦଳ ପରସ୍ପରକୁ ଆକ୍ରମଣ କରିବେ। ଆଗବାଲାମାନେ ଯୁଦ୍ଧକୁ ଅପେକ୍ଷା କରି ଛିଡ଼ା ହୋଇଛଂତି। ପଛବାଲାମାନେ ସେମାନଂକ ନିକଟରେ ପହଂଚିବା ଲାଗି ଖୁବ୍ ଜୋରରେ ଚାଲିଛଂତି; ମଝିରେ ମୋଟେ ଦଶ ବାର ହାତ ତଫାତ୍। ଲାଠିଶବ୍ଦରେ ରାସ୍ତାଟାଯାକ ପୂରିଉଠୁଛି।

ଠିକ୍ ଏତିକିବେଳେ ଦୁଇଦଳଂକ ଆଗରେ କିଏ ଜଣେ ଛିଡ଼ାହେଲା। ସମସ୍ତେ ଦେଖିଲେ ଆଗଂତୁକ ନାରୀ। ଦୁଇ ଦଳ ଦୁଇ ପାଖରେ ଥକ୍କା ହୋଇ ଛିଡ଼ା ହୋଇଗଲେ। ଲାଇଟ୍ ଆଣି ସମସ୍ତେ ଦେଖିଲେ ରମଣୀ- ସେଇ ଚିରପରିଚିତା ମାଗିଖାଣ 'ଅଇଁଠା ମାଆ'।

'ଅଇଂଠା ମାଆ' ଛାତି ଉପରେ ଶୋଇଛି ଗୋଟାଏ ମୃତ ଶିଶୁର ପଚା ମଡ଼ା। ବୋଧହୁଏ, ଦୁଇ ଚାରିଦିନ ହେଲା ମଲାଣି। ପଚା ଗଂଧରେ ଚାରିଆଡ଼େ ପୂରିଯାଉଚି। ସମସ୍ତେ ନାକରେ ଗାମୁଛା ଦେଇ ଅଇଁଠା ମାଆକୁ ତଡ଼ିଦେବାକୁ ଚେଷ୍ଟା କଲେ।

ମାତ୍ର ଅଇଁଠା ମାଆ ବାଟରେ ଉଠିଲା ନାଇଁ। ଖାଲି ବାଇଆଣୀଙ୍କ ପରି ହସି ହସି କହିଲା- "ମୋ ଅଇଁଠାକୁ ଖାଇବାକୁ ଦିଅ ବାବୁ! ସେ ଆଜିକୁ ନଅ ଦିନ ହେଲା କିଛି ଖାଇନି। ଅଇଁଠାକୁ ଖାଇବାକୁ ନ ଦେଲେ ମୁଁ କେବେ ବାଟ ଛାଡ଼ିବି ନାଇଁ।" ସେ ଦୁଇ ହାତ ମେଲାଇ ବାଟ ଓଗାଳି ଛିଡ଼ାହେଲା। ମଡ଼ାଟା ଉପରୁ ତା ହାତ ଖସିଯିବାରୁ ସେଟା ଦୁଲ୍‌କିନା ତଳେ ପଡ଼ିଗଲା। ଦୁଇପାଖରେ ରୁଂଡ ହୋଇଥିବା ଲୋକେ ଗଂଧରେ ଦଶ ବାର ହାତ ପଛେଇଗଲେ। ଅଇଂଠା ମାଆ ମଡ଼ାଟାକୁ ତଳେ ପଡ଼ିଯିବାର ଦେଖି 'ଭୋ ଭୋ' ଡକା ପକାଇଲା। ତା'

Digitized by srujanika@gmail.com

ପରେ ଆସ୍ତେ ଆସ୍ତେ ସେଟାକୁ ଭୂଇଁରୁ ଉଠାଇ ପିଲାଂକପରି ଗେଲ କରି କାଂଦ ନା' 'ବାପଟା ପରା' 'ବାଧିଲା ପରା' ବୋଲି ବୁଝାଇବାକୁ ଲାଗିଲା।

ମାଇକିନାଟାର ପାଗଳାମୀ ଦେଖି ଦୁଇଟା ବଜାରି ଟୋକା ତାକୁ ଚାରି ବିଧା ପକାଇ ବାଟରୁ ପାଖେଇଯିବାକୁ କହିଲେ। ମାତ୍ର ମାଡ଼ ଖାଇ ଅଇଂଠା ମାଆ ଉଠିଲା ନାଇଁ। ତା ମୁହଁରେ ବିହୁଡ଼ି ଜଳିଲା ପରି ଆଖି ଦିଇଟା ଜଳିଉଠିଲା। ସେ ରାଗରେ କହିଲା, "କଣ ମାରିବ- ମୋ ଅଇଂଠାକୁ ମାରିବ? ଛତରଖିଆଂକ ରକ୍ତ ଶୋଷିନେବି। ଅଇଲୁ ଅଇଲୁ!"- ତାର ବାଳଗୁଡ଼ାକ ପବନରେ ଫରଫର ହୋଇ ଉଡୁଥିଲା। ଲୁଗାଖଂଡ଼ ଛାତିରୁ ଖସିଯାଇ କେବଳ ଅଂଟାରେ ଗୁଡ଼ାହୋଇଥିଲା ଖୁବ୍ ଜୋରରେ।

ଅଇଂଠା ମାଆର ସେ ଭୟଂକର ମୂର୍ତ୍ତି ଦେଖି ସମସ୍ତେ ଡରିଗଲେ। ବଜାରୀ ଟୋକା ଦିଇଟା ଭିଡ଼ ଭିତରେ ଲୁଚିଯାଇ ତାର ଅନର୍ଗଳ ଗାଳିକବଳରୁ ନିଜ ନିଜ ଆତ୍ମରକ୍ଷା କଲେ। ତା ପରେ ଅଇଂଠା ମାଆ ଅଳ୍ପ ଥୟ ଧରି ଜନତାକୁ କହିଲା, "ଅଇଁଠାଟି ମୋର ନଅ ଦିନ ହେଲା କିଛି ଖାଇନି। କଣ ଥିଲା ଯେ ଖାଇବାକୁ ଦିଅଂତି। ନ ଖାଇ କରି ତାକୁ ଜର ହେଲାଣି। ହେଇ ଦେଖୁନ, ମୋ ପୁଅ ଦିହ କିମିତି ତାତିରେ ଖଇ ଫୁଟୁଛି। ଗୋଟାଏ ପଇସା ଦିଅନି ବାବୁ- ମୁଁ ଡାକତରଠାରୁ ଓଷଦ ଆଣି ମୋ ପୁଅକୁ ଖୁଆଇବି। ସେଇ ଗୋଟିକ ପରା ମୋର..." ସେ ଆଉ କହିପାରିଲା ନାଇଁ। ଭୋ ଭୋ ହୋଇ କାଂଦିବାକୁ ଲାଗିଲା।

ପଟୁଆର ଭିତରୁ ଦୁଇ ଚାରି ଜଣ ପୁରୁଖା ମଣିଷ ବାହାରି ଆସି ତାକୁ ଇଆଡୁ ସିଆଡୁ ଦୁଇ କଥା ପଚାରି ବୁଝାଇ ଶୁଝାଇ ଥୟ କଲେ। ତା ପରେ ତା ଅଇଁଠାଟି ମରିଯାଇଛି ବୋଲି ତାକୁ ନାନା ପ୍ରମାଣ ଦେଇ ବୁଝାଇବାକୁ ଲଗିଲେ। ମାତ୍ର ଅଇଁଠା ମରିଯାଇଛି ବୋଲି ଶୁଣି ଅଇଁଠା ମାଆ ରାଗରେ ସେମାନଂକୁ ଗାଳିଦେବାକୁ ଲାଗିଲା। ତା ପରେ ରାଗ ଶାଂତ ହେବାରୁ ଭୂଇଁରେ ବସି ଖାଲି 'ମୋ ଅଇଂଠାରେ' ବୋଲି ଡ଼ାକ ପାରିବାକୁ ଲାଗିଲା।

ବାଜା ବଂଦ ହୋଇଗଲା। ଦୁଇ ଦଳର ଲୋକମାନେ ଶତ୍ରୁତା ଭୁଲି ସ୍ୱପ୍ନ ଦେଖିଲା ପରି ଅଇଂଠା ମାଆର ସେ ବିକଳ କ୍ରନ୍ଦନ ଶୁଣୁଥିଲେ। ଶତ ଶତ ଚକ୍ଷୁରୁ ଉଷ୍ଣ ଅଶ୍ରୁଧାର ବୋହି ଆସି କଟକ ରାସ୍ତାର ଲାଲ ବାଲିଗୁଡ଼ାକୁ ତିଂତାଇ ଦେଉଥିଲା। ତା ପରେ ଅଇଂଠା ମାଆ ଆସ୍ତେ ଆସ୍ତେ ଉଠିଲା। ରାସ୍ତାକରରେ ଥୁଆ ହୋଇଥିବା ମଇଳା କୁଂଡ ଭିତରୁ ୨/୪ ଖଂଡ଼ ଛିଂଡା କନା ଆଣିଲା। ସେଇ କୁଂଡ ଭିତରେ ସେ ତାହାର ଲୁଗାପଟା ରଖେ। ସେଗୁଡ଼ିକୁ ଭୂଇଁରେ ପାରି ଅଇଂଠାକୁ ଆସ୍ତେ ଆସ୍ତେ ତା ଉପରେ ଶୁଆଇଲା।

ପଟୁଆର ବଂଦ ହେବାର ଦେଖି ଚୌଧୁରୀ ବଜାର୍‌ରେ ସୁନାମଧନ୍ୟ ନେତା- ମିଶ୍ରେ ଆସି ଘଟଣା ସ୍ଥଳରେ ଉପସ୍ଥିତ ହେଲେ। ମିଶ୍ରଂକ ହାତରେ ରୁଦ୍ରାକ୍ଷମାଳା। ମାଆଂକ କାମ ବଂଦ ହେଉଛି ଦେଖି ମିଶ୍ରେ ରାଗରେ ଅଥୟ। ସେ ଛତରଖାଇଟାକୁ

Digitized by srujanika@gmail.com

ଗୋଡରେ ଆଡ଼େଇ ଦେଇ ପଟୁଆର ଚଳାଇବାକୁ ହୁକୁମ ଦେଲେ। ମିଶ୍ରଙ୍କୁ ଅଇଁଠା ମା' ଭିଡ଼ ଭିତରୁ ଦେଖିପାରିଲା ନାଇ। କେବଳ ତାଂକ କଂଠସ୍ୱର ଶୁଣି ତାର ଆଖି ଦିଇଟା ରାଗରେ ଜଳିଉଠିଲା। ସେ ସ୍ୱର ଯେପରି ତାହାର ବହୁ ଦିନରୁ ପରିଚିତ। ସେହି ସ୍ୱରପଦକ ତାହାର ରୁଦ୍ଧ ପ୍ରାଣଦ୍ୱାରରେ ଶେଳାଘାତ କରିଗଲା। ସେ ଦୁଃଖରେ, ବେଦନାରେ ଚିତ୍କାର କରି ଉଠିଲା। ତାପରେ ଆସ୍ତେ ଆସ୍ତେ ଉଠି ଛିଡ଼ାହେଲା। ସେହି ସ୍ୱରକୁ ଉଦ୍ଦେଶ୍ୟ କରି କହିଲା- ''ରଖ, ଏଥର ତମ-ପୁଅକୁ, ରଖ। ମୁଁ ମଲିଣି ତା ଜ୍ୱାଳାରେ।'' ଏହାକହି ଛାତି ଉପରେ ଧରିଥିବା ମଡ଼ାଟାକୁ ମିଶ୍ରଂକ ଗୋଡତଳେ ଫିଂଗିଦେଇ ସେହି ବିଜନ ରାତିରେ ଅଂଧକାର ମଧ୍ୟରେ ଅଇଁଠା ମାଆ କୁଆଡ଼େ ଲୀନ ହୋଇଗଲା। ସମସ୍ତେ ଭାବିଲେ, ଏଟା ପାଗଳୀ। କଣ ବୋଲି କଣ କହୁଛି କିଛି ଠିକ୍ ନାହିଁ। ମିଶ୍ରେ ହୁକୁମ ଦେଲେ, ''ଚଲାଓ ପଟୁଆର।'' ମାତ୍ର ପଟୁଆର ଚାଲୁଛି କିମିତି? ବାଟରେ ଗୋଟାଏ ମଡା। ତାକୁ ଡେଇଁ ମାଂକର ବିମାନ ଯିବ ବା କିମିତି। ବଡ଼ ବଡ଼ ପଂଡ଼ିତ ବ୍ରାହ୍ମଣ ବାହାରି ପଡ଼ି ଶାସ୍ତ୍ରବାକ୍ୟ ଉଦ୍ଧାର କରି ବ୍ୟବସ୍ଥା ଚିଂତା କରିବାକୁ ଲାଗିଲେ। ଶେଷରେ ସ୍ଥିର ହେଲା ମଡ଼ାଟାକୁ ବାଟରୁ ଉଠାଇଦେବା କର୍ତ୍ତବ୍ୟ। ତାହା ନ ହେଲେ ମାଂକ ଶ୍ରୀଅଂଗ ଅପବିତ୍ର ହୋଇଯିବ।

ଠିକ୍ ଏତିକିବେଳେ ଭିଡ଼ ଭିତରୁ ଦୁଇ ଜଣ ଯୁବକ ବାହାରି ଆସିଲେ। ଦେହରେ ଖଦଡ଼ ବସନ। ସେମାନେ ମଡ଼ାଟାକୁ ଉଠାଇ 'ରାମ ନାମ ସତ୍ୟ ହୈ' ଧ୍ୱନିରେ ଆକାଶ ପବନ ନିନାଦିତ କରି ମଶାଣି ଆଡ଼କୁ ଚାଲିବାକୁ ଲାଗିଲେ।

ସେମାନଂକ ପଛରେ ଚାଲିଲା ଦେବୀଙ୍କ ଶୋଭାଯାତ୍ରା। ଆଗରେ ଅଇଂଠାର କ୍ଷୁଦ୍ର ଶବପିଂଡ- ତା ପଛରେ ମା'ର ଉଦ୍ୟତ ଖଡ୍ଗ ପୃଥିବୀରେ ପ୍ରଳୟ ବାର୍ତ୍ତା ପ୍ରଚାର କରି ଅଗ୍ରସର ହେଉଛି। ଡ୍ରମ୍ ବାଜିଲା, ହରିବୋଲ ଶବ୍ଦରେ ଦିଗ ପୂରିଉଠିଲା। ପୃଥିବୀର ସମସ୍ତ ଲକ୍ଷ୍ୟ ତ୍ରୁଟି, ଲୁଂଠନ, କ୍ଷତି ଓ ମୃତ୍ୟୁ ବିରୁଦ୍ଧରେ ମାଆର ସେ ବିପୁଳ ଜୟଯାତ୍ରା ସହର ବକ୍ଷରେ କଂପନ ଖେଳାଇ ଦେଉଥିଲା। ଉଦ୍‌ଗ୍ରୀବ ଜନତା ଏକ ଅନନୁଭୂତ ଧ୍ୱଂସରସରେ ଉନ୍ମତ୍ତ ହୋଇ କରାଳିନୀ ମାଆର ମୃଣ୍ମୟୀ ପ୍ରତିମାକୁ ସ୍କଂଧରେ ବହି କାଠଯୋଡ଼ୀର ଶୁଭ୍ର ପୁଳିନ ଆଡ଼କୁ ଅଗ୍ରସର ହେବାକୁ ଲାଗିଲା।

ଖାନନଗର ମଶାଣିରେ ଯେତେବେଳେ ଅଇଁଠାର ଚିତାନଳ ଜଳିଉଠିଲା ଠିକ୍ ସେତିକିବେଳେ ଇଆଡ଼େ ଦେବୀଘାଟରେ ମା'ର ମୃଣ୍ମୟୀ ପ୍ରତିମାର କାଠଯୋଡ଼ୀ ଜଳ ଆର୍ବତ ମଧ୍ୟରେ ବିସର୍ଜନ ହେଲା।

ଶଂଖ, ହୁଳହୁଳି, ହରିବୋଲ ଧ୍ୱନିରେ ନଈପଠା ଉଚ୍ଛୁଳି ଉଠିଲା।

Digitized by srujanika@gmail.com

ସହସ୍ର ଶଯ୍ୟାର ନାୟିକା

ଆକାଶରେ ଚାଂଦ ଉଠିଚି। ଶ୍ରାବଣର ବିରଳ ଜ୍ୟୋତ୍ସ୍ନାର କ୍ବଚିତ-ଦୀପ୍ତିର ଝାପ୍‌ସା। ଛାୟାପଥଟା ଅଧେ ଦେଖାଯାଉଚି, ଅଧେ ଦିଶୁନାହିଁ। ବେଳେ ବେଳେ ମୌସୁମୀର ଆର୍ଦ୍ର, କୁଂଚିତ କଂପନରେ ଜଳୀୟବାଷ୍ପର ଉଷ୍ଣ ଆଂତରିକତା ଭାସିଆସି ମଣିଷର ହାଡ଼ ଭିତରେ ସୃଷ୍ଟି କରୁଚି ଅସଂଖ୍ୟ ମହୁମାଛିର ଅନୁଚ୍ଚାରିତ ଅଭିଯୋଗ...ଓଦା ମାଟିର ହାଲୁକା ଗଂଧରେ ମିଶି ରହିଚି ଶସ୍ୟକ୍ଷେତ୍ରର ମସୃଣ ଶୈଶବ ଆଉ ଦୂର ଅରଣ୍ୟାନୀର ଦେହାୟିତ ତରୁଣ ସବୁଜ। ଶୂନ୍ୟ ଇଥର୍ ତଳେ ଭୀରୁ ଜହ୍ନର କ୍ଲାଂତ, କାତର ମିନତି ବିରୁଦ୍ଧରେ ପ୍ରତିବାଦ ଜଣାଇ ଚାରିଆଡ଼େ ରାଜତ୍ୱ କରୁଚି ବର୍ଷାର ରୁକ୍ଷ ଅବିନୀତ ଆଭିଜାତ୍ୟ ଆଉ ଟ୍ରପିକ୍‌ର ଆପୋଷହୀନ ଅନୁର୍ବର ପୌରୁଷ !!

ଏହା ହିଁ ହେଲା ସେଦିନର ବ୍ୟାକ୍‌ଗ୍ରାଉଂଡ୍।

ମୀନାକ୍ଷୀର ଆଶାଂତ ଯୌବନ ଉପରେ ଜମିରହିଚି ଶତ ଯୁଗର ତଂଦ୍ରା...ସରୋବରର ସ୍ଥିର ଜଳଶଯ୍ୟା ଉପରେ ବସିଥାଏ ଯେମିତି ପଳାତକ ସଂଜର ଛାଇ! ତାର ଏକ ଖଂଜ ସ୍ଥବିରତାର ଜନ୍ମ ଶ୍ରାବଣ ରାତ୍ରିର ଗୁପ୍ତ ଜରାୟୁରୁ ନୁହଁ। ଏହାହିଁ ତାର ମୂଳ ପ୍ରକୃତି- ଏହାହିଁ ତାର ପ୍ରାଣଧାରାର ସନାତନ, ଆଦିମ ଉସ !!

ତଥାପି ତାର ଯୌବନର ନିଦ୍ରା ଆଜି ଭାଙ୍ଗିଚି; ଐରାବତର ଦଂତାଘାତରେ ସୁରଗଂଗାର ମୋହନିଦ୍ରା ହଠାତ୍ ଯେମିତି ଏକ ଆଶ୍ଚର୍ଯ ଆକସ୍ମିକତାରେ ଦିନେ ଭାଂଗି ଯାଇଥିଲା। ଆଖି ମଳି ମଳି ହାଇ ଉପରେ ହାଇ ମାରି ମାରି ତାର ଯୌବନ ଆଜି ଚାହିଁଚି ଆକାଶର ଜୀବଂତ ବିସ୍ତୃତି ଆଡ଼କୁ- ଯେଉଁଠି ରଂଗର ଝର୍ଣା ଅବିଶ୍ରାଂତ ଗତିରେ ଧାଇଁ ଧାଇଁ ଶେଷରେ ହଜିଯାଇଚି କଳା ମେଘର କରୁ, ଅନାହତ ଗାଂଭୀର୍ଯରେ।

ବହୁ ଶତାବ୍ଦୀର ଅବିଚ୍ଛିନ୍ନ ତଂଦ୍ରାର ତପସ୍ୟା ପରେ ମୀନାକ୍ଷୀ ଆଜି ପ୍ରଥମେ ଆଖି ଖୋଲି ଦେଖିଚି ଯେ ଏଇ ଆଖି ଖୋଲିବାର ଗୋଟିଏ ପ କରେ ସେ ଅନେକ ଦୂର ଆଗେଇଯାଇଚି। ତା ପଛରେ ପଡ଼ିରହିଚି ତାର ମଂଥର ମୁମୂର୍ଷୁ ସଂସାର, ତାର ସ୍ୱାମୀ, ପୁତ୍ର, ଘରକରଣା; ଆଉ କେଉଁ ପ୍ରାଗୈତିହାସିକ ସରୀସୃପ ପରି ତାର ଅତି ପରିଚିତ ଅତିକାୟ ଦୈନଂଦିନ...।

Digitized by srujanika@gmail.com

ସେ ଏଇ ସମସ୍ତଙ୍କୁ ସହଜ ଉପାୟରେ ପାରହୋଇ ଆସିଚି। ତା ଅଂତରରେ ବାଜୁଚି ଆଜି ଅତିକ୍ରମର ଛଂଦ- ତା ଆଖିରେ ଆଜି ଉଷ୍ମ ଆକାଂକ୍ଷାର ବିରାମହୀନ, ବେପରୁଆ ଢେଉ।

ଉପରେ ଚାଂଦର ରୁଗ୍‌ଣ ହସତଳେ ଓଦାମାଟିର ସୁରଭିତ ରୋମାଂଚ- ଏ ଦୁହିଁଙ୍କ ଭିତରେ ବିନିମୟର ସଂକ୍ଷିପ୍ତ ସୁଯୋଗ ରଚନା କରି ଝଡ଼ିପଡୁଚି ପ୍ରଥମ ଜୁଲାଇର ଶ୍ୟାମଳ ସମାରୋହ। ବର୍ଷାର ଭଦ୍ର, ମେଦୁର ବ୍ୟକ୍ତିତ୍ୱ।

ଏହା ହିଁ ହେଲା ସେ ଦିନର ଭିତର ବାହାରର ପରିସ୍ଥିତି।

* * * * *

ହଠାତ୍ ମୀନାକ୍ଷୀ କହିଲା- ମୁଁ ମୀନାକ୍ଷୀ ନୁହଁ। ମୁଁ ତମର ସୀପ୍ରା; ହଜାର ବର୍ଷ ତଳର ମୁଁ ତମର ସେଇ ଅତି ପୁରାତନ, ଅତି ପରିଚିତ ସୀପ୍ରା। ମୋତେ ବିଶ୍ୱାସ କର। ମୀନାକ୍ଷୀର ଅକାଳମୃତ୍ୟୁର ପ୍ରତିଶୋଧ ନେଇଚି ଆଜି ସୀପ୍ରାର ଅସମୟ ପୁନର୍ଜନ୍ମ। ମୁଁ ମୋର ସେଇ ବନ୍ୟ, ଆଦିମ ବର୍ବରତାରେ ପୁନାରାୟ ପ୍ରତିଷ୍ଠିତ ହେବାକୁ ଚାହେଁ। ସେ ଦିନର ମୁଁ ଓ ଆଜିର ମୁଁ ଭିତରେ ଯାହା କିଛି ବ୍ୟବଧାନ ରହିଯାଇଚି ମୁଁ ତାକୁ ଉତ୍ତୀର୍ଣ୍ଣ ହୋଇଯିବାକୁ ଇଚ୍ଛା କରେ।

ହଠାତ୍ ମୋର ମନେପଡ଼ିଲା, ଆଉ ଅତ୍ୟଂତ ବେଦନାର ସହିତ ମନେପଡ଼ିଲା ଯେ ବହୁ ବର୍ଷ ତଳେ ଦିନେ ମୀନାକ୍ଷୀର ଜନ୍ମବାସରରେ ମୁଁ 'ସୀପ୍ରା' ବୋଲି ଅତ୍ୟଂତ ଗୋପନରେ ତାର ନାମକରଣ କରିଥିଲି। ଜନ୍ମ-ଉତ୍ସବର ଅବିଶ୍ରାଂତ କଳରୋଳ ଭିତରେ ମୁଁ ସେଦିନ ତାକୁ କରିଡ଼ର୍‌ର ଗୋଟିଏ ନିଭୃତ କୋଣକୁ ଟାଣିନେଇ ତା' କାନରେ ଚୁପ୍ ଚୁପ୍ କରି ଡାକିଥିଲି-ସୀପ୍ରା !!! ତାହା ମୋର ଏକାଂତ ଦିଆ ନାମ। ସେଇ ଛୋଟ ନାଁଟି ଭିତରେ ମୁଁ ସ୍ଥାପନ କରିଥିଲି ମୋତେ ଅଦ୍ୱିତୀୟ କରି-ରଖିଆସିଥିଲି ମୋର ଆହତ ଆତ୍ମାର କ୍ଷତ-ବିକ୍ଷତ, ରକ୍ତାକ୍ତ ସ୍ୱାକ୍ଷର; ଆଉ ମୋର ଉଦାର ବ୍ୟକ୍ତିତ୍ୱର ଅକୃପଣ, ଅକୃତ୍ରିମ ପରିଚୟ...।

ଆଜି ସୀପ୍ରା ଫେରିଆସିଚି; କିଂତୁ ମୀନାକ୍ଷୀ ତ ମରିନାହିଁ। ସେ ବି ଅଛି। ତାର ସ୍ୱାମୀ, ସଂତାନ, ପରିବାର ଆଉ ସମସ୍ତ ପରିବେଷ୍ଟନୀ ତାକୁ ଘେରି ଛିଡ଼ାହୋଇଚି। ମୀନାକ୍ଷୀ ବଂଚିଚି। ସାପର ବିଷାକ୍ତ ନିଃଶ୍ୱାସ ପରି ତାର ଭଗ୍ନ ବୁକୁର ଚୂର୍ଣ୍ଣ ନିଶ୍ୱାସ ରସି ବାଜୁଚି ମୋର କାଂକାଳରେ। ଏ ଦୁହିଁଙ୍କି ମୋତେ ମାନିବାକୁଇ ହବ। ଏ ଦୁଇଟିଯାକ ବ୍ୟକ୍ତିତ୍ୱକୁ ମୋତେ ଗ୍ରହଣ କରିବାକୁଇ ପଡ଼ିବ।

ମୁଁ କହିଲି- "ସୀପ୍ରା, ତୁମେ ଫେରିଆସିଚ? ଭଲ କଥା; କିଂତୁ ଏ ସୀପ୍ରା ତୁଷାରାଚ୍ଛନ୍ନ ସୀପ୍ରା ନଦୀର ସ୍ଥିର ତଟ ଭୂମି ନୁହଁ। ଏହା ଦିଗଂତପ୍ରସାରୀ ଖରଧାର ଜଳସ୍ରୋତ। ଏହା ଉପରେ ପ୍ରାଚୀନ ଉଜ୍ଜୟିନୀର ଧୂସର ପ୍ରାସାଦଛାୟା ଯେମିତି ପ୍ରତିବିଂବିତ ହୋଇଚି, ଲକ୍ଷ ଲକ୍ଷ ନଗରୀ ଓ ପୁରପଲ୍ଲୀର ଇତର, ଭାସମାନ

Digitized by srujanika@gmail.com

ରୂପ ଠିକ୍ ସେଇପରି ମୂର୍ଛିତ ହୋଇଚି। ସମସ୍ତଂକୁ ସେ ନିଜ ବକ୍ଷରେ ସ୍ଥାନ ଦେଇଚି- ସମସ୍ତଂକର ଉଦାର ଛାଇକୁ ସେ ନିଜର ଚଳମାନ ବୁକୁରେ ଧରି ନବ ନବ ସୌଂଦର୍ଯରେ ଛବିଳ ଓ ସଚିତ୍ର ହୋଇ ଉଠିଚି। ଏହାହିଁ ତାର ବ୍ୟକ୍ତିତ୍ୱର ରହସ୍ୟ- ଏହାହିଁ ତାର ଗତିକ୍ରମର ବିଶେଷତ୍ୱ।

...ନିର୍ଝରର ସ୍ୱପ୍ନ ଆଜି ଭାଂଗିଚି ମୀନାକ୍ଷୀ। ସେ ଆଜି ଅଜଣାର ଆବିଷ୍କାରରେ ନିଜକୁ ଜାଣିବାକୁ ଚାହୁଁଚି- ସୁଦୂରର ଅନ୍ୱେଷଣରେ ନିଜର ନିକଟତମ ଓ ଅଂତରତମ ସତ୍ୟକୁ ଉପଲବ୍ଧି କରିବାକୁ ଇଚ୍ଛାକରୁଚି। ନିଜର ଅଂତର୍ଯାମୀକୁ ସେ ଆଜି ବାହାର ବିଶ୍ୱରୁ ଖୋଜିଆଣି ନିଜର ଅଖଂଡ଼ ମୌଳିକତାରେ ସଂଚୟ କରିବା ପାଇଁ ବ୍ୟାକୁଳ। ସେ ବଂଧନହୀନ ଝରଣା। ତାର ସୀମା ନାଇଁ, ତଟ ନାଇଁ, କିଛି ନାଇଁ; ଅଥଚ ସବୁ ତାର ଦିନେ ଥିଲା ଓ ସବୁ ତାର ଚିରଦିନ ରହିଥିବ। କିଂତୁ ସେ ସବୁକୁ ସେ ସହଜରେ ଅତିକ୍ରମ କରି ଆସିଚି ଆଉ ସେ ସବୁକୁ ସେ ଅଧିକତର ସହଜରେ ଏଣିକି ଅତିକ୍ରମ କରିଯିବ।''

ମୀନାକ୍ଷୀ କିଛି ବୁଝିଲା ନାଇଁ। ମୋ କଥାର ଭୟାବହ ଇଂଗିତ ସେ ଜମା ଧରିପାରିଲା ନାହିଁ। ସେ ମୋତେ ଚାହିଁଲା। ମୋ ଚାହାଣୀର ସମସ୍ତ ଗୋପନୀୟ ଆଶଂକା ତାର ଦୃଷ୍ଟି-ପ୍ରଦୀପର ମର୍ମଭେଦୀ ତରଂଗରେ ଧରାପଡ଼ିଗଲା- ପୁଣି ଧୋଇହୋଇଗଲା।

ସେ ହସିବାକୁ ଆରଂଭ କରି କହିଲା- ''ମୋତେ ବିଶ୍ୱାସ କର। ମୁଁ ଫେରିଆସିଚି। ମୁଁ ତମର...''

ତା ହସରେ ପ୍ରତ୍ୟୟ ନଥିଲା। ଥିଲା ସର୍ବଂଭକ୍ଷ କ୍ଷୁଧା- ସର୍ବବ୍ୟାପୀ ଆନଂଦ- ଆଉ ଥିଲା ଗୋଟାଏ ସର୍ବଜୟୀ ଭୟଂକର ସୌଂଦର୍ଯ...

ଘାତଚଂଦ୍ରର ନଷ୍ଟ ଲାବଣ୍ୟ ପରି ତା' ଭିତରେ ଯୁଗଯୁଗାଂତର ସଂଚରିତ ବେଦନା କ୍ରମେ ପଲ୍ଲବିତ ହୋଇଉଠୁଥିଲା।

ମୁଁ କହିଲି- ''ତମେ ଯେ ଦିନେ ମୋର ହବ, ତମେ ଯେ ନିଶ୍ଚୟ ଦିନେ ମୋ କତିକୁ ଫେରିଆସିବ, ଏ କଥା ମୁଁ ଅନେକ ଆଗରୁ ଜାଣେ। କାରଣ ତମ ଭିତରେ ଓ ମୋ ଭିତରେ ଚିଂତାର ଯେଉଁ ସହାନୁଭୂତି ନିବିଡ଼ଭାବରେ ରହିଚି, ବାହାରର ସମସ୍ତ ବ୍ୟବଧାନ ସତ୍ତ୍ୱେ ତାହା ଯେ ଆମ ଦିହିଂକି ଦିନେ ପରସ୍ପର ପାଖକୁ ଟାଣିଆଣିବ, ଆଉ ଉଭୟଂକୁ ଯୁକ୍ତ କରିବ, ଏ କଥା ମୁଁ ନିଜେ ଅଚେତନ ଭାବରେ ଅନୁଭବ କରୁଥିଲି। ତମେ ଯେ ଦିନେ ମୋଭିତରେ ତମର ନିଜର ରହସ୍ୟର ସଂଧାନ ପାଇବ ଆଉ ମୋ ଭିତରେ ତମେ ନିଜକୁ ଆବିଷ୍କାର କରିପାରିବ, ଏ କଥା ତମେ ନ କହିଲେ ମଧ୍ୟ ମୁଁ ଆଗରୁ ଜାଣିପାରିଥିଲି। ସେଥିପାଇଁ ଏତେଗୁଡ଼ାଏ କଥାରେ ଆଜି ଏହାର ସରକାରୀ ଘୋଷଣା କରିବା ମୋ ପାଖରେ ଆଦୌ ହୁଏତ ପ୍ରୟୋଜନୀୟ ନଥିଲା।''

ମୋ ଆଖିରେ କ୍ରମେ ଆଶଂକା ମରିଯାଇ ଅଶ୍ରୁ ଘନେଇ ଆସୁଥିଲା। ସେ ଅଶ୍ରୁ ଅନାଗତ ଟ୍ରାଜେଡ଼ିର ଅଶ୍ରୁ- ସେ ଅଶ୍ରୁ ପାଇବାର ସମସ୍ତ ହଟଗୋଳ ମଧରେ ହରାଇବାର ସଂତ୍ରସ୍ତ ସଂଭାବନାର ଅଶ୍ରୁ।

Digitized by srujanika@gmail.com

ମୀନାକ୍ଷୀ କହିଲା- "ମୁଁ ତମକୁ ପାଇଛି, ପୁଣି ହରେଇଛି। ଆଉ ହରେଇଛି ବୋଲି ହିଁ ଆଜି ଫେରିପାଇବାରେ ଏତେ ତୃପ୍ତି ଆଉ ବିଚକ୍ଷଣ ଆନନ୍ଦ ଅନୁଭବ କରୁଚି। ତମେ ମୋର ଖୋଜି ପାଇଥିବା ରତ୍ନ। ମନେ ହଉଚି, ତମକୁ ଯିମିତି ମୁଁ ଖାଲି ପାଇବାଇଁ- ତିଳେ ତିଳେ ଆବିଷ୍କାର କରିଚି। ଏଇ ହରେଇବାଟାହିଁ ମୋର ପାଇବାକୁ ଆହୁରି ବଡ଼, ଆହୁରି ସୁନ୍ଦର କରି ଦେଇଚି। ତମକୁ ହରେଇବା ଦ୍ୱାରାହିଁ ମୋର ପାଇବାର ଜୟ ହୋଇଚି। ତମକୁ ବିଦାୟ ଦବା ଦିନ ମୁଁ କିନ୍ତୁ ସତରେ ଏହା ଆଶା କରିପାରି ନଥିଲି। ଗତବର୍ଷ ମୁଁ ସ୍କୁଲ ଛାଡ଼ି ଆସିଲାବେଳେ ମୋର ଜଣେ ସହପାଠିନୀ ବନ୍ଧୁ, ଆଉ ରୁମ୍‌ମେଟ୍ ସୂର୍ଯମଣି ମୋର ନୋଟ୍‌ବୁକ୍‌ରେ ଚମତ୍କାର ଗୋଟିଏ ଲାଇନ୍ ଲେଖିଦେଇ ଥିଲା। ତାହା ହଉଚି ବିଦାୟ ହିଁ ମିଳନର ଶେଷ ପ୍ରଣତି। ତମକୁ ବିଦାୟ ଦବା ଦିନ ମୋ ମନରେ କିନ୍ତୁ ଠିକ୍ ଏଇ ଲାଇନ୍‌ଟି ଉଦୟ ହୋଇଥିଲା। ସେଦିନ ମୋର ଅକସ୍ମାତ ହଠାତ୍ ଏମତି ମନେ ହୋଇଥିଲା ଯେ ମୁଁ ତମକୁ ଛାଡ଼ି ଚାଲି ଯାଉଚି ଫେର ଥରେ ଯେମିତି ଫେରି ପାଇବା ପାଇଁ-

ରାତ୍ରିର ଘନୀଭୂତ ଉର୍ବରତା ଫାଙ୍କରେ ନକ୍ଷତ୍ରର ଉଦାସୀନ ଦୃଷ୍ଟି ଆଡ଼କୁ ଚାହିଁ ଟିକିଏ ଥତମତ ଖାଇ ମୀନାକ୍ଷୀ ପୁଣି କହିଲା- "ତମକୁ ମୁଁ ପ୍ରଥମ ଦେଖିବା ଆଗରୁ କିନ୍ତୁ ଆହୁରି ଗଭୀର ଭାବରେ ତମକୁ ନିଜ ଭିତରେ ପାଇ ପାରିଥିଲି...। ସେତେବେଳ ଆମେ ଦିହେଁ ପରସ୍ପର ନିକଟରେ ସଂପୂର୍ଣ ଅପରିଚିତ ଥିଲେଁ- କେହି କାହାରିକି ଜାଣି ନ ଥିଲେ। ଫୁଲ ସଂଜର ଅଧେ ଦେଖା ଅଧେ ନ ଦେଖା ଚେହେରା ପରି ମୁଁ ତମର କେତେକାଂଶତମ କବିତାରୁ ପାଇଥିଲି- ବାକୀତକ ମୁଁ ମୋର କଳ୍ପନାରେ ତିଆରି କରି ନେଇଥିଲି। ସେତେବେଳେ ତୁମେ ମୋ ନିକଟରେ ଥିଲ ଅଜ୍ଞାତ କୁଳଶୀଳ ବ୍ୟକ୍ତି। ଏକରକମର ଆବ୍‌ଷ୍ଟ୍ରାକ୍ଟ ଆଇଡ଼ିଆର। ଆଉ ମୁଁ ଥିଲି ଟେନ୍‌ଥ କ୍ଲାସର ଜଣେ ଚାତ୍ରୀ- ଅସଂଭବ ଭିଡ଼ ଆଉ ଠେଲାଠେଲି ଭିତରେ କେହି ଜଣେ ଲୋକ। ତଥାପି ତମ ଭିତରର କବିକୁ ମୁଁ ମନେ ମନେ ଭଲ ପାଇଥିଲି; କେତେ ବିନିଦ୍ର ରାତି ମୁଁ ତମର ସଂଗୃହୀତ କବିତା ରାଶି ଉପରେ ମଥାରଖି କଟେଇ ଦେଇଚି ଆଉ ଏଥିପାଇଁ ହଷ୍ଟେଲର ସାଂଗ ସାଥୀମାନଙ୍କଠାରୁ କେତେ ଥଟ୍ଟା ବିଦ୍ରୂପ ଆଉ ଚାପା ମୁରୁକିହସ ମୋତେ ହଜମ କରିବାକୁ ବା ପଡ଼ିନାଇଁ! ଛାଡ଼, ସେ ସବୁ ଆଜି ସ୍ୱପ୍ନପରି ଲାଗେ। ତା ପରେ ତମ ସାଂଗରେ ମୋର ହେଲା ଦେଖା। ଶତାବ୍ଦୀର ସେଇ ଦୁର୍ଲଭ ତାରିଖଟିକୁ ଆଜି ସୁଦ୍ଧା ମୁଁ ମନେ ରଖିଚି। କିନ୍ତୁ ସେ ଦେଖା ନ ହବାହିଁ ମୋ ପକ୍ଷରେ ଥିଲା ଭଲ, କାରଣ ତମଠୁ କିଛି ପାଇବାପାଇଁ- ତମର ନିଜର ଭାବି କିଛି ଦାବି କରିବା ଲାଗି ମୁଁ ଜନ୍ମ ହୋଇ ନ ଥିଲି। ଆଜି ବୁଝି ପାରୁଚି ସେ ଅଧିକାର ନେଇ ମୁଁ ସଂସାରକୁ ଆସି ନ ଥିଲି, କାହା ଉପରେ ବୃଥା ଅଭିମାନ କରି ବା କଣ ହବ?..."

...ହଠାତ୍ ମୋତେ ଡାକଦେଲା ମୋର ସଂସାର...। ମୋର ସମାଜ, ମୋର ପରିବାର, ମୋର କୁଳୀନତା ଆଉ ମୋର ବାହାରର ସାମାଜିକ ମନ ମୋତେ

Digitized by srujanika@gmail.com

ଅନ୍ୟ ପଥରେ ଅନେକ ଦୂର ଟାଣି ନେଇଗଲେ। ମୁଁ ହେଲି ପତ୍ନୀ- ତା'ପରେ ହେଲି ମା, ଗୃହିଣୀ, ଅନେକ କିଛି; କିଂତୁ ଆହୁରି ଅନେକ କିଛି ମୁଁ ହୋଇ ପାରିଥାଂତି, ହୋଇ ପାରିନାହିଁ। ସେଇ ଦୁଃଖ ବେଳେ ବେଳେ ପାହାଡ଼ ପରି ମୋ ମୁଂଡ଼ ଉପରେ ଚାପି ବସେ। ତମେ ମୋର ସେଇ ନ ହୋଇ ପାରିବାର ପ୍ରେମିକ...ତାର ସାଥୀ। ଯାହା ମୁଁ ହୋଇ ପାରିଚି, ତାହା ତମର ନୁହଁ। ତାହା ଆଉ ଜଣଂକର ହାତ ଗଢ଼ା ଜିନିଷ- ତାର ଉଚ୍ଛିଷ୍ଟ- ତମର ସ୍ୱପ୍ନଦେଇ ତାହା ତିଆରି ନୁହଁ। କିଂତୁ ମୁଁ ଯାହା ହୋଇପାରିଲି ନାହିଁ, ଅଥଚ ହୋଇ ପାରିଥାଂତି, ତାହା ତମର, ଏକାଂତ ଭାବରେଇ ତମର। ସେଇ ନ ହୋଇ ପାରିବାର ଅର୍ଘ୍ୟ- ସେଇ ଅସମାପିକାର ନିବେଦନ ନେଇ ମୁଁ ପରମ ମଂଦିର ତଳେ ଠିଆ ହୋଇଚି। ତମେ ତାକୁ ନିଜ ମନୋମତ କରି ଗଢ଼ି ନିଅ।''

ତା'ପରେ ଆକାଶର ଖଂଡ଼ ଜହ୍ନର ବିଭକ୍ତ ଆଡ଼କୁ ଚାହିଁ ସେ ବିମର୍ଷ ବେଦନାରେ କହିଲା- ''ମୁଁ ତମକୁ ପାଇବି ନାହିଁ। ଏ କଥା ମୁଁ ଜାଣେ। କିଂତୁ ତମ ଭିତରର ଯାହାକୁ ପାଇବାର କଥା ତାକୁ ଅନେକ ଦିନରୁ ପାଇ ସାରିଚି। ଏପରିକି ତମ ସହିତ ପହିଲି ଦେଖା ହବାର ବହୁଦିନ ପୂର୍ବରୁ ବି! ସେ କବିକୁ ତମେ ମୋଠାରୁ କାଢ଼ିନେଇ ପାରିବନି। ତାହା କାଢ଼ି ନବାର ଜିନିଷ ନୁହଁ। ତାହା ପାଇବାର ବସ୍ତୁ- ଚିରଦିନ ନିଜ ଭିତରେ ଧରି ରଖିବାର ସାମଗ୍ରୀ। ସେଇ କବି ପାଇଁ ମୋର ସମସ୍ତ କିଛି ଉତ୍ସର୍ଗ କରି ଦେଇଚି। ସେ ମୋର, ଏକାଂତ ଭାବରେଇ ମୋର।''

ମୀନାକ୍ଷୀର ଚଉଡ଼ା କପାଳର ପାଲିସ୍ ଉପରେ ଚୂନା ଅଳକର ଫାଂକେ ଫାଂକେ ବିଂଦୁ ବିଂଦୁ ଝାଳ ଜମି ଉଠୁଥିଲା। ଶୈତ ଅପରାହ୍ନର କ୍ଷଣସ୍ଥାୟୀ ମଧ୍ୟବିତ୍ ସୌଂଦର୍ଯ ପରି ତାହା ବାହାରର ଥଂଡ଼ା ହାୱାରେ ପର ମୁହୂର୍ତରେ ପୁଣି କୁଆଡ଼େ ଉଭେଇ ଯାଉଥିଲା....। ଉପରେ କାଉଂଟରଫଟ୍ ଟଂକାର ରଂଗ ପରି ଚାଂଦର ମଇଳା ଗାଲ ଉପରେ ମେଘର ଧୂଆଁ ମୋଡ଼ି ମୋଡ଼ି ହୋଇ ନାଚୁଥିଲା- ଆଉ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ମାଛ କାତିପରି ତାରା ଗୁଡ଼ାକ ମେଘ ଫାଂକରେ ଏଣେ ତେଣେ ଖେଳେଇ ହେଇ ପଡ଼ିଥିଲେ।

କ୍ଲାଂତ ଭାବରେ ହାଇମାରି ଅଳସ ଭାଂଗି ମୀନାକ୍ଷୀ ପୁଣି ଆରଂଭ କଲା- ଚାଲ ଆମେ ସେଇ ଦୂର ଅପରିଚୟ ମଧ୍ୟକୁ ଫେରିଯିବା। ତାହାହେଲେ ପୁଣି ଆମେ ନିଜ ନିଜକୁ ନୂଆ କରି ଆବିଷ୍କାର କରି ପାରିବା ଆଉ ଉପଭୋଗ କରି ପାରିବା।

...ଇଆଭିତରେ ଯାହା କିଛି ହୋଇ ସାରିଚି, ସେ ସବୁ ସଂତରଣ କରି ଚାଲ ଆମେ ଫେରିଯିବା ଅତୀତର ସେଇ ଦୂର ତୀରକୁ, ଯେଉଁଠି ଆମେ ପୁଣି ଥରେ ରଚନା କରିପାରିବା ଆମର ମଧୂଶଯ୍ୟାରସ୍ୱପ୍ନ-ନୀଡ଼।''

ମୁଁ କହିଲି- ''ପଛକୁ ଫେରି ଯିବାରେ ଗୌରବ ନାହିଁ ମୀନାକ୍ଷୀ। ଆଗକୁ ଚାଲିବାରେ ହିଁ ସାର୍ଥକତା ଅଛି। ତାଛଡ଼ା ବାସ୍ତବତାକୁ ଫାଂକି ଦବାକୁ ଚେଷ୍ଟାକରିବା ଦୁରାଶା। ମୁଁ ପ୍ରଗତିପଂଥୀ- ଆଗକୁ ଚାଲିବାର ଅହରହ ତପସ୍ୟା ଭିତରେ ହିଁ

Digitized by srujanika@gmail.com

ଜୀବନର ପୂର୍ଣ୍ଣତା ଆସିବ ବୋଲି ମୁଁ ବିଶ୍ୱାସ କରେ। କ୍ରମାଗତ ଚାଲିବାର ନାନା ଅଭିଜ୍ଞତା ଓ ବହୁ ଘଟଣା ଭିତରେ ହିଁ ମଣିଷର ବ୍ୟକ୍ତିତ୍ୱ ବଡ଼ ହୋଇ ଉଠିବ। ପଛକୁ ଫେରିଯିବା ଭିତରେ କିଂବା ନିଶ୍ଚଳ ଆଉ ସ୍ଥାଣୁ ହୋଇ କୌଣସି ଗୋଟିଏ ଜାଗାରେ ପଡ଼ିରହିବା ଭିତରେ ତାର ଇମିତି ବଡ଼ ହବାର ଯୋଗ୍ୟତା ବା ଶକ୍ତି ସଂଚୟ କରିବାପାଇଁ ଆଦୌ ସୁଯୋଗ ନାହିଁ ମୀନାକ୍ଷୀ। ତାହା କେବଳ ପ୍ରତିକ୍ରିୟା। ତାହା ମଣିଷକୁ ଅଭିଭୂତ କରିବ, ଅବଶ କରି ପକାଇବ, କିଂତୁ ପୂର୍ଣ୍ଣତର ପରିଣତି ଆଡ଼କୁ ଆଗେଇ ନେଇ ପାରିବ ନାହିଁ। ତାହା ଭିତରେ ସଂଚୟ କରିବାର ସ୍ଫୁର୍ତ୍ତି ନାହିଁ; କିଂତୁ ବ୍ୟର୍ଥତାର ଅବସାଦ ଅଛି। ତାହା କାଳ୍ପନିକ ପ୍ରେତାତ୍ମା ପରି ତମକୁ ଖାଲି ଭୟ ଦେଖାଇଆଗକୁ ଯିବାକୁ ଦବ ନାହିଁ। ଯାହା କିଛି ତୁମେ ପାଇଚ ତାକୁ ତମେ ହରାଇବ, ପୁଣି ଯାହା କିଛି ବା ତୁମେ ପାଇଥାଂତ ତାହା ପ୍ରତି ତୁମେ ସୁବିଚାର କରି ପାରିବ ନାହିଁ, ତମର ସମସ୍ତ ପାଥେୟରୁ ବଂଚିତ କରି ତୁମକୁ ତାହା ଦୀନ, ଦରିଦ୍ର, କାଂଗାଳ କରି ପକାଇବ- ଏକ ଧନାଢ୍ୟ ଗୌରବରେ ତମର ବ୍ୟକ୍ତିତ୍ୱକୁ ତାହା ପ୍ରସାରିତ ହବକୁ ଦବନାହିଁ। ପଛକୁ ଫେରିଗଲେ ତମେ କଣ ପାଇବ ? କିଛି ନୁହେଁ। ବରଂ ଯାହା ସାମାନ୍ୟ କିଛି ପାଇଚ; ସେଇ ଅଭିଜ୍ଞତାର ପାଥେୟ ଯେତେ ସ୍ଥୂଳ ଆଉ ମୂଲ୍ୟହୀନ ହଉନା କାହିଁକି ସେତକ ମଧ ହରେଇବ, ତାହା ତମର ବ୍ୟକ୍ତିତ୍ୱକୁ କେତେ ଦରିଦ୍ର ଆଉ ଦୁର୍ବଳ କରି ପକାଇବ !! ତମେ ଯାହା ପାଇଚ, ତାହା ତମର ନ ପାଇବାର କ୍ଷୁଧାକୁ ଅଧିକ ଶାଣିତ ଆଉ ବେଗବାନ କରି ଦେଇଚି। ତମେ ଯଦି ସେତିକି ପାଇ ନଥାଂତ, ତେବେ ତମେ ଆଉ କିଛି ପାଇବା ପାଇଁ ଜମା ଇଚ୍ଛା ବି କରି ନ ଥାଂତ।

ତମ ଭିତରର ସାଧାରଣ ନାରୀ ଚାହିଁଥିଲା ଗୋଟିଏ ଛୋଟ ସୁଂଦର ସଂସାର। ସେ ଚାହିଁଥିଲା ଘର କରଣା, ସ୍ୱାମୀ, ପୁତ୍ର, ଧନ, ଦୌଲତ, ଗହଣା, ପରିବାର। ସବୁ ସେ ପାଇଚି; କିଂତୁ ତା ସଂଗେ ସଂଗେ ତୁମ ଭିତରେ ରହିଚି ପୁରି ଅସାଧାରଣ। ସେ ଚାହେଁ ଏ ସବୁର ଅତିରିକ୍ତ ଏ ସବୁଠୁ ବୃହତ୍ତର କିଛି। କାରଣ ତାର ସ୍ୱପ୍ନ ଅଛି, ପିପାସା ଅଛି, ଆଉ ତାର ଦୁର୍ଭାଗ୍ୟକୁ ଅଛି ତାର ପ୍ରତିଭା। କିଂତୁ ଯେତେଦିନ ଯାଏ ସାଧାରଣ ଅତୃପ୍ତ ଥିଲା ତାର ସ୍ଥୂଳ ପ୍ରୟୋଜନ ମେଂଟି ନଥିଲା, ସେତେଦିନ ଯାଏ ଅସାଧାରଣର କଂଠରୋଧ କରି ରଖାଯାଇ ଥିଲା। ସାଧାରଣର ବିରାଟ କ୍ଷୁଧାର ହାହାକାର ତଳେ ଅସାଧାରଣର ସୌଖୀନ କ୍ଷୀଣ ପ୍ରତିବାଦ ଆଉ ରଂଗୀନ ସ୍ୱପ୍ନ ପାହାଡ଼ ତଳର ରୁଦ୍ଧ ଝର୍ଣ୍ଣାପରି ଚାପା ପଡ଼ିରହି ଯାଇଥିଲା। ଆଜି ପାଷାଣ ଫୁଟି ନିର୍ଝରର ସ୍ୱପ୍ନ ଭଂଗ ହୋଇଚି। ଆଜି ତାର ସହସା ମୁକ୍ତ ଦୂରଂତ ପ୍ରତିଭା ଦୂରଦୂରାଂତରର ନୀଳିମ ରହସ୍ୟ ଆଡ଼କୁ ସଂଧାନୀ ଆଖି ଫିଟେଇ ଅନେଇଚି। ଅଭେଦ୍ୟର ବ୍ୟୂହ ଭେଦ କରିବାକୁ ଛଟପଟ କରି ଉଠୁଚି। କିଂତୁ ଏହା ଆଦୌ ହୁଏତ ହୋଇପାରି ନଥାଂତା ଯଦି ସେଇ ଝରଣା ପରୁ ସାଧାରଣ ମନର ସ୍ଥୂଳ ଇଚ୍ଛା ଅଭିଳାଷ ଆଉ ପ୍ରବୃତ୍ତିର ପଥରଗୁଡ଼ାକ ତୃପ୍ତିର ତରଳ ଆନଂଦରେ ବିଗଳିତ ହୋଇ ଭାସିଯାଇ ନଥାଂତା।

Digitized by srujanika@gmail.com

ଜଣେ କବି ସେଥିପାଇଁ କହିଚଂତି- 'ମଣିଷ' ତାର ପରିବେଷ୍ଟନୀକୁ ତିଆରି କରିନାଇଁ। ସେ ତାର ଅଯାଚିତ ଭାବରେ ଖସିପଡ଼ିଥିବା ଧନ; କିଂତୁ ସଂଗରେ ଅଛି ମଣିଷର ମନ। ସେ ଚାହେଁ 'ମନୋମତ'କୁ। ସେ ତାର ଅକସ୍ମାତ୍ ପାଇଥିବା ସ୍ଥୂଳ ପରିସ୍ଥିତିରେ ସଂତୁଷ୍ଟ ନୁହଁ। ସେ ଚାହେଁ ତାକୁ ମନମୁତାବକ କରି ଗଢ଼ିନବାକୁ। ସେଇ ମୁହୂର୍ତ୍ତରୁ ଆରଂଭ ହୁଏ ତାର ପ୍ରତିଭାର ଦୁଃସାହସୀ ଅଭିଯାନ; ନୂଆ ନୂଆ ସୌଂଦର୍ଯ- ନୂଆ ନୂଆ ପୂର୍ଣତାର ସଂଧାନରେ ସେ ନିଜର ଆଉ ନିଜ ପରିସ୍ଥିତିର ସମସ୍ତ ଅଭାବକୁ ପରିପୂର୍ଣ କରିନବାକୁ ଧାଏଁ...।

...ଏଥିରେ ପଛକୁ ଫେରିଯିବାର ପ୍ରଶ୍ନ କାଇଁ ମୀନାକ୍ଷୀ, ଏଥିରେ ଅଛି ନୂଆନୂଆ ପୂର୍ଣତା ଭିତରେ ନିଜକୁ ପୂର୍ଣତର କରି ନବାର ପ୍ରଶ୍ନ। ଯେତିକି ପାଇଚ, ବେଶ୍ କରିଚ। ସେଥିରେ ଲଜ୍ଜିତ ହେବାର କଣ ଅଛି? ତାହାର ତମକୁ ଯେତିକି ଦବାର କଥା, ସେ ସେତିକି ଦେଇସାରିଚି; ତମର ସଂସାର, ତମର ସଂପର୍କ, ତମର ସ୍ୱାମୀ, ତମର ବ୍ୟକ୍ତିତ୍ୱକୁ ଯେତିକି ପୁଷ୍ଟ କରିଚଂତି ତା'ଠୁ ଆଉ ବେଶି କିଛି ସେମାନଂକଠୁଁ ଆଶା କରାଯାଇ ନପାରେ, କିଂତୁ ତମର ବୁଭୁକ୍ଷୁ ପ୍ରତିଭା- ତମ ଭିତରର ଅସାଧାରଣ ଆକାଂକ୍ଷା ଚାହେଁ ଏ ସବୁର ଅତିରିକ୍ତ, ଏସବୁଠାରୁ ପରିପୂର୍ଣତର କିଛି। ତମକୁ ଯାହା ସେମାନେ ଦେଇପାରିଲେ ନାଇଁ, ଅଥଚ ଯାହା ତମର ନିତାଂତ ଦରକାର, ତମକୁ ସେଇ ବାକିତକ ନିଜେ ସଂଗ୍ରହ କରିନେବାକୁ ପଡ଼ିବ। ବେଶ୍ ତ, ନାଲିଶ କରି ଲାଭ କଣ? ତମର ପୂର୍ଣତାର ତପସ୍ୟା ଖାଲି ନାଲିଶ କରି ସାର୍ଥକ ହେଇପାରିବ ନାଇଁ। ସେଥିପାଇଁ ତମକୁ ପୁଣି ସାଧନା କରିବାକୁହେବ- ପୁଣି ସଂଗ୍ରାମ କରିବାକୁ ପଡ଼ିବ; ପୁଣି ନୂଆ ନୂଆ ସୌଦର୍ଯର ଅନ୍ୱେଷଣରେ ତମକୁ ଯାତ୍ରା ଆରଂଭ କରିବାକୁ ହବ। ସେ ସୌଦର୍ଯ ତମେ କାହା ପାକରୁ ପାଇବ, କାହା ପାଖରୁବେଶି ପୁଣି କାହା ପାଖରୁ ବା କମ୍ ପାଇବ, କିଂବା କାହାଠୁ ହୁଏତ ଆଦୌ ପାଇବ ନାଇଁ। ସେଇଠି ଅଟିକି ଗଲେ ବା ସେଇଠୁ ସେତିକି ନେଇ ଫେରି ଆସିଲେ ହବ ନାଇଁ। ତମକୁ ଚାଲିବାକୁଇ ହବ। ଅନେକ ଦୂର ଅନେକ ସାଧନା କରିଯିବାକୁ ହବ। ତମର ଚାଲିବାର ଶେଷ ନାଇଁ। ଆଉ ସେ ଚାଲିବାର ପଥ ପଛକୁ ନୁହଁ- ଆଗକୁ। ତମର ପ୍ରତି ପଦପାତ ତମକୁ ଆଗକୁ ନେଇଯିବ- ତମର ପ୍ରତ୍ୟେକଟି ପଦପାତ ତୁମକୁ ଆଗ ଅପେକ୍ଷା ଅଧିକ ପୂର୍ଣତର ପରିଣତି ନିକଟରେ ପହଂଚାଇ ଦବ। ଏଇ ଆଦର୍ଶକୁ ପାଇବା ପାଇଁ ତମେ କେତେ ଲୋକଂକର ଦ୍ୱାରସ୍ଥ ହବ। ମୋରି ଭଳି ଶତ ଶତ ଲୋକଂକ ଗଳାରେ ତମକୁ ନବ ନବ ସାର୍ଥକତା ପାଇଁ ଭିନ୍ନ ଭିନ୍ନ ସମୟରେ ବା ଏକ ସମୟରେ ବରଣମାଳା ଦବାକୁ ପଡ଼ିବ। ତେବେ ଯାଇ ତମର ବହୁମୁଖୀ ପ୍ରତିଭାର କ୍ଷୁଧା ମେଂଟିବ, ନିଜ ପ୍ରତିଭାକୁ ବଢ଼ କରିବା ପାଇଁ ତମକୁ ଲକ୍ଷ ଲକ୍ଷ ପ୍ରତିଭା ପାଇଁ ଅଭିସାର କରିବାକୁ ପଡ଼ିବ- ସମସ୍ତଂକଠୁଁ ଲୁଂଠନ କରି ତମକୁ ସଂଚୟ କରିବାକୁ ହବ। ତମେ କେତେ ଲୋକଂକୁ ନିଜର କରିବ ପୁଣି କେତେ ଲୋକଂକର ନିଜର ହବ। ତମେ ହବ ସ୍ୱୟଂବରା- ତମେ ହବ ସହସ୍ରଶଯ୍ୟାର ନାୟିକା। ତମର ସମାଜ, ତମର ଶୃଙ୍ଖଳ,

Digitized by srujanika@gmail.com

ତମର ସତୀତ୍ୱ ସମସ୍ତେ ପଛରେ ପଡ଼ିରହିବେ। ତମେ ହବ ଚିର କଳଂକବତୀ। ତମକୁ ଦେହ ଦେଇ ଦେହାତୀତର ଚିଂତା ଦେଇ ଅଚିଂତନୀୟର, ଆଉ ସ୍ୱପ୍ନ ଦେଇ ସ୍ୱପ୍ନାତିରିକ୍ତର ସ୍ପର୍ଶ ଲାଭ କରିବାକୁ ପଡ଼ିବ। ତମର ଦେହ, ମନ, ଯୌବନ, ସତୀତ୍ୱ ତମର ବ୍ୟକ୍ତିତ୍ୱର ପୂର୍ଣ୍ଣ ହବାର ଯଜ୍ଞବହ୍ନିରେ ଆହୁତି ପଡ଼ିବେ। କି ଭୟଙ୍କର ଏ ତପସ୍ୟା, କଳ୍ପନା କରି ପାରୁଚ ମୀନାକ୍ଷୀ?''

ମୀନାକ୍ଷୀର ମୁହଁ ଭୟରେ ପାଂଡୁର ଦେଖାଗଲା। ସେ ଭୟ-ବିବର୍ଣ୍ଣ ହୋଇ କଂପିତ କଂଠରେ କହିଲା- ''ମୋର ବଡ଼ ଭୟ ହଉଚି। ମୁଁ ବାସ୍ତବତା ସହିତ ସାଲିସ୍ କରି ପାରୁନାହିଁ। ମୋ ପଛରୁ ଡାକୁଚି ମୋର ସଂସାର, ମୋର ସମାଜ ଆଉ ତାର କଠିନ ଇସ୍ପାତରେ ତିଆରି ରୁକ୍ଷ ନିଷ୍ଠୁର ଶୃଙ୍ଖଳା। ମୋର ସ୍ୱାମୀକୁ ମୁଁ ଭୟ କରେ- ମୋର ସଂତାନକୁ ମୁଁ ସ୍ନେହ କରେ, ଆଉ ମୋର ବାସ୍ତବତାକୁ ମୁଁ ଶ୍ରଦ୍ଧା କରେ। ଏ ସବୁକୁ ଏକ ଦୁର୍ଜ୍ଜୟ ପରାକ୍ରମରେ ବହୁଦିନରୁ ଲଂଘନ କରି ଆସିଚି।'' ସେ କ୍ଳାଂତ-କଂପିତ ଦେହରେ ମୋ ଉପରେ ଢ଼ଳିପଡ଼ିଲା।

ମୁଁ ତାର ଲୁଂଠିତ ଦେହ-ଲତାକୁ ଜୋରରେ ହଲେଇ ଦେଇ କହିଲି- ''ନା, ନା, ରକ୍ଷା ନାଇଁ- ନିସ୍ତାର ନାଇଁ। କବି କଣ କହିଚଂତି ଶୁଣିବ? କବି କହିଚଂତି- ବିଧାତା ମଣିଷକୁ ଟିକିଏ ସୌଂଦର୍ଯ୍ୟ, ଟିକିଏ ଲାବଣ୍ୟ ଦେଇ ତିଆରି କଲେ। କହିଲେ 'ଏଇଆ ତ ମୁଁ ଦେଲି- ଏଣିକି ଯାକୁ ପୂର୍ଣ୍ଣ କରିବାର ଭାର ମୋ ଉପରେ ନୁହେଁ।' ବେଶ୍, ସେଇ ମୁହୂର୍ତ୍ତରୁ ଆରଂଭ ହେଲା ମଣିଷର ନିଜକୁ ପୂର୍ଣ୍ଣ କରିବାର ଶୋଭାଯାତ୍ରା। ଯେତିକି ସେ ପାଇଥିଲା ତାକୁ ପୂର୍ଣ୍ଣ କରିବା ପାଇଁ ବାହାରିଲା ସେ ଯାହା ପାଇନାଇଁ ତା'ରି ସଂଧାନରେ। କେତେ ଲୋକଂକ ସ୍ପର୍ଶରେ ସେ ଆସିଲା, କେତେ ଲୋକଂକ ଭିତରେ ସେ ନିଜକୁ ମିଶେଇ ଦେଇ ତାର ନ ପାଇଥିବା ସତ୍ୟର ଅନ୍ୱେଷଣ କଲା। କାହାରି ପାଖରୁ ସେ କିଛି ପାଇଲା, କାହାରି ପାଖରୁ ବା ପାଇଲା ନାଇଁ। କିଂତୁ କାହାରି ପାଖରେ ଯେ ଅଟକିଗଲା ନାଇଁ। ଯଦି କେଉଁଠି ପାଇବାର ଶସ୍ତା ତୃପ୍ତିରେ ସେ ଲାଖିଯିବ, ଯଦି ତାକୁ ଅତିକ୍ରମ କରି ଆଗକୁ ଗୋଡ଼ ବଢ଼ାଇ ପାରିବ ନାଇଁ, ତେବେ ସେଇଠି ହବ ତାର ପ୍ରତିଭାର ମୃତ୍ୟୁ। ରାସ୍ତାରେ ସେଇ ମାଇଲ ଖୁଂବ ପାଖରେ ତାର ପୂର୍ଣ୍ଣତାର ତପସ୍ୟା ଭଂଗ ହବ। ସେଇଠି ଯବନିକା ପଡ଼ିବ...ଆଉ ଉଠିବ ନାଇଁ। ଏଥିରେ ପଛକୁ ଫେରିଯିବାର କଥା କେଉଁଠି ରହିଲା, ତମେ ନିଜେଇ କହନା ମୀନାକ୍ଷୀ!!''....

ମୀନାକ୍ଷୀ କହିଲା- ''ମୁଁ ଏତେ କିଛି ବୁଝେନା। ମୁଁ କେବଳ ଏତିକି ଜାଣେ ଯେ ମୁଁ ତୁମକୁ ଭଲପାଏ। ତୁମକୁ ଫେରିପାଇ ମୁଁ ଖୁସି। ମୁଁ ତମକୁ ପାଇଲେଇ ହେଲା।''

ବାଧାଦେଇ କହିଲି- ''ଭୁଲ କହୁଚ ମୀନାକ୍ଷୀ! ନିଜକୁ ପରୀକ୍ଷା କର। ତମେ ମତେ ଭଲ ପାଅନାଇଁ। ଭଲ ପାଅ କବିକୁ- ଭଲ ପାଅ ମୋର ବେଦନାବୋଧ ଶକ୍ତିକୁ। ଏଇ କବି ଯଦି ଆଜି ମୋ ଭିତରେ ନଥାଇ ଏ ବିଶାଳ ଜନତାର ଅନ୍ୟ କାହାରି ଭିତରେ ଥାଆଂତା, ତେବେ ତମର ବଣଣମାଳା ଆଜି ମୋଚ

Digitized by srujanika@gmail.com

ପ୍ରାପ୍ୟ ନ ହୋଇ ହୋଇଥା'ନ୍ତା ସେଇ ଭାଗ୍ୟବାନ ପୁରୁଷଟିର। ମୁଁ ସେଥିରେ ଈର୍ଷା କରଂତି ସତ, କିଂତୁ ଆଶ୍ଚର୍ଯ ହୁଅଂତି ନାଇ।...

...ଦୁଃଖ ମଣିଷକୁ ବଡ଼ କରେ ମୀନାକ୍ଷୀ, କିଂତୁ ବେଦନା କରେ କବି। ସେଥିପାଇଁ ପୃଥିବୀର ଯେଉଁ ପ୍ରଥମ ମଣିଷ ଶରବିଦ୍ଧ କପୋତ ମିଥୁନର ଦୁଃଖରେ କାଂଦିଥିଲା- ସେ ହେଲା ଆମର ଆଦିକବି। ତମ ଭିତରେ ଏଇ ନିବିଡ଼ ବେଦନାବୋଧ ଅଛି ମୀନାକ୍ଷୀ। ତମେ ତାର ସଂଧାନ ପାଇନାହଁ। ସେଥିପାଇଁ ଚାରିଆଡ଼େ ତାର ପରିଚୟ ଖୋଜି ବୁଲୁଚ। ଖୋଜୁ ଖୋଜୁ ତମ ଭିତରର କବିଟି ସହିତ ମୋ ଭିତରେ ଥିବା କବିର ତମେ ହୁଏତ ହଠାତ୍ ଆବିଷ୍କାର କରିଚ ଗୋଟାଏ ଗଭୀର ସାମଂଜସ୍ୟ। ସେଥିପାଇଁ ଗଳାରେ ଦେଇଚ ମୋର ଝରା ଫୁଲର ବରଣମାଳା। କାଇଁ, ମୁଁ ତ ଜଣେ ଫୁଟବଲ ଖେଳାଳି ବି, ସେଥିପାଇଁ ତ ଦିନେ ହେଲେ ମୁଁ ତମ ମୁହଁରୁ ପଦେହେଲେ ପ୍ରଶଂସା ଶୁଣିନାଇଁ। କିଂତୁ କବି ବୋଲି ଏ ବିପୁଳ ସମ୍ମାନରେ ଗୌରବାନ୍ୱିତ କଲ କାହିଁକି? କାହିଁକି ଏ ମାନପତ୍ର? ତାର କାରଣ ତମେ ମୋ ଭିତରେ ତମର ନିଭୃତ ନିଜସ୍ୱ ସତ୍ୟର ପରିଚୟ ପାଇପାରିଚ। ଯାହାର ଅପ୍ରକାଶିତ ଭୂମିକା ତମ ଭିତରେ ଅଛି, ତୁମେ ମୋ ଭିତରେ ପାଇଚ ତାର ଦୀପାନ୍ୱିତ ପ୍ରକାଶ। ସେଇଥିପାଇଁ କହେ, ଯେଉଁ ବରଣମାଳା ଆଜି ତମେ ମୋତେ ଦେଇଚ ତାହା ପ୍ରକୃତରେ ତମରି ଗଳାକୁଇ ଫେରିଯାଇଚି। ତମ ଭିତରର ସେଇ ନିରୀହ ନିର୍ବାକ୍ କବିଟି ନିଜକୁ ପରିପୂର୍ଣତର କରିବା ପାଇଁ ଘୂରିବୁଲିଛି- ତାଠାରୁ ଏକ ବୃହତ୍ତର ଶକ୍ତିର ସଂଧାନରେ- ତା ଭିତରେ ନିଜକୁ ସମ୍ୟକ୍‌ରୂପେ ଉପଲବ୍ଧି କରି ପରିପୁଷ୍ଟ କରିବାଲାଗି। ମୋ ଭିତରେ ହୁଏତ ସେ ବର୍ତମାନ ପାଇଁ ତାହା ପାଇଚି। ମୋଚି ପ୍ରତିଭା ଭିତରେ ହୁଏତ ଖୋଜି ପାଇଚି ସେ ତାର ଅନୁରୂପ ପରିପୂରକ। ସେଥିପାଇଁ ସେ ପାଗଳ ହୋଇ ମୋରି ଆଡ଼କୁ ଛୁଟିଚି। କାରଣ ସେ ବୁଝିଚି ଯେ ମୁଁ ତାର ଦରକାର, ଏକାଂତ ଭାବରେ ହିଁ ଦରକାର। ନିଜର ପରିଚୟକୁ ଗଭୀର ଭାବରେ ଜାଣିବା ପାଇଁ ସେ ମୋତେ ଭଲ ପାଇଚି, ଆପଣାର କରିନେଇଚି। ମଣିଷ ବେଳେ ବେଳେ ଇମିତି କସ୍ତୁରୀମୃଗ ପରି ନିଜର ଅପ୍ରକାଶିତ ସୌଂଦର୍ଯର ପାଂଡୁଲିପିରେ ନିଜେ ମୁଗ୍‌ଧ ହୋଇ ଅଂଧ ପରି ବାହାର ଜଗତରେ ତାର ଅନ୍ୱେଷଣ କରି ବୁଲେ। କିଂତୁ ଶେଷରେ ସେ ଫେରିଆସେ ନିଜ କତିକୁ- ଭୁଲ ଯେତେବେଳେ ତାର ଭାଂଗେ, ସେତେବେଳେ ହୁଏତ ସେ ଟାଗୋରଂକ ଭାଷାରେ ଭାବେ :

''କସ୍ତୁରୀ-ମୃଗ ସମ
ପାଗଳ ହୋଇ ମୁଁ ବନେ ବନେ ବୁଲେ
ଆପଣା ଗଂଧେ ମମ।''

କିଂତୁ ଏ ଭୁଲ ତାର ଆଗରୁ ଭାଂଗେ ନାଇଁ। ଏ ଭୁଲ ଭାଂଗେ ତାର ଠିକ୍ ସେତିକିବେଳେ ଯେତେବେଳେ ସେ ନିଜେ ପୂର୍ଣ ବୋଲି ଅନୁଭବ କରେ। ଏ ଭୁଲ ଆଗରୁ ଭାଂଗିଗଲେ ମଣିଷ ପୂର୍ଣ ହୋଇପାରଂତା ନାଇଁ- ବଡ଼ ହୋଇ

Digitized by srujanika@gmail.com

ପାରଂତା ନାହିଁ- ନିଜର କ୍ଷୁଦ୍ର ପରିସର ଡେଇଁ ଅନ୍ୟକୁ ନିଜର କରିପାରଂତା ନାହିଁ, ସେ ନିଜକୁ ନେଇଇ କେବଳ ପଡ଼ିରହିଥାଂତା। ନିଜର ଅତିରିକ୍ତ ବୃହତ୍ତର ଜୀବନ, ସମାଜ ବା ଜଗତ ଆଡ଼କୁ ସେ ତାର ଦୃଷ୍ଟିରେଖା ପ୍ରସାରିତ କରି ପାରଂତା ନାହିଁ- ଅନ୍ୟକୁ ନିଜର କରି ଅନ୍ୟଠୁ ଆହରଣ କରି ନିଜେ ବୃଦ୍ଧିପାରଂତା ନାହିଁ। ଯେତିକି ଥିଲା ସେତିକି ହୋଇ ସେ ଚିରକାଳ ପଡ଼ିରହିଥାଂତା....। ତାର ସମସ୍ତ ସଂଭାବନାରେ ପଡ଼ିଥାଂତା ପୂର୍ଣଚ୍ଛେଦ।

....ଆଉ ଭଲ ପାଇବା ? ଭଲ ପାଇବାର ଧର୍ମ କଣ ଜାଣ ମୀନାକ୍ଷୀ ? ଭଲ ପାଇବାର ଧର୍ମ ମହୁମାଛିର ଧର୍ମ। ଭଲପାଇବାର ଧର୍ମ ଅନ୍ୟଠୁଁ ସଂଚୟ କରି ନିଜେ ବଡ଼ ହବାର ଧର୍ମ। ଏ ଯୁଗର ପେଟବୋଲା ପୁଂଜିପତିଂକ ପରି ଫଳପାଇବା ଅନ୍ୟଠୁ ଶୋଷଣ କରି, ସଂଗ୍ରହ କରି ନିଜେ ଧନଶାଳୀ ହୁଏ ଏପରି ପୂର୍ଣତର ହୁଏ। ପୂର୍ଣ ହବାର ସାଧନା ମଣିଷର ଯେମିତି କେତେବେଳେ ଶେଷ ହବାର ନୁହେଁ- ଭଲ ପାଇବାର ଜୟଯାତ୍ରା ମଣିଷର ସିମିତି କେତେବେଳେ ସଂପୂର୍ଣ ହବାର ନୁହେଁ।

....ମଣିଷ ଚିର ଦରିଦ୍ର, ଚିର ଅପୂର୍ଣ। ତାର ବ୍ୟକ୍ତିତ୍ୱର ଏଇ ଶୋଚନୀୟ ଦାରିଦ୍ର୍ୟ ଅଉ ଅଭାବବୋଧକୁ ପୂର୍ଣ କରିବାଲାଗି ତାକୁ ଅନ୍ୟର ସାହାଯ୍ୟ ନେବାକୁ ହବ। ସେ ଯେତିକି ଅନ୍ୟଠାରୁ ସଂଗ୍ରହ କରି ଆଣି ନିଜର କରିପାରିବ, ସେତିକି ତାର ବ୍ୟକ୍ତିତ୍ୱର ଶୁଭ୍ର ଲଲାଟରୁ ଦାରିଦ୍ର୍ୟର ମ୍ଳାନ କଳଂକ ଅପସାରିତ ହେବ। ତାର ପ୍ରତିଭା ଆଫ୍ରିକା ଜଂଗଲର ରକ୍ତପାୟୀ ବନ୍ୟ ବାଦୁଡ଼ି ପରି ଅନ୍ୟ ବଳିଷ୍ଠ ପ୍ରତିଭାର ସାର ଶୋଷଣ କରି ବଡ଼ ହବାକୁ ଚାହେଁ, ତାର ପ୍ରତିଭା ଆଉ ବ୍ୟକ୍ତିତ୍ୱର ଏଇ ଭୟାବହ ମାରାତ୍ମକ କ୍ଷୁଧା ଯୁଗେ ଯୁଗେ ମଣିଷକୁ ବୃହତ୍ତରର ସୂଚନା ଦେଇଚି। ପୂର୍ଣତରରୁ ପୂର୍ଣତମର ଆଭାସ ଦେଇଚି...।

...ଯାହାର ପ୍ରତିଭା ଯେତେ ବହୁମୁଖୀ ତାର ଭଲ ପାଇବାର ପାତ୍ରପାତ୍ରୀ ତେତେ ସଂଖ୍ୟାରେ ଅଧିକ। ନିଜର କେତେକ ବିଶେଷ ଅଭାବର ପୂରଣ ଲାଗି ମଣିଷ ସେଇ ବିଶେଷ ଶକ୍ତିର ଆଧାର ଅନ୍ୟ ଜଣେ ବା ଅନେକ ଜଣ ମଣିଷକୁ ଭଲ ପାଇବାକୁ ବାଧ। ତାର ବ୍ୟକ୍ତିତ୍ୱର ଅନ୍ୟ କେତେକ ଭାବର ପୂରଣ ପାଇଁ ସେ ଭିନ୍ନ ଭିନ୍ନ ସମୟରେ ବା ଏକସମୟରେ ଆଉ ଜଣେ ବା ଏକାଧିକ ଲୋକଂକୁ ମଧ ଭଲ ପାଇପାରେ। ଏଥିଭିତରୁ କୌଣସିଟି ଦୋଷାବହ ନୁହଁ ବା ଅସ୍ୱାଭାବିକ ନୁହଁ। କୌଣସି ବିଶେଷ କାରଣ ହେତୁ ଜଣକୁ ଭଲ ପାଇବା ମଣିଷ ପକ୍ଷରେ ଯେଉଁପରି ସତ୍ୟ- ଅନ୍ୟ କେତେକ ଭିନ୍ନ କାରଣ ହେତୁ ତାର ଅନ୍ୟ ଜଣେ ଲୋକ ଭଲ ପାଇବା ଠିକ୍ ସେଇ ପରିମାଣରେ ସତ୍ୟ। ଏଥିଭିତରୁ କୌଣସିଟି ମିଥ୍ୟା ନୁହଁ। ତାର ଭଲ ପାଇବା ଭିତରେ ଯେ ଗଭୀର ଆଂତରିକତା ଅଛି, ଏହାର ସାକ୍ଷୀ କେବଳ ତାର ଅଂତର୍ଯାମୀ ପୁରୁଷ। ଯାହାର ପ୍ରତିଭା ଯେତେ ବହୁମୁଖୀ ଆଉ ଜୀବଂତ, ତାର ଭଲ ପାଇବାର ପାତ୍ରପାତ୍ରୀ ବା ଅଭାବ ପୂରଣ ସଂଗୀ ସାଥୀ ସେତିକି ସଂଖ୍ୟାରେ ବହୁ ଆଉ ବିଚିତ୍ର।

Digitized by srujanika@gmail.com

...ମଣିଷର ପୂର୍ଣହବାର ତପସ୍ୟା ଯେଉଁ ଦିନ ସିଦ୍ଧ ହେବ, ସେଇଦିନ ହେବ ତାର ଭଲ ପାଇବାର ଶେଷ। ପୂର୍ଣ ହବାର ପ୍ରୟୋଜନବୋଧ କରେ ନାହିଁ କେବଳ ଜାନୋୟାର, ନୋହିଲେ ଭଗବାନ। ଜାନୋୟାରର ତ ମୂଳରୁ ଅଭାବବୋଧ ଶକ୍ତିରଇ ଅଭାବ, ପୂର୍ଣ ହବାର ପ୍ରଶ୍ନ ତା ମନରେ କେବେ ଉଠିବ ବା କେଉଁଠୁ? ଆଉ ଭଗବାନ? ତାଂକୁ ତ ଉପନିଷଦରେ ପୂର୍ଣତମ ବସ୍ତୁ ବା 'ପୂର୍ନମିଦଂ' ବୋଲି କଳ୍ପନା କରାଯାଇଚି। କିଂତୁ ମଣିଷ ଏ ଦୁଇଟି ଭିତରୁ କୌଣସିଟିଇ ନୁହଁ। ସେ ଏକ ସ୍ୱତଂତ୍ର ଜୀବ। ତାର ପୂର୍ଣ ହବାର ବହୁମୁଖୀ ସାଧନା ଭିନ୍ନ ଭିନ୍ନ ପାତ୍ର ପାତ୍ରୀକୁ ଆଶ୍ରୟ କରି ଆତ୍ମପ୍ରକାଶ କରିଥାଏ। ମଣିଷ ଯେଉଁ ଦିନ ଭଲ ପାଇବ ନାହିଁ, ସେଇ ଦିନ ତାର ପ୍ରତିଭାର ହବ ଅକାଳ ମୃତ୍ୟୁ; ସେଦିନ ଆସିବ, ତାର ବ୍ୟକ୍ତିତ୍ୱର ବାର୍ଧକ୍ୟ। ତାର ଖର୍ବ ଖଂଜ ଶାରୀରିକ ଅସ୍ତିତ୍ୱ ନିର୍ଜୀବ ଅଚଳାୟତନ ପରି ସେଦିନ ମାଟି ଉପରେ ଖାଲି ପଡ଼ିରହିବ।

ଆଉ ଭଲ ପାଇବାର ପାତ୍ରପାତ୍ରୀ? ସଂଖ୍ୟା ସେମାନଂକର ଅଗଣିତ। ଜଣକୁ ଭଲ ପାଇ ମଣିଷ କଦାପି ଯାହା ହବାର କଥା ତାହା ହୋଇପାରିବ ନାହିଁ କିଂବା ଯାହା ପାଇବାର କଥା ତାହା ପାଇପାରିବ ନାହିଁ। କାରଣ ଜଣେ ଲୋକ କଦାପି ମଣିଷର ସମସ୍ତ ଶୂନ୍ୟତା ପୂର୍ଣ କରିବାର କ୍ଷମତାର ଅଧିକାରୀ ହୋଇନପାରେ। ଏଇ ଧର, କବି ବୋଲି ତମେ ମୋତେ ଏତେ ଭଲ ପାଉଚ, କିଂତୁ ସଂଗୀତଜ୍ଞ ବା ଅଭିନେତା ବୋଲି ତ ନୁହଁ। ତମର ଯଦି ଅଭିନୟ କରିବା ପାଇଁ ପ୍ରତିଭା ଥିବ ତେବେ ଆଦୌ ମୁଁ ତମକୁ ସେ ଦିଗରେ ସାହାଯ୍ୟ କରିପାରିବି ନାହିଁ। ସେଥିପାଇଁ ତମକୁ ଯିବାକୁ ହବ ପଲମୁନି ବା ବନ୍ଧୁଆଂକ ଭଳି କୃତୀ ଅଭିନେତାମାନଂକ ପାଖକୁ। ଯଦି ସଂଗୀତ ପାଇଁ ତମ ମନରେ ଦୁର୍ବାର ପ୍ରତିଭା ଥାଏ ତେବେ ତୁମେ ନିଶ୍ଚୟ ଭଲ ପାଇବ ସାଇଗଲ ବା ପଂକଜ ମଲ୍ଲିକଂକ ଭଳି ଲୋକଂକୁ। ଆଉ ଯଦି ଛବି ଆଂକିବା ପାଇଁ ତମର ପିପାସା ଥିବ ତେବେ ତମେ ନିଶ୍ଚୟ ଭଲ ପାଇବ ଜଣେ ଶିଳ୍ପୀକୁ- ସେ ଯେ କେହି ହୁଅଂତୁ ନା କାହିଁକି? କେବଳ ମୋତେଇ ଯଦି ଭଲପାଅ, ଆଉ କେବଳ ମୋରି ପାଖରେ ଯଦି ତମେ ଜୀବନବ୍ୟାପୀ ପଡ଼ିରହ, ତେବେ ତମ ପ୍ରତିଭାର ଏଇ ଦିଗଗୁଡ଼ିକ କିମିତି ଝାଉଁଳି ପଡ଼ିବ କଳ୍ପନା କରିପାରୁଚ ତମେ ମୀନାକ୍ଷୀ। ସେଥିପାଇଁ ତମେ ତମର ପ୍ରତିଭାର ବିକାଶ ପାଇଁ ଏକକାଳୀନ ଯଦି ଏତେଗୁଡ଼ିଏ ଭଦ୍ରଲୋକଙ୍କ ପ୍ରେମରେ ପଡ଼, ତେବେ ମୁହିଁ ପ୍ରଥମେ ତମକୁ ଅଭିନଂଦନ କରିବି। ମୁଁ ତମର ଏକକାଳୀନ ଏତେଗୁଡ଼ିଏ ପ୍ରେମିକଂକ ସଂଗରେ ଦୋସ୍ତ ଭାବରେ ହାତ ମିଳେଇବା ପାଇଁ ସବୁବେଳେ ପ୍ରସ୍ତୁତ ଅଛି ମୀନାକ୍ଷୀ! କାରଣ ମୁଁ ତମର ପ୍ରତିଭାର ପୂର୍ଣତା ଚାହେଁ- ମୃତ୍ୟୁ ଚାହେଁ ନାହିଁ। ମୁଁ ତମର ବ୍ୟକ୍ତିତ୍ୱର ଜୟ କାମନା କରେ। ତମେ ବଡ଼ ହୁଅ, ଏହାହିଁ ମୋର ଐକାଂତିକ ଇଚ୍ଛା...। ସେଥିପାଇଁ ତମେ ତମର ଏକ ଦୁର୍ଜୟ ଦୁଃସାହସୀ ଅଭିଯାନରେ ମୋ ପାଖରୁ ପାଇବ ସବୁଦିନେ ଅଭିନଂଦନ...ମାନପତ୍ର...।

Digitized by srujanika@gmail.com

...ତମ ପ୍ରତିଭାର ଜୟଯାତ୍ରା ଏଇମାତ୍ର ଆରଂଭ ହେଇଚି। ତାହା ଏପର୍ଯଂତ କିଛି ଅଗେଇପାରିନାଇଁ। ତାହା ଯେତିକି ଆଗେଇବ, ତମେ ସେତିକି ମୋତେ ଛାଡ଼ି ଚାଲିଯିବ। ମୋର ରସ-ଉସ ଯେତିକି ନିଃଶେଷ ହୋଇଆସିବ, ସେତିକି ତମର କ୍ରମବିମୁଖ ମନ ମୋତେ ଛାଡ଼ି ଅନ୍ୟର ଭଂଡାରରୁ ମଧୁ ସଂଗ୍ରହ କରବା ପାଇଁ ଉଦ୍‌ବିଗ୍ନ ଉଦ୍‌ବେଳ ହୋଇ ଧାଇଁବ। ମହୁମାଛି ପରି ତମର ଡେଣାର କଂପନରେ ସୃଷ୍ଟି ହବ ଛାଡ଼ିଚାଲିଯିବାର କରୁଣ ବାଗେଶ୍ରୀ....

...ହଠାତ୍ ହୁଏତ ଦିନେ ତମର ପ୍ରତିଭା ଆବିଷ୍କାର କରିବ ଯେ ମୋଠୁ ତାର ଯେତିକି ପାଇବାର କଥା, ସେ ତାହା ପାଇସାରିଚି- ଆଉ କିଛି ପାଇବାର ନାଇଁ। ସେଦିନ ତାର ସଂଧାନୀ ଆଖିର ଡାଆଣୀ ଆଲୁଅରେ ହୁଏତ ଧରାପଡ଼ିବ ଦିଗଦିଗଂତର ରସ ସଂଗ୍ରହର ଆଉ ଏକ ଅନନ୍ଵେଷିତ ଝରଣା...। ସେଇ ନୂତନର ନିମଂନ୍ତ୍ରଣରେ- ସେଇ ଅନନୁଭୂତରେ ଆକର୍ଷଣରେ ତମର ପ୍ରତିଭା ସେଦିନ ସୀମାବୃତ୍ତ ଲଂଘନ କରି ଛୁଟିଚାଲିବ ଦୂରରୁ ଦୂରାଂତ ଅଭିମୁଖରେ...। ସେଦିନ ମୋ' ପକ୍ଷରେ ଯେ କି ଦୁର୍ଦ୍ଦିନ ମୁଁ ଆଗରୁ ତାହା ବେଶ୍ କଳ୍ପନା କରି ପାରୁଚି ମୀନାକ୍ଷୀ! କିନ୍ତୁ ମୁଁ ତମର କ୍ରମପୁଷ୍ଟ ପଳାତକ ବ୍ୟକ୍ତିତ୍ୱକୁ ଜମା ଅଟକାଇବାକୁ ଚାହିଁବି ନାଇଁ- ଜମା ତାର ସ୍ୱଚ୍ଛଂଦ ଗତିକୁ ବ୍ୟାହତ କରିବାକୁ ଦେବି ନାଇଁ। ମୁଁ କେବଳ ଏତିକି ଜାଣେ ଯେ ମଣିଷ ମଣିଷର ଦରକାର। ମଣିଷ ଯିମିତି ମଣିଷର ଏକ ଦାବି ମାନି ନିଏ ତାହାହିଁ ହଉଛି ମୋ ଚିଂତାର ପ୍ରଥମ ଆଉ ଚରମ। ମୁଁ ମଣିଷର ଏ ନିମ୍ନତମ ପାଉଣା ଶୋଧ କଲାବେଳେ ଘଂଟା ଧରି ସମୟର ଚୁକ୍ତି କରିବାକୁ ଘୃଣା କରେ। ଚିରସ୍ଥାୟୀ ବଂଦୋବସ୍ତ ପ୍ରଥାଟା ଖାଲି ଅର୍ଥନୀତିକ ବା ରାଜନୀତିକ କାରଣରୁ ନୁହେଁ; ମଣିଷ ମନର ସହଜ, ସ୍ୱାଭାବିକ ବିକାଶ ଦିଗରୁ ମଧ ମୋ ନିକଟରେ ଗୋଟାଏ ସାମଂତଯୁଗୀୟ ପଚା ସଢ଼ା ଅନୁଷ୍ଠାନ। ମୌରସୀ ପଟ୍ଟା କରି କାହାକୁ ମୁଁ ଆସକ୍ତିରେ ନିଜ ପାଖରେ ବାଂଧି ରଖିବା ପାଇଁ ଆଗରୁ ସର୍ତ୍ତପତ୍ର ଲେଖେଇ ନବାକୁ ଖାଲି ଅଭଦ୍ରତା ନୁହଁ, ଅଧର୍ମ ବୋଲି ମନେ କରେ।

କିଂତୁ ତୁମେ ଯଦି ମୋ ପାଖରେ ଅଟକିଯାଅ, ମୋଠୁ ସମସ୍ତ କିଛି ସଂଗ୍ରହ କରିବାକୁ ଯାଇ ତମେ ଯଦି କ୍ଳାଂତ ହୋଇପଡ଼- ଯଦି ଆଗକୁ ଯାଇ ନ ପାର- କିଂବା ତମର ଭୋକିଲା ପ୍ରତିଭାର କ୍ଷୁଧା ଯଦି ମୋ ଭଂଡାରରୁ ସାମାନ୍ୟ କିଛି ଭୋଜ୍ୟ ଗ୍ରହଣ କଲା ପରେ ଛାଏଁ ଛାଏଁ ମଉଳିଯାଏ ତେବେ ତମର ସେ ଅକାଳକ୍ଳାନ୍ତତା ମୋ ପକ୍ଷରେ ଯେଡ଼େ ସୁଖଦାୟକ ଆଉ ସୁବିଧାଜନକ ହଉନା କାହିଁକି ତମ ପକ୍ଷରେ ଘୋର ପରାଜୟ ଓ ଦୁର୍ଭାଗ୍ୟର ବିଷୟ ହବ ମୀନାକ୍ଷୀ!

ତମ ପୂର୍ଣତାର ମାନଚିତ୍ର ସହିଯିବ ଚିରଦିନ ଅସମାପ୍ତ- ତା' ଭିତରେ ଗୁମରି ଗୁମରି ଉଠିବ ଖାଲି ଅସମାପିକାର କରୁଣ କ୍ରଂଦନ- ମଧରାତ୍ରିର ପଂଜର ତଳେ ନିଶାଚର ପକ୍ଷୀର ବିରାମବିହୀନ ଆର୍ତ୍ତନାଦ ପରି।

....ମଣିଷ ପରସ୍ପରକୁ ପାଇବ ପୁଣି ଛାଡ଼ି ଚାଲିଯିବ। ଏଇ ଛାଡ଼ି ଚାଲିଯିବାଟା ହିଁ ଜୀବନରେ ଏକମାତ୍ର ସତ୍ୟ। ସେଥିରେ ଦୁଃଖ କରିବ ନାଇଁ ମୀନାକ୍ଷୀ!

Digitized by srujanika@gmail.com

ମଣିଷ କେବଳ କାନପାତି ଶୁଣିବ ବହୁ ପଳାତକ ଚରଣର ଧ୍ୱନି...। 'ଆବିର୍ଭାବ ଆଉ ପ୍ରସ୍ଥାନର ଚିତ୍ରପଟ' ଉପରେ ବହୁ ବ୍ୟସ୍ତ ତ୍ୱରିତ ଚରଣର ଚଳମାନ ଛାଇ ଖାଲି ଦେଖାଯିବ ଆଉ ଲିଭିବ। କିନ୍ତୁ ଏ ଦୁଇଟିଯାକ ହିଁ ପରମ ସତ୍ୟ। କେଉଁଟି ମିଛ ନୁହେଁ। ଏ ଦୁହିଁକି, ତମକୁ ସ୍ୱୀକାର କରିବାକୁଇ ପଡ଼ିବ...। ଦୂର ଦିଗ୍‌ବଳୟର ବାଲିଚଢ଼ା ମୁହାଣ ଆରପଟେ ତମକୁ ତାର ପାଲଟେକା ଡଙ୍ଗାଟି ପଛଆଡ଼େ ଅପଲକ ଆଖି ନେଇ ଧାଇଁବାକୁ ପଡ଼ିବ- ତାର ଫେରିଆସିବା ପର୍ଯ୍ୟନ୍ତ...। କିନ୍ତୁ ସେ ଫେରିଆସିବ ନାହିଁ।

ତମ ସ୍କୁଲର ତମର ସେଇ ସହପାଠିନୀ କବିଟି (ନାଁଟି କଣ ତାର କହିଥିଲ, ଭୁଲିଯାଇଚି- ସୂର୍ଯ୍ୟମଣି ନା କଣ) ତାର ବନ୍ଧୁକୁ ବିଦାୟ ଦବାକୁ ଯାଇ ସେ ଦିନ ପରା ତା କାନରେ ଛଳ ଛଳ ଆଖିରେ କହିଥିଲା- ବିଦାୟ ହିଁ ମିଳନର ଶେଷ ପ୍ରଣତି। ତମର ସେଇ ନମ୍ର, ଲାଜକୁଳୀ କବିଟିର ଏଇ ଛୋଟ ସୁନ୍ଦର ଲାଇନଟିକୁ ମୁଁ ମନେ ରଖିଚି ମୀନା। ଛାଡ଼ି ଚାଲିଯିବା ଭିତରେ ଯେ ପାଇବାର ସମସ୍ତ କବିତା ଭରିରହିଚି ଏ କରୁଣ ସତ୍ୟ ତମର ସେଇ ଛୋଟ କବିଟି ନିଶ୍ଚୟ ହୁଏତ ଦିନେ ଅଶ୍ରୁ- ନଦୀର ବେନି କୂଳରେ ଛିଡ଼ା ହେଇ ଉପଲବ୍ଧି କରିଥିବ। ମୁଁ ସେଇ ଅଜଣା କବିଟି ପ୍ରତି ମୋର ଅନ୍ତରର ଶ୍ରଦ୍ଧା ନିବେଦନ କରୁଚି ମୀନା।

ସେଥିପାଇଁ ଜୀବନରେ ଯେଉଁମାନଙ୍କୁ ତମେ ହରାଇଲ ସେମାନଙ୍କୁ ନେଇ ଅଶ୍ରୁ ଢାଳ ନାହିଁ। ବରଂ ଯେଉଁମାନଙ୍କୁ ଦିନେ ପାଇଥିଲ ଆଉ ପାଇପାରିଚ, ସେଇମାନଙ୍କର ଉଜ୍ଜ୍ୱଳ ସ୍ମୃତିକୁ ବିସ୍ମରଣୀର ଅମୁହାଁ ଦେଉଳରେ ସୁନାର ସିଂହାସନ ଉପରେ ପ୍ରଦୀପ ପରି ଜାଳି ରଖ...ସେଥିରେ ବରଂ ଗୌରବ ଅଛି।''

ଦୂରରେ ଆକାଶର ବିବର୍ଣ୍ଣ ଫିକା କ୍ଷତ ଦିହରେ ବର୍ଷାର ଶ୍ୟାମଳ ଆଭିଜାତ୍ୟ ବିଛେଇ ହୋଇ ଯାଉଥିଲା। ସେଇ ଆକାଶ ଆଡ଼କୁ ଅନେଇ ମୀନାକ୍ଷୀ ଗୋଟିଏ ଦୀର୍ଘଶ୍ୱାସ ଛାଡ଼ିଲା।

ମୁଁ ତାର ଶ୍ରାନ୍ତ କପୋଳରେ ରଖିଦେଲି ଗୋଟିଏ କରୁଣ କବିତାଭରା ଚୁମ୍ବନ...ଯାହାର ପରମାୟୁ ହୁଏତ ନିଶାନ୍ତର କ୍ଷୟମାନ ଭୀରୁ ଦୀପଶିଖା ପରି ଅଳୀକ, ଅସ୍ଥାୟୀ, ପୁଣି ଅଚିର...।

ଚାରିଆଡ଼େ ଅନ୍ଧକାରର ଅଖଣ୍ଡ ଉର୍ବରତା ଭିତରେ ସରିଆସୁଥିବା ରାତ୍ରିର ବ୍ୟଥିତ ଅସ୍ତ-ରାଗ ପୂର୍ବଦିଗର ଉଦୟାଚଳ ଉପରେ ରଚନା କରୁଥିଲା ଆଗାମୀ ପ୍ରଭାତର ଭୂମିକା।

ମୀନାକ୍ଷୀ ଓ ମୁଁ ସେଇ ଆଡକୁ ଚାହିଁ ଦୁଇହାତ ଟେକି ନମସ୍କାର କଲୁଁ।

Digitized by srujanika@gmail.com

ପଇସାଟିଏ !

ନୀଳାଂବର ବାବୁ ଏକ ସାଂଧ ଆଲୋଚନା–ବନାମ–ଚା'–ପାର୍ଟିରେ ଯୋଗ ଦେଇସାରି ଫେରୁଥାଂତି। ଭୁବନେଶ୍ବରରୁ କଟକ ବେଶି ରାସ୍ତା ନୁହେ; ମାତ୍ର କୋଡ଼ିଏ ମାଇଲ ଅର୍ଥାତ୍ ପ୍ରାୟ ଅଧଘଂଟାର ବାଟ। ତଥାପି ମନଟା ତାଂକର ବିରକ୍ତିରେ ଭରିଯାଇଚି। ରାସ୍ତା ସରୁନାଇଁ। ସେ ଭାବୁଚଂତି ଆଜିର ଏଇ ବର୍ଷଣମୁଖର ସଂଧ୍ୟାଟାକୁ ଏଭଳି ନିର୍ବୋଧ ଆଲୋଚନାରେ ଖର୍ଚ ନ କରି ବରଂ କଟକରେ ନିଜ ଘର ବାଂରଡ଼ାରେ ବସିରହି ଏଣୁ ତେଣୁ ଭାବୁ ଭାବୁ କଟାଇଦେଇଥିଲେ ଭଲ ହୋଇଥାଂତା। ଯେତେ ସବୁ ବାଜେ ତର୍କ! ପଶ୍ଚିମ ବଂଗରେ ସବୁ ମୁଖ୍ୟମଂତ୍ରୀ ବାତୁଆ ହେଲେ କାହିଁକି ? ଆମ ଓଡ଼ିଶାର ନୂଆ ମଂତ୍ରୀମଂଡ଼ଳର ନୀତି କଣ ? ନୂଆ ସରକାର ଅମଳରେ ଗ୍ରାମସେବିକାମାନଂକର ଭବିଷ୍ୟତ କଣ ହେବ ? ଏଇ ସବୁ ଫିଂପିମରା କଥାରେ ଲଥା ମିଳାଇ ଯୋଗଦେବାକୁ ତାଂକର ଆଦୌ ଇଛାନଥିଲା। ତଥାପି ଦୀର୍ଘ ତିନିଘଂଟା କାଳ ତାଂକୁ ବସିରହିବାକୁ ହୋଇଚି।

ରାସ୍ତା ସବୁ ଗୋଟାଏ ବଡ଼ ବର୍ଷାରେ ଧୋଇହୋଇ ଚିକ୍କଣ ଦିଶୁଚି। ପୁଣି ଟିକେ ଟିକେ କୁଂଡ଼ା ଝାଡୁଚି। ଓଦା ଗଛପତ୍ର ଓ ଧାନବିଲ ଉପରେ ମୋଟରେ ଆଲୁଅ ପଡ଼ି ଅଭରକ ଗୁଂଡ଼ି ବିଂଚିଦେଲା ପରି ଜଣାପଡୁଚି। ଗୋଟିଏ ପେଚା ରାସ୍ତାର ଏପଟୁ ସେପଟ ଗଛକୁ ଫଡ଼ ଫଡ଼ ହୋଇ ଉଡ଼ିଗଲା। ଗୋଟାଏ ବିଲୁଆ ମଧ ରାସ୍ତା ପାରହେଲା; ତେବେ ତାହାଣରୁ ବାଆଁପଟକୁ। ତାଂକର ଅନ୍ୟମନସ୍କତା ଯେ ସେ ସବୁ ଲକ୍ଷ୍ୟ ନ କରିଚି ତା ନୁହେଁ। ତେବେ ସେଥିପ୍ରତି ସେ ଧ୍ୟାନ ଦେଇପାରୁ ନାହାଂତି। ଗାଡ଼ି ଛୁଟାଇ ଚାଲିଚଂତି।

ସବୁଠୁ ବେଶି ଅଶ୍ବସ୍ତିକର ଏଇ ଲେବେଲ୍ କ୍ରସିଂଟା। ସହରରେ ପହଂଚି ମଧ ନ ପହଂଚିଲା ପରି ଲାଗେ। ସେ କପାଳରୁ ଝାଳ ପୋଛିବାକୁ ଲାଗିଲେ।

ଲେବେଲ କ୍ରସିଂ ପାରହୋଇ ବକ୍ସିବଜାରରେ ପହଂଚିଲାବେଳକୁ ରାତି ପ୍ରାୟ ସାଢ଼େ ଦଶଟା ବାଜିଲାଣି। ବଜାର, ଦୋକାନ ପଡ଼ିଗଲାଣି। ଅଳ୍ପ ଗୋଟାଏ ଅଧେ ଯାହା ଖୋଲା ଅଛି ତାହା ମଧ ବଂଦ ହେବାକୁ ଯାଉଚି।

ବତିଖୁଂଟଗୁଡ଼ାକ ପ୍ରାୟ ଅଂଧାର କହିଲେ ଚଳେ। ତାଂକର ମନେହେଲା, ଗୋଟାଏ ଖବରକାଗଜ କିଣିବା ଦରକାର। କାରଣ ତାଂକର ଚାକର ହୁଏତ ଆଜି କାଗଜ

Digitized by srujanika@gmail.com

କିଣି ନଥିବା। ସେ ଗୋଟାଏ ହକର୍ ପିଲାକୁ ଡାକିଲେ। କାଗଜ ଖଂଡ଼ ନେଇ ପ୍ରଥମ ପୃଷ୍ଠା ଉପରେ ଆଖି ବୁଲାଇ ଦେଇ ପକେଟ ଅଂଡ଼ାଳିଲେ। ବାହାରି ଆସିଲା ଗୋଟାଏ ସୁକି। ସେ ସେଇଟାକୁ ହିଁ ହକର୍ ହାତକୁ ବଢ଼ାଇଦେଲେ। ବାର ପଇସା ନେଇ ତେର ପଇସା, ଏକ ଦଶ ପଇସା ଏବଂ ଦୁଇପଇସାର ରେଜିକି। ସେ ଅନ୍ୟମନସ୍କ ଭାବରେ ପଇସାତକ ଅଭ୍ୟାସ ମୁତାବକ ପକେଟରେ ରଖିବାକୁ ଯାଉଥିଲେ; ମାତ୍ର ତାଂକର ହଠାତ୍ ମନେହେଲା ଟିକିଏ ତନଖି କରି ଦେଖିବା ଦରକାର। ହକର ଟୋକା ସେତେବେଳକୁ ସାଇକେଲ ଛୁଟାଇ ଦଶ ବାର ହାତ ଆଗକୁ ବଢ଼ି ଗଲାଣି। ହେଲେ ନୀଳାଂବର ବାବୁ ତାକୁ ଡାକ ପକାଇଲେ; ଗୋଟିଏ ପଇସା କମ୍ ଥିବା କଥା ଜଣାଇଲେ। ହକର୍ ଜବାବ ଦେଲା ତା' ପାଖରେ ପଇସାକିଆ କିଂବା ତିନିପଇସିକିଆ ରେଜିକି ନାଇଁ, ସେ ନାଚାର। ନୀଳାଂବର ବାବୁଂକର ମନେପଡ଼ିଲା; ତାଂକର ଚାକର ତାଂକୁ ପ୍ରାୟ ରୋଜ ଏଇପ୍ରକାର ରିପୋର୍ଟ ଦେଇ ଆସୁଚି। ବିଭିନ୍ନ ହକରମାନେ ପ୍ରତିଦିନ ତା'ଠୁଁ ଏଇପ୍ରକାର ଗୋଟିଏ ଗୋଟିଏ ପଇସା ଅଧିକା ନେଇଚଂତି ଏବଂ ସେ କ୍ଷତି ଭରଣା କରିବାକୁ ପଡୁଚି ନୀଳାଂବର ବାବୁଂକୁ। ସେ ଚାକରକୁ ଅଧେ ବିଶ୍ୱାସ, ଅଧେ ଅବିଶ୍ୱାସ କରିଆସୁଥିଲେ। ଆଜି ତାଂକର ନିଜର ଅଭିଜ୍ଞତା ସେ ବିଷୟରେ ଚାକ୍ଷୁସ ପ୍ରମାଣ ଯୋଗାଇଲା।

ସେ ଧରିନେଲେ ଯେ ଏହା ଏକପ୍ରକାର ସୁଚିଂତିତ ଓ ସୁପରିକଳ୍ପିତ ଯୋଜନାର ଅଂଶ; ପ୍ରତି କାଗଜରେ ଗୋଟିଏ ଅଧିକ ପଇସା ଅସୁଲ କରିବାର ଫଂଦି। ସେ ବଡ଼ ପାଟିରେ ଦାବୀକଲେ ଯେ ତାଂକୁ ଅଲବତ୍ ଆଉ ଗୋଟିଏ ପଇସା ଦେବାକୁ ହେବ; ମାତ୍ର କାଗଜବିକାଳି ତା ପକେଟରୁ ସବୁ ରେଜା ବାହାର କରି ଆଂଜୁଳାରେ ଦେଖାଇଲା ଯେ ତା' ପାଖରେ ତିନିପଇସି କିଂବା ଏକପଇସି ନାଇଁ। ନୀଳାଂବର ବାବୁ କିଂତୁ ବୁଝିଲେ ନାଇଁ। ତାଂକର ଯୁକ୍ତି ହେଲା, ଯଦି ନାଇଁ, ଆଗରୁ କାହିଁକି ସେ ରଖିଲାନାଇଁ। ସେ ଜାଣିଶୁଣି ରେଜା ରଖି ନାଇଁ। ସେ ନିଜ ପକେଟର ସବୁ ରେଜା ଆଂଜୁଳାରେ ପଦାକୁ ଆଣି ଖୋଜିବାକୁ ଲାଗିଲେ। ଦେଖିଲେ ଠିକ୍ ବାର ପଇସାର ରେଜା ବାହାରୁ ନାଇଁ। ହୁଏତ ଦଶ ପଇସା ନୋହିଲେ ପଂଦର ପଇସା ବାହାରୁଚି। ସେ ରାଗରେ ହକରକୁ ବ୍ରୁଡ଼ବକ୍, ଠକ ଇତ୍ୟାଦି କହି ଅଗତ୍ୟା କାଗଜଟି ଫେରାଇଦେବାକୁ ସ୍ଥିରକଲେ। କାରଣ ତାଂକ ମତରେ ଏଭଳି ସଂଗଠିତ ଠକାମିକୁ ମୁଂଡ଼ପାତି ମାନି ନେବା କୌଣସି ଦେଶପ୍ରେମୀ ପକ୍ଷରେ ଉଚିତ ନୁହେଁ। ଏହାହିଁ ଦେଶରେ କିଳାପୋତାଇ ଓ ଦୁର୍ନୀତି ପ୍ରସାରଣରେ ସାହାଯ୍ୟ କରୁଛି। ସେ ହକର ହାତରୁ ସୁକିଟାକୁ ୱାପସ୍ ନେଇ ଜୋର୍‌ରେ ମୋଟର ଛୁଟାଇଦେଲେ।

ଅଳପ ଦୂର ଯାଇ ଆଉ ଏକ ହକର ପିଲା ହାବୁଡ଼ିଲା। ଏ କିଂତୁ ଠିକ୍ ପିଲା ନୁହେଁ, ପ୍ରାୟ ଯୁବକ, ପୁଣି କଟକୀ ଯୁବକ। ପେଂଟ, ହାୱାଇ ସାର୍ଟ ପିଂଧିଚି। ନୀଳାଂବର ବାବୁ ଗାଡ଼ି ରୋକି ତାକୁ ଡାକି କାଗଜ ମାଗିଲେ। କାଗଜ ନେଇ ପୁଣି ପକେଟର ସବୁ ରେଜିକି କାଢ଼ି ତନ୍ନତନ୍ନ କରି ପରୀକ୍ଷା କରିବାକୁ ଲାଗିଲେ। ଦେଖିଲେ ପଂଦର ପଇସା ତଳକୁ କିଂବା ଦଶ ପଇସା ଉପରକୁ କିଛି ଖୁଚୁରା

Digitized by srujanika@gmail.com

ନାହିଁ। ସେ ହକର ହାତକୁ ଏକ ଦଶ ପଇସା ଓ ଏକ ପାଂଚପଇସା ବଢ଼ାଇଦେଲେ; ମାତ୍ର ହକର ତିନି ପଇସା ଫ୍ରାପସ ନ ଦେଇ ତାଂକୁ ଫେରାଇଦେଲା ଗୋଟିଏ ଦୋ'ପଇସି। ବେପରବା ଭାବରେ କହିଲା, ତା' ପାଖରେ ରେଜା ନାହିଁ। ନୀଳାଂବର ବାବୁଂକର ମୁଣ୍ଡ ଖୁବ୍ ଗରମ ହୋଇଗଲା। ସମସ୍ତେ ସେଇ ଏକ ଠକଗୋଷ୍ଠୀର ସାମିଲ। ସମସ୍ତେ ସଂଘବଦ୍ଧ ଭାବରେ ଠକେଇ କରିବା ପାଇଁ ଗୋଟାଏ ଦଳ ଗଢ଼ିଛଂତି।

ସେତେବେଳକୁ ରାତି ପ୍ରାୟ ସାଢ଼େ ଏଗାରଟା ହେଲାଣି। ଘର ଦେଖାଯାଉଚି। ତେଣୁ ଏଇ ହେଉଚି ଆଜିର ଶେଷ ହକର। ଆଉ ହକର ଯୁଟିବାର ସଂଭାବନା ନାହିଁ। ନୀଳାଂବର ବାବୁ, ଅଗତ୍ୟା ଭାବିଲେ ଗୋଟାଏ ପଇସା ଯିବ ତ ଯାଉ ଉଚ୍ଚବାଚ ନକରି କାଗଜଖଂଡକ କିଣିନେବେ। କିଂତୁ ତାଂକ ଦେଶପ୍ରେମ ପ୍ରତିବାଦ ଜଣାଇଲା। ସମସ୍ତେ ଯଦି ଚୁପ୍‌ଚାପ୍ ଏଭଳି ଠକେଇ ବରଦାସ୍ତ କରିନେବେ ତ ଦେଶରୁ ଦୁର୍ନୀତି ଦୁରାଚାର ଲୋପହେବ କେମିତି ?

ଏମିତିକା ମୁହଁବଢ଼ିଆ କରି କରି ତ ଦୁର୍ନୀତି ବର୍ତମାନ ମେଘନାଦ ପାଚିରି ପରି ଆକାଶକୁ ମୁଂଡ଼ଟେକି ଛିଡ଼ାହେଲାଣି। ଦେଶଟା ଛାରଖାର ହେବା ଉପରେ। ତାଂକର ମନେପଡ଼ିଲା ସେଇ ନୀତିବାକ୍ୟ—ଅନ୍ୟାୟ ଯେ କରେ ଆଉ ଅନ୍ୟାୟ ଯେ ସହେ ଉଭୟେ ଭଗବାନଂକ ଅଦାଲତରେ ସମାନ ଭାବରେ ଦୋଷୀ। ସେ ଭାବିଲା ଏହାର ପ୍ରତିବାଦ କରାଯିବା ଦରକାର। ଅଂତତଃ ସମଗ୍ର ଦେଶରେ ଜଣେ ଲୋକ ଏହା ବିରୋଧରେ ସ୍ୱର ଉଠାଇବା ଦରକାର। ଆଉ ସେ ଲୋକ ଜଣକ ହେଉଛଂତି ସେ ନିଜେ—ସ୍ୱୟଂ ନୀଳାଂବର ଦାସ।

ହେଉ ପଛେ ପଇସାଟାଏ, ସେ ଛାଡ଼ିବେ ନାହିଁ। ତାଂକର ମନେପଡ଼ିଲା ଚାକରର ରିପୋର୍ଟ। ସେ ରୋଜ ଇମିତି କାଗଜ କିଣିଲାବେଳେ ପଇସାଏ ଲେଖାଏଁ ଦଂଡ଼ ଦେଉଚି, ଆଉ ପ୍ରତିମାସରେ ସେ ତିରିଶ ପଇସା ଭରିଣା କରିବାକୁ ହେଉଚି ନୀଳାଂବର ବାବୁଂକ ତହବିଲରୁ। ଏ ଗୋଟାଏ ରୀତିମତ କଳାବଜାର ଦେଶରେ ଚେର ମାଡ଼ି ବସିଗଲାଣି। ନା, ନା, ଏହାର ନିଶ୍ଚୟ ମୁକାବିଲା କରିବା ଦରକାର। ଚାଣକ୍ୟ ଯେପରି ଥିଏଟରରେ ପେଂଥାଏ ଦୂବଘାସର ମୂଳୋତ୍ପାଟନ କରିବାକୁ ଲାଗଂତି, ନୀଳାଂବର ବାବୁ ସେଇପରି ଦୁର୍ନୀତିର ମୂଳପୋଛ କରିବାକୁ ଅଂଟାଭିଡ଼ି ବାହାରିପଡ଼ିଲେ।

ହେଉ ପଛେ ପଇସାଟିଏ। ଏହା ପଛରେ ରହିଚି ଗୋଟାଏ ମସ୍ତବଡ଼ ପ୍ରିନ୍‌ସିପଲ୍। ସେଥିପାଇଁ ଦରକାର ପଡ଼ିଲେ ପ୍ରାଣ ଦେବା ମଧ୍ୟ ଅନୁଚିତ ହେବନାହିଁ। ତାଂକର ମନେପଡ଼ିଲା ପଂଦର ବର୍ଷ ତଳେ କଲିକତାରେ ଟ୍ରାମ ଧର୍ମଘଟ କଥା। ଟ୍ରାମ କୋଂପାନୀ ମାତ୍ର ପଇସାଟିଏ ଭଡ଼ା ବଢ଼ାଇ ଦେବାରୁ ପ୍ରାୟ ଏକମାସ ପର୍ଯ୍ୟଂତ ଟ୍ରାମ୍ ଧର୍ମଘଟ ଚାଲିଲା। କେତେ ସଭା ଶୋଭାଯାତ୍ରା ହେଲା। ଶେଷରେ କେତେଥର ଗୁଳି ଚାଲିଲା। ଛେଳକୁ ଛେକ ବହୁ ଲୋକ ମଲେ। ଶହୀଦ ହେଲେ। ସେ ନିଜେ ସେମାନଂକ ସ୍ମୃତିରେ କେତେ ଓଜସ୍ୱିନୀ ଭାଷଣ ଦେଇଛଂତି, କେତେ କବିତା ଲେଖିଛଂତି।

Digitized by srujanika@gmail.com

ଆଜି ସେ ଚୁପ୍‌କରି ଏ ଅନ୍ୟାୟ ସହିଯିବେ କିପରି ? ନୀଳାଂବର ବାବୁ ଯୁବାବସ୍ଥାରେ ଦେଶପ୍ରେମୀ ଥିଲେ, କୌଣସି ଏକ ରାଜନୀତି ସଂଘର ସକ୍ରିୟ ସଭ୍ୟ ମଧ୍ୟ ଥିଲେ। ବହୁତ ସଭା–ସମିତିରେ ବକ୍ତୃତା ଦେଇଛଂତି, ଧର୍ମଘଟ ଚଳାଇଛଂତି। ବର୍ତ୍ତମାନ ସେ ସବୁ ଧଂଦା ଛାଡ଼ି ବ୍ୟବସାୟ କରୁଚଂତି ସତ, କିଂତୁ ତାଂକ ଭିତରର ଦେଶପ୍ରେମଟି କିଛି ମରିଯାଇନାହିଁ। ତାଂକର ମନେହେଲା ସେ ବାସୁକୀ ପରି ସମାଜର ଭାରା ମୁଂଡାଇଛଂତି। ତାଂକପରି ସମାଜସଚେତନ ଲୋକ ଏସବୁ ଦୁର୍ନୀତିର ପ୍ରଶ୍ରୟ ଦେବା ଅନ୍ୟାୟ। ଖାଲି ଅନ୍ୟାୟ ନୁହେଁ; ଏକପ୍ରକାର ଅପରାଧ ମଧ୍ୟ।

ସେ ବଡ଼ପାଟିରେ ଦାବୀକଲେ ଗୋଟିଏ ପଇସା ଅଲବତ୍ ଦେବାକୁ ହେବ। କାଗଜବିକାଳି ମଧ୍ୟ ସମୁଚ ସ୍ୱରରେ ଉତ୍ତର ଦେଲା, ତା ପାଖରେ ରେଜା ନାହିଁ; ସେ କାଗଜ ଫେରାଇ ଦିଅଂତୁ। ନୀଳାଂବର ବାବୁ ତାକୁ ଦୋଷ ଦେବାକୁ ଲାଗିଲେ। କହିଲେ, ଜାଣିଶୁଣି ପାଖରେ ପଇସା ରଖି ଏପରି ଚାଲବାଜି କରୁଚି। ହକର ତାର ପେଂଟ ପକେଟରେ ଥିବା ସବୁ ରେଜା ବାହାରକରି ଦେଖାଇଦେଲା ଯେ ତା ଭିତରେ ତିନିପଇସାର ରେଜାଟି ନିଜର ଅନୁପସ୍ଥିତି ବଳରେ ଅତ୍ୟଂତ ପ୍ରସିଦ୍ଧ ହୋଇଛଠିଚି। ନୀଳାଂବରବାବୁ ତାଂକ ପଂଜାବୀ ପକେଟରୁ ସବୁତକ ରେଜା କାଢ଼ି ଆଂଜୁଳାରେ ଖେଳାଇ ଦେଖିଲେ ଯେ ଦୁଇପଇସି ରେଜିକିଟି ସେଠାରେ ସଂପୂର୍ଣ୍ଣ ରୂପେ ଅନାଗତ। ନୀଳାଂବର ବାବୁ ଅଭିଯୋଗ କଲେ, ରେଜା ନାହିଁ ତ ଆଗରୁ ରଖିବା ଉଚିତ ଥିଲା। ହକର ଜବାବ ଦେଲା ଯେ ସେ ବ୍ୟାଙ୍କ ନୁହେଁ। ଯୁକ୍ତିତର୍କରୁ କ୍ରମେ ଗାଳି ଦିଆଦେଇ ଆରଂଭ ହେଲା। ନୀଳାଂବର ବାବୁ ତାକୁ ବଦମାସ, ଠକ ଆଦି ମଧୁର ସଂବୋଧନ କରିବାକୁ ଲାଗିଲେ। ହକର ମଧ୍ୟ ବଦଳରେ "ମୋତେ ଯିଏ ଚୋର କହୁଚି ସେ ସେଇଆ ହୋଇଥିବ" ଇତ୍ୟାଦି ଇତ୍ୟାଦି କହିବାକୁ ଛାଡୁ ନାହିଁ।

ଶେଷରେ ନୀଳାଂବର ବାବୁଂକ ହାତରୁ କାଗଜଖଂଡ଼କ ଟାଣି ନେଇ ପଇସା ଫେରାଇଦେଇ ସେ ସାଇକେଲରେ ଚଂପଟ ଦେଲା। ଖଂଡ଼େ ଦୂର ଯାଇ ଶୁଣାଇଦେଲା—ଭାରି କାଗଜ ପଢ଼ିଲାବାଲା ଇଏ ! କେବେ କାଗଜ ପଢ଼ିଥିବେ !

ନୀଳାଂବର ବାବୁ ଅପମାନ ବୋଧକଲେ। ଶେଷକଥାଟା ହକର କହିଯିବା ତାଂକର ଆଦୌ ବରଦାସ୍ତ ହେଲାନାହିଁ। ସେଇ ବରଂ ଶେଷକଥାଟା କହି ଚାଲିଯାଇଥିଲେ ଏକପ୍ରକାର ବିଜୟ ଗର୍ବ ଅନୁଭବ କରିଥାଂତେ। ସେ ହକର ପଛରେ ଗାଡ଼ି ଛୁଟାଇଲେ।

ଦେଖିଲେ ଖଂଡ଼େ ଦୂରରେ ସେ ହକର ଛିଡ଼ାହୋଇ ତା ସାଇକେଲରେ ଆଲୁଅ ଲଗାଉଚି। ନୀଳାଂବର ବାବୁ ଝପ୍‌କିନା ଗାଡ଼ିରୁ ଓହ୍ଲାଇପଡ଼ି ତା ଆଗରେ ଛିଡ଼ା ହୋଇଗଲେ। ତାଂକର ଆଖି ଦୁଇଟା ଜଳୁଥାଏ। ସେ ରାଗରେ ଧଇଁସଇଁ ହେଉଥାଂତି। ହକର ବିଚାରା ଅବସ୍ଥା ବୁଝିପାରି ଟିକିଏ ଘାବଡ଼ାଇ ଗଲାଣି। ସେ କଦାପି ଭାବିନଥିଲା ଯେ ବାବୁ ଏତେ ରାତିରେ ଗାଡ଼ି ଛୁଟାଇ ତା ପିଛା ନେବେ। ସେ ହତବୁଦ୍ଧି ହୋଇଗଲା। ରାସ୍ତାରେ ମଧ୍ୟ ଲୋକଗହଳି ନାହିଁ। ସବୁ ନିର୍ଜନ। ସେ ଥତମତ ଖାଇଯାଇ ପଚାରିଲା—"ଆପଣ କଣ ଚାହାଂତି ?"

Digitized by srujanika@gmail.com

ନୀଳାମ୍ବର ବାବୁ କହିଲେ—''କାଗଜ।''

''ନେଇଯାଂତୁ।''

''ପଇସା ?''

''ନା, ଦରକାର ନାହିଁ।''

ନୀଳାମ୍ବର ବାବୁଙ୍କର ରାଗଟା ଥପ୍ କିନା ପଡ଼ିଗଲା। ସେ ଏଭଳି ଏକ ଆକସ୍ମିକ ପରିବର୍ତ୍ତନ ପାଇଁ ଆଦୌ ପ୍ରସ୍ତୁତ ନ ଥିଲେ। ସେ ରୀତିମତ ଝଗଡ଼ା କରିବା ପାଇଁ ରାଗରେ ଝାଳନାଳ ହୋଇ ତା' ପଛେ ପଛେ ଛୁଟିଥିଲେ। ତାଂକ ହାତରେ ଥିଲା ଉଦ୍ୟତ ଅସ୍ତ୍ର। ସେ ଏଭଳି ଏକ ଆଂଟିକ୍ଲାଇମାକ୍ସ ଆଦୌ ପ୍ରତ୍ୟାଶା କରିନଥିଲେ।

ତାଂକର ଉତ୍ସାହ, ଉତ୍ତେଜନା, ରକ୍ତଚାପ ସବୁ ଲଥିକିନା ତଳେ ପଡ଼ିଗଲା। ଏତେ ସମୟ ଧରି ଅଂଧାରର ଯେଉଁ ପର୍ଦ୍ଦାଟା କ୍ରମାଗତ ବଢ଼ିଚାଲିଥିଲା, ହଠାତ୍ ଯେପରି ତା ଆଗରେ ଆଲୁଅର ଗୋଟିଏ ବିଂନ୍ଦୁ କିଏ ଆଣି ଦପ୍‌କିନା ଜାଳିଦେଲା। ଆଉ ତାର ଛୋଟିଆ କିରଣରେ ସେ ଜମାଟବାଂଧା ଅଂଧାରଖଂଡ଼ ଯେପରି ଧୀରେ ଧୀରେ ମିଳାଇ ଯିବାକୁ ଲାଗିଲା। ସେ କାଗଜ ଖଂଡ ନେଲେ। ପକେଟରୁ ସବୁ ରେଜିକିତକ ବାହାର କରି ଆଂଜୁଳାରେ ଖେଳାଇ ଖେଳାଇ ଦଶପଇସି ଓ ପାଂଚପଇସି ଖୋଜିବାକୁ ଲାଗିଲେ। ହକର ମଧ ତା' ପକେଟରୁ ସବୁ ରେଜାତକ କାଢ଼ି ପୂର୍ବର ଦୋପଇସିଟିକୁ ଖୋଜିବାକୁ ଲାଗିଲା।

ନୀଳାମ୍ବର ବାବୁ ଓ ହକର ଉଭୟେ ଏକସମୟରେ ଉଭୟଂକ ଆଡ଼କୁ ହାତ ବଢ଼ାଇ ପଇସା ଦିଆନିଆ ହେବାକୁ ଗଲେ। ହକର ହାତକୁ ପଇସା ବଢ଼ାଇଦେଇ ଟିକିଏ ଆଶ୍ଚର୍ଯ୍ୟ କଂଠରେ ନୀଳାମ୍ବର ବାବୁ କହିଲେ—ଦୋପଇସିଟାଏ କୁଆଡ଼ୁ ମିଳିଲାଣି।

ହକର ବି ସମାଧିକ ଆଶ୍ଚର୍ଯ୍ୟ କଂଠରେ ଜବାବ ଦେଲା—''ଠିକ୍ ଅଛି। ଥାଉ। ମୁଁ ଗୋଟାଏ ତିନିପଇସି ଖୋଜି ପାଇଲିଣି।''

ନୀଳାମ୍ବର ବାବୁ କାଗଜ କିଣି ଘରକୁ ଫେରିଲେ।

Digitized by srujanika@gmail.com

ଲେଖକଙ୍କ ସଂପର୍କରେ

ଆଧୁନିକ ଓଡିଆ ସାହିତ୍ୟରେ ଜଣେ ଯୁଗପ୍ରବର୍ତ୍ତକ ସାହିତ୍ୟ ସ୍ରଷ୍ଟା ଭାବରେ ସଚ୍ଚିଦାନଂଦ ରାଉତ୍‌ରାୟ (1916) ଏକ ବିଶେଷ ସ୍ଥାନର ଅଧିକାରୀ। ପୁରୀ ଜିଲ୍ଲାର ଖୋର୍ଦ୍ଧା ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମରେ ଜନ୍ମିତ ଏହି ସାହିତ୍ୟ ରଥୀ ଛାତ୍ରଜୀବନରେ ଜଣେ ସାମ୍ୟବାଦୀ ବିପ୍ଲବୀ ଭାବେ ନେତୃତ୍ୱ ନେବା ସହିତ ଓଡିଆ ଗଳ୍ପ ଓ କବିତାରେ ପ୍ରଗତି ଯୁଗର ସୂତ୍ରପାତ କରିଥିଲେ। ଓଡିଶାର ଗ୍ରାମ୍ୟ ଜୀବନର ସରଳ ଚିତ୍ର, ସ୍ୱାଧିନତା ସଂଗ୍ରାମରେ ଓଡିଆ ବୀରମାନଙ୍କ ଭୂମିକା, ସାମାଜିକ କୁସଂସ୍କାର, ଅନୀତି, ଅନାଚାର ପ୍ରତି ବିଦ୍ରୂପ ତଥା ସାମାଜିକ ନ୍ୟାୟ ଓ ସମାନତା ପାଇଁ ସଂଘର୍ଷଶୀଳ ମନୋବୃତ୍ତି ହେଲା ତାଙ୍କ ସାହିତ୍ୟର ଭିତ୍ତିଭୂମି।

ପରବର୍ତ୍ତୀ ସମୟରେ କେଶୋରାମ କଟନ ମିଲ୍‌ସ୍‌, କଲିକତାର ଶ୍ରମ ଅଧିକାରୀ ଭାବେ କାର୍ଯ୍ୟ କଲାବେଳେ ଆଧୁନିକ ଭାରତୀୟ କବିତାର ନୂତନ ରୂପ ସଚ୍ଚିଦାନଂଦ ରାଉତ୍‌ରାୟଙ୍କ ଲେଖନୀ ମାଧ୍ୟମରେ ଓଡିଆ ସାହିତ୍ୟକୁ ପ୍ରବେଶ କଲା। ସ୍ୱାଧିନୋତ୍ତର ଓଡିଆ କବିତା ଓ ଗଳ୍ପକୁ ନିଜର ନୂତନ ଶୈଳୀ ଓ ବାକ୍‌ରୀତି ମାଧ୍ୟମରେ ସେ ପ୍ରଭାବିତ କଲେ। ସେହି ଦିନଠାରୁ ଏଯାବତ୍‌ ସାହିତ୍ୟର ବିଭିନ୍ନ ବିଭବ ଯଥା : କବିତା, ଗଳ୍ପ, ସମାଲୋଚନା, ଅନୁବାଦ ଆଦିରେ ସେ ନିଜ ଲେଖନୀ ଚଳାଇ ଆସିଛନ୍ତି।

ସଚ୍ଚିଦାନଂଦ ରାଉତ୍‌ରାୟଙ୍କ ସାହିତ୍ୟ ସୃଷ୍ଟି ସଂଭାର ମଧ୍ୟରେ ପଲ୍ଲୀଶ୍ରୀ, ବାଜି ରାଉତ, ପାଣ୍ଡୁଲିପି, କବିତା–୧୯୬୨, ଭାନୁମତୀର ଦେଶ (କବିତା) ଚିତ୍ରଗ୍ରୀବ (ଉପନ୍ୟାସ), ମଶାଣିର ଫୁଲ, ମାଟିର ତାଜ୍‌ (ଗଳ୍ପସଂକଳନ), ଓଡିଆ ସାହିତ୍ୟର କେତେକ ଦିଗ (ସମାଲୋଚନା) ଆଦି ମୁଖ୍ୟ। 'ଦିଗଂତ' ସାହିତ୍ୟ ପତ୍ରିକାର ସଂପାଦକ ଭାବରେ ସେ ଓଡିଆ ସାହିତ୍ୟ ପତ୍ର ପତ୍ରିକା ପ୍ରକାଶନକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛଂତି।

ଓଡିଆ ସାହିତ୍ୟ ଏକାଡେମୀ ସଭାପତି ଆସନ ମଧ ସେ ଅଳଂକୃତ କରିଥିଲେ। ଭାରତୀୟ ସାହିତ୍ୟକୁ ତାଙ୍କର ସାମଗ୍ରିକ ଅବଦାନ ନିମନ୍ତେ ୧୯୮୬ ମସିହାରେ ସଚ୍ଚିଦାନଂଦ ରାଉତ୍‌ରାୟ ଜ୍ଞାନପୀଠ ପୁରସ୍କାର ଲାଭ କରିଛନ୍ତି। କବିତା–୧୯୬୨ କାବ୍ୟ ସଂକଳନ ପାଇଁ ସେ ୧୯୬୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ପରବର୍ତ୍ତୀ କାଳରେ ସୋଭିଏତ୍‌ ଦେଶ ନେହେରୁ ପୁରସ୍କାର ମଧ ପ୍ରାପ୍ତ ହୋଇଥିଲେ। ଆନ୍ଧ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍‌ ଉପାଧି ଓ ଭାରତ ସରକାର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଛନ୍ତି।

ସଂପ୍ରତି ମିସନ ରୋଡ୍‌, କଟକଠାରେ ଏହି ଯୁଗସ୍ରଷ୍ଟା ସାହିତ୍ୟ ସାଧକ ସ୍ୱୀୟ 'ଦିଗଂତ ପ୍ରକାଶନୀ' ମାଧ୍ୟମରେ ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାରେ କର୍ମରତ।

Digitized by srujanika@gmail.com

ସାମାଜିକ ଅବିଚାର ଓ କୁସଂସ୍କାରଠାରୁ ଊର୍ଦ୍ଧ୍ୱରେ ମଣିଷର ଅସହାୟତା ପ୍ରତି ସମ୍ବେଦନଶୀଳତା ଓ ସାମାଜିକ ଅନ୍ୟାୟ ବିରୁଦ୍ଧରେ ପାଠକ ମନରେ ବିଦ୍ରୋହ ଭାବ ଜନ୍ମେଇବା ହେଉଛି ଜ୍ଞାନପୀଠ ବିଜେତା ସାହିତ୍ୟିକ ସଚ୍ଚିଦାନନ୍ଦ ରାଉତରାୟଙ୍କ ଏଯାବତ୍ ଲିଖିତ ଗଳ୍ପ ସମ୍ଭାରର ସୁନିର୍ବାଚିତ ସଂକଳନ 'ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ'ର ଅନ୍ତର୍ଲିପି। ଏହି ଭାବଧାରାକୁ ପୁଣି କେତେକ ସ୍ଥଳେ ପ୍ରଭାବିତ କରିଛି ନାରୀ—ପୁରୁଷ ଚିରଂତନ ସଂପର୍କର ନୂତନ ରୂପ-ବିନ୍ୟାସ ଓ ଆଉ କେତେକ ସ୍ଥଳେ ଭ୍ରଷ୍ଟାଚାର ବା ଅନୀତି ପ୍ରତି ଶାଣିତ ବିଦ୍ରୁପ ? ପ୍ରଗତିବାଦୀ ଦୃଷ୍ଟିକୋଣ ସଂବଳିତ ଏହି ଗଳ୍ପମାନଙ୍କର ଅଂତସ୍ୱର ଭାରତୀୟ ସାହିତ୍ୟରେ ଏକ ସ୍ୱତଂତ୍ର ମୂଲ୍ୟର ପରିବାହକ।

ସଚ୍ଚିଦାନଂଦ ରାଉତରାୟ ଓଡ଼ିଆ ସାହିତ୍ୟରେ ଭଗବତୀ ଚରଣ ପାଣିଗ୍ରାହୀ ଓ ଅନଂତ ପଟ୍ଟନାୟକଙ୍କ ସହ ପ୍ରଗତିବାଦର ଜନକ ଭାବେ ସ୍ୱୀକୃତ। ଆଧୁନିକ ଓଡ଼ିଆ କବିତା ଏବଂ ଗଳ୍ପକୁ ପ୍ରଥମେ ନିଜର ପ୍ରଗତିବାଦୀ ଓ ପରେ ଏକ ନୂତନ ଶୈଳୀ ଓ ରୀତି ସଂବଳିତ ଦୃଷ୍ଟିକୋଣ ଦେବା ସହ ସେ ସାମାଜିକ ନ୍ୟାୟ ଓ ସମତା ପାଇଁ ସ୍ୱର ଉତ୍ତୋଳନ କରି ଆସିଛନ୍ତି।

ISBN 81-237-0161-6

ଟ 40.00

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com